Digitized by Arya Samaj Foundation Chennai and eGangotri

ଓ३ମ୍

ସୁମଙ୍ଗଳୀ

सुमंगली

ଶନ୍ନୋଦେବୀ

ପଞ୍ଚସ୍ତରି ବର୍ଷ ପୂର୍ତ୍ତି

CC-0.Panini Kanya Maha Vidyalaya Co

Digitized by Arya Samaj Foundation Chennai and eGangotri

CC-0.Panini Kanya Maha Vidyalaya Collection.

11-9

Digitized by Arya Samaj Foundation Chennai and eGangotri

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ସୁମଙ୍ଗଳୀ

ଶନ୍ନୋଦେବୀଙ୍କ

ପଞ୍ଚସ୍ତରି ବର୍ଷ ପୂର୍ତ୍ତି

ବୈଦିକ ଅନୁସନ୍ଧାନ ପ୍ରତିଷ୍ଠାନ

୧୩୯, ଶହୀଦନଗର, ଭୁବନେଶ୍ୱର

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ସୁମଙ୍ଗଳୀ

(ଶନ୍ନୋଦେବୀଙ୍କ ପଞ୍ଚସ୍ତରି ବର୍ଷ ପୂର୍ତ୍ତି)

ପ୍ରକାଶକ :

ବୈଦିକ ଅନୁସନ୍ଧାନ ପ୍ରତିଷ୍ଠାନ

୧୩୯, ଶହୀଦନଗର, ଭୁବନେଶ୍ୱର

ପ୍ରଥମ ସଂସ୍କରଣ : ୨୦୧୪

ମୁଦ୍ରଣ :

ପ୍ରିଣ୍ଟଟେକ୍ ଅଫ୍‌ସେଟ୍ ପ୍ରାଇଭେଟ୍ ଲିମିଟେଡ୍

ଭୁବନେଶ୍ୱର - ୭୫୧ ୦୨୪

ମୂଲ୍ୟ : ଶହେ ଚାଳିଶ ଟଙ୍କା

SUMANGALI

Published by :

Vaidik Anusandhan Pratisthan

139, Sahid Nagar, Bhubaneswar

1st Edition : 2014

Printed at :

Print-tech Offset Pvt. Ltd.

Bhubaneswar - 751 024

Price : Rs.140/-

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ସୂଚୀପତ୍ର

ପ୍ରଥମ ଖଣ୍ଡ

ବେଦ ପୁତ୍ରୀ	ପ୍ରଫେସର ଚନ୍ଦ୍ରଶେଖର ରଥ	05
ଶନ୍ନୋଦେବୀ – ବିରଳ ଦାମ୍ପତ୍ୟର ଅର୍ଦ୍ଧେକ	ପଦ୍ମବିଭୂଷଣ ସୀତାକାନ୍ତ ମହାପାତ୍ର	07
'ସ୍ମୃତି ବାତାୟନେ' ପାଇଁ ପଦେ	ପ୍ରଫେସର ହୃଦାନନ୍ଦ ରାୟ	09
ସ୍ତୋମପୃଷ୍ଠା ଶନ୍ନୋଦେବୀ	ଡାକ୍ତର କବିପ୍ରସାଦ ମିଶ୍ର	11
ନାରୀ ସଶକ୍ତୀକରଣରେ ଶନ୍ନୋଦେବୀଙ୍କର ଭୂମିକା	ଶ୍ରୀ ସାତକଡି ହୋତା	14
ବିଦୁଷୀ ଶନ୍ନୋଦେବୀଙ୍କୁ ମୁଁ ଯେଉଁପରି ଜାଣେ	ଡଃ ସଙ୍ଘମିତ୍ରା ମିଶ୍ର	17
ସାଧିକା ଓ ଧ୍ୟାନଶୀଳା ଶନ୍ନୋଦେବୀ	ଡଃ ଶକୁନ୍ତଳା ବଳିଆର ସିଂହ	21
ସଂସ୍କାରିତ ସମାଜର ଅନ୍ୟତମ ଆଧାରଶୀଳା : ଶନ୍ନୋଦେବୀ	ଶ୍ରୀମତୀ ଅରୁନ୍ଧତୀ ଦେବୀ	26
ସବୁଆଡେ ମାଉସୀ	ଆଚାର୍ଯ୍ୟା ଡଃ ଅନ୍ନପୂର୍ଣ୍ଣା	28
ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ	ଡଃ ଶ୍ରୀଚରଣ ମହାନ୍ତି	30
'ଅମୃତାୟନ'ରେ ବେଦ ପ୍ରବଚନ	ଶ୍ରୀମତୀ ଗୀତା ହୋତା	34
ସାଧ୍ୱୀ ଶନ୍ନୋ : ସୁମଙ୍ଗଳୀ ଶନ୍ନୋ	ଶ୍ରୀମତୀ ଜୟନ୍ତୀ ରଥ	36
ଶନ୍ନୋଦେବୀ – ଷୋହଳ ପାଖୁଡାର ପଦ୍ମ	ଶ୍ରୀମତୀ ବନଜ ଦେବୀ	38
ଗୁରୁକୁଳ ଶିକ୍ଷାର ପକ୍ଷଧର ମାତା ଶନ୍ନୋଦେବୀ	ସ୍ୱାମୀ ବ୍ରତାନନ୍ଦ	42
ଓଡିଆ ବୈଦିକ ସାହିତ୍ୟର ପ୍ରକାଶିକା ମାତା ଶନ୍ନୋଦେବୀ	ସ୍ୱାମୀ ସୁଧାନନ୍ଦ	45
ପୋଲସରା ଗ୍ରାମର ଯଶସ୍ୱିନୀ ବଧୂ	ବାନପ୍ରସ୍ଥିନୀ ସୁଖଦା	54
ଧର୍ମୋ ରକ୍ଷିତ ରକ୍ଷିତଃ	ଶ୍ରୀ ଶରତ ଚନ୍ଦ୍ର ମିଶ୍ର	56
ମୋ' ମାଆଙ୍କଠାରୁ ଯାହା ଶିଖିଛି	ଡାକ୍ତର ପ୍ରଜ୍ଞା ଦାସ	59
ମାତା ଶନ୍ନୋଦେବୀଙ୍କ ଗହଣରେ ହଲାଣ୍ଡ ଯାତ୍ରା	ଶ୍ରୀ ଭଗବାନ ଆଚାର୍ଯ୍ୟ	62
ବ୍ରିଟେନ ଓଡିଶା ସମ୍ମିଳନୀରେ ଶନ୍ନୋଦେବୀ	ଅଧ୍ୟାପିକା ମଧୁଛନ୍ଦା ମହାନ୍ତି	64
ବୈଦିକ ନାରୀଙ୍କ ରଚିତ 'ବେଦରେ ନାରୀ'	ଶ୍ରୀମତୀ ମମତା ମହାପାତ୍ର	67
ରାଜଧାନୀରେ ଆର୍ଯ୍ୟସମାଜ ସ୍ଥାପନାରେ ଶନ୍ନୋଦେବୀଙ୍କ ଭୂମିକା	ଇଂ ବ୍ରଜବନ୍ଧୁ ପଣ୍ଡା	71
ଯଜ୍ଞଂ ଦଧେ ସରସ୍ୱତୀ	ପଣ୍ଡିତ ବିସିକେଶନ ଶାସ୍ତ୍ରୀ	76
ମନସ୍ୱିନୀ କୁମୁଦିନୀରୁ ସୁମନା ଶନ୍ନୋଦେବୀ	ଆଚାର୍ଯ୍ୟ ଡଃ ସୁଦର୍ଶନ	78
'ଶନ୍ନୋଦେବୀ ରାଷ୍ଟ୍ରୀୟ ବେଦ ବିଦୁଷୀ ପୁରସ୍କାର' ବିଜୟିନୀମାନଙ୍କର ତାଲିକା	ସଂଗୃହୀତ	80

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଦ୍ୱିତୀୟ ଖଣ୍ଡ

ଶନ୍ନୋଦେବୀଙ୍କ ଲିଖିତ କେତୋଟି ଶିକ୍ଷାପ୍ରଦ ପ୍ରବନ୍ଧ : (ସଂଗୃହୀତ) 81-144

ଗର୍ଭସ୍ଥ ଶିଶୁର ଅଧିକାର, ନାରୀର କାହାଣୀ-ଭାଗ୍ୟବାଦରୁ ସ୍ୱେଚ୍ଛାଚାର, ଭାରତରେ ନାରୀ ବଳାତ୍କାରର ଲକ୍ଷ୍ମଣରେଖା କେତେ ଦୀର୍ଘ ?, ଦିଶାହରା ଆଜିର ନାରୀ, ମାତା ନିର୍ମାତା ଭବତି, ବେଦରେ ମାତୃଭୂମି ବନ୍ଦନା, ମା' ପାଇଁ ପ୍ରଶିକ୍ଷଣ, ଧର୍ମ ସଂସ୍ଥାପନା ଯଜ୍ଞର ମହାଯାଜ୍ଞିକ ଶ୍ରୀକୃଷ୍ଣ, ନାରୀ ଜାତିର ଉଦ୍ଧାରକ ମହର୍ଷି ଦୟାନନ୍ଦ, ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ, ଭାରତୀୟ ସମାଜରେ କନ୍ୟାର ଗୌରବ, ଭାରତରେ ନାରୀ ବିଦ୍ୱେଷର ଆରମ୍ଭ ଓ ପରିଣତି, ଦୁର୍ଗାଙ୍କ ଜନ୍ମ ଓ ମହିଷ ମର୍ଦ୍ଦନ, ଯେ ମାଂ ଜୟତି ସଂଗ୍ରାମେ, କୁମାରୀର ପବିତ୍ରତା ରକ୍ଷା, ପାଣିଗ୍ରହଣ ବେଳର ଛଅଟି ମନ୍ତ୍ର, ଲଜ୍ଜା ହୋମ ନୁହେଁ- ଲାଜା (ଖଇ)ରେ ହୋମ, ମାତୃ ଗୌରବର ଉତ୍ସବ ଦୁର୍ଗା ପୂଜା, ଆର୍ଯ୍ୟଙ୍କ ପର୍ବପର୍ବାଣୀ, ବୈଦିକ କାଳରେ ଭାରତୀୟ ନାରୀର ଭୂମିକା, ଆଦର୍ଶ ଗୃହସ୍ଥାଶ୍ରମ

तृतीयं खण्डः

वैदिक धर्म प्रचार में संलग्न विदुषी शन्नोदेवी	डॉ. भवानीलाल भारतीय	145
पूज्यपाद स्वामी सत्यप्रकाश जी की ओडिशा में वेदप्रचार की सहयोगिनी विदुषी माता शन्नोदेवी	डॉ. ज्वलंतकुमार शास्त्री	147
वेदमत की प्रसारिका माता शन्नोदेवी जी	डॉ. सुरेन्द्र कुमार	154
एक प्रेरणादायी व्यक्तित्व-श्रीमती शन्नोदेवी	प्रोफसर धर्मवीर	158
सम्माननीया माताजी	डॉ. सोमदेव शास्त्री	160
माता जी की आत्मीयता	स्वामी प्रणवानन्द सरस्वती	163
"शन्नोदेवी" मंत्र की साधिका वैदिक नारी शन्नोदेवी	आचार्य डॉ सुमेधा	165
वन्देमातरम् वन्दनीयाम्	पं. आत्मानन्द शस्त्री	168
हार्दिक शुभ कामनाएं अमृत महोत्सव के शुभ अवसर पर	साध्वी डॉ. उत्तमा यति	172
उत्कल ज्योति को शत शत नमन	आचार्या प्रियंवदा	175
वैदिक सिद्धान्तों की प्रचारिका श्रीमती शन्नोदेवी	आचार्या सुर्यादेवी	177
ओडिशा प्रदेश में अनुपम वैदिक विदुषी	आचार्य नन्दकिशोर	179
अनुव्रता रोहिणी रोहितस्य	आचार्या नन्दिता शास्त्री	181

चतुर्थ खण्डः

शन्नोदेवी द्वारा लिखित कुछ शिक्षाप्रद हिन्दी निवन्ध : (संगृहित) 183-199

वेदानुसार आदर्श परिवार का मानदण्ड और स्वरूप,
अथर्व वेद में गृहनिर्माण कला एवं परिवार संस्था संरचना,
परिवार में स्त्री की भूमिका - अधिकार और कर्तव्य,
माँ का प्रशिक्षण और कर्त्तव्य वोध, अमेरिका में नारी की दशा

ପରିଶିଷ୍ଟ : 200-228

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ପ୍ରଥମ ଖଣ୍ଡ

ବେଦ ପୁତ୍ରୀ

ପ୍ରଫେସର ଚନ୍ଦ୍ରଶେଖର ରଥ

ତାଙ୍କର ବ୍ୟାବହାରିକ ପରିଚୟ ହେଲା ଯେ ସେ 'ବେଦ ପଥିକ', ବେଦ ବିଦ୍ୱାନ ପ୍ରିୟବ୍ରତ ଦାସଙ୍କର ବିଦୁଷୀ ପତ୍ନୀ, ତାଙ୍କର ସହଯାତ୍ରିଣୀ, ସହଗାମିନୀ ତଥା ସମଧର୍ମିଣୀ ଶନ୍ନୋଦେବୀ। କିନ୍ତୁ ସେ ଏକ ସ୍ୱତନ୍ତ୍ର ପରିଚୟର ଅଧିକାରିଣୀ, ସ୍ୱନାମଧନ୍ୟା, 'ସ୍ୱେ ମହିମ୍ନି ପ୍ରତିଷ୍ଠିତା' ଭାରତୀୟ ଆର୍ଯ୍ୟ ପରମ୍ପରାରେ ଜଣେ ଆଦର୍ଶ ନାରୀ।

ତାଙ୍କର ବିରଳ ନାମକରଣ ହିଁ ତାଙ୍କ ସ୍ୱତନ୍ତ୍ର ପରିଚୟର ଭିତ୍ତିଭୂମି। ବହୁ ସହସ୍ର ବର୍ଷ ପୂର୍ବରୁ ଅଦ୍ୟାବଧି ଭାରତଭୂମିରେ ସଂଧ୍ୟାହ୍ନିକ ସମୟରେ ଯେଉଁ ବେଦମନ୍ତ୍ର ପାଠ ହୁଏ- "ଶନ୍ନୋଦେବୀରଭିଷ୍ଟୟ ଆପୋ ଭବନ୍ତୁ ପୀତୟେ ଶଂଯୋରଭିସ୍ରବନ୍ତୁ ନଃ", ସେଥିରେ ଅଗଣିତ ଶୁଦ୍ଧ ବ୍ରାହ୍ମଣ କଣ୍ଠରେ ଏହି ନାମଟି ଉଚ୍ଚାରିତ ହେଉଥାଏ। ଏହା ଏକ ନାମ ହୋଇପାରେ ବୋଲି କେହି ହୁଏତ ଚିନ୍ତା କରନ୍ତି ନାହିଁ। କିନ୍ତୁ ଏକ ଅବଧାରିତ ଘଟଣାକ୍ରମରେ ତାଙ୍କୁ ଗୁରୁଦତ୍ତ ଭାବରେ ଏହା ପ୍ରଦତ୍ତ ହେଲା। ସେ ନିଜେ ଏହି ଆହ୍ନିକ ମନ୍ତ୍ର ପାଠ କଲାବେଳେ 'ଶନ୍ନୋଦେବୀ' ପରେ ବାକି ଅଂଶ ଭୁଲି ଯିବା ତାଙ୍କ ଭଳି ପ୍ରଖର ସ୍ମୃତିଧାରିଣୀଙ୍କ ପାଇଁ ଅସ୍ୱାଭାବିକ ଥିଲା। ଏହା ବାରଂବାର ଘଟିବାରୁ ପରିଶେଷରେ ତାଙ୍କ ଗୁରୁ ତଥା ଶ୍ୱଶୁରଙ୍କ ଦୃଷ୍ଟି ଆକର୍ଷଣ କଲା। ଏକ ସ୍ୱତଃସ୍ଫୂର୍ତ୍ତ ମୁହୂର୍ତ୍ତରେ ସେ ନିଷ୍ପତ୍ତି ନେଲେ ଯେ ତାଙ୍କର କୁଳବଧୂ କୁମୁଦିନୀ ପଣ୍ଡା ପରିବର୍ତ୍ତେ ଶନ୍ନୋଦେବୀ ନାମରେ ନାମିତ ହେବେ। ସେତେବେଳକୁ ତାଙ୍କର ଉପନୟନ ସଂସ୍କାର ସରିଥିଲା। ଗୁରୁକୁଳରେ ଦୀକ୍ଷାନ୍ତ ବିଧି ତାଙ୍କର ଦ୍ୱିତୀୟ ଜନ୍ମ ହୋଇ 'ଦ୍ୱିଜ' ହେବାର ପରିସ୍ଥିତି ଉପୁଜିଥିଲା। ଏଣୁ ନୂତନ ଜନ୍ମ ସୂଚକ ଏହି ନୂତନ ନାମଟି ଅତ୍ୟନ୍ତ ସମୀଚୀନ ଓ ତାତ୍ପର୍ଯ୍ୟପୂର୍ଣ୍ଣ ଥିଲା। ଆଉ ଏକ ଦିଗରୁ ବିଚାର କଲେ ଜଣାଯାଉଛି ଯେ ତାଙ୍କ ଆତ୍ମା-ପୁରୁଷ ଏହି ନାମଟିକୁ ସ୍ୱୀକାର କରୁଥିଲେ। ଏଣୁ ଅଦ୍ୱିଜ ମନ୍ତ୍ରର ଅବଶିଷ୍ଟ ଭାଗ ଭୁଲିଯାଇ କେବଳ ଶନ୍ନୋଦେବୀ ପାଖରେ ଅଟକି ଯାଉଥିଲେ। ବେଦମନ୍ତ୍ର ସଂଭୂତ ଏହି ନାମଧାରିଣୀ ଯଥାର୍ଥରେ "ବେଦପୁତ୍ରୀ"।

କୌଣସି ଆଦର୍ଶ ବିଷୟରେ ଭାଷଣ ଦେବା ସହଜ ହୋଇପାରେ କିନ୍ତୁ ସେହି ଆଦର୍ଶକୁ ଆଚରଣ ଦ୍ୱାରା ନିଜ ଜୀବନଚର୍ଯ୍ୟାର ଅଙ୍ଗୀଭୂତ କରିବା ସହଜସାଧ୍ୟ ନୁହେଁ। କାରଣ ସେଥିପାଇଁ ଯେଉଁ ଅଖଣ୍ଡ ବିଶ୍ୱାସ, ଦୃଢ଼ ସଂକଳ୍ପ ଓ ବଳିଷ୍ଠ ଚରିତ୍ର ପ୍ରୟୋଜନ ହୁଏ, ତାହା ସମସ୍ତଙ୍କ ପାଖରେ ନଥାଏ। ସେଥିପାଇଁ ଏକ ସଂସ୍କାରୀ ପରିବାରର ସହଯୋଗ ଓ ଅନୁକୂଳ ବାତାବରଣ ମଧ୍ୟ ଆବଶ୍ୟକ। ଶନ୍ନୋଦେବୀଙ୍କ ପାଇଁ ଏ ସମସ୍ତ ସହଜାତ ଓ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ସୁଲଭ ସୌଭାଗ୍ୟ ଥିଲା। ଏଣୁ ପିତ୍ରାଳୟରୁ ସଂସ୍କାର ନେଇ ସେ ଏକ ସମସଂସ୍କାରପ୍ରାପ୍ତ ଶୁଦ୍ଧପୂତ ଅଗ୍ନିହୋତ୍ରୀ ବ୍ରାହ୍ମଣ ପରିବାରରେ କୁଳବଧୂ ରୂପେ ପ୍ରବେଶ କରିବା ସ୍ୱାଭାବିକ ଓ ସହଜସାଧ୍ୟ ଥିଲା। ଫଳରେ ସେ ହୋଇପାରିଲେ– "ସୁମଙ୍ଗଳୀ ପ୍ରତରଣୀ ଗୃହାଣାଂ ସୁଶେବା ପତ୍ୟେ ଶ୍ୱଶୁରାୟ ଶଂଭୂଃ"। ପତିଗୃହ ହୋଇଗଲା ଏକ ଯଜ୍ଞଶାଳା। ସେଠାରେ ଗାର୍ହପତ୍ୟ ଅଗ୍ନିରେ ପ୍ରତ୍ୟହ ହବନ କରି ସ୍ୱୟଂ ହୋଇଗଲେ ଆଗ୍ନିକ ବ୍ରାହ୍ମଣ, ପତିଙ୍କ ସହ ଅଗ୍ନିହୋତ୍ରିଣୀ ଯାଜ୍ଞିକା। ତତ୍ ସହିତ ସେ ହେଲେ ସୁଗୃହିଣୀ, ସୁଯୋଗ୍ୟା ପତ୍ନୀ, କର୍ତ୍ତବ୍ୟପରାୟଣା ପ୍ରିୟଦର୍ଶିନୀ ପୁତ୍ରବଧୂ, ବାତ୍ସଲ୍ୟମୟୀ, କଲ୍ୟାଣମୟୀ, ସୁମେଧା, ସୁପଣ୍ଡିତା, ସନ୍ମାର୍ଗଦର୍ଶିକା ଜନନୀ।

ଆଲୋକ ପ୍ରସରଣଶୀଳ ହେଲା ପରି ବେଦପୁତ୍ରୀ ଶନ୍ନୋଦେବୀ ସ୍ୱପରିବାର ପରିସରରୁ ନିଷ୍କ୍ରିୟ ହୋଇ କ୍ରମଶଃ ସମାଜରେ ଜାତିବର୍ଣ୍ଣ ନିର୍ବିଶେଷରେ ବହୁ ପରିବାରରେ ବୈଦିକ ବିଧାନରେ ବିବାହାଦି ସଂସ୍କାର କର୍ମରେ ପୌରହିତ୍ୟ କରି ବେଦବାର୍ତ୍ତା ପ୍ରଚାର କଲେ। ଏହାଙ୍କ ପୂର୍ବରୁ ବୈଦିକ ବିବାହ କ'ଣ, ଏହା ପ୍ରାୟତଃ ଲୋକେ ଜାଣି ନ ଥିଲେ। ଏବେ ପ୍ରାୟ ସବୁ ଶିକ୍ଷିତ ପରିବାରରେ ବୈଦିକ ରୀତିରେ ବିବାହକୁ ସ୍ୱୀକୃତି ମିଳିଗଲାଣି। ସମାଜରେ ଏଭଳି ଏକ ସଂସ୍କାର ମୂଳକ ବିପ୍ଳବର ସମସ୍ତ ଶ୍ରେୟ ଆର୍ଯ୍ୟସମାଜର ପ୍ରତିନିଧି ଭାବରେ ତାଙ୍କ ଭୂମିକା ସୁଚାରୁ ରୂପେ ନିର୍ବାହ କରୁଥିବାରୁ ଶନ୍ନୋଦେବୀ ତଥା ତାଙ୍କ ସ୍ୱାମୀ ଓ ସନ୍ତାନମାନଙ୍କର ପ୍ରାପ୍ୟ।

ଆଲୋକ ଅନ୍ଧକାରକୁ ଦୂର କଲା ପରି ବେଦବାଣୀର ବର୍ତ୍ତିକା ସାହାଯ୍ୟରେ ଶନ୍ନୋଦେବୀ ବହୁ ଅନ୍ଧବିଶ୍ୱାସ ଓ କୁସଂସ୍କାର ବିରୁଦ୍ଧରେ ଯୁଦ୍ଧ କରି ଅନେକ କ୍ଷେତ୍ରରେ ଜୟଯୁକ୍ତ ହୋଇଛନ୍ତି। ବେଦରେ ନାରୀର ମର୍ଯ୍ୟାଦା, ତା'ର ଅଧିକାର ଓ ପ୍ରାଧାନ୍ୟ ବିଷୟରେ ସେ ବିଶେଷ ଭାବରେ ସଚେତନତା ସୃଷ୍ଟି କରି ଦେଶବିଦେଶରେ ପ୍ରଶଂସାଭାଜନ ହୋଇଛନ୍ତି। ପ୍ରବଚନ ଦେବାବେଳେ ଅଥବା ଲିଖିତ ଅନୁଶୀଳନରେ ସେ ତାଙ୍କର ସରଳତା, ସ୍ପଷ୍ଟବାଦିତା, ଆତ୍ମବିଶ୍ୱାସ ତଥା ପ୍ରଭାବଶାଳୀ ପ୍ରକାଶଭଂଗୀ ପାଇଁ ସୁଧୀ ସମାଜର ସଶ୍ରଦ୍ଧ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ଅନେକ ସିଦ୍ଧି ଲାଭ କରିଛନ୍ତି କିନ୍ତୁ ଆହୁରି ଅନେକ ବାକି ଅଛି। ସେ ଏବେ ମଧ୍ୟ ପରିଣତ ବୟସରେ ପୂର୍ବ ପରି ଉତ୍ସାହରେ ସକ୍ରିୟ ଓ ଜାଗ୍ରତ – 'ଯୋ ଜାଗାରୋ ତମ୍ ଋଚଃ କାମୟନ୍ତେ'। ତାଙ୍କ ମାଧ୍ୟମରେ ବେଦ ସ୍ୱୟଂ ପ୍ରକାଶ ହେବାକୁ ଚାହୁଁଛନ୍ତି। ଆର୍ଷ ଆଶୀଷ ପ୍ରାପ୍ତ ହୋଇ ସେ ସ୍ୱୟଂ ଯଶସ୍ୱିନୀ ଓ ବର୍ଚସ୍ୱିନୀ ହୁଅନ୍ତୁ ଏବଂ ଅଶେଷ ଜନ କଲ୍ୟାଣ ସାଧନ କରନ୍ତୁ। ଇତି

ଏ ୩୨, ଏନ-୧, ଆ.ଆର.ସି ଭିଲେଜ
ଭୁବନେଶ୍ୱର – ୧୫

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଶନ୍ନୋଦେବୀ – ବିରଳ ଦାମ୍ପତ୍ୟର ଅର୍ଦ୍ଧେକ

ପଦ୍ମବିଭୂଷଣ ସୀତାକାନ୍ତ ମହାପାତ୍ର

ପ୍ରିୟବ୍ରତ ବାବୁ, ଶନ୍ନୋଦେବୀ ଏକ ବିରଳ ଦଂପତି । ମୋ' ବିଚାରରେ କେବଳ ଓଡିଶାରେ ନୁହେଁ – ସମଗ୍ର ଭାରତବର୍ଷରେ । 'ବୈଦିକ ଅନୁସଂଧାନ ପ୍ରତିଷ୍ଠାନ' କେବଳ ଗୋଟିଏ ପ୍ରତିଷ୍ଠାନ ନୁହେଁ । ତା' ମାଧ୍ୟମରେ ସେ ଦୁହେଁ ବେଦଜ୍ଞାନର ସଂପ୍ରସାରଣ କରିବାରେ ସମଗ୍ର ଜୀବନ ଉତ୍ସର୍ଗିତ କରିଛନ୍ତି । ଅନେକ ପାଠକଙ୍କର ମାନସ – ଦିଗ୍‌ବଳୟକୁ ପ୍ରସାରିତ କରିଛନ୍ତି । 'ବେଦ ମନୁଷ୍ୟକୃତ କି ?' କାଳଜୟୀ ଗ୍ରନ୍ଥ ପଢିବା ଦିନୁ ପ୍ରିୟବ୍ରତ ବାବୁଙ୍କୁ ଜାଣେ, ଆଶ୍ଚର୍ଯ୍ୟ ହୁଏ ଯେ ଇଞ୍ଜିନିୟର ଭାବରେ ଯିଏ ସବୁଠୁଁ ଦୁର୍ଗମ ଅଞ୍ଚଳରେ କାର୍ଯ୍ୟ କରିଛନ୍ତି, ସେ ମଧ୍ୟ ଏକନିଷ୍ଠ 'ବେଦ ପଥିକ' ।

ସେମାନେ ସହଜେ ଆମର ପାରିବାରିକ ସୁହୃତ ବହୁଦିନରୁ । ୧୯୯୯ରେ ମୋ' ପୁଅର ବାହାଘର ବୈଦିକ ରୀତିରେ ଆର୍ଯ୍ୟସମାଜ ମାଧ୍ୟମରେ ସଂପନ୍ନ ହେବାର ଶ୍ରେୟ ସେମାନଙ୍କର । ମୂଳରୁ ଶେଷ ପର୍ଯ୍ୟନ୍ତ ବସି ବିବାହର ମହତ୍ତ୍ୱ ଟିକିନିଖି କରି ବରକନ୍ୟାଙ୍କୁ ବୁଝାଇଥିଲେ । ସେତିକ ସମୟ ମୁଁ ଓ ମୋର ସ୍ତ୍ରୀ ତାଙ୍କ ନିର୍ଦ୍ଦେଶନାରେ ରହି ଆନନ୍ଦ ପାଇଥିଲୁ । ବିଗତ ବର୍ଷମାନଙ୍କରେ ଅନେକ ସାମାଜିକ ଅନୁଷ୍ଠାନରେ ଦେଖା ହେଲେ ସେମାନେ ପୁଅବୋହୁଙ୍କ କୁଶଳ ସମାଚାର ପଚାରିବାକୁ କେବେ ହେଲେ ଭୁଲନ୍ତି ନାହିଁ । ଶ୍ରଦ୍ଧାରେ ମୋ' ମୁଣ୍ଡ ନଇଁଯାଏ । କେତେ ଆତ୍ମୀୟ ଓ ସାମାଜିକ ବନ୍ଧୁଙ୍କର ଧାର୍ମିକ କୃତ୍ୟରେ ସେମାନଙ୍କର ପ୍ରବଚନ ଶୁଣିବାର ସୁଯୋଗ ପାଇଛି ।

ଶନ୍ନୋଦେବୀଙ୍କ ଆତ୍ମଜୀବନୀ 'ସ୍ମୃତି ବାତାୟନେ' ପଢ଼ିଛି । ତାଙ୍କ ସ୍ମୃତି ଅସୁମାରି । ଗୁଣପୁରଠୁଁ ତାହାର ଆରମ୍ଭ ୧୯୩୯ରେ । ସେ ବଖାଣିଛନ୍ତି ଶ୍ୱଶୁର ପଣ୍ଡିତ ଲିଙ୍ଗରାଜ ଅଗ୍ନିହୋତ୍ରୀଙ୍କର ଯୋଗନିଷ୍ଠ ଜୀବନରୁ ଶିକ୍ଷା, କେତେ ଯେ ଶାସ୍ତ୍ର-ଅଧ୍ୟୟନ, ବୈଦିକ ସଂସ୍କାରର ବହୁବିଧ ପାହାଚ ଅତିକ୍ରମଣ, ଆତ୍ମାନ୍ୱେଷଣର କଷ୍ଟକର ରାସ୍ତା, ଜୀବନମୃତ୍ୟୁର ରହସ୍ୟ ପର୍ଯ୍ୟାଲୋଚନା, ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଆର୍ଯ୍ୟସମାଜ ଆନ୍ଦୋଳନର ଗାଥା, ଦିବ୍ୟ ଜୀବନ ସଂଘର ସ୍ୱାମୀ ଚିଦାନନ୍ଦଙ୍କ ପ୍ରେରଣା, ଯଶସ୍ୱୀ ବୈଜ୍ଞାନିକ ଓ ପରିଶେଷରେ ସନ୍ନ୍ୟାସ ଗ୍ରହଣ କରିଥିବା ମହାପ୍ରାଜ୍ଞ ସ୍ୱାମୀ (ଡଃ) ସତ୍ୟପ୍ରକାଶଙ୍କର ମାର୍ଗଦର୍ଶନ । ଶ୍ୱଶୁରଙ୍କ ପୂର୍ବ ନିର୍ଦ୍ଦେଶ ମତେ ସେ ଯାଇଛନ୍ତି ବିବାହ ମଣ୍ଡପରୁ ଶ୍ମଶାନ ଭୂମି ଯାଏଁ । ସମସ୍ତ ଦେଶରୁ ବିବିଧ ସାରସ୍ୱତ ସମ୍ମାନ ଓ ପୁରସ୍କାର ତାଙ୍କ ପଛରେ ଗୋଡେଇଛି । ସଂସ୍କୃତ ଓ ହିନ୍ଦୀ ଭାଷାରେ ତାଙ୍କର ସାଗରର୍ଭକ ଭାଷଣ ତାଙ୍କୁ ଦେଶର ପଣ୍ଡିତ ମଣ୍ଡଳୀ ମଧ୍ୟରେ ପରିଚିତ କରାଇଛି ।

ତାଙ୍କ ରଚିତ 'ବେଦରେ ନାରୀ', 'ବେଦପାଠ ଓ ବୈଦିକ କର୍ମକାଣ୍ଡରେ ନାରୀର ଅଧିକାର' ଯୁଗୋପଯୋଗୀ ସୃଜନ । ଏସବୁ ନାରୀ ସଶକ୍ତୀକରଣ ପାଇଁ ପ୍ରେରଣାର ଉତ୍ସ ହୋଇ ସବୁ କାଳ ପାଇଁ ରହିବ । ବହୁ ଦଶନ୍ଧି ଧରି ସେ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଜନ୍ମିତ ଜାତିପ୍ରଥା, ଅସ୍ପୃଶ୍ୟତା, ପଶୁବଳି ଆଦି ଅସାମାଜିକ, ଅନୈତିକ କାର୍ଯ୍ୟକୁ ବିରୋଧ କରି ଆସିଛନ୍ତି । ଆପଣାର ଦୁଇପୁତ୍ର, ପୁତ୍ରବଧୂ, କନ୍ୟା ଓ ଜାମାତାଙ୍କୁ ବୈଦିକ ସଂସ୍କାର ଶିକ୍ଷା ଦେଇ ଆପଣା ଆପଣା ଜୀବନରେ ବୈଦିକ ମୂଲ୍ୟବୋଧ ପାଳନ କରିବାକୁ ଶିଖାଇଛନ୍ତି । ଶାସ୍ତ୍ର-ଆଲୋଚନା ଓ ସମାଜ ସଂସ୍କାରରେ ହାତ ଧରାଧରି ହୋଇ ଚାଲିଛନ୍ତି ଏଇ ଦମ୍ପତି ଜୀବନ-ଚର୍ଯ୍ୟାରେ ।

ମୁଁ ଅନେକ ବାର ତାଙ୍କ ସ୍ୱାମୀ ପଣ୍ଡିତ ଓ ମୋର ପ୍ରିୟବନ୍ଧୁ ପ୍ରିୟବ୍ରତ ବାବୁଙ୍କୁ ବ୍ୟସ୍ତ କରିଛି ମୋର ଅନେକ ପ୍ରଶ୍ନରେ । ସେ ସବୁ ପ୍ରଶ୍ନ ଅବଶ୍ୟ ଚାରିବେଦ ଓ ସକଳ ଉପନିଷଦ ସଂପର୍କରେ । ଆଜି ଶଙ୍କରଙ୍କର ବିବେକ ଚୂଡାମଣି ଓ ଉପନିଷଦ ଭାଷ୍ୟ ଓ ବ୍ୟାଖ୍ୟାଗୁଡିକୁ ବୁଝିବା ପାଇଁ କଷ୍ଟବୋଧ ହେବା ସମୟରେ, ଆଗରୁ ସମୟାଭାବରୁ ଯାହା ପଢି ପାରି ନଥିଲି, ଏବେ ପଢ଼ିବା ଆରମ୍ଭ କରିଛି । ବେଦ ଓ ଉପନିଷଦର ଉତ୍ତୁଙ୍ଗ ଭାବନା ହୃଦୟକୁ ସ୍ପର୍ଶ କରୁଛି ।

ଆଗରୁ କହିଛି ଏଇ ବିରଳ ଦମ୍ପତିଙ୍କର ବେଦାଧ୍ୟୟନ ଓ ବୈଦିକ ସଂସ୍କାରକୁ ଲୋକପ୍ରିୟ କରିବା ପାଇଁ ଏକନିଷ୍ଠ ଓ ଅଦମ୍ୟ ପ୍ରଚେଷ୍ଟାର କଥା ।

ତାହା ହିଁ ଶନ୍ନୋଦେବୀଙ୍କ ପ୍ରକୃତ ପରିଚୟ । ତାଙ୍କ 'ସ୍ମୃତି ବାତାୟନ' ବାଟେ ମୁଁ ଅନେକ କିଛି ଦେଖିପାରିଛି । ଆଜି ତାଙ୍କର ୭୫ ବର୍ଷ ଆରମ୍ଭ ଉପଲକ୍ଷେ ତାଙ୍କର ଶତାୟୁ କାମନା କରୁଅଛି ।

୨୧, ସତ୍ୟନଗର, ଭୁବନେଶ୍ୱର

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ମାତା ବିମଳା ଦେବୀ



ପିତା ଗଙ୍ଗାଧର ପଣ୍ଡା



ଶ୍ୱଶୁର ଓ ଦୀକ୍ଷାଗୁରୁ ପଣ୍ଡିତ ଲିଙ୍ଗରାଜ ଶର୍ମା ଅଗ୍ନିହୋତ୍ରୀ

ବିବାହ ପରେ



ଦୁଇ ପୁତ୍ର ଯଜ୍ଞପ୍ରକାଶ ଓ ଓମ୍‌ପ୍ରକାଶଙ୍କ ଉପନୟନ ସଂସ୍କାର ଅବସରରେ ପୂର୍ବତନ ରାଜ୍ୟପାଳ ବିଶ୍ୱନାଥ ଦାସ ଏବଂ 'ସମାଜ' ସମ୍ପାଦକ ରାଧାନାଥ ରଥ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଜ୍ୟେଷ୍ଠ ପୁତ୍ର ଯଜ୍ଞପ୍ରକାଶ, କନିଷ୍ଠ ପୁତ୍ର ଓମ୍‌ପ୍ରକାଶ ଓ କନ୍ୟା ପ୍ରଜ୍ଞା ସହିତ

ସ୍ୱାମୀ, ପୁତ୍ର, କନ୍ୟା, ପୁତ୍ରବଧୂ (ସୁଶ୍ରୀତା ଓ ମହାଶ୍ୱେତା), ଜାମାତା (ଗୋପାଳଚନ୍ଦ୍ର) ଓ ନାତି ନାତୁଣୀଙ୍କ ଗହଣରେ





ନାତି ଋତ୍ୱିକ୍ ଓ ବେଦାଂଶୁ ଏବଂ ନାତୁଣୀ ଶ୍ରଦ୍ଧା, ନିଷ୍ଠା, ସୁମେଧା ଓ ଦୀକ୍ଷା

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ସ୍ୱଗୃହରେ ପ୍ରବୀଣ ବୈଜ୍ଞାନିକ ସ୍ୱାମୀ ସତ୍ୟପ୍ରକାଶଙ୍କ ଗହଣରେ ପତି, ପତ୍ନୀ ଓ କନ୍ୟା (ପ୍ରଜ୍ଞା)



ପୂର୍ବତନ ରାଜ୍ୟପାଳ ବିଶ୍ୱନାଥ ଦାସଙ୍କ କରକମଳରେ 'ଋଗ୍‌ବେଦ ସୌରଭ' ପୁସ୍ତକର ଉନ୍ମୋଚନ



ଦିବ୍ୟ ଜୀବନ ସଂଘର ଅଧ୍ୟକ୍ଷ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ପ୍ରବଚନ ସଭାରେ ପ୍ରଥମ ଥର ବେଦପାଠ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri



ସମ୍ବଲପୁର 'ସତ୍ୟାନନ୍ଦ ଯୋଗ ବିଦ୍ୟାଳୟ'ର ଭିତ୍ତି ସ୍ଥାପନ ଉତ୍ସବରେ ଭାଷଣ। ପୂଜ୍ୟ ସ୍ୱାମୀ ସତ୍ୟାନନ୍ଦ ମଞ୍ଚାସୀନ।

ଶାଶୁଘର ପୋଲସରା (ଗଞ୍ଜାମ)ରେ ବେଦ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ରାଜ୍ୟପାଳ ବିଶ୍ୱମ୍ଭର ନାଥ ପାଣ୍ଡେଙ୍କ ଗହଣରେ



ଏହ୍ଲାବାଦ 'ଆନନ୍ଦଭବନ' ପରିସରରେ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

'ସ୍ମୃତି ବାତୟନେ' ପାଇଁ ପଦେ

ପ୍ରଫେସର ହୃଦାନନ୍ଦ ରାୟ

ଶନ୍ନୋଦେବୀଙ୍କର ଆତ୍ମଜୀବନୀର ନାମକରଣ କରାଯାଇଛି– "ସ୍ମୃତି ବାତାୟନେ" । ବାତାୟନରେ ସମସ୍ତ ପଦାର୍ଥ ଦିଶେ ନାହିଁ। 'ସ୍ମୃତି ବାତାୟନେ'ରେ ସେ ଯେତିକି ଲେଖିଛନ୍ତି, ସମୁଦାୟ ନ ହେଲେ ହେଁ ତାହା ଯେ ଯଥେଷ୍ଟ, ପାଠକମାନେ ତାହା ଅନାୟାସରେ ଅନୁଭବ କରିପାରିବେ। ଏହି ଆତ୍ମଜୀବନୀ ଗ୍ରନ୍ଥଟି ଘଟଣାମାନଙ୍କୁ ଆଶ୍ରୟ କରିଥିଲେ ସୁଦ୍ଧା ଜୀବନାଦର୍ଶର ଏକ ନିର୍ମଳ ପ୍ରତିଛବି ଧାରଣ କରିଛି। ଭାରତର ସୁପ୍ରାଚୀନ ବୈଦିକ ପ୍ରଜ୍ଞା ଓ ଜୀବନାଦର୍ଶ ଗ୍ରନ୍ଥର ପ୍ରଧାନ ଉପଜୀବ୍ୟ ବିଷୟ। ବୈଦିକ ପରଂପରାକୁ ନ ହରାଇବା ପାଇଁ ଶନ୍ନୋଦେବୀ ପ୍ରାଂଜଳ ଉପଦେଶ ଦେଇଛନ୍ତି। ଶନ୍ନୋଦେବୀ ଓ ତାଙ୍କ ପତି ବେଦବିତ୍ ଇଂ ପ୍ରିୟବ୍ରତ ଦାସ ବୈଦିକ ସଂସ୍କୃତିର ମର୍ଯ୍ୟାଦାକୁ ଲୋକଲୋଚନକୁ ଆଣିବା ପାଇଁ ଆଜୀବନ ଚେଷ୍ଟାରତ ରହି ନିଜ ଦେଶ ଓ ଅନ୍ୟାନ୍ୟ ଦେଶରେ ସୁଖ୍ୟାତି ଅର୍ଜନ କରିଛନ୍ତି। ଏହି ଯଶସ୍ୱୀ ଦଂପତି ଶାସ୍ତ୍ରାନୁସଂଧାନ ଓ ଗ୍ରନ୍ଥାକାର ଭାବରେ ନିଜର ପରିଚୟ ମୁଦ୍ରାଂକିତ କରିଛନ୍ତି। ଏଭଳି ସୁଯୋଗ୍ୟ ଦମ୍ପତିଙ୍କ ପାଇଁ ଓଡ଼ିଶା ଗୌରାବାନ୍ୱିତ ହୋଇଛି। ଉଭୟେ ବୈଦିକ ପ୍ରଜ୍ଞାର ଅଧିକାରୀ ଓ ସଦାଚାରର ଜ୍ୱଳନ୍ତ ଦୃଷ୍ଟାନ୍ତ ଉପସ୍ଥାପନ କରି ଜୀବନକୁ ସାର୍ଥକ କରିଛନ୍ତି। ମୁଁ ଏ ଉଭୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଅଛି।

ଶୁଣିବା ମାତ୍ରେ ଲାଗିବ ଯେ 'ଶନ୍ନୋଦେବୀ' ପ୍ରଚଳିତ ଓଡ଼ିଆ ନାମ ନୁହେଁ। ମୁଁ ଏହି ଜୀବନୀ ଗ୍ରନ୍ଥ ଅଧ୍ୟୟନ କରି ନ ଥିବା ଯାଏଁ ସେହି ନାମୋଚ୍ଚାରଣ ଓ ସ୍ମରଣରେ ବିସ୍ମୟ ପ୍ରକାଶ କରୁଥିଲି। ଗ୍ରନ୍ଥଟି ପଢ଼ିବା ପରେ ଜାଣିଲି ଯେ ବିବାହ ପୂର୍ବରୁ ତାଙ୍କ ନାମ ଥିଲା 'କୁମୁଦିନୀ'। ଶ୍ରଦ୍ଧା ନାମ 'କୁମୁଦିନୀ'; ବିବାହ ପରେ ଶ୍ୱଶୁରଙ୍କ ନିର୍ଦ୍ଦେଶରେ ତାଙ୍କ ନାମ ହେଉଛି 'ଶନ୍ନୋଦେବୀ'। ଏହି ଶବ୍ଦର ଅର୍ଥ– 'ବିଶ୍ୱବ୍ୟାପିନୀ ଦିବ୍ୟ ଜନନୀ ଆମ୍ଭମାନଙ୍କର କଲ୍ୟାଣ କରନ୍ତୁ।'

୧୯୩୯, ମାଘ କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ତାଙ୍କର ଜନ୍ମ। ପିତା ସେକାଳର ନୀତିନିଷ୍ଠ ପ୍ରଧାନଶିକ୍ଷକ ଭାବରେ ସର୍ବତ୍ର ସମ୍ମାନିତ ହେଉଥିଲେ। ଆବାଲ୍ୟରୁ ଶନ୍ନୋଦେବୀ ନୈତିକ କଠୋର ଶୃଙ୍ଖଳାର ଅଧୀନ ହୋଇ ଜୀବନଯାପନ କରି ଆସିଛନ୍ତି। ସେ ଧର୍ମଧାରଣାର ଅର୍ଥ ଜିଜ୍ଞାସା କରି ତାହାର ସାର୍ଥକତାର ଅନୁଭବପୂର୍ବକ ଆଚାରଶୁଦ୍ଧ ହେବା ପାଇଁ ଆରମ୍ଭରୁ ଚେଷ୍ଟାଶୀଳା, ଏହା ତାଙ୍କ ଜୀବନପଥକୁ ଏ ଯାବତ୍ ଆଲୋକିତ ରଖିଅଛି।

ନିଜସ୍ୱ ଅନ୍ତର୍ନିହିତ ପ୍ରବୃତ୍ତି ଓ ଦୁଇ କୁଳର ପାରିପାର୍ଶ୍ୱିକ ପ୍ରଭାବରୁ ସେ ବେଦକୁ ସ୍ୱୀୟ ଜୀବନଧର୍ମର ଭିତ୍ତିଭୂମି ରୂପରେ ଆଦରି ନେଇଛନ୍ତି। ଏହି ଦୃଷ୍ଟିରୁ ତାଙ୍କ ଆତ୍ମଜୀବନୀ ଜଣେ ବେଦବିଦୁଷୀଙ୍କର ସାଧାରଣ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ମାନସିକ ସୃଷ୍ଟି ନୁହେଁ; ଏହା ଜଣେ ଆବାଲ୍ୟ ସାଧିକା, ବ୍ରତଧାରିଣୀ, ତାପସ କୁମାରୀ ଓ ଜୀବନବ୍ୟାପୀ ସାଧନାର ଫଳ। ତାଙ୍କ ସୁକର୍ମର ଫଳ ସ୍ୱରୂପ ସେ ପାଇଛନ୍ତି ବେଦସାଧକ ପ୍ରାଜ୍ଞପୁରୁଷ ପ୍ରିୟବ୍ରତ ଦାସଙ୍କୁ ନିଜ ସ୍ୱାମୀ ଭାବରେ। ଏପରି ସଂଯୋଗ ଦୁର୍ଲ୍ଲଭ ଓ ଈଶ୍ୱରକୃପା। ବେଦ ଯେ ଶନ୍ନୋଦେବୀଙ୍କର ଜୀବନାଦର୍ଶର ଭିତ୍ତିଭୂମି, ତାହା ନୁହେଁ, ବେଦ ତାଙ୍କ ସୌଧ-ସୌଷ୍ଠର ଦିବ୍ୟ ଉପାଦାନ। ବେଦର କେଉଁ କେଉଁ ଉପଦେଶ ତାଙ୍କୁ ଅନୁପ୍ରାଣିତ କରିଛି ଯାହାର ଅବହେଳା କରି, ଆମ ସମାଜ ଦିନକୁ ଦିନ ଅଧୋଗତି ହେଉଛି, ତାହାର ଚିତ୍ର ତାଙ୍କ ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ଜୀବନରେ ପ୍ରତିଫଳିତ ହୋଇଛି। ବୈଦିକ ମୂଲ୍ୟବୋଧ ଆମ ଜୀବନରେ ସଂସ୍ଥାପିତ ହେଉ ଓ ଆମର ଧ୍ୟେୟ ହେଉ, ଏହା ସେ ସର୍ବାନ୍ତକରଣରେ କାମନା କରନ୍ତି। ଦେଶ-ବିଦେଶରେ ବୈଦିକ ମୂଲ୍ୟବୋଧର ଶକ୍ତିଶାଳୀ ପ୍ରବକ୍ତା ଭାବରେ ଶ୍ରୀଯୁକ୍ତ ଦାସ ଓ ଶ୍ରୀମତୀ ଶନ୍ନୋଦେବୀ ଯେଉଁ ଦକ୍ଷତା ଓ ନିଷ୍ଠା ପ୍ରଦର୍ଶନ କରିଛନ୍ତି, ତାହା ଆମ ଦେଶବାସୀ ହୃଦୟଙ୍ଗମ କରିବାକୁ ଏବେ ମଧ୍ୟ ପ୍ରସ୍ତୁତ ହୋଇପାରିନାହାନ୍ତି। ତଥାପି ସେମାନଙ୍କର ଜୀବନୀ ଯେ ଉତ୍ସାହ ଓ ପ୍ରେରଣାର ଉତ୍ସ, ଏଥିରେ ଦ୍ୱିମତ ନାହିଁ।

ବେଦର ମହିମା ପ୍ରସାର ଘଟାଉଥିବା ଅବସରରେ ପତିପତ୍ନୀ ଦୁହେଁ ଆର୍ଯ୍ୟସମାଜ ସଙ୍ଗଠନରେ ନିଜକୁ ସମର୍ପିତ କରି, ରାଜଧାନୀ ଭୁବନେଶ୍ୱରରେ ବେଦଭବନ ପ୍ରତିଷ୍ଠା କରି ନିଜକୁ ସର୍ବଭାରତୀୟ ସ୍ରୋତରେ ସମ୍ମିଳିତ ହୋଇଛନ୍ତି। ଆର୍ଯ୍ୟସମାଜର ଶହ ଶହ ଉପଦେଶକ ଓ ସାଧୁସନ୍ଥ ସେମାନଙ୍କର ପ୍ରେରଣାର ଉତ୍କଳଭୂମିକୁ ଆସି ବେଦବିଚାର ପ୍ରସାର କରୁଛନ୍ତି।

ଶନ୍ନୋଦେବୀ ଉଲ୍ଲେଖ କରିଛନ୍ତି– "ଆର୍ଯ୍ୟସମାଜ ଧାର୍ମିକ ସଂପ୍ରଦାୟ ନୁହେଁ। ବେଦୋକ୍ତ ସିଦ୍ଧାନ୍ତଗୁଡ଼ିକୁ ଗ୍ରହଣ ଓ ପ୍ରଚାର କରିବା ପାଇଁ ଏହା ଏକ ସଂଗଠନ" (ଆତ୍ମଜୀବନୀ ପୃଷ୍ଠା ୮୧)। ବେଦାର୍ଥ ନିରୂପଣ କରୁ କରୁ ଏହି ସଙ୍ଗଠନଟି ଏକ ଧର୍ମୀୟ ପରଂପରାରେ ପରିଣତ ହୋଇସାରିଛି, ଏଥିରେ ସଂଦେହର ଅବକାଶ ନାହିଁ।

ଆର୍ଯ୍ୟସମାଜର ପ୍ରତିଷ୍ଠାତା ମହର୍ଷି ଦୟାନନ୍ଦ ସରସ୍ୱତୀ, ଶନ୍ନୋଦେବୀଙ୍କର ଭାଷାରେ ହିନ୍ଦୁଧର୍ମର ଦୁର୍ଭାଗ୍ୟଜନକ ସ୍ଥିତିକୁ ଊନବିଂଶ ଶତାବ୍ଦୀର ଶେଷଭାଗରେ ଆକଳନ କରିଥିଲେ। ସେ ଘୋଷଣା କଲେ ଯେ ଈଶ୍ୱର, ଧର୍ମ, ମୁକ୍ତି, ତୀର୍ଥ, ସ୍ୱର୍ଗ, ଦେବ, ବ୍ରାହ୍ମଣ ଆଦି ଶବ୍ଦର ପ୍ରଚଳିତ ଧାରଣାଗୁଡ଼ିକ ଅବୈଦିକ। ତାଙ୍କର ମନ୍ତବ୍ୟ ଥିଲା ଯେ ହିନ୍ଦୁଧର୍ମରେ ମିଶିଥିବା ବହୁ ଈଶ୍ୱରବାଦ, ମୂର୍ତ୍ତିପୂଜା, ଅବତାରବାଦ, ମୃତକଶ୍ରାଦ୍ଧ, ଜନ୍ମଗତ ଜାତିପ୍ରଥା, ଅସ୍ପୃଶ୍ୟତା ଆଦି ରୀତିନୀତି ବେଦସମ୍ମତ ନୁହେଁ। (ପୃଷ୍ଠା-୮୪)

ଜଣେ ପ୍ରାଜ୍ଞ ଓ ଆଦର୍ଶ ପୁରୋହିତ ଭାବରେ ଶନ୍ନୋଦେବୀ ସଂସ୍କାର ମଣ୍ଡପରେ ବସି ଯେପରି ବିବାହାଦି ସଂସ୍କାରଗୁଡ଼ିକର ତାତ୍ପର୍ଯ୍ୟ ସରଳ ଓ ଗମ୍ଭୀର ରୂପରେ ବୁଝାଇ ଯାଆନ୍ତି, ତାହା ଶୁଣି ଯେକୌଣସି ଶ୍ରୋତା ମୁଗ୍ଧ ହୁଏ। ବିବାହାଦି ଶୁଭ ସଂସ୍କାରମାନଙ୍କରେ ଶାହାକାର ପ୍ରବର୍ତ୍ତନ କରାଇ ତାହର ଉପାଦେୟତାର ପ୍ରଚାର-ପ୍ରସାର କରିବାରେ ତାଙ୍କର ଅବଦାନ ଯଥେଷ୍ଟ। ସମାଜସଂସ୍କାର ଓ ଜୀବନଚର୍ଯ୍ୟାରେ ସଦାଚାର ପ୍ରବର୍ତ୍ତନ ଓ ପ୍ରଚଳନ କରାଇବା ପାଇଁ ଶନ୍ନୋଦେବୀ ଯେଉଁ ଅଦମ୍ୟ ପ୍ରଚେଷ୍ଟା କରିଛନ୍ତି, ନିଜେ ବେଦସମ୍ମତ ଉପବୀତ ଧାରଣ କରି ପୌରହିତ୍ୟ କର୍ମରେ ଅନେକ ତରୁଣ-ତରୁଣୀଙ୍କୁ ପ୍ରଭାବିତ କରି ଚାଲିଛନ୍ତି, ଏହା ମୋତେ ବିସ୍ମିତ କରିଛି। ସଦାଚାର-ପାଳନ ଯେଉଁ ଧର୍ମରେ ହେଉ ଅଥବା ଜଡ଼ବାଦୀଙ୍କ ଦ୍ୱାରା ହେଉ, ମୋ' ଦୃଷ୍ଟିରେ ତାହା ସ୍ପୃହଣୀୟ ଓ ଗ୍ରହଣୀୟ। ଶନ୍ନୋଦେବୀଙ୍କର ଏହି ଆତ୍ମଜୀବନୀରେ ସଦାଚାରର ବ୍ୟାପକ ବର୍ଣ୍ଣନା ହୋଇଥିବାରୁ ଏହି ଗ୍ରନ୍ଥଟି ବହୁ ବିଚାରଶୀଳ ଓ ସମାଜ ସଂସ୍କାରକଙ୍କର ଗ୍ରହଣୀୟ ହୋଇଛି, ଏହାକୁ ମୁକ୍ତକଣ୍ଠରେ ସ୍ୱୀକାର କରିବାକୁ ହେବ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ତାଙ୍କ ରଚିତ ଅନ୍ୟ ଗ୍ରନ୍ଥଗୁଡ଼ିକର ବହୁ ସଂସ୍କରଣ ପ୍ରକାଶିତ ହୋଇଛି, ଏଥିରୁ ତାଙ୍କ ସାହିତ୍ୟିକ ଓ ସାଧକ ଜୀବନର ସଫଳତା ପ୍ରମାଣିତ ହୁଏ। ସେ ଭାରତ ବାହାରେ ଅନେକ ଦେଶ ଭ୍ରମଣ କରିଛନ୍ତି, ପ୍ରଭାବଶାଳୀ ଭାଷଣ ଦେଇଛନ୍ତି ଓ ସର୍ବତ୍ର ସମ୍ମାନିତ ଓ ସଂବର୍ଦ୍ଧିତ ହୋଇଛନ୍ତି। ଜଣେ ଓଡ଼ିଆ ଝିଅ ପାଇଁ ଏହା କମ୍ ଗୌରବର କଥା ନୁହେଁ। ଦେଶବିଦେଶର ରୀତିନୀତି, ଚାଲିଚଳନ, ଇତିହାସ ଓ ସଂସ୍କୃତି ବର୍ଣ୍ଣନା କରି ତାଙ୍କ ଜୀବନୀ ଅତ୍ୟନ୍ତ ଶିକ୍ଷାପ୍ରଦ ଓ ପ୍ରଭାବଶାଳୀ ହୋଇଛି ଓ ଅନେକ ପାଠକଙ୍କୁ ପ୍ରେରଣା ଯୋଗାଉଅଛି। ଓଡ଼ିଆଭାଷୀ ପାଠକମାନେ ଏହା ହୃଦ୍‌ବୋଧ କରନ୍ତୁ ଓ ଘରେ ଘରେ ଶନ୍ନୋଦେବୀଙ୍କର ଏହି ଆତ୍ମଜୀବନୀ ଶୋଭା ପାଉ ଓ ଉଦ୍‌ବୋଧନ ଦେଉ– ଏହା ମୋର ସର୍ବାନ୍ତକରଣରେ ଅଭିଳାଷା। ଯେକୌଣସି ଗ୍ରନ୍ଥାଗାରରେ ଏହି ଗ୍ରନ୍ଥଟି ମଣ୍ଡନ କରିବ ଏହା ନିଃସନ୍ଦେହ। ଏହି ବେଦପ୍ରାଜ୍ଞା ଦୀର୍ଘଜୀବୀ ହୋଇ ବେଦାଲୋକରେ ସମାଜକୁ ଆଲୋକିତ କରନ୍ତୁ।

ବାମ୍ପିସାହି, ତଳ ତେଲେଙ୍ଗା ବଜାର, କଟକ

❀ ❀ ❀

ସ୍ତୋମପୃଷ୍ଠା ଶନ୍ନୋଦେବୀ

ଡାକ୍ତର କବିପ୍ରସାଦ ମିଶ୍ର

ବିଦୁଷୀ ଶନ୍ନୋଦେବୀଙ୍କର ଉଦ୍ଦେଶ୍ୟରେ ଗୋଟିଏ ବିଶେଷଣ ନିର୍ବାଚନ କରିଅଛି– 'ସ୍ତୋମପୃଷ୍ଠା'। ଏହା ଗୋଟିଏ ବୈଦିକ ଶବ୍ଦ। ସ୍ତୋମ ବା ବେଦମନ୍ତ୍ର ଯେଉଁ ନାରୀଙ୍କ ଜୀବନର ପୃଷ୍ଠଭୂମି; ସେ ସ୍ତୋମପୃଷ୍ଠା। ଶନ୍ନୋଦେବୀ ବେଦମାତାଙ୍କର ଆଶ୍ରିତା, ଉପାସିକା ଓ ଆଶୀର୍ଲତ୍ତା। ବେଦର ନିର୍ଦ୍ଦେଶକୁ ସେ ଜୀବନରେ ପ୍ରତିପାଳିତ କରିଆସିଛନ୍ତି। ନିଜ ପ୍ରଣୀତ 'ବେଦରେ ନାରୀ', 'ବେଦପାଠ ଓ ବୈଦିକ କର୍ମକାଣ୍ଡରେ ନାରୀର ଅଧିକାର', 'ସ୍ମୃତି ବାତାୟନେ' ଆଦି ପୁସ୍ତକମାନଙ୍କର ସେ ସେହି ବୈଦିକ ଉପଦେଶଗୁଡ଼ିକୁ ସୁନ୍ଦର ଭାବରେ ପ୍ରତିପାଦନ କରିଛନ୍ତି। ଅନେକ ସାମାଜିକ ସମାବେଶରେ ମୁଁ ଏହି ବିଦୁଷୀଙ୍କୁ 'ଉତ୍କଳର ଗାର୍ଗୀ' ଉପାଧିରେ ସ୍ମରଣ କରିଅଛି। ସେ ପ୍ରବଚନ ଦେବା ଅବସରରେ ବେଦ, ଉପନିଷଦ ଆଦି ମହାନ୍ ଶାସ୍ତ୍ରରୁ ମନ୍ତ୍ରାବୃତ୍ତି କରି ତାହାକୁ ସରଳ ଭାଷାରେ ବୋଧଗମ୍ୟ କରିଥାନ୍ତି। ସେଥିରୁ ତାଙ୍କର ଗଭୀର ସ୍ୱାଧ୍ୟାୟ, ଶାସ୍ତ୍ରାନୁରାଗ ଓ ସର୍ବୋପରି ଈଶ୍ୱରନିଷ୍ଠା ପ୍ରତିଫଳିତ ହୁଏ। ବିବାହ, ଉପନୟନ ଆଦି ବୈଦିକ କର୍ମକାଣ୍ଡରେ ପୌରାହିତ୍ୟ କରି ସେ ସମାଜରେ ତଥାକଥିତ ପୁରୁଷମାନଙ୍କର ଅଧିକାରର କର୍ମକୁ ଅଧିକ ନିପୁଣତା ଓ ବୁଦ୍ଧିମତା ସହିତ ସଂପନ୍ନ କରିଆସୁଛନ୍ତି। ବିବାହବେଦିରେ ବ୍ରହ୍ମାସନରେ ଉପବିଷ୍ଟା ହୋଇ ଶହ ଶହ ଯୁବକଯୁବତୀଙ୍କୁ ମାର୍ଗଦର୍ଶନ କରାଉଛନ୍ତି। ଅନେକ ଶାସ୍ତ୍ରୀୟ ତଥ୍ୟ ଶନ୍ନୋଦେବୀଙ୍କର ସାରଗର୍ଭିତ ଅଥଚ ବିନୋଦପ୍ରିୟ ପ୍ରବଚନରେ ପ୍ରତିଧ୍ୱନିତ ହୁଏ। ସେ ମାତୃସୁଲଭ ଭଙ୍ଗୀରେ ଗୃହସ୍ଥ ଧର୍ମର ନୀତିନିୟମ ବୁଝାଇ ଦିଅନ୍ତି।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ବିବାହ ହେଉଛି ମନୁଷ୍ୟ ଜୀବନର ମହତ୍ୱପୂର୍ଣ୍ଣ ଅନୁଷ୍ଠାନ । ପତିପତ୍ନୀ ନିଜଠାରୁ ଅଧିକ ଯୋଗ୍ୟ ସନ୍ତାନମାନଙ୍କୁ ଜନ୍ମଦେବା ପାଇଁ ଓ ଦିବ୍ୟ ପରଂପରା ସୁରକ୍ଷିତ ରଖିବା ନିମନ୍ତେ ବିବାହ-ବନ୍ଧନରେ ଆବଦ୍ଧ ହୁଅନ୍ତି । ସାମର୍ଥ୍ୟ ଅନୁସାରେ ପରୋପକାର ଓ ସତ୍ୟଧର୍ମର ପାଳନ କରିବା ଗୃହସ୍ଥାଶ୍ରମର ଲକ୍ଷ୍ୟ । ବିବାହ କର୍ମକାଣ୍ଡର ସଂପାଦନ ବେଳେ ଅନେକ ପ୍ରତୀକାତ୍ମକ ବିଧାନ କରାଯାଇଥାଏ ଯେପରି ପାଣିଗ୍ରହଣ, ଶିଳାରୋହଣ, ଲାଜାହୋମ, ସପ୍ତପଦୀ ଇତ୍ୟାଦି । ଶନ୍ନୋଦେବୀ ପ୍ରତ୍ୟେକ ବିଧାନ ବେଳେ ତାହା ପଛରେ ଥିବା ଭାବନାକୁ ସରଳ ଭାଷାରେ ହୃଦୟସ୍ପର୍ଶୀ ଭାବରେ ବୁଝାଇ ଦିଅନ୍ତି । ଉଦାହରଣ ସ୍ୱରୂପ ପାଣିଗ୍ରହଣ ବେଳେ ବରକନ୍ୟା ହାତ ଧରନ୍ତି । ହାତ ଧରିବା ବନ୍ଧୁତ୍ୱ ଅର୍ଜନ ବା ମିତ୍ରତା ସ୍ଥାପନର ଚିହ୍ନ । ବିଦେଶରେ ମଧ୍ୟ ପରସ୍ପର ହାତଧରି ମିତ୍ରତା ପ୍ରଦର୍ଶନ କରନ୍ତି । ଆଜୀବନ ମିତ୍ରତା କିପରି ଅଟୁଟ ରହିବ, ସେଥିପାଇଁ ପାଣିଗ୍ରହଣ ସମୟରେ ବରକନ୍ୟା ପ୍ରତିଜ୍ଞା ନିଅନ୍ତି– 'ଆମେ ଉଭୟେ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ କେବେହେଲେ ବିଚ୍ଛିନ୍ନ ହେବା ନାହିଁ, ଆମର ଦୃଷ୍ଟି ଓ ବ୍ୟବହାର ମଧୁର ହେଉ' । ସେହିପରି ଶିଳାରୋହଣର ଅର୍ଥ ବୁଝାଇ କହନ୍ତି ଯେ ଜୀବନରେ ଦୁଃଖ ଓ ବିପଦ ସମୟରେ ଉଭୟେ କେବେହେଲେ ବିଚଳିତ ହେବେ ନାହିଁ । ତେଣୁ ବିବାହବେଦିକୁ ଗୋଟିଏ ପଥରଖଣ୍ଡ ଅଣାଯାଏ । କନ୍ୟାର ଭାଇ ସେହି ପଥର ଖଣ୍ଡ ଉପରେ ଭଉଣୀର ପାଦ ରଖିଦିଏ । ସେତେବେଳେ କନ୍ୟା କହେ– 'ହେ ବର ! ଜୀବନର ଝଡ଼ଝଞ୍ଝାରେ ଆମେ ଦୁହେଁ ପଥର ପରି ଦୃଢ଼ ରହିବା । ସମସ୍ତ ପ୍ରତିବନ୍ଧକ ଅତିକ୍ରମ କରି ସ୍ୱଚ୍ଛ ପରିବାର ନିର୍ମାଣ କରିବା ।' ଲାଜାହୋମ ବିବାହର ଅନ୍ୟ ଏକ ବିଧାନ । 'ଲାଜା'ର ଅର୍ଥ ଧାନର ଖଇ । ଧାନରେ ଉତ୍ତାପ ଦେଲେ ତାହା ଫୁଲିଯାଇ ଖଇରେ ପରିଣତ ହୁଏ । ଖଇ ପ୍ରସନ୍ନତାର ପ୍ରତୀକ । ବିବାହ ବେଳେ ବରକନ୍ୟାଙ୍କ ମଧ୍ୟରେ ପରସ୍ପର ପ୍ରୀତିଭାବନା ବୃଦ୍ଧିପାଏ । ସେମାନେ ଖଇ ପରି ପ୍ରସନ୍ନ ଥାଆନ୍ତି । ଖଇ ସୁଲଭ ଓ ପବିତ୍ର ପଦାର୍ଥ । ସେହିପରି ସପ୍ତପଦୀ ବିଧାନରେ ପାରିବାରିକ ଜୀବନ ପାଇଁ ଯେଉଁ ସାତୋଟି ବସ୍ତୁ ଆବଶ୍ୟକ, ସେଗୁଡ଼ିକୁ ମନେପକାଇ ବରକନ୍ୟା ଐଶାନ୍ୟ ଦିଗକୁ ସାତପାଦ ଚାଲନ୍ତି । ଶନ୍ନୋଦେବୀ ବିବାହବେଦିରେ ଏସବୁ ସାରଗର୍ଭକ ବିଷୟ ସରଳ ଭାଷାରେ ବୁଝାଇ ଥାଆନ୍ତି । ମୋ' ବିଚାରରେ ଆମ ସାମାଜିକ ବିଧିବିଧାନରେ ସେ ଏକ ବୈପ୍ଳବିକ ପଦକ୍ଷେପ ନେଇଛନ୍ତି ।

ଶନ୍ନୋଦେବୀ ବୈଦିକ ପଣ୍ଡିତ ସ୍ୱର୍ଗତ ଲିଙ୍ଗରାଜ ଅଗ୍ନିହୋତ୍ରୀଙ୍କର ପରିବାରକୁ ଜ୍ୟେଷ୍ଠା ବଧୂ ହୋଇ ଆସିଥିଲେ । ପୂର୍ବଜନ୍ମର ସଂସ୍କାର ବଳରୁ ସେଠାରେ ଅନୁସୃତ ବେଦପାଠ, ଯଜ୍ଞାନୁଷ୍ଠାନ, ଶାସ୍ତ୍ରଚର୍ଚ୍ଚାକୁ ଶ୍ରଦ୍ଧାର ସହିତ ଗ୍ରହଣ କଲେ । ନିଜର ଅଧ୍ୟବସାୟ ଦ୍ୱାରା ଋଷିମୁନିମାନଙ୍କର ଦିବ୍ୟ ବିଚାର ସଂଗ୍ରହ କଲେ । ନିଜ ରଚିତ 'ବେଦପାଠ ଓ ବୈଦିକ କର୍ମକାଣ୍ଡରେ ନାରୀର ଅଧିକାର' ପୁସ୍ତକକୁ ନିଜର ଗୁରୁତୁଲ୍ୟ ଶ୍ୱଶୁରଙ୍କୁ ସମର୍ପଣ କରି ଲେଖିଛନ୍ତି– "ବାବା ! ଚାଳିଶ ବର୍ଷ ପୂର୍ବେ ବଡ଼ ବୋହୂ ହୋଇ ଆପଣଙ୍କର ସଦ୍‌ଗୃହକୁ ଆସି ଏଠାରେ ଏକ ନୂତନ ସଂସାର ଦେଖିଲି । ପ୍ରାତଃ ଓ ସାୟଂକାଳରେ ଉପାସନା, ଅଗ୍ନିହୋତ୍ର, ବେଦାଦି ଶାସ୍ତ୍ରର ଅଧ୍ୟୟନ, ସ୍ୱାତ୍ତ୍ୱିକ ଭୋଜନ, ସ୍ୱାବଲମ୍ବନ– ଆର୍ଯ୍ୟଜୀବନର ଏସବୁ ଶୁଭ ପ୍ରବୃତ୍ତି ଦ୍ୱାରା ପ୍ରଭାବିତ ହେଲି । ଆପଣ ପ୍ରଦାନ କରିଥିବା ଯଜ୍ଞୋପବୀତ ପରିଧାନ କରି ନିତ୍ୟ ଯଜ୍ଞାନୁଷ୍ଠାନ କଲି । ଆପଣଙ୍କର ପୂର୍ବ ନିର୍ଦ୍ଦେଶ ମତେ ଆପଣଙ୍କର ଶବାଧାରର ଆଗେ ଆଗେ ବେଦପାଠ କରି ଶ୍ମଶାନଭୂମିକୁ ଯାଇଥିଲି । ବାବା ! ମାଟି ତିଆରି ଦୁର୍ଗା ଆଜି ପୂଜା ପାଉଛନ୍ତି; ପରନ୍ତୁ ଜୀବନ୍ତ ଦୁର୍ଗାମାନେ ଲାଂଛିତା ଓ ଅପମାନିତା । ଅକିଞ୍ଚନ ଆହୁତି ରୂପରେ ଏହି ପୁସ୍ତକ ଆପଣଙ୍କର ସ୍ମୃତି ଉଦ୍ଦେଶ୍ୟରେ ଅର୍ପଣ କରୁଅଛି ।" ଏତିକି ସମର୍ପଣ ବଚନରୁ ଲେଖିକାଙ୍କର ଜୀବନୀର ଭୂମିକା ଓ କାର୍ଯ୍ୟକ୍ରମ ସ୍ପଷ୍ଟ ଭାବରେ ଜଣାଯାଏ ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଶନ୍ନୋଦେବୀ ପୁରୁଷ ପଣ୍ଡିତମାନଙ୍କ ସହିତ ଅନେକ ସମୟରେ ବାଦାନୁବାଦ ଓ ଶାସ୍ତ୍ରାର୍ଥ କରନ୍ତି। ପୁରୁଷମାନଙ୍କର ଅଧିକାର ଥିବା ବେଦପାଠ ଓ ବୈଦିକ କର୍ମକାଣ୍ଡରେ ନିଯୁକ୍ତ ଥିବା ଅନେକ ସଂକୀର୍ଣ୍ଣମନା ପୁରୁଷଙ୍କ ନିମନ୍ତେ ଈର୍ଷାର ବିଷୟ ହୁଏ। ଏତେବେଳେ ମଣ୍ଡନ ମିଶ୍ରଙ୍କର ପତ୍ନୀ ଭାରତୀ ଦେବୀଙ୍କର ଶାସ୍ତ୍ରାର୍ଥ ବିଷୟ ମନକୁ ଆସେ। ମହାନ୍ ଶାସ୍ତ୍ରଜ୍ଞ ମଣ୍ଡନ ମିଶ୍ର ତତ୍ତ୍ୱବେତ୍ତା ଶଙ୍କରାଚାର୍ଯ୍ୟଙ୍କ ସହିତ ଶାସ୍ତ୍ରାର୍ଥ କରୁଥିବା ସଭାରେ ତାଙ୍କ ଧର୍ମପତ୍ନୀ ଭାରତୀ ଦେବୀ ଆଚାର୍ଯ୍ୟଙ୍କ ସହିତ ଶାସ୍ତ୍ରାର୍ଥ ଚାଲୁ ରଖିବା ପାଇଁ ଅଗ୍ରସର ହେଲେ। ସେ କହିଥିଲେ– "ଆପଣ ମୋର ପତିଦେବଙ୍କୁ ପୂର୍ଣ୍ଣ ଭାବରେ ପରାସ୍ତ କରିନାହାନ୍ତି। ମୁଁ ତାଙ୍କର ଅର୍ଦ୍ଧାଙ୍ଗିନୀ। ମୋତେ ପରାଜିତ କରିବା ପରେ ହିଁ ଆପଣ ତାଙ୍କୁ ନିଜର ଶିଷ୍ୟ କରିପାରିବେ।" ଶଙ୍କରାଚାର୍ଯ୍ୟ ଉତ୍ତର ଦେଲେ– "ତେଜସ୍ୱୀ ପୁରୁଷମାନେ ସ୍ତ୍ରୀମାନଙ୍କ ସହିତ ଶାସ୍ତ୍ରାର୍ଥ କରନ୍ତି ନାହିଁ।" ସଙ୍ଗେ ସଙ୍ଗେ ଭାରତୀ ଦେବୀ ପ୍ରଶ୍ନ କଲେ– "ତାହାହେଲେ ସୁଲଭାଙ୍କ ସହିତ ରାଜର୍ଷି ଜନକ ଓ ଗାର୍ଗୀଙ୍କ ସହିତ ଋଷି ଯାଜ୍ଞବଲ୍କ୍ୟ କିପରି ଶାସ୍ତ୍ରାର୍ଥ କରିଥିଲେ ? ସେମାନେ କ'ଣ ଯଶସ୍ୱୀ ପୁରୁଷ ନ ଥିଲେ ?" ଶଙ୍କରାଚାର୍ଯ୍ୟ ଓ ଭାରତୀ ଦେବୀଙ୍କ ମଧ୍ୟରେ ହୋଇଥିବା ଶାସ୍ତ୍ରାର୍ଥରେ ବିଦ୍ୱାନମାନେ ମଧ୍ୟ ବିସ୍ମିତ ହେଲେ।

ଆଜିକାଲି ଟି.ଭି. ସିରିଏଲ୍‌ମାନଙ୍କରେ ପୁରୁଷ ପଣ୍ଡିତମାନଙ୍କ ସହିତ ଶାସ୍ତ୍ରାର୍ଥ ପାଇଁ ଶନ୍ନୋଦେବୀ ନିମନ୍ତ୍ରିତ ହୁଅନ୍ତି। ତାଙ୍କର ଶାସ୍ତ୍ରୀୟ ଯୁକ୍ତି ଆମୋଦଦାୟକ ଓ ଟୀକାଟିପ୍ପଣୀ ଅକାଟ୍ୟ। ବେଦ ସର୍ବମାନ୍ୟ ଗ୍ରନ୍ଥ ଏବଂ ବେଦମନ୍ତ୍ର ଆବୃତ୍ତି କରି ସେ ନିଜର ପକ୍ଷ ରଖନ୍ତି। ତାଙ୍କର ମନ୍ତ୍ରୋଚ୍ଚାରଣ ଓ ଶ୍ଳୋକାବୃତ୍ତି ଗାମ୍ଭୀର୍ଯ୍ୟପୂର୍ଣ୍ଣ। ସେ ଏହି ଯୁଗରେ ବିଦୁଷୀ-ପରଂପରାକୁ ବଜାୟ ରଖିଛନ୍ତି। ଦେଶବିଦେଶରେ ନାରୀଗୌରବ ପ୍ରତିଷ୍ଠା କରିଛନ୍ତି। ମୋରିଶସ୍, ଇଂଲଣ୍ଡ, ଆମେରିକା, ହଲାଣ୍ଡ ଆଦି ଦେଶରେ ବେଦର ବାଣୀ ପ୍ରଚାର କରିଛନ୍ତି। ବେଦ ନାରୀକୁ କୁଳାୟିନୀ, ପୁରବୀ, ଅଦିତି, ସରସ୍ୱତୀ ଆଦି ନାମରେ ଗୌରବାନ୍ୱିତ କରିଛନ୍ତି। ନାରୀ ହେଉଛି ପରିବାର, ସମାଜ ଓ ରାଷ୍ଟ୍ରର ବିଜୟ ପତାକା। ସେ ଗୃହଯଜ୍ଞ, ସମାଜଯଜ୍ଞ ଓ ରାଷ୍ଟ୍ରଯଜ୍ଞର ବ୍ରହ୍ମା। 'ବେଦରେ ନାରୀ' ପୁସ୍ତକରେ ଗୋଟିଏ ବେଦମନ୍ତ୍ରର ବ୍ୟାଖ୍ୟାନ କରି ଶନ୍ନୋଦେବୀ ଲେଖିଛନ୍ତି– "ହେ ପ୍ରଭୋ ! ମୋତେ ସ୍ୱାହକାରିଣୀ ମେଧା ପ୍ରଦାନ କରନ୍ତୁ। ମୋ' ହୃଦୟରେ ଉତ୍ସାହ, ଆଶା, ଦୃଢ଼ତା ଓ ଶିବସଂକଳ୍ପ ପୂର୍ଣ୍ଣ ହେଉ। ମୁଁ ବିଶ୍ୱଯଜ୍ଞର ଇନ୍ଧନ ସ୍ୱରୂପ ହେବି। ମୁଁ ବିଶ୍ୱସ୍ରଷ୍ଟାଙ୍କଠାରେ ସଂପୂର୍ଣ୍ଣ ସମର୍ପିତ ହେବି" (ପୃଷ୍ଠା-୪୧)। ଶନ୍ନୋଦେବୀଙ୍କର ଜୀବନରେ ଏହି ହାର୍ଦ୍ଦିକ କାମନା ଚରିତାର୍ଥ ହୋଇଛି। ବିଦ୍ୱାନ ପତି ପ୍ରିୟବ୍ରତ ବାବୁଙ୍କର ସକଳ ଧାର୍ମିକ ଓ ଜନହିତକର କାର୍ଯ୍ୟରେ ସେ ନିଜକୁ ସ୍ୱାହା କରିଛନ୍ତି। ସେ ଶତାୟୁ ହୁଅନ୍ତୁ; ତାଙ୍କର ଗୌରବ ବର୍ଦ୍ଧନରେ ଦେଶ ସଂବର୍ଦ୍ଧିତ ହେଉ।

୫୫, ଗଣେଶ ନଗର, ଖଣ୍ଡଗିରି,
ଭୁବନେଶ୍ୱର-୩୦

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ନାରୀ ସଶକ୍ତୀକରଣରେ ଶନ୍ନୋଦେବୀଙ୍କର ଭୂମିକା

ଶ୍ରୀ ସାତକଡ଼ି ହୋତା

ବୈଦିକ ଯୁଗରେ ଶାରୀରିକ, ମାନସିକ ଓ ବୌଦ୍ଧିକ ଦୃଷ୍ଟିରୁ ନାରୀ ଅତ୍ୟନ୍ତ ଉନ୍ନତ ଥିଲା । ନାରୀମାନେ ସାମାଜିକ କ୍ଷେତ୍ରରେ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ସଂପାଦନ କରୁଥିଲେ । ଋଚାମାନଙ୍କର ନାରୀ ନିଜକୁ ପରିବାର ଓ ସମାଜର ବିଜୟ ପତାକା ରୂପରେ ଘୋଷଣା କରେ । ଏପରିକି ଗୋଟିଏ ମନ୍ତ୍ରରେ ଗୃହିଣୀକୁ ହିଁ ଗୃହ ରୂପରେ ସମ୍ମାନିତ କରାଯାଇଛି । ବେଦର ଭାଷାରେ ସେ ଦେବୀ, ବୀରାଙ୍ଗନା, ସରସ୍ୱତୀ, କୁଳପା, ପୁଣ୍ୟଗନ୍ଧା, ପୁରନ୍ଧି ଇତ୍ୟାଦି । ସେ ଜଳ ସମାନ ପୁତ୍ରକନ୍ୟାଙ୍କର ଚରିତ୍ରକୁ ଶୋଧନ କରେ । ବିଦ୍ୟାଳୟରେ ପ୍ରବିଷ୍ଟ ହେବା ପୂର୍ବରୁ ସେମାନଙ୍କୁ ଶିଷ୍ଟାଚାର ଶିକ୍ଷା ଦିଏ । ଅଥର୍ବବେଦ ନବବଧୂକୁ ଉଦ୍‌ବୋଧନ ଦିଅନ୍ତି– 'ହେ ବଧୂ! ଶ୍ୱଶୁର, ଶାଶୁ, ଦିଅର, ନଣନ୍ଦ– ଏ ସମସ୍ତେ ତୁମର ପ୍ରଜା । ସେମାନେ ତୁମର ସେବା-ଶୁଶ୍ରୂଷା ଚାହାନ୍ତି । ଗୃହକୁ ଆସୁଥିବା ଅତିଥିମାନେ ତୁମଠାରୁ ସହାନୁଭୂତି ଆଶା କରନ୍ତି । ତୁମେ ନିରନ୍ତର ଜ୍ୟେଷ୍ଠମାନଙ୍କୁ ଭକ୍ତି ଓ କନିଷ୍ଠମାନଙ୍କୁ ବାତ୍ସଲ୍ୟ ପ୍ରଦାନ କର ।'

ବୈଦିକ ସମାଜରେ ଗୁଣ ଦୃଷ୍ଟିରୁ ସମ୍ମାନ ମିଳୁଥିଲା । ନିର୍ଦ୍ଧନ ଓ ଦୁର୍ବଳ ବ୍ୟକ୍ତି ମଧ୍ୟ ସୁସଂସ୍କୃତ ହେବା ହେତୁ ପୂଜା ପାଉଥିଲା । କାଳଗତିରେ ବୈଦିକ ବିଚାରର ଅଧୋଗତି ହେଲା । ପୁରୁଷ ସେତେବେଳେ ନାରୀର ଲଜ୍ଜାଶୀଳତା, ନମ୍ରତା, ଦୟାଶୀଳତା ଆଦି ସଦ୍‌ଗୁଣଗୁଡ଼ିକୁ ଦୁର୍ବଳତା ରୂପରେ ଗ୍ରହଣ କଲା । ଅସଂସ୍କୃତ ସମାଜରେ ଦେହବଳ ପ୍ରଭାବଶାଳୀ ହୁଏ । ତେଣୁ ପୁରୁଷ ନିଜର ଦୈହିକ ବଳକୁ ପ୍ରାଧାନ୍ୟ ଦେଇ ନାରୀକୁ ନିଜ ଅଧୀନରେ ଆଶ୍ରିତା କଲା । ନାରୀ ବିବାହିତ ହୋଇ ପୁରୁଷର ଆଶ୍ରୟରେ ରହିବାକୁ ନିରାପଦ ମନେକଲା । ତାହାର ପ୍ରତ୍ୟେକ ଇଚ୍ଛା ପତିଦେବଙ୍କର ମରଜି ଉପରେ ନିର୍ଭର କଲା । ସତୀ-ସାଧ୍ୱୀ ନାରୀ ମଧ୍ୟ ଦୁରାଚାରୀ ପତିକୁ ଦେବତା ମନେକଲା । ନାରୀ ଏକ ପ୍ରକାର ଦାସୀ ଭାବରେ ଜୀବନ କଟାଇଲା । ତାହାର ସ୍ୱାବଲମ୍ବନ ହ୍ରାସ ପାଇବା ସହିତ ପୁରୁଷର ଆଧିପତ୍ୟ ଓ ଉଚ୍ଛୃଂଖଳତା ବୃଦ୍ଧି ପାଇଲା । ବହୁପତ୍ନୀ ପ୍ରଥା ପ୍ରଚଳିତ ହେଲା । ଘରେ ପୁଅଟିଏ ଜନ୍ମହେଲେ ପରିବାରରେ ଆନନ୍ଦର ଲହରୀ ଖେଳିଲା, କିନ୍ତୁ କନ୍ୟାର ଜନ୍ମକୁ ଦୁର୍ଭାଗ୍ୟର ଚିହ୍ନ କୁହାଗଲା । ସଦ୍ୟଜାତ କନ୍ୟା ଶିଶୁର ଗଳାଚିପି ମାରି ଦିଆଗଲା । ସତୀଦାହ ପ୍ରଥା ପ୍ରଚଳିତ ହେଲା । ସ୍ତ୍ରୀ'ର ମୃତ୍ୟୁପରେ ପୁରୁଷକୁ ସ୍ତ୍ରୀ'ର ଚିତାରେ ଝାସଦେବା ଆବଶ୍ୟକ ହେଲା ନାହିଁ କିନ୍ତୁ ପୁରୁଷର ଚିତାଗ୍ନିରେ ସ୍ତ୍ରୀ'କୁ ଜୀବନ୍ତ ଦଗ୍ଧ କରିବା ସତୀତ୍ୱର ପରିଚୟ ହେଲା ।

ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀ ବେଳକୁ ଆମ ଦେଶରେ ସମାଜସଂସ୍କାର ଯୁଗ ଆରମ୍ଭ ହେଲା । ରାଜା ରାମମୋହନ ରାୟ, ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ଜଷ୍ଟିସ୍ ଗୋବିନ୍ଦ ରାଣାଡ଼େ ପ୍ରମୁଖ ମହାପୁରୁଷମାନେ ସମାଜରୁ କୁରୀତି ବିଲୋପ ନିମନ୍ତେ ଆନ୍ଦୋଳନ ଆରମ୍ଭ କଲେ । ସେମାନଙ୍କ ମଧ୍ୟରେ ଦୟାନନ୍ଦ ସରସ୍ୱତୀଙ୍କର ଆର୍ଯ୍ୟସମାଜ ବେଦଜ୍ଞାନର ମାଧ୍ୟମରେ ସଂସ୍କାର କାର୍ଯ୍ୟ ଗ୍ରହଣ କରିଥିବାରୁ ତାହା ଅଧିକ ଲୋକପ୍ରିୟ ହେଲା । ଐତିହାସିକ କେ.ପି. ଜୟସ୍ୱାଲ ଲେଖିଛନ୍ତି– "ବୁଦ୍ଧଙ୍କଠାରୁ ରାଜା ରାମମୋହନ ରାୟ ପର୍ଯ୍ୟନ୍ତ ସମସ୍ତ ସମାଜ ସଂସ୍କାରକମାନେ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଯେଉଁ ସଂସ୍କାର ଧାରା ଆରମ୍ଭ କରିଥିଲେ, ତନ୍ମଧ୍ୟରେ ଦୟାନନ୍ଦ ଅଧିକ ସଫଳତା ଲାଭ କଲେ କାରଣ ତାଙ୍କର ବିଚାର ବେଦାଶ୍ରିତ ଥିଲା । ବେଦକୁ ଭାରତୀୟମାନେ ସର୍ବଶ୍ରେଷ୍ଠ ଶାସ୍ତ୍ର ଏପରିକି ଐଶ୍ୱରୀୟ ଜ୍ଞାନ ରୂପରେ ସ୍ୱୀକାର କରନ୍ତି ।" ବେଦମନ୍ତ୍ରର ବ୍ୟାଖ୍ୟା କରି ସ୍ୱାମୀ ଦୟାନନ୍ଦ ଜନ୍ମଗତ ଜାତିପ୍ରଥା, ଅସ୍ପୃଶ୍ୟତା, ବାଲ୍ୟବିବାହ, ନାରୀ ନିର୍ଯ୍ୟାତନା, ଫଳିତ ଜ୍ୟୋତିଷ, ବହୁ ଦେବତା ପୂଜା ବିରୁଦ୍ଧରେ ଏକ କ୍ରାନ୍ତି ସୃଷ୍ଟି କଲେ । ଶିକ୍ଷାକ୍ଷେତ୍ରରେ ଡି.ଏ.ଭି. ଶିକ୍ଷା ସଙ୍ଗଠନ ଓ ଗୁରୁକୁଳ ମାଧ୍ୟମରେ ଆର୍ଯ୍ୟସମାଜ ପ୍ରାଚୀନ ଆର୍ଯ୍ୟସଭ୍ୟତାର ପ୍ରଚାର କଲା । ଆମ ଓଡ଼ିଶାରେ ଗଞ୍ଜାମର ବିଶିଷ୍ଟ ସମାଜ ସଂସ୍କାରକ ସ୍ୱର୍ଗତ ଶ୍ରୀବସ୍ତ ପଣ୍ଡା ଆର୍ଯ୍ୟସମାଜର ବିଚାରଧାରା ସର୍ବପ୍ରଥମେ ୧୯୨୮ ବେଳକୁ ପ୍ରଚାର କରିଥିଲେ ।

ଶନ୍ନୋଦେବୀ ନିଜ ମାଆଙ୍କ ଆଡୁ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ (ସେତେବେଳେ ଏହି ପଦବୀ ରହିଥିଲା) ବେଦପ୍ରେମୀ ସ୍ୱର୍ଗତ ବିଶ୍ୱନାଥ ଦାସଙ୍କର ଆତ୍ମୀୟା ଥିବାବେଳେ ଶାଶୁଙ୍କ ଆଡୁ ବେଦନିଷ୍ଠ ଏବଂ ଓଡ଼ିଶାରେ ଆର୍ଯ୍ୟସମାଜ ଆନ୍ଦୋଳନରେ ପ୍ରଥମ ପ୍ରବର୍ତ୍ତକ ଶ୍ରୀବସ୍ତ ପଣ୍ଡାଙ୍କର ସଂପର୍କୀୟା ଅଟନ୍ତି । ବେଦବିତ୍ ତଥା କୃତବିଦ୍ୟ ଇଂ ପ୍ରିୟବ୍ରତ ଦାସଙ୍କ ସହିତ ପରିଣୀତା ହେବା ପରେ ପୂର୍ବ ସଂସ୍କାର ପ୍ରାବଲ୍ୟ କାରଣରୁ ସେ ବେଦାଧ୍ୟୟନରେ ବ୍ରତୀ ହେଲେ । ମାତ୍ର ଅଠର, ଉଣିଶ ବର୍ଷ ବୟସରେ ସେ 'ସମାଜ', 'ପ୍ରଜାତନ୍ତ୍ର' ଦୈନିକ ପତ୍ରିକାରେ ପ୍ରାଚୀନ ଭାରତର ନାରୀ ଗୌରବ ସମ୍ବନ୍ଧରେ ଲେଖିବା ଆରମ୍ଭ କଲେ । ପ୍ରଜାତନ୍ତ୍ରରୁ ପୁରସ୍କାର ପାଇଲେ । ଶ୍ୱଶୁର ଯୋଗୀ ପୁରୁଷ ପଣ୍ଡିତ ଲିଙ୍ଗରାଜ ଅଗ୍ନିହୋତ୍ରୀଙ୍କଠାରୁ ଶିକ୍ଷା ଓ ପ୍ରେରଣା ଲାଭ କରି ସେ କୋଡ଼ିଏ ବର୍ଷ ବୟସରୁ ସାର୍ବଜନୀନ ସ୍ଥଳରେ ଯଜ୍ଞାନୁଷ୍ଠାନ କରିବା, ପ୍ରବଚନ ଦେବା ଓ ସମାଜ ସଂସ୍କାର କାର୍ଯ୍ୟକ୍ରମ ଆରମ୍ଭ କଲେ । ଦିବ୍ୟଜୀବନ ସଂଘର ତପୋନିଷ୍ଠ ଅଧ୍ୟକ୍ଷ ସ୍ୱାମୀ ଚିଦାନନ୍ଦଙ୍କ ପ୍ରେରଣାକ୍ରମେ ସେ ଧର୍ମସଭାମାନଙ୍କରେ ବେଦପାଠ କଲେ । ସେହିପରି ଆର୍ଯ୍ୟସମାଜର ପ୍ରବୀଣ ସନ୍ନ୍ୟାସୀ, ପ୍ରସିଦ୍ଧ ବୈଜ୍ଞାନିକ ଡଃ ସ୍ୱାମୀ ସତ୍ୟପ୍ରକାଶଙ୍କର ଆଶୀର୍ବାଦ ଲାଭ କରି ବିବାହାଦି ବୈଦିକ କର୍ମକାଣ୍ଡରେ ପୌରୋହିତ୍ୟ କଲେ । ତାଙ୍କର ଯୁଗାନ୍ତକାରୀ ସମାଜସଂସ୍କାର କାର୍ଯ୍ୟ ଥିଲା ନିଜ ଶ୍ୱଶୁରଙ୍କ ମୃତ୍ୟୁପରେ ତାଙ୍କ ପୂର୍ବ ନିର୍ଦ୍ଦେଶ ଅନୁସାରେ ବୈଦିକ ପଦ୍ଧତିରେ ତାଙ୍କର ଶବସଂସ୍କାର କରିବା । ତାହା ୧୯୬୮ର ଘଟଣା । ଭୁବନେଶ୍ୱର ସତ୍ୟନଗର ଶ୍ମଶାନ ଭୂମିରେ ବିଦୁଷୀ ଶନ୍ନୋଦେବୀ ଶହ ଶହ ନରନାରୀଙ୍କର ଉପସ୍ଥିତିରେ ଡାକବାଜି ଯନ୍ତ୍ର ମାଧ୍ୟମରେ ବେଦମନ୍ତ୍ର ଉଚ୍ଚାରଣ କରି ଅନ୍ତ୍ୟେଷ୍ଟି ଯଜ୍ଞ ପରିଚାଳନା କରିଥିଲେ । ଅଗ୍ନିହୋତ୍ରୀଙ୍କର ଦୁଇ ପୁତ୍ର ଚିତାଗ୍ନି ଉପରେ ଘୃତାହୁତି ପ୍ରଦାନ କରିଥିଲେ । ପୂର୍ବରୁ ଏହି ସମ୍ବାଦ ପାଇ ରାଜଧାନୀରେ ଥିବା ବିଭିନ୍ନ ଧାର୍ମିକ ସଙ୍ଗଠନର ସଭ୍ୟ-ସଭ୍ୟାମାନେ ଶ୍ମଶାନଭୂମିରେ ଉପସ୍ଥିତ ଥିଲେ । ଏହି ସମାଚାର ଚିତ୍ର ସହିତ ସେହି ସମୟର ଦୁଇ ମୁଖ୍ୟ ସଂବାଦପତ୍ର 'ସମାଜ' ଓ 'ପ୍ରଜାତନ୍ତ୍ର'ରେ ପ୍ରମୁଖ ସ୍ଥଳରେ ପ୍ରକାଶିତ ହୋଇଥିଲା । ଘଟଣାଟି ସମଗ୍ର ଓଡ଼ିଶାରେ ଚହଳ ପକାଇଥିଲା । ସେହି ଘଟଣାର କିଛି ବର୍ଷ ପରେ ସେ ସ୍ୱାମୀଙ୍କ ସହିତ ମୋରିଶସ୍ ଯାତ୍ରା କରି ବିଶ୍ୱ ଆର୍ଯ୍ୟ ମହାସମ୍ମେଳନୀରେ ଯୋଗ ଦେଇଥିଲେ । ଦେଶବିଦେଶରେ ଆୟୋଜିତ ହେଉଥିବା ବେଦ ସମ୍ମିଳନୀମାନଙ୍କରେ ସେ ଭାଷଣ ଦେଇ ନାରୀ ଗୌରବ ପ୍ରତିଷ୍ଠା କଲେ ।

ପୂର୍ବଜନ୍ମର ସଂସ୍କାର ପ୍ରଭାବରେ ପତିପତ୍ନୀ ସମାନ ବିଚାରଯୁକ୍ତ ହୁଅନ୍ତି । ସେହି ସଂସ୍କାର ଅଧିକ ସାତ୍ତ୍ୱିକ ହେବା କାରଣରୁ ଉଭୟେ ଧର୍ମପ୍ରବଣ ହୁଅନ୍ତି । ଯଦି ସଂସ୍କାର ଆହୁରି ଅଧିକ ଶକ୍ତିଶାଳୀ ହୁଏ, ତାହାହେଲେ ସେମାନେ ସାମାଜିକ କ୍ଷେତ୍ରରେ ଧାର୍ମିକ ଆନ୍ଦୋଳନରେ ବ୍ରତୀ ହୁଅନ୍ତି । ପ୍ରିୟବ୍ରତ ବାବୁ ଓ ଶନ୍ନୋଦେବୀଙ୍କ ପାଇଁ ମୁଁ ଶେଷୋକ୍ତ ସଂଭାବନାକୁ ସ୍ୱୀକାର କରୁଅଛି । ଓଡ଼ିଶାରେ ଆଜି ବେଦପ୍ରଚାର ଓ ସମାଜସଂସ୍କାର କ୍ଷେତ୍ରରେ ଯେଉଁ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ସାହିତ୍ୟ ରଚନା ହେଉଅଛି, ଗଣମାଧ୍ୟମରେ ପ୍ରଚାର ହେଉଛି, କର୍ମକାଣ୍ଡରେ ସଂସ୍କାର ଆସୁଅଛି, ସେସବୁ ଏହି ଦଂପତିଙ୍କର ଅଧ୍ୟବସାୟ ଓ ପୁରୁଷାର୍ଥର ଫଳ।

ବେଦର ପ୍ରଚାର ପାଇଁ ରାଜଧାନୀ ଭୁବନେଶ୍ୱରରେ କୌଣସି କେନ୍ଦ୍ର ନ ଥିଲା। ଆଜି ଶହୀଦନଗରସ୍ଥିତ ଆର୍ଯ୍ୟସମାଜର ପରିସରରେ ବେଦଭବନରେ ଯେଉଁ ଶାସ୍ତ୍ରୀୟ ପାଠାଗାର, ଯୋଗକେନ୍ଦ୍ର, ଯଜ୍ଞମଣ୍ଡପ ଆଦି ପୀଠଗୁଡ଼ିକ ସ୍ଥାପିତ ହୋଇ ବହୁମୁଖୀ କାର୍ଯ୍ୟକ୍ରମ କରାଯାଉଛି, ଏହା ପଛରେ ଶନ୍ନୋଦେବୀଙ୍କର ଅବଦାନ ଅତୁଳନୀୟ। ସାଧାରଣ ଲୋକଙ୍କର ନିମନ୍ତ୍ରଣ ପାଇ ଗୃହପ୍ରତିଷ୍ଠା, ବିବାହାଦି ବୈଦିକ ସଂସ୍କାରରେ ପୌରହିତ୍ୟ କରି ସେ ଯଜମାନଙ୍କଠାରୁ ଇଟା, ସିମେଣ୍ଟ, ଛଡ଼ ଆଦି ଦାନସ୍ୱରୂପ ଆଣି ଭବ୍ୟ ଭବନମାନ ନିର୍ମାଣ କରିଛନ୍ତି। ଏବେ ମଧ୍ୟ ସେ ଆର୍ଯ୍ୟସମାଜର ଧାର୍ମିକ କାର୍ଯ୍ୟକ୍ରମମାନଙ୍କରେ ଦିଗ୍‌ଦର୍ଶନ ଦେଉଛନ୍ତି। ଓଡ଼ିଆ ଭାଷା-ସାହିତ୍ୟ ପାଇଁ ତାଙ୍କର ଅବଦାନ ପ୍ରଶଂସନୀୟ। ପ୍ରିୟବ୍ରତ ବାବୁଙ୍କର ରଚିତ ପ୍ରଥମ ପୁସ୍ତକ 'ବେଦ ମନୁଷ୍ୟକୃତ କି ?' ରାଜ୍ୟରେ ଯଥେଷ୍ଟ ଲୋକପ୍ରିୟ ହେବା ପରେ ବେଦ, ଉପନିଷଦ, ଦର୍ଶନ, ସ୍ମୃତି, କର୍ମକାଣ୍ଡ ବିଷୟକ ପୁସ୍ତକମାନ ଧାରାବାହିକ ପ୍ରକାଶ କରିବା ନିମିତ୍ତ ଶନ୍ନୋଦେବୀ ହିଁ 'ବୈଦିକ ଅନୁସଂଧାନ ପ୍ରତିଷ୍ଠାନ' ନାମକ ପ୍ରକାଶନ ସଂସ୍ଥା ଗଠନ କରିଥିଲେ। ପ୍ରାୟ ଚାଳିଶଟି ମୂଲ୍ୟବାନ ଗ୍ରନ୍ଥର ଅନେକ ସଂସ୍କରଣ ପ୍ରକାଶିତ ହେବା ପରେ ବର୍ତ୍ତମାନ ଓଡ଼ିଶାର ଘରେ ଘରେ ସେଥିରୁ କିଛି କିଛି ଉପଲବ୍ଧ ହୁଏ। ନିଜର ଦୁଇ ପୁତ୍ର ଯଜ୍ଞପ୍ରକାଶ ଓ ଓଁପ୍ରକାଶଙ୍କୁ ବୈଦିକ ସାହିତ୍ୟ ରଚନା କରିବା ଓ ପ୍ରବଚନ ଦେବା ପାଇଁ ଶନ୍ନୋଦେବୀ ପ୍ରେରଣା ଯୋଗାଇଛନ୍ତି। ସୁଯୋଗ୍ୟା ସହଧର୍ମିଣୀ ହେବା ସହିତ ନିଜ ସନ୍ତାନମାନଙ୍କୁ ବେଦନିଷ୍ଠ ଓ ଧାର୍ମିକ କରିବାରେ ସେ ସଫଳ ହୋଇଛନ୍ତି। ଏତିକି ନୁହେଁ ନାତିନାତୁଣୀଙ୍କୁ ମଧ୍ୟ ବେଦପାଠ, ହୋମାନୁଷ୍ଠାନ, ଭାଷଣ ଆଦି ବୈଦିକ ଶିକ୍ଷା ଦେଉଛନ୍ତି। ନାତୁଣୀମାନଙ୍କର ବ୍ରତୋପନୟନ ସଂସ୍କାର କରାଇ ନାରୀଜାଗରଣର ଅଭିନବ ମାର୍ଗ ଉନ୍ମୋଚନ କରିଛନ୍ତି। ଧାର୍ମିକ କର୍ମକାଣ୍ଡରେ ନାରୀ ଅଧିକାର ସାବ୍ୟସ୍ତ କରିବା ନିମନ୍ତେ ଶନ୍ନୋଦେବୀ ରକ୍ଷଣଶୀଳ ଧର୍ମାଚାର୍ଯ୍ୟମାନଙ୍କ ସହିତ ଗତ ଅର୍ଦ୍ଧ ଶତାବ୍ଦୀ ଧରି ଶାସ୍ତ୍ରାର୍ଥ କରିଆସୁଛନ୍ତି। ଗଣମାଧ୍ୟମରେ ନାରୀ ଗୌରବ ପ୍ରତିପାଦିତ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି। ରାଜ୍ୟର ବିଶିଷ୍ଟ ଜନନେତା, ସାହିତ୍ୟିକ ଓ ବୁଦ୍ଧିଜୀବୀମାନେ ସ୍ୱାମୀ ଦୟାନନ୍ଦଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ଯଜ୍ଞାଦି କର୍ମକାଣ୍ଡରେ ପ୍ରଭାବିତ ହୋଇ ନିଜ ନିଜ ପାରିବାରିକ ଉତ୍ସବ ପାଇଁ ଶନ୍ନୋଦେବୀଙ୍କୁ ନିମନ୍ତ୍ରିତ କରିବାରେ ଉଲ୍ଲାସ ଅନୁଭବ କରନ୍ତି। ନାରୀ ସଶକ୍ତୀକରଣ କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ୧୯୫୭ରେ 'ପ୍ରଜାତନ୍ତ୍ର ପୁରସ୍କାର' ଠାରୁ ୨୦୦୭ରେ 'ଅମୃତାୟନ ପୁରସ୍କାର' ପାଇବା ମଧ୍ୟରେ ସେ ମୁମ୍ବାଇ, ଅଜମେର, ଏହ୍ଲାବାଦ, ଦିଲ୍ଲୀ ଆଦି ସ୍ଥାନରେ ଅନେକବାର ସମ୍ମାନିତ ହୋଇଛନ୍ତି।

ବେଦାନୁରାଗିଣୀ, ସଂସ୍କାରିକା ଓ ବିଦୁଷୀ ଶନ୍ନୋଦେବୀ ପଂଚସ୍ତରୀ ବର୍ଷରେ ପଦାର୍ପଣ କରୁଥିବା ଉପଲକ୍ଷେ ଅନୁଷ୍ଠିତ ହେବାକୁ ଯାଉଥିବା ଅମୃତ ମହୋତ୍ସବ ଅବସରରେ ତାଙ୍କର କର୍ମମୟ ଜୀବନର ଅଧିକ ସ୍ଫୁରଣ ନିମନ୍ତେ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା ଜଣାଉଅଛି।

୯, ଷ୍ଟେସନ ସ୍କୋୟାର, ଭୁବନେଶ୍ୱର

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ବିଦୁଷୀ ଶନ୍ନୋଦେବୀଙ୍କୁ ମୁଁ ଯେଉଁପରି ଜାଣେ

ଡକ୍ଟର ସଂଘମିତ୍ରା ମିଶ୍ର

ଯାହାଙ୍କର ଜୀବନ ସଂପୂର୍ଣ୍ଣ ରୂପରେ ବେଦର ଅଧ୍ୟୟନ, ଉଚ୍ଚାରଣ ଓ ଆଚରଣରେ ନିବେଦିତ, ସେହି ବିଦୁଷୀ ଶନ୍ନୋଦେବୀ ଆମ ଉତ୍କଳଭୂମିର ଗୌରବ ନାରୀତ୍ୱର ମହିମାରେ ଉଭାସିତ । ଏହି ମହିମାମୟୀଙ୍କୁ ଦେଖିଲେ ହିଁ ଜଣାଯାଏ ତାଙ୍କର ବ୍ୟକ୍ତିତ୍ୱର ଉଚ୍ଚତା ଓ ବ୍ୟାପକତା । ମୋର ସୌଭାଗ୍ୟ ଯେ ମୁଁ ତାଙ୍କର ସ୍ନେହଧନ୍ୟା ହୋଇପାରିଛି । ଦୂରଦର୍ଶନରେ ତାଙ୍କୁ ପ୍ରଶ୍ନ କରିବାର ସୁଯୋଗ ପାଇଛି ଓ ତାଙ୍କର ତର୍କସମ୍ମତ, ବୋଧଗମ୍ୟ ଉତ୍ତର ମାଧ୍ୟମରେ ବେଦ ସମ୍ବନ୍ଧରେ କିଞ୍ଚିତ ଧାରଣା ମଧ୍ୟ ଲାଭ କରିଅଛି । ଭୁବନେଶ୍ୱର ଆର୍ଯ୍ୟସମାଜ ମହର୍ଷି ଦୟାନନ୍ଦ ସ୍ମାରକ ମଣ୍ଡପରେ ପୀଠାସୀନା ହୋଇ ସେ ଶତାଧିକ ଉପନୟନ ଓ ବିବାହ ସଂସ୍କାରରେ ପୌରହିତ୍ୟ କରିଛନ୍ତି । ତାଙ୍କ ଦ୍ୱାରା ସଂସ୍କାର-ଦୀକ୍ଷିତ ବହୁ ଯୁବକ-ଯୁବତୀ ଆଜି ଭାରତରେ ବିଭିନ୍ନ ସ୍ଥଳରେ କାର୍ଯ୍ୟରତ ଅଛନ୍ତି । ମୁଁ ମଧ୍ୟ କେତେକ ବିବାହ ସଂସ୍କାରରେ ଉପସ୍ଥିତ ଥାଇ ତାଙ୍କର ସୁସ୍ପଷ୍ଟ ବେଦମନ୍ତ୍ର ଉଚ୍ଚାରଣ, ହୃଦୟସ୍ପର୍ଶୀ ବ୍ୟାଖ୍ୟା ଶୁଣିବାର ସୌଭାଗ୍ୟ ପାଇଛି । ବିବାହ ପରି ମହତ୍ତ୍ୱପୂର୍ଣ୍ଣ ଅବସରରେ ଅର୍ଥ ନ ବୁଝି, ଶୁଷ୍କ, ଆଡମ୍ବରପୂର୍ଣ୍ଣ ତଥାକଥିତ ଉତ୍ସବ ଠାରୁ ବିଜ୍ଞ ପୁରୋହିତଙ୍କ ଠାରୁ ପ୍ରତ୍ୟେକ ପ୍ରକ୍ରିୟାର ଯୁକ୍ତିଯୁକ୍ତ ବ୍ୟାଖ୍ୟା ଶୁଣିବା, ବରକନ୍ୟାଙ୍କ ଦ୍ୱାରା ପ୍ରତିଜ୍ଞା ନେବା, ଶୁଭାକାଂକ୍ଷୀ ଶ୍ରୋତାମାନେ ନୀରବତା ଅବଲମ୍ବନ କରି ପବିତ୍ର ବିଚାରଗୁଡିକୁ ଗ୍ରହଣ କରିବା – ଏସବୁ ଦେଖିଲେ ବିବାହ ଅନୁଷ୍ଠାନ କେତେ ପବିତ୍ର, ଅର୍ଥବନ୍ତ, ଉଦ୍‌ବୋଧକ ଏବଂ ବୈଜ୍ଞାନିକ ନିୟମରେ ସଂପାଦିତ ହୁଏ, ତାହା ଅନୁଭୂତ ହୁଏ । ବୈଦିକ କାଳରେ ତାହା ଅନୁସୃତ ହେଉଥିଲା ଓ ବୈଦିକ ଋଷିମୁନିମାନଙ୍କର ତାହା ଥିଲା ଚମତ୍କାର ଆବିଷ୍କାର ।

ପତିଗୃହକୁ ଶିକ୍ଷାୟତନ ଓ ଦିବ୍ୟପୀଠ ରୂପରେ ଗ୍ରହଣ କରି ଏହି ତରୁଣୀ ନିଜ ଯୌବନର ପ୍ରାରମ୍ଭରେ ପିତୃଦତ୍ତ କୁମୁଦିନୀ ନାମକୁ ପଛରେ ଛାଡି ଶନ୍ନୋଦେବୀ ଭାବରେ ପରିଚିତା ହୋଇଥିଲେ । ଶ୍ୱଶୁର ଥିଲେ ପ୍ରଖ୍ୟାତ ବେଦବିତ୍ ଯୋଗସାଧକ ଲିଙ୍ଗରାଜ ଅଗ୍ନିହୋତ୍ରୀ । ସ୍ୱାମୀ ଇଞ୍ଜିନିୟର ହୋଇଥିଲେ ହେଁ ଆହାରବିହାର ସବୁଥିରେ ଥିଲେ ରୀତିମତ ବୈଦିକ ନିୟମରେ ବନ୍ଧା । ବିଧିର ବିଧାନ ସହଧର୍ମିଣୀ ଭାବରେ ଶନ୍ନୋଦେବୀ ତାଙ୍କ ପାଖରେ ଠିଆ ହେଲେ । ପ୍ରଥମେ ସଂକୋଚ କରିଥିଲେ ହେଁ ପରେ ତାହା କଟି ଯାଇଥିଲା । ଧୀରେ ଧୀରେ ସେ ପବିତ୍ର ବେଦବାଣୀର ରହସ୍ୟକୁ ଦେଶ ବିଦେଶରେ ଭାଷଣ ଦେବାର ସୁଯୋଗ ପାଇଲେ । ଦେଶ ମଧ୍ୟରେ ହରିଦ୍ୱାର, ଦିଲ୍ଲୀ, ମୁମ୍ବାଇ, ବାରଣାସୀ, ପାଟନା, କଲିକତା, ହାଇଦରାବାଦ ଆଦି ସ୍ଥଳରେ ଥିବା ବଡ ବଡ ଧର୍ମ ସମାରୋହରେ ଏବଂ ବିଦେଶରେ ମୋରିସସ୍, ହଲାଣ୍ଡ, ଇଂଲଣ୍ଡ ଓ ଯୁକ୍ତରାଷ୍ଟ୍ର ଆମେରିକାରେ ନିମନ୍ତ୍ରିତ ହୋଇ ବେଦର ବାଣୀ ପ୍ରଚାର କଲେ । ନିଜ ସ୍ୱାମୀଙ୍କର ସହଚାରିଣୀ ହୋଇ ସର୍ବତ୍ର ଠିଆ ହେଲେ । ଶାସ୍ତ୍ରପାଠକୁ ପୁରୁଷ ବର୍ଗଙ୍କର ଅଧିକାର ରୂପରେ ମୁଣ୍ଡ ପୋତି ଗ୍ରହଣ କରି ନେଇଥିବା ମହିଳା-ସମାଜରେ ଏକ କ୍ରାନ୍ତି ସୃଷ୍ଟି ହେଲା ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ସେତିକିରେ ଅଟକି ନ ଯାଇ ସେ ଓଡିଆ ପାଠକମାନଙ୍କ ପାଇଁ ପତ୍ରପତ୍ରିକାରେ ଲେଖିଥିଲେ । ପରବର୍ତ୍ତୀ କାଳରେ ତାଙ୍କ ରଚିତ ପୁସ୍ତକ 'ବେଦରେ ନାରୀ', 'ବେଦପାଠ ଓ ବୈଦିକ କର୍ମକାଣ୍ଡ ରେ ନାରୀର ଅଧିକାର' ଏବଂ ସର୍ବୋପରି ନିଜର ଆତ୍ମ ଜୀବନୀ 'ସ୍ମୃତି ବାତାୟନେ' ଅଧିକ ଲୋକପ୍ରିୟ ହେଲା । ବେଦର ମହତ୍ୱପୂର୍ଣ୍ଣ ଉପଦେଶଗୁଡିକୁ ସର୍ବଜନବୋଧ ଭାଷାରେ ଲେଖି ଶନ୍ନୋଦେବୀ ମହିଳାସମାଜର ସଶକ୍ତୀକରଣ ବାଟ ଫିଟାଇଲେ । ବେଦ ହେଉଛି ସମଗ୍ର ମାନବ ଜାତିର ପୈତୃକ ସମ୍ପତ୍ତି, ତାହା ପରମପିତା ପରମାତ୍ମାଙ୍କର ମାନବ ପ୍ରତି କୃପାମୟ ଉପଦେଶ । ବେଦର ନାମମାତ୍ର ଜାଣିଥିବା ସାଧାରଣ ମନୁଷ୍ୟଙ୍କ ପାଇଁ ଶନ୍ନୋଦେବୀ ଏକ ଆଶ୍ୱାସନା, ଆସ୍ଥା ଓ ଆଶା ରୂପରେ ଉଭା ହେଲେ । ତାଙ୍କର ରଚନାବଳୀ ପାଠ କଲେ ଜଣାଯାଏ ଯେ ବେଦର ଅଧ୍ୟୟନ ଓ ଆଚରଣ ମନୁଷ୍ୟର ବ୍ୟକ୍ତିତ୍ୱକୁ ଉତ୍ତରିତ କରେ, ସମଗ୍ର ଜୀବଜଗତ ସହିତ ଏକାତ୍ମତାର ସେତୁ ବାନ୍ଧି ଦିଏ, ବ୍ୟକ୍ତିର ଚିତ୍ତକୁ ପ୍ରସନ୍ନ କରେ ଓ ମନୁଷ୍ୟଜୀବନ ଜୀବଜଗତରେ ସେବା ପାଇଁ ଅଭିପ୍ରେତ ବୋଲି ଅନୁଭୂତି ସୃଷ୍ଟି କରେ । ସୃଷ୍ଟି ପ୍ରାରମ୍ଭରେ ବେଦ ଈଶ୍ୱରଙ୍କର ପବିତ୍ର ବାଣୀ ହୋଇଥିବାରୁ ସେଥିରେ ପରବର୍ତ୍ତୀ ଧାର୍ମିକ ସଂପ୍ରଦାୟମାନଙ୍କ ମଧ୍ୟରେ ଥିବା ବୈମନସ୍ୟ, ଈର୍ଷା, ଘୃଣା ଆଦି ଲେଶମାତ୍ର ନ ଥାଏ । ବେଦର ବିଚାରରେ ସମଗ୍ର ମାନବ ସମାଜକୁ ଏକତ୍ର କରିହେବ – ଏହା ଥିଲା ଋଷିମୁନିମାନଙ୍କର ଉପଦେଶ । ଏହି ଉପଦେଶକୁ ଆର୍ଯ୍ୟସମାଜର ପ୍ରତିଷ୍ଠାତା ମହର୍ଷି ଦୟାନନ୍ଦ ସରସ୍ୱତୀ ଊନବିଂଶ ଶତାବ୍ଦୀରେ ପୁନଃ ଘୋଷଣା କରିଥିଲେ । ଶନ୍ନୋଦେବୀ ଓ ତାଙ୍କର ବିଦ୍ୱାନ ସ୍ୱାମୀ ଇଂ ପ୍ରିୟବ୍ରତ ଦାସ ଆମ ଓଡିଶା ଭୂମିରେ ଆର୍ଯ୍ୟସମାଜର ବାର୍ତ୍ତା ପ୍ରଚାର କରି ମହାନ୍ ଉପକାର କରୁଛନ୍ତି ।

ଗୃହିଣୀର ସମସ୍ତ ଧର୍ମ ପାଳନ କରି ଈଶ୍ୱର-ଉପାସନା ଓ ସଦ୍‌ଗ୍ରନ୍ଥ ଅଧ୍ୟୟନ ମଧ୍ୟରେ ନିଜେ ଉଦାହରଣ ପାଲଟିଥିବା ବିଦୁଷୀ ଶନ୍ନୋଦେବୀଙ୍କ ପାଇଁ କିଛି ଲେଖିବା ମୋ' ପକ୍ଷରେ ଆନନ୍ଦଦାୟକ । ଜୀବନ ରୂପୀ ବିଦ୍ୟାଳୟରୁ ସେ ଯାହା ଶିକ୍ଷା କରିଥିଲେ, ଶ୍ୱଶୁର ଓ ସ୍ୱାମୀଙ୍କ ପଦାଙ୍କ ଅନୁସରଣ କରି ତାହାକୁ ଆହୁରି ସମୃଦ୍ଧ କଲେ । ଆମେ ଜାଣୁ ଯେ ପରମ୍ପରା ସୂତ୍ରରୁ ବ୍ୟକ୍ତି ଅନେକ ସୁଗୁଣ ଲାଭ କରିଥାଏ, ମାତ୍ର ବ୍ୟକ୍ତିଗତ ସାମର୍ଥ୍ୟ ଦେଇ ସେ ପରମ୍ପରାକୁ କେବଳ ଧରି ରଖେନି ବରଂ ତାକୁ ନୂତନ ଦିଶା ପ୍ରଦାନ କରେ । ଶ୍ରୀମତୀ ଶନ୍ନୋଦେବୀ ନିଜର ସାମର୍ଥ୍ୟ ଓ ଆଗ୍ରହ ବଳରେ ପରମ୍ପରାରୁ ପ୍ରାପ୍ତ ଶିକ୍ଷା, ସମାଜ ସେବା, ଦୁଃସ୍ଥ ମଣିଷର ଚିକିତ୍ସା, ଅଭାବୀକୁ ସାହାଯ୍ୟ ପ୍ରଭୃତି ଗୁଣକୁ ବଞ୍ଚାଇ ରଖିବା ସହିତ ସ୍ୱାଧ୍ୟାୟ ବଳରେ ଅନେକ ଗହନ ବୈଦିକ ମନ୍ତ୍ରର ବାଖ୍ୟା କରିପାରିଛନ୍ତି । ଓଡିଶାର ବହୁ ବିଶିଷ୍ଟ ବିଦ୍ୱାନ: ରାଜ୍ୟପାଳ ବିଶ୍ୱନାଥ ଦାସ, ଅଯୋଧ୍ୟାନାଥ ଖୋସଲା, ବିଶ୍ୱମ୍ଭର ନାଥ ପାଣ୍ଡେ, ରାଧାନାଥ ରଥ, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ଚନ୍ଦ୍ରଶେଖର ରଥ, ପତିଭା ରାୟ, ହୃଦାନନ୍ଦ ରାୟ, ଅନ୍ନପୂର୍ଣ୍ଣା ମହାରଣା, ଶତ୍ରୁଘ୍ନ ନାଥ, ସାତକଡି ହୋତା, ପଣ୍ଡିତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ଦୁର୍ଗା ମାଧବ ମିଶ୍ର, ରଘୁନାଥ ପାଣିଗ୍ରାହୀ ପ୍ରଭୃତିଙ୍କ ସହିତ ତାଙ୍କର ଖୁବ୍ ଆତ୍ମିକତା-ପୂର୍ଣ୍ଣ ସଂପର୍କ ରହିଥିଲା ।

କେବଳ ସେତିକି ନୁହେଁ ଦେଶ ବିଦେଶର ଅନେକ ବିଦ୍ୱାନଙ୍କ ସହିତ ଶ୍ରୀମତୀ ଶନ୍ନୋଦେବୀ ଓ ତାଙ୍କ ସ୍ୱାମୀ ବେଦବିଦ୍ ଇଞ୍ଜିନିୟର ପ୍ରିୟବ୍ରତ ଦାସଙ୍କର ଆନ୍ତରିକ ମିତ୍ରତା ରହିଛି । ବିଭିନ୍ନ ସ୍ଥଳରେ ସେ କନ୍ୟାମାନଙ୍କ ନିମିତ୍ତ ଗୁରୁକୁଳ ଶିକ୍ଷାର ଆବଶ୍ୟକତା, ବେଦରେ ନାରୀର ଗୌରବ, ମାନବ ସମାଜ ପାଇଁ ବେଦର ସନ୍ଦେଶ, ବୈଦିକ ବିବାହର ମହତ୍ତ୍ୱ, କର୍ମକାଣ୍ଡ ଓ ବେଦପାଠରେ ନାରୀର ଅଧିକାର, ଗୃହରେ ସ୍ୱର୍ଗ ଓ ନାରୀଜାତି ପ୍ରତି ମହର୍ଷି ଦୟାନନ୍ଦଙ୍କ ଉପକାର ଭଳି ଅନେକ ଯୁଗୋପଯୋଗୀ ବିଷୟରେ ମାର୍ମିକ ଭାଷଣ ଦେଇଛନ୍ତି । ଶ୍ରୋତାମାନଙ୍କ ନିମିତ୍ତ ଅନେକ ସମୟରେ ତାଙ୍କୁ ହିନ୍ଦିରେ ମଧ୍ୟ ନିଜର ଭାଷଣ ଦେବାକୁ ହୋଇଛି । ଏହିଭଳି ଭାଷଣ ପାଇଁ ନିଜକୁ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ପ୍ରସ୍ତୁତ କରିବା ପ୍ରକୃତରେ ଯଥେଷ୍ଟ ଅଧ୍ୟବସାୟ ଲୋଡିଥାଏ । ଏହି ଦୀର୍ଘ ପଥକୁ ଶ୍ରୀମତୀ ଶନ୍ନୋଦେବୀ ନିଜର ନିଷ୍ଠା, ଈଶ୍ୱର ବିଶ୍ୱାସ ଓ ପରିବାରର ସ୍ୱୀକୃତି ବଳରେ ଅତିକ୍ରମ କରିଛନ୍ତି ।

ସ୍ୱାମୀଙ୍କ ସହିତ ସେ ସଂସାରରେ ଅନେକ ଦେଶ, ଅନେକ ଆଲୋଚନା ଚକ୍ର ଓ ସମ୍ମିଳନୀ ପରିଭ୍ରମଣ କରିଛନ୍ତି କିନ୍ତୁ ପ୍ରତ୍ୟେକ ଭ୍ରମଣର ମୂଳରେ ଅଛି ଆର୍ଯ୍ୟସମାଜ ଓ ବେଦ ପ୍ରଚାରରେ ସହଯୋଗର ମନୋଭାବ । ଜଗନ୍ନାଥ ସୋସାଇଟି ଅଫ ଆମେରିକା, ବ୍ରିଟେନ ଆର୍ଯ୍ୟସମାଜ ମୋରିଶସ୍ ପଣ୍ଡିତ ସଭା ତରଫରୁ ଉତ୍ତମ ପତିପତ୍ନୀଙ୍କୁ ବେଦଜ୍ଞାନ ତଥା ବୈଦିକ ଉପଲବ୍ଧି ନିମିତ୍ତ ସମ୍ମାନ୍ନିତ କରାଯାଇଛି । ଏହା ପ୍ରତ୍ୟେକ ଓଡିଆ ପାଇଁ ଗୌରବର ବିଷୟ ।

ଦେଶ ବିଦେଶରେ ଭ୍ରମଣ କରି ତହିଁରୁ ଲବ୍ଧ ଜ୍ଞାନ ଓ ଅନୁଭବ ସେ ନିଜର ଆତ୍ମଜୀବନୀରେ ଓଡିଶାର ପାଠକ ପାଠିକାମାନଙ୍କ ପାଇଁ ବାଢ଼ି ଦେଇଛନ୍ତି । ତାଙ୍କର ନିଜର ବ୍ୟକ୍ତିଗତ ଆଚରଣର ଜୀବନ, ପୁତ୍ରକନ୍ୟା ପ୍ରତି ତଥା ବେଦପ୍ରତି ସମ୍ମାନବୋଧ ଜଣାଇବା ଭଳି କଥା ମଧ୍ୟ ପାଠକଙ୍କୁ ଚକିତ କରିଥାଏ ।

ବୈଦିକ ସଂସ୍କାରମାନଙ୍କର ପୌରହିତ୍ୟ କରିବା ପରେ ସେ ଯେଉଁ ଉପଲବ୍ଧି ପାଇଛନ୍ତି, ଯେଉଁ ଭଳି ସରଳ ଭାବରେ ଜଟିଳ ସମସ୍ୟା ସବୁ ସମାଧାନ କରିପାରିଛନ୍ତି; ତାହା ବେଶ ଗୁରୁତ୍ୱ ପୂର୍ଣ୍ଣ । ଜନ୍ମଗତ ପାର୍ଥକ୍ୟ ଆନ୍ତର୍ଜାତୀୟ ବିବାହ, ଭାଗ୍ୟବାଦ ତଥା ଶୁଦ୍ଧାଶୁଦ୍ଧ କାଳ ନେଇ ସାଧାରଣ ମଣିଷ ମନରେ ଥିବା ଅସଂଖ୍ୟ ପ୍ରଶ୍ନର ସେ ସହଜ ସମାଧନ କରିଛନ୍ତି । ଆର୍ଯ୍ୟସମାଜରେ ବିବାହାଦି ସଂସ୍କାର ସମୟରେ ନାନା ପାଟିତୁଣ୍ଡ, ଖାଦ୍ୟପେୟକୁ ନେଇ ବରଯାତ୍ରୀଙ୍କର ଅସନ୍ତୋଷ ପ୍ରଭୃତି ଘଟଣାକୁ ସେ କିପରି ରୋଚକ ଭାବରେ ବାରଣ କରିପାରିଛନ୍ତି, ତାହା ମର୍ମସ୍ପର୍ଶୀ ଢଙ୍ଗରେ ଉପସ୍ଥାପିତ କରିଛନ୍ତି ।

ସବୁଠାରୁ ବଡ କଥା ସ୍ୱାମୀଙ୍କ ସହିତ ଏକତ୍ର ବସି ଯଜ୍ଞାନୁଷ୍ଠାନ କରିବାର ସୌଭାଗ୍ୟ ସେ ପାଇଛନ୍ତି । ପତି ପତ୍ନୀଙ୍କର ସମଧର୍ମୀ । ସମାନ ଆଚରଣ ଓ ପାରସ୍ପରିକ ସୁସମ୍ପର୍କ ଯେ ପରିବାରକୁ ଯଥାର୍ଥ ସ୍ୱର୍ଗରେ ପରିଣତ କରିପାରେ, ତାଙ୍କ ଜୀବନୀ ଅନୁଧ୍ୟାନ କଲେ ଏକଥା ହୃଦୟଙ୍ଗମ କରିହୁଏ । ସବୁ ସମୟରେ ସେ ନିଜକୁ ଜିଜ୍ଞାସୁ ସ୍ଥାନରେ ରଖି ଅଧିକରୁ ଅଧିକ ଅଧ୍ୟୟନ ପାଇଁ ନିଜର ଶ୍ରମ ଓ ସମୟ ବିନିଯୋଗ କରିଛନ୍ତି ।ସେଥିପାଇଁ ତାଙ୍କର ଭାଷଣ ଗୁଡିକ ଗୋଟିଏ ଅନ୍ୟଠାରୁ ସ୍ୱତନ୍ତ୍ର ଓ ପ୍ରତ୍ୟେକର ସ୍ୱାଦ ଭିନ୍ନ । କେବଳ ସେତିକି ନୁହେଁ, ସେ ନିଜ ଶ୍ୱଶୁରାଳୟ ଓ ପିତ୍ରାଳୟ ଉଭୟ ପରିବାରର ଜୀବନକୁ ପ୍ରଭାବିତ କରିଛନ୍ତି । ସନ୍ତାନମାନଙ୍କୁ ବିନା ଦ୍ୱିଧାରେ ପିତ୍ରାଳୟରେ ଛାଡି ବିଦେଶ ଯିବା ବେଶ କଷ୍ଟସଧ୍ୟ ହେଲେ ହେଁ , ଉଭୟ କୁଳର ସହଯୋଗରେ ଏହା ସଂପନ୍ନ ହୋଇଛି । ସ୍ୱାଧ୍ୟାୟ ଓ ନୀରବତା ଯେ ଅନେକ ଜଟିଳ ସମସ୍ୟା ସମାଧାନ ପାଇଁ ପଥ ପରିଷ୍କାର କରିଦିଏ, ଏହା ତାଙ୍କର ଅନୁଭୂତି ଲବ୍ଧ ଜ୍ଞାନ ।

ଓଡିଆ ଘରର ସମସ୍ତ ବିଧି-ନିଷେଧକୁ ସେ ଯଥୋଚିତ ସମ୍ମାନ ପ୍ରଦର୍ଶନ କରିଥାଆନ୍ତି । ପଟ୍ଟବସ୍ତ୍ର ପରିହିତା, ପତ୍ନୀତ୍ୱର ଗୌରବରେ ମହିମାନ୍ୱିତା ଏହି ତେଜସ୍ୱିନୀ ନାରୀଙ୍କ ଉପସ୍ଥିତି ମଧ୍ୟରେ ପରିବେଶ ଶୁଚିପୂତ ହୋଇଯାଏ ଯାହା ମୁଁ ଏକାଧିକ ବାର ଲକ୍ଷ୍ୟ କରିଛି । ଏହା ତାଙ୍କ ଏକନିଷ୍ଠ ସାଧନା ତପସ୍ୟାର ପରିଣାମ । ନାରୀର ତପସ୍ୟାର ଫଳ ହାତରେ ଧରି ଯୁଗ ପୁରୁଷ ଭୂମିଷ୍ଠ ହୋଇଥାଆନ୍ତି । ଆମର ଏହି ସଂଶୟ ସଂକୁଳ ସମୟରେ ଏଭଳି ନିଷ୍ଠା ଓ ବିଶ୍ୱାସକୁ ପୁଞ୍ଜି କରି ଯୋଗୀ-ଋଷି ନିର୍ମିତ ଦିବ୍ୟ ପଥର ଅନନ୍ତ ଯାତ୍ରୀ ଶନ୍ନୋଦେବୀ ମହାଶୟା ଆମମାନଙ୍କ ପାଇଁ ଗୌରବ ପାଲଟି ଯାଇଛନ୍ତି ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ବେଦର ସପ୍ରସଙ୍ଗ ବ୍ୟାଖ୍ୟା କରି ସେ ନିଜର ବିଚାର ବ୍ୟକ୍ତ କରିଛନ୍ତି । ହିନ୍ଦୁଧର୍ମର ଅବନତିର ମୂଳ କାରଣ ହେଉଛି ମୂର୍ତ୍ତି ଉପାସନା ଓ ବହୁ ଦେବଦେବୀବାଦ । ଏଥି ସହିତ ଜନ୍ମଗତ ଜାତି ଭେଦ, ଫଳିତ ଜ୍ୟୋତିଷ ଉପରେ ଅତ୍ୟଧିକ ଆସ୍ଥା ପୁଣି ଅହିଂସାର ପ୍ରକୃତ ଅର୍ଥ ନ ବୁଝି ଏହାର ପ୍ରୟୋଗ କରିବା, ସଂସାରକୁ ସ୍ୱପ୍ନ ସଦୃଶ ଓ ମିଥ୍ୟା ବୋଲି ବିଚାର କରିବା, ଅବତାରବାଦ ପ୍ରଭୃତି ମଧ୍ୟ ହିନ୍ଦୁ ଧର୍ମର ଅଧୋଗତି ପାଇଁ ଦାୟୀ । ତାଙ୍କ ଭାଷାରେ– "ଅବତାରବାଦୀମାନେ ପୁରୁଷାର୍ଥ ନ କରି ବିଚାରନ୍ତି ଯେ ଦିନେ ପ୍ରଭୁ ଅବତରିତ ହେବେ ଏବଂ ସେମାନଙ୍କର ଦୁଃଖ ମୋଚନ କରିବେ । ଭଗବାନ କେବେହେଲେ ଦେହ ଧାରଣ କରନ୍ତି ନାହିଁ କି ମନୁଷ୍ୟ ମଧ୍ୟ କେବେ ହେଲେ ଭଗବାନ୍ ହୋଇପାରେ ନାହିଁ" (ସ୍ମୃତି ବାତାୟନେ – ପୃ ୧୬୧)

ଏହି ଭଳି ସେ ଅନେକ ନୂତନ ଦୃଷ୍ଟିକୋଣରୁ ଜୀବନ ଓ ଜଗତର ସଂପର୍କ ବାଖ୍ୟା କରିଛନ୍ତି । ମହର୍ଷି ଦୟାନନ୍ଦ ନାରୀମାନଙ୍କ ପ୍ରତି ଯେଉଁ ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରିଥିଲେ, ତାହାର ଚମତ୍କାର ବାଖ୍ୟା ମଧ୍ୟ ସେ ବିଭିନ୍ନ ସଭାସମିତିରେ ଏକାଧିକ ବାର କରିଛନ୍ତି । ନାରୀକୁ ସେ ପରିବାରର ମଙ୍ଗଳମୟୀ ଅଧିଷ୍ଠାତ୍ରୀ ଭାବେ ସମ୍ମାନିତ କରିଛନ୍ତି । "ମାଟିର ଦୁର୍ଗାଙ୍କୁ ନମସ୍କାର, ଜୀଅନ୍ତା ଦୁର୍ଗାଙ୍କୁ ତିରସ୍କାର" ପ୍ରବନ୍ଧରେ ଆମ ସଂସ୍କୃତିର ବିକଳ ରୂପ ଉଦ୍‌ଘାଟନ କରିଛନ୍ତି । ନାରୀର ସାମର୍ଥ୍ୟ ସଂପର୍କରେ ବେଦୋକ୍ତ ବିଚାରକୁ ସେ ସାଧାରଣ ପାଠକର ପରିସରକୁ ଆଣିପାରିଛନ୍ତି । ଆଧୁନିକ ନାରୀ ଯେଉଁଭଳି ପ୍ରତି ମୁହୂର୍ତ୍ତରେ ନୂତନ ଆହ୍ୱାନର ସମ୍ମୁଖୀନ ହେଉଛି, ସେଥିପାଇଁ ବେଦଶିକ୍ଷା ହିଁ ସେମାନଙ୍କୁ ଯଥେଷ୍ଟ ଆତ୍ମଶକ୍ତି ପ୍ରଦାନ କରିପାରିବ ବୋଲି ତାଙ୍କର ମତ ।

ଶ୍ରୀମତୀ ଶନ୍ନୋଦେବୀ ପଚସ୍ତରୀ ବର୍ଷରେ ପଦାର୍ପଣ କରିବେ । ସେଥିପାଇଁ ଭାରତବର୍ଷର ବିଭିନ୍ନ ବିଦ୍ୱାନ ଓ ବିଦୁଷୀମାନେ ନିଜ ନିଜର ଶୁଭାଶଂସା ପଠାଇଛନ୍ତି । ଏହି ଶୁଭ ଅବସରରେ ଏକ ଅଭିନନ୍ଦନିକା ଉନ୍ମୋଚିତ ହେବ । ସେଥିରେ ଏହି କ୍ଷୁଦ୍ର ରଚନା ସ୍ଥାନିତ ହେବା ମୋର ପାଇଁ ପରମ ସୌଭାଗ୍ୟ । ଏଠାରେ ଗୋଟିଏ କଥାର ସୂଚନା ଦେବାର ଆଗ୍ରହ ସମ୍ବରଣ କରିପାରୁ ନାହିଁ । ଭାରତର ମୁନିଋଷିମାନେ ବେଦ ଅଧ୍ୟୟନ ଓ ଅଧ୍ୟାପନରେ ନିଜ ନିଜ ଜୀବନ ଅତିବାହିତ କରିଥିଲେ । ଶତାଧିକ ବର୍ଷ ନିରୋଗ, ବଳବାନ ତଥା ବିଚାରଶୀଳ ଭାବରେ ରହି ଅନ୍ୟମାନଙ୍କର ଆଦର୍ଶ ପାଲଟିଥିଲେ । ଏପରିକି ୧୦୮ ବର୍ଷ ଥିଲା ବ୍ୟକ୍ତିର ସ୍ୱାଭାବିକ ଆୟୁଷ । ନିଜର ସଂଯତ ଜୀବନ ଧାରଣ ଓ ବେଦ ଅନୁକୂଳ ଚିନ୍ତା ନେଇ ଶ୍ରୀମତୀ ଶନ୍ନୋଦେବୀ ତଥାକଥିତ ବାର୍ଦ୍ଧକ୍ୟରେ କବଳିତ ହେବେ ନାହିଁ । ତାଙ୍କର ନିଷ୍ଠା ତାଙ୍କୁ ସମୟ ବିପକ୍ଷରେ ଠିଆ ହେବାକୁ ଧୈର୍ଯ୍ୟ ପ୍ରଦାନ କରିବ । ବେଦ ନାରୀକୁ ପରିବାରର ଶୋଧିକା କୁହାଯାଇଛି । ଶ୍ରୀମତୀ ଶନ୍ନୋଦେବୀ କେବଳ ପରିବାରର ନୁହନ୍ତି ସମାଜର ଶୋଧନ କାର୍ଯ୍ୟ କରିବାରେ କାର୍ପଣ୍ୟ ପ୍ରଦର୍ଶନ କରିନାହାନ୍ତି । ଅତ୍ୟନ୍ତ ନିଷ୍ଠା ବା ଆତ୍ମୀୟତାରେ କରାଯାଇଥିବା କାର୍ଯ୍ୟ ବିଫଳ ହୁଏ ନାହିଁ । ସମଗ୍ର ଭାରତବର୍ଷରେ ଆର୍ଯ୍ୟସମାଜର ବିଭିନ୍ନ ଶାଖା ସ୍ଥାପିତ ହୋଇଛି ଯେଉଁଠାରେ ବେଦଚର୍ଚ୍ଚା ବେଦାନୁକୂଳ ଜୀବନ ଯାପନ ପାଇଁ ଶିକ୍ଷା ପ୍ରଦାନ କରାଯାଇଛି । ଓଡିଶାରେ ଯେଉଁ କେତୋଟି ପରିବାର ଏହି ଦିଗରେ ଯତ୍ନଶୀଳ ତନ୍ମଧ୍ୟରୁ ଶ୍ରୀଯୁକ୍ତ ପ୍ରିୟବ୍ରତ ଦାସ ଓ ଶ୍ରୀମତୀ ଶନ୍ନୋଦେବୀ ନାମ ସର୍ବାଗ୍ରେ ସ୍ମରଣ କରାଯାଏ ।

ଶନ୍ନୋଦେବୀ ଦିବ୍ୟ ଜୀବନର ଅଧିକାରିଣୀ, ସେ ଦୀର୍ଘ ଦିନ ନିରୋଗ ଓ କର୍ମକ୍ଷମ ରହି ପତିଙ୍କ ପାର୍ଶ୍ୱରେ ବସି ଯଜ୍ଞାନୁଷ୍ଠାନ କରନ୍ତୁ । ସେ ଯଜ୍ଞର ସୁବାସରେ ସଂସାରର ସକଳ କଳୁଷ ଓ ମଳିନତା ଅପସରି ଯାଉ । ତାଙ୍କର ପଞ୍ଚସ୍ତରୀତମ ଜନ୍ମ ଜୟନ୍ତୀରେ ତାଙ୍କୁ ପ୍ରଣାମ କରିବା ସହିତ ଈଶ୍ୱରଙ୍କୁ ଏହି ପ୍ରାର୍ଥନା କରୁଛି ।

ସହୀଦ ନଗର, ଭୁବନେଶ୍ୱର

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ସାଧିକା ଓ ଧ୍ୟାନଶୀଳା ଶନ୍ନୋଦେବୀ

ଡକ୍ଟର ଶକୁନ୍ତଳା ବଳିଆରସିଂହ

ଶନ୍ନୋଦେବୀ ନାମଟି ଆପଣଙ୍କୁ ଚକିତ କରୁଛି ନା ? ଠିକ୍ ଭାବିଛନ୍ତି ଆପଣ । ଓଡିଶାରେ ଏପରି ନାମ ଦିଆଯାଏ ନାହିଁ । ଶନ୍ନୋଦେବୀଙ୍କ ନାମ ମଧ୍ୟ ତାଙ୍କ ପିତୃ-ମାତୃ ପ୍ରଦତ୍ତ ନାମ ନୁହେଁ । ତାଙ୍କ ମୂଳ ନାମ କୁମୁଦିନୀ । ପରିବାର ଓ କୁଟୁମ୍ବ ଲୋକେ ଶ୍ରଦ୍ଧାରେ ଡାକୁଥିଲେ କୁମୁଦ ।

ଗଞ୍ଜାମ ଜିଲ୍ଲାର ଆସ୍କା ସହର ନିକଟବର୍ତ୍ତୀ କାଳଷଣ୍ଡପୁର ଗ୍ରାମରେ ଜନ୍ମଲାଭ କରିଥିଲେ କୁମୁଦିନୀ, ପିତା ଶିକ୍ଷାବିତ୍ ଗଙ୍ଗାଧର ପଣ୍ଡା ଓ ମାତା ବିମଳା ଦେବୀ ଥିଲେ ଆଦର୍ଶ ଦମ୍ପତି । ପିତା ଥିଲେ କଠୋର ପରିଶ୍ରମୀ, ଆଉ ସେତେବେଳେ ଯେତେବେଳେ ଭାରତବର୍ଷ ଇଂରେଜ ଶାସନାଧୀନ, ଆଉ ଓଡିଶା ମାନ୍ଦ୍ରାଜ ପ୍ରେସିଡେନ୍ସୀ ଅଧୀନସ୍ଥ, ସେ ଗଣିତରେ ବିଶ୍ୱବିଦ୍ୟାଳୟର ସ୍ୱର୍ଣ୍ଣପଦକ ପ୍ରାପ୍ତ ହୋଇଥିଲେ । ମାତା ବିମଳା ଦେବୀ ଥିଲେ ଅତି ମାତ୍ରାରେ ଭଗବତ୍ ବିଶ୍ୱାସୀ । ଘରେ ପ୍ରତ୍ୟହ ପୁରାଣ ପାଠ ହେଉଥିଲା, ଫଳରେ ସଂପୂର୍ଣ୍ଣ ପୌରାଣିକ ସଂସ୍କାର ଭିତରେ ବଢିଥିଲେ କୁମୁଦିନୀ, ଏଣେ ପିତା ଆଦର୍ଶ ଶିକ୍ଷକ ।

ସେତେବେଳର ପ୍ରଥାନୁସାରେ କୁମୁଦିନୀଙ୍କର ବାଲ୍ୟବିବାହ ହୋଇଯାଏ । ମାଟ୍ରିକ ପରୀକ୍ଷା ପର ଖରାଛୁଟିରେ ସେ ଆସନ୍ତି ଶାଶୁଘରକୁ । ସ୍ୱାମୀ ଇଂଜିନିୟର, ଶ୍ୱଶୁର ବେଦଜ୍ଞ ବିଦ୍ୱାନ ତେଜସ୍ୱୀ ଲିଙ୍ଗରାଜ ଅଗ୍ନିହୋତ୍ରୀ । ପିତ୍ରାଳୟରେ ପୌରାଣିକ ବିଧିବିଧାନରେ ବଢିଥିବା କୁମୁଦିନୀଙ୍କୁ ଶ୍ୱଶୁରାଳୟରେ ପହଞ୍ଚିବା ଦିନ ହିଁ ଯଜ୍ଞରେ ବସି ଘୃତାହୁତି ଦେବା ପାଇଁ କୁହାଯାଇଥିଲା, ହୋମରେ ମନ୍ତ୍ରପାଠ ପୂର୍ବକ ଉପବୀତ ପିନ୍ଧିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା, ଯେଉଁ ଉପବୀତ ଏପର୍ଯ୍ୟନ୍ତ ତାଙ୍କ ଠାରୁ କେବେ ଅଲଗା ହୋଇନାହିଁ । ସେ ନିଜେ କହନ୍ତି : "ପଇତା ଦେହର ଅଂଗ ସମାନ ମୋ' ପାଖରେ ରହି ସତେ ଯେପରି ମୋତେ ସନ୍ଦେଶ ଦେଉଛି – "ଜନ୍ମ ଓ ଜୀବନ ପାଇଁ ତୁମେ ଋଣୀ । ମାତା ପିତା, ଅଧ୍ୟାପକ, ଚିକିତ୍ସକ, ବୈଜ୍ଞାନିକ, ଋଷିମୁନି, ଲେଖକ, ଚିତ୍ରକର, ବାୟୁ, ଜଳ, ସୂର୍ଯ୍ୟ ସମସ୍ତଙ୍କ ସହଯୋଗରେ ତୁମେ ଜୀବନ ନିର୍ବାହ କରୁଛ । ସେମାନଙ୍କ ଋଣ ପରିଶୋଧ କର । ପିତୃ ଋଣ, ଦେବ ଋଣ ଓ ଋଷି ଋଣ ଶୁଝିବା ନିମନ୍ତେ ଯଜ୍ଞୋପବୀତର ତିନୋଟି ସୂତ୍ର ତୁମକୁ ସବୁବେଳେ ସାବଧାନ କରୁ । ଜୀବନ କାଳରେ ଋଣ ଭାରରୁ ମୁକ୍ତ ହୁଅ ।"

ଶ୍ୱଶୁରାଳୟରେ ଚଳୁଥିଲା ବୈଦିକ ପୂଜାବିଧି ଓ ରୀତି ନୀତି । ପ୍ରତ୍ୟହ ଗୃହାଙ୍ଗନରେ ହୋମ ହେଉଥିଲା, ପ୍ରତିମା ପୂଜା ହେଉ ନ ଥିଲା, ଧ୍ୟାନ ଏଠାରେ ଅଧିକ ଗୁରୁତ୍ୱ ବହନ କରୁଥିଲା । ଧ୍ୟାନ ମାଧ୍ୟମରେ ନିଜକୁ ଖୋଜିବା ଓ ଧୀରେ ଧୀରେ ଈଶ୍ୱରଙ୍କୁ ଅନୁଭବ କରିବା ଅଭ୍ୟାସ ପରିବାର ସଦସ୍ୟମାନେ ନିୟମିତ କରୁଥିଲେ । ସକାଳ ଓ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ସନ୍ଧ୍ୟାରେ ପ୍ରତ୍ୟେକେ ପୃଥକ୍ ପୃଥକ୍ ସ୍ଥାନରେ ବସି ଉପାସନାରେ ମଜ୍ଜି ଯାଉଥିଲେ । ଉପାସନା ପ୍ରାରମ୍ଭରେ ଜଳରେ ଆଚମନ କଲାବେଳେ ବେଦମନ୍ତ୍ର ପାଠ କରୁଥିଲେ – "ଶନ୍ନୋଦେବୀରଭିଷ୍ଟୟ ଆପୋ ଭବନ୍ତୁ ପୀତୟେ । ଶଂଯୋରଭିସ୍ରବନ୍ତୁ ନଃ ।"

କୁମୁଦିନୀ ମଧ୍ୟ ଏହି ଅଭ୍ୟାସ କଲେ । ମାତ୍ର ପୂରା ବେଦମନ୍ତ୍ରଟିକୁ ମନେ ରଖିପାରିଲେ ନାହିଁ । କେବଳ 'ଶନ୍ନୋଦେବୀ' ମନେରଖି ବାକିତକ ପାଶୋରି ଯାଉଥିଲେ । ଦିନେ ଶ୍ୱଶୁର ସ୍ନେହରେ କହିଲେ, "ଆଜି ଠାରୁ ତୋତେ 'ଶନ୍ନୋଦେବୀ' ନାମରେ ଡାକିବୁ ।' ସେଇଦିନଠାରୁ କୁମୁଦିନୀ ହେଲେ ଶନ୍ନୋଦେବୀ । ଆର୍ଥାତ୍ : ଶମ୍+ନଃ+ଦେବୀଃ = ଶନ୍ନୋଦେବୀ । "ହେ ଦିବ୍ୟମାତା ସର୍ବବ୍ୟାପିନୀ ଜଗଦମ୍ବା ! ଆମ୍ଭମାନଙ୍କୁ ସକଳ ପ୍ରକାର କଲ୍ୟାଣ ପ୍ରଦାନ କରନ୍ତୁ ।"

ଷୋଳ-ସତରବର୍ଷର ଝିଅଟିଏ ଶ୍ୱଶୁର ଘରର ଭିନ୍ନ ଆଧ୍ୟାତ୍ମିକ ପରିବେଶରେ ନିଜକୁ ସଂପୂର୍ଣ୍ଣ ଖାପ ଖୁଆଇ ଖୁସିରେ ଚଳେଇବା ଶନ୍ନୋଦେବୀଙ୍କ ଗଭୀର ତଥା ନିଷ୍ଠାପର, ଦୃଢ ମାନସିକତାର ପରିଚୟ ବହନ କରେ ।

ଶନ୍ନୋଦେବୀ ନିଜ ଶ୍ୱଶୁରଙ୍କ ପ୍ରେରଣାରେ ହିନ୍ଦୀ ଭାଷାରେ ରଚିତ ଧର୍ମ ପୁସ୍ତକ ଓ ବେଦ ଗ୍ରନ୍ଥ ଅଧ୍ୟୟନ କଲେ । ପୂର୍ବରୁ ସେ 'ରାଷ୍ଟ୍ରଭାଷା ପରିଚୟ' ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇସାରିଥିଲେ । ତେଣୁ ଆର୍ଯ୍ୟସମାଜ ପ୍ରକାଶିତ ହିନ୍ଦୀ ପୁସ୍ତକ ପଢ଼ି ବୁଝିବା ତାଙ୍କ ପାଇଁ ସହଜ ହୋଇଥିଲା । ତେବେ ଶ୍ୱଶୁରାଳୟ ହିଁ ଥିଲା ତାଙ୍କର ପ୍ରକୃତ ପାଠଶାଳା । ଗୃହରେ ବିରାଟ ପାଠାଗାର । ବେଦ, ଉପନିଷଦ, ଦର୍ଶନ, ବ୍ୟାକରଣ, ସମ୍ବନ୍ଧୀୟ ପୁସ୍ତକମାନ ହିନ୍ଦୀ ଅଥବା ସଂସ୍କୃତରେ ରଚିତ ।

ସ୍ୱାମୀ ପ୍ରିୟବ୍ରତ ଦାସ ଥାଆନ୍ତି ହୀରାକୁଦ ନଦୀବନ୍ଧ ଯୋଜନାର ଇଂଜିନିୟର । ଶନ୍ନୋଦେବୀ ଶାଶୁ ନଣନ୍ଦଙ୍କ ସହ ମିଶି ଚାରିଜଣ (ଶ୍ୱଶୁରଙ୍କୁ ମିଶାଇ)ଙ୍କ ପାଇଁ ଶାକାହାର ଭୋଜନ ପ୍ରସ୍ତୁତ କରି ବାକି ସମୟ କଟାନ୍ତି ଅଧ୍ୟୟନ, ପାଠାଗାର ପୁସ୍ତକମାନଙ୍କ କାଟ୍‌ଲଗ୍ ତିଆରିରେ । ଏତଦ୍ ବ୍ୟତୀତ ଧ୍ୟାନ, ଉପାସନା, ବେଦମନ୍ତ୍ର ପାଠ ଓ ବଡ ପାଟିରେ ଗାୟନ କର୍ମ ଚାଲିଥାଏ ।

ସଂସ୍କାରବାଦୀ ପରିବାର । ଚାଳିଚଳନ ସ୍ୱଦେଶୀ । ଶ୍ୱଶୁର ଖଦଡ ଧୋତି ପଞ୍ଜାବୀ ସହ ମଥାରେ ପଗଡି ପିନ୍ଧନ୍ତି । ଶାଶୁ ମଧ୍ୟ ଖଦଡ ପରିହିତା, ଉଭୟେ ଅରଟରେ ସୂତା କାଟନ୍ତି । ଜମିରୁ ଆମଦାନୀ ହୁଏ ଧାନ, ମୁଗ, ସୋରିଷ, ବିରି, କାଠ ଓଗେର । ବାରିରୁ ପରିବା, ଶାଗ, ହରିଡା, ବାହାଡ଼ା, ଝୁଣା ସଂଗ୍ରହ ହୁଏ ପାଖ ଜଙ୍ଗଲରୁ । ଶ୍ୱଶୁରଙ୍କ ଆଦର୍ଶ – ସ୍ୱାମୀ ଦୟାନନ୍ଦ ଓ ମହାତ୍ମା ଗାନ୍ଧୀ ।

ଏଇଭଳି ଗୋଟିଏ ଆତ୍ମନିର୍ଭରଶୀଳ ପରିବାରର ଗୃହବଧୂ ହୋଇ ଶନ୍ନୋଦେବୀ ଲାଭ କଲେ ଅପାର ଆନନ୍ଦ । ଏମିତିରେ ପିତା ତାଙ୍କର ଥିଲେ ଆଦର୍ଶ ଶିକ୍ଷକ, ଅତ୍ୟନ୍ତ ନିର୍ଭୀକ, ସଚ୍ଚୋଟ, ସମୟ ସଚେତନ, ହୋମିଓପାଥି ଚିକିତ୍ସକ । ମାତା ଥିଲେ କରୁଣାମୟୀ, ଉଚ୍ଚନୀଚ, ଧନୀ-ଗରିବ ଭେଦ ମନରେ ନ ଥିଲା । ଏତାଦୃଶ ସଂସ୍କାରରେ ପ୍ରତିପାଳିତ କୁମୁଦିନୀ ଓ ପରକାଳର ଶନ୍ନୋଦେବୀ ନବମଶ୍ରେଣୀରୁ ଡାଏରୀ ଲେଖିବା ଅଭ୍ୟାସ କରିଥିଲେ । ବହିଟିଏ ପଢ଼ିସାରିବା ପରେ ଖାତାରେ ଟିପିବା ଅଭ୍ୟାସ ତାଙ୍କର ପିଲାଦିନରୁ । ଡାଏରୀରେ ଲିପିବଦ୍ଧ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଭକ୍ତିଗୁଡିକ ଯଦି ଜଣେ ପଢେ, ସେଇଥିରୁ ଶନ୍ନୋଦେବୀଙ୍କ ବ୍ୟକ୍ତିତ୍ୱର ପରିଚୟ ପାଇ ପାରିବ । ବ୍ୟକ୍ତି ତ ତାହା ହିଁ ଟିପିରଖେ ଯାହା ତା' ମନକୁ ଛୁଇଁଥାଏ ।

ତା ୦୩.୧୨.୧୯୫୪ରେ 'ପ୍ରାତଃକାଳୀନ ସଭା' ଶୀର୍ଷକରେ ସେ ଲେଖିଛନ୍ତି – "(୧) ବେଦମନ୍ତ୍ର ସସ୍ୱର କଣ୍ଠସ୍ଥ କରିବା ଦ୍ୱାରା ଶରୀର ନୀରୋଗ ରହେ । ଅର୍ଥ ସହିତ ମନ୍ତ୍ରୋଚ୍ଚାରଣ କରିବା ଫଳରେ ମାନସିକ ଶାନ୍ତି ମିଳେ । ମନ୍ତ୍ରର ଭାବନାରେ ଉଦ୍‌ବୁଦ୍ଧ ହେବା ଆତ୍ମା ନିଜର ସ୍ୱରୂପ ଓ ପରମାତ୍ମାଙ୍କ ସାନ୍ନିଧ୍ୟ ପ୍ରାପ୍ତ ହୁଏ । (୨) ସୂର୍ଯ୍ୟ ପୃଥିବୀର ଅନ୍ଧକାର ଦୂର କରେ । ପରନ୍ତୁ କୋଟିଏ ସୂର୍ଯ୍ୟ ହୃଦୟର ଅନ୍ଧକାରକୁ ନାଶ କରିବାରେ ସମର୍ଥ ହୁଅନ୍ତି ନାହିଁ । ଗାୟତ୍ରୀ ମନ୍ତ୍ରରେ ଥିବା 'ସବିତା ଦେବ' (ପ୍ରେରକ ପ୍ରଭୁ)ଙ୍କର 'ଭର୍ଗ' ବା ଜ୍ୟୋତି ହିଁ ହୃଦୟକୁ ଆଲୋକିତ କରିପାରେ । (୩) ଯେଉଁ ବାଣୀରେ ଜପକର; ତଦ୍ୱାରା ପରନିନ୍ଦା, ଅସତ୍ୟ ଓ କଠୋରତା ପ୍ରକାଶ କରନାହିଁ । (୪) ମନୁଷ୍ୟ ଜୀବନରେ ସକଳ ପରିବର୍ତ୍ତନ ଭିତରୁ ହୁଏ – ବାହାରୁ ନୁହେ । ପିତା, ମାତା, ଗୁରୁ – ସମସ୍ତେ କେବଳ ପ୍ରେରଣାଦାତା । ମନୁଷ୍ୟ ହିଁ ନିଜ ଜୀବନକୁ ଜାଗ୍ରତ କରେ । ନିଜ ଭିତରେ ନିଜକୁ ଓ ନିଜ ପ୍ରଭୁଙ୍କୁ ଖୋଜିବା ହେଉଛି ଜୀବନର ଶ୍ରେଷ୍ଠ କଳା ।"

ଏହା ତାଙ୍କର ଶ୍ୱଶୁରାଳୟରେ ଲିଖିତ ଡାଏରୀ । ଗୋଟିଏ ଆଧ୍ୟାତ୍ମିକ, ସୁସଂହତ ବ୍ୟକ୍ତିତ୍ୱର ନିର୍ମାଣ ସେ ନିଜେ କିପରି କରୁଛନ୍ତି, ଏହା ତାହାର ଏକ ନମୁନା ।

୧୯୫୫ ଶେଷବେଳକୁ ଶନ୍ନୋଦେବୀଙ୍କର ସ୍ୱାମୀ ଇଂ ପ୍ରିୟବ୍ରତ କୋରାପୁଟ ଜିଲ୍ଲାର ମାଲକାନାଗିରିଠାରେ ସହକାରୀ ଯନ୍ତ୍ରୀ ଭାବରେ କାର୍ଯ୍ୟରେ ଯୋଗ ଦେଲେ । ୧୯୫୬ରେ ଶାଶୁ ଓ ଶ୍ୱଶୁରଙ୍କ ସହ ଶନ୍ନୋଦେବୀ ପହଞ୍ଚିଲେ ମାଲକାନାଗିରି ।

ଶନ୍ନୋଦେବୀ ଏକ ସୁସଂସ୍କୃତ ପରିବାରର କନ୍ୟା । ତାଙ୍କର ଧାରଣା, ବିବାହ ପୂର୍ବରୁ ମାତା ହିଁ କନ୍ୟାକୁ ଆଦର୍ଶ ଆଚରଣର ଶିକ୍ଷା ଦେଇଥାନ୍ତି । ମାତାଙ୍କ ଆଦର୍ଶମୟ ଜୀବନ କନ୍ୟା ପାଇଁ ସ୍ଥିର ନିଧି ଓ ଅକ୍ଷୟବଟ ।

ମାଲକାନଗିରି ପଚାଶବର୍ଷ ପୂର୍ବେ କେତେ ଦୁର୍ଗମ ଥିବ, ଆମେ ଯେତେ ଭାବିଲେ ବି ତାର ପ୍ରକୃତ ରୂପ କେବେ କଳ୍ପନା କରିପାରିବା ନାହିଁ । ଏହା ଥିଲା ଏକ ତହସିଲ ମହକୁମା । ତଥାପି ରାସ୍ତାଘାଟର ସୁବିଧା ଆଦୌ ନ ଥିଲା । ମାଲକାନାଗିରି-ମୋଟୁ ସଡକ ନିର୍ମାଣ ଦାୟିତ୍ୱ ବହନ କରିଥିଲେ ଇଂଜିନିୟର ପ୍ରିୟବ୍ରତ ଦାସ । ଇଂଜିନିୟର ବହୁତ କାର୍ଯ୍ୟ ବ୍ୟସ୍ତ ରହୁଥିଲେ କାରଣ ବିଂଶ ଶତାବ୍ଦୀର ପଞ୍ଚମ ଦଶକ ଥିଲା ଭାରତ ନିର୍ମାଣର ସମୟ । ଶନ୍ନୋଦେବୀ ଗୃହଙ୍ଗନାରେ ଶାଶୁ-ଶ୍ୱଶୁରଙ୍କ ସେବା କରି ସନ୍ତୋଷ ଲାଭ କରୁଥିଲେ । ଏହା ସହିତ ପଢ଼ାପଢ଼ି, ଘରକରଣା, ସେବକ, ଶୁଆ, ଗାଈଙ୍କ ଯତ୍ନ ଇତ୍ୟାଦି କାର୍ଯ୍ୟ ସହଜରେ ତୁଲାଇ ପାରୁଥିଲେ ।

ତେଜସ୍ୱୀ ଶ୍ୱଶୁର ଏଇ ବୋହୂଟିକୁ ଖୁବ୍ ଭଲ ପାଉଥିଲେ । ଶନ୍ନୋଦେବୀଙ୍କ ବୟସ କମ୍ ହୋଇଥିବା ହେତୁ ତାଙ୍କୁ ପରିବାରର ଉପଯୁକ୍ତ ଦାୟାଦ କରି ଗଢ଼ିବାକୁ ସେ ପ୍ରଥମରୁ ଚେଷ୍ଟିତ ଥିଲେ । କାରଣ ବୋହୂଙ୍କ ନିଷ୍ଠା ଓ ସାମର୍ଥ୍ୟକୁ ତାଙ୍କ ଅଭିଜ୍ଞ ଚକ୍ଷୁ ଆରମ୍ଭରୁ ଚିହ୍ନି ପାରିଲେ । ବୋହୂ ଦ୍ୱାରା ମନ୍ତ୍ରପାଠ, ପାଖ ବିଦ୍ୟାଳୟରେ ପିଲାମାନଙ୍କୁ ପ୍ରବଚନ, ନୀତିଶିକ୍ଷା ପ୍ରଦାନ, ଦୈନିକ ଅଧ୍ୟୟନ, ସ୍ୱାମୀଙ୍କ ଲିଖିତ ପ୍ରବନ୍ଧମାନ ଉତାରି ଦେବା ଇତ୍ୟାଦି କାର୍ଯ୍ୟ ସହଜରେ କରାଇ ଶନ୍ନୋଦେବୀଙ୍କ ମନରେ ଧୀରେ ଧୀରେ ଆତ୍ମବିଶ୍ୱାସ ଦୃଢ କରାଇଲେ ଶ୍ୱଶୁର ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଶନ୍ନୋଦେବୀ ବାରମ୍ବାର ଏକଥା ସ୍ୱୀକାର କରନ୍ତି ଯେ, 'ଶ୍ୱଶୁରଙ୍କ ସ୍ନେହ ଶ୍ରଦ୍ଧା ଯୋଗୁ ମୁଁ ଆଜି ଏଠାରେ ପହଞ୍ଚିପାରିଛି ।'

ଏଇଭଳି ଶ୍ରଦ୍ଧା ଓ ବିଶ୍ୱାସର ଭିତ୍ତି ପାଇ ମାଲକାନାଗିରିରେ ତାଙ୍କ ରହଣୀ ପ୍ରଭୁଙ୍କ ବରଦାନ ସିଦ୍ଧ ହୋଇଥିଲା । ଶନ୍ନୋଦେବୀ କହନ୍ତି : "ମୋର ଶ୍ୱଶୁର ଅରଣ୍ୟବାସୀ ବାନପ୍ରସ୍ଥ ଜୀବନ କଟାଇଲେ । ମୋର ସ୍ୱାମୀଙ୍କ ପାଇଁ ଶାସ୍ତ୍ର ସାଧନାର ସର୍ବ ପ୍ରଥମ ସୁଯୋଗ ମିଳିଲା । ଶାଶୁ କଲୋନୀ ପାଖ ବିସ୍ତୃତ ଜମିକୁ କୃଷି ଉପଯୋଗୀ କରାଇ ପ୍ରଚୁର ପନିପରିବା ଉତ୍ପାଦନ କରିବାରେ ସକ୍ଷମ ହୋଇଥିଲେ । ଏସବୁ ନିକଟସ୍ଥ ବନବାସୀ ଆବସିକ ବିଦ୍ୟାଳୟ ଓ ଅଫିସରମାନଙ୍କ ଘରକୁ ମଧ୍ୟ ଯାଉଥିଲା । ଆମ ବାସଭବନ ଥିଲା ଏକ ଆଶ୍ରମ ସମାନ । ସଦ୍‌ଗୃହରେ ତପ, ପ୍ରେମ ଓ ଶାନ୍ତି – ତିନି ପ୍ରକାର ସୌନ୍ଦର୍ଯ୍ୟ ଥାଏ । ତପସ୍ୱୀ ପାଇଁ 'ତପ ହିଁ ସୌନ୍ଦର୍ଯ୍ୟ' । ଭକ୍ତ ପାଇଁ 'ପ୍ରେମ ହିଁ ସୌନ୍ଦର୍ଯ୍ୟ', ସୈନିକ ପାଇଁ 'ଶାନ୍ତି ହିଁ ସୌନ୍ଦର୍ଯ୍ୟ' । ପରନ୍ତୁ ଏହି ସଦ୍‌ଗୃହରେ ତିନିପ୍ରକାର ସୌନ୍ଦର୍ଯ୍ୟ ଦୃଷ୍ଟି ଗୋଚର ହେଉଥିଲା ।"

ଶାଶୁଘରକୁ ଆସି ଶନ୍ନୋଦେବୀ ମୂର୍ତ୍ତିପୂଜା ଛାଡି ଓଁଙ୍କାର ଉପାସନାର ମାର୍ଗ ଅନୁସରଣ କରିଥିଲେ । ମାଲକାନଗିରିରେ ହିଁ ଏହି ଅଭ୍ୟାସ ଅଧିକ ନିୟମିତ ଓ ଶୃଙ୍ଖଳିତ ହୋଇ ଆଜି ପର୍ଯ୍ୟନ୍ତ ଚାଲିଛି ।

ମାଲକାନଗିରି ଅରଣ୍ୟରେ ସାଢେ ତିନିବର୍ଷ ନିଜର ଋଷିପ୍ରତିମ ଶ୍ୱଶୁର ଓ ବିଦ୍ୱାନ ପତିଙ୍କ ସାନ୍ନିଧ୍ୟରେ ରହି ଭାରତୀୟ ସଂସ୍କୃତିର ବିଦଗ୍ଧ ସେବକ ରୂପେ ନିଜକୁ ଗଢିନେଲେ ଶନ୍ନୋଦେବୀ । ଶ୍ୱଶୁରଙ୍କ ଉପଦେଶ ତାଙ୍କୁ ଗୃହିଣୀର କର୍ତ୍ତବ୍ୟ ପ୍ରତି ସଚେତନ କରାଇଥିଲା ଯାହା କୌଣସି ସନ୍ନ୍ୟାସିନୀ ଠାରୁ କମ୍ ନୁହେଁ । ମାଲକାନାଗିରିର ନିର୍ଜନତା ଯୋଗାଇଥିଲା ତାଙ୍କ ପ୍ରାରମ୍ଭିକ ସାଧନା ପାଇଁ ଅନୁକୂଳ ପରିବେଶ ।

ମାଲକାନାଗିରିରୁ ଇଂଜିନିୟର ମହାଶୟ ବଦଳି ହୋଇ ଆସିଲେ ଭବାନୀପାଟଣା । ଏଇଠାରେ ଶନ୍ନୋଦେବୀ ପ୍ରଥମ ପୁତ୍ର ସନ୍ତାନର ଜନନୀ ହେବାର ସୌଭାଗ୍ୟ ଲାଭ କରିଥିଲେ । ପୁତ୍ରକୁ ଚାରିମାସ ହୋଇଥିବା ବେଳେ ଶ୍ରୀ ଦାସ ବଦଳି ହୋଇ ଆସିଲେ ଭୁବନେଶ୍ୱର । ଏବେ ଶନ୍ନୋଦେବୀ ରହିଲେ ୟୁନିଟ ଦୁଇର ଏକ ସରକାରୀ କ୍ୱାର୍ଟର୍ସରେ ।

ଭୁବନେଶ୍ୱର ଆସିବା ପରେ ଶନ୍ନୋଦେବୀ ଦିବ୍ୟଜୀବନ ସଂଘ ଓ ଆର୍ଯ୍ୟସମାଜ ସହ ଜଡିତ ହୋଇଗଲେ ସ୍ୱାଭାବିକ ଭାବରେ । ଆଉ ସେ ପଛକୁ ଫେରି ଚାହିଁ ନାହାନ୍ତି ତାପରେ । ଭୁବନେଶ୍ୱର ୟୁନିଟ୍-୯ ସ୍ଥିତ ଏକ ଫୋର-ଆର୍ ଫ୍ଲାଟ୍‌ରେ ଦୀର୍ଘ ଦୁଇ ଦଶନ୍ଧି କଟାଇ ଆର୍ଯ୍ୟସମାଜର ପରିଚାଳନା ସେଇଠାରୁ ଅତ୍ୟନ୍ତ ଦକ୍ଷତାର ସେ କରିଚାଲିଥିଲେ ।

ଶ୍ୱଶୁରଙ୍କ କୃପାରୁ ବୈଦିକ ଧର୍ମର ଯେଉଁ ସ୍ୱାଦ ସେ ପାଇଥିଲେ, ତାହାକୁ ପରିବାର, ସମାଜ, ଦେଶ ଓ ବିଦେଶରେ ପ୍ରଚାରିତ ଓ ପ୍ରସାରିତ କରି ଆହ୍ଲାଦିତ ହେଲେ । ଭାରତ ଓ ଭାରତ ବାହାରେ ଅନେକ ଆର୍ଯ୍ୟ ମହାସମ୍ମିଳନୀରେ ଯୋଗଦେଇ ନିଜର କର୍ମପନ୍ଥାକୁ ଅଧିକ ଦୃଢ କଲେ ।

ଭାରତବର୍ଷର କାଶ୍ମୀରଠାରୁ କନ୍ୟାକୁମାରୀ, ଋଷିକେଶ, ମଥୁରା, ବୃନ୍ଦାବନ, ବାରଣାସୀ, ଦିଲ୍ଲୀ, ବମ୍ବେ, ମାଦ୍ରଜ- କେଉଁ ଯାଗାକୁ ସେ ଯାଇନାହାନ୍ତି ? ଭାରତ ବାହାରେ ଇଂଲଣ୍ଡ, ମୋରିସେସ୍, ହଲାଣ୍ଡ, ଆମେରିକା,

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଭୁବନେଶ୍ୱର ଆର୍ଯ୍ୟସମାଜ ସ୍ଥାପନାରେ ଶନ୍ନୋଦେବୀଙ୍କ ପ୍ରଶଂସନୀୟ ଭୂମିକା

ଶ୍ରଦ୍ଧାନନ୍ଦ ଭବନ



ବେଦ ଭବନ



ମହର୍ଷି ଦୟାନନ୍ଦ ସ୍ମାରକ ଯଜ୍ଞମଣ୍ଡପ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଭୁବନେଶ୍ୱର ଆର୍ଯ୍ୟସମାଜରେ ଧାର୍ମିକ ସମାରୋହ

ଗଜପତି ଶ୍ରୀଶ୍ରୀ ଦିବ୍ୟସିଂହ ଦେବ, ସ୍ୱାମୀ ବେଦାନନ୍ଦ (ଉତ୍ତର କାଶୀ)ଙ୍କ ଗହଣରେ

ରାଜ୍ୟପାଳ ଶ୍ରୀ ରାମେଶ୍ୱର ଠାକୁରଙ୍କୁ ସ୍ୱାଗତ କରୁଛନ୍ତି

ଶନ୍ନୋଦେବୀଙ୍କ ଦ୍ୱାରା ଅନୁଷ୍ଠିତ ବିବାହ ପୌରୋହିତ୍ୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଭୁବନେଶ୍ୱର ଆର୍ଯ୍ୟସମାଜରେ ଧାର୍ମିକ ସମାରୋହ

ସ୍ୱାମୀ ରାମଦେବ, ଡ. ଧର୍ମବୀରଙ୍କ ସହିତ



ସ୍ୱାମୀଙ୍କ ସହ ଯଜ୍ଞମଣ୍ଡପରେ ଯଜ୍ଞାନୁଷ୍ଠାନ



ବିବାହ ସଂସ୍କାରରେ ପୌରୋହିତ୍ୟ

ସ୍ୱାମୀ ଧର୍ମାନନ୍ଦ, ଡ. ଧର୍ମବୀର, ଚୌଧୁରୀ ମିତ୍ରସେନଙ୍କ ସହିତ

ଆର୍ଯ୍ୟସମାଜ ଗ୍ରନ୍ଥାଗାରରେ ସାହିତ୍ୟିକ ମନୋଜ ଦାସଙ୍କୁ ପୁସ୍ତକ ଉପହାର

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କୁ ଗ୍ରନ୍ଥାଗାରରେ ବୈଦିକ ଗ୍ରନ୍ଥ ଦେଖାଇବା ଅବସରରେ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଭୁବନେଶ୍ୱର ଆର୍ଯ୍ୟସମାଜରେ ଧାର୍ମିକ ସମାରୋହ

ଅନ୍ୟ ଧର୍ମାବଲମ୍ବୀଙ୍କୁ ବୈଦିକ ଧର୍ମରେ ଦୀକ୍ଷିତ କରିବା ଅବସରରେ ଯଜ୍ଞାନୁଷ୍ଠାନ କରୁଛନ୍ତି



ରାଜ୍ୟପାଳ ଡ. ସତ୍ୟନାରାୟଣ ରେଡ୍ଡୀ ଓ ଶ୍ରୀମତୀ ମନୋରମା ମହାପାତ୍ର, ସ୍ୱାମୀ ସତ୍ୟପ୍ରକାଶ ଗ୍ରନ୍ଥାଗାର ଉଦ୍‌ଘାଟନ ଅବସରରେ

ଶ୍ରାବଣୀ ଉପାକର୍ମ ଉତ୍ସବ ଅବସରରେ ଆର୍ଯ୍ୟସମାଜର ସଦସ୍ୟ-ସଦସ୍ୟାବୃନ୍ଦଙ୍କ ଗହଣରେ

ସ୍ୱତନ୍ତ୍ର ରେଳରେ ଆସିଥିବା ଆର୍ଯ୍ୟସମାଜୀ ପ୍ରତିନିଧିମାନଙ୍କୁ ଉଦ୍‌ବୋଧନ

ଯଜ୍ଞ ମଣ୍ଡପରେ ବେଦପାଠ

ସାପ୍ତାହିକ ସତ୍‌ସଙ୍ଗରେ ପ୍ରବଚନ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ୟୁରୋପର ଅନେକ ଦେଶ ଭ୍ରମଣ କରିଛନ୍ତି ଶନ୍ନୋଦେବୀ । ଯେଉଁଠିକି ଯାଇଛନ୍ତି ସବୁଠାରେ ମିଳିଛି ଅଭ୍ୟର୍ଥନା, କେହି ନା କେହି ଆସି ଆଦରରେ ଘରକୁ ନେଇ ଆପ୍ୟାୟିତ କରାଇଛନ୍ତି, ବୁଲାଇଛନ୍ତି । କାହାର ଉପନୟନ ସଂସ୍କାର ତ କାହାର ବିବାହରେ ପୁରୋହିତ ହୋଇ, ବୈଦିକ ଉପଦେଶ ଦେଇ ଶତାଧିକ ପୁରୁଷ ନାରୀଙ୍କ ମାତା ହୋଇଛନ୍ତି ।

ଶନ୍ନୋଦେବୀ ଆଜି ପଞ୍ଚସ୍ତରୀ ବର୍ଷରେ ପାଦ ଥାପିଛନ୍ତି । ତାଙ୍କର ଏ ଜୀବନକାଳ ଆମ ଆଗରେ ସାଧନାର ପଞ୍ଚସ୍ତରୀ ବର୍ଷ ସଦୃଶ ବିଦ୍ୟମାନ । ନିୟମିତ ବେଦ ଅଧ୍ୟୟନ, ଅଗ୍ନିହୋତ୍ର (ଯଜ୍ଞ), ବେଦ ପ୍ରଚାର, ଲେଖନ ତାଙ୍କୁ ବିଦୁଷୀ କରିଛି । ସମାଜରେ ସେ 'ବେଦ-ବିଦୁଷୀ' ନାମରେ ପରିଚିତ । ସେ କହନ୍ତି :-

- ଜୀବନର ଆରମ୍ଭ ଓ ଶେଷ ନାହିଁ ।
- ଆମ ଜୀବନର ସମସ୍ତ କାର୍ଯ୍ୟାବଳୀ ନିଖୁଣ ନିକିତିରେ ତଉଲ ହୁଅନ୍ତି ।
- ମୃତ୍ୟୁ ଏକ ପ୍ରକାର ନିଦ୍ରା ।
- ଆମେ ଅଳ୍ପଜ୍ଞ ।
- କାଳଦୃଷ୍ଟିରୁ ଗୋଟିଏ କ୍ଷୁଦ୍ର ଜୀବନ ମଧ୍ୟ ସାଧନା ବଳରେ ବିଶ୍ୱଜୀବନର ସମୀପବର୍ତ୍ତୀ ହୁଏ ।
- ପ୍ରତିଦିନ ପ୍ରାତଃ ଓ ସାୟଂକାଳର ପ୍ରାର୍ଥନା ସମୟରେ 'ଜୀବେମ ଶରଦଃ ଶତମ୍' ପାଠ କର ।
- ମୁଁ ସଂଘର୍ଷ ଶୂନ୍ୟ ମୋକ୍ଷ ଲୋକ ଚାହେ ନାହିଁ, ସଂଘର୍ଷମୟ ସଂସାରରେ ରହିବା ପସନ୍ଦ କରେ ।

ଆଶ କରୁଛୁ ସେ ଶହେ ବର୍ଷ ଜୀବନ ଲାଭ କରିବେ ।

ସତ୍ୟର ପ୍ରୟୋଗ ପାଇଁ ଦେହଧାରଣର ଅପୂର୍ବ ସୁଯୋଗ ସଦ୍‌ବ୍ୟବହାର କଳାମୟୀଙ୍କୁ ଆମର ପ୍ରଣାମ ।

ଏ/୧୭୩, ସହିଦ ନଗର, ଭୁବନେଶ୍ୱର

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ସଂସ୍କାରିତ ସମାଜର ଅନ୍ୟତମ ଆଧାରଶୀଳା : ଶନ୍ନୋଦେବୀ

ଅରୁନ୍ଧତୀ ଦେବୀ

ସେ ବେଦପ୍ରଜ୍ଞା, ବେଦ ବିଦୁଷୀ, ସଂଯତ, ଶାଳୀନ, ଶୋଭନୀୟ ଭାରତୀୟ ନାରୀର ପ୍ରତିନିଧିତ୍ୱ କରୁଥିବା ମୁକୁଟ ମଣି । ପୁଣ୍ୟଭୂମି ଉତ୍କଳରେ ସଂଭୂତା କୁମୁଦିନୀରୁ ଉଠିଥିବା ଶନ୍ନୋଦେବୀ । ସେ ସତରେ ବେଦ-ସରସୀରେ ଭାସମାନ ଶୋଭାମୟୀ, ବେଦ ମଂତ୍ରୋଦକରେ ପବିତ୍ର ଓ ତାହାର ସହିତ ଉଚ୍ଚାରଣରେ ବାସ୍ମୟିତ ଚଳ ଚଳ କମଳ । ଆମ ରାଜ୍ୟ ତଥା ଦେଶର ମୁଖକୁ ଉଜ୍ଜ୍ୱଳ କରି ସେ ଅଳଂକୃତ କଲେ ପ୍ରଥମ ନାରୀ ବ୍ରହ୍ମା ବା ପୁରୋହିତର ଗୌରବମୟ ଆସନ । ତାଙ୍କ କଣ୍ଠରୁ ନିଃସୃତ ସ୍ପଷ୍ଟ, ଶୁଦ୍ଧ, ମଧୁର ବେଦଧ୍ୱନିରୁ ବିଚ୍ଛୁରିତ ହୁଏ ନିରାମୟ ଜୀବନ ପୁଷ୍ପର ସୁଗନ୍ଧି ଓ ବିକିରିତ ହୁଏ ଆଲୋକର ଚୁନା ଚୁନା ରଶ୍ମିରାଜି । ତାଙ୍କ ମଧ୍ୟରେ ହସି ଉଠନ୍ତି ବୈଦିକ ନାରୀ ଗାର୍ଗୀ, ମୈତ୍ରେୟୀ, ଲୋପାମୁଦ୍ରା ଆଦି ଜ୍ଞାନର ବୈଭବମୟୀ ବିଦୁଷୀଗଣ । ତାଙ୍କର ବୌଦ୍ଧିକ ଓ ସାରସ୍ୱତ ଚିତ୍ରଶାଳାରେ ନାରୀର ପ୍ରଜ୍ଞାମୟୀ ରୂପସତ୍ତା, ତ୍ୟାଗର ଆକାଶବ୍ୟାପୀ ବିସ୍ତାର, ପାତାଳ ଛୁଆଁ ପ୍ରେମର ଗଭୀରତା, ପରିବାର ନେଇ ସମାଜ ନିର୍ମାଣ ଓ ସୁପରିଚାଳନାର ସାମର୍ଥ୍ୟ, ବଞ୍ଚିତ ଅଧିକାରକୁ ପ୍ରାପ୍ତ କରିବାର ନ୍ୟାୟିକ ମର୍ଯ୍ୟାଦା, ମାତୃତ୍ୱର ଦେବୀତ୍ୱ ଓ କର୍ତ୍ତବ୍ୟ ପାଳନର ନୀତିନିଷ୍ଠତା – ଏ ସମସ୍ତ ଅପୂର୍ବ ଛଟାରେ ଖୋଦିତ, ଅଙ୍କିତ ଓ ପ୍ରତିଭାତ !

ତେବେ ମୁକ୍ତକଣ୍ଠରେ ଓ ନମ୍ରତାର ସହ ସେ ସ୍ୱୀକାର କରନ୍ତି ଯେ ପିତା ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ଗଙ୍ଗାଧର ପଣ୍ଡା, ଋଷିପ୍ରାଣ ଶ୍ୱଶୁର ସ୍ୱର୍ଗତ ପଣ୍ଡିତ ଲିଙ୍ଗରାଜ ଅଗ୍ନିହୋତ୍ରୀ ଏବଂ ଏଯାବତ୍ ପାଖେ ପାଖେ ରହି ଆସିଥିବା ପତିଦେବ ବେଦପଥିକ ଧର୍ମାତ୍ମା ଜଂ ପ୍ରିୟବ୍ରତ ଦାସଙ୍କ ସହଯୋଗରେ ତାଙ୍କ ଅନ୍ତର୍ନିହିତ ପ୍ରତିଭାର ସ୍ଫୁରଣ । ଶ୍ୱଶୁରଙ୍କର ଆଜ୍ଞା ଥିଲା ଶ୍ମଶାନରେ ବେଦପାଠ କରି ତାଙ୍କର ଅନ୍ତ୍ୟେଷ୍ଟି କର୍ମ ସଂପାଦନ କରିବାକୁ । ତାଙ୍କର ଆଜ୍ଞାନୁସାରେ ସେ ଶ୍ୱଶୁରଙ୍କ ଅନ୍ତ୍ୟେଷ୍ଟି କର୍ମ ସତ୍ୟନଗର ଶ୍ମଶାନ ଭୂମିରେ ସଂପନ୍ନ କରିଥିଲେ । ପିତ୍ରାଳୟ ପରେ ଶ୍ୱଶୁରାଳୟ ପାଲଟି ଥିଲା ତାଙ୍କର ପ୍ରକୃତ ଶିକ୍ଷାଳୟ । ଆଚାର୍ଯ୍ୟ ସାଜି ଥିଲେ ପୂଜ୍ୟ ଶ୍ୱଶୁର – ଆର୍ଯ୍ୟ ଗୁରୁଦେବ ପତିଙ୍କ ଲିଖିତ ପତ୍ରପତ୍ରିକା, ସମ୍ବାଦପତ୍ରର ବୈଦିକ ପ୍ରବନ୍ଧାବଳୀ ଓ ପ୍ରବଚନଗୁଡିକୁ ସୁନ୍ଦର କରି ଉତାରି ନେଉ ନେଉ ଏବଂ ତାଙ୍କ ସହିତ ସଭାସମିତିରେ ଯୋଗଦାନ କରୁକରୁ ସେ ହୋଇ ଉଠିଲେ ବାଙ୍ମୟୀ ଓ ଚମତ୍କାର ସୁଲେଖିକା । ଫିଟି ପଡିଲା ଅନ୍ତଃକୋଷରୁ ପ୍ରଜ୍ଞାର ପ୍ରବାହ – ବହି ଚାଲିଲେ ସେ ବେଦମତି, ବେଗମତି ଓ ସ୍ରୋତସ୍ୱିନୀ ହୋଇ ଦେଶବିଦେଶରେ ସ୍ୱାମୀଦେବଙ୍କ ସହିତ ଭ୍ରମଣ କରି ବେଦର ଅମୃତମୟ ପଂକ୍ତି ପ୍ରସାରଣ କଲେ । ସୃଷ୍ଟି କଲେ ବୈଦିକ ଚିନ୍ତନର ପବିତ୍ର ଉଦ୍‌ବେଳନ । ଗୁଜରାତ, ମୁମ୍ବାଇ, ଚେନ୍ନାଇ, ଦିଲ୍ଲୀ, ହରିଦ୍ୱାର, ବାରାଣସୀ, ଆମେରିକା, ଲଣ୍ଡନ, ମରିଶସ୍, ହଲାଣ୍ଡ ଆଦି ସ୍ଥଳରେ ହେଲେ ସମ୍ବର୍ଦ୍ଧିତ, ସମ୍ମାନିତ ଓ ପୁରସ୍କୃତ ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ତାଙ୍କ ପ୍ରଣୀତ 'ବେଦରେ ନାରୀ' ଆଦି ଗ୍ରନ୍ଥ ଓଡିଆ ମହିଳା ସାହିତ୍ୟ ପାଇଁ ଉଜ୍ଜ୍ୱଳ ଅବଦାନ । ଏହିପରି ଉଠି ଚାଲିଛନ୍ତି ସେ ପାବଛ ପରେ ପାବଛ ଏବଂ ଗାଇ ଚାଲିଛନ୍ତି ଜୀବନର ଦିଗ୍‌ବଳୟକୁ ଛୁଇଁ ବିଜୟିନୀର ମୈତ୍ରୀଗୀତି ଏବଂ ତୃପ୍ତିର ସ୍ୱାଦ ଦେଇଛି ପୂର୍ଣ୍ଣତାର ପ୍ରାପ୍ତି ।

ସାଂପ୍ରତିକ ସମାଜରେ ଚାରିତ୍ରିକ ଅଧୋଗତି, ନାରୀସଂଖ୍ୟା ହ୍ରାସ ଓ ନାରୀ ପ୍ରତି ହୀନମନ୍ୟତା ଏବଂ ଅସଦାଚରଣକୁ ଲକ୍ଷ୍ୟ କରି ସେ କହନ୍ତି – ଯେଉଁ ଗୃହରେ ମହିଳା ନ ଥାଆନ୍ତି, ସେଠାକୁ ଭିକାରୀଟିଏ ମଧ୍ୟ ଭିକ ପାଇଁ ଆସେ ନାହିଁ । ସେ ନିଜ ରଚନାମାନଙ୍କରେ ନାରୀକୁ ପରିବାରର ଭାରସାମ୍ୟ ରକ୍ଷାକାରିଣୀ ଏବଂ ସକଳ ମାନବିକତା ରୂପକ ସୁଗୁଣ ରସକୁ ଗୃହକୁମ୍ଭରେ ସଂରକ୍ଷଣ ପୂର୍ବକ ଶାନ୍ତି, ଶୀତଳତା ପ୍ରଦାନ କାରିଣୀ ଭାବରେ ସୁନ୍ଦର ଚିତ୍ରଣ କରିଛନ୍ତି । ନାରୀର ସତ୍ କର୍ମ ଦ୍ୱାରା ସମାଜ ପରିପୁଷ୍ଟ ହୁଏ । ମଧୁମୟ ବିଶ୍ୱରେ ଜୀବନ ସଂଗୀତ ରସମୟ ଝଙ୍କାର ତୋଳେ । ମାନବ କଲ୍ୟାଣକାରୀ ହୋମାଗ୍ନିରେ ସେ ସମର୍ପି ଦିଏ ସୁଗନ୍ଧିତ ଶ୍ରଦ୍ଧା । ବିଶ୍ୱଶାନ୍ତି ନିମନ୍ତେ ତପସ୍ୟାର ଯଜ୍ଞବେଦୀରେ ସେ ବାଢ଼ିଦିଏ ସଂପ୍ରୀତିର ଅକ୍ଷତ । ତା' ହୃଦୟରେ ରହିଯାଏ ସଦ୍ୟ ପ୍ରସ୍ଫୁଟିତ ପୁଷ୍ପର ପ୍ରସନ୍ନତା, ନମ୍ରତାର ମଧୁରତା, ସତ୍ୟର ମର୍ଯ୍ୟାଦା ଏବଂ ଧରିତ୍ରୀର ଅମାପ ସହନଶୀଳତା । ସେଥିରୁ କ୍ଷାରିତ ହେଉଥାଏ ବିନ୍ଦୁ ବିନ୍ଦୁ ସାତ୍ତ୍ୱିକ ଆଧ୍ୟାତ୍ମିକ ଅମୃତ । ତା'ର ଅଘୋର ଚକ୍ଷୁର ପାବନ ଦୃଷ୍ଟିରୁ ନିଃସୃତ ହେଉଥାଏ ଆଲୋକ ଓ ଆନନ୍ଦର ଧାରା । ସେ ଧାରା ପ୍ରଜ୍ଞା, ପ୍ରତିଭା, ମନ୍ତ୍ରରୂପା, ବେଦରୂପା, ଅନୁକମ୍ପା ଓ ସୌନ୍ଦର୍ଯ୍ୟର ଆଶ୍ରୟ ଦାୟିନୀ । ମାତାଙ୍କୁ ଦେଖି ମାତୃଭୂମି ଓ ମାତୃଭାଷାର କଳନା, ମାଆର ସ୍ପର୍ଶ ପାଇଁ ଶିଶୁ ଆତୁର ହୁଏ । ଏସବୁ ବେଦର ବିଚାର ତାଙ୍କ ଲେଖନୀରେ ଅଭିବ୍ୟକ୍ତ ହୁଏ ।

ମାନନୀୟା ଶନ୍ନୋଦେବୀ ଯେପରି ପ୍ରବଚିକା, ସେପରି ଆଚରଣକର୍ତ୍ରୀ । ଗୃହାଙ୍ଗନରେ ନିଜର ସନ୍ତାନ ସନ୍ତତିଙ୍କୁ ବେଦର ବିଚାର ଓ ବ୍ୟବହାରରେ ରସାଳ କରିଛନ୍ତି । ତାଦ୍ୱାରା ସେମାନେ ମଧ୍ୟ ବେଦର ଶୋଭନୀୟ ସୌରଭକୁ ସମାଜରେ ପ୍ରସାର କରୁଛନ୍ତି । ଏହି ବୈଦିକ ଦମ୍ପତି ପୂଜ୍ୟ କୁମାର ଭାଇଙ୍କ ଦ୍ୱାରା ପ୍ରତିଷ୍ଠିତ ଶୋଭନୀୟ ଆନ୍ଦୋଳନର ଓ ଶୋଭନୀୟ ଶିକ୍ଷାଶ୍ରମଗୁଡିକର ପ୍ରଖର ପ୍ରଶଂସକ । ସେମାନେ ବହୁବାର ଏଠାକୁ ଆସି ଉତ୍ସର୍ଗୀକୃତ ମାତୃଜାତି ଓ ସାଧନାମୟୀ କନ୍ୟାମାନଙ୍କୁ ଦେଖି ଅତ୍ୟନ୍ତ ସନ୍ତୋଷ ପ୍ରକାଶ କରନ୍ତି ।

ଜୀବନର ଅପରାହ୍ନରେ 'ଇଶାବାସ୍ୟାମ୍'ର ଗବାକ୍ଷ ନେଇ ଏହି ବେଦଦମ୍ପତି ବେଦ ପ୍ରେରିତ କପୋତ-କପୋତୀ ଦ୍ୱୟ ତୃଷିତ ନୟନରେ ଚାହିଁ ରହିଛନ୍ତି – ସାଂପ୍ରତିକ ସମାଜରୁ ଭୋଗ, ରୋଗ, ହିଂସା, ପ୍ରତିହିଂସା କେବେ ଦୂର ହେବ ? କିଏ ତୋଳି ନେବ ତାଙ୍କ ହୃଦୟର ପୁଣ୍ୟ ଆକୁଳତାକୁ ? ବେଦର ଋଷି ଯେଉଁ ସୁନ୍ଦର, ଶୋଭନୀୟ ବୈଦିକ ସମାଜର ଆକଳନ କରଛନ୍ତି, ତାକୁ ସେ ମାନସ ନେତ୍ରରେ ଦେଖୁଛନ୍ତି । ସେହି ଆକଳନ କେବେ ଓ କିପରି କାର୍ଯ୍ୟରୂପ ନେବ ? କେବେ ମାନବିକତାର ପୁନରୁଦ୍ଧାର ହେବ ?

ଶନ୍ନୋଦେବୀ ନିକଟରେ ସମାଜ ଚିରଋଣୀ ହୋଇ ରହିବ । ସଂସ୍କାରିତ ସମାଜ ପାଇଁ ତାଙ୍କର ବିଚାର ଓ ଆଚାର, ଉଚ୍ଚାରଣ ଓ ଆଚରଣ ଆଧାରଶିଳା ଭାବରେ ପ୍ରତିଷ୍ଠିତ ହେବ ।

ଅନ୍ତର୍ଜାତୀୟ ଶୋଭନୀୟ ଆନ୍ଦୋଳନ
କୋଟଲା, ମୋବାରକପୁର, ନୂଆଦିଲ୍ଲୀ, ଦୂରଭାଷ : ୦୯୪୩୭୧୨୪୫୭୨

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ସବୁଆଡ଼େ ମାଉସୀ

ଡଃ ଅନ୍ନପୂର୍ଣ୍ଣା (ଡେରାଡୁନ)

ଅଠର, କୋଡିଏ ବର୍ଷ ପୂର୍ବର ଘଟଣା । ମୁଁ ସେତେବେଳେ ଦିଲ୍ଲୀ ନିକଟସ୍ଥ ନରେଲାଠାରେ କନ୍ୟା ଗୁରୁକୁଳର ଉପାଚାର୍ଯ୍ୟା ଥିଲି । ଦିନେ ଗୋଟିଏ ଦମ୍ପତି ଏକ କନ୍ୟାକୁ ଏହି ଗୁରୁକୁଳରେ ପ୍ରବିଷ୍ଟ କରାଇବା ନିମନ୍ତେ ପହଞ୍ଚିଲେ । ସେମାନେ ଆସୁଥିବା ଖବର ଗୁରୁକୁଳର ଆଚାର୍ଯ୍ୟା ପୂର୍ବରୁ ଜାଣିଥିଲେ । ଗୁରୁକୁଳର ପ୍ରତିଷ୍ଠାତା ପ୍ରାତଃସ୍ମରଣୀୟ ସ୍ୱାମୀ ଓମାନନ୍ଦ ସରସ୍ୱତୀ ସେହି ବିଷୟ ଆଚାର୍ଯ୍ୟାଙ୍କୁ ଅବଗତ କରାଇଥିଲେ । ସେମାନଙ୍କୁ ଅତିଥି ପ୍ରକୋଷକୁ ନେଇଯିବା ପାଇଁ ଆଚାର୍ଯ୍ୟା ମୋତେ ସଂକେତ ଦେଲେ । ଯିବା ବାଟରେ ଜାଣିଲି ଯେ ସେମାନେ ଓଡିଆ ଭାଷାରେ କଥୋପକଥନ କରୁଛନ୍ତି । ମୁଁ ଯେତିକି ଆନନ୍ଦ ହେଲି, ସେତିକି ଆଶ୍ଚର୍ଯ୍ୟ ମଧ୍ୟ ହେଲି । ଓଡିଶାରେ ବେଦର ପଠନ-ପାଠକ ନଗଣ୍ୟ । ଏପରି ସ୍ଥଳେ ଏମାନେ ଗୋଟିଏ କନ୍ୟାକୁ ବେଦବିଦ୍ୟା ପଢ଼ାଇବା ପାଇଁ ଏଠାକୁ ଆଣିଛନ୍ତି । ସେମାନଙ୍କ ସହିତ ଯେତିକି ଯେତିକି କଥାବାର୍ତ୍ତା କଲି, ସେତିକି ସେତିକି ସେମାନଙ୍କର ଜ୍ଞାନ ଓ ଅନୁଭୂତି ବିଷୟରେ ଅଧିକ ଜାଣିଲି । ଶନ୍ନୋଦେବୀଙ୍କୁ ପଚାରିଲି – "ଓଡିଆ ଚଳଣିରେ ଏଣିକି ଆପଣଙ୍କୁ ମାଉସୀ ଡାକିବି । ଏଠାରେ ଛୋଟକୁ 'ବହନ୍‌ଜୀ' ଓ ବଡକୁ 'ମାତାଜୀ' ଡାକନ୍ତି । ମୁଁ ଓଡିଆ ଝିଅ । ତେଣୁ ମାଉସୀ ସଂବୋଧନ କରିବି । ଆପଣଙ୍କ ଅନୁମତି ଚାହୁଁଛି ।" ସେ ମୁଣ୍ଡ ଉପରେ ହାତ ଦେଇ 'ହଁ' ଭରିଲେ । ସେମାନଙ୍କ ସାଥିରେ ଆସିଥିବା କନ୍ୟାଟି ଗୁରୁକୁଳରେ ଦାଖଲ ହେଲା । ପ୍ରିୟବ୍ରତ ବାବୁ ଓ ଶନ୍ନୋଦେବୀଙ୍କ ସହିତ ରାତ୍ରିରେ ଅନେକ କଥାବାର୍ତ୍ତା ହେଲି ଓଡିଶାରେ ଆର୍ଯ୍ୟସମାଜର ବେଦ ପ୍ରଚାର କାର୍ଯ୍ୟ ସମ୍ବନ୍ଧରେ । ସ୍ୱର୍ଗତ ସଂସ୍କାରକ ଶ୍ରୀବସୁ ପଣ୍ଡା ସ୍ୱାମୀ ଦୟାନନ୍ଦଙ୍କ 'ସତ୍ୟାର୍ଥପ୍ରକାଶ' ପଢିବା ପାଇଁ ହିନ୍ଦୀ ଶିଖିଲେ । ପୁସ୍ତକ ଅନୁବାଦ କଲେ । ହିନ୍ଦୁଧର୍ମର ପ୍ରଚଳିତ କୁସଂସ୍କାର ବିରୁଦ୍ଧରେ ତାଙ୍କ ବିଦ୍ରୋହୀ ମନ 'ସତ୍ୟାର୍ଥ ପ୍ରକାଶ' ପଢ଼ି ଆକୁଳ ହେଲା । ସେ ବୁଝିଲେ – ପ୍ରତିମାପୂଜା, ବହୁଦେବତାବାଦ, ଜନ୍ମଗତ ଜାତିପ୍ରଥା, ବେଦାଦି ଶାସ୍ତ୍ରପଠନ ପାଇଁ ନାରୀ ଓ ଶୂଦ୍ରଙ୍କୁ ବାରଣ କରିବା, ଭାଗ୍ୟବାଦ ଆଦି ଆଧୁନିକ ହିନ୍ଦୁଧର୍ମର ବିଚାରଧାରା ବେଦର ନୁହେଁ । ସେସବୁ ଦୁଇ ତିନି ହଜାର ବର୍ଷ ମଧ୍ୟରେ ଲିଖିତ ପୁରାଣ ଗୁଡିକର ପ୍ରଭାବ । ପଣ୍ଡାଜୀ ଓଡିଶାର ପ୍ରଥମ ଆର୍ଯ୍ୟସମାଜୀ ଥିଲେ । ପ୍ରିୟବ୍ରତ ବାବୁ ତାଙ୍କ ଆତ୍ମୀୟ । ସେ ବିଂଶ ଶତାବ୍ଦୀର ସତୁରି ଦଶକରେ ଭୁବନେଶ୍ୱରଠାରେ ଆର୍ଯ୍ୟସମାଜର ବଡ କେନ୍ଦ୍ର ସ୍ଥାପନ କରିଛନ୍ତି । ପତିପତ୍ନୀ ବେଦ, ଉପନିଷଦ, ଦର୍ଶନ ବିଷୟରେ ଅନେକ ଓଡିଆ ପୁସ୍ତକ ଲେଖିଛନ୍ତି । ଏଗୁଡିକ କାଳକାଳକୁ ପାଠକଙ୍କ ମାର୍ଗଦର୍ଶନ କରୁଥିବ । ସେମାନେ ଗୁରୁକୁଳକୁ ସାଥିରେ ଆଣିଥିବା କନ୍ୟାଟି ତାଙ୍କର ଆତ୍ମୀୟା, ନିଜ ଖର୍ଚ୍ଚରେ ତାଙ୍କୁ ବେଦଶିକ୍ଷା ନେବା ଏମାନଙ୍କର ଅଭିଳାଷ ।

ପରଦିନ ସେମାନେ ଦିଲ୍ଲୀ ଫେରିଲେ । ଦିଲ୍ଲୀର ଏକ ଆର୍ଯ୍ୟସମାଜରେ ମୋର ପ୍ରବଚନ ଥିଲା । ସେଠାରେ ପହଞ୍ଚିବା ବେଳକୁ ଏହି ପଣ୍ଡିତ ଦମ୍ପତି ମଞ୍ଚ ଉପରେ ବସିଥିବା ଦେଖି ଆଶ୍ଚର୍ଯ୍ୟ ହେଲି । ଆମେ ତିନି ଜଣଙ୍କର ପ୍ରବଚନ ହେଲା । ସଭାରେ ସେମାନଙ୍କର ସୁନ୍ଦର ଭାଷଣ ଶୁଣି ହର୍ଷିତ ହେଲି । ଉପରବେଳା କିଛି ଧର୍ମ ପୁସ୍ତକ କିଣିବା ପାଇଁ ଗୋଟିଏ ପ୍ରସିଦ୍ଧ ପୁସ୍ତକ ଦୋକାନଙ୍କ ଗଲି । ମୁଁ ଯିବା ପୂର୍ବରୁ ଏହି ଦଂପତି ସେଠାରେ ଦୋକାନ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ମାଲିକଙ୍କ ସହ ବସି କଥାବାର୍ତ୍ତା ହେଉଥିଲେ । ଭାବିଲି – 'ସବୁଆଡେ ମାଉସୀ' । ବହୁ ବର୍ଷ ଧରି ଓଡିଶା ବାହାରେ ଥିବାରୁ ସେମାନଙ୍କର କାର୍ଯ୍ୟାବଳୀ ଜାଣିପାରି ନଥିଲି । ଧୀରେ ଧୀରେ ମାଉସୀଙ୍କ ସହିତ ସଂପର୍କ ନିବିଡ ହେଲା । ବଡ ବଡ ସମ୍ମିଳନୀରେ ପ୍ରତିନିଧିମାନେ ଶନ୍ନୋଦେବୀଙ୍କୁ 'ମାତାଜୀ' କହନ୍ତି । ପରନ୍ତୁ ମୁଁ କହେ – 'ମାଉସୀ' ଏବଂ ସେଥିରେ ସେ ଅତ୍ୟନ୍ତ ଆହ୍ଲାଦିତ ହୁଅନ୍ତି ।

ଓଡିଶା ଓ ବାରାଣସୀରେ ସଂସ୍କୃତ ପଢ଼ି ପି.ଏଚ୍.ଡି କରିବା ପରେ ମୁଁ ରାଜସ୍ଥାନର ବନସ୍ଥଳୀ ବିଦ୍ୟାପୀଠରେ ଅଧ୍ୟାପନା କରୁଥିଲି । ସେଠାରେ ହିଁ ଆର୍ଯ୍ୟସମାଜ ସହିତ ପରିଚୟ ହେଲି । ପରେ ସେଠାରୁ ଆସି ନରେଲା ଗୁରୁକୁଳରେ ଅଧ୍ୟାପନା କଲି । ଆଜିକାଲି ଡେରାଡୁନ କନ୍ୟା ଗୁରୁକୁଳରେ ଆଚାର୍ଯ୍ୟା ଅଛି । ମୋର ସୌଭାଗ୍ୟ ଯେ ଶତାଧିକ ଓଡିଆ ଝିଅଙ୍କୁ ଏହି ଗୁରୁକୁଳକୁ ଆଣି ପଣ୍ଡିତା କରାଇବାରେ ସକ୍ଷମ ହୋଇଛି । ମାଉସୀ ଏଠାକୁ ଅନେକ ଥର ଆସିଛନ୍ତି । କନ୍ୟାମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି । ଆଜୀବନ ବ୍ରହ୍ମଚାରିଣୀ ରହି ଶିକ୍ଷା-ସେବାରେ ବ୍ରତୀ ଥିବାରୁ ମୋ' ପ୍ରତି ମାଉସୀଙ୍କ ଯେଉଁ ଅନାବିଳ ସ୍ନେହ, ତାହାର ଋଣ ପରିଶୋଧ କରିବା ଏ ଜୀବନରେ ସମ୍ଭବ ନୁହେଁ । ସେ ମୋ' ପାଇଁ ଗର୍ବ ଅନୁଭବ କରନ୍ତି; ମୁଁ ମଧ୍ୟ ଦେଶବିଦେଶ ସଭାସମିତିରେ ତାଙ୍କୁ ଦେଖି ଆନନ୍ଦ ପାଏ । ଓଡିଶାର ବାହାରେ ମୁଁ ଓଡିଆଭାଷୀ ବ୍ରହ୍ମଚାରିଣୀ ଆଚାର୍ଯ୍ୟା ଭାବରେ ପରିଚିତା, ସେ ମଧ୍ୟ ଓଡିଶାର ଗୃହିଣୀଙ୍କ ମଧ୍ୟରେ ପ୍ରାଜ୍ଞା, ପ୍ରଚାରିକା, ଆଦର୍ଶ ପୁରୋହିତା । ମୁଁ ଓଡିଶାରୁ ଆସିଛି ଶୁଣି ଓଡିଶା ବାହାର ଲୋକେ ପଚାରନ୍ତି – ଆପଣ ଶନ୍ନୋଦେବୀଙ୍କୁ ଜାଣିଛନ୍ତି କି ?

ଆର୍ଯ୍ୟସମାଜ କ୍ଷେତ୍ରରେ ଏପରି କୌଣସି ଭାରତୀୟ ସନ୍ନ୍ୟାସୀ, ପଣ୍ଡିତ, ଉପଦେଶକ ନାହାନ୍ତି ଯେ ତାଙ୍କୁ ଜାଣନ୍ତି ନାହିଁ । ବଡ ବଡ ପଣ୍ଡିତମାନଙ୍କୁ ଭୁବନେଶ୍ୱରକୁ ନିମନ୍ତ୍ରିତ କରି ସେ ସମ୍ମାନିତ କରିଛନ୍ତି । କନ୍ୟା ଗୁରୁକୁଳରେ ଆଚାର୍ଯ୍ୟାମାନଙ୍କୁ ଭୁବନେଶ୍ୱରରେ ପୁରସ୍କୃତ କରିଛନ୍ତି ।

ମୋରିସସ୍‌ରେ ତାଙ୍କ କଥା ଅନେକେ ମନେ ରଖିଛନ୍ତି । ସେ ସେଠାକୁ ପ୍ରଚାର କାର୍ଯ୍ୟରେ ଏକାଧିକ ବାର ଯାଇଛନ୍ତି । ଭାଷଣ ଦେଇଛନ୍ତି । ଆମେରିକାର ଅନେକ ସ୍ଥଳରେ ଯଜ୍ଞାନୁଷ୍ଠାନ କରିଛନ୍ତି । ଅନେକ ମାଂସାହାରୀକୁ ଶାକାହାରୀ କରିଛନ୍ତି । ହଲାଣ୍ଡ ସମ୍ମିଳନୀରେ ସେ ମୋ' ଭାଷଣ ପୂର୍ବରୁ ପ୍ରଥମେ କହିଥିଲେ । ମୁଁ ସେହି ସମ୍ମିଳନୀରେ ତାଙ୍କ ଭାଷଣ ଶୁଣି ମୁଗ୍ଧ ହୋଇଥିଲି । ଆମ୍ଭେମାନେ ଆଜୀବନ ସଂସ୍କୃତ ଭାଷାର ଅଧ୍ୟୟନ ଅଧ୍ୟାପନା କରୁ କିନ୍ତୁ ଜଣେ ଗୃହିଣୀ ହୋଇ ବେଦ, ଉପନିଷଦ, ରାମାୟଣ, ମହାଭାରତ ଆଦି ଗ୍ରନ୍ଥରୁ ଅନେକ ମନ୍ତ୍ର, ଶ୍ଳୋକ ଉଦ୍ଧାର କରି ସେ ସୁନ୍ଦର ଭାବରେ ହିନ୍ଦୀ ଭାଷାରେ ବିଶ୍ଳେଷଣରେ କରନ୍ତି । ତାଙ୍କର ସରଳତା ଓ ଆତ୍ମୀୟତା ଅଳ୍ପ ସମୟ ମଧ୍ୟରେ ଅପରିଚିତ ବ୍ୟକ୍ତିକୁ ନିଜର କରିଦିଏ । ନିଜର ଖର୍ଚ୍ଚରେ ପ୍ରତିବର୍ଷ ଦେଶର ଜଣେ ବେଦବିଦୁଷୀଙ୍କୁ ଭୁବନେଶ୍ୱର ଆର୍ଯ୍ୟସମାଜରେ ପୁରସ୍କୃତ କରାନ୍ତି ।

ଆର୍ଯ୍ୟସମାଜର ବଡ ବଡ ପଣ୍ଡିତ ଓ ଉପଦେଶକମାନେ ସଭାସମିତିକୁ ଯାଇ ସୁନ୍ଦର ପ୍ରବଚନ ଦିଅନ୍ତି । ପରନ୍ତୁ ତାଙ୍କ ସହିତ ନିଜ ସହଧର୍ମିଣୀମାନେ ଯିବା ମୁଁ ଦେଖିନାହିଁ । ପ୍ରିୟବ୍ରତ ବାବୁ ସହିତ ଶନ୍ନୋଦେବୀ, ବରଂ ସତ କହିଲେ ଶନ୍ନୋଦେବୀଙ୍କ ସହିତ ପ୍ରିୟବ୍ରତ ବାବୁ ଦେଶବିଦେଶରେ ଏକାଠି ବୁଲନ୍ତି । ଓଡିଶାର ଏହି ବିଦ୍ୱାନ ଦମ୍ପତି ଓଡିଶା ବାହାରେ ଚାରିଆଡେ ପ୍ରସିଦ୍ଧ । ସବୁଠାରୁ ବଡ କଥା ନିଜର ପୁତ୍ରକନ୍ୟା, ନାତିନାତୁଣୀଙ୍କୁ ବୈଦିକ ସଂସ୍କାରରେ ସଂସ୍କାରିତ କରିଥିବା ଶନ୍ନୋଦେବୀଙ୍କ ମହାନ୍ ଅବଦାନ । ଏପରି ଜଣେ ମହୀୟସୀ ନାରୀ ଆଜି ଓଡିଶା ମାଟିକୁ ଧନ୍ୟ କରିଛନ୍ତି ।

ଆଚାର୍ଯ୍ୟା, ଦ୍ରୋଣସ୍ଥଳୀ କନ୍ୟା ଗୁରୁକୁଳ, ଡେରାଡୁନ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

ଡକ୍ଟର ଶ୍ରୀଚରଣ ମହାନ୍ତି

ମନୁସ୍ମୃତି'ରେ ଲେଖା ଅଛି 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ' (ତୃତୀୟ ଅଧ୍ୟାୟ, ୩୨) । ଏହି ଉକ୍ତିକୁ ଆମେ ଏପରି ଭାବରେ କହିଲେ ହେବ ଯେଉଁ ପରିବାରରେ ନାରୀ ସମ୍ମାନ ଲାଭ କରେ, ସେଠାରେ ସର୍ବଦା ଶାନ୍ତି ବିରାଜିତ ହୁଏ । ସେହି ପରିବାରରେ ଦିବ୍ୟ ସନ୍ତାନସନ୍ତତି ଜାତ ହୁଅନ୍ତି । ନାରୀର ଅସମ୍ମାନ ହିଁ ଅଶାନ୍ତିର କାରଣ । ସେଥିରୁ ସମସ୍ତ କର୍ମ ନିଷ୍ଫଳ ହୋଇଥାଏ । ମାତା ଧରିତ୍ରୀଙ୍କ ପରି ନାରୀ ସର୍ବଂସହା । ମାତ୍ର ଯେଉଁଠାରେ ଅଶାନ୍ତି, ଦୁର୍ଗତି ଦେଖାଦିଏ, ସେଠାରେ ନାରୀର ରୂପ ପାଲଟିଯାଏ ସଂହାରକାରିଣୀ କାଳିକା ବା ଦୁର୍ଗତି ନାଶିନୀ ମା' ଦୁର୍ଗା ରୂପରେ । ପୁଣି କଥାରେ ଅଛି 'ପୁଅ ପଢିଲେ ପଢଇ ବାସ, ଝିଅ ପଢିଲେ ପଢ଼ଇ ଦେଶ ।' ପ୍ରାଚୀନ ଭାରତରେ ନାରୀଶିକ୍ଷା ସହିତ ନାରୀର ସମ୍ମାନ ବି ରହିଥିଲା । ସମାନ ଭାବରେ ଋଷିମୁନିଙ୍କ ସହିତ ଋଷିପତ୍ନୀମାନେ ବି ଜ୍ଞାନଚର୍ଚ୍ଚା ଓ ଜ୍ଞାନ ପ୍ରଦାନରେ ରତ ରହୁଥିଲେ । ମାତ୍ର ସାମାଜିକ ପରିବର୍ତ୍ତନ ଓ ପ୍ରଶାସନର ଦୁର୍ଦ୍ଦିନ ଯୋଗୁଁ ମଧ୍ୟଯୁଗରେ ନାରୀ ପାଲଟିଲା ଗୃହାନ୍ଧକାର ବାସିନୀ । ମାତ୍ର ଯେଉଁଠି ଅଜ୍ଞାନ ଅନ୍ଧକାର ଦୂର ହୋଇ ପାରିଛି, ସେଠାରେ ଦେଖାଦେଇଛି ଜ୍ଞାନର ଆଲୋକ ବର୍ତ୍ତିକା ।

ଏହି ଆଦର୍ଶ ହିଁ ନମୁନାରେ ପରିଣତ ହୋଇପାରିଛି । ରକ୍ଷଣଶୀଳ ଓଡିଆ ବ୍ରାହ୍ମଣ ପରିବାରର କୁଳବଧୂ 'କୁମୁଦିନୀ' ଆଜି 'ଶନ୍ନୋଦେବୀ' । ଏହି ଭାବରେ ରୂପାନ୍ତରିତ ହୋଇ କେବଳ ଗଞ୍ଜାମ ଭୂମି ବା ଉତ୍କଳଖଣ୍ଡ ତଥା ସମଗ୍ର ଭାରତବର୍ଷ ଏପରିକି ବିଶ୍ୱର ଅନେକ କୋଣରେ ସଂସ୍କାର, ସଂସ୍କୃତି ଓ ସଦ୍‌ଭାବନାର ବାଣୀ ବିତରଣ କରିକରି ଚାଲିଛନ୍ତି ସେ । ଏ ପରିବାରର କେବଳ ଶନ୍ନୋଦେବୀ ନୁହନ୍ତି ସାରା ପରିବାର ଯେପରି ସଂସ୍କୃତି, ସଂସ୍କାର ଉଦ୍ଦେଶ୍ୟରେ ନିଜକୁ ନିୟୋଜିତ କରିଛନ୍ତି । ଝିଅ, ପୁଅ, ବୋହୂ, ନାତୁଣୀ, ନାତି ତଥା ସ୍ୱାମୀ ସଭିଏ ଯେପରି ଆତ୍ମୋତ୍ସର୍ଗ କରିଛନ୍ତି ଆର୍ଯ୍ୟ ସଭ୍ୟତା-ସଂସ୍କୃତିକୁ ଜନସାଧାରଣଙ୍କ ପାଖରେ ପହଁଚାଇବା ପାଇଁ । ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କର ଅମର ପ୍ରଚେଷ୍ଟାକୁ ସାକାର ରୂପ ଦେବା ପାଇଁ ଏ ପରିବାର ଚେଷ୍ଟିତ । ସେଠାରେ ଶାରୀରିକ କ୍ଲେଶ ହାର ମାନିଯାଇଛି । ଆଉ ହାର ମାନିଯାଇଛି ବୟସ, ଯେପରି ନଈର ସୁଅ ସମୟର ଗତି ଆଗକୁ ଆଗକୁ ଆଗେଇ ଚାଲେ । ସେହିପରି କେବଳ ଆଗକୁ ଆଗକୁ ମାଡିଚାଲିବା ହିଁ ଯେପରି ସେମାନଙ୍କର ଲକ୍ଷ୍ୟ । ସେଦିନର ଇଂଜିନିୟରିଂ ପାଠ ପଢିଥିବା ସ୍ୱାମୀ ହୁଅନ୍ତୁ ବା ଆଜିର ପଦାର୍ଥ ବିଜ୍ଞାନ ତଥା କମ୍ପ୍ୟୁଟର ବିଜ୍ଞାନରେ ଇଂଜିନିୟରିଂ ଦକ୍ଷତା ଅର୍ଜନ କରିଥିବା ବୋହୂ ବା ପୁଅ ହୁଅନ୍ତୁ ତଥା ଉଚ୍ଚଶିକ୍ଷା ଲାଭ କରିଥିବା ନାତି ନାତୁଣୀ ହୁଅନ୍ତୁ, ସଭିଙ୍କର ଲକ୍ଷ୍ୟ ଯେପରି ସେହି ମାର୍ଗରେ ଆଗକୁ ଆଗକୁ ମାଡିଚାଲିବା ପାଇଁ, ସମାଜିକ ଚଳଣିରେ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ପରିବର୍ତ୍ତନ ପାଇଁ, ବେଦ – ଉପନିଷଦ, ଦର୍ଶନଶାସ୍ତ୍ରରେ ଲିଖିତ ଥିବା ଅସଲ ରୂପ ଦେଖାଇବା ପାଇଁ । 'କୁମୁଦିନୀ' 'ଶନ୍ନୋଦେବୀ' ରେ ପରିଣତ ହେବାପରେ ଯେପରି ତାଙ୍କର ଅସଲ ରୂପ ବିକଶିତ ହୋଇ ଉଠିଛି ।

ସେ ଅନେକ ଦିନ ତଳର କଥା । କୁମୁଦିନୀ ତାଙ୍କ ସ୍ମୃତିର ବାତାୟନ ଖୋଲି କହିଥିଲେ । ପିତୃ ପରିବାରରେ ସେ ପାରମ୍ପରିକ ପଦ୍ଧତିର ଦେବଦେବୀ ପୂଜା, ପୁରାଣ ପାଠ ଶୁଣି ଶୁଣି ତାଙ୍କ ମନରେ ପୌରାଣିକ ବିଶ୍ୱାସ-ସଂସ୍କାର ଜମାଟ ବାନ୍ଧିଯାଇଥିଲା । ଯେପରି – "ଶିବ, ବିଷ୍ଣୁ, ଗଣେଶ ପ୍ରଭୃତି ଜଣେ ଜଣେ ଭଗବାନ । ସେମାନେ ଭକ୍ତମାନଙ୍କୁ ବରଦାନ କରନ୍ତି ଓ ବେଳେ ବେଳେ ଅଭିଶାପ ଦିଅନ୍ତି । ଆମ ପରି ଭୋଜନ, ସ୍ନାନ, ଶୟନ ଓ ସନ୍ତାନୋତ୍ପତ୍ତି କରନ୍ତି । ନିଜ ନିଜ ବାହନରେ ବସି ଆତଯାତ ହୁଅନ୍ତି । x x x ମନୁଷ୍ୟର ଜାତି ତାହାର ଜନ୍ମରୁ ନିର୍ଦ୍ଧାରିତ ହୁଏ । ନୀଚ ଜାତିର ଲୋକେ ଉତ୍ତମ କର୍ମ କରି ସୁଦ୍ଧା କୁକର୍ମ କରୁଥିବା ବ୍ରାହ୍ମଣ ଠାରୁ ହୀନ ଅଟନ୍ତି । x x x ଦେବତାମାନେ ସ୍ୱର୍ଗରେ ବାସ କରନ୍ତି । ଗଙ୍ଗାରେ ସ୍ନାନ କଲେ ମନୁଷ୍ୟର ସକଳ ପାପ ଦୂର ହୁଏ ଇତ୍ୟାଦି । ('ସ୍ମୃତି ବାତାୟନେ' ପୃ-୧)

କୁମୁଦିନୀଙ୍କ ଶ୍ୱଶୁରାଳୟ କିନ୍ତୁ ଭିନ୍ନ ସଂସ୍କାରର । ଉନବିଂଶ ଶତାବ୍ଦୀରେ ସମଗ୍ର ଭାରତବର୍ଷରେ ଧର୍ମୀୟ ଜାଗରଣର ବାର୍ତ୍ତା ପ୍ରଦାନ କରି ବେଦ ଓ ବୈଦିକ ଗ୍ରନ୍ଥମାନଙ୍କର ସଂସ୍କାର ରୂପ ପ୍ରଦର୍ଶନ କରି ନବଜାଗରଣ ଆଣିଥିଲେ ମହର୍ଷି ଦୟାନନ୍ଦ ସରସ୍ୱତୀ । ପ୍ରତିଷ୍ଠା କରିଥିଲେ 'ଆର୍ଯ୍ୟ ସମାଜ' । ଲୋକମାନଙ୍କ ଚେତନାର ଜାଗରଣ ଆଣି ସେମାନଙ୍କ ମନର ଅନ୍ଧବିଶ୍ୱାସକୁ ସେ ଦୂର କରାଇଥିଲେ । କୁସଂସ୍କାରର ପଥର ଶିଳା ତଳେ ଚାପି ହୋଇଥିବା ସତ୍ୟର ଆଲୋକକୁ ପ୍ରକାଶ କରି ଦେଖାଇଥିଲେ ଏକ ନବଦିଗନ୍ତ । ତାଙ୍କ ଲିଖିତ କାଳଜୟୀ ଗ୍ରନ୍ଥ 'ସତ୍ୟାର୍ଥପ୍ରକାଶ' ଓଡିଆରେ ଅନୁବାଦ କରିବା ସହିତ ଓଡିଶାରେ ଆର୍ଯ୍ୟସମାଜର ପ୍ରସାର କ୍ଷେତ୍ରରେ ପ୍ରମୁଖ ଭୂମିକା ନେଇଥିଲେ ଶ୍ରୀବସ୍ ପଣ୍ଡା । ସଂସ୍କାରକ ଶ୍ରୀବସ୍ ପଣ୍ଡାଙ୍କ ବଂଶଧର ଓ ସେହି ସଂସ୍କାରରେ ଅନୁପ୍ରେରିତ ଥିଲେ କୁମୁଦିନୀଙ୍କ ଶ୍ୱଶୁର ଓ ଶ୍ୱଶୁରାଳୟ ।

କୁମୁଦିନୀଙ୍କ ଶ୍ୱଶୁରାଳୟର ସମସ୍ତେ ଆର୍ଯ୍ୟସମାଜୀ ଥିଲେ । ପାରଂପାରିକ ମୂର୍ତ୍ତିପୂଜା ପରିବର୍ତ୍ତେ ସେମାନେ ପ୍ରତ୍ୟେକେ ପୃଥକ୍ ପୃଥକ୍ ଭାବରେ ସକାଳେ ଓ ସନ୍ଧ୍ୟାରେ ଧ୍ୟାନ ଉପାସନା କରୁଥିଲେ । ଉପାସନା ପ୍ରାରମ୍ଭରେ ଜଳରେ ଆଚମନ କରିବା ସମୟରେ ବେଦମନ୍ତ୍ର "ଶନ୍ନୋଦେବୀରଭିଷ୍ଟୟ ଆପୋ ଭବନ୍ତୁ ପୀତୟେ । ଶଂଯୋରଭିସ୍ରବନ୍ତୁ ନଃ" ଅନାୟାସରେ ଆବୃତ୍ତି କରି ସାନ୍ଧ୍ୟ ଉପାସନା କଲାବେଳେ, ଅନଭ୍ୟସ୍ତ କୁମୁଦିନୀ କେବଳ 'ଶନ୍ନୋଦେବୀ, ଶନ୍ନୋଦେବୀ, ଶନ୍ନୋଦେବୀ' ଉଚ୍ଚାରଣ କରି କରି ଅଟକି ରହୁଥିଲେ । ପାରମ୍ପରିକ ଚଳଣିରେ ଅଭ୍ୟସ୍ତ ଓ ବେଦମନ୍ତ୍ର ସହିତ ଅନଭ୍ୟସ୍ତ କୁଳବଧୂ କୁମୁଦିନୀଙ୍କର ଏପରି ଅସହାୟତାକୁ ତପସ୍ୱୀ ଓ ବେଦଜ୍ଞ ଶ୍ୱଶୁର ଲକ୍ଷ୍ୟକରି ତାଙ୍କୁ 'ଶନ୍ନୋଦେବୀ' ନାମରେ ହିଁ ଡାକିବାକୁ କେବଳ ଆରମ୍ଭ କଲେନି ବରଂ ତାଙ୍କୁ ଶାସ୍ତ୍ର ଅଧ୍ୟୟନ କରାଇଲେ ।

ପାରମ୍ପରିକ ସ୍କୁଲଶିକ୍ଷାରେ ଅଭ୍ୟସ୍ତ ଓ ଛାତ୍ରୀଜୀବନରେ ବିଭିନ୍ନ ଭାଷଣ ପ୍ରତିଯୋଗିତାରେ ନାମ କରି ପୁରସ୍କାର ଲାଭ କରିଥିବା କୁମୁଦିନୀ ଶ୍ୱଶୁର ଘରେ ଆରମ୍ଭ କଲେ ନୂଆ ପାଠପଢା, ବେଦମନ୍ତ୍ର ଅଧ୍ୟୟନ ଓ ବୈଦିକ କର୍ମକାଣ୍ଡ । ସେଠାରେ ପ୍ରଥମେ ସଂପୂର୍ଣ୍ଣ ମନ୍ତ୍ର ପଢିପାରି ନ ଥିବା ପୁତ୍ରବଧୂ କେବଳ ପରିବର୍ତ୍ତିତ ନାମ ନୁହେଁ କର୍ମରେ ବି ଆଗେଇ ଆଗେଇ ଆସିଲେ । ନୂତନ ନାମ ଓ ନୂତନ କର୍ମରେ ସେ ଆଜି ସର୍ବତ୍ର ପରିଚିତା 'ଶନ୍ନୋଦେବୀ' ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

॥ଦୁଇ॥

ନାରୀ ଅବଳା, ଦୁର୍ବଳା, ଅସହାୟା ନୁହେଁ । ସେ ଗୃହାଙ୍ଗନାରେ ବନ୍ଦିନୀ ନୁହେଁ । ବୈଦିକ ଯୁଗରୁ ଏ ପର୍ଯ୍ୟନ୍ତ ଯେଉଁଠି ସୁଯୋଗ ଲାଭ କରି ପ୍ରେରଣା ପାଇଛନ୍ତି ସେଠାରେ ନାରୀ ଆଗେଇ ଯାଇଛନ୍ତି । କାମ କରିବାକୁ ସେମାନେ ପଛେଇ ନାହାନ୍ତି । ପରବର୍ତ୍ତୀ କର୍ମ କରିବା ଯୁଗରେ, ପାଠପଢି କର୍ମକରି ସେମାନେ ଦେଖାଇ ଦେଇଛନ୍ତି ଯେ ନାରୀ କୌଣସି କର୍ମରେ ପଛୁଆ ନୁହନ୍ତି । ପରିବାରର ପ୍ରେରଣା ନିଜର ଆତ୍ମବିଶ୍ୱାସ, ଆତ୍ମଶକ୍ତି ଆଗକୁ ଆଗକୁ ଆଗେଇ ନିଏ । ସେପରି ବୈଦିକ ଜ୍ଞାନ ଓ ଅଭ୍ୟାସରେ ଆଗେଇ ଯାଇଛନ୍ତି 'ଶନ୍ନୋଦେବୀ' । ଏସବୁ କାର୍ଯ୍ୟ ପାଇଁ ଆତ୍ମବଳ ହିଁ ଦରକାର । ଭାରତବର୍ଷରେ ଦେଖାଯାଏ ଉଚ୍ଚଶିକ୍ଷା ଲାଭ କରିଥିବା, କର୍ମନିପୁଣା, ପିତ୍ରାଳୟରେ ଅନେକ ଅନେକ କର୍ମର ସ୍ୱପ୍ନ ଦେଖିଥିବା କନ୍ୟା ଶ୍ୱଶୁରାଳୟରେ ଭୟ ଓ ନିର୍ଯାତନାର ଶିକାର ହୋଇ ହତାଶରେ କାଳଯାପନ କରେ । ଦେଖାଯାଇଛି ପୁଅଟିଏ ପରିବାରର ଉତ୍ସାହ ନ ପାଇଲେ ବି ସମାଜର ଅନ୍ୟ କେତେକ ସାହାଯ୍ୟ ସହଯୋଗରେ ଆଗେଇ ପାରିଛି । ନାରୀ ବିବାହ କରିସାରିଲା ପରେ ଯେଉଁ ସାମାଜିକ ବେଢଣ ଭିତରେ ରହେ, ସେ ବେଢ଼ଣକୁ ଡେଇଁ କିଛି ପରିବର୍ତ୍ତନ ଆଣିବାରେ କର୍ମ କରିବା ଉତ୍କଳୀୟ ସମାଜରେ ପ୍ରାୟ ଚାଳିଶ ବର୍ଷ ତଳେ ସମ୍ଭବ ନ ଥିଲା । କେବଳ ନିଜର ଇଚ୍ଛାଶକ୍ତି ଓ ପରିବାରର ଉତ୍ସାହ ଓ ସହମତି ଫଳରେ 'କୁମୁଦିନୀ' ହିଁ 'ଶନ୍ନୋଦେବୀ'ରେ ରୂପାନ୍ତରିତ ହୋଇ ପାରିଲେ ।

ଶ୍ୱଶୁରଙ୍କର ପ୍ରେରଣା ଓ ଶିକ୍ଷାଦାନ ଫଳରେ ପ୍ରଥମେ ଖବରକାଗଜ ପୃଷ୍ଠାରେ ପ୍ରକାଶିତ ହେଲା ନିଜର ଲେଖା । ତା' ପରେ କର୍ମକାଣ୍ଡ ଓ ଛୋଟ ଛୋଟ ଭାଷଣ ଦେବା ପରେ ଶନ୍ନୋଦେବୀ ହିଁ ନିଜର ଦୃଢତା ଓ ପ୍ରତିଷ୍ଠା ପ୍ରତିପାଦନ କରିବାରେ ଲାଗିଲେ । ଆଜି କେବଳ ଓଡିଶା ବା ଭାରତ ବର୍ଷ ନୁହେଁ, ଭାରତ ବାହାରେ ବି ତାଙ୍କର ନାମ ପ୍ରଚାରିତ ହୋଇପାରିଛି । ଏସବୁ କାର୍ଯ୍ୟ ପାଇଁ ଆତ୍ମବଳ ହିଁ ଦରକାର ।

ଏବେ ବି ଶନ୍ନୋଦେବୀ ସାଧାରଣ ସଭାରେ ପ୍ରବଚନ ଦେବା ଓ ପ୍ରବନ୍ଧ ରଚନା କରି ତାକୁ ପ୍ରକାଶ କରିବା ତଥା ପୁସ୍ତକ ରଚନା କରିବାରୁ ଅପସରି ଯାଇନାହାନ୍ତି । ସୀମିତ ପରିସରରେ ଏ ରଚନାକୁ ସମାପ୍ତ କରିବାର ଆବଶ୍ୟକତା ଥିବାରୁ ତାଙ୍କର ଆତ୍ମଜୀବନୀ (ସ୍ମୃତି ବତାୟନେ) ରେ ସଙ୍କଳିତ କେତେକ ବକ୍ତୃତା ଓ କେତେକ ପ୍ରବନ୍ଧ ସଂପର୍କରେ ସୂଚନା ମାତ୍ର ପ୍ରଦାନ କରାଯାଇଛି । ସମ୍ବଲପୁର ଲାୟନସ୍ କ୍ଲବର 'ଈଶ୍ୱର ଓ ଯୋଗ' ସଂପର୍କରେ ବକ୍ତୃତା ଦେବାବେଳେ ସେ ଗୋଟିଏ ପ୍ରସଙ୍ଗ ପ୍ରଦାନ କରିଛନ୍ତି – " ପିଲାଦିନେ ଦେଖିଥିବା ଏକ ସର୍କସ ଖେଳ ମନେ ପଡୁଛି । ଖେଳରେ ଜଣେ ମହିଳା ନିଜ ମୁଣ୍ଡରେ ଗୋଟିଏ ଉପରେ ଗୋଟିଏ ଏପରି ଚାରି ପାଞ୍ଚୋଟି ମାଠିଆ ରଖି ଦୌଡି ଉପରେ ଚାଲିଯାଉଥିଲା । ଏହା ଏକାଗ୍ର ମନର ଗୋଟିଏ ଉଦାହରଣ । ପାର୍ବତ୍ୟ ଅଞ୍ଚଳରେ ଗାଡିଚାଳକର ମନ କିପରି ଥାଏ ବିଚାର କରନ୍ତୁ । ଚାଳକର ମନ ସ୍ଥିର ଓ ଏକାଗ୍ର ରହିଥିବାରୁ ଏପରି କୌଣସି ଅଘଟଣ ଘଟେ ନାହିଁ ।" ଏହି ପ୍ରସଙ୍ଗ କହି ସେ ଜଣାଇଛନ୍ତି ଯେ ମନରେ ଏକାଗ୍ରତା ରହିଲେ ଈଶ୍ୱରଲାଭ ସମ୍ଭବ ହୋଇପାରିବ ।

୨୭.୦୪.୨୦୦୨ ଦିନ ହରିଦ୍ୱାରସ୍ଥିତ ଗୁରୁକୁଳ କାଙ୍ଗଡି ବିଶ୍ୱବିଦ୍ୟାଳୟର ସ୍ଥାପନ ଶତାବ୍ଦୀ ଉପଲକ୍ଷରେ ମହିଳା ଅଧିବେଶନରେ ହିନ୍ଦୀ ଭାଷାରେ ଶନ୍ନୋଦେବୀ ଭାଷଣ ପ୍ରଦାନ କରିଥିଲେ ଯାହାର ଓଡିଆ ରୂପାନ୍ତର ହେଉଛି "କନ୍ୟାଙ୍କ ନିମନ୍ତେ ଗୁରୁକୁଳ ଶିକ୍ଷାର ଆବଶ୍ୟକତା" । ଏହି ଦୀର୍ଘ ଭାଷଣରେ ଗୁରୁକୁଳ ଶିକ୍ଷା ପ୍ରସଙ୍ଗ ଉପସ୍ଥାନ କରିବା ସଙ୍ଗେ ସଙ୍ଗେ ନିଜ ପରିବାର ପ୍ରସଙ୍ଗରେ ସେ ଉଲ୍ଲେଖ କରିଛନ୍ତି ଯେ "ଆଧୁନିକ ଶିକ୍ଷାରେ ଜ୍ଞାନ ବୃଦ୍ଧି ହୋଇଛି ସତ, ପରନ୍ତୁ ତପସ୍ୟା ଓ ପରୋପକାର ଭାବନା ହ୍ରାସ ପାଇଛି । ମୋର ମାଆ ଯେତିକି ପରିଶ୍ରମ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

କରୁଥିଲେ ଓ ଅନ୍ୟର ଉପକାର ପାଇଁ ନିଜର ସୁଖକୁ ଜଳାଞ୍ଜଳି ହେଉଥିଲେ, ମୁଁ ସେତିକି କରିପାରୁ ନାହିଁ । ମୋ ଝିଅ ମୋ' ଠାରୁ ଅଧିକ ପାଠ ପଢିଛି, ପରନ୍ତୁ ତାହା ଠାରେ ଅପେକ୍ଷାକୃତ କମ୍ ସାଧନା ପରିଦୃଷ୍ଟ ହେଉଛି । ତା'ର ଝିଅ ତା ଠାରୁ ଅଧିକ ପାଠୁଆ, ପରନ୍ତୁ ସେ ଶ୍ରମକାତର ଓ ବିଳାସୀ ।"

ଏହିପରି "ବେଦରେ ନାରୀ ଗୌରବ", 'ମାନବ ପାଇଁ ବେଦର ସନ୍ଦେଶ', 'ବୈଦିକ ବିବାହର ମହତ୍ତ୍ୱ', 'କର୍ମକାଣ୍ଡ ଓ ବେଦପାଠରେ ନାରୀର ଅଧିକାର', 'ହିନ୍ଦୁ ଜାତିର ଅବନତିର କାରଣ', 'ଗୃହରେ ସ୍ୱର୍ଗ' ତଥା ଫନାରୀ ଜାତି ପ୍ରତି ମହର୍ଷି ଦୟାନନ୍ଦଙ୍କ ଉପକାର' ପ୍ରସଙ୍ଗରେ ସେ ନାନା ସ୍ଥାନରେ ଭାଷଣ ପ୍ରଦାନ କରିଛନ୍ତି । ଶନ୍ନୋଦେବୀଙ୍କ ଭାଷଣ ସରଳ ଏବଂ ମହିଳାମାନଙ୍କର ମନଛୁଆଁ । ଏ ରଚନା ତାଙ୍କ ସାଧନା ଜୀବନର କିଛି ନମୁନା ମାତ୍ର । ସର୍ବତ୍ର ସେ ଆଲୋଚନାରେ ଜୀବନର ଅନୁଭୂତିକୁ ନମୁନା ଭାବରେ ପ୍ରଦାନ କରନ୍ତି । ତେଣୁ ତାଙ୍କ ଭାଷଣ ହୃଦୟସ୍ପର୍ଶୀ ହୋଇଥାଏ ।

ଶନ୍ନୋଦେବୀଙ୍କ ପ୍ରବନ୍ଧଗୁଡିକ ମଧ୍ୟ ଅନୁରୂପ ଓ ତାଙ୍କ "ସ୍ମୃତି ବାତାୟନେ" ଜୀବନ-ଲେଖା ପରିଶିଷ୍ଟରେ କେତେକ ନିର୍ବାଚିତ ପ୍ରବନ୍ଧ ସ୍ଥାନିତ । ଯେପରି "ପ୍ରାଚୀନ ଭାରତୀୟ ସମାଜରେ କନ୍ୟାର ଗୌରବ", "ସ୍ୱାଧୀନତାର ପରିଣାମ ସୁଖପ୍ରାପ୍ତି, କିନ୍ତୁ ସୁଖ କାହିଁ?", 'ଗୃହିଣୀ ଗୃହମୁଚ୍ୟତେ' ଠାରୁ ଆରମ୍ଭ କରି 'ରାଷ୍ଟ୍ରର ନିର୍ମାତ୍ରୀ ଓ କର୍ଣ୍ଣଧାର ନାରୀ', 'ସଦ୍‌ଗୁଣ ଶିରୋମଣି ଶ୍ରୀକୃଷ୍ଣ', 'ସାଂପ୍ରଦାୟିକ ସଦ୍‌ଭାବନାରେ ମହିଳାମାନଙ୍କ ଭୂମିକା' ତଥା 'ଆଧୁନିକ ନାରୀ ପାଇଁ ବେଦର ପ୍ରାସଙ୍ଗିକତା' ଆଦି ବିବିଧ ଉପଯୋଗୀ ବିଷୟ ଶନ୍ନୋଦେବୀଙ୍କ ଆଧୁନିକ ଚିନ୍ତନକୁ ପ୍ରାଚୀନ ଶାସ୍ତ୍ରର ଆଧାରରେ ପ୍ରତିପାଦନ କରିବାର ଭାବ ବ୍ୟକ୍ତ କରେ । ଭାଷା ସରଳ ଓ ପ୍ରସଙ୍ଗ କ୍ରମେ ଉପସ୍ଥାପନ କରୁଥିବା ନମୁନା ସବୁ ନିଜସ୍ୱ ଅନୁଭୂତିରୁ ପ୍ରସ୍ତୁତ ହୋଇଥିବାରୁ ବକ୍ତୃତା ହେଉ ବା ପ୍ରବନ୍ଧ ହେଉ ଶ୍ରୋତା ବା ପାଠକଙ୍କୁ ବିଶେଷ ଆନନ୍ଦ ଦେଇଥାଏ । ନମୁନା ସ୍ୱରୂପ ତାଙ୍କର ଯେକୌଣସି ପ୍ରବନ୍ଧରୁ କେତେକ ଧାଡି ବି ଉଦ୍ଧାର କରାଯାଇପାରେ । "ମାଟିର ଦୁର୍ଗାଙ୍କୁ ନମସ୍କାର, ଜୀଅନ୍ତା ଦୁର୍ଗାଙ୍କୁ ତିରସ୍କାର" । ଦୁର୍ଗାପୂଜା ମଣ୍ଡପରେ ମହିଷାସୁରକୁ ବଧ କରିବାର ଦୃଶ୍ୟ ଦେଖିବାକୁ ମିଳେ । ମହିଷ ହେଉଛି ସବୁଠାରୁ ଅଳସୁଆ ଜନ୍ତୁ ଏବଂ ଦୁର୍ଗା ହେଉଛନ୍ତି ଶକ୍ତିର ପ୍ରତୀକ । ବୀର୍ଯ୍ୟଶାଳୀ ବ୍ୟକ୍ତି କେବେ ହେଲେ ଆଳସ୍ୟପରାୟଣ ହୁଏ ନାହିଁ । ତାହାର ଶାରୀରିକ ଓ ମାନସିକ ଦୁର୍ବଳତା ଦୂରୀଭୂତ ହୁଏ । ଜୀବନ୍ତ ଦୁର୍ଗାରୂପିଣୀ ନାରୀ ସର୍ବଦା ଗୃହର ଶ୍ରୀବୃଦ୍ଧିରେ ନିଯୁକ୍ତ ଥାଏ । ସେ ପ୍ରତ୍ୟେକ ମୁହୂର୍ତ୍ତରେ ମହିଷ ରୂପକ ଆଳସ୍ୟକୁ ବଧ କରିଥାଏ । ଗର୍ଭଧାରଣ କରିବା, ଶିଶୁର ଲାଳନପାଳନ କରିବା, ଗୁରୁଜନଙ୍କ ସେବା, ଅତିଥି ସତ୍କାର, ଯଜ୍ଞାଦି ଦୈନିକ ଅନୁଷ୍ଠାନ ନାରୀଦ୍ୱାରା ଉତ୍ତମ ରୂପରେ ସଂପାଦିତ ହେବା ଦ୍ୱାରା ପରିବାରରୁ ଅଜ୍ଞାନ ଓ ଅଶୁଦ୍ଧତା ଦୂର ହୁଏ । ତେଣୁ ନାରୀ ହିଁ ପ୍ରକୃତ ପକ୍ଷରେ ମହିଷମର୍ଦ୍ଦିନୀ ।"

ଜଟିଳ ତତ୍ତ୍ୱକୁ ସରଳ ଭାବରେ ଉପସ୍ଥାନ କରିବା ଶନ୍ନୋଦେବୀଙ୍କର ବୈଶିଷ୍ଟ୍ୟ । ଏବେ ମଧ ତାଙ୍କର କର୍ମଧାରା ଶିଥିଳ ହୋଇନି, ଯେପରି ପରିବାରରେ, ସେହିପରି ସଂଗଠନରେ ଓ ସଭାସ୍ଥଳରେ । ଭକ୍ତକବି ମଧୁସୂଦନଙ୍କ ପଦଟିଏ ଉଦ୍ଧାର କରି ମୋର ଆଲୋଚନାକୁ ଶେଷ କରୁଛି —

"ବୈକୁଣ୍ଠ ସମାନ ଆହା ଅଟେ ସେହି ଘର
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର ॥"

ପ୍ଲଟ ନଂ ୮୮୬, ଚଣ୍ଡିମାତା କଲୋନୀ, ରସୁଲଗଡ,
ଭୁବନେଶ୍ୱର – ୭୫୧୦୧୦, ମୋ : ୯୪୩୭୩୫୧୯୪୨

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

'ଅମୃତାୟନ'ରେ ବେଦ ପ୍ରବଚନ

ଶ୍ରୀମତୀ ଗୀତା ହୋତା

'ଅମୃତାୟନ' ମାସିକ ପତ୍ରିକା ଅନେକ ବର୍ଷ ଧରି ବେଦ ପ୍ରବଚନରୁ ଆରମ୍ଭ ହୁଏ । ତାହା ପତ୍ରିକାର ମଙ୍ଗଳାଚରଣ । ଯଶସ୍ୱିନୀ ବେଦ ବିଦୁଷୀ ଶନ୍ନୋଦେବୀ ତାହାର ଲେଖିକା । ସେ ଆଜି ଜୀବନର ପଞ୍ଚସ୍ତରି ଶରଦରେ ପଦାର୍ପଣ କରୁଛନ୍ତି । ବୈଦିକ ପରମ୍ପରାରେ ଏହି ଅବସରକୁ ଅମୃତ ମହୋତ୍ସବ କହନ୍ତି । ଭଉଣୀ ଶନ୍ନୋଦେବୀଙ୍କ ନାମ ବହୁ ବର୍ଷ ପୂର୍ବରୁ ଶୁଣିଥିଲେ ସୁଦ୍ଧା ଆମେ ଓଡିଶା ଫେରିବା ପରେ ପ୍ରତ୍ୟକ୍ଷ ରୂପରେ ତାଙ୍କର ପରିଚୟ ପାଇଲି । କଲେଜରେ ପାଦ ରଖି ନଥିବା ଶନ୍ନୋଦେବୀ (ବାଲ୍ୟ ନାମ କୁମୁଦିନୀ) ନିଜର ଅଧ୍ୟବସାୟ ଓ ଧୈର୍ଯ୍ୟ ଦ୍ୱାରା ବେଦ ପରି କଠିନ ଶାସ୍ତ୍ରର ଅଧ୍ୟୟନରେ ନିଜକୁ ମିଶାଇ ଦେଇଛନ୍ତି । ନିଜ ସ୍ୱାମୀଙ୍କର ସୁଯୋଗ୍ୟ ସହଧର୍ମିଣୀ ଭାବରେ ତାଙ୍କର ବେଦ-ସେବାରେ ନିଜକୁ ଉତ୍ସର୍ଗ କରିଛନ୍ତି । ତାଙ୍କ ସହିତ ଦେଶ ବିଦେଶ ଭ୍ରମଣ କରୁଛନ୍ତି । ଆର୍ଯ୍ୟସମାଜର ନିର୍ମାଣରେ ସାହାଯ୍ୟ କରୁଛନ୍ତି । ବେଦର ପ୍ରସାର ନିମନ୍ତେ ଲେଖୁଛନ୍ତି ଓ ପ୍ରବଚନ ହେଉଛନ୍ତି । ସବୁଠାରୁ ବଡ କଥା ଯେ ସେ ନିଜ ପୁତ୍ର କନ୍ୟା ଓ ନାତିନାତୁଣୀ ମଧ୍ୟ ବେଦର ଧାରାରେ ନେଇପାରିଛନ୍ତି ।

ଅମୃତାୟନରେ ତାଙ୍କର ପ୍ରାରଂଭିକ ଲେଖାଗୁଡିକ ଗୃହସ୍ଥାଶ୍ରମ ସଂବନ୍ଧରେ ଲେଖାଯାଇଥିଲା । ଗୃହିଣୀମାନଙ୍କର ଉପରେ ତାହାର ସୁନ୍ଦର ପ୍ରଭାବ ପଡିଥିଲା । ବୈଦିକ କାଳରେ ଗୃହିଣୀମାନେ କିପରି ସଂସ୍କାରିତ ଜୀବନଚର୍ଯ୍ୟାରେ ବ୍ରତୀ ଥିଲେ, ଦୈନିକ ଗୃହଯଜ୍ଞ ଅନୁଷ୍ଠାନ କରୁଥିଲେ, ଗୁରୁଜନ ଓ ଅତିଥିମାନଙ୍କର ସେବା କରୁଥିଲେ, ପୁତ୍ରକନ୍ୟାମାନଙ୍କୁ ଆଚରଣ ଶିକ୍ଷା ଦେଉଥିଲେ, ଅତିଥି ଓ ଗୋସେବା କରୁଥିଲେ – ଏହି ବିଷୟରେ ସେ ବେଦମନ୍ତ୍ର ବ୍ୟାଖ୍ୟା କରୁଥିଲେ । ପରବର୍ତ୍ତୀ ସମୟରେ ସେ କେତେକ ଲଘୁ ପ୍ରବଂନ୍ଧ ଲେଖିଥିଲେ । 'ଦୁର୍ଗାଙ୍କର ଜନ୍ମ ଓ ମହିଷ ମର୍ଦ୍ଦିନୀ' ଶୀର୍ଷକ ଗୋଟିଏ ଲେଖାରେ ଶନ୍ନୋଦେବୀ ଲେଖିଥିଲେ– 'ଇନ୍ଦ୍ରିୟଗୁଡିକୁ ବେଦରେ 'ଦେବ' କୁହାଯାଇଛି । ବ୍ରହ୍ମାଣ୍ଡର ଦେବମାନେ ପିଣ୍ଡର ଇନ୍ଦ୍ରିୟ ଗୁଡିକରେ ବାସ କରନ୍ତି । ସୂର୍ଯ୍ୟଦେବ ଚକ୍ଷୁରେ, ଅଗ୍ନିଦେବ ବାଣୀରେ, ଚନ୍ଦ୍ରଦେବ ମନରେ, ବାୟୁଦେବ ପ୍ରାଣରେ ରହିଛନ୍ତି । ପୁରାଣମାନଙ୍କରେ ଲେଖାଅଛି ଯେ ଦୁର୍ଗା ଦେବମାନଙ୍କର ଅଂଶ ନେଇ ଜନ୍ମ ହେଲେ । ଏହାର ଅର୍ଥ ହେଉଛି ଯେ ମନୁଷ୍ୟର ଇନ୍ଦ୍ରିୟଗୁଡିକ ସଂଯତ ହେବା ଫଳରେ ସେଥିରେ ରଜବୀର୍ଯ୍ୟ ସୁରକ୍ଷିତ ରହେ । ଦୁର୍ଗା ଶକ୍ତିମୟୀ । ବ୍ରହ୍ମଚର୍ଯ୍ୟ ଦେହକୁ ସୁଦୃଢ ଦୁର୍ଗରେ ପରିଣତ କରେ । ମନୁଷ୍ୟର ଆଳସ୍ୟ ହେଉଛି ମହିଷ ବା ମଇଁଷୀ । ସେ ପଶୁମାନଙ୍କ ମଧ୍ୟରେ ସବୁଠାରୁ ବେଶି ଅଳସୁଆ । ଦୁର୍ଗା ମହିଷାସୁରଙ୍କୁ ବଧ କରିବା ବିଷୟ ପୁରାଣରେ ବର୍ଣ୍ଣନା କରାଯାଇଛି । ଅର୍ଥ ହେଉଛି ଯେଉଁ ବ୍ୟକ୍ତି ବ୍ରହ୍ମଚର୍ଯ୍ୟ ଧାରଣ କରେ (ଏହା କନ୍ୟାମାନଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ), ସେ ଆଳସ୍ୟ ପରାୟଣ ହୁଏ ନାହିଁ । ସେ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ସବୁବେଳେ ସତେଜ ଓ କ୍ରିୟାଶୀଳ ରହେ ।' ସେହି ପ୍ରବନ୍ଧରେ ସେ ଉଲ୍ଲେଖ କରିଥିଲେ ଯେ ଦୁର୍ଗାପୂଜାର ଅବସରରେ ଲୋକଙ୍କୁ ବ୍ରହ୍ମଚର୍ଯ୍ୟରକ୍ଷା ସମ୍ବନ୍ଧରେ ଶିକ୍ଷା ଦେବା ଉଚିତ । ସାତ୍ତ୍ୱିକ ଭୋଜନ, ବ୍ୟାୟାମ, ପ୍ରଣାୟାମ, ଧ୍ୟାନ ଆଦି ବିଷୟ ଚର୍ଚ୍ଚା ହେବା ବିଧେୟ । ଦୁର୍ଗାପୂଜା ସଂବନ୍ଧୀୟ ଏହି ଗୂଢ଼ ଜ୍ଞାନ ସେତେବେଳେ ପାଠକ-ପାଠିକାମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲା ।

ସେ ଆଜିକାଲି ଅମୃତାୟନରେ ଗୋଟିଏ ଗୋଟିଏ ବେଦମନ୍ତ୍ରର ବାଖ୍ୟା କରୁଛନ୍ତି । ବୈଦିକ କାଳରେ କନ୍ୟାର ଯୌତୁକ ସମ୍ବନ୍ଧରେ ଗୋଟିଏ ମନ୍ତ୍ରର ବ୍ୟାଖ୍ୟାରେ ସେ ଲେଖିଥିଲେ – "ଯୌତୁକ ରୂପରେ କୌଣସି ଭୌତିକ ବସ୍ତୁ ନ ଥିଲା । ସୁପତ୍ନୀ ଓ ସହଧର୍ମିଣୀ ହେବା ପାଇଁ ଯେଉଁ ଶିକ୍ଷା ଓ ଚେତନା ଲୋଡା, କନ୍ୟା ସେହି ସବୁ ସଦ୍‌ଗୁଣର ଅଧିକାରିଣୀ ହେଉଥିଲା । ଲଜ୍ଜା, ଦୟା, କ୍ଷମା ଆଦି ସଦ୍‌ଗୁଣ ଓ ଶୀଳ ତାହାର ସହଚରୀ ବା ସଖୀ ହୋଇ ପତିଗୃହକୁ ଯାଇଥିଲା । କନ୍ୟାର ନିର୍ମଳ ବୁଦ୍ଧି ତାହାର ଶଯ୍ୟା ରୂପରେ ଥିଲା । ତାହାର ମଧୁର ଦୃଷ୍ଟି ଅଳଙ୍କାର ଓ ଅଂଜନ ହୋଇଥିଲା । ସେ ଯେଉଁ ସୌଭାଗ୍ୟର ପେଟିକା ନେଇ ବରଘରକୁ ଯାଇଥିଲା, ତାହା ହେଉଛି ପୃଥିବୀ ଓ ଦ୍ୟୁଲୋକର ସମସ୍ତ ଜ୍ଞାନ । ଅର୍ଥାତ୍ କନ୍ୟା ଉଚ୍ଚ ଶିକ୍ଷିତା ହୋଇ ପୃଥିବୀ ଓ ଦ୍ୟୁଲୋକର ସମସ୍ତ ଜ୍ଞାନ-ବିଜ୍ଞାନର ଶିକ୍ଷାଲାଭ କରି ବିବାହିତ ହୋଇ ପତିଘରକୁ ଯାଉ ।'

'ନାରୀର ଶୀଳତା' ଶୀର୍ଷକ ଏକ ବ୍ୟାଖ୍ୟାରେ ସେ ଲେଖିଥିଲେ – 'ହେ ନାରୀ ! ଲଜ୍ଜା ତୁମର ଭୂଷଣ, ବିନମ୍ରତା ତୁମର ଗୌରବ । ଶାଳୀନତା ତୁମର କୋଟି କୋଟି ଯଶ । ପରମାତ୍ମା ତୁମକୁ ବ୍ରହ୍ମା ରୂପରେ ଗଢିଛନ୍ତି । 'ଯଥା ବ୍ରହ୍ମା, ତଥା ସୃଷ୍ଟି । ତୁମ ଚରିତ୍ରରେ ଅଣୁମାତ୍ର ସ୍ଖଳନ ଘଟିଲେ ସମଗ୍ର କୁଟୁମ୍ବ ଓ ସମାଜ ଦୋହଲି ଯାଏ । ତେଣୁ ଛୋଟବଡ ପ୍ରତ୍ୟେକ କର୍ମରେ ସଂଯମ ଓ ଶୀଳତା ରକ୍ଷା କର ।'

ଶନ୍ନୋଦେବୀ ଶତାୟୁ ହୋଇ ଏହିପରି ଭାବରେ ମନୁଷ୍ୟ ସମାଜରେ ବେଦର ବାଣୀ ପ୍ରଚାର କରନ୍ତୁ, ଏହା ହିଁ ପ୍ରଭୁଙ୍କ ଠାରେ ପ୍ରାର୍ଥନା ।

ସମ୍ପାଦିକା, ଅମୃତାୟନ
୯, ଷ୍ଟେସନ୍ ସ୍କୋୟାର, ଭୁବନେଶ୍ୱର

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ସାଧ୍ୱୀ ଶନ୍ନୋ : ସୁମଙ୍ଗଳୀ ଶନ୍ନୋ

ଶ୍ରୀମତୀ ଜୟନ୍ତୀ ରଥ

"ରୂପ, ଗନ୍ଧ ଓ ପ୍ରମୋଦ ଏହି ତିନୋଟି ଗୁଣ ଅପ୍‌ସରାମାନଙ୍କ ଠାରେ ଥାଏ । ଏହି ଲକ୍ଷଣ ଗୃହିଣୀଠାରେ ମଧ୍ୟ ରହିବା ଆବଶ୍ୟକ । ଗୃହିଣୀ ରୂପବତୀ, ଲାବଣ୍ୟମୟୀ ଓ ଶାରୀରିକ ସୁଷମାର ଅଧିକାରିଣୀ ହେବେ । ଆଭୂଷଣ, ଅଙ୍ଗଲେପାଦି ଦ୍ୱାରା ଶୋଭନୀୟା ହେବେ । କୁତ୍ସିତ ରୂପ ଓ ମଳିନ ବସନ ପୁତ୍ରକନ୍ୟାଙ୍କ ଉପରେ କୁପ୍ରଭାବ ପ୍ରକାଏ । ପରନ୍ତୁ ରୂପ, ଗନ୍ଧ ଓ ପ୍ରମୋଦ କେବଳ ଏହି ତିନୋଟି ଗୁଣ ନାରୀକୁ ବିଳାସିନୀ ଓ ଅଭିମାନିନୀ କରେ । ସେହି କାରଣରୁ ହେ ଗୃହିଣୀ ! ବାହ୍ୟ ସୌନ୍ଦର୍ଯ୍ୟ ସହିତ ତୁମେ ଚରିତ୍ରବାନ୍ ହୁଅ । ତୁମର ବିଶେଷତ୍ୱ ହେଉଛି ଲଜ୍ଜା, ସଂଯମ ଓ ପବିତ୍ରତା । ଶୁଦ୍ଧ ଚରିତ୍ର ତୁମର ସକଳ ଗତିବିଧି, ବଚନ ଓ ବ୍ୟବହାରକୁ ଶୋଭନୀୟ କରେ ।" (ଶନ୍ନୋଦେବୀଙ୍କ କୃତ 'ବେଦରେ ନାରୀ')

ଅର୍ଥବବେଦରେ ଗୃହପତ୍ନୀମାନଙ୍କ ପାଇଁ ଲେଖାଯାଇଥିବା ଏହି ଉକ୍ତି, ସଂପୂର୍ଣ୍ଣ ଭାବେ ପ୍ରତିଫଳିତ ହେଇଛି ବେଦବିଦୁଷୀ ଶନ୍ନୋଦେବୀଙ୍କର ଜୀବନଚର୍ଯ୍ୟାରେ ।

"ସ୍ମୃତି ବାତାୟନେ" ତାଙ୍କର ଆତ୍ମଜୀବନୀ ପଢ଼ି ମୁଁ ଏତେ ଆତ୍ମସନ୍ତୋଷ ଲାଭ କରିଛି ଯେ ତାକୁ ମୋର ସଂପଦ ଭାବେ ଅନ୍ତର୍ମନରେ ସାଇତି ରଖିଛି । ଜୀବନକୁ ସଜାଡିବାରେ ସୂତ୍ର ଅତି ସୂକ୍ଷ୍ମ ଭାବରେ ଦର୍ଶାଇଛନ୍ତି ଲେଖିକା ଉକ୍ତ ପୁସ୍ତକର ପ୍ରତ୍ୟେକ ପୃଷ୍ଠାରେ ପ୍ରତ୍ୟକ ପରିଚ୍ଛଦରେ ।

ବହୁ ବର୍ଷ ପୂର୍ବେ 'ସୁଚରିତା'ର ଜନ୍ମଦିନ ଉତ୍ସବରେ ମୁଁ ତାଙ୍କୁ ପ୍ରଥମେ ଦେଖିଥିଲି । ମଞ୍ଚ ଉପରେ ଠିଆ ହୋଇ ସେ ବେଦଗାନ କରୁଥିଲେ । ଅତି ସ୍ପଷ୍ଟ ଓ ମଧୁର ଥିଲା ତାଙ୍କର ସ୍ୱର । ପରେ ପରେ ବହୁ ସଭାରେ ତାଙ୍କୁ ଦେଖେ । ତେବେ ତାଙ୍କ ନାମକୁ ନେଇ ମୋ' ମନରେ ଯେଉଁ ପ୍ରଶ୍ନ ଥିଲା, ସେ ବିଷୟରେ ମୁଁ କେବେ ତାଙ୍କୁ ପଚାରି ପାରି ନଥିଲି । "ସ୍ମୃତି ବାତାୟନେ" ପଢିବା ପରେ ସେଇ ପ୍ରଶ୍ନର ଉତ୍ତର ପାଇଗଲି । ବେଦ ସମ୍ବନ୍ଧରେ ତାଙ୍କର ପ୍ରବେଶ ଅତି ଗଭୀର । ତେବେ ଆଲୋଚନା ବେଳେ ଯଥାସମ୍ଭବ ସେ ତର୍କକୁ ପ୍ରଶ୍ରୟ ଦିଅନ୍ତି ନାହିଁ । ତାଙ୍କର ବାକ୍ ସଂଯମ ଏବଂ ସଂସ୍କାର-ବୋଧ ହୁଏ ତାଙ୍କୁ ଏଥିପାଇଁ ବାଟ ଖୋଜେ । ଥରେ ଦୂରଦର୍ଶନର ଗୋଟିଏ ଚ୍ୟାନେଲ ତାଙ୍କୁ ବେଦ ଆଲୋଚନା ପାଇଁ ଡାକିଥିଲେ । ତାଙ୍କର ଆଲୋଚନା ଚାଲିଥିଲା ବେଳେ ଆମେ କେତେଜଣ ପୃଷ୍ଠପଟରେ ବସିଥିଲୁ । ତାଙ୍କ ଆଲୋଚନା ସରିବା ପରେ ଆମର କାର୍ଯ୍ୟକ୍ରମ ଥିଲା । ମୁଁ ମନଯୋଗ ଦେଇ ତାଙ୍କ ବକ୍ତବ୍ୟ ଓ ଅପର ଆଲୋଚକଙ୍କ ବକ୍ତବ୍ୟ ଶୁଣୁଥିଲି । ଆଲୋଚନା ସରିବା ପରେ ଶନ୍ନୋଦେବୀ ଅନ୍ୟ ଆଲୋଚକଙ୍କୁ ମୃଦୁ ହସି କହିଲେ – "ଆପଣ ପିଲା ଲୋକ । କଥା କଥାକେ ଉତ୍ତେଜିତ ହୋଇ ଯାଉଛନ୍ତି । ମୁଁ ତ ସେ ନେଇ କିଛି

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଭାବିନି । ମୋର ଯାହା କହିବାର କଥା ମୁଁ ଧୀରେ ଧୀରେ କହିଲି ।" ତାଙ୍କର ଏଇ ବିନମ୍ର ଭାବ ଦେଖି ମୁଁ ଅଭିଭୂତ ହୋଇ ପଡିଥିଲି । ଏକାଠି ଗାଡିରେ ଫେରିବା ବେଳେ ସେ ତାଙ୍କର ଦୈନନ୍ଦିନ ଜୀବନଚର୍ଯ୍ୟା ଉପରେ କହିଥିଲେ । ରୁଟି, ସନ୍ତୁଳା, ଫଳ, କ୍ଷୀର, ଛେନା – ଏଇ ଭିତରେ ତାଙ୍କର ନିତିଦିନର ଖାଇବା ସୀମିତ ।

ସେ ସବୁଦିନ ସକାଳେ ସନ୍ଧ୍ୟାବେଳେ ସ୍ୱାଧ୍ୟାୟ କରନ୍ତି ଘରେ ଅତି କମ୍‌ରେ ଦୁଇ ଘଣ୍ଟା ଧରି । ଏଇ ସ୍ୱାଧ୍ୟାୟର ପ୍ରଭାବ ତାଙ୍କ ସନ୍ତାନ ସନ୍ତତିଙ୍କ ଉପରେ ପଡିଛି । ସେମାନେ ସମସ୍ତେ ସମାଜରେ ସୁପ୍ରତିଷ୍ଠିତ । ବେଦ ସହିତ ଓତଃପ୍ରୋତ ଭାବରେ ଜଡିତ । ମାଆଙ୍କ ପରି ସଂସ୍କାରିତ, ସୁରୁଚି ସଂପନ୍ନ, ଲେଖକ, ବକ୍ତା ଓ ଆର୍ଯ୍ୟସମାଜ ଉତ୍‌ଥାନରେ ଓତପ୍ରୋତ ।

ଶୈଶବରେ ଅଜାମାମୁଁ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ୵ବିଶ୍ୱନାଥ ଦାସ ଓ ପିତା ଆଦର୍ଶ ପ୍ରଧାନ ଶିକ୍ଷକ ୵ ଗଙ୍ଗାଧର ପଣ୍ଡାଙ୍କ ତ୍ୟାଗପୂତ ଜୀବନ ଦର୍ଶନରେ ଅନୁପ୍ରାଣିତ । ଶନ୍ନୋଦେବୀ ବିବାହ ପରେ ବେଦବିତ୍ ଶ୍ୱଶୁରଙ୍କ ପ୍ରେରଣାରେ ଓ ତତ୍ତ୍ୱାବଧାନରେ ବୈଦିକ ଜ୍ଞାନ ଦିଗରେ, ନୂତନ ଆଲୋକ ଦିଗରେ ଅଗ୍ରସର ହୋଇଥିଲେ । ସଂସ୍କାର ଧର୍ମ ସହିତ ତାଳ ଦେଇ ସେ ଅବିଚ୍ଛିନ୍ନ ଭାବେ ବୈଦିକ ସଂସ୍କାର ଓ ହୋମ ଯଜ୍ଞାଦି କାର୍ଯ୍ୟ ସାଧନ କରିଛନ୍ତି । ବେଦର ପ୍ରଚାର ପ୍ରସାର ପାଇଁ ମୋରିଶସ୍, ଇଂଲେଣ୍ଡ, ଆମେରିକା, ହଲାଣ୍ଡ, ଦକ୍ଷିଣ ଆଫ୍ରିକା ଆଦି ବିଭିନ୍ନ ଦେଶ ବୁଲିଛନ୍ତି । ବ୍ୟକ୍ତିଗତ ଭାବରେ ସ୍ୱାମୀଙ୍କର ନିରାଡମ୍ବର ଜୀବନକୁ ଆପଣେଇ ନେଇଛନ୍ତି । ଦୀର୍ଘ ରେଲଯାତ୍ରାରେ ଯାଉଥିବା ବେଳେ ଥରେ ଗୋଟିଏ ଜାଗାରେ ବହୁ ସମୟ ଅପେକ୍ଷା କରିବାକୁ ପଡିଥିଲା ଦୁହିଁଙ୍କୁ । ମୁଖ୍ୟମନ୍ତ୍ରୀ ହୋଇ ସୁଦ୍ଧା ସରଳ ଜୀବନ ଅବଲମ୍ବନ କରୁଥିବା ସ୍ୱାମୀ ଟିକଟ କରିଥିଲେ ଦ୍ୱିତୀୟ ଶ୍ରେଣୀରେ । ଶନ୍ନୋଦେବୀ ପ୍ରଥମ ଶ୍ରେଣୀ ଅପେକ୍ଷା ଗୃହରେ ଟିକିଏ ବିଶ୍ରାମ ନେବାକୁ ଚାହିଲେ । ସ୍ୱାମୀ କହିଲେ – ଦ୍ୱିତୀୟ ଶ୍ରେଣୀର ଟିକଟ କାଟି ପ୍ରଥମ ଶ୍ରେଣୀର ସୁବିଧା କାହିଁକି ନେବା ? ବାସ୍ – ଏତିକିରେ ପ୍ରଥମଶ୍ରେଣୀ ଅପେକ୍ଷାଗୃହକୁ ଯିବାକୁ କ୍ଷାନ୍ତ ହୋଇଥିଲେ ସେ । ସ୍ୱାମୀଙ୍କ ଉଦ୍ଦେଶ୍ୟ ସତ୍ – ଏହା ସେ ହୃଦୟଙ୍ଗମ କରିଥିଲେ । ଉତ୍ତରପୀଢ଼ିର ଯୁବତୀମାନେ ଯଦି ଏଇ ଭଳି ସଦୁଦ୍ଦେଶ୍ୟ ସାଧନ ପାଇଁ କଷ୍ଟସ୍ୱୀକାର କରିବାର ମାନସିକତାକୁ ଗ୍ରହଣ କରିପାରନ୍ତେ, ତେବେ ଆମର ସାମାଜିକ ଜୀବନରୁ ବହୁ ତିକ୍ତତା ଉଭେଇ ଯାଆନ୍ତା । ନିଜେ ଶନ୍ନୋଦେବୀ ଲେଖିଛନ୍ତି ଯେ ସ୍ୱାମୀଙ୍କର କନିଷ୍ଠ ସହକର୍ମୀମାନେ ବାତାନୁକୂଳିତ ଟ୍ରେନ୍ ଯାତ୍ରା କରୁଥିବା ବେଳେ ସେ ତାଙ୍କ ସ୍ୱାମୀଙ୍କ ସହ ଆକୁମାରୀ ହିମାଳୟ ଭ୍ରମଣ କରିଛନ୍ତି ସେଇ ଦ୍ୱିତୀୟ ଶ୍ରେଣୀରେ । ସେ ଯଦି ଅଧିକ ସୁବିଧା ସ୍ୱାଚ୍ଛନ୍ଦ୍ୟ ପାଇଁ ଜିଦ୍ କରିଥାନ୍ତେ, ତେବେ କୁଆଡେ ବି ଯାଇପାରି ନଥାନ୍ତେ ।

ବ୍ୟବହାରରେ ଆଟୋପ ନାହିଁ । ଅହଂକାର ନାହିଁ । ବିପୁଳ ଯଶ, ପ୍ରତିଷ୍ଠା, ସମ୍ମାନ ପ୍ରାପ୍ତି ପରେ ବି ଆତ୍ମବଡିମା ତାଙ୍କୁ ସ୍ପର୍ଶ କରିନାହିଁ । ପ୍ରାୟତଃ ଉଜ୍ଜ୍ୱଳ ପୀତ ବସ୍ତ୍ର ପରିହିତା ଶନ୍ନୋଦେବୀ କେବଳ ଓଡିଶାର ନୁହେଁ, ସମଗ୍ର ଭାରତର ନାରୀଜାତିଙ୍କର ବରଣୀୟା, ବନ୍ଦନୀୟା – ଏହା କହିବାରେ ମୋର ଦ୍ୱିଧା ନାହିଁ ।

ସଂଗ୍ରହାଧ୍ୟକ୍ଷା

ଓଡିଶା ରାଜ୍ୟ ସଂଗ୍ରହାଳୟ, ଭୁବନେଶ୍ୱର

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଶନ୍ନୋଦେବୀ – ଷୋହଳ ପାଖୁଡାର ପଦ୍ମ

ଶ୍ରୀମତୀ ବନଜ ଦେବୀ

ଶନ୍ନୋଦେବୀଙ୍କୁ ମୁଁ ଜଣିଥିଲି ପିଲା ଦିନରୁ, ୧୯୫୪/୫୫ ମସିହାରେ ମୁଁ ଯେତେବେଳେ ନୂଆ ନୂଆ କବିତା ଲେଖୁଥିଲି ଓ ତାହା 'ପ୍ରଜାତନ୍ତ୍ର'ର ନାରୀଜଗତ ପୃଷ୍ଠାରେ ପ୍ରକାଶିତ ହେଉଥିଲା । ସେତେବେଳେ ସେହି ନାରୀଜଗତ ପୃଷ୍ଠାରେ ଶନ୍ନୋଦେବୀଙ୍କର ବେଦ ସଂପର୍କିତ ଲେଖା ମଧ୍ୟ ସ୍ଥାନିତ ହେଉଥିଲା । 'ସମାଜ' ପୃଷ୍ଠାରେ ମଧ୍ୟ ତାଙ୍କ ଲେଖା ପ୍ରକାଶିତ ହେଉଥିଲା । ସେତେବେଳେ ମୁଁ ଭାବୁଥିଲି, ଶନ୍ନୋଦେବୀ ଜଣେ ବରିଷ୍ଠ ବେଦ ଗବେଷିକା, ଜଣେ ବୟସ୍କ ମହିଳା ହୋଇଥିବେ । ଜଣେ ବୟସ୍କ ଲୋକର ଲେଖା ପରି ତାଙ୍କ ଲେଖା ଥିଲା ଭାବ-ଗମ୍ଭୀର । ତା' ପରେ ତାଙ୍କ ଲେଖା ଦେଖିବାକୁ ପାଇଲି 'ସମାଜ', 'ପ୍ରଜାତନ୍ତ୍ର' ଓ ଅନ୍ୟାନ୍ୟ ପତ୍ର ପତ୍ରିକାରେ । ଏହାର ଅନେକ ବର୍ଷ ପରେ ତାଙ୍କ ସହ ମୋର ସାକ୍ଷାତ ହେଲା, ପରିଚୟ ହେଲା ଓ ସଂପର୍କ ସ୍ଥାପିତ ହେଲା । ମୁଁ ଚମତ୍କୃତ ହେଲି ଯେ ୧୯୫୪ ମସିହାରେ ଯେଉଁ ଲେଖା ପ୍ରକାଶିତ ହେଉଥିଲା, ତାହା ଥିଲା ବାଳିକା ଶନ୍ନୋଦେବୀଙ୍କର ଲେଖା । ୧୯୮୯ ମସିହାରେ ଶନ୍ନୋଦେବୀଙ୍କ ବେଦଜ୍ଞ ସ୍ୱାମୀ ଶ୍ରୀ ପ୍ରିୟବ୍ରତ ଦାସ ବେଦର ଦୁଇଟି ମନ୍ତ୍ର ମୋ' ପାଖକୁ ପଠାଇଥିଲେ, ଏହାର ଓଡିଆ ପଦ୍ୟ ରୂପ ଦେବା ପାଇଁ । ଏହି ମନ୍ତ୍ର ଦୁଇଟିର ଓଡିଆ ପଦ୍ୟ ରୂପ କରି ମୁଁ ତାଙ୍କ ପାଖକୁ ପଠାଇଥିଲି । ସେ ଏହାକୁ ପଢି ଖୁବ୍ ଖୁସି ହେଲେ ଓ ଆହୁରି ଆହୁରି ମନ୍ତ୍ର ଓଡିଆ ପଦ୍ୟ ରୂପ କରି ପଠେଇବାକୁ ଉତ୍ସାହିତ କରିଥିଲେ । ମୋର ମନେଅଛି ସେ କହିଥିଲେ – 'ସ୍ୱର୍ଗତ କବି ମାୟାଧର ମାନସିଂ ମୃତ୍ୟୁର ଅଳ୍ପ ମାସ ପୂର୍ବରୁ ମୋତେ ମନେ ପକାଇଥିଲେ । ସେ 'ସମାଜ'ରେ ପ୍ରକାଶିତ ମୋର ଲେଖା ଆଗ୍ରହ ସହିତ ପଢୁଥିଲେ ଓ ପୋଷ୍ଟକାର୍ଡ ଦ୍ୱାରା ଶୁଭେଚ୍ଛା ଜଣାଉଥିଲେ । ମୋତେ କୋତୋଟି ବେଦମନ୍ତ୍ର ଶୁଣାଇବାକୁ କହିଲେ । ଅସୁସ୍ଥ ଥାଇ ସୁଦ୍ଧା ଋଗ୍‌ବେଦର କେତେକ ମନ୍ତ୍ରର ପଦ୍ୟାନୁବାଦ କରିଥିଲେ । ଏ ମଧ୍ୟରେ ଅନେକ ବର୍ଷ ବିତି ଯାଇଛି । ବର୍ତ୍ତମାନ ଆପଣ ବେଦମନ୍ତ୍ରର ଓଡିଆ ପଦ୍ୟାନୁବାଦ କରୁଥିବା ଦେଖି ମୁଁ ଆନନ୍ଦିତ । ତେବେ ବେଦର ପ୍ରତ୍ୟେକ ପଦର ଅର୍ଥ ବୁଝିବା ପାଇଁ ବ୍ୟାକରଣ ଓ ନିରୁକ୍ତ ଜାଣିବା ଆବଶ୍ୟକ ।' ତାଙ୍କ ପ୍ରେରଣାରେ, ପ୍ରୋତ୍ସାହନରେ ମୁଁ ମୋ' ନିକଟରେ ଥିବା 'ବେଦ ସୌରଭ' ଚାରି ଖଣ୍ଡକୁ ମନ ଦେଇ ପଢିଲି ଓ କିଛି ନିର୍ବାଚିତ ମନ୍ତ୍ରର ଓଡିଆ ଅର୍ଥାନ୍ତରକୁ ପଦ୍ୟ ରୂପ ଦେଇଥିଲି । ଏହିପରି ପ୍ରାୟ ପଚାଶଟି ବେଦମନ୍ତ୍ରର ଓଡିଆ ପଦ୍ୟ ରୂପ ଆର୍ଯ୍ୟସମାଜର ମୁଖପତ୍ର 'ବେଦରଶ୍ମି'ରେ ପ୍ରକାଶିତ ହୋଇଥିଲା । ଏହି ଅବସରରେ ମୁଁ ଶନ୍ନୋଦେବୀଙ୍କ ସହ ସଂପର୍କିତ ହେଲି ଓ ତାଙ୍କ ଘରକୁ ଯାଉଥିଲି । ତାଙ୍କ କଥା, ବ୍ୟବହାର, ପ୍ରେରଣାରେ ମୁଁ ଏତେ ପ୍ରଭାବିତ ହେଲି ଯେ ମୋ' ପୁଅ ଦୁହିଁଙ୍କର ବିବାହ ଆର୍ଯ୍ୟସମାଜରେ କଲି । ମୋର ସାନପୁଅର ବିବାହରେ ଶ୍ରୀମତୀ ଶନ୍ନୋଦେବୀ ପୌରହିତ୍ୟ କରିଥିଲେ । ଏ କଥା ଭୁଲିବାର ନୁହେଁ । ଏଥିପାଇଁ ମୁଁ ତାଙ୍କ ନିକଟରେ ଚିର କୃତଜ୍ଞ ଓ ଋଣୀ ।

ଶ୍ରୀମତୀ ଶନ୍ନୋଦେବୀଙ୍କ ସହିତ ମୋର ବ୍ୟକ୍ତିଗତ ସଂପର୍କ ସୀମିତ ଅଥଚ ଆନ୍ତରିକତାରେ ପରିପୂର୍ଣ୍ଣ । ବୈଦିକ ସାହିତ୍ୟର ଅନୁରକ୍ତ ଅଗଣିତ ପାଠକଙ୍କ ସହ ତାଙ୍କର ପରୋକ୍ଷ ସଂପର୍କ ଅପରିସୀମ । ତାଙ୍କ ସଂପର୍କରେ ଲେଖିବାକୁ ଗଲେ ଏକ ବିଶାଳ ଗ୍ରନ୍ଥର ଅନୁଶୀଳନ କରିବା ଭଳି ବୋଧହୁଏ ଯାହା ସୂର୍ଯ୍ୟ ପାଖରେ ଦୀପ ସଦୃଶ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ପ୍ରତୀୟମାନ ହୁଏ । ତା' ସତ୍ତ୍ୱେ ତାଙ୍କର ଗୁଣମୁଗ୍ଧ ଓ କର୍ମମୁଗ୍ଧ ଭାବେ ଲେଖିବାର ଉତ୍ସାହ ବଳବତ୍ତର ରହେ । ସେ କେବଳ ଜଣେ ମିଷ୍ଟ ଭାଷିଣୀ, ସ୍ନେହଶୀଳା, ବନ୍ଧୁବତ୍ସଳା ମହିଳା ନୁହନ୍ତି, ସେ ଏକ ପରିପୂର୍ଣ୍ଣ ସଂସାରର ସର୍ବମୟ କର୍ତ୍ତ୍ରୀ, ସୁସହଧର୍ମୀଣୀ ଓ ସୁମାତା । ଏହା ବ୍ୟତୀତ ସେ ଜଣେ ଉଚ୍ଚକୋଟୀର ବେଦ ପ୍ରବକ୍ତା । ଜଣେ ସାହିତ୍ୟିକା, ଲେଖିକା ଓ ପୁରୋହିତା ମଧ୍ୟ । ଏତେ ଭାବରେ ପରିପୂର୍ଣ୍ଣ ସେ ଜଣେ ଜୀବନ ସାଧିକା । ଆମେ ଜୀବନରେ ବଂଚିଛୁ, ସେ କିନ୍ତୁ ଜୀବନକୁ ସାଧନା ରୂପେ ଗ୍ରହଣ କରିଛନ୍ତି ଓ ଜୀବନର ମୂଲ୍ୟ ବୁଝିଛନ୍ତି । ଷୋଳ ପାଖୁଡାର ପଦ୍ମ ବିକଶିତ ହେଲାପରି ତାଙ୍କର ବ୍ୟକ୍ତିତ୍ୱର ପାଖୁଡା ପାଖୁଡା ମୁକୁଳିତ ହୋଇଛି ବେଦ ବର୍ଣ୍ଣିତ, ଅମୃତ କଳସ ସମ ତାଙ୍କର ଅସାଧାରଣ ଜୀବନ ।

ଏହି ମହୀୟସୀ ମହିଳାଙ୍କର ଜନ୍ମ ଗଞ୍ଜାମ ଜିଲ୍ଲାର, କାଳଷଣ୍ଡପୁର ଗ୍ରାମରେ । ବାଲ୍ୟ ଜୀବନ କଟିଛି, ଗୁଣୁପୁର ଓ ଜୟପୁରରେ । ପିତା ଗଙ୍ଗାଧର ପଣ୍ଡା ଥିଲେ ଆଦର୍ଶ ଶିକ୍ଷକ ଓ ମା' ଜଣେ ଧର୍ମପରାୟଣା ମହିଳା । ପିତାଙ୍କର ଅନୁଶାସନ ଓ ଶୃଙ୍ଖଳା, ମାଆଙ୍କର ଧର୍ମପରାୟଣତା, ତାଙ୍କୁ ଉପଯୁକ୍ତ ଶିକ୍ଷା ଓ ସଂସ୍କାର ଦେଇ ପାରିଥିଲା । ତାଙ୍କ ଘରେ ପୁରାଣ ପଢା ହେଉଥିଲା । ସେ ତାକୁ ମନ ଦେଇ ଶୁଣୁଥିଲେ । ଥରେ ପୁରୋହିତ ତୁଳସୀ ମହାତ୍ମ୍ୟ ପଢୁଥିଲେ । ଏହି ପୁରାଣ ଶୁଣୁଶୁଣୁ ସେ ଯେତେବେଳେ ଜାଣିଲେ ଯେ ଶ୍ରୀକୃଷ୍ଣ ଛଳନାରେ ଜଳନ୍ଧର ବେଶ ଧାରଣ କରି ବୃନ୍ଦାବତୀଙ୍କର ସତୀତ୍ୱ ନଷ୍ଟ କରିଛନ୍ତି, ସେ ଅତ୍ୟନ୍ତ କ୍ଷୁବ୍ଧ ହୋଇ ଉଠିଲେ । ତାଙ୍କ ମନରେ ଶ୍ରୀକୃଷ୍ଣଙ୍କ ପ୍ରତି ବିତୃଷ୍ଣା ଓ ବିଦ୍ରୋହ ଭାବ ଜାଗି ଉଠିଲା । ଉଚିତ ଅନୁଚିତ, ଠିକ୍ ଭୁଲର ସଂଜ୍ଞା ସେ ନିରୂପଣ କରିପାରିଲେ । ଏହି ବିଦ୍ରୋହ ଭାବ ତାଙ୍କୁ ଦେଇଥିଲା ଏକ ନିଆରା ଦୃଷ୍ଟି । ପରଖିବାର ଦୃଷ୍ଟି । ବିବାହ ପୂର୍ବରୁ ତାଙ୍କ ଭାବୀ ଶ୍ୱଶୁର ତାଙ୍କ ପାଇଁ ତିନୋଟି ହିନ୍ଦୀ ବହି ଦେଇଥିଲେ । ତାହା ହେଉଛି 'ସତ୍ୟାର୍ଥ ପ୍ରକାଶ', 'ସଂସ୍କାର ବିଧି' ଓ 'ସନ୍ଧ୍ୟୋପାସନା ବିଧି' । ଏହି ବହି ତିନୋଟିକୁ ପଢ଼ି ସେ ହୃଦୟଙ୍ଗମ କଲେ, ତାଙ୍କର ନିଆରା ଦୃଷ୍ଟି ଆହୁରି ଶାଣିତ ଓ ତୀକ୍ଷ୍ଣ ହେଲା । ତାଙ୍କର ଭବିଷ୍ୟତ ଜୀବନ ପାଇଁ ତାହା ହିଁ ଥିଲା ଆଧାର ଶିଳା ବା ଭିତ୍ତି ପ୍ରସ୍ତର ।

ପନ୍ଦର ବର୍ଷ ବୟସରେ ସେ ବିବାହ କରି ଶ୍ୱଶୁର ଘରକୁ ଆସିଲେ । କୁମୁଦିନୀରୁ ହେଲେ ଶନ୍ନୋଦେବୀ । ଏହି ପରିବାରରେ ସେ ଏକ ନୂଆ ଦୁନିଆ ଦେଖିଲେ । ଏ ଘର ଥିଲା ଅନନ୍ୟ, ଅସାଧାରଣ । ଏ ଘରର ନାରୀମାନେ ବେଦପାଠ ଓ ମନ୍ତ୍ରୋଚ୍ଚାରଣ କରୁଥିଲେ । ଦୁଇ ଓଳି ଯଜ୍ଞାନୁଷ୍ଠାନ କରୁଥିଲେ । ଶ୍ୱଶୁର ତାଙ୍କୁ ଯଜ୍ଞୋପବୀତ ଧାରଣ କରାଇଲେ । ପୂର୍ବରୁ ଯେ ପ୍ରଚଳିତ ଥିଲା କେବଳ ଜନ୍ମଗତ ବ୍ରାହ୍ମଣ ହିଁ ଉପବୀତ ଧାରଣ କରିବେ । ଏହା ଭ୍ରାନ୍ତ ଧାରଣା ବୋଲି ସେ ବୁଝିପାରିଲେ । ଯଜ୍ଞୋପବୀତ ଧାରଣ କରିବା ଅର୍ଥ ତିନୋଟି ସଂକଳ୍ପର ସୂତ୍ରକୁ ଧାରଣ କରିବା । ତାହା ପିତୃଋଣ, ଦେବଋଣ ଓ ଋଷିଋଣ ପରିଶୋଧ କରିବାର ସଂକଳ୍ପ । ଶନ୍ନୋଦେବୀ ଯଜ୍ଞୋପବୀତ ଧାରଣ କରି ପ୍ରତ୍ୟହ ଯଜ୍ଞାନୁଷ୍ଠାନ କରିବାକୁ ଲାଗିଲେ । ସ୍ୱାଧ୍ୟାୟ କଲେ । ସ୍ୱାମୀ ଓ ଶ୍ୱଶୁରଙ୍କର ପ୍ରେରଣା ଓ ପ୍ରଭାବରେ ସେ ବେଦାନୁଗାମିନୀ ହେଲେ । ସେ ଯେତେ ଯେତେ ସ୍ୱାଧ୍ୟାୟ କଲେ, ସେତେ ଆଲୋକିତ ହେଲେ । ଗୋଟିଏ ଗୋଟିଏ ଆଲୋକିତ ଅଧ୍ୟାୟ ତାଙ୍କ ସାମ୍ନାରେ ଖୋଲି ହୋଇଗଲା । ସେ ଅନୁଭବ କଲେ ଯେ ଯୁଗଯୁଗର ପ୍ରଚଳିତ ନାରୀବିଦ୍ୱେଷ ଭାବନା ବୈଦିକ ବାଣୀକୁ ଆଚ୍ଛାଦିତ କରି ରଖିଥିଲା । ସେ ସେହି ଆଚ୍ଛାଦନକୁ ଛିନ୍ନ କରିବା ପାଇଁ ସଂକଳ୍ପୀକୃତ ହୋଇ ଉଠିଲେ । ସଂସାର ବାଟରେ ସାଂସାରିକ ଧର୍ମ ପାଳନ କରିବା ସହିତ ସେ ପିତୃଋଣ, ଦେବଋଣ ଓ ଋଷିଋଣ ପରିଶୋଧ କରିବାରେ ଅଙ୍ଗୀକାରବଦ୍ଧ ହେଲେ । ନିଜ ସଂସାରର ବାଟ ସହ ସଂଯୁକ୍ତ ହେଲେ ଅନ୍ୟ ଏକ ବାଟ, ବିଶ୍ୱଜନ ଅଭିମୁଖେ । ସ୍ୱାଧ୍ୟାୟରୁ ଜ୍ଞାନ ଆହରଣ ଓ ବିତରଣ କରିବାର ଅଭିଯାନ ତାଙ୍କର ଆରମ୍ଭ ହେଲା । ଏହି ଅଭିଯାନକୁ ଯୁଗାନ୍ତକାରୀ କହିବା ଅସମୀଚୀନ ହେବ ନାହିଁ । ଜଣେ ନିଷ୍ଠାପର ବୈଦିକ କର୍ମୀ ଭାବେ ସେ ତାଙ୍କ ଯାତ୍ରା ଜାରି ରଖିଲେ ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଶନ୍ନୋଦେବୀଙ୍କର ଏହି ସଂକଳ୍ପ ଯାତ୍ରାକୁ ତିନି ପର୍ଯ୍ୟାୟ ଭୁକ୍ତ କରାଯାଇପାରେ । ତାଙ୍କ ରଚିତ ସାହିତ୍ୟଜ୍ଞାନ, ପ୍ରବଚନ କର୍ମ ଓ ପୌରହିତ୍ୟ କର୍ମ । ତାଙ୍କ ସାହିତ୍ୟ ମାନଙ୍କରେ ସେ ସ୍ପଷ୍ଟ କରିଛନ୍ତି ଯେ ବୈଦିକ ସଂସ୍କୃତି ଭାରତୀୟ ଜନ ଜୀବନର ମୂଳ ଉତ୍ସ । ବୈଦିକ ଜ୍ଞାନ ଈଶ୍ୱର ପ୍ରଦତ୍ତ ଜ୍ଞାନ, ଯାହାକୁ ଋଷିଗଣ ଦର୍ଶନ କରି ବ୍ୟାଖ୍ୟାନ କରିଛନ୍ତି । ଏହି ଜ୍ଞାନ କୌଣସି ଦଳବାଦୀ, ସଂପ୍ରଦାୟବାଦୀ ନୁହେଁ ବରଂ ଏହା ସଂପୂର୍ଣ୍ଣ ମାନବବାଦୀ । ଏହି ବୈଦିକ ଜ୍ଞାନର ଦ୍ୱାରା ସମସ୍ତଙ୍କ ପାଇଁ ମୁକ୍ତ । କେବଳ ଜନ୍ମଗତ ବ୍ରାହ୍ମଣମାନେ ଏହି ଜ୍ଞାନ ପାଇ କରିବେ, ଏହା ଭ୍ରାନ୍ତ ଧାରଣା । ଜଣେ ମାନବ ତାର ଅନ୍ତଃସତ୍ତାକୁ ଉନ୍ନତ, ପ୍ରସାରିତ କରିବାର ବାର୍ତ୍ତା ଏଠି ପ୍ରାଞ୍ଜଳ ଭାବେ ଦିଆଯାଇଛି । ନାରୀମାନଙ୍କର ବେଦପାଠରେ ଅଧିକାର ନାହିଁ, ଏହି ଉକ୍ତିକୁ ଖଣ୍ଡନ କରି ସେ ସ୍ପଷ୍ଟ ପ୍ରମାଣିତ କରିଛନ୍ତି ଯେ ଚାରୋଟି ବେଦରେ ସମୁଦାୟ କୋଡିଏ ହଜାର ମନ୍ତ୍ର ମଧ୍ୟରୁ ପ୍ରାୟ ପାଞ୍ଚ ଶହ ମନ୍ତ୍ର ନାରୀମାନଙ୍କ ପାଇଁ ଉଦ୍ଦିଷ୍ଟ । 'ବୈଦିକ କର୍ମକାଣ୍ଡରେ ନାରୀର ଅଧିକାର' ପୁସ୍ତକରେ ସେ ପ୍ରମାଣିତ କରିଛନ୍ତି ଯେ ପ୍ରାୟ କୋଡିଏ ଜଣ ଋଷିକା ଚାରି ବେଦର ମନ୍ତ୍ର ଦର୍ଶନ କରି ବ୍ୟାଖ୍ୟାନ କରିଥିଲେ । ଏହି ଋଷିକାମାନଙ୍କର ନାମ ଓ ବ୍ୟାଖାତ ହୋଇଥିବା ମନ୍ତ୍ର ସମୂହ ସେ ସେହି ପୁସ୍ତକରେ ଦର୍ଶାଇଛନ୍ତି । ନାରୀମାନଙ୍କୁ ବେଦରେ ଅତି ଉଚ୍ଚ ଆସନ ଦିଆଯାଇଛି । କିନ୍ତୁ ପ୍ରଚଳିତ ଥିବା ନାରୀ ନରକର ଦ୍ୱାର । ସେ ପଶୁପରି ପ୍ରହାର ଯୋଗ୍ୟା, ବେଦପାଠରେ ତାର ଅଧିକାର ନାହିଁ – ଏହି ସମସ୍ତ ଯୁକ୍ତିକୁ ଖଣ୍ଡନ କରି ସେ କହିଛନ୍ତି, ଏହି ନାରୀ-ବିଦ୍ୱେଷୀ ମନୋଭାବ ବିଭିନ୍ନ ଦଳ, ସଂପ୍ରଦାୟ ଓ ସମାଜପତି ମାନଙ୍କ ଦ୍ୱାରା ପ୍ରକ୍ଷିପ୍ତ ହୋଇଛି । ସେ ଦୃଢ ଭାବରେ କହିଛନ୍ତି ପ୍ରସିଦ୍ଧ ମନୁସ୍ମୃତିରେ ଅର୍ଦ୍ଧେକ ମନ୍ତ୍ର ପ୍ରକ୍ଷିପ୍ତ । ପ୍ରମାଣ ସହ ସେ ଏହା ଦର୍ଶାଇଛନ୍ତି । ସବୁଠାରୁ ଉଲ୍ଲେଖଯୋଗ୍ୟ କଥା ଯେ ଶଙ୍କରାଚାର୍ଯ୍ୟ କେବଳ ନାରୀ ନରକର ଦ୍ୱାର କହି ନ ଥିଲେ, ସେ ବତିଶଟି ଶ୍ଳୋକକୁ ନେଇ ଏହି ବିଷୟରେ ପ୍ରଶ୍ନୋତ୍ତରୀ ପୁସ୍ତିକା ରଚନା କରିଥିଲେ ।

ସେଥିରୁ ଆଠଟି ପ୍ରଶ୍ନ ନାରୀ କୁ କେନ୍ଦ୍ରକରି । ପ୍ରଶ୍ନ : କାହାକୁ ବିଶ୍ୱାସ କରିବ ନାହିଁ । ଉତ୍ତର-ନାରୀକୁ । ପ୍ରଶ୍ନ : ନରକର ଦ୍ୱାର କଣ ? ଉତ୍ତର – ନାରୀ । ପ୍ରଶ୍ନ : କିଏ ସଂସାରରୁ ବଡ ଜ୍ଞାନୀ ? ଉତ୍ତର – ଯାହାକୁ ସ୍ତ୍ରୀ ରୂପିଣୀ ପିଶାଚୀ ଠକି ପାରିନାହିଁ । ପ୍ରଶ୍ନ : କେଉଁ ଶିକୁଳିରୁ ମୁକୁଳିବା କଷ୍ଟ ? ଉତ୍ତର – ନାରୀ ରୂପକ ଶିକୁଳି । ଶନ୍ନୋଦେବୀ ବିଭିନ୍ନ ଉଦାହରଣ ଦେଇ ଦର୍ଶାଇଛନ୍ତି ଯେ ଏହି ଉକ୍ତି ରଖିଥିବା ମାନନୀୟ ଶଙ୍କରାଚାର୍ଯ୍ୟ ମଣ୍ଡନ ମିଶ୍ରଙ୍କ ପତ୍ନୀ ଭାରତୀ ଦେବୀଙ୍କ ଠାରୁ ଶାସ୍ତ୍ରରେ ପରାଜିତ ହୋଇଥିଲେ । ଯାଜ୍ଞବଳକ୍ୟ ଓ ଗାର୍ଗୀଙ୍କ କଥୋପକଥନର ଉଦାହରଣ ଦେଇ ସେ ନାରୀର ବିଦୁଷୀ ସଂଜ୍ଞାକୁ ନିରୂପଣ କରିଛନ୍ତି ।

ଶନ୍ନୋଦେବୀଙ୍କ ରଚିତ 'ବେଦରେ ନାରୀ' ତାଙ୍କ ଦ୍ୱାରା ନିର୍ବାଚିତ ନାରୀ ଗୌରବ ଗାଥାର ତେଷଠିଟି ମନ୍ତ୍ରର ପ୍ରାଞ୍ଜଳ ବ୍ୟାଖ୍ୟାନ । ଏହା ଆମ ପାଇଁ ଏକ ଅନବଦ୍ୟ ଅବଦାନ । ଏ ଗୁଡିକ ମନୋନିବେଶ ସହ ପାଠ କଲେ ମନପ୍ରାଣ ଆଲୋକିତ ଓ ପୁଲକିତ ହୋଇଉଠେ । ଏହା ଏକ ଉନ୍ନତ ଜୀବନ ଯାପନ ପାଇଁ ଉଦ୍‌ବୁଦ୍ଧ କରାଏ । ଏହି ମନ୍ତ୍ରଗୁଡିକ ନାରୀର ଗୌରବ ବିଭବ । ଏଠି ନାରୀ ନିପୀଡିତା ନୁହେଁ, ଉଭାସିତା, ଏଠି ନାରୀର ବୀର ଗର୍ଜନ ଶୁଣାଯାଏ । "ମୁଁ ଅବଳା ନୁହେଁ" – ମୋର ପତି ବୀର – ମୋର ପୁତ୍ର ବୀର – ମୋର କନ୍ୟା ବ୍ରହ୍ମଚାରିଣୀ । ମୁଁ ସନ୍ତାନମାନଙ୍କର ନିର୍ମାତ୍ରୀ – ମୁଁ ଅମୃତ କଳସ – ମୁଁ ବିଜୟିନୀ – ମୁଁ ଗୃହର ସମ୍ରାଜ୍ଞୀ – ମୁଁ ସମାଜର ବିଜୟ ପତାକା । ନାରୀର ବହୁବିଧ ମହାନତାଗୁଡିକ ଏହି ମନ୍ତ୍ରରେ ଦୃଷ୍ଟ ହୁଏ । ନାରୀର ପୁର୍ନବିବାହ ସଂପର୍କରେ କୁହାଯାଇଛି ଯେ ସେ ଚାହିଲେ ପୁନର୍ବିବାହ କରିପାରେ । ଏହି ମନ୍ତ୍ରମାନଙ୍କରେ ନାରୀର ବିବାହ, ଘର ସଂସାର, ସମାଜରେ ତାର ସ୍ଥିତି ଓ ସ୍ୱରୂପ ସଂପର୍କରେ ପ୍ରାଞ୍ଜଳ ବୁଝାଯାଇଛି । ବିବାହ-ବଂଧନ ଏକ ପବିତ୍ର ବନ୍ଧନ । ନର ଓ ନାରୀ, ସ୍ୱାମୀ ଓ ସ୍ତ୍ରୀ, ପୁତ୍ର କନ୍ୟା ସବୁଙ୍କର ମାନଦଣ୍ଡ ସମାନ । କେହି ଉଚ୍ଚ ନୀଚ ନୁହେଁ । ସ୍ତ୍ରୀ ସ୍ୱାମୀଙ୍କର ଦାସୀ ନୁହେଁ । ଏଭଳି ନିମ୍ନ ସ୍ତରର ଚିନ୍ତାକୁ ବେଦରେ ନିନ୍ଦା କରାଯାଉଛି । ଏଗୁଡିକୁ ଚୟନ କରି

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ପ୍ରାଞ୍ଜଳ ଭାବେ ବୁଝାଇଛନ୍ତି ଶ୍ରୀମତୀ ଶନ୍ନୋଦେବୀ । ଏଥି ପାଇଁ ସମଗ୍ର ଓଡିଆ ଜାତି ତାଙ୍କ ପ୍ରତି କୃତଜ୍ଞ । କେବଳ ଏତିକି କରି ସେ ତୃପ୍ତ ହୋଇ ନାହାନ୍ତି । ଏଥିପାଇଁ ତାଙ୍କ ପ୍ରବକ୍ତା ଜୀବନରେ ଦାନ ଅତୁଳନୀୟ । ଦେଶ ବିଦେଶରେ ସେ ବେଦଜ୍ଞାନର ପ୍ରଚାର ଓ ପ୍ରସାର କରିଛନ୍ତି । ୧୯୭୩ ରେ ସେ ମରିଶସ୍ ଠାରେ ଆୟୋଜିତ ହୋଇଥିବା ବିଶ୍ୱ ଆର୍ଯ୍ୟ ସମ୍ମିଳନୀରେ ସାତ ଶହ ପ୍ରତିନିଧିଙ୍କ ସହ ମରିଶସ ଯାଇଥିଲେ ଏବଂ ସେଠାରେ ବିଶାଳ ଜନ ସଭାରେ ଉଦ୍‌ବୋଧନ ଦେଇଥିଲେ । ୨୦୦୨ ରେ ସେ ପୁନଶ୍ଚ ମରିଶସ ଯାଇଥିଲେ । ଇଂଲଣ୍ଡ ଓ ଆମେରିକାର ଅନେକ ବଡ ବଡ ସହରରେ ସେ ବେଦଜ୍ଞାନ ସମ୍ବଳିତ ଭାଷଣ ପ୍ରଦାନ କରିଥିଲେ । ତାଙ୍କ 'ସ୍ମୃତି ବାତାୟନେ' ଆତ୍ମଜୀବନୀରେ ଏହି ଭାଷଣ ସବୁ ବର୍ଣ୍ଣିତ ହୋଇଛି । ଶ୍ରୀମତୀ ଶନ୍ନୋଦେବୀ ତାଙ୍କ ସାହିତ୍ୟରେ, ବକ୍ତୃତାରେ, ଗୃହ ପ୍ରତିଷ୍ଠା ଓ ବିବାହ କର୍ମରେ ପୌରହିତ୍ୟ କରି ଜନ ଜୀବନକୁ ବେଦର ବାର୍ତ୍ତା ଦେଇ ଆକୃଷ୍ଟ କରାଇ ପାରିଛନ୍ତି । ତାଙ୍କ ଦ୍ୱାରା ନିର୍ବାଚିତ କେତୋଟି ମନ୍ତ୍ରର ବ୍ୟାଖ୍ୟାନକୁ ଏଠାରେ ଉଦ୍ଧାର କରିବାର ଲୋଭ ମୁଁ ସମ୍ବରଣ କରିପାରୁନାହିଁ ।

୧. ନାରୀର ପ୍ରକୃତ ସୌନ୍ଦର୍ଯ୍ୟ ହେଉଛି ଲଜ୍ଜା, ଚରିତ୍ରବତ୍ତା ଓ ଆତ୍ମବୋଧନ ।

୨. ବେଦର ମୁଖ୍ୟ ସନ୍ଦେଶ ହେଉଛି - ହେ ମାନବଗଣ । ଏକତ୍ର ଚାଲ, ଏକତ୍ର ରୁହ, ସବଳ ଦୁର୍ବଳର ହାତଧରି, ଧନୀ ଗରୀବର ହାତଧରି, ଶିକ୍ଷିତ ଅଶିକ୍ଷିତର ହାତଧରି ଏକତ୍ର ଯାତ୍ରା ନିର୍ବାହ କର । ଅର୍ଥାତ୍ ପରସ୍ପର ପ୍ରତି ପ୍ରେମ ଭାବ ପୋଷଣ କର ।

୩. ବେଦ ମାନବ ପାଇଁ ପରମାତ୍ମାଙ୍କ ପ୍ରଦତ୍ତ ଜ୍ଞାନ । ବେଦର ଛତ୍ରେ ଛତ୍ରେ ମାନବବାଦର ବାର୍ତ୍ତା ରହିଛି । ବେଦରେ କର୍ମକୁ ଗୁରୁତ୍ୱ ପ୍ରଦାନ କରାଯାଇଛି । ଶୁଭ ସଂକଳ୍ପରୁ ଶୁଭ କର୍ମ ଉତ୍ପନ୍ନ ହୁଏ । କର୍ମଠ ନରନାରୀ ହିଁ ପ୍ରଭୁଙ୍କ କୃପା ପାଇଥାନ୍ତି ।

୪. ସଂସାରର ସମସ୍ତ ପ୍ରାଣୀ ମୋତେ ମିତ୍ର ଚକ୍ଷୁରେ ଏବଂ ମୁଁ ସମସ୍ତଙ୍କୁ ମିତ୍ର ଚକ୍ଷୁରେ ଦେଖେ, ବେଦୋକ୍ତ ଜ୍ଞାନରେ କୌଣସି ବାହ୍ୟ ପ୍ରଭାବ ପଡିନାହିଁ । ପାର୍ସି, ଖ୍ରୀଷ୍ଟିୟାନ, ବୌଦ୍ଧ, ଜୈନ, ମୁସଲମାନ, ପୌରାଣିକ, ଏମାନଙ୍କର ବହୁଳ ବିସ୍ତାର ଘଟିଥିଲେ ହେଁ ଏମାନେ ବେଦକୁ ପ୍ରଭାବିତ କରି ପାରିନାହାନ୍ତି ।

ଏଠାରେ ଅଳ୍ପ ସଂଖ୍ୟକ ଉଦ୍ଧୃତି ଦେବାର ତାତ୍ପର୍ଯ୍ୟ, ଏହି ସବୁ ବାଣୀ ଶନ୍ନୋଦେବୀଙ୍କର ସ୍ୱନିର୍ବାଚିତ ଓଡିଆ ଜାତି ପ୍ରତି ଏକ ଶୁଭବାର୍ତ୍ତା । ଏହି ବାର୍ତ୍ତା ବୁଝି ସମସ୍ତେ ଏକ ଉନ୍ନତ ଜୀବନ ପାଇଁ ଉଦ୍‌ବୁଦ୍ଧ ହୁଅନ୍ତୁ , ଏହାହିଁ ତାଙ୍କର ପରିକଳ୍ପନା ଓ ଆଶା ।

ପରିଶେଷରେ କହିବି, ଶନ୍ନୋଦେବୀଙ୍କ ଅବଦାନ ଅତୁଳନୀୟ । ଆଜି ଜଗତୀକରଣ ହାୱାରେ ଜର୍ଜରିତ ହୋଇଥିବା ବିଶୃଙ୍ଖଳ ସମାଜ, ଭାଙ୍ଗିଯାଉଥିବା ପରିବାର, କ୍ରମଶଃ ହ୍ରାସ ହୋଇଯାଉଥିବା ମାନବିକ ମୂଲ୍ୟବୋଧ ପାଇଁ "ଇଶାବାସ୍ୟମ୍" ରେ ଅବସ୍ଥାନ କରୁଥିବା ଶ୍ରୀମତୀ ଶନ୍ନୋଦେବୀଙ୍କ ଉତ୍ସର୍ଗୀକୃତ ସାଧନା, ଏକ ଆଶା, ଆଶ୍ୱାସନା ଓ ଅଭୟ ବାଣୀର ପୁଣ୍ୟବାର୍ତ୍ତା ହୋଇ ରହିବ, ଏଥିରେ ସନ୍ଦେହ ନାହିଁ । ସକାଳରୁ ସଂଜ ପର୍ଯ୍ୟନ୍ତ ଜାରିଥିବା କର୍ମନିଷ୍ଠାର ଫଳ, ଅବଶ୍ୟ ପ୍ରାପ୍ତ ହେବ, ଏ ଭରସା, ଏ ବିଶ୍ୱାସ ଆମର ରହିବା ଉଚିତ୍ ।

ଶେଷରେ ପଞ୍ଚସପ୍ତତିତମ ଜନ୍ମ ଦିବସ ଉପଲକ୍ଷେ ମୁଁ ତାଙ୍କ ଦୀର୍ଘ, ନିରାମୟ ଜୀବନ ପାଇଁ ପରମାତ୍ମାଙ୍କ ପାଖେ ପ୍ରାର୍ଥନା କରୁଛି ।

ରଥରୋଡ, ଭୁବନେଶ୍ୱର

❀ ❀ ❀

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଗୁରୁକୁଳ ଶିକ୍ଷାର ପକ୍ଷଧର ମାତା ଶନ୍ନୋଦେବୀ

ସ୍ୱାମୀ ବ୍ରତାନନ୍ଦ

୧୯୭୦ ମାତା ଶନ୍ନୋଦେବୀ 'ଗୁରୁକୁଳ ଶିକ୍ଷାପଦ୍ଧତିର ମୂଳନୀତି' ନାମକ ଗୋଟିଏ ପୁସ୍ତକ ରଚନା କରିଥିଲେ। ସେଥିରେ ଉଲ୍ଲେଖ ଅଛି– "'ଗୁରୁ' ଶବ୍ଦର ଅର୍ଥ ଅଜ୍ଞାନ ଦୂର କରୁଥିବା ଶିକ୍ଷକ ଏବଂ 'କୁଳ' କହିଲେ କୁଟୁମ୍ବକୁ ବୁଝାଏ। ତେଣୁ ଗୁରୁକୁଳର ଅର୍ଥ ଗୁରୁଙ୍କର କୁଟୁମ୍ବ। ଶିକ୍ଷାର୍ଥୀମାନେ ଗୁରୁକୁଳରେ ଗୃହ ଓ ବିଦ୍ୟାଳୟ ଉଭୟ ସ୍ଥାନର ସୁଯୋଗ ଲାଭ କରନ୍ତି। ଗୁରୁକୁଳର ଗୁରୁ ଏକାଧାରରେ ବିଦ୍ୟାର୍ଥୀମାନଙ୍କର ମାତା, ପିତା ଓ ଶିକ୍ଷକଙ୍କର କର୍ତ୍ତବ୍ୟ ତୁଲାନ୍ତି। ବିଳାସବ୍ୟସନର ନାନାବିଧ ଉପକରଣରେ ଭରିରହିଥିବା ଗୃହ କେବେହେଲେ ବାଳକ-ବାଳିକାମାନଙ୍କର ବିଦ୍ୟାଦାନ ଦେବା ପାଇଁ ଉପଯୁକ୍ତ ସ୍ଥାନ ନୁହେଁ। କଠିନ ପରିଶ୍ରମ ସହିତ ସରଳ ଓ ପବିତ୍ର ଜୀବନଯାପନ, ନିଃଶୁଳ୍କ ବିଦ୍ୟାଲାଭ ଓ ଦୃଢ଼ ଚରିତ୍ରଗ୍ରହଣ ଗୁରୁକୁଳ ଶିକ୍ଷାର ଉପାଦେୟତା ଅଟେ। ଗୁରୁକୁଳର ପ୍ରଧାନ ଶିକ୍ଷକଙ୍କୁ 'ଆଚାର୍ଯ୍ୟ' କୁହାଯାଏ। ସେ ବିଦ୍ୟା ସହିତ ବିଦ୍ୟାର୍ଥୀମାନଙ୍କୁ ଆଚରଣର ଶିକ୍ଷା ପ୍ରଦାନ କରନ୍ତି। ଗୁରୁକୁଳରେ ଶିକ୍ଷା ପାଇଥିବା ବିଦ୍ୟାର୍ଥୀକୁ ବ୍ରହ୍ମଚାରୀ କୁହାଯାଏ। ସେ ଭୌତିକ ବିଦ୍ୟା ସହିତ ସୁଦୃଢ଼ ଶରୀର, ମାନସିକ ଶକ୍ତି ଓ ଆତ୍ମବଳର ଲାଭ ପାଇଁ ପ୍ରଶିକ୍ଷଣ ପାଏ। ଭବିଷ୍ୟତ ଜୀବନରେ ସ୍ୱାବଲମ୍ବୀ, ରାଷ୍ଟ୍ରଭକ୍ତ ଓ ପରୋପକାରୀ ହେବାର ଆଶା ରଖେ। ସେ କଠିନ ଶଯ୍ୟାରେ ଶୟନ କରେ, ସାଧାରଣ ଖାଦ୍ୟ ଖାଏ, ଶୀତୋଷ୍ଣ ସହନ କରେ ଏବଂ ଇନ୍ଦ୍ରିୟ ସଂଯମ ଦ୍ୱାରା ମନ ଓ ଦେହକୁ ଦୃଢ଼ ରଖେ। ଆଜିକାଲି ବାହ୍ୟ ଚାପର ବଶବର୍ତ୍ତୀ ହୋଇ ବାଳକ-ବାଳିକାମାନେ ଆମ ଶିକ୍ଷାପଦ୍ଧତି ଦ୍ୱାରା ସଂପୂର୍ଣ୍ଣ ବ୍ୟକ୍ତିତ୍ୱ ଅର୍ଜନ କରିବାରେ ଅସମର୍ଥ ହୋଇଛନ୍ତି।"

ଗୁରୁକୁଳ ଶିକ୍ଷା ସମ୍ବନ୍ଧରେ ଏହାଠାରୁ ବଳି ସୁନ୍ଦର ବ୍ୟାଖ୍ୟା କ'ଣ ହୋଇପାରେ ? ଓଡ଼ିଶାର ପ୍ରଖ୍ୟାତ ସମାଜ ସଂସ୍କାରକ ସ୍ୱର୍ଗତ ଶ୍ରୀବସ୍ତ ପଣ୍ଡାଙ୍କର କର୍ମକ୍ଷେତ୍ର ଗଞ୍ଜାମର ଚନରଡ଼ା ଗ୍ରାମର ଗୋରକ୍ଷାଶ୍ରମରେ ଗୋଟିଏ କନ୍ୟା ଗୁରୁକୁଳର ସ୍ଥାପନା ଅବସରରେ ଶନ୍ନୋଦେବୀ ଉକ୍ତ ପୁସ୍ତିକା ପ୍ରକାଶିତ କରିଥିଲେ। ଆମ ଦେଶରେ ପ୍ରାଚୀନ କାଳରେ ବାଳକ-ବାଳିକାମାନଙ୍କୁ ପାଞ୍ଚ-ସାତ ବର୍ଷ ପର୍ଯ୍ୟନ୍ତ ପିତାମାତା ନିଜ ଗୃହରେ ରଖି ଲାଳନ-ପାଳନ କରିବା ସହିତ ସେମାନଙ୍କୁ ଆଚରଣ ଶିକ୍ଷା ଦେଉଥିଲେ। ତପ୍ରରେ ଗୁରୁକୁଳକୁ ଜୀବନଗଠନ ନିମନ୍ତେ ପଠାଇ ଦେଉଥିଲେ। ଅନୁଭବୀ ଓ ଚରିତ୍ରବାନ ବ୍ୟକ୍ତିମାନେ ଗୁରୁକୁଳର ଅଧ୍ୟାପକ ଥିଲେ। ବିଦ୍ୟାର୍ଥୀମାନଙ୍କୁ ବିଦ୍ୟା ସହିତ ବ୍ରତାଚରଣ ଶିକ୍ଷା ପ୍ରଦାନ କରୁଥିଲେ। ବାର-ଚଉଦ ବର୍ଷ ଗୁରୁକୁଳରେ ଶିକ୍ଷା ସମାପ୍ତି ପରେ ସମାବର୍ତ୍ତନ ଉତ୍ସବରେ ସେମାନଙ୍କୁ ଉପଦେଶ ଦିଆଯାଉଥିଲା– "ଯୁଜେ ବାଂ ବ୍ରହ୍ମ ପୂର୍ବ୍ୟଂ +++" ପଢ଼ିଥିବା ବିଦ୍ୟା ଓ ଅଭ୍ୟାସ କରିଥିବା ଶୁଭ ଆଚରଣଗୁଡ଼ିକ ଆଜୀବନ ଉପଯୋଗ କରିବ। ବାହ୍ୟ ଆକର୍ଷଣର ଶୀକାର ହେବ ନାହିଁ। ବୀର ପରି ସାଂସାରିକ ଜୀବନର ସମ୍ମୁଖୀନ ହେବ। ସତ୍ୟ ଓ ନ୍ୟାୟରୁ ବିଚ୍ୟୁତ ହେବ ନାହିଁ। ବେଦର ସ୍ୱାଧ୍ୟାୟ କେବେହେଲେ ତ୍ୟାଗ କରିବ ନାହିଁ।"

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ମୋର ସୌଭାଗ୍ୟ ଯେ ମୁଁ ଆମସେନା ଗୁରୁକୁଳରେ ଅଧ୍ୟୟନ କରୁଥିବା ସମୟରେ ପ୍ରତିବର୍ଷ ମାତା ଶନ୍ନୋଦେବୀ ଓ ମାନନୀୟ ପ୍ରିୟବ୍ରତ ଦାସ ଗୁରୁକୁଳକୁ ଆସୁଥିଲେ ଓ ଆମର ଆଚାର୍ଯ୍ୟ ପୂଜ୍ୟ ସ୍ୱାମୀ ଧର୍ମାନନ୍ଦ ସରସ୍ୱତୀଙ୍କ ସହିତ ଗୁରୁକୁଳର ସମୃଦ୍ଧି ବିଷୟରେ ବିଚାର-ବିମର୍ଶ କରୁଥିଲେ। ବ୍ରହ୍ମଚାରୀମାନଙ୍କ ସହିତ ବାର୍ତ୍ତାଳାପ କରୁଥିଲେ। ସେତେବେଳେ ମୋର ନାମ ଥିଲା ବ୍ରହ୍ମଚାରୀ ବାମଦେବ। ଆସନ-ବ୍ୟାୟାମ ମୋର ଅତ୍ୟନ୍ତ ପ୍ରିୟ ବିଷୟ ଥିଲା। ଯୌଗିକ କ୍ରିୟା ଦ୍ୱାରା ହାତରେ କାଚକୁ ଗୁଣ୍ଡ କରିବା, ଲୁହା ଶିକୁଳିକୁ ଛିଣ୍ଡାଇବା, ଛାତି ଉପରେ ଗାଡ଼ି ଚଳାଇବାକୁ ଦେବା, ଆଖିପତାରେ ଲୁହାଛଡ଼କୁ ମୋଡ଼ିବା– ଏସବୁ କୌଶଳ ଗୁରୁକୁଳରେ ଶିଖିଥିଲି। ଅନ୍ୟ ବ୍ରହ୍ମଚାରୀମାନେ ମଧ୍ୟ ଯୌଗିକ କୌଶଳ ଦ୍ୱାରା ଏସବୁ ପ୍ରଦର୍ଶନ କରୁଥିଲେ। ମୋର ମନେଅଛି, ମାତା ଶନ୍ନୋଦେବୀ ଅନେକ ଥର ଆମ୍ଭମାନଙ୍କୁ ନିମନ୍ତ୍ରଣ କରି ଭୁବନେଶ୍ୱର ଆର୍ଯ୍ୟସମାଜ ପରିସରରେ ବ୍ରହ୍ମଚାରୀମାନଙ୍କର ଯୌଗିକ କୌଶଳ ପ୍ରଦର୍ଶନ କରାଇଥିଲେ। ବହୁ ସଂଖ୍ୟାରେ ରାଜଧାନୀ ଭୁବନେଶ୍ୱରର ନରନାରୀ ଉପସ୍ଥିତ ହେଉଥିଲେ।

ପ୍ରାଚୀନ ଗୁରୁକୁଳ ଶିକ୍ଷା-ପଦ୍ଧତିକୁ ପୁନରୁଦ୍ଧାର କରିବାରେ ଆର୍ଯ୍ୟସମାଜର ଯଶସ୍ୱୀ ସନ୍ନ୍ୟାସୀ ସ୍ୱାମୀ ଶ୍ରଦ୍ଧାନନ୍ଦ ପ୍ରଥମ ବ୍ୟକ୍ତି ଥିଲେ। ସେ ୧୯୦୨ରେ ହରିଦ୍ୱାର ନିକଟସ୍ଥ କାଂଗାଡ଼ିଠାରେ ଆଧୁନିକ ଭାରତର ପ୍ରଥମ ଗୁରୁକୁଳ ସ୍ଥାପନ କରିଥିଲେ। ବିଦ୍ୟାର୍ଥୀମାନେ ହିନ୍ଦୀ ଭାଷାରେ ଗଣିତ, ବିଜ୍ଞାନ, ଭୂଗୋଳ, ଇତିହାସ ଆଦି ପଢ଼ିଲେ। ପଞ୍ଜାବ ଓ ଉତ୍ତର ପ୍ରଦେଶର ଅନେକ ପ୍ରତିଭାବାନ ଅଧ୍ୟାପକ ଗୁରୁକୁଳରେ ଅଧ୍ୟାପନା କରୁଥିଲେ। ଇଂରେଜ ସରକାର କାଙ୍ଗାଡ଼ି ଗୁରୁକୁଳକୁ ସ୍ୱରାଜ୍ୟ ଆନ୍ଦୋଳନ କେନ୍ଦ୍ର ବୋଲି ଭୟ କରୁଥିଲେ। ସେଠାରେ ବିଦ୍ୟାର୍ଥୀମାନଙ୍କୁ ଭାରତର ପ୍ରାଚୀନ ଗୌରବ ବିଷୟରେ ଶିକ୍ଷା ଦିଆଯାଉଥିଲା। ସରକାରଙ୍କର ସନ୍ଦେହ ଥିଲା ଯେ ଏପରି ଶିକ୍ଷା ପାଇ ସେମାନେ ଇଂରେଜମାନଙ୍କୁ ଦେଶରୁ ବିତାଡ଼ିତ କରିବା ପାଇଁ ଉଦ୍ୟମ କରିବେ। ଗୁରୁକୁଳ କାଂଗାଡ଼ି ସରକାରଙ୍କର ଠାରୁ କୌଣସି ଅନୁଦାନ ନେଉ ନ ଥିଲେ। ଉତ୍ତୀର୍ଣ୍ଣ ହେଉଥିବା ବିଦ୍ୟାର୍ଥୀମାନଙ୍କୁ ସରକାରୀ ଉପାଧି ମିଳୁ ନ ଥିଲା। ରେମଜେ ମେକ୍‌ଡ଼ୋନାଲ (ସେ ପରବର୍ତ୍ତୀ ସମୟରେ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ହୋଇଥିଲେ) ୧୯୧୪ରେ ଗୁରୁକୁଳ ପରିଦର୍ଶନ କରିଥିଲେ। ଇଂଲଣ୍ଡ ଫେରି ସେଠାର ପତ୍ରିକାରେ ଲେଖିଲେ– "ଭାରତର ଲୋକେ ମେକାଲେଙ୍କର ଶିକ୍ଷା ପ୍ରଣାଳୀକୁ ନିନ୍ଦା କରନ୍ତି। ପରନ୍ତୁ ସେହି ଶିକ୍ଷାର କି ବିକଳ୍ପ ହେବ, ତାହା ବୁଝାଇ ପାରିନାହାନ୍ତି। ମୁଁ ହରିଦ୍ୱାର ନିକଟସ୍ଥ ଗୁରୁକୁଳ ଦେଖି ଅନୁଭବ କରୁଛି ଯେ ସେଠାର ଶିକ୍ଷା ହେଉଛି ଭାରତୀୟ ଶିକ୍ଷା। ଗୁରୁକୁଳରେ ସଂସ୍ଥାପକଙ୍କୁ ଦେଖି ମୁଁ ଯୀଶୁଖ୍ରୀଷ୍ଟଙ୍କୁ ସ୍ମରଣ କଲି। ତାଙ୍କର ଉଜ୍ଜ୍ୱଳ ବ୍ୟକ୍ତିତ୍ୱ ଦେଖି ବିସ୍ମିତ ହେଲି। ସେଠାରେ ବିଦ୍ୟାର୍ଥୀମାନେ ଜୀବନରେ ସ୍ୱାବଲମ୍ବୀ ହେବା ପାଇଁ ଓ ଚରିତ୍ରବାନ ଜୀବନଯାପନ ପାଇଁ ସକଳ ପ୍ରକାର ସୁଯୋଗ ଓ ଶିକ୍ଷା ଲାଭ କରୁଛନ୍ତି।" ଆମ ଓଡ଼ିଶାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ କାଂଗାଡ଼ି କୁରୁକୁଳ ପରିଦର୍ଶନ କରି ସତ୍ୟବାଦୀଠାରେ ବନ ବିଦ୍ୟାଳୟ ସ୍ଥାପନ କରିଥିଲେ। ସେ ନିଜର 'ସତ୍ୟବାଦୀ' ପତ୍ରିକାରେ ଗୁରୁକୁଳ କାଂଗାଡ଼ିକୁ ପ୍ରଶଂସା କରି ଅନେକ ଲେଖା ଲେଖିଥିଲେ। ମାତା ଶନ୍ନୋଦେବୀ ନିଜର ସ୍ୱାମୀ ପ୍ରିୟବ୍ରତ ବାବୁଙ୍କ ସହିତ ଅନେକ ବାର ଗୁରୁକୁଳ କାଂଗାଡ଼ି ପରିଦର୍ଶନ କରିଛନ୍ତି। ଗୁରୁକୁଳ ସ୍ଥାପନାର ପ୍ରଥମ ଶତବାର୍ଷିକୀ ଉତ୍ସବରେ ମାତାଜୀ ମହିଳା ସମ୍ମିଳନୀରେ ଉଦ୍‌ବୋଧନ ଦେବା ନିମନ୍ତେ ନିମନ୍ତ୍ରିତ ହୋଇଥିଲେ। ଗୁରୁକୁଳ ବିଶ୍ୱବିଦ୍ୟାଳୟର ବେଦବିଭାଗ ପକ୍ଷରୁ ଉଭୟଙ୍କୁ ଏକାଧିକବାର ସମ୍ବର୍ଦ୍ଧନା କରାଯାଇଛି। ଶନ୍ନୋଦେବୀଙ୍କର ଅଜାମାମୁଁ ସ୍ୱର୍ଗତ ବିଶ୍ୱନାଥ ଦାସ ଉତ୍ତରପ୍ରଦେଶର ରାଜ୍ୟପାଳ ଥିବା ସମୟରେ ଅନେକ ଥର ଗୁରୁକୁଳ ପରିଦର୍ଶନ କରିଥିଲେ। ସେତେବେଳର କୁଳପତି ଥିଲେ ପ୍ରସିଦ୍ଧ ବିଦ୍ୱାନ ଡଃ ସତ୍ୟବ୍ରତ ସିଦ୍ଧାନ୍ତକଂକାର। ସେ ତାଙ୍କ ଲିଖିତ 'ଆର୍ଯ୍ୟ ସଂସ୍କୃତି କା ମୂଳତତ୍ତ୍ୱ' ହିନ୍ଦୀ ପୁସ୍ତକ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ପ୍ରିୟବ୍ରତ ବାବୁଙ୍କୁ ଉପହାର ଦେଇଥିଲେ। ଶନ୍ନୋଦେବୀଙ୍କ ପ୍ରେରଣାରେ ପ୍ରିୟବ୍ରତ ବାବୁ ସେହି ପୁସ୍ତକର ଓଡ଼ିଆ ଅନୁବାଦ କରିଥିଲେ ଯାହାକୁ ଶନ୍ନୋଦେବୀଙ୍କ ଦ୍ୱାରା ସଂଚାଳିତ 'ବୈଦିକ ଅନୁସଂଧାନ ପ୍ରତିଷ୍ଠାନ' ଛପାଇଛନ୍ତି। ଏପର୍ଯ୍ୟନ୍ତ ଏହି ପୁସ୍ତକର ପାଞ୍ଚ-ଛଅ ସଂସ୍କରଣ ମୁଦ୍ରିତ ହୋଇଛି।

କାଂଗାଡ଼ି ଗୁରୁକୁଳର ଆଦର୍ଶରେ ଆମ ଦେଶରେ ବିଶେଷ କରି ଉତ୍ତର ଭାରତରେ ଅନେକ ଗୁରୁକୁଳ ସ୍ଥାପିତ ହୋଇଛି। ଆଜି ପ୍ରାୟ ଅଢ଼େଇ ଶହ ଗୁରୁକୁଳ ମହର୍ଷି ଦୟାନନ୍ଦଙ୍କ ଆର୍ଯ୍ୟସମାଜ ବିଚାରଧାରାରେ ହଜାର ହଜାର ବିଦ୍ୟାର୍ଥୀଙ୍କୁ ଶିକ୍ଷାଦାନ ଦେଉଛନ୍ତି। ସେଥି ମଧ୍ୟରୁ ପ୍ରାୟ ଏକ ଚତୁର୍ଥାଂଶ କନ୍ୟା ଗୁରୁକୁଳ କାର୍ଯ୍ୟରତ ଅଛନ୍ତି। କନ୍ୟା ଗୁରୁକୁଳ ମଧ୍ୟରେ ବାରାଣାସି, ଶାସନି (ଅଲିଗଡ଼), ଚୋଟିପୁରା, ଡେରାଡୁନ, ନରେଲା, ଦାଧିଆ, ନଜୀବାବାଦ, ଆମସେନା, ହାଥରସ, ପୋରବନ୍ଦର ଉଲ୍ଲେଖଯୋଗ୍ୟ। ସେହିପରି ବାଳକମାନଙ୍କ ପାଇଁ ଝଝର, ମେରଠ, ଗୌତମ ନଗର (ଦିଲ୍ଲୀ), ବୃନ୍ଦାବନ, ଅଯୋଧ୍ୟା, ହୋସଙ୍ଗାବାଦ, ହାଇଦରାବାଦ, ଏଡ଼ିସି, ଆବୁ, ଆମସେନା ଆଦି ସ୍ଥଳରେ ପ୍ରଶଂସନୀୟ କାର୍ଯ୍ୟ କରୁଛନ୍ତି। ଗୁରୁକୁଳରୁ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀମାନେ ଅଧ୍ୟାପକ, ସାମ୍ବାଦିକ, ରାଜନେତା, ଉପଦେଶକ ଭାବରେ ପ୍ରତିଷ୍ଠିତ ଆସନରେ ଅଳଂକୃତ ଅଛନ୍ତି। ମାତା ଶନ୍ନୋଦେବୀ ପ୍ରତିବର୍ଷ ଦେଶର ଭିନ୍ନ ଭିନ୍ନ ପ୍ରଦେଶରେ ଥିବା ଗୁରୁକୁଳ ପରିଦର୍ଶନରେ ଯାଆନ୍ତି। ସେ ତାହାକୁ ତୀର୍ଥଯାତ୍ରା କହନ୍ତି। ପଶ୍ଚିମ ଓଡ଼ିଶାରେ ଆମସେନା, ବେଦବ୍ୟାସ, ନୃସିଂହନାଥ, ପଦ୍ମପୁର, କୁନ୍ଦୁଲି ଆଦି ସ୍ଥାନରେ ଗୁରୁକୁଳ ସ୍ଥାପିତ ହୋଇଛି। ମାତା ଶନ୍ନୋଦେବୀ ଅନେକ ବାଳକ-ବାଳିକାଙ୍କୁ ଗୁରୁକୁଳରେ ପ୍ରବେଶ କରାଇଛନ୍ତି। ଗୁରୁକୁଳର ବ୍ରହ୍ମଚାରୀ-ବ୍ରହ୍ମଚାରିଣୀମାନଙ୍କୁ ସେ ସାହାଯ୍ୟ, ସହାନୁଭୂତି ପ୍ରଦର୍ଶନ କରନ୍ତି। ମାତାଜୀ ପ୍ରତିବର୍ଷ ଦେଶର ଜଣେ ବିଦୁଷୀ ବେଦାଭ୍ୟାସୀ ମହିଳାଙ୍କୁ ପୁରସ୍କାର ସହିତ ମାନପତ୍ର ଆଦି ଦ୍ୱାରା ସମ୍ମାନିତ କରନ୍ତି। ଏହି ସୂତ୍ରରେ ଦେଶର ପ୍ରସିଦ୍ଧ କନ୍ୟା ଗୁରୁକୁଳମାନଙ୍କର ଆଚାର୍ଯ୍ୟାମାନେ ଭୁବନେଶ୍ୱର ଆସି ସେହି ପୁରସ୍କାର ଗ୍ରହଣ କରିଛନ୍ତି। ସେମାନଙ୍କର ସାରଗର୍ଭକ ପ୍ରବଚନ ଦ୍ୱାରା ଶ୍ରୋତାମାନେ ମୁଗ୍ଧ ହୋଇଛନ୍ତି। ମାତା ଶନ୍ନୋଦେବୀଙ୍କ ଲିଖିତ 'ବେଦରେ ନାରୀ', 'ବେଦପାଠରେ ନାରୀର ଅଧିକାର' ପୁସ୍ତକରେ ଗୁରୁକୁଳ ଶିକ୍ଷା ସମ୍ବନ୍ଧରେ ଅନେକ ଉପାଦେୟ କଥା ଦେଖିବାକୁ ମିଳେ। ସେ ପ୍ରତିବର୍ଷ ଦେଶରେ ସ୍ଥାପିତ ହୋଇଥିବା ଗୁରୁକୁଳଗୁଡ଼ିକର ପରିଦର୍ଶନ କରନ୍ତି। ବ୍ରହ୍ମଚାରୀ, ବ୍ରହ୍ମଚାରିଣୀମାନଙ୍କୁ ନିଜ ଗୃହରେ ଭୋଜନରେ ଆପ୍ୟାୟିତ କରିବା ସହିତ ଉପାଦେୟ ଉପଦେଶମାନ ପ୍ରଦାନ କରନ୍ତି।

ଶନ୍ନୋଦେବୀଙ୍କର ନିମନ୍ତ୍ରଣରେ ଦେଶର ଗୁରୁକୁଳମାନଙ୍କର ବ୍ରହ୍ମଚାରୀ, ବ୍ରହ୍ମଚାରିଣୀ, ଆଚାର୍ଯ୍ୟ, ଆଚାର୍ଯ୍ୟାମାନେ ଭୁବନେଶ୍ୱର ଆର୍ଯ୍ୟସମାଜକୁ ଆସନ୍ତି। ସେମାନଙ୍କୁ ନିଜ ଗୃହରେ ନିଜେ ପ୍ରସ୍ତୁତ କରିଥିବା ଭୋଜନ ପରସିବାରେ ସେ ଆନନ୍ଦ ପାଆନ୍ତି। ପ୍ରକୃତ ପକ୍ଷରେ ତାଙ୍କ ଗୃହ ଏକ ଗୁରୁକୁଳ। ସେହି ଗୃହରେ ଜନ୍ମିଥିବା ସନ୍ତାନମାନେ ଗୁରୁକୁଳ ଶିକ୍ଷା ପାଇଥିବା ବିଦ୍ୟାର୍ଥୀଙ୍କ ପରି ବିଜ୍ଞ, ସୁଶୀଳ ଓ ଯଶସ୍ୱୀ। ପୁତ୍ର ଯଜ୍ଞପ୍ରକାଶ ଓ ଓଁପ୍ରକାଶ ଉଚ୍ଚ ପଦପଦବୀରେ ରହି ସୁଦ୍ଧା ବେଦପ୍ରଚାର ଓ ସମାଜସେବା କରନ୍ତି। କନ୍ୟା ଡାକ୍ତର ପ୍ରଜ୍ଞା ଅତ୍ୟନ୍ତ ଦାନଶୀଳା ଓ ଯଜ୍ଞପ୍ରେମୀ। ଶନ୍ନୋଦେବୀ ନିଜର ନାତୁଣୀମାନଙ୍କର ଉପନୟନ ସଂସ୍କାର କରାଇଛନ୍ତି। ମୁଁ ନିମନ୍ତ୍ରିତ ହୋଇଯାଇଛି। ଯଜ୍ଞ ପରେ ସେ ସେମାନଙ୍କୁ ଯେଉଁ ଉପଦେଶ ଦେଇଛନ୍ତି, ତାହା ଅତ୍ୟନ୍ତ ହୃଦୟସ୍ପର୍ଶୀ। ଜଣେ ବ୍ରତପରାୟଣ ସଦ୍‌ଗୃହିଣୀ ନିଜର ବଂଶ ପରମ୍ପରାକୁ ଧର୍ମନିଷ୍ଠ ହେବା ପାଇଁ ଆଶା କରିବା ସ୍ୱାଭାବିକ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ମାତା ଶନ୍ନୋଦେବୀଙ୍କର ଅମୃତ ମହୋତ୍ସବ ଅବସରରେ ଋଗ୍‌ବେଦର ଗୋଟିଏ ମନ୍ତ୍ର ଉଲ୍ଲେଖ କରି ସେହି ପୂଜନୀୟା ମାତାଙ୍କୁ ମୋର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛି–

ଆପୋ ଅସ୍ମାନ୍ ମାତରଃ ଶୁନ୍ଧୟନ୍ତୁ
ଘୃତେନ ନୋ ଘୃତପ୍ୱଃ ପୁନନ୍ତୁ।
ବିଶ୍ୱଂ ହି ରିପ୍ରଂ ପ୍ରବହନ୍ତି ଦେବୀଃ
ଉଦ୍ ଇଦ୍ ଆଭ୍ୟଃ ଶୁଚିରାପୂତ ଏମି॥ (ଋଗ୍‌ବେଦ ୧୦, ୧୭, ୧୦)

– "ହେ ଜଳ ସଦୃଶ ଶୋଧକ ମାତାଗଣ! ଆମ୍ଭମାନଙ୍କର ଜୀବନକୁ ପରିଶୁଦ୍ଧ କରନ୍ତୁ। ସ୍ନେହ ଓ ତେଜ ପ୍ରଦାନ କରି ଆମ୍ଭମାନଙ୍କୁ ପବିତ୍ର କରନ୍ତୁ। ତେଜସ୍ୱିନୀ ଦେବୀଗଣ! ଆମର ଦୋଷ, ଦୁର୍ବଳତା ଦୂର କରନ୍ତୁ। ମୁଁ ଆଜି ଏଭଳି ଉପଦେଶିକା ମାତାମାନଙ୍କର ସଂରକ୍ଷଣ ପାଇଁ ଧନ୍ୟ ହୋଇଛି।"

ଗୁରୁକୁଳ ମହାବିଦ୍ୟାଳୟ
ଆମସେନା, ଜି. ନୂଆପଡା

ଓଡ଼ିଆ ବୈଦିକ ସାହିତ୍ୟର ପ୍ରକାଶିକା ମାତା ଶନ୍ନୋଦେବୀ

ସ୍ୱାମୀ ସୁଧାନନ୍ଦ

ଭାରତର ଆଞ୍ଚଳିକ ଭାଷାଗୁଡ଼ିକ ମଧ୍ୟରେ ଓଡ଼ିଆ ହେଉଛି ସଂସ୍କୃତ ଭାଷାର ନିକଟତମ। ଏପରିକି ଓଡ଼ିଆ ବ୍ୟାକରଣରେ କ୍ରିୟାପଦଗୁଡ଼ିକ ସଂସ୍କୃତ ପରି ବୋଧହୁଏ। ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଓ ବିଶିଷ୍ଟ ସଂସ୍କୃତଜ୍ଞ ଡଃ କୈଳାସ ନାଥ କାଟଜୁ ମନ୍ତବ୍ୟ ଦେଇଥିଲେ ଯେ ଓଡ଼ିଆ ଭାଷା ହେଉଛି ସଂସ୍କୃତର ଜ୍ୟେଷ୍ଠା କନ୍ୟା। ଓଡ଼ିଶାର ସିଦ୍ଧହସ୍ତ ପ୍ରାଚୀନ କବିମାନେ ସଂସ୍କୃତ ଭାଗବତ, ମହାଭାରତ, ରାମାୟଣ ଆଦି ଲୌକିକ ସଂସ୍କୃତରେ ଲିଖିତ ଗ୍ରନ୍ଥଗୁଡ଼ିକର ଲୋକପ୍ରିୟ ଓଡ଼ିଆ ଅନୁବାଦ କରିଛନ୍ତି। ପରନ୍ତୁ କ୍ଷୋଭର ବିଷୟ ଯେ ବେଦ, ଉପନିଷଦ, ବେଦାଙ୍ଗ, ଉପାଙ୍ଗ (ଦର୍ଶନ) ଆଦି କାଳଜୟୀ ବୈଦିକ ସାହିତ୍ୟର ଭାଷ୍ୟରଚନା ନିମନ୍ତେ ଏଠାରେ ବିଶେଷ ଉଦ୍ୟମ ହୋଇନାହିଁ। ୧୯୫୮ରେ ପ୍ରକାଶିତ ଇଂ. ପ୍ରିୟବ୍ରତ ଦାସଙ୍କ ଦ୍ୱାରା ଲିଖିତ 'ବେଦ ମନୁଷ୍ୟକୃତ କି?' ଗ୍ରନ୍ଥକୁ ଓଡ଼ିଆ ବୈଦିକ ସାହିତ୍ୟର ଭିତ୍ତିଭୂମି ବୋଲି କୁହାଯାଇପାରେ। ଲେଖକଙ୍କ ଦ୍ୱାରା ଲିଖିତ ବିପୁଳ ବୈଦିକ ସାହିତ୍ୟକୁ ବୁଝିବା ନିମନ୍ତେ 'ବେଦ ମନୁଷ୍ୟକୃତ କି?' ବହି ଅତ୍ୟନ୍ତ ଉପାଦେୟ। ଏହି ପୁସ୍ତକ ସମ୍ବନ୍ଧରେ ବିଶିଷ୍ଟ ଶାସ୍ତ୍ରଜ୍ଞ ପ୍ରଫେସର ରଙ୍ଗାଧର ଷଡ଼ଙ୍ଗୀ ଲେଖିଛନ୍ତି– 'ବେଦ ମନୁଷ୍ୟକୃତ କି?' ଗ୍ରନ୍ଥ ଓଡ଼ିଆ ସାହିତ୍ୟରେ ଚିରନ୍ତନ ସ୍ଥାନ ପ୍ରତିଷ୍ଠା କରିପାରିଛି। ଓଡ଼ିଆ ପାଠକମାନଙ୍କୁ ମାନବଜାତିର ପ୍ରଥମ ଜ୍ଞାନ ଓ ବାଣୀ ସହିତ ସର୍ବପ୍ରଥମେ ପରିଚୟ କରାଇଥିବା ଏହି ଗ୍ରନ୍ଥରତ୍ନ ଓ ତାହାର ପ୍ରଣେତା ଚିରସ୍ମରଣୀୟ ହୋଇରହିବେ।' (ଦ୍ରଷ୍ଟବ୍ୟ 'ବେଦପଥିକ' ପୃଷ୍ଠା ୬୯)

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଓଡ଼ିଶାରେ ବୈଦିକ ସାହିତ୍ୟର ପ୍ରମୁଖ ପ୍ରକାଶକ ଭୁବନେଶ୍ୱରସ୍ଥିତ 'ବୈଦିକ ଅନୁସଂଧାନ ପ୍ରତିଷ୍ଠାନ'ର ସ୍ଥାପନାର ପ୍ରେରଣାଦାତା ଥିଲେ ମୁମ୍ବାଇର 'ଭାରତୀୟ ବିଦ୍ୟାଭବନ'ର ସଂସ୍ଥାପକ ଓ ଭାରତର ବିଶିଷ୍ଟ ଜନନାୟକ ଡଃ କେ.ଏମ୍.ମୁନ୍ସି। ଦାସ ଦଂପତି ମୁନ୍ସୀ ମହୋଦୟଙ୍କର ଅତ୍ୟନ୍ତ ପରିଚିତ ଥିଲେ। ସେମାନେ ମୁନ୍ସୀଜୀଙ୍କୁ ସାକ୍ଷାତ କରିବା ସମୟରେ ଓଡ଼ିଆ ବୈଦିକ ସାହିତ୍ୟର ପ୍ରସାର ନିମନ୍ତେ ତାଙ୍କଠାରୁ ପରାମର୍ଶ କରି ଭୁବନେଶ୍ୱର ଫେରି ତଦନୁସାରେ କାର୍ଯ୍ୟାରମ୍ଭ କଲେ। ଶନ୍ନୋଦେବୀ ପ୍ରାଥମିକ ଉଦ୍ୟମ ସ୍ୱରୂପ କେତେକ ଉପାଦେୟ ବୈଦିକ ମନ୍ତ୍ରକୁ ବ୍ୟାଖ୍ୟାନ ସହିତ ମୁଦ୍ରିତ କରି ରାଜ୍ୟର ବିଦ୍ୟାଳୟ, ମହାବିଦ୍ୟାଳୟ, ସାହିତ୍ୟିକ ଓ ବୁଦ୍ଧିଜୀବୀଙ୍କ ନିକଟକୁ ପଠାଇଲେ। ସେଥିରୁ ଉତ୍ସାହଜନକ ପ୍ରେରଣା ଲାଭ କରି ସେ ଛୋଟ ପୁସ୍ତିକା ଓ ପରେ ବଡ଼ ବଡ଼ ବୈଦିକ ଗ୍ରନ୍ଥ ପ୍ରକାଶନରେ ବ୍ରତୀ ହେଲେ। ଗତ ଚାଳିଶ ବର୍ଷ ମଧ୍ୟରେ ଏଥିପାଇଁ ପ୍ରତିଷ୍ଠିତ ବୈଦିକ ଅନୁସଂଧାନ ପ୍ରତିଷ୍ଠାନ ପୁସ୍ତକଗୁଡ଼ିକ ଏତେ ଲୋକପ୍ରିୟ ହେଲା ଯେ ପ୍ରତ୍ୟେକର ଅନେକ ସଂସ୍କରଣ ମୁଦ୍ରିତ ହୋଇଛି। ଅଭାବ ଅନାଟନ ମଧ୍ୟରେ ମାତା ଶନ୍ନୋଦେବୀ ହତାଶ ନ ହୋଇ ନୂଆ ନୂଆ ପୁସ୍ତକ ପ୍ରକାଶନରେ ବ୍ରତୀ ହୋଇଆସିଛନ୍ତି। କେତେକ ପୁସ୍ତକ ପାଇଁ ଲେଖକ ଓ ପ୍ରକାଶିକା ରାଜ୍ୟ ଓ ରାଜ୍ୟ ବାହାରେ ସମ୍ମାନ ଓ ପୁରସ୍କାର ଲାଭ କରିଛନ୍ତି। ପାଠକମାନଙ୍କର ଉପଯୋଗିତା ନିମନ୍ତେ ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ କେତେକ ପୁସ୍ତକର ସଂକ୍ଷିପ୍ତ ବିବରଣୀ ଉଲ୍ଲେଖ କରାଯାଉଛି–

୧. ବେଦ ମନୁଷ୍ୟକୃତ କି ? ଲେଖକ : ପ୍ରିୟବ୍ରତ ଦାସ

ଏହାର ପ୍ରଥମ ସଂସ୍କାରଣ ୧୯୫୮ରେ ପ୍ରକାଶିତ ହୋଇଥିଲା। ଲେଖକ ଏହି ପୁସ୍ତକ ପାଇଁ ମାତ୍ର ଅଠେଇଶ ବର୍ଷ ବୟସରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିଲେ। ବେଦ ଯେ ମନୁଷ୍ୟର ଆଦିଜ୍ଞାନ, ଆଦିଭାଷା ଓ ଆଦିଧର୍ମ– ତାହାର ଯୁକ୍ତିଯୁକ୍ତ ପ୍ରମାଣ ଦଶୋଟି ଅଧ୍ୟାୟରେ ପ୍ରତିପାଦିତ ହୋଇଛି। ପ୍ରାଚ୍ୟ ଓ ପାଶ୍ଚାତ୍ୟ ପଣ୍ଡିତମାନେ ମନୁଷ୍ୟର ପ୍ରଥମ ଜ୍ଞାନକୁ ପରମାତ୍ମାଙ୍କ ଉଦ୍‌ବୋଧନ ବୋଲି ପ୍ରମାଣିତ କରିଛନ୍ତି। ବୈଦିକ ଶବ୍ଦରାଶି ନିତ୍ୟ। ଅର୍ଥାତ୍ ପ୍ରତ୍ୟେକ ସୃଷ୍ଟିରେ ଶବ୍ଦ ଓ ତାହାର ଅର୍ଥ ସମାନ ରହେ। ପରନ୍ତୁ ମନୁଷ୍ୟକୃତ ଭାଷାରେ ସେହି ଅଲୌକିକତା ନ ଥାଏ। ବେଦର ପ୍ରତ୍ୟେକ ଶବ୍ଦର ଅର୍ଥ ଯୌଗିକ ଓ ରହସ୍ୟମୟ। ପୁସ୍ତକର ଚାରୋଟି ସଂସ୍କରଣ ମୁଦ୍ରିତ ହୋଇଛି।

୨. ଆର୍ଯ୍ୟ ସଂସ୍କୃତିର ମୂଳତତ୍ତ୍ୱ: ଅନୁବାଦକ ପ୍ରିୟବ୍ରତ ଦାସ

ଦାର୍ଶନିକ ସାହିତ୍ୟର ଯଶସ୍ୱୀ ଲେଖକ ଡଃ ସତ୍ୟବ୍ରତ ସିଦ୍ଧାନ୍ତାଳାଂକରଙ୍କ "ଆର୍ଯ୍ୟ ସଂସ୍କୃତି କା ମୂଳତତ୍ତ୍ୱ" ହିନ୍ଦି ପୁସ୍ତକର ଓଡ଼ିଆ ଅନୁବାଦ ୧୯୬୬ରେ ପ୍ରକାଶିତ ହୋଇ ତାହର ପାଞ୍ଚୋଟି ସଂସ୍କରଣରେ ମୁଦ୍ରିତ ହୋଇଛି। ଆର୍ଯ୍ୟ ସଂସ୍କୃତିର ମୌଳିକ ବିଚାର, ନିଷ୍କାମ କର୍ମସିଦ୍ଧାନ୍ତ, ଆତ୍ମତତ୍ତ୍ୱ, ସ୍ୱାର୍ଥ ଓ ପରାର୍ଥ ବିବେଚନ, ବିଶ୍ୱପ୍ରେମ ଓ ଆତ୍ମତତ୍ତ୍ୱ, ଜୀବନ ଯାତ୍ରାରେ ଚାରୋଟି ପାଠଶାଳା, ନବମାନବର ନିର୍ମାଣ, ଚାରି ବର୍ଣ୍ଣର ଆଧାର ଅଧ୍ୟାତ୍ମବାଦ ଆଦି ବାରୋଟି ଅଧ୍ୟାୟରେ ବୈଦିକ ସିଦ୍ଧାନ୍ତଗୁଡ଼ିକ ବିଶ୍ଳେଷଣ କରାଯାଇଛି।

୩. ଋଗ୍‌ବେଦ ସୌରଭ : ଲେଖକ – ପ୍ରିୟବ୍ରତ ଦାସ

୧୯୭୨ରେ ପ୍ରକାଶିତ ଗ୍ରନ୍ଥର ଏଯାବତ୍ ପାଞ୍ଚୋଟି ସଂସ୍କରଣ ମୁଦ୍ରିତ ହୋଇଛି। ପୁସ୍ତକର ଦୀର୍ଘ ଭୂମିକାରେ ଋଗ୍‌ବେଦର ଗୌରବ, ବିସ୍ତାର ଓ ବିଭାଜନ, ଋଗ୍‌ବେଦୀୟ ଦର୍ଶନ, ବୈଦିକ ଛନ୍ଦ, ବୈଦିକ ସ୍ୱର, ପଦପାଠ, ବୈଦିକ ବ୍ୟାକରଣ, ବେଦମନ୍ତ୍ରର ସୁରକ୍ଷାବିଧି, ବେଦଭାଷାର ମୌଳିକ ସିଦ୍ଧାନ୍ତ, ବେଦର ଭାଷ୍ୟକର୍ତ୍ତା ଆଦି

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଉପାଦେୟ ବିଷୟ ରହିଛି । ସୃଷ୍ଟି-ପ୍ରଳୟ, ପରମାତ୍ମା, ଜୀବାତ୍ମା, ପ୍ରକୃତି, ଉପାସନା, ରାଷ୍ଟ୍ରଧର୍ମ, ସାମାଜିକ କର୍ତ୍ତବ୍ୟ ଆଦି ଭିନ୍ନ ଭିନ୍ନ ବିଷୟ ଶହେ ଦଶଟି ମନ୍ତ୍ରରେ ପଦପାଠ, ପଦାର୍ଥ ଓ ବିସ୍ତୃତ ବ୍ୟାଖ୍ୟା ସହିତ ପୁସ୍ତକକୁ ସୁପାଠ୍ୟ କରିଛି ।

୪. ଯଜୁର୍ବେଦ ସୌରଭ : ଲେଖକ - ପ୍ରିୟବ୍ରତ ଦାସ

୧୯୭୩ରେ ପ୍ରଥମେ ପ୍ରକାଶିତ ଗ୍ରନ୍ଥର ପାଞ୍ଚୋଟି ସଂସ୍କରଣ ମୁଦ୍ରିତ ହୋଇଛି । ଗ୍ରନ୍ଥର ବିସ୍ତୃତ ଭୂମିକାରେ ଶୁକ୍ଳ-କୃଷ୍ଣ ଯଜୁର୍ବେଦ, ଯଜୁର୍ବେଦୀୟ ଶାଖା, ଯଜୁର୍ବେଦୀୟ ଦର୍ଶନ-ଯଜ୍ଞ, ଅଗ୍ନିହୋତ୍ରରେ ଯଜ୍ଞଦର୍ଶନ ଆଦି ମହତ୍ତ୍ୱପୂର୍ଣ୍ଣ ତଥ୍ୟ ବର୍ଣ୍ଣିତ ହୋଇଛି । ମନୁଷ୍ୟ ଜୀବନର ଛୋଟବଡ଼ ପରୋପକାରକ କର୍ମର ନାମ ଯଜ୍ଞ । ଗ୍ରନ୍ଥରେ ବ୍ୟକ୍ତି, ସମାଜ ଓ ବିଶ୍ୱସଂସ୍ଥା ନିମନ୍ତେ ମାନବର କର୍ତ୍ତବ୍ୟ ପ୍ରତିପାଦିତ ହୋଇଛି । ଏଥିରେ ଶହେ ଦଶଟି ମନ୍ତ୍ରର ହୃଦୟସ୍ପର୍ଶୀ ବ୍ୟାଖ୍ୟାନ ମିଳେ ।

୫. ଅଥର୍ବବେଦ ସୌରଭ : ଲେଖକ - ପ୍ରିୟବ୍ରତ ଦାସ

୧୯୭୪ରେ ପ୍ରଥମେ ପ୍ରକାଶିତ ଗ୍ରନ୍ଥର ଚାରୋଟି ସଂସ୍କରଣ ମୁଦ୍ରିତ ହୋଇଛି । ଏଥିରେ ଔଷଧିବିଦ୍ୟା, ମଣିଧାରଣ, ସଂକଳ୍ପ-ଅଭିମର୍ଷ, ଯୁଦ୍ଧବିଦ୍ୟା, କୃଷି-ବ୍ୟାପାର-ଗୃହନିର୍ମାଣ, ଆତ୍ମିକ ଜ୍ଞାନ ଆଦି ବିଷୟରେ ବିବରଣୀ ମିଳେ । ମଧ୍ୟକାଳୀନ ଭାଷ୍ୟକାରମାନେ ଅଥର୍ବ ବେଦକୁ ନବୀନ ବେଦ କହିଛନ୍ତି ଏବଂ ଏଥିରେ ଜାଦୁ, ଗାରେଡ଼ି, ସ୍ତ୍ରୀ ବଶୀକରଣ ଆଦି ବୀଭତ୍ସ କର୍ମର ଅର୍ଥ କରିଛନ୍ତି । ଏଗୁଡ଼ିକର ଯୁକ୍ତିଶୂନ୍ୟତା ପ୍ରତିପାଦିତ ହୋଇଛି । ଶହେ ଦଶଟି ମନ୍ତ୍ରର ପଦପାଠ, ପଦାର୍ଥ ଓ ଭାବାର୍ଥ ବିଶ୍ଳେଷିତ ହୋଇଛି ।

୬. ସାମବେଦ ସୌରଭ : ଲେଖକ - ପ୍ରିୟବ୍ରତ ଦାସ

୧୯୭୫ରେ ପ୍ରକାଶିତ ଗ୍ରନ୍ଥର ପାଞ୍ଚୋଟି ସଂସ୍କରଣ ପ୍ରକାଶ ପାଇଛି । ଶହେ ଦଶଟି ହୃଦୟଗ୍ରାହୀ ବ୍ୟାଖ୍ୟାରେ ଉପାସନାମୂଳକ ସାମବେଦର ଆଧ୍ୟାତ୍ମିକ ବ୍ୟାଖ୍ୟା ଉପଲବ୍ଧ ହୁଏ । ଭୂମିକାରେ ଗାନବିଦ୍ୟା, ସ୍ୱରମଣ୍ଡଳ, ସାମଗାନ, ସୋମରସ ଆଦି ବିଷୟରେ ମହତ୍ତ୍ୱପୂର୍ଣ୍ଣ ବିବରଣୀ ଦେଖାଯାଏ । ଦୀର୍ଘକାଳୀନ ଉପାସନା ଫଳରେ ଭକ୍ତର ହୃଦୟରେ ସୋମର ଆଧ୍ୟାତ୍ମିକ ସଂଜୀବନୀ ସ୍ରବିତ ହୁଏ, ତାହା ସୋମପୂଜା ।

୭. ଆର୍ଯ୍ୟସମାଜର ପରିଚୟ : ଲେଖକ - ପ୍ରିୟବ୍ରତ ଦାସ

୧୯୭୫ରେ ଆର୍ଯ୍ୟସମାଜ ସ୍ଥାପନାର ପ୍ରଥମ ଶତାବ୍ଦୀ ପୂର୍ତ୍ତି ଉପଲକ୍ଷରେ ପୁସ୍ତକ ରଚିତ ହୋଇଥିଲା । ଏହାର ସଂସ୍ଥାପକ ମହର୍ଷି ଦୟାନନ୍ଦ ସରସ୍ୱତୀ ବେଦୋକ୍ତ ଧର୍ମର ପୁନଃ ପ୍ରତିଷ୍ଠା ପାଇଁ ଆର୍ଯ୍ୟସମାଜ ସ୍ଥାପନ କରିଥିଲେ । ଦେଶରେ ପୁନର୍ଜାଗରଣର ସୂତ୍ରପାତ କରି ଏହି ସଙ୍ଗଠନ ବେଦର ପ୍ରଚାର ଓ ସମାଜରେ ପ୍ରଚଳିତ ବହୁବିଧ କୁସଂସ୍କାର ନିରାକରଣ ପାଇଁ ଉଦ୍ୟମ କରିଆସିଅଛି । ନାରୀ ଓ ଶୂଦ୍ରଜାତିର ଉଦ୍ଧାର ଆର୍ଯ୍ୟସମାଜର ଯଶସ୍ୱୀ କାର୍ଯ୍ୟ । ଡି.ଏ.ଭି ଓ ଗୁରୁକୁଳ ଶିକ୍ଷା କାର୍ଯ୍ୟକ୍ରମ ଦ୍ୱାରା ଆର୍ଯ୍ୟସମାଜ ଶିକ୍ଷାପ୍ରସାର ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ।

୮. ଚତୁର୍ବେଦ ସୂକ୍ତି ସହସ୍ରିକା : ଲେଖକ - ପ୍ରିୟବ୍ରତ ଦାସ

୧୯୭୬ରେ ପ୍ରକାଶିତ ଏହି ଗ୍ରନ୍ଥରେ ଚାରିବେଦର ଏକ ସହସ୍ର ସୂକ୍ତି ସ୍ଥାନ ପାଇଛି । ବିଭିନ୍ନ ଅଧ୍ୟାୟରେ ପରମେଶ୍ୱର, ସୃଷ୍ଟିତତ୍ତ୍ୱ, ବେଦ, ମାତୃଭୂମି, ରାଷ୍ଟ୍ରଧର୍ମ, ଗୃହସ୍ଥ ଜୀବନ, ସ୍ୱାସ୍ଥ୍ୟ ଓ ଜୀବନୀ ଶକ୍ତି, ସଦ୍‌ଗୁଣ ଓ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ସଦାଚାର, ସଂଗଠନ-ସ୍ୱାବଲମ୍ବନ-ଦିବ୍ୟଜୀବନ, ଉନ୍ନତିର ପଥ, ସ୍ତୁତି-ପ୍ରାର୍ଥନା-ଉପାସନା ଆଦି ବିଷୟକ ଏକ ସହସ୍ର ବୈଦିକ ସୂକ୍ତି ଅର୍ଥ ସହିତ ଦିଆଯାଇଛି। ଏଗୁଡ଼ିକ ମନୁଷ୍ୟର ବ୍ୟକ୍ତିଗତ ଓ ସାମାଜିକ ସମସ୍ୟାର ସମାଧାନ ନିମନ୍ତେ ଉପଯୋଗୀ। ଚାରିବେଦର ପ୍ରାୟ କୋଟିଏ ହଜାର ମନ୍ତ୍ର-ସାଗର ମଧ୍ୟରୁ ଏହି ସୂକ୍ତି-ରତ୍ନଗୁଡ଼ିକ ଉତ୍ତୋଳିତ ହୋଇଛି।

୯. ବୈଦିକ ନିତ୍ୟକର୍ମବିଧି : ଲେଖକ - ପ୍ରିୟବ୍ରତ ଦାସ

୧୯୭୬ରେ ପ୍ରକାଶିତ ପୁସ୍ତକର ପାଞ୍ଚୋଟି ସଂସ୍କରଣ ମୁଦ୍ରିତ ହୋଇଛି। ଏଥିରେ ଗୃହସ୍ଥ-ଗୃହିଣୀଙ୍କର ପାଞ୍ଚୋଟି କର୍ତ୍ତବ୍ୟ ବା ପାଞ୍ଚ ମହାଯଜ୍ଞ ବିଶ୍ଳେଷିତ ହୋଇଛି। ପଞ୍ଚ କର୍ତ୍ତବ୍ୟକୁ ଶାସ୍ତ୍ରରେ ପଞ୍ଚ ମହାଯଜ୍ଞ କୁହାଯାଇଛି ଯଥା ବ୍ରହ୍ମଯଜ୍ଞ (ସଂଧ୍ୟା-ଉପାସନା ଓ ସ୍ୱାଧ୍ୟାୟ), ଦେବଯଜ୍ଞ (ହୋମ ବା ଅଗ୍ନିହୋତ୍ର), ପିତୃଯଜ୍ଞ (ବୃଦ୍ଧ ପୁରୁଷଙ୍କର ସେବା), ବଳିବୈଶ୍ୱଦେବ ଯଜ୍ଞ (ଦରିଦ୍ର, ଅସହାୟ ପ୍ରାଣୀଙ୍କର ପରିଚର୍ଯ୍ୟା) ଓ ଅତିଥି ଯଜ୍ଞ (ଧାର୍ମିକ ପରୋପକାରୀ ଆଗନ୍ତୁକର ସତ୍କାର) – ଏହି ପାଞ୍ଚ କର୍ତ୍ତବ୍ୟ ଦୈନିକ କରଣୀୟ। ପ୍ରତ୍ୟେକ ମହାଯଜ୍ଞ ବା ଦୈନିକ କର୍ତ୍ତବ୍ୟର ବିଧାନ ଅର୍ଥ ସହିତ ଲେଖାଯାଇଛି।

୧୦. ସ୍ୱାମୀ ଦୟାନନ୍ଦ : ଲେଖକ - ଯଜ୍ଞପ୍ରକାଶ ଦାସ

ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ ସ୍ୱାମୀ ଦୟାନନ୍ଦଙ୍କର ସଂକ୍ଷିପ୍ତ ଜୀବନୀ ୧୯୭୭ରେ ପ୍ରକାଶିତ ହୋଇଥିଲା। ଏହାର ଦ୍ୱିତୀୟ ସଂସ୍କରଣ ମୁଦ୍ରିତ ହୋଇଛି। ମହାନ୍ ବେଦଜ୍ଞ, ଆର୍ଯ୍ୟସମାଜର ପ୍ରତିଷ୍ଠାତା ସ୍ୱାମୀ ଦୟାନନ୍ଦଙ୍କର ଜୀବନୀର ଜ୍ଞାତବ୍ୟ ବିଷୟଗୁଡ଼ିକ ପୁସ୍ତକରେ ଲିପିବଦ୍ଧ ହୋଇଛି।

୧୧. ବୈଦିକ ଧର୍ମ ପ୍ରଶ୍ନୋତ୍ତରୀ : ଲେଖକ - ପ୍ରିୟବ୍ରତ ଦାସ

୧୯୮୦ରେ ମୁଦ୍ରିତ ପ୍ରଥମ ସଂସ୍କରଣ ଏଯାବତ୍ ଆଠ ଥର ପ୍ରକାଶିତ ହୋଇଛି। ଚାରୋଟି ଅଧ୍ୟାୟରେ ଦୁଇଶହ ପ୍ରଶ୍ନର ଉତ୍ତର ସନ୍ନିବିଷ୍ଟ ହୋଇଛି। ସୃଷ୍ଟି, ପ୍ରଳୟ, ଈଶ୍ୱର, ଜୀବ, ପ୍ରକୃତି, ବେଦ, ଉପନିଷଦ, ବର୍ଣ୍ଣ, ଆଶ୍ରମ, ସଂସ୍କାର, ଧର୍ମ, ସଂପ୍ରଦାୟ, ସ୍ୱର୍ଗ, ନରକ, ତୀର୍ଥ ଆଦି ବିଷୟରେ ଯୁକ୍ତିଯୁକ୍ତ ଅର୍ଥ ପ୍ରତିପାଦିତ ହୋଇଛି। ଉତ୍ତରଗୁଡ଼ିକ ପଢ଼ିବା ପରେ ମନରୁ ଅବୈଦିକ ଧାରଣା ଦୂରୀଭୂତ ହୁଏ।

୧୨. ବୈଦିକ ଅନ୍ତ୍ୟେଷ୍ଟି ସଂସ୍କାର ଓ ଶ୍ରାଦ୍ଧନିର୍ଣ୍ଣୟ : ଲେଖକ - ପ୍ରିୟବ୍ରତ ଦାସ

୧୯୮୩ରେ ପ୍ରକାଶିତ ପୁସ୍ତକର ତିନୋଟି ସଂସ୍କରଣ ମୁଦ୍ରିତ ହୋଇଛି। ବୈଦିକ ଷୋହଳ ସଂସ୍କାର କ୍ରମରେ ଅନ୍ତ୍ୟେଷ୍ଟି ଅନ୍ତିମ ସଂସ୍କାର। ଗରୁଡ଼ ପୁରାଣ ଆଦି ଅର୍ବାଚୀନ ପୁସ୍ତକରେ ବର୍ଣ୍ଣିତ ଥିବା ଦଶରାତ୍ର, ଏକାଦଶାହ, ଦ୍ୱାଦଶାହ, ସପିଣ୍ଡୀକରଣ, ମାସିକ-ବାର୍ଷିକ ଶ୍ରାଦ୍ଧ, ଗୟାଶ୍ରାଦ୍ଧ ଆଦି ନବୀନ କଳ୍ପନା। ଆତ୍ମା ନିଜ କର୍ମାନୁସାରେ ପୁନର୍ଜନ୍ମ ପାଏ। ଅନ୍ତ୍ୟେଷ୍ଟି ପରେ ଦେହ ପାଇଁ ଅନ୍ୟ କର୍ମ ନାହିଁ। ପୁସ୍ତକର ପ୍ରଥମ ଅଧ୍ୟାୟରେ ମୃତ୍ୟୁପରେ ଦାହକର୍ମ ପାଇଁ ପ୍ରସ୍ତୁତି ଓ ବିଧାନ ବର୍ଣ୍ଣିତ ହୋଇଛି। ଏଥିରେ ଶବସ୍ନାନ, ଶବଯାତ୍ରା, ମୁଖାଗ୍ନି, ଅନ୍ତ୍ୟେଷ୍ଟି ଯଜ୍ଞ, ଅସ୍ଥିଚୟନ, ସଦ୍‌ଗତି ପାଇଁ ପ୍ରାର୍ଥନା ଆଦି ବୈଦିକ କ୍ରିୟା ସ୍ଥାନିତ ହୋଇଛି। ଦ୍ୱିତୀୟ ଅଧ୍ୟାୟରେ ଅର୍ବାଚୀନ ମୃତକ ଶ୍ରାଦ୍ଧର ସମୀକ୍ଷା କରାଯାଇଛି। ଯମ, ଯମଦୂତ, ଚିତ୍ରଗୁପ୍ତ, ପିତୃପୁରୁଷ ଆଦି ବୈଦିକ ଶବ୍ଦର ପ୍ରକୃତ ଅର୍ଥ ପ୍ରତିପାଦିତ ହୋଇଛି।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ବିଦେଶରେ ବେଦ ପ୍ରଚାର

ଲଣ୍ଡନଠାରେ ୟୁ.କେ. ଓଡ଼ିଆ ସମାଜରେ ଉଦ୍‌ବୋଧନ (୨୦୧୦)



ଦକ୍ଷିଣ ଆଫ୍ରିକା ଡର୍ବାନ୍‌ଠାରେ ବେଦ ସମ୍ମିଳନୀରେ ବ୍ୟାଖ୍ୟାନ (୨୦୧୩)



ଯୁକ୍ତରାଷ୍ଟ୍ର ଆମେରିକା ନେସ୍‌ଭିଲ୍‌ଠାରେ ଓଡ଼ିଆ ସମାଜରେ ସମ୍ବର୍ଦ୍ଧିତ (୧୯୯୮)

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ବିଦେଶରେ ବେଦ ପ୍ରଚାର

୧୯୭୩ରେ ସ୍ୱାମୀଙ୍କ ସହିତ
ମୋରିଶସ୍ ଯାତ୍ରା ସମୟରେ
ଜଳଜାହାଜ ଶିଡ଼ିରେ



ମୋରିଶସ୍ ଶିବାନନ୍ଦ ଆଶ୍ରମରେ ସ୍ୱାମୀ ଭେଙ୍କେଟେଶାନନ୍ଦଙ୍କ ସାନ୍ନିଧ୍ୟରେ
(୧୯୭୩)

ଆର୍ଯ୍ୟସମାଜ ପ୍ରତିନିଧିଙ୍କ ଗହଣରେ ମୋରିଶସ୍
ଦ୍ୱିତୀୟ ବାର ଯାତ୍ରା ପୋର୍ଟ ଲୁଇରେ (୨୦୦୦)

ମୋରିଶସ୍‌ର ପ୍ରଧାନମନ୍ତ୍ରୀ ସାର୍ ଶିବସାଗର ରାମଗୁଲାମଙ୍କ ବାସଭବନରେ
ଶ୍ରୀମତୀ ଶିବସାଗର ତଥା ଶିକ୍ଷାମନ୍ତ୍ରୀଙ୍କ ଗହଣରେ (୧୯୭୩)

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

୧୩. ବୈଦିକ ବିବାହ ପଦ୍ଧତି : ଲେଖକ – ପ୍ରିୟବ୍ରତ ଦାସ

ବିବାହରୁ ଗୃହସ୍ଥାଶ୍ରମ ଆରମ୍ଭ ହୁଏ। ବିବାହ ସଂସ୍କାରର ମୁଖ୍ୟବିଧାନ ଯଥା– ମଙ୍ଗଳସ୍ନାନ ଓ ମଣ୍ଡପବିଧି, ଦ୍ୱାରାଚାର ଓ ମଧୁପର୍କ ବିଧି, କନ୍ୟା ପ୍ରତିଗ୍ରହଣ, ପାଣିଗ୍ରହଣ, ଶିଳାରୋହଣ, ଲାଜାହୋମ, ସପ୍ତପଦୀ, ଧ୍ରୁବଦର୍ଶନ – ପୁସ୍ତକରେ ଏସବୁ ବ୍ୟାଖ୍ୟା ସହିତ ବିବୃତ ହୋଇଛି। ୧୯୮୪ରେ ପ୍ରକାଶିତ ପୁସ୍ତକର ଦୁଇଟି ସଂସ୍କରଣ ମୁଦ୍ରିତ ହୋଇଛି। ଗ୍ରନ୍ଥର ପରିଶିଷ୍ଟ ଭାଗରେ ପୁଂସବନ ଓ ସୀମନ୍ତୋନ୍ନୟନ ଦୁଇ ପ୍ରାକ୍‌ଜନ୍ମ (ସ୍ତ୍ରୀର ଗର୍ଭବତୀ ସମୟରେ) ସଂସ୍କାରର ବିଧି ଓ ବ୍ୟାଖ୍ୟା ସ୍ଥାନିତ ହୋଇଛି।

୧୪. ଭାରତରେ ମୂର୍ତ୍ତିପୂଜାର ଉତ୍ପତ୍ତି ଓ ପରିଣାମ : ଲେଖକ – ଯଜ୍ଞପ୍ରକାଶ ଦାସ

୧୯୮୬ରେ ପ୍ରକାଶିତ ପୁସ୍ତକର ତିନୋଟି ସଂସ୍କରଣ ମୁଦ୍ରିତ ହୋଇଛି। ପ୍ରସିଦ୍ଧ ବିଦ୍ୱାନ ପଣ୍ଡିତ ରାଜେନ୍ଦ୍ରଙ୍କ ହିନ୍ଦୀ ପୁସ୍ତକର ଏହା ଓଡ଼ିଶା ଅନୁବାଦ। ବାରଟି ଅଧ୍ୟାୟରେ ଲିଖିତ ପୁସ୍ତକରେ ମୂର୍ତ୍ତିପୂଜାର ପ୍ରାରମ୍ଭିକ କାଳ, ବୈଦିକ କାଳରେ ମୂର୍ତ୍ତିପୂଜା ନ ଥିଲା, ମୂର୍ତ୍ତିପୂଜାରୁ ଅବତାରବାଦ ଓ ବହୁବେଦପୂଜା, ମୂର୍ତ୍ତିପୂଜା ଓ ଯୋଗସାଧନ, ମୂର୍ତ୍ତିପୂଜା ଓ ଶଂକା-ସମାଧାନ ଆଦି ବିଷୟ ଯୁକ୍ତିସଂଗତ ଢଙ୍ଗରେ ଆଲୋଚିତ ହୋଇଛି।

୧୫. ବୈଦିକ ଉପନୟନ ବିଧି : ଲେଖକ – ପ୍ରିୟବ୍ରତ ଦାସ

ବୈଦିକ କାଳରେ ବାଳକ-ବାଳିକାମାନଙ୍କୁ ଆଚାର୍ଯ୍ୟଙ୍କ ନିକଟକୁ ନେଇ ବିଦ୍ୟାରମ୍ଭ କରାଇବା ଅବସରକୁ 'ଉପନୟନ' କୁହାଯାଉଥିଲା। ଗର୍ଭାଧାନଠାରୁ ଅନ୍ତ୍ୟେଷ୍ଟି ପର୍ଯ୍ୟନ୍ତ ଷୋହଳ ସଂସ୍କାର ମଧ୍ୟରେ ଏହି ସଂସ୍କାର ଦଶମ ସଂସ୍କାର ହୋଇଥିବା ବେଳେ ଆଜିକାଲି ପୂର୍ବବର୍ତ୍ତୀ ନଅଟି ସଂସ୍କାର ଅନୁପାଳନ ନ କରି ଉପନୟନ ଉତ୍ସବରେ ସେସବୁ ପଢ଼ି ଦିଆଯାଉଛି। ବନ୍ଦାଣ, ଭୋଜିଭାତ ଆଦି ବାହ୍ୟାଡ଼ମ୍ବରରେ ବ୍ରତଘର ସଂପନ୍ନ ହେଉଛି। ପ୍ରସ୍ତୁତ ପୁସ୍ତକରେ ଉପନୟନର ବିଧାନ ଓ ତାତ୍ପର୍ଯ୍ୟ ବୁଝାଇ ଦିଆଯାଇଛି। ପୁସ୍ତକର ପରିଶିଷ୍ଟ ରୂପରେ ପୂର୍ବବର୍ତ୍ତୀ ଚୂଡ଼ାକର୍ମ ଓ କର୍ଣ୍ଣବେଧ ସଂସ୍କାର ଏବଂ ପରବର୍ତ୍ତୀ ବେଦାରମ୍ଭ ସଂସ୍କାରର ବିଧାନ ଓ ଅର୍ଥ ସ୍ଥାନିତ ହୋଇଛି। ଏହି ପୁସ୍ତକ ୧୯୮୭ରେ ମୁଦ୍ରିତ ହୋଇଥିଲା। ତିନୋଟି ସଂସ୍କରଣ ପ୍ରକାଶିତ ହୋଇଛି।

୧୬. ସ୍ୱାମୀ ଶ୍ରଦ୍ଧାନନ୍ଦ : ଲେଖକ – ଓମ୍‌ପ୍ରକାଶ ଦାସ

ସ୍ୱାମୀ ଦୟାନନ୍ଦଙ୍କର ନିଷ୍ଠାବାନ ଶିଷ୍ୟ, ସ୍ୱରାଜ୍ୟ ଆନ୍ଦୋଳନର ପ୍ରଖର ନେତା, ଭାରତରେ ଗୁରୁକୁଳ ଶିକ୍ଷାପଦ୍ଧତିର ପୁନଃ ସଂସ୍ଥାପକ ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କର ଜୀବନୀ ୧୯୭୮ରେ ମୁଦ୍ରିତ ହୋଇଥିଲା।

୧୭. ଆର୍ଯ୍ୟମାନେ ଭାରତରେ ବିଦେଶୀ କି ? ଲେଖକ – ଯଜ୍ଞପ୍ରକାଶ ଦାସ

୧୯୮୭ରେ ମୁଦ୍ରିତ ଏହି ଅନୁବାଦ ପୁସ୍ତକର ତିନି ସଂସ୍କରଣ ପ୍ରକାଶିତ ହୋଇଛି।

୧୮. ରାମାୟଣ ପ୍ରଶ୍ନୋତ୍ତରୀ : ଲେଖକ – ପ୍ରିୟବ୍ରତ ଦାସ

୧୯୯୧ରେ ପ୍ରକାଶିତ ପୁସ୍ତକର ଦୁଇଟି ସଂସ୍କରଣ ମୁଦ୍ରିତ ହୋଇଛି। ରାମାୟଣ କାଳରେ ଦେବ, ଆର୍ଯ୍ୟ, ବାନର ଓ ରାକ୍ଷସ – ଏହି ଚାରି ମାନବ ବଂଶଙ୍କ ମଧ୍ୟରେ ସମ୍ବନ୍ଧ ଓ ସଂଘର୍ଷ ବିଷୟ ପୁସ୍ତକରେ ବର୍ଣ୍ଣିତ ହୋଇଛି। କାଳ ଗତିରେ ଏହି କାବ୍ୟରେ ଅନେକ ମିଶ୍ରଣ ଘଟିଛି। ଛଅଟି ଅଧ୍ୟାୟରେ ପ୍ରଶ୍ନୋତ୍ତରକାଳ ଶୈଳୀରେ ରାମାୟଣ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଯୁଗର ସମାଜ, ରାଜନୀତି, କଳା, ବିଜ୍ଞାନ, ଅସ୍ତ୍ରଶସ୍ତ୍ର ବିଷୟରେ ବିବରଣୀ ସହିତ କେତେକ ଆଳଂକାରିକ ବର୍ଣ୍ଣନାର ସ୍ପଷ୍ଟୀକରଣ ଦିଆଯାଇଛି। ରାବଣଙ୍କ ଦଶମୁଣ୍ଡ, ହନୁମାନଙ୍କ ଲାଙ୍ଗୁଡ଼, ମାତା ସୀତା ଭୂମିରୁ ଜାତ ହେବା ଇତ୍ୟାଦି ପ୍ରଚଳିତ ଧାରଣାଗୁଡ଼ିକୁ ସମୀକ୍ଷା କରାଯାଇଛି।

୧୯. ଆର୍ଯ୍ୟ ଭଜନାବଳୀ : ଲେଖକ - ପ୍ରିୟବ୍ରତ ଦାସ

୧୯୯୨ରେ ଲିଖିତ ସଂସ୍କାର ମୂଳକ ସଂଗୀତ ଓ ଏକେଶ୍ୱରବାଦୀ ଭଜନ ଏଥିରେ ସ୍ଥାନ ପାଇଛି। ଆଜିକାଲି ଅନେକ ଗୀତିକାର ଅନେକ ଅବୈଦିକ, ଅସଂଗତ ଓ ସ୍ୱେଚ୍ଛାଚାରୀ ସଂଗୀତ ରଚନା କରି ନିରାକାର ଓ ସର୍ବଜ୍ଞ ପ୍ରଭୁଙ୍କର ସ୍ୱରୂପକୁ ବିକୃତ କରୁଛନ୍ତି। ଏହି ସଂଗୀତଗୁଡ଼ିକ ଆକାଶବାଣୀ କଟକ କେନ୍ଦ୍ର ଦ୍ୱାରା ସ୍ୱୀକୃତ ଓ ପ୍ରାସାରିତ ହୋଇଛି।

୨୦. ମହର୍ଷି ଦୟାନନ୍ଦ ସରସ୍ୱତୀ : ଲେଖକ - ପ୍ରିୟବ୍ରତ ଦାସ

୧୯୯୩ରେ ମୁଦ୍ରିତ ଏହି ପୁସ୍ତକର ଦୁଇଟି ସଂସ୍କରଣ ପ୍ରକାଶିତ ହୋଇଛି। ଦୟାନନ୍ଦ ସରସ୍ୱତୀ (୧୮୨୪-୧୮୮୩)ଙ୍କୁ ଭାରତୀୟ ପୁନର୍ଜାଗରଣର ଅଗ୍ରଦୂତ ନାମରେ କୁହାଯାଏ। ବୁଦ୍ଧଙ୍କଠାରୁ ରାଜା ରାମମୋହନ ରାୟ ପର୍ଯ୍ୟନ୍ତ ସମାଜ ସଂସ୍କାରକମାନେ ସଫଳତା ପାଇ ନ ଥିବା ସ୍ଥଳେ ଦୟାନନ୍ଦ ସର୍ବମାନ୍ୟ ଗ୍ରନ୍ଥ ବେଦର ଆଧାରରେ ସାମାଜିକ ସଂସ୍କାରରେ ଅଗ୍ରସର ହୋଇଥିବାରୁ ସେ ସେଥିରେ କୃତକାର୍ଯ୍ୟ ହୋଇଥିଲେ। ଶଙ୍କରାଚାର୍ଯ୍ୟଙ୍କ ପରେ ଦେଶରେ ଏତେବଡ଼ ସଂସ୍କୃତଜ୍ଞ ଓ ଶାସ୍ତ୍ରବେତ୍ତା ଜନ୍ମ ହୋଇନାହାନ୍ତି। ସେ ବେଦର ପ୍ରଚାର, ନାରୀଶିକ୍ଷାର ଆରମ୍ଭ, ବାଲ୍ୟବିବାହ ତଥା ଜନ୍ମଗତ ଜାତିଭେଦର ବିରୋଧ ଓ ଦେଶର ସ୍ୱାଧୀନତା ପାଇଁ କାର୍ଯ୍ୟ ଆରମ୍ଭ କରିଥିଲେ। ସ୍ୱାମୀଜୀଙ୍କ ଏହି ଜୀବନୀ ସବୁ ଶ୍ରେଣୀର ଲୋକଙ୍କ ନିମନ୍ତେ ପ୍ରେରଣାଦାୟକ।

୨୧. ଶାକାହାର ନା ମାଂସାହାର ନିଷ୍ପତ୍ତି ଆପଣଙ୍କର : ଲେଖକ - ଯଜ୍ଞପ୍ରକାଶ ଦାସ

ଏହି ଅନୁବାଦ ପୁସ୍ତକ ୧୯୯୩ରେ ପ୍ରଥମେ ମୁଦ୍ରିତ ହେବା ପରେ ତାହାର ଚାରୋଟି ସଂସ୍କରଣ ପ୍ରକାଶ ପାଇଛି।

୨୨. ବେଦରେ ନାରୀ : ଲେଖିକା - ଶନ୍ନୋଦେବୀ

ଚାରିବେଦରୁ ତେଷଠଟି ମନ୍ତ୍ର ନିର୍ବାଚନ କରି ଲେଖିକା ବେଦରେ ନାରୀ ଗୌରବର ଚିତ୍ର ପ୍ରତିପାଦନ କରିଛନ୍ତି। ୧୯୯୫ରେ ମୁଦ୍ରିତ ଏହି ପୁସ୍ତକର ଦୁଇଟି ସଂସ୍କରଣ ପ୍ରକାଶିତ ହୋଇଛି। ବ୍ରହ୍ମଚାରିଣୀର ବିବାହ, ଅନୁପମ ଯୌତୁକ, ପିତୃକୁଳରୁ ପତିକୁଳ, ଗୃହିଣୀର ଚାରି କର୍ତ୍ତବ୍ୟ, ଗୃହିଣୀ ହିଁ ଗୃହ, ବିଦୁଷୀ ମାତା ଆଦି ଭିନ୍ନ ଭିନ୍ନ ବିଷୟରେ ମନ୍ତ୍ରର ପଦପାଠ, ପଦାର୍ଥ ସହିତ ସାରଗର୍ଭକ ବ୍ୟାଖ୍ୟାନ ପୁସ୍ତକରେ ଦେଖିବାକୁ ମିଳେ।

୨୩. ବେଦପାଠ ଓ ବୈଦିକ କର୍ମକାଣ୍ଡରେ ନାରୀର ଅଧିକାର : ଲେଖିକା - ଶନ୍ନୋଦେବୀ

୧୯୯୫ରେ ଲିଖିତ ପୁସ୍ତକର ତୃତୀୟ ସଂସ୍କରଣ ମୁଦ୍ରିତ ହୋଇଛି। ପୁରୀ ଶଙ୍କରାଚାର୍ଯ୍ୟ ନାରୀର ବେଦପାଠକୁ ବିରୋଧ କରିଥିବା ଅବସରରେ ତାହାର ପ୍ରତିବାଦ ସ୍ୱରୂପ ଏହି ମହତ୍ତ୍ୱପୂର୍ଣ୍ଣ ପୁସ୍ତକ ପ୍ରକାଶିତ ହୋଇଥିଲା। ପୁସ୍ତକରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଯଥା – ଋଷିଙ୍କ ପରି ଋଷିକା ମଧ୍ୟ ଥିଲେ, ବେଦରେ ମନ୍ତ୍ରପାଠ ପାଇଁ ନାରୀକୁ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଉପଦେଶ, ରାମାୟଣ-ମହାଭାରତ-ସ୍ମୃତି ସାହିତ୍ୟରୁ ପ୍ରମାଣ, ନାରୀ ବିଦ୍ୱେଷର ଆରମ୍ଭ, ପୁନର୍ଜାଗରଣର ଯୁଗ ଆଦି ବିଷୟ ପୁସ୍ତକରେ ପ୍ରମାଣ ସହିତ ବିସ୍ତୃତ ହୋଇଛି।

୨୪. ଶୁଦ୍ଧ ମନୁସ୍ମୃତି : ଲେଖକ - ପ୍ରିୟବ୍ରତ ଦାସ

୧୯୯୫ରେ ପ୍ରକାଶିତ ପୁସ୍ତକ ଦୁଇଥର ମୁଦ୍ରିତ ହୋଇଛି। ଲେଖକ ଗମ୍ଭୀର ଗବେଷଣା ଦ୍ୱାରା ପ୍ରତ୍ୟେକ ଅଧ୍ୟାୟରେ ଥିବା ପ୍ରକ୍ଷିପ୍ତ ଶ୍ଳୋକଗୁଡ଼ିକୁ ପୃଥକ୍ କରିଛନ୍ତି। ପ୍ରସଙ୍ଗ ବିରୋଧ, ବିଷୟ ବିରୋଧ, ଅନ୍ତର୍ବିରୋଧ, ବେଦବିରୋଧ ଆଦି ବିଷୟରେ ପ୍ରଚଳିତ ମନୁସ୍ମୃତିର ଅନେକ ଶ୍ଳୋକ ପରବର୍ତ୍ତୀ କାଳରେ ସ୍ୱାର୍ଥୀ ଲୋକଙ୍କ ଦ୍ୱାରା ମିଶ୍ରିତ ହୋଇଛି। ଫଳରେ ସାଧାରଣ ପାଠକମାନେ ବିଭ୍ରାନ୍ତ ହେଉଛନ୍ତି। ପୁସ୍ତକର ଭୂମିକାରେ ମନୁଙ୍କ ପରିଚୟ, ମନୁସ୍ମୃତିର ଆଧାର ବେଦ, ପ୍ରକ୍ଷେପ ବା ମିଶ୍ରଣ ଖୋଜିବାର ଉପାୟ, ଜାତିବିଦ୍ୱେଷ-ନାରୀବିଦ୍ୱେଷ-ମାଂସଭକ୍ଷଣ ଆଦି ପରବର୍ତ୍ତୀ ମିଶ୍ରଣ ଆଦି ତଥ୍ୟ ସନ୍ନିବିଷ୍ଟ ହୋଇଛି। ବର୍ତ୍ତମାନ ପ୍ରଚଳିତ ମନୁସ୍ମୃତିରେ ଉପଲବ୍ଧ ପ୍ରାୟ ଦୁଇ ହଜାର ଶ୍ଳୋକ ମଧ୍ୟରୁ ଅର୍ଦ୍ଧାଧିକ ମିଶ୍ରଣ ଅଟେ।

୨୫. ମୋର ପିତା, ମୋର ଗୁରୁ : ଲେଖକ - ପ୍ରିୟବ୍ରତ ଦାସ

ପୁସ୍ତକଟି ପଣ୍ଡିତ ଲିଙ୍ଗରାଜ ଅଗ୍ନିହୋତ୍ରୀଙ୍କର ଜନ୍ମ ଶତାବ୍ଦୀ ଅବସରରେ ୧୯୯୮ରେ ପ୍ରକାଶିତ ହୋଇଥିଲା। ଲେଖକ ଉଚ୍ଚ ବୈଷୟିକ ଶିକ୍ଷାପ୍ରାପ୍ତ ଯନ୍ତ୍ରୀ ହୋଇସୁଦ୍ଧା କିପରି ବେଦାନୁଶୀଳନରେ ବ୍ରତୀ ହେଲେ, ତାହାର ଉତ୍ତର ଏଥିରେ ସନ୍ନିବିଷ୍ଟ ହୋଇଛି। ପିତା ଯେ ଗୁରୁ ହୋଇପାରନ୍ତି, ତାହାର ସାର୍ଥକତାର ଏହା ଏକ ଉଦାହରଣ। ମନୁଷ୍ୟ ନିଜର ସାଧନା ବଳରେ କିପରି ଉନ୍ନତ ହୋଇପାରେ, ଅଗ୍ନିହୋତ୍ରୀଙ୍କର ଜୀବନୀରୁ ସେହି ଶିକ୍ଷା ମିଳେ। ନିଜର ଜନକ ହିଁ ତାହାଙ୍କର ଧର୍ମଗୁରୁ ଓ ଶାସ୍ତ୍ରର ଶିକ୍ଷାଦାତା, ଏହା ପୁସ୍ତକରେ ବର୍ଣ୍ଣିତ ହୋଇଛି।

୨୬. ଉପନିଷଦ ପ୍ରକାଶ, ୧ମ ଖଣ୍ଡ : ଲେଖକ - ପ୍ରିୟବ୍ରତ ଦାସ

ଈଶ, କେନ, କଠ ଓ ପ୍ରଶ୍ନ - ଏହି ଚାରି ଉପନିଷଦର ବ୍ୟାଖ୍ୟାନ 'ଉପନିଷଦ ପ୍ରକାଶ' ପ୍ରଥମ ଖଣ୍ଡ ରୂପରେ ୧୯୯୮ରେ ପ୍ରକାଶ ପାଇଥିଲା। ଏହାର ଦୁଇ ସଂସ୍କରଣ ମୁଦ୍ରିତ ହୋଇଛି। ଗ୍ରନ୍ଥର ଭୂମିକାରେ ଉପନିଷଦ ଶବ୍ଦର ବ୍ୟାଖ୍ୟା, ଉପନିଷଦ ପଠନ ପାଇଁ ଯୋଗ୍ୟତା, ଉପନିଷଦ ହେଉଛି ବେଦର ଅଧ୍ୟାତ୍ମ ବ୍ୟାଖ୍ୟା, ଉପନିଷଦରେ ଆଖ୍ୟାୟିକା ଆଦି ବିଷୟ ସନ୍ନିବିଷ୍ଟ ହୋଇଛି। ପ୍ରସ୍ତୁତ ଗ୍ରନ୍ଥରେ ମୂଳପ୍ରବକ୍ତା ଋଷିମାନଙ୍କର ଯଥାର୍ଥ ଦୃଷ୍ଟିକୋଣକୁ ସ୍ପଷ୍ଟ ଭାବରେ ପ୍ରସ୍ତୁତ କରାଯାଇଛି। ପ୍ରତ୍ୟେକ ଉପନିଷଦର ସ୍ୱତନ୍ତ୍ର ଭୂମିକା ମଧ୍ୟ ପ୍ରସ୍ତୁତ ହୋଇଛି।

୨୭. ଲଜପତ ରାୟ ଓ ଆର୍ଯ୍ୟସମାଜ : ଲେଖକ - ପ୍ରିୟବ୍ରତ ଦାସ

ସ୍ୱାଧୀନତା ଆନ୍ଦୋଳନରେ ମହାନ୍ ସେନାନୀ, ପଞ୍ଜାବ କେଶରୀ ଲାଲା ଲଜପତ ରାୟ ସ୍ୱାମୀ ଦୟାନନ୍ଦଙ୍କ ପ୍ରତିଷ୍ଠିତ ଆର୍ଯ୍ୟସମାଜରେ ସଭ୍ୟଭୁକ୍ତ ହୋଇ ପ୍ରଭୁଭକ୍ତି, ରାଷ୍ଟ୍ରଭକ୍ତି ଓ ସମାଜସେବା ପାଇଁ ପ୍ରେରଣା ପାଇଥିଲେ। ସେ କହିଥିଲେ – 'ମୁଁ ଯଦି ଆର୍ଯ୍ୟସମାଜରେ ପ୍ରବିଷ୍ଟ ହୋଇ ନ ଥାନ୍ତି, ତାହାହେଲେ କ'ଣ ହୋଇଥାଆନ୍ତି, ତାହା ପରମାତ୍ମା ହିଁ ଜାଣନ୍ତି, ପରନ୍ତୁ ଏହା ସତ୍ୟ ଯେ ମୁଁ ଆଜି ଯାହା କିଛି ହୋଇଛି, ତାହା କଦାପି ହୋଇ ନ ଥାନ୍ତି।' ୨୦୦୧ରେ ପ୍ରକାଶିତ ଏହି ପୁସ୍ତକ ପାଠକଲେ ଆର୍ଯ୍ୟସମାଜ ଆନ୍ଦୋଳନର ସଫଳତା ବିଷୟ ଜଣାଯାଏ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

୨୮. ଉପନିଷଦ ପ୍ରକାଶ, ୨ୟ ଖଣ୍ଡ : ଲେଖକ – ପ୍ରିୟବ୍ରତ ଦାସ

୨୦୦୧ରେ ମୁଣ୍ଡକ, ମାଣ୍ଡୂକ୍ୟ, ଐତରେୟ, ତୈତ୍ତିରୀୟ ଓ ଶ୍ୱେତାଶ୍ୱତର – ଏହି ପାଞ୍ଚ ଉପନିଷଦର ବ୍ୟାଖ୍ୟାନ ଉପନିଷଦ ପ୍ରକାଶ, ୨ୟ ଖଣ୍ଡ ନାମରେ ପ୍ରକାଶିତ ହୋଇଥିଲା। ଗ୍ରନ୍ଥର ବିସ୍ତୃତ ଭୂମିକା ଅତିରିକ୍ତ ପ୍ରତ୍ୟେକ ଉପନିଷଦର ବ୍ୟାଖ୍ୟାନ ପୂର୍ବରୁ ପୃଥକ୍ ଭୂମିକା ସ୍ଥାନିତ ହୋଇଛି। ଗ୍ରନ୍ଥର ଦୁଇଟି ସଂସ୍କରଣ ମୁଦ୍ରିତ ହୋଇଛି।

୨୯. ସ୍ମୃତି ବାତାୟନେ : ଲେଖିକା – ଶନ୍ନୋଦେବୀ

୨୦୦୩ରେ ମୁଦ୍ରିତ ଏହି ପୁସ୍ତକ ବିଦୁଷୀ ଶନ୍ନୋଦେବୀଙ୍କର ଆତ୍ମଜୀବନୀ, କେତେକ ବକ୍ତୃତା ଓ ପ୍ରବନ୍ଧ – ତିନି ଭାଗରେ ବିଭକ୍ତ ହୋଇଛି। ନାରୀ ସଶକ୍ତିକରଣ କ୍ଷେତ୍ରରେ ଜଣେ ବିପ୍ଳବିନୀଙ୍କର ଜୀବନୀ ହୃଦୟସ୍ପର୍ଶୀ ଭାଷାରେ ବର୍ଣ୍ଣିତ ହୋଇଛି।

୩୦. ପାତଂଜଳ ଯୋଗଦର୍ଶନ : ଲେଖକ – ପ୍ରିୟବ୍ରତ ଦାସ

୨୦୦୪ରେ ପ୍ରକାଶିତ ପାତଂଜଳ ଯୋଗଦର୍ଶନର ବ୍ୟାଖ୍ୟାନରେ ଈଶ୍ୱର, ଜୀବାତ୍ମା ଓ ପ୍ରକୃତି – ଏହି ତିନି ଅନାଦି ତତ୍ତ୍ୱର ସ୍ୱରୂପ ନିର୍ଣ୍ଣିତ ହୋଇଛି। ଈଶ୍ୱରପ୍ରାପ୍ତିର ସହାୟତା ପାଇଁ ଯୋଗଦର୍ଶନ ଅନୁପମ ଶାସ୍ତ୍ର। ଏଥିରେ ଚିତ୍ତବୃତ୍ତିର ନିରୋଧକୁ ଯୋଗ ଅର୍ଥାତ୍ ଈଶ୍ୱର-ସାକ୍ଷାତ୍କାର କୁହାଯାଇଛି। ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧ୍ୟାନ, ଧାରଣା ଓ ସମାଧି ହେଉଛି ଯୋଗସିଦ୍ଧିର ସୋପାନ। ଗ୍ରନ୍ଥରେ ଚିତ୍ତବୃତ୍ତିର ନିରୋଧ ପାଇଁ ଅଭ୍ୟାସ ଓ ବୈରାଗ୍ୟ, ସଂପ୍ରଜ୍ଞାତ-ଅସଂପ୍ରଜ୍ଞାତ ସମାଧିର ସ୍ୱରୂପ, ଯୋଗରେ ବିଘ୍ନର ନିବାରଣ, ଯୋଗସିଦ୍ଧରୁ ବିଭୂତି, କୈବଲ୍ୟ ଆଦି ପ୍ରସଙ୍ଗ ପ୍ରତିପାଦିତ ହୋଇଛି।

୩୧. ପ୍ରିୟବ୍ରତ ପ୍ରବନ୍ଧମାଳା : ଲେଖକ – ପ୍ରିୟବ୍ରତ ଦାସ

ବେଦ ଗବେଷକ ପ୍ରିୟବ୍ରତ ଦାସଙ୍କ ଦ୍ୱାରା ଲିଖିତ ଓ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ କେତେକ ପ୍ରବନ୍ଧର ସଂଚୟନ ରୂପରେ ପ୍ରସ୍ତୁତ ପୁସ୍ତକ ୨୦୦୭ରେ ପ୍ରକାଶିତ ହୋଇଥିଲା। ବେଦ ଓ ବୈଦିକ ଦର୍ଶନ, ଉପନିଷଦ, ରାଷ୍ଟ୍ର-ସମାଜ-ଶିକ୍ଷା-ସଂସ୍କାର, ଆର୍ଯ୍ୟସମାଜ, ବୈଦିକ ଆଚରଣରେ ଅଧୋଗତି, ଜୀବନୀ ଓ ଇତିହାସ, ଭ୍ରମଣ ଓ ଲଘୁ ପ୍ରବନ୍ଧ ଏପରି ଆଠୋଟି ଖଣ୍ଡରେ ବିଭକ୍ତ ପ୍ରବନ୍ଧଗୁଡ଼ିକ ଗ୍ରନ୍ଥରେ ସନ୍ନିବିଷ୍ଟ ହୋଇଛି।

୩୨. ବେଦ ପଥିକ (ଅଭିନନ୍ଦନ ଗ୍ରନ୍ଥ)

ପ୍ରିୟବ୍ରତ ଦାସଙ୍କର ପଞ୍ଚସ୍ତରି ବର୍ଷ ପୂର୍ତ୍ତି ଉପଲକ୍ଷରେ ରାଜ୍ୟର ପ୍ରାଜ୍ଞ ପୁରୁଷମାନଙ୍କର ଆଦରାଂଜଳି ସମ୍ବଳିତ ଗ୍ରନ୍ଥକୁ 'ବେଦ ପଥିକ' ନାମ ଦିଆଯାଇଛି। ୨୦୦୭ରେ ଏକ ସ୍ୱତନ୍ତ୍ର ଉତ୍ସବରେ ଦାସ ମହୋଦୟଙ୍କୁ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଅଭିନନ୍ଦିତ କରାଯାଇଥିଲା। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରେ ଅନେକ ବୈଦିକ ବିଦ୍ୱାନ, ସାହିତ୍ୟିକ ଓ ରାଜନେତା ଉପସ୍ଥିତ ଥିଲେ। ଏହି ଗ୍ରନ୍ଥରେ ତାହାଙ୍କର ସଂକ୍ଷିପ୍ତ ଜୀବନୀ ସହିତ ଶୁଭାଂକାକ୍ଷୀମାନଙ୍କର ଶ୍ରଦ୍ଧାସୁମନ ପ୍ରସ୍ତୁତ ହୋଇଛି।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

33. Ancient Verses : Priyavrata Das

୨୦୧୦ରେ ପ୍ରକାଶିତ ଇଂରାଜୀ ପୁସ୍ତକରେ ବେଦ, ଉପନିଷଦ, ରାମାୟଣ, ମହାଭାରତ ଆଦି ଗ୍ରନ୍ଥରୁ ଅନେକ ମନ୍ତ୍ର ଓ ଶ୍ଳୋକ ରହିଛି। ସେଗୁଡ଼ିକର ଇଂରାଜୀ ବ୍ୟାଖ୍ୟାନ ଉଲ୍ଲେଖ କରାଯାଇଛି ଯେପରି ପାଠକମାନେ ପ୍ରାଚୀନ ସାହିତ୍ୟ ସହିତ ପରିଚିତ ହେବେ।

34. Vedic Beliefs : Priyavrata Das

୨୦୧୦ରେ ପ୍ରକାଶିତ ପୁସ୍ତକରେ ବୈଦିକ ଧର୍ମ ବିଷୟକ ଦୁଇ ଶହ ପ୍ରଶ୍ନର ଉତ୍ତର ଯୁକ୍ତସଂଗତ ଭାବରେ ଦିଆଯାଇଛି। ସେଗୁଡ଼ିକ ପାଠ କରିବା ଦ୍ୱାରା ବିଭିନ୍ନ ବୈଦିକ ସିଦ୍ଧାନ୍ତର ଯଥାର୍ଥ ଜ୍ଞାନ ପ୍ରାପ୍ତ ହୁଏ। ତା' ସହିତ କାଳଗତିରେ ସମାଜରେ ପ୍ରବେଶ କରିଥିବା ବିଭିନ୍ନ ଅନ୍ଧବିଶ୍ୱାସ ଦୂର ହୁଏ। ପୁସ୍ତକର ଅନେକ ସଂସ୍କରଣ ମୁଦ୍ରିତ ହୋଇଛି।

35-38. Glimpses of the Rigveda, Glimpses of the Yajurveda, Glimpses of the Samaveda, Glimpses of the Atharva Veda : Author – Priyavrata Das

ଇଂରାଜୀ ପାଠକମାନଙ୍କ ନିମନ୍ତେ ଉଲ୍ଲିଖିତ ଚାରୋଟି ଲଘୁ ପୁସ୍ତକ ଅତ୍ୟନ୍ତ ଉପାଦେୟ ସିଦ୍ଧ ହୋଇଛି। ଫଳରେ ୨୦୧୧ରେ ପ୍ରକାଶିତ ଏହି ପୁସ୍ତକଗୁଡ଼ିକର ପ୍ରତିବର୍ଷ ଏକାଧିକ ସଂସ୍କରଣ ମୁଦ୍ରିତ ହେଉଛି। ମଧ୍ୟକାଳୀନ ଭାଷ୍ୟକର୍ତ୍ତାମାନେ ବେଦକୁ କର୍ମକାଣ୍ଡୀ ଧର୍ମପୁସ୍ତକ ଭାବରେ ଭାଷ୍ୟ କରିଛନ୍ତି। ସାଧାରଣ ଲୋକେ ବୁଝନ୍ତି ଯେ କାମନା-ବାସନା ଚରିତାର୍ଥ ନିମନ୍ତେ ଜନ୍ମଜାତ ବ୍ରାହ୍ମଣବର୍ଗର ପୁରୁଷମାନେ ବେଦବର୍ଣ୍ଣିତ ଦେବଦେବୀଙ୍କୁ ବେଦମନ୍ତ୍ରରେ ପୂଜାପାଠ କରନ୍ତି। ଏଭଳି ବିଚାର ପ୍ରାଚୀନ ଋଷିମୁନିମାନଙ୍କ ମନ୍ତବ୍ୟର ପରିପନ୍ଥୀ। ବେଦରେ ମନୁଷ୍ୟର ବ୍ୟକ୍ତିକ ଓ ସାମାଜିକ ଉନ୍ନତି ସହିତ ନକ୍ଷତ୍ରବିଦ୍ୟା, ଉଦ୍ଭିଦ ବିଦ୍ୟା, ରାଷ୍ଟ୍ରଶାସନ, ଗୃହସ୍ଥ ଧର୍ମ ଓ ବହୁବିଧ ଜ୍ଞାନବିଜ୍ଞାନ ବୀଜବତ୍ ରହିଛି। ବିଦ୍ୱାନ ଲେଖକ ଉଭୟ ଭୌତିକ ବିଦ୍ୟା ଓ ଆତ୍ମିକ ଜ୍ଞାନର ମନ୍ତ୍ର ନିର୍ବାଚନ କରି ସୁନ୍ଦର ବ୍ୟାଖ୍ୟା କରିଛନ୍ତି। ପୁସ୍ତକ ପ୍ରତି ଦେଶବିଦେଶର ଇଂରେଜୀ ପାଠକମାନେ ଅତ୍ୟଧିକ ଶ୍ରଦ୍ଧା ପ୍ରକଟ କରୁଛନ୍ତି।

ମାତା ଶନ୍ନୋଦେବୀ ଏକାଧାରରେ ସଦ୍‌ଗୃହିଣୀ, ସୁଲେଖିକା, ପ୍ରବଚିକା, ପୁରୋହିତା ଓ ସମାଜସେବୀ ଅଟନ୍ତି। ପରନ୍ତୁ ଦେଶ-ବିଦେଶ ଭ୍ରମଣ କରି ନାରୀ ଗୌରବ ପ୍ରତିଷ୍ଠା ଓ ବୈଦିକ ସାହିତ୍ୟ ପ୍ରକାଶନ କରିବା ତାଙ୍କର ଅତି ପ୍ରିୟ କାର୍ଯ୍ୟ। ଅର୍ଥ ବ୍ୟୟ ପ୍ରତି କିଞ୍ଚିତ୍ ଦୃଷ୍ଟି ନ ଦେଇ ସେ ବିଗତ ଅର୍ଦ୍ଧ ଶତାବ୍ଦୀ ଧରି ବୈଦିକ ସାହିତ୍ୟ ପ୍ରକାଶନରେ ବ୍ରତୀ ଅଛନ୍ତି। ବୈଦିକ ଅନୁସଂଧାନ ପ୍ରତିଷ୍ଠାନ ତାଙ୍କର ମାନସପୁତ୍ର। ଓଡ଼ିଆ ଭାଷା-ସାହିତ୍ୟ ପାଇଁ ପ୍ରତିଷ୍ଠାନର ଅବଦାନ ଅବିସ୍ମରଣୀୟ ହୋଇ ରହିବ।

ଶ୍ରୁତି ନ୍ୟାସ, ସି-୭୩, ସେକ୍ଟର ୧୫
ରାଉରକେଲା

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ପୋଲସରା ଗ୍ରାମର ଯଶସ୍ୱିନୀ ବଧୂ

ବାନପ୍ରସ୍ଥିନୀ ସୁଖଦା

କବିସୂର୍ଯ୍ୟ ବଳଦେବ ରଥଙ୍କର ସାଧନାପୀଠ ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟନଗରର ଅନତି ଦୂରରେ ଧନେଇ ନଦୀକୂଳରେ ଅବସ୍ଥିତ ପୋଲସରା ଗ୍ରାମ। ପ୍ରାଚୀନ ଲୋକେ ଗ୍ରାମର ପୂର୍ବନାମକୁ 'ଫୁଲସରା' କହିଥାଆନ୍ତି। ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଓ ଜନନେତା ସ୍ୱର୍ଗତ ବିଶ୍ୱନାଥ ଦାସ ଓ ଓଡ଼ିଶା ହାଇକୋର୍ଟର ସ୍ୱର୍ଗତ ମୁଖ୍ୟ ବିଚାରପତି ସ୍ୱର୍ଗତ ଲିଙ୍ଗରାଜ ପାଣିଗ୍ରାହୀ ଏହି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ୧୯୩୮ ବେଳକୁ ଏଠାରେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ସ୍ଥାପିତ ଆର୍ଯ୍ୟସମାଜର ବୈଦିକ ବିଚାରଧାରା ପ୍ରଚାରିତ ହୋଇଥିଲା। ଓଡ଼ିଶାର ପ୍ରଥମ ଆର୍ଯ୍ୟସମାଜୀ ସ୍ୱର୍ଗତ ଶ୍ରୀବତ୍ସ ପଣ୍ଡା ପୋଲସରାରେ ବିବାହ କରିଥିଲେ। ତାଙ୍କର ସଂପର୍କୀୟ ଶାଳକ ସ୍ୱର୍ଗତ ଲିଙ୍ଗରାଜ ଅଗ୍ନିହୋତ୍ରୀଙ୍କର ଜ୍ୟେଷ୍ଠ ବଧୂ ରୂପରେ କୁମୁଦିନୀ ଆସିଥିଲେ ୧୯୫୪ରେ। ସ୍ୱାମୀ ପ୍ରିୟବ୍ରତ ପାଟନା ବିଶ୍ୱବିଦ୍ୟାଳୟରୁ ଇଂଜିନିଏରିଂ ଡିଗ୍ରୀ ସହିତ ଗ୍ରାମକୁ ଫେରିଥିଲେ। ସେହି ସମୟରେ ମୋର ପିତା ସ୍ୱର୍ଗତ ପଣ୍ଡିତ ବେଦବ୍ରତ ଶାସ୍ତ୍ରୀ ଲାହୋର (ବର୍ତ୍ତମାନ ପାକିସ୍ତାନରେ)ର ବୈଦିକ ଉପଦେଶକ ମହାବିଦ୍ୟାଳୟରୁ ଶିକ୍ଷା ସମାପ୍ତ କରି ଗ୍ରାମରେ ଆର୍ଯ୍ୟସମାଜ ସ୍ଥାପନାରେ ବ୍ରତୀ ଥାଆନ୍ତି। ଦୁଇ ପରିବାର ଆର୍ଯ୍ୟସମାଜରେ ସମାବିଷ୍ଟ ଥିଲେ। କୁମୁଦିନୀ ଶାଶୁଘରେ ପ୍ରଥମ ଥର ପହଞ୍ଚିବା ପରେ ମୋର ପିତା ଓ ଆର୍ଯ୍ୟସମାଜର ସଦସ୍ୟ-ସଦସ୍ୟାମାନେ ମନ୍ତ୍ରୋଚ୍ଚାରଣ କରି ତାଙ୍କୁ ଗାଡ଼ିରୁ ପାଛୋଟି ଆଣିଲେ। ଆତ୍ମଜୀବନୀ (ସ୍ମୃତି ବାତାୟନେ) ଗ୍ରନ୍ଥରେ ସେ ଲେଖିଛନ୍ତି– "ଶାଶୁଘରେ ପହଞ୍ଚିବା ଦିନ ଜ୍ଞାତିଜନଙ୍କର ଉପସ୍ଥିତିରେ ଯଜ୍ଞରେ ବସି ଘୃତାହୁତି ଦେବା ପାଇଁ ମୋତେ କୁହାଗଲା। ହୋମ କରିବା ପୂର୍ବରୁ ମନ୍ତ୍ରପାଠ ପୂର୍ବକ ଯଜ୍ଞୋପବୀତ ବା ପଇତା ପିନ୍ଧିବା ନିମନ୍ତେ ନିର୍ଦ୍ଦେଶ ଦିଆଗଲା। ମୋ' ନଣନ୍ଦ ପାଖରେ ବସି ମନ୍ତ୍ରପାଠ କରୁଥିବାରୁ ମୁଁ ଉତ୍ସାହିତ ହେଲି। ସେଠାରେ ପ୍ରାୟ ପଚିଶ, ତିରିଶ ଜଣ ଆତ୍ମୀୟ ସ୍ୱଜନ ବସିଥିଲେ। ମୋତେ ଶାଶୁଘରେ ଛାଡ଼ିବାକୁ ଆସିଥିବା ମୋର ଭାଇ ଓ ସାନ ଜେଜେ ମଧ୍ୟ ଉପସ୍ଥିତ ଥିଲେ। ଜଣେ ଜ୍ଞାନୀ ପଣ୍ଡିତ ଯଜ୍ଞରେ ପୌରୋହିତ୍ୟ କରୁଥିଲେ। ସେ ମହାଶୟ ବହୁ ସମୟ ଧରି ଯଜ୍ଞୋପବୀତର ମହତ୍ତ୍ୱ ବୁଝାଇଥିଲେ। ପରବର୍ତ୍ତୀ କାଳରେ ମୁଁ ଅନେକ ମାଆ-ଭଉଣୀଙ୍କୁ ପଇତା ଦେଇଛି। ପରନ୍ତୁ ସେଦିନ ନିଜେ ପ୍ରଥମ ଥର ପଇତା ଧାରଣ କରିବା ଘଟଣା ଆଜୀବନ ସ୍ମରଣୀୟ ହୋଇ ରହିବ।"

ଏହା ମଧ୍ୟରେ ପ୍ରାୟ ଷାଠିଏ ବର୍ଷ ଅତୀତ ହୋଇଛି। କୁମୁଦିନୀ ବର୍ତ୍ତମାନ ଶନ୍ନୋଦେବୀ ନାମରେ ଭାରତୀୟ ସମାଜରେ ପ୍ରତିଷ୍ଠିତ ହୋଇଛନ୍ତି। ଦେଶବିଦେଶରେ ତାଙ୍କର ବାଣୀ ପ୍ରଚାର କରୁଛନ୍ତି। ବିବାହ-ଉପନୟନ ଆଦି ବୈଦିକ ସଂସ୍କାରମାନଙ୍କରେ ପୌରହିତ୍ୟ କରୁଛନ୍ତି। ଅନେକ ବୈଦିକ ଗ୍ରନ୍ଥର ପ୍ରକାଶିକା ସେ। ସେତିକି ନୁହେଁ, ନିଜ ଶାଶୁ-ଶ୍ୱଶୁରଙ୍କଠାରୁ ଯେଉଁ ବୈଦିକ ଶିକ୍ଷାଲାଭ କରିଥିଲେ, ତାହା ନିଜର ଦୁଇ ପୁତ୍ର, କନ୍ୟା, ପୁତ୍ରବଧୂ,

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଜାମାତା ଏପରିକି ନାତିନାତୁଣୀମାନଙ୍କ ମଧ୍ୟରେ ବିତରଣ କରି ଓଡ଼ିଶାରେ ଏକ ଯଶସ୍ୱୀ ବୈଦିକ ପରିବାର ସୃଷ୍ଟି କରିଛନ୍ତି। ଯଜ୍ଞପ୍ରକାଶ ଓ ଓମ୍‌ପ୍ରକାଶ ବର୍ତ୍ତମାନ ପଦସ୍ଥ ଇଂଜିନିୟର, କନ୍ୟା ପ୍ରଜ୍ଞା ଓ ଜାମାତା ଗୋପାଳଚନ୍ଦ୍ର କୃତବିଦ୍ୟ ଡାକ୍ତର। ସମସ୍ତେ ଧର୍ମନିଷ୍ଠ। ଯଜ୍ଞର ସୁରଭି ସମସ୍ତଙ୍କୁ ପ୍ରଭାବିତ କରିଛି। ଚାରି ପରିବାରରେ ନିତ୍ୟ ଯଜ୍ଞ ଓ ବେଦାଲୋଚନା ହେଉଛି।

ପୂର୍ବରୁ ମୋର ପିତାଙ୍କ ନାମ ଉଲ୍ଲେଖ କରିଛି। ସେ ଆର୍ଯ୍ୟ ଜୀବନଯାପନ କରି ପରବର୍ତ୍ତୀ ଜୀବନରେ ବେଦବ୍ରତ ବାନପ୍ରସ୍ଥୀ ଓ ପରେ ସ୍ୱାମୀ ବେଦବ୍ରତାନନ୍ଦ ସରସ୍ୱତୀ ନାମରେ ସମାଜସେବା କରିଥିଲେ। ଶତାୟୁ ହୋଇ ଇହଲୀଳା ସମ୍ବରଣ କଲେ। ଶନ୍ନୋଦେବୀ ଶାଶୁଘରେ ପହଞ୍ଚିବା ପରେ ସେ ହିଁ ଗୃହପ୍ରବେଶ ଯଜ୍ଞରେ ପୌରହିତ୍ୟ କରିଥିଲେ। ସମୟ ଚକ୍ରରେ ମୋର ଦୁଇ ସାନ ଭଉଣୀଙ୍କର ବିବାହ ପରିଚାଳନା କରିଥିଲେ ଶନ୍ନୋଦେବୀ। ସେତେବେଳେ ସେ ଆମ ରାଜ୍ୟରେ ପ୍ରବଚିକା, ଲେଖିକା ଓ ବୈଦିକ ପୁରୋହିତା ରୂପରେ ପ୍ରସିଦ୍ଧି ଲାଭ କରିଥିଲେ। ଗାଁ'ର ବୋହୂ ପୁରୋହିତ ହୋଇ ଆସୁଛନ୍ତି– ଏହି ଖବର ଚାରିଆଡ଼େ ପ୍ରଚାରିତ ହୋଇଥିଲା। ମୋର ମନେଅଛି ଶହଶହ ନରନାରୀ ବିବାହ ସ୍ଥଳରେ ରୁଣ୍ଡ ହୋଇ ଗ୍ରାମବଧୂକୁ ପୁରୋହିତ ବେଶରେ ଦେଖିଥିଲେ। ଶନ୍ନୋଦେବୀଙ୍କର ବେଦମନ୍ତ୍ରର ଶୁଦ୍ଧ ଉଚ୍ଚାରଣ, ମନ୍ତ୍ରର ସୁନ୍ଦର ବ୍ୟାଖ୍ୟା, ବିନମ୍ରତା, ହାର୍ଦ୍ଦିକତା ଓ ମିଷ୍ଟ ବ୍ୟବହାର ସମସ୍ତଙ୍କୁ ହର୍ଷିତ କରିଥିଲା। ତାଙ୍କ ଯଶ ସେ ଅଞ୍ଚଳରେ ବ୍ୟାପି ଯାଇଥିଲା।

ମୁଁ ଜାଣିବାରେ ଆମ ରାଜ୍ୟରେ ସର୍ବପ୍ରଥମେ ପୋଲସରା ଗ୍ରାମରେ ଆର୍ଯ୍ୟସମାଜର କେନ୍ଦ୍ର ସ୍ଥାପିତ ହୋଇଥିଲା। ଏଥିରେ ମୋର ପିତା ମୁଖ୍ୟ କର୍ଣ୍ଣଧାର ଥିଲେ। ତାଙ୍କୁ ଲିଙ୍ଗରାଜ ଅଗ୍ନିହୋତ୍ରୀ, ରଘୁନାଥ ତତ୍ତ୍ୱନିଧି, ସତ୍ୟବାଦୀ ପଟ୍ଟନାୟକ ପ୍ରମୁଖ ସହଯୋଗ କରୁଥିଲେ। ନାମ ଦିଆଯାଇଥିଲା ବେଦମନ୍ଦିର। ଅନ୍ୟାନ୍ୟ ଭବନ ନିର୍ମିତ ହୋଇଥିଲେ ସୁଦ୍ଧା ଗୋଟିଏ ସୁନ୍ଦର ଯଜ୍ଞମଣ୍ଡପ ନ ଥିଲା। ଯଜ୍ଞମଣ୍ଡପ ନିର୍ମାଣ ପାଇଁ ଶନ୍ନୋଦେବୀ ପ୍ରଶଂସନୀୟ ଦାନ କରିଥିଲେ। ମଣ୍ଡପ ପ୍ରତିଷ୍ଠା ନିମନ୍ତେ ମୋର ପିତା ଭୁବନେଶ୍ୱର ଆସି ପ୍ରିୟବ୍ରତ ବାବୁ ଓ ଶନ୍ନୋଦେବୀଙ୍କୁ ନିମନ୍ତ୍ରଣ କରିଥିଲେ। ତା' ସହିତ ସେମାନେ ଉତ୍ସବର ଦୁଇତିନି ଦିନ ପୂର୍ବରୁ ଗ୍ରାମକୁ ଆସିବା ନିମନ୍ତେ ଅନୁରୋଧ ଜଣାଇଥିଲେ। କିଛି ସମୟ ନୀରବ ରହି ଶନ୍ନୋଦେବୀ କହିଲେ– "ଜଣେ ତପସ୍ୱୀ ସନ୍ନ୍ୟାସୀଙ୍କ ଦ୍ୱାରା ଯଜ୍ଞମଣ୍ଡପର ଉଦ୍‌ଘାଟନ କରିବା ଶ୍ରେୟସ୍କର ହେବ। ଆପଣ ସାତଦିନ ଭିତରେ ଦୟାକରି ଯୋଗାଯୋଗ କରିବେ।" ସେହି ସମୟରେ ସୁପ୍ରସିଦ୍ଧ ବୈଜ୍ଞାନିକ ଓ ଆର୍ଯ୍ୟସମାଜର ତପୋନିଷ୍ଠ ସନ୍ନ୍ୟାସୀ ସ୍ୱାମୀ ସତ୍ୟପ୍ରକାଶ ଓଡ଼ିଶା ପ୍ରଚାରରେ ଆସି ଭୁବନେଶ୍ୱର ଆର୍ଯ୍ୟସମାଜରେ ଅବସ୍ଥାନ କରୁଥିଲେ। ଶନ୍ନୋଦେବୀ ସ୍ୱାମିଜୀଙ୍କୁ ଦୁଇ ମାସ ପରେ ପୁଣି ଓଡ଼ିଶା ଆସିବା ପାଇଁ ସମ୍ମତ କରାଇଲେ। ପୋଲସରା ଯଜ୍ଞମଣ୍ଡପ ଉଦ୍‌ଘାଟନ ସହିତ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓ କେତେକ ମହାବିଦ୍ୟାଳୟ ତଥା ଧର୍ମକେନ୍ଦ୍ରରେ ପ୍ରବଚନର କାର୍ଯ୍ୟକ୍ରମ ସ୍ଥିରୀକୃତ ହେଲା। ସଂଯୋଗ ବଶତଃ ଓଡ଼ିଶାର ତତ୍କାଳୀନ ରାଜ୍ୟପାଳ ମାନ୍ୟବର ବିଶ୍ୱମ୍ଭର ନାଥ ପାଣ୍ଡେ ମହୋଦୟ ସସ୍ତ୍ରୀକ ଭୁବନେଶ୍ୱର ଆର୍ଯ୍ୟସମାଜକୁ ଆସି ସ୍ୱାମିଜୀଙ୍କୁ ସାକ୍ଷାତ କରିଥିଲେ। ପାଣ୍ଡେଜୀଙ୍କର ଧର୍ମପତ୍ନୀ ବୈଜ୍ଞାନିକ ସତ୍ୟପ୍ରକାଶଙ୍କର କନିଷ୍ଠ ସହଯୋଗୀ ଥିଲେ। ରାଜ୍ୟପାଳ ମହୋଦୟଙ୍କର ସମ୍ମତି ମିଳିଲା। ଏହି ସମ୍ବାଦ ମୋର ପିତାଙ୍କୁ ଜଣାଇ ଦିଆଗଲା। ସ୍ୱାମିଜୀ ପୋଲସରାରେ ଶନ୍ନୋଦେବୀଙ୍କୁ ରାଜ୍ୟପାଳଙ୍କ ସହିତ ପରିଚୟ ଦେଇ କହିଲେ– 'ଯେ ଅନ୍ୟ ଜଣେ ରାଜ୍ୟପାଳ ବିଶ୍ୱନାଥ ଦାସଙ୍କର ନାତୁଣୀ ଓ ବିଦୁଷୀ'। ସେବଠାରୁ ଶ୍ରୀମତୀ ପାଣ୍ଡେଙ୍କ ସହିତ ଶନ୍ନୋଦେବୀଙ୍କ ଘନିଷ୍ଠତା ବଢ଼ିଥିଲା। ରାଜ୍ୟପାଳ ଉତ୍ତର ଦେଇଥିଲେ – ସ୍ୱାମିଜୀଙ୍କ ସହିତ ସତ୍‌ସଙ୍ଗ ମିଳିବ। ପୁଣି ଶନ୍ନୋଦେବୀଙ୍କର

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଶାଶୁଘର ଗ୍ରାମରେ। ଅତି ଉତ୍ତମ ସୁଯୋଗ। କାର୍ଯ୍ୟକ୍ରମ ଅନୁସାରେ ଶନ୍ନୋଦେବୀ ଓ ପ୍ରିୟବ୍ରତ ବାବୁ ସ୍ୱାମିଜୀଙ୍କ ସହିତ ଗ୍ରାମରେ ପହଞ୍ଚିଲେ। କଟକରୁ 'ସମାଜ' ସଂପାଦକ ରାଧାନାଥ ରଥ ମହୋଦୟ ଆସିଲେ। ଯଥା ସମୟରେ ରାଜ୍ୟପାଳ ମଧ୍ୟ ପହଞ୍ଚିଗଲେ। ଆମ ଗ୍ରାମକୁ ପୂର୍ବରୁ କେବେ କୌଣସି ରାଜ୍ୟପାଳ ଆସି ନ ଥିଲେ। ଲୋକଙ୍କର ପ୍ରବଳ ଭିଡ଼। ପ୍ରିୟବ୍ରତ ବାବୁ ଓ ଶନ୍ନୋଦେବୀ ମନ୍ତ୍ରୋଚ୍ଚାରଣ ସହିତ ଯଜ୍ଞାନୁଷ୍ଠାନ କଲେ। ଉଭୟେ ଅଳ୍ପ ଅଳ୍ପ ସମୟ ପାଇଁ ସ୍ୱାଗତ ଭାଷଣ ଦେଲେ। ସେହି ପବିତ୍ର ସ୍ମୃତି ଜୀବିତ ଥିବା ଲୋକଙ୍କ ମଧ୍ୟରେ ଆଜି ସୁଦ୍ଧା ରହିଛି।

ମୁଁ ବୈଦିକ ଜୀବନଯାପନ କରି ଆଜିକାଲି ବାନପ୍ରସ୍ଥିନୀ ହୋଇ ରହିଛି। ଶନ୍ନୋଦେବୀ ମୋର ଅଗ୍ରଜା। ସେ ସମଗ୍ର ଦେଶରେ ଦୀପଶିଖା ପରି ଆର୍ଯ୍ୟ ମହିଳାମାନଙ୍କୁ ଆଲୋକିତ କରୁଛନ୍ତି। ପ୍ରଭୁ ତାଙ୍କୁ ଦୀର୍ଘାୟୁ କରନ୍ତୁ– ଏତିକି ପ୍ରାର୍ଥନା।

ଏ.ଏନ-୧୨୪, ଭୀମଟାଙ୍ଗୀ,
କପିଳ ପ୍ରସାଦ, ଭୁବନେଶ୍ୱର

❀ ❀ ❀

ଧର୍ମୋ ରକ୍ଷତି ରକ୍ଷିତଃ

ଶ୍ରୀ ଶରତ ଚନ୍ଦ୍ର ମିଶ୍ର

ଶନ୍ନୋଦେବୀଙ୍କର ଅଭିନନ୍ଦନ ପାଇଁ ଯେଉଁ ଶୀର୍ଷକଟି ଲେଖିଛି, ତାହା ଆମ ସମସ୍ତଙ୍କର ଜଣାଶୁଣା। ମନୁଷ୍ୟଜାତିର ଦିଗ୍‌ଦର୍ଶନ ପାଇଁ ମହର୍ଷି ମନୁ ଯେଉଁ ମନୁସ୍ମୃତି ବା ମାନବ ଧର୍ମଶାସ୍ତ୍ର ନାମରେ ସମାଜ ବିଜ୍ଞାନ ଲେଖିଥିଲେ, ସେଥିରୁ ଏକ ଶ୍ଳୋକାଂଶ ହେଉଛି – 'ଧର୍ମୋ ରକ୍ଷତି ରକ୍ଷିତଃ'। ଏହାର ଅର୍ଥ ଧର୍ମର ରକ୍ଷକଙ୍କୁ ଧର୍ମ ହିଁ ରକ୍ଷା କରେ। ତେବେ ମନୁ ଯେଉଁ ଧର୍ମ ଶବ୍ଦ ଲେଖିଛନ୍ତି; ତାହା ବର୍ତ୍ତମାନ ଯୁଗର ପାରସୀ, ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ବୌଦ୍ଧ, ଜୈନ ଆଦି ସଂପ୍ରଦାୟ ନୁହେଁ। ଏସବୁ ସଂପ୍ରଦାୟ ଜଣେ ଜଣେ ସନ୍ଥଙ୍କ ଦ୍ୱାରା ଆଜିଠାରୁ ମାତ୍ର ତିନି ଚାରି ହଜାର ବର୍ଷ ମଧ୍ୟରେ ସ୍ଥାପିତ ହୋଇଛି। ପ୍ରତ୍ୟେକ ସଂପ୍ରଦାୟର ଜଣେ ଜଣେ ସଂସ୍ଥାପକ। ପ୍ରତ୍ୟେକ ସଂପ୍ରଦାୟର ମାନ୍ୟ ପୁସ୍ତକରେ ସେହି ସଂସ୍ଥାପକଙ୍କର ଜୀବନୀ, କେତେକ କଳ୍ପିତ ଚମତ୍କାର, କର୍ମକାଣ୍ଡ – ପୂଜାପାଠ ସ୍ଥାନ ପାଇଛି। ପରନ୍ତୁ ଧର୍ମ ଏକ, ତାହା ସ୍ୱୟଂ ପରମାତ୍ମା ସୃଷ୍ଟିର ପ୍ରାରଂଭିକ କାଳରେ ମନୁଷ୍ୟର ହୃଦୟରେ ସ୍ଥାପନ କରିଛନ୍ତି। ମନୁ ସେହି ଧର୍ମ ବିଷୟରେ ତାଙ୍କ ଗ୍ରନ୍ଥରେ ଲେଖିଛନ୍ତି – ସହିଷ୍ଣୁତା, କ୍ଷମା, ମନର ଏକାଗ୍ରତା, ଚୋରିତ୍ୟାଗ, କାୟମନୋବାକ୍ୟରେ ଶୂଚିତା, ଇନ୍ଦ୍ରିୟଦମନ, ବିଦ୍ୟା, ସଦ୍‌ଜ୍ଞାନ ଓ ଅକ୍ରୋଧ-ଏହି ଦଶ ହେଉଛି ଧର୍ମର ଲକ୍ଷଣ। କିନ୍ତୁ ସଂପ୍ରଦାୟକୁ ବିଶ୍ୱାସ କରୁଥିବା ମନୁଷ୍ୟ ଯେ ଧାର୍ମିକ ହେବା ନିଶ୍ଚିତ, ଏହା କୁହାଯାଇ ନ ପାରେ।

ମନୁଙ୍କ ଲିଖିତ ପୂରା ଶ୍ଳୋକଟି ହେଉଛି –ଧର୍ମୋ ଏବ ହତୋ ହନ୍ତି ଧର୍ମୋ ରକ୍ଷତି ରକ୍ଷିତଃ ॥
ତସ୍ମାତ୍ ଧର୍ମୋ ନ ହନ୍ତବ୍ୟୋ ମା ନୋ ଧର୍ମ ହତୋବଧୀତ୍ ॥
(ମନୁସ୍ମୃତି, ଚତୁର୍ଥ ଅଧ୍ୟାୟ)

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଏହି ଶ୍ଳୋକର ସରଳ ଅର୍ଥ ହେଉଛି – ଆହତ ଧର୍ମ ମନୁଷ୍ୟକୁ ଆହତ କରେ । ଯେଉଁ ମନୁଷ୍ୟ ଧର୍ମର ରକ୍ଷକ; ଧର୍ମ ତାହାକୁ ରକ୍ଷା କରେ । ତେଣୁ ଧର୍ମଧାରାରୁ ବିଚ୍ୟୁତ ହୁଅନାହିଁ । ବିଚ୍ୟୁତ୍ ହୋଇ ନିଜେ ନଷ୍ଟ ହୁଅ ନାହିଁ ।

ଶନ୍ନୋଦେବୀଙ୍କ ଜୀବନଧାରା ସହିତ ମୁଁ ଅନେକ ଦିନରୁ ପରିଚିତ । ତାଙ୍କ ସ୍ୱାମୀ ପ୍ରିୟବ୍ରତ ବାବୁ ମୋର ପୁରୁଣା ବନ୍ଧୁ । ଶନ୍ନୋଦେବୀ ଏପରି ଆଦର୍ଶ ମହିଳା ଯେ ଧର୍ମକୁ ସେ ରକ୍ଷା କରିଛନ୍ତି; ତେଣୁ ଧର୍ମବଳରେ ତାଙ୍କର ପୁତ୍ରକନ୍ୟା ଏପରିକି ନାତିନାତୁଣୀମାନେ ଧର୍ମପ୍ରବଣ ହୋଇଛନ୍ତି ।

ଆର୍ଯ୍ୟସମାଜୀ ଡକ୍ଟର ଅଯୋଧ୍ୟାନାଥ ଖୋସଲା ଓଡିଶାର ରାଜ୍ୟପାଳ ଥିବା ସମୟରେ ମୁଁ ତାଙ୍କର ଏ.ଡି.ସି ଭାବରେ ଅବସ୍ଥାପିତ ହୋଇଥିଲି । ସେତେବେଳେ ପ୍ରିୟବ୍ରତ ବାବୁଙ୍କ ସହିତ ଶନ୍ନୋଦେବୀ ରାଜଭବନକୁ ଆସି ଗୋଟିଏ ଧର୍ମ ପୁସ୍ତକ ତାଙ୍କଦ୍ୱାରା ଉନ୍ମୋଚନ କରିଥିବା ମୋର ମନେ ଅଛି । ଡି.ଏ.ଭି ଛାତ୍ରଛାତ୍ରୀଙ୍କ ପାଇଁ ତାହା ଏକ ପ୍ରାର୍ଥନା ପୁସ୍ତକ ଥିଲା । ପ୍ରିୟବ୍ରତ ବାବୁ ଏକ୍ସପ୍ରେସ ରାଜପଥର ଇଞ୍ଜିନିୟର ଭାବରେ ଡକ୍ଟର ଖୋସଲାଙ୍କର ପ୍ରିୟପାତ୍ର ହୋଇପାରିଥିଲେ । ପରେ ଆମେ ଉଭୟେ ଇଂଲଣ୍ଡ ଗଲୁ ପ୍ରାୟ ଏକା ସମୟରେ ୧୯୬୬ ମସିହାରେ । ପ୍ରିୟବ୍ରତ ବାବୁ ବ୍ରାଇଟେନ୍‌ରେ ପଢୁଥିଲେ ଓ ପ୍ରତି ଶନିବାର ଦିନ ଲଣ୍ଡନ ଆସୁଥିଲେ । ମୋ' ପାଖରେ ବସି 'ସାପ୍ତାହିତ ସମାଜ' ପଢୁଥିଲେ ଏବଂ ଆମେ ଦୁହେଁ ଦେଶ ବିଦେଶର ସମାଚାର ବିଷୟରେ ଆଲୋଚନା କରୁଥିଲୁ । ମୁଁ ଲଣ୍ଡନରୁ ଫେରି ବହୁ କାଳ ଓଡିଶା ବାହାରେ ରହିଲି । ୧୯୯୧ ମୋର ବାସଭବନରେ ମୋର ସ୍ୱର୍ଗତା ମାତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ଏକ ପ୍ରତିମୂର୍ତ୍ତି ସ୍ଥାପନା କରିଥିବା ଅବସରରେ ଶନ୍ନୋଦେବୀ ଓ ପ୍ରିୟବ୍ରତ ବାବୁ ଆମର ଅନୁରୋଧ ରକ୍ଷା କରି ହୋମାନୁଷ୍ଠାନ ସହ ପ୍ରବଚନ ଦେଇଥିଲେ । ୧୯୯୮ ଭୁବନେଶ୍ୱରରେ ସ୍ଥାୟୀ ବାସିନ୍ଦା ହେବା ପରେ ମୁଁ ସେମାନଙ୍କ ଦ୍ୱାରା ସ୍ଥାପିତ ଆର୍ଯ୍ୟସମାଜର ବହୁ ବର୍ଷ ଉପଦେଷ୍ଟା ଭାବରେ କାର୍ଯ୍ୟ କରି ଏହି ଆଦର୍ଶ ଦଂପତିଙ୍କ ନିକଟତର ହୋଇଥିଲି ।

ପତିଙ୍କର ସହଧର୍ମିଣୀ ହେବା ପତ୍ନୀଙ୍କର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ । ଏହା ହିଁ ଆମ ସଂସ୍କୃତିର ମହିମା । ମୁଁ ଦୃଢ଼ତା ଓ ହର୍ଷର ସହିତ କହିପାରେ ଯେ ବେଦର ପ୍ରଚାର ଓ ସମାଜ ସଂସ୍କାର କ୍ଷେତ୍ରରେ ପ୍ରିୟବ୍ରତ ବାବୁଙ୍କର ସଫଳତାର ଏକ ମୁଖ୍ୟ କାରଣ ହେଉଛନ୍ତି ତାଙ୍କ ଧର୍ମ ପତ୍ନୀ ଶନ୍ନୋଦେବୀଙ୍କର ଏକନିଷ୍ଠ ସହଯୋଗିତା ଓ ସହକାରିତା । ବେଦ ଓ ଗୀତାର ବ୍ୟାଖ୍ୟା ଅନୁସାରେ ଆମ ସମାଜରେ ବ୍ରାହ୍ମଣ-କ୍ଷତ୍ରିୟ-ବୈଶ୍ୟ ଆଦି ବର୍ଣ୍ଣବ୍ୟବସ୍ଥା ବ୍ୟକ୍ତିର ଗୁଣକର୍ମର ଆଧାରରେ ପ୍ରତିଷ୍ଠିତ ହୋଇଥିଲା । ସେହି ଦୃଷ୍ଟିରୁ ଇଞ୍ଜିନିୟର ପ୍ରିୟବ୍ରତ ବାବୁ ବୈଶ୍ୟ ଓ ବୈଶ୍ୟର ପତ୍ନୀ ମଧ୍ୟ ବୈଶ୍ୟ । ପରନ୍ତୁ ବାଲ୍ୟକାଳରୁ ନିଜର ସାତ୍ତ୍ୱିକ ପ୍ରବୃତ୍ତିର ପ୍ରଭାବରୁ ପ୍ରିୟବ୍ରତ ବାବୁ ବେଦ ପଠନ-ପାଠନ ଆଦି କ୍ରିୟାରେ ନିୟୋଜିତ ରହି ବ୍ରାହ୍ମଣ ବର୍ଣ୍ଣକୁ ଆଦରିଛନ୍ତି । ପଣ୍ଡିତ ଲିଙ୍ଗରାଜ ଅଗ୍ନିହୋତ୍ରୀ ଭଳି ପିତାଙ୍କୁ ପାଇ ପ୍ରଶିକ୍ଷିତ ଓ ଦୀକ୍ଷିତ ହୋଇଛନ୍ତି । ଶନ୍ନୋଦେବୀ ମଧ୍ୟ ପତିଙ୍କର ଏହି ବ୍ରାହ୍ମଣ ପ୍ରବୃତ୍ତିକୁ ଶୀଘ୍ର ଧରି ନେଇ ବୈଦୁଷ୍ୟ ଅର୍ଜନ କରିଛନ୍ତି । ପତିଙ୍କର ବେଦ ପ୍ରସାର କାର୍ଯ୍ୟରେ ଯଥାର୍ଥ ସହଧର୍ମିଣୀ ହୋଇଛନ୍ତି । ଏହା କମ୍ ସୌଭାଗ୍ୟର କଥା ନୁହେଁ । ସେ ଶାଶୁଘରକୁ ଆସି ଘରର ଜୀବନ ଧାରାରେ ମିଶି ଯାଇଛନ୍ତି । ପଇତା ଧାରଣ କରି କନ୍ୟାମାନଙ୍କୁ ପଇତା ପ୍ରଦାନ କରିଛନ୍ତି । ସମସ୍ତଙ୍କୁ ପଇତାର ମହତ୍ତ୍ୱ ବୁଝାଇଛନ୍ତି ଯେ ତିନି ଖିଅ ପଇତା ପିତୃଋଣ, ଦେବଋଣ ଓ ଋଷିଋଣ ପରିଶୋଧ ପାଇଁ ମନୁଷ୍ୟକୁ ସଜାଗ କରେ । ସେ ଶାସ୍ତ୍ର ପଢ଼ନ୍ତି, ଶାସ୍ତ୍ରର ଶିକ୍ଷା ପ୍ରଦାନ କରନ୍ତି ଓ ଶାସ୍ତ୍ରବିଧିରେ ଜୀବନ ଅତିବାହିତ କରନ୍ତି ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଶନ୍ନୋଦେବୀଙ୍କର ଆତ୍ମଜୀବନୀ 'ସ୍ମୃତି ବାତାୟନେ' ପଢ଼ିଲେ ଜଣାଯାଏ ଯେ ଜଣେ ଗୃହିଣୀ ହୋଇ ନିଜର ସଂକଳ୍ପ, ଅଧ୍ୟବସାୟ ବଳରେ କିପରି ନିଜେ ବୈଦିକ ସଂସ୍କାରରେ ସଂସ୍କାରିତ ହୋଇ ପରିବାର–ଶୃଙ୍ଖଳାକୁ ସଂସ୍କାରିତ କରିପାରିଲେ । ଜୀବନରେ ସଂକଳ୍ପର ମହତ୍ତ୍ୱ କେତେ, ତାହା ତାଙ୍କ କାର୍ଯ୍ୟକୁଶଳତା ଓ ସଂକଳ୍ପମୟ ଜୀବନରୁ ଜଣାଯାଏ । କେବଳ ବେଦପାଠ କରିବା ଗୋଟିଏ କଥା, କିନ୍ତୁ ପୁରୁଷଙ୍କର ଅଧିକାର ଭାବରେ ସମାଜରେ ଗୃହୀତ ହୋଇଥିବା ପୌରହିତ୍ୟ ପରମ୍ପରାକୁ ଅଧିକାର କରିବା କେତେ ବଡ କଥା ! ଶନ୍ନୋଦେବୀ ଋତ୍ୱିକ ଆସନରେ ବସି ବିବାହରେ ବରକନ୍ୟାଙ୍କୁ ଓ ବ୍ରତୋପନୟନରେ ବ୍ରହ୍ମଚାରୀଙ୍କୁ ଯେପରି ଜୀବନ-ଦର୍ଶନ ବୁଝାଇଥାନ୍ତି, ତାକୁ ଦେଖିଥିବା ଲୋକ ଭାବିବ ଯେ ସେ ବୈଦିକ ଯୁଗର ଏକ ଧାର୍ମିକ ଉତ୍ସବକୁ ଆସିଛି । ତାଙ୍କ ଲିଖିତ 'ବେଦରେ ନାରୀ' ଓ 'ବେଦପାଠ ଓ ବୈଦିକ କର୍ମକାଣ୍ଡରେ ନାରୀର ଅଧିକାର' ଆଦି ପୁସ୍ତକଗୁଡିକ ଏତେ ଶାସ୍ତ୍ରପ୍ରମାଣରେ ପରିପୁଷ୍ଟ ଯେ ତାଙ୍କୁ ଖଣ୍ଡନ କରିବା ସମ୍ଭବ ନୁହେଁ । ସେ ନାରୀଜାତିର ଗୌରବ ବୃଦ୍ଧି କରିଛନ୍ତି । ଓଡିଶାରେ ଓ ଓଡିଶା ବାହାରେ ନାରୀ ମହିମାକୁ ସ୍ଥାପନ କରିଛନ୍ତି । ଆମର ନୂତନ ପିଢୀର ଯୁବକ-ଯୁବତୀମାନେ ଯଦି ଏହି ଜନପ୍ରିୟ ଦମ୍ପତିଙ୍କର ଜୀବନ କାହାଣୀର ଅଳ୍ପ କିଛି ପୃଷ୍ଠାକୁ ଅଧ୍ୟୟନ ପୂର୍ବକ ସେହି ଆଦର୍ଶରେ ଅନୁପ୍ରାଣିତ ହୋଇପାରନ୍ତେ, ତାହାହେଲେ ବର୍ତ୍ତମାନ ସମାଜରେ ଦେଖା ଦେଉଥିବା ପାରିବାରିକ ଦ୍ୱେଷ, ଅଶାନ୍ତି, ବିବାହ-ବିଚ୍ଛେଦ, ଗୁରୁଜନଙ୍କ ପ୍ରତି ଅବହେଳା ଭଳି ଅନେକ ଯନ୍ତ୍ରଣା ହ୍ରାସ ପାଇବ ।

ଶନ୍ନୋଦେବୀଙ୍କ ଲେଖା, ପ୍ରବଚନ ଓ ସର୍ବୋପରି ତାଙ୍କର ଜୀବନଚର୍ଯ୍ୟା ଓଡିଶାରେ ଆଦର୍ଶ ହୋଇଛି । ମୁଁ ଏହି ଲେଖାର ଆରମ୍ଭରେ କହିଛି ଯେ ଆମେ ଧର୍ମକୁ ରକ୍ଷା କଲେ, ଧର୍ମ ମଧ୍ୟ ଆମକୁ ରକ୍ଷା କରିବ । ଏହା ଶନ୍ନୋଦେବୀଙ୍କର ଜୀବନ-ସୂତ୍ର ହୋଇଛି । ଭଗବାନଙ୍କଠାରେ ମୋର ପ୍ରାର୍ଥନା ଯେ ଏହି ସଂକଳ୍ପବତୀ ଓ ଦେବୋପମା ମହିଳା ଦୀର୍ଘ ଜୀବନ ଲାଭ କରି ସମାଜର ମଙ୍ଗଳ ସାଧନରେ ବ୍ରତୀ ହୁଅନ୍ତୁ ।

ଅବସର ପ୍ରାପ୍ତ ପୋଲିସ୍ ମହାନିର୍ଦ୍ଦେଶକ
ଡି ୨୮, ବିଜେବିନଗର, ଭୁବନେଶ୍ୱର

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ମୋ' ମାଆଙ୍କଠାରୁ ଯାହା ଶିଖିଛି

ଡାକ୍ତର ପ୍ରଜ୍ଞା ଦାସ

ଭୁବନେଶ୍ୱର ବଡ ମେଡିକାଲରେ ମୋର ଜନ୍ମ ୧୯୬୮ ରେ । ଶୁଣିଥିଲି ଯେ ଜନ୍ମ ହେବାର ଅଳ୍ପ ସମୟ ପରେ ଜଣେ ନର୍ସ ବାରଣ୍ଡାରେ ଅପେକ୍ଷାରତ ଜ୍ଞାତିଜନଙ୍କୁ ଦୁଃଖୀ ମନରେ ଜଣାଇଲେ – 'ଝିଅଟିଏ' । ପରଦିନ ତାଙ୍କୁ ଯେତେବେଳେ ମିଠା ଓ ଶାଢୀ ଉପହାର ମିଳିଲା, ସେତେବେଳେ ସେ ବୁଝିଲେ ଯେ ପୂର୍ବରୁ ମୋର ଦୁଇ ଭାଇ ଅଛନ୍ତି । ଝିଅଟିକୁ ସ୍ୱାଗତ କରିବା ନିମନ୍ତେ ସମସ୍ତେ ଆତୁର । ଦୁଇ, ତିନି ଦିନ ପରେ ବାପା-ମାଆ ମୋତେ ନେଇ ଆଂଚଳିକ ମହାବିଦ୍ୟାଳୟ ସାମନାରେ ଥିବା ବାପାଙ୍କର ସରକାରୀ ବାସଭବନରେ ପହଞ୍ଚିଲେ । କିଛି ଦିନ ପରେ ନୂଆ ଫିଏଟ୍ ଗାଡିର ଏଲଟମେଣ୍ଟ ଅର୍ଡର ଆସିଲା (ସେତେବେଳେ ଫିଆଟ୍ କାର ପାଇବା ଦୁଷ୍କର ଥିଲା) । ପରେ ପରେ ଦୁଧିଆଳି ଗାଇଟିଏ ଘରକୁ ଆସିଲା । ସେହି କାରଣରୁ ମୋର ଜେଜେ ମାଆ ମୋତେ 'ଲକ୍ଷ୍ମୀ' ନାମ ଦେବାପାଇଁ କହିଥିଲେ । କିନ୍ତୁ ଉତ୍ତର ପ୍ରଦେଶରୁ ଆସିଥିବା ଜଣେ ଆର୍ଯ୍ୟସମାଜୀ ପଣ୍ଡିତ 'ପ୍ରଜ୍ଞା' ନାମରେ ମୋର ନାମକରଣ ସଂସ୍କାର କରାଇଥିଲେ । ମୋତେ ମାତ୍ର ପାଞ୍ଚ ଛଅ ମାସ ହୋଇଥିବା ବେଳେ ମୋର ଜେଜେ ବାପା ପଣ୍ଡିତ ଲିଂଗରାଜ ଅଗ୍ନିହୋତ୍ରୀ ଦେହତ୍ୟାଗ କଲେ । ବଡ ହେବା ପରେ ତାଙ୍କର ପାଣ୍ଡିତ୍ୟ ବିଷୟରେ ଜାଣିବାକୁ ପାଇଥିଲି । ଯେଉଁ ମହାନ୍ ବ୍ୟକ୍ତି ମୋର ବାପା-ମାଆଙ୍କୁ ବୈଦିକ ସଂସ୍କାର ଦେଇଥିଲେ ଓ ଯାହା ଫଳରେ ସେମାନେ ଦେଶ ବିଦେଶରେ ବୈଦିକ ବିଚାରଧାରା ପ୍ରସାର କଲେ, ତାଙ୍କୁ ପ୍ରତ୍ୟକ୍ଷରେ ଜାଣିବାର ସୁଯୋଗ ପାଇନଥିଲି । ମୋ' ବାପାଙ୍କ ଦ୍ୱାରା ଲିଖିତ 'ମୋର ପିତା ମୋର ଗୁରୁ' ପୁସ୍ତକ ପଢି ତାଙ୍କର ସଂସ୍କାରିତ ଜୀବନ ସଂବନ୍ଧରେ ଜାଣିବାକୁ ପାଇଲି । ମୋର ମାଆ ମାତ୍ର ଛବିଶ ବର୍ଷ ବୟସରେ ଶ୍ୱଶୁରଙ୍କର ପୂର୍ବ ନିର୍ଦ୍ଦେଶ ମତେ ସତ୍ୟନଗର ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟି ଯଜ୍ଞ କରିଥିଲେ । ଛୋଟ ଥିବାରୁ ଏହା ଦେଖିବା ମୋ' ଭାଗ୍ୟରେ ନ ଥିଲା । ମାତ୍ର ଅଠଷଠି ବର୍ଷରେ ଜେଜେବାପାଙ୍କର ପରଲୋକ ହେଲା । କିନ୍ତୁ ଜେଜେ ମାଆ ନବେ ବର୍ଷ ପର୍ଯ୍ୟନ୍ତ ବଂଚିଥିଲେ । ସେ ଶେଷ ପର୍ଯ୍ୟନ୍ତ ଆର୍ଯ୍ୟସମାଜ ଭାବଧାରାର ଦୈନିକ ସଂଧ୍ୟା-ଉପାସନା ଓ ଯଜ୍ଞ କରୁଥିଲେ । ନାତି ନାତୁଣୀ ମାନଙ୍କର ସମସ୍ତ ବାଲ୍ୟ ସଂସ୍କାର ବୈଦିକ ରୀତିରେ କରାଇଥିଲେ । ମୋତେ ପାଞ୍ଚ ବର୍ଷ ହୋଇଥିବା ସମୟରେ ବାପା-ମାଆ ବିଶ୍ୱ ଆର୍ଯ୍ୟ ମହାସମ୍ମିଳନୀରେ ଯୋଗ ଦେବା ନିମନ୍ତେ ସୁଦୂର ମୋରିଶସ୍ ଦେଶକୁ ଯାଇଥିଲେ । ଜେଜେ ମାଆଙ୍କ ପାଖରେ ଆମେ ତିନି ଜଣ ଭାଇ ଭଉଣୀ ରହିଥିଲୁ ।

ରାମ ମନ୍ଦିର ନିକଟସ୍ଥ କନ୍‌ଭେଣ୍ଟ ସ୍କୁଲରେ ମୁଁ ନାମ ଲେଖାଇଲି । ଦୁଇ, ତିନି ବର୍ଷ ପଢିବା ପରେ ଦିନକର ଘଟଣା ଯୋଗୁଁ ମାଆ ମୋତେ ଓଡିଆ ସ୍କୁଲକୁ ନେଇ ଆସିଲେ । ଜଣେ ବେପାରୀ ପରିବା ବିକିବା ପାଇଁ ଘରକୁ ଆସିଥିଲେ । ମାଆ ମୋତେ ପରିବାର ହିସାବ କରିବା ପାଇଁ କହି ଘର ଭିତରକୁ ଚାଲିଗଲେ । ବହୁ ସମୟ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ପର୍ଯ୍ୟନ୍ତ ମୁଁ ହିସାବ କରିପାରିଲି ନାହିଁ । ସେହି କାରଣରୁ ସେ ଭାବିଲେ ଯେ ବାଲ୍ୟକାଳରୁ ମାତୃଭାଷାରେ ଶିକ୍ଷା ଦେବା ଉଚିତ୍ ହେବ । ମୁଁ ଫ୍ଲାଟ କଲୋନିରେ ଥିବା ଓଡିଆ ସ୍କୁଲକୁ ଆସିଲି । ପରେ ମୋର ଶିକ୍ଷା ଡି.ଏମ.ସ୍କୁଲ, ରମାଦେବୀ ମହାବିଦ୍ୟାଳୟ ଓ ବ୍ରହ୍ମପୁର ମେଡିକାଲ କଲେଜରେ ହେଲା । କିନ୍ତୁ ସେହି ଘଟଣାକୁ ମୁଁ ଆଜି ପର୍ଯ୍ୟନ୍ତ ଭୁଲିନାହିଁ । ଓଡିଆ ସ୍କୁଲରେ ପଢିବା ଯୋଗୁଁ ମାଆ ମୋତେ ସଂସ୍କୃତ ଶ୍ଳୋକ, ଭାଷଣ, ସଂଗୀତ ଆଦି ଶିଖାଇବାରେ ସୁବିଧା ପାଇଲେ ।

ମୋତେ ସାତ, ଆଠ ବର୍ଷ ହେବା ପରେ ଆମ ଘରେ ଆର୍ଯ୍ୟସମାଜର ଗତିବିଧି ଚାଲୁଥିଲା । ରବିବାର ଦିନ ସାପ୍ତାହିକ ସତ୍‌ସଙ୍ଗ ହେଉଥିଲା । ଲୋକେ ଘରେ ପହଂଚିବା ପୂର୍ବରୁ ଆସନ ବିଛାଇବା, ହୋମ ସାମଗ୍ରୀ ସଜାଇବାରେ ମୁଁ ମାଆଙ୍କୁ ସାହାଯ୍ୟ କରୁଥିଲି । ବାପା ମାଆ ଅନେକ ସମୟ ଘରେ ରହୁ ନଥିଲେ । ଜେଜେ ମାଆ ଏହି କାର୍ଯ୍ୟ ବୁଝୁଥିଲେ । ଓଡିଶା ଓ ଓଡିଶା ବାହାରୁ ଅନେକ ବଡ ବଡ ଲୋକ ଆମ ଘରକୁ ଆସିଥିବା ମୋର ମନେ ଅଛି । ମୋର ଭାଗ୍ୟ ଯେ ମୁଁ ସେମାନଙ୍କୁ ଦର୍ଶନ କରିପାରିଛି । ମାତୃଶିକ୍ଷା ମୋ' ପାଇଁ ଅମୂଲ୍ୟ ସମ୍ପତ୍ତି । ମାଆ ଆଦର୍ଶ ପରିବାର ଗଢିଛନ୍ତି । ବ୍ରାହ୍ମ ମୂହୁର୍ତ୍ତରୁ ଉଠିବା, ଶାଶୁଙ୍କ ପାଦ ଛୁଇଁବା, ଶୀଘ୍ର ଶୀଘ୍ର ନିତ୍ୟକର୍ମ ଶେଷ କରି ସଂଧ୍ୟା-ଉପାସନା ଓ ଅଗ୍ନିହୋତ୍ର କରିବା, ପୁଅଝିଅଙ୍କୁ ସେଥିରେ ସାମିଲ କରିବା, ଗୋ ସେବା, ରନ୍ଧା ରନ୍ଧି–ଏସବୁ ସହିତ ଧର୍ମଗ୍ରନ୍ଥ ପଢିବା, ପତ୍ରପତ୍ରିକାକୁ ଲେଖିବା, ବାପାଙ୍କର ଲେଖାଲେଖିରେ ସାହାଯ୍ୟ କରିବା ଓ ସର୍ବୋପରି ବାହାରୁ ଆସୁଥିବା ଉପଦେଶକ, ସାଧୁସନ୍ଥଙ୍କ ସତ୍କାର କରିବା ତାଂକର ଦୈନିକ କାର୍ଯ୍ୟ ଥିଲା । ଆଜି ଆମେ ଭାଇଭଉଣୀ ବୈଦିକ ସଂସ୍କାରରେ ବଢିଛୁ, କେବଳ ମାଆଙ୍କର ଚେଷ୍ଟା ବଳରେ । ବଡ ବଡ ସଂଗୀତଜ୍ଞଙ୍କୁ ଡକାଇ ସେ ମୋତେ ଗୀତ ଶିଖାଇଲେ । ମେଡିକାଲ କଲେଜରେ ପଢୁଥିବା ସମୟରେ ମୁଁ ଯେତେବେଳେ ତିନୋଟି ଯାକ ମେଡିକାଲର ପ୍ରତିଯୋଗିତାରେ ସଂଗୀତରେ ପ୍ରଥମ ହେଲି, ସେଦିନ ମୁଁ ମାଆଙ୍କର ପରିଶ୍ରମ ପାଇଁ ନିଜକୁ ଧନ୍ୟ ମନେ କରିଥିଲି । ମୋର ବିରକ୍ତି ସତ୍ତ୍ୱେ ମାଆ ସହିଷ୍ଣୁ ହୋଇ ମୋତେ ସଂଗୀତ, ସିଲାଇ, ନୃତ୍ୟ, ମନ୍ତ୍ର, ଶ୍ଳୋକ ଆବୃତି ଶିଖାଇଥିଲେ । ମୁଁ ନୃତ୍ୟ ବିଶାରଦା ଉପାଧି ପାଇଲି । ଶାଶୁଘରକୁ ଯିବା ସମୟରେ ସେ ସଙ୍ଗୀତର ସବୁ ଉପକରଣ ଓ ହୋମଯଜ୍ଞର ସବୁ ପଦାର୍ଥ ଦେଇଥିଲେ । ଆଜିକାଲି ବାପା ମାଆଙ୍କର ଘର ଅତିରିକ୍ତ ଆମେ ଭାଇ ଓ ଭଉଣୀ ଏପରି ଚାରୋଟି ଘରେ ସବୁଦିନେ ସକାଳେ ଯଜ୍ଞ ହେଉଛି । ଏ ସବୁ ମାଆଙ୍କର ସଂକଳ୍ପର ଫଳ । ବିବାହ ପରେ ମୋର ସ୍ୱାମୀ (ଡାକ୍ତର ଗୋପାଳ ଚନ୍ଦ୍ର ଦାଶ) ମାଆଙ୍କର ମିଷ୍ଟ ବାଣୀରେ ଏତେ ପ୍ରଭାବିତ ହେଲେ ଯେ ସେ ନିତ୍ୟ ଅଗ୍ନିହୋତ୍ର କରନ୍ତି । ବେଦର ବିଚାର ସହିତ ଚିକିତ୍ସା-ବିଦ୍ୟାକୁ ମିଶାଇ ଆଲୋଚନା-ଚକ୍ରରେ ଭାଷଣ ଦିଅନ୍ତି । ପତ୍ରପତ୍ରିକାରେ ଲେଖନ୍ତି । ହୋମିଓ ଚିକିତ୍ସା ମୋ ମାଆଙ୍କର ଅଧିକ ବିଶ୍ୱାସ । ତାଙ୍କ ବାପଘରୁ ସେ ଔଷଧ ପେଡି ଓ ପୁସ୍ତକ ଆଣିଥିଲେ । ସେହିପରି ମୋ' ଶାଶୁଘର ସେ ସବୁ କିଣି ମୋ ସାଥିରେ ପଠାଇଥିଲେ ।

ବେଦମନ୍ତ୍ର, ଚାଣକ୍ୟ ନୀତି, ବିଦୁର ନୀତି ଆଦି ମୁଖସ୍ଥ କରିବା ପାଇଁ ସେ ଆମ୍ଭମାନଙ୍କୁ ପୁରସ୍କାର ଦେଉଥିଲେ । ଜାତୀୟ ସ୍ତରରେ ଅନେକ ଧର୍ମସଭାରେ ଆମେ ସେସବୁ ଆବୃତ୍ତି କରି ସମ୍ମାନ୍ନିତ ହୋଇଛୁ । ଆଜିକାଲି ମାଆ ନାତି ନାତୁଣୀଙ୍କ ପାଇଁ ପୁରସ୍କାର ଦେଉଛନ୍ତି । କେବେ ବିରକ୍ତ ନ ହେବା, ହସି ହସି କଥାହେବା ମାଆଙ୍କର ସ୍ୱଭାବ । କେତେ ଯେ ବଡ ବଡ ପଣ୍ଡିତମାନେ ଦେଶର ଚାରିଆଡୁ ଘରକୁ ଆସି ସତ୍କାରିତ ହୁଅନ୍ତି,

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ତାହାର ଗଣତି ନାହିଁ । କେତେ ବର୍ଷ ହେଲା ଦେଶର ଜଣେ ପ୍ରଖ୍ୟାତ ମହିଳା ବିଦୁଷୀଙ୍କୁ ପ୍ରତି ବର୍ଷ ଆର୍ଯ୍ୟସମାଜର ବାର୍ଷିକୋତ୍ସବରେ ସେ ପୁରସ୍କାର ରାଶି ପ୍ରଦାନ କରି ସଂବର୍ଦ୍ଧନା କରୁଛନ୍ତି । ଆତିଥ୍ୟ ଓ ସତ୍କାର ଯୋଗୁଁ ସମଗ୍ର ଦେଶରେ ଭ୍ରମଣ କରି ସେ ଆଦରର ପାତ୍ର ହୋଇଛନ୍ତି ।

ଗୋସେବା ତାଙ୍କର ସ୍ୱାଭାବିକ ପ୍ରକୃତି । ବାପା ସରକାରୀ ସେବାରୁ ଅବସର ନେବା ପର୍ଯ୍ୟନ୍ତ ପ୍ରାୟ ତିରିଶ ବର୍ଷ କାଳ ସେ ଗୋସେବା କରି ଆସୁଥିଲେ । କୌଣସି ଦିନ ଗଉଡ ଆସି ନ ପାରିଲେ ନିଜେ ଗାଇ ଦୁହୁଁଥିଲେ । ଗାଈ ଦୁଧରୁ ଘିଅ କରି ଦୈନିକ ଅଗ୍ନିହୋତ୍ର କରନ୍ତି ।

ଦେଶ-ବିଦେଶରେ ବେଦ ପ୍ରଚାର ପାଇଁ ଭ୍ରମଣ କରିବା ସମୟରେ ସେ ଅନେକ ଛୋଟ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି । ହାତଗୋଡ ଭାଙ୍ଗିଛି, କିଂତୁ ଦୈନିକ କର୍ତ୍ତବ୍ୟ କର୍ମ କରିବାରେ ସେ କେବେହେଲେ ହାର ମାନି ନାହାନ୍ତି । ଗତ ବର୍ଷ ଇଂଲଣ୍ଡରେ ହାତରେ ଚୋଟ ଆସିଥିଲା । ବଣ୍ଡେଜ ସହିତ ସେ ଗୋଟିଏ ବିବାହ ସଂସ୍କାର କରାଇଥିଲେ ଓ ଲଣ୍ଡନରେ ଅନୁଷ୍ଠିତ ହୋଇଥିବା ବ୍ରିଟେନ୍ ଓଡିଆ ସମାଜରେ ଭାଷଣ ଦେଇଥିଲେ । ତାଙ୍କ ଦ୍ୱାରା ସଂସ୍କାରିତ ହୋଇଥିବା ଅନେକ ଯୁବକଯୁବତୀ ସାରା ପୃଥିବୀରେ ଅଛନ୍ତି । ସେମାନେ ଓଡିଶା ଆସିଲେ ମାଆଙ୍କୁ ଟେଲିଫୋନ କରନ୍ତି ଓ ତାଙ୍କର ସଦିଚ୍ଛା ଲାଭ କରନ୍ତି ।

ନାତିନାତୁଣୀମାନଙ୍କୁ ସେ ଦୁଇଟି ଉପଦେଶ ଦେଇ ଆସୁଛନ୍ତି । ପ୍ରଥମ କଥା ହେଲା ଯେ ସବୁବେଳେ ମନକୁ ଖୁସି ରଖିବ, ହସିବ । ଯାହାର ମନରେ କୁଟିଳତା ଥାଏ, ସେ ହସିପାରେ ନାହିଁ । ଫୁଲ ଭିତରେ ମହୁଅଛି, ତେଣୁ ଫୁଲ ସବୁବେଳେ ହସୁଛି । ଆଉ ଗୋଟିଏ ବିଷୟ ସେମାନଙ୍କୁ କହନ୍ତି - ଦୁଇଟି ପଦାର୍ଥ କେବେ ଫେରେ ନାହିଁ । ସେ ଦୁଇଟି ହେଲା ବାଣୀ ଓ ସମୟ । ତେଣୁ ବାଣୀରେ ଅସତ୍ୟ ଓ କଠୋର ବଚନ କହିବନାହିଁ । ତାହା ଅନ୍ୟର ହୃଦୟକୁ ଆଘାତ ଦେବ । ସବୁବେଳେ ସେ ତାକୁ ମନେ ରଖିବ । ଅନ୍ୟ କଥାଟି ହେଲା ଯେ ଜୀବନରେ ସମୟ ନଷ୍ଟ କର ନାହିଁ । ସମୟ ଚାଲି ଗଲେ ଆଉ ଫେରିବ ନାହିଁ । ଏବେ ଏବେ ମା' ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ବେଦ ସମ୍ମିଳନୀରେ ଯୋଗଦେଇ ଫେରିଛନ୍ତି ।

୬୪ (ବି), ରେଳ ବିହାର
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ମାତା ଶନ୍ନୋଦେବୀଙ୍କ ଗହଣରେ ହଲାଣ୍ଡ ଯାତ୍ରା

ଶ୍ରୀ ଭଗବାନ ଆଚାର୍ଯ୍ୟ

ପ୍ରିୟବ୍ରତ ବାବୁ ଓ ମାତା ଶନ୍ନୋଦେବୀ ୧୯୭୩ ରୁ ଅନେକ ଦେଶ ଭ୍ରମଣ କରି ବେଦର ପ୍ରଚାର କରି ଆସୁଛନ୍ତି । ମୁଁ ଭୁବନେଶ୍ୱର ଆର୍ଯ୍ୟସମାଜର ସଭ୍ୟ ହେବା ପରେ ସେମାନଙ୍କର ପବିତ୍ର ସାନ୍ନିଧ୍ୟରେ ଆସିଲି । ଦିନେ ଶନ୍ନୋଦେବୀ ଟେଲିଫୋନ୍‌ରେ ଖବର ଦେଲେ ୨୦୧୧ର ବିଶ୍ୱ ଆର୍ଯ୍ୟ ସମ୍ମିଳନୀ ଏହି ବର୍ଷ ହଲାଣ୍ଡରେ ଅନୁଷ୍ଠିତ ହେବ । ପୂର୍ବ ତିନିବର୍ଷ ଯଥାକ୍ରମେ ମୋରିଶସ, ଆମେରିକା ଓ ସୁରିନାମ୍‌ରେ ଆୟୋଜିତ ହୋଇଥିଲା । ତାଙ୍କଠାରୁ ଏହି ସମ୍ବାଦ ପାଇ ମୁଁ ନୂଆପଡା ଜିଲ୍ଲାରେ ଅବସ୍ଥିତ ଆମସେନା ଗୁରୁକୁଳ ମହାବିଦ୍ୟାଳୟର ଉପାଚାର୍ଯ୍ୟ ସ୍ୱାମୀ ବ୍ରତାନନ୍ଦଙ୍କ ସହିତ ଟେଲିଫୋନ୍‌ରେ କଥାବାର୍ତ୍ତା କରି ବୁଝିଲି ଗୁରୁକୁଳର ସଂସ୍ଥାପକ ସ୍ୱାମୀ ଧର୍ମାନନ୍ଦଙ୍କ ସହିତ ସେ ମଧ୍ୟ ସମ୍ମିଳନୀରେ ଯୋଗଦେବେ । ଯାତ୍ରା ପାଇଁ ମୁଖ୍ୟ କାର୍ଯ୍ୟାଳୟରେ ଦିଲ୍ଲୀରୁ ସମସ୍ତ ଭାରତୀୟ ପ୍ରତିନିଧିମାନଙ୍କ ଭିସା, ଟିକଟ ଆଦି ବ୍ୟବସ୍ଥା କରାଯାଉଥିଲା । ସେଦିନ ସନ୍ଧ୍ୟା-ଉପାସନା ସାରି ସ୍ଥିର କଲି ଯେ ପ୍ରିୟବ୍ରତ ବାବୁ ଓ ଶନ୍ନୋଦେବୀଙ୍କ ସହିତ ହଲାଣ୍ଡ ଯିବି । ମାଆ ଶନ୍ନୋଦେବୀଙ୍କର ଅନୁରୋଧ କ୍ରମେ ତିନିଜଣଙ୍କର କାଗଜ ପତ୍ର ଠିକ୍ କରିବାର ଦାୟିତ୍ୱ ନେଲି । ପୂର୍ବରୁ ସେମାନଙ୍କର ପାସ୍‌ପୋର୍ଟ ଥିଲା । ମୋର ପାସ୍‌ପୋର୍ଟ କରାଇନେଲି । ବିଦେଶ ଯାତ୍ରା ପାଇଁ ପାସ୍‌ପୋର୍ଟ, ସେଥିରେ ସିଲ୍ ବସିଥିବା ଭିସା, ସ୍ୱାସ୍ଥ୍ୟ ଇନ୍‌ସ୍ୟୁରାନ୍ସ କାଗଜ, ବିଦେଶରୁ ଆସିଥିବା ନିମନ୍ତ୍ରଣ ପତ୍ର ଓ ଉଡାଜାହାଜ ଟିକଟ ଆବଶ୍ୟକ । ସମଗ୍ର ଇଉରୋପର ଅଧିକାଂଶ ଦେଶର କରେନ୍ସି ଏକ ପ୍ରକାର । ତାହା ୟୁରୋ । ସେତେବେଳେ ଗୋଟିଏ ୟୁରୋର ମୂଲ୍ୟ ପ୍ରାୟ ଷାଠିଏ ଟଙ୍କା ଥିଲା ।

ଆମେ ରାଜଧାନୀ ଏକ୍ସପ୍ରେସ୍ ଯୋଗେ ଦିଲ୍ଲୀରେ ପହଞ୍ଚି ଅଲ୍ ଇଣ୍ଡିଆ ମେଡିକାଲର ପଛ ପାଖରେ ଥିବା ଗୌତମନଗର ଗୁରୁକୁଳରେ ରହିଲୁ । ଗୁରୁକୁଳର ଆଚାର୍ଯ୍ୟ ସ୍ୱାମୀ ପ୍ରଣବାନନ୍ଦ ସ୍ୱତଂତ୍ର ଭାବରେ ପୂର୍ବରୁ ହଲାଣ୍ଡ ଚାଲି ଯାଇଥିଲେ । ସେଦେଶରେ ସ୍ୱାମିଜୀଙ୍କର ଅନେକ ଶିଷ୍ୟ ପ୍ରଚାର କାର୍ଯ୍ୟ କରନ୍ତି । ଭିସା ଓ ଅନ୍ୟାନ୍ୟ କାଗଜପତ୍ର ସଂଗ୍ରହ ନିମନ୍ତେ ପ୍ରିୟବ୍ରତ ବାବୁଙ୍କ ସହିତ ମୁଁ ହନୁମାନ ରୋଡସ୍ଥିତ କାର୍ଯ୍ୟାଳୟକୁ ଗଲି । ସେଠାରେ ଅନେକ ସାଧୁ ସନ୍ଥ, ଉପଦେଶକ ଓ ଅନ୍ୟ ଯାତ୍ରୀଙ୍କ ସହିତ ପରିଚୟ ହେଲା । ପରଦିନ ରାତ୍ରି ଗୋଟାଏରେ ଆମେ ଗୁରୁକୁଳର ଗାଡିରେ ଇନ୍ଦିରାଗାନ୍ଧୀ ଆନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବା ବେଳକୁ ଅନେକ ଯାତ୍ରୀ ଗେଟ୍ ନମ୍ବର ୩ ପାଖରେ ଜମା ହୋଇ ସାରିଥିଲେ । ଧର୍ମସଭାକୁ ଯାଉଥିବାରୁ ବିମାନ କର୍ମଚାରୀମାନେ ଆମ ପ୍ରତି ସହାନୁଭୂତି ପ୍ରଦର୍ଶନ କରୁଥିଲେ । ଆମର ଯାତ୍ରା ଦିଲ୍ଲୀରୁ ତୁର୍କୀ ଦେଶର ରାଜଧାନୀ ଇସ୍ତାମ୍ବୁଲ ଓ ସେଠାରୁ ହଲାଣ୍ଡର ରାଜଧାନୀ ଏମଷ୍ଟାରଡାମ – ଏପରି ଦୁଇଟି ଟର୍କିସ୍ ଲାଇନରେ ନିର୍ଦ୍ଧାରିତ ହୋଇଥିଲା । ଇସ୍ତାମ୍ବୁଲ ପହଞ୍ଚିବାର ଚାରି ଘଣ୍ଟା ପରେ ଅନ୍ୟ ଜାହାଜ ମିଳିଲା । ଜାହାଜ କଂପାନୀମାନେ ବ୍ୟବସାୟୀ । ଯାତ୍ରୀ ନ ମିଳିଲେ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଯାତ୍ରା ବିଳମ୍ବ କରନ୍ତି । ଯାହ ହେଉ ସେହି ଚାରି ଘଣ୍ଟା ମଧ୍ୟରେ ଭାରତର ବିଭିନ୍ନ ରାଜ୍ୟରୁ ଆସିଥିବା ପ୍ରତିନିଧିମାନଙ୍କ ସହିତ ପରିଚୟ ଓ କଥାବାର୍ତ୍ତା ହେଲା । ଶନ୍ନୋଦେବୀଙ୍କର ପରିଚୟ ଅନେକେ ଯେହେତୁ ସେ ବିଦେଶରେ ଅନୁଷ୍ଠିତ ସମ୍ମିଳନୀଗୁଡିକୁ ସବୁବେଳେ ଯାଆନ୍ତି । ସେଠାରେ ଭାଷଣ ମଧ୍ୟ ଦିଅନ୍ତି । ଏମ୍‌ଷ୍ଟାରଡାମରେ ପହଞ୍ଚିବା ପରେ ସମ୍ମିଳନୀ ସ୍ଥଳକୁ ଯିବା ପାଇଁ ଅନେକ ବସ୍ ପ୍ରସ୍ତୁତ ରହିଥିଲା । ନଗର ନିକଟବର୍ତ୍ତୀ ଏକ ପଞ୍ଚତାରକା ହୋଟେଲରେ ସବୁ ପ୍ରତିନିଧିମାନଙ୍କ ରହିବା, ସଭା କାର୍ଯ୍ୟ, ଭୋଜନ ଆଦି ବ୍ୟବସ୍ଥା କରାଯାଇଥିଲା । ହୋଟେଲ ନିକଟରେ ଏକ ଅସ୍ଥାୟୀ ଯଜ୍ଞମଣ୍ଡପ ନିର୍ମିତ ହୋଇଥିଲା । ଛଅ ଦିନ ଯାକ ହୋଟେଲରେ ଶୁଦ୍ଧ ଶାକାହାରୀ ଭୋଜନର ବ୍ୟବସ୍ଥା ଥିଲା । ହଲାଣ୍ଡ ଛୋଟ ଦେଶ । ସମୁଦ୍ର ନିକଟବର୍ତ୍ତୀ ହୋଇଥିବାରୁ କୋହଲା ଥଣ୍ଡା ପବନ,ଝିପ୍ ଝିପ୍ ବର୍ଷା ।

ହଲାଣ୍ଡର ଜନସଂଖ୍ୟା ଓଡିଶାର ଅଧେ, ପ୍ରାୟ ଦୁଇ କୋଟି ତଥାପି ଏ ଦେଶ ଅତ୍ୟନ୍ତ ସମୃଦ୍ଧିଶାଳୀ । ପ୍ରାକୃତିକ ଝଡ ତୋଫାନ ସତ୍ତ୍ୱେ ଦେଶବାସୀ କଠୋର ପରିଶ୍ରମ କରି ଦେଶକୁ ଧନାଢ୍ୟ କରିଛନ୍ତି । ଏଠାର ଭାଷା ଡଚ୍ । ଦେଶରେ ପ୍ରାୟ ଦୁଇ ଲକ୍ଷ ହିନ୍ଦୁ ବାସ କରନ୍ତି । ଏମାନେ ଦକ୍ଷିଣ ଆମେରିକାର ସୁରିନାମରୁ ଆସିଛନ୍ତି । ପୂର୍ବେ ସୁରିନାମ ହଲାଣ୍ଡର ଅଧୀନରେ ଥିଲା । ଇଂଲଣ୍ଡରେ ଅନେକ ଭାରତୀୟ ରହିବା ପରି ହଲାଣ୍ଡରେ ଅନେକ ସୁରିନାମର ଲୋକ ବସବାସ କରନ୍ତି । ଦେଶରେ ପ୍ରାୟ ପନ୍ଦର, କୋଡିଏଟି ଆର୍ଯ୍ୟସମାଜ କେନ୍ଦ୍ର ଅଛି । ପୁରୋହିତ ସଭା ଅଛି । ଏମାନେ ଭାରତକୁ ଆସି ଆର୍ଯ୍ୟସମାଜର ଗୁରୁକୁଳମାନଙ୍କରେ ଶିକ୍ଷା ଲାଭ କରି ଫେରି ଥାଆନ୍ତି । ସମସ୍ତେ ଡଚ୍ ଭାଷା ଜାଣନ୍ତି । ଛଅ ଦିନ ସମ୍ମିଳନୀ ମଧ୍ୟରେ ଛଅ ଦିନ ଆଲୋଚନା ସଭା ଓ ଦୁଇ ଦିନ ଭ୍ରମଣ ।

ଆମେରିକା, ଇଂଲଣ୍ଡ, ମୋରିଶସ୍ ଆଦି ଦେଶରୁ ଆସିଥିବା ପ୍ରତିନିଧିମାନେ ଶନ୍ନୋଦେବୀଙ୍କୁ ଭଲ ଭାବରେ ଜାଣନ୍ତି । ସେ ଏହି ସବୁ ଦେଶରେ ପ୍ରଚାର କରିଛନ୍ତି । ସେମାନଙ୍କର ସହିତ ଆତ୍ମୀୟତା ଅଛି । କେଉଁଠାରେ ବିବାହାଦି ସଂସ୍କାରରେ ପୌରହିତ୍ୟ କରିଛନ୍ତି ଓ କେଉଁଠାରେ ବ୍ୟାଖ୍ୟାନ ଦେଇଛନ୍ତି । ଅନେକ ପରିବାରରେ ଅତିଥି ହୋଇ ରହିଛନ୍ତି ।

ମହିଳା ସମ୍ମିଳନୀରେ ପ୍ରଥମେ ଶନ୍ନୋଦେବୀଙ୍କର ନାମ ଡକାଯିବା ବେଳେ ସେ ନିଜ କୋଠରିରେ ଥିଲେ । ମୁଁ ଶୀଘ୍ର ଯାଇ ସମ୍ବାଦ ଦେଲି । ଦ୍ୱିତୀୟ ମହିଳା ବକ୍ତା କହୁଥିବା ସମୟରେ ସେ ପହଞ୍ଚି ମଣ୍ଡପ ଉପରକୁ ଗଲେ । ସେ ହିନ୍ଦୀ ଭାଷାରେ ଏପରି ସୁନ୍ଦର କହି ପାରନ୍ତି, ତାହା ପୂର୍ବରୁ ଜାଣି ନଥିଲି । ତାଙ୍କ ରଚିତ ପୁସ୍ତକ ପଢିଛି । ତେବେ ସେ ଏତେ ମନ୍ତ୍ର ଓ ଶ୍ଳୋକ କଣ୍ଠସ୍ଥ କରିଛନ୍ତି ଏବଂ ପ୍ରତ୍ୟେକ ପଦର ଅର୍ଥ ବୁଝାଇବା ପାଇଁ ଚେଷ୍ଟା କରନ୍ତି, ତାହା ଶୁଣି ଆଶ୍ଚର୍ଯ୍ୟ ହେଲି । ଗୁରୁକୁଳ ଅଥବା ବିଦ୍ୟାଳୟରେ ପଢ଼ି ନାହାନ୍ତି । ନିଜ ଅଧ୍ୟବସାୟରେ ଗୃହକାର୍ଯ୍ୟ ସଂପାଦନ କରି ପଣ୍ଡିତା ଓ ପ୍ରଚାରିକା ହୋଇଛନ୍ତି । ତାଙ୍କର ଉଚ୍ଚାରଣ ସ୍ପଷ୍ଟ ଓ ଭାଷା ମାର୍ଜିତ । ସବୁଠାରୁ ବଡ କଥା ତାଙ୍କର ସାହସ ଓ ପ୍ରୀତିପୂର୍ଣ୍ଣ ବ୍ୟବହାର ।

ଭିନ୍ନ ଭିନ୍ନ ଦେଶରୁ ଅନେକ ବୈଦିକ ପଣ୍ଡିତ ଆସିଥିଲେ । ପରନ୍ତୁ ପଣ୍ଡିତ ଦମ୍ପତି ଭାବରେ ପ୍ରିୟବ୍ରତ ବାବୁ ଓ ଶନ୍ନୋଦେବୀ ଏକମାତ୍ର ଓ ସର୍ବଜନ ଆଦୃତ । ଭିନ୍ନ ଭିନ୍ନ ସମ୍ମିଳନୀରେ ଦୁହେଁ ଭାଷଣ ଦିଅନ୍ତି । ହଲାଣ୍ଡ ସମ୍ମିଳନୀରେ ବେଦସଭାରେ ପ୍ରିୟବ୍ରତ ବାବୁ ଓ ମହିଳା ସଭାରେ ଶନ୍ନୋଦେବୀ କହିଥିଲେ । ମୁମ୍ବାଇର ପୁଲିସ୍ କମିସନର ଡଃ ସତ୍ୟପାଲ ସିଂହ, ମୋରିଶସର ପ୍ରଫେସର ସତ୍ୟଦେବ ପ୍ରୀତମ୍, ଆମେରିକାର ପଣ୍ଡିତ ରାମଲାଲ, ସିଙ୍ଗାପୁର ଓମ୍ ପ୍ରକାଶ ରାୟ, ହଲାଣ୍ଡର ସୂର୍ଯ୍ୟପ୍ରକାଶ ବୀର ମଧ୍ୟ ସୁନ୍ଦର ଭାଷଣ ଦେଇଥିଲେ ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ରେଳଯାତ୍ରାରେ ଘରୁ ତିଆରି କରି ନେଇଥିବା ମଣ୍ଡାପିଠା ବାଣ୍ଟିବା, ରେଳରେ ବସି ସନ୍ଧ୍ୟା–ଉପାସନା କରିବା, ଲୋକଙ୍କ ସହିତ ଖୁସିଗପ କରିବା, ଯାତ୍ରୀମାନଙ୍କର ଠିକଣା ଟିପିବା, ଅନ୍ୟମାନଙ୍କୁ ସାହାଯ୍ୟ କରିବା ତାଙ୍କର ଚିର ଅଭ୍ୟାସ । କହନ୍ତି – ଭ୍ରମଣ ଦ୍ୱାରା ମନୁଷ୍ୟ ପ୍ରଶିକ୍ଷିତ ହୁଏ । ବିଗତ ଚାଳିଶ ବର୍ଷ ଧରି ସେ ଦେଶବିଦେଶ ବୁଲୁଛନ୍ତି । ଧର୍ମସଭାରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବସନ୍ତି, ସଭା ପରେ ଲୋକଙ୍କ ସହିତ ସ୍ନେହପୂର୍ଣ୍ଣ ବାର୍ତ୍ତାଳାପ କରନ୍ତି ଓ ନୂଆ ନୂଆ ବନ୍ଧୁ ଅର୍ଜନ କରନ୍ତି । ବୟସ ଥିବା ସମୟରେ ସେ ଭୁବନେଶ୍ୱର ଆର୍ଯ୍ୟସମାଜର ସଭ୍ୟସଭ୍ୟାଙ୍କୁ ନେଇ ସହର ବାହାରକୁ ଯାଇ ଯଜ୍ଞାନୁଷ୍ଠାନ ଓ ପ୍ରୀତିଭୋଜନର ଆୟୋଜନ କରୁଥିଲେ । ତାଙ୍କର ସ୍ନେହପୂର୍ଣ୍ଣ ବ୍ୟବହାର ପାଇଁ ସମସ୍ତେ ମୁଗ୍ଧ ହୁଅନ୍ତି । ବୟସ ବଢ଼ିବା ସହିତ ସେ ସବୁ ହ୍ରାସ ପାଇଛି । ପରନ୍ତୁ ବନ୍ଧୁମାନଙ୍କ ସହିତ ପ୍ରୀତିପୂର୍ଣ୍ଣ ବ୍ୟବହାର ବରଂ ଅଧିକ ଜନପ୍ରିୟ ହୋଇଛି । ୨୦୧୧ରେ ହଲାଣ୍ଡରୁ ଫେରିବା ପରେ ସେ ଇଂଲଣ୍ଡ ଯାଇଥିଲେ । ପୁଣି ଆସାମର ଆଦିବାସୀ ଅଞ୍ଚଳ, ବାରଣାସୀର ପାଣିନି ମନ୍ଦିର, ଜଳନ୍ଧର (ପଞ୍ଜାବ)ରେ ଡିଏଭି ବିଶ୍ୱବିଦ୍ୟାଳୟ ସ୍ଥାପନା ଆଦି ଆଦି କେତେ ଉତ୍ସବରେ ସେ ଯୋଗ ଦେଇଛନ୍ତି । ଚଳିତ ବର୍ଷ ଦକ୍ଷିଣ ଆଫ୍ରିକା ଯିବା ପାଇଁ ପ୍ରସ୍ତୁତ ହୋଇଛନ୍ତି । ପଞ୍ଚସ୍ତରି ବର୍ଷର ଏହି ଜୀବନ ଧନ୍ୟ । ସେ ଶତାୟୁ ହୁଅନ୍ତୁ, ପ୍ରଭୁଙ୍କୁ ଏତିକି ପ୍ରାର୍ଥନା ।

୨୪୪, ଶାସ୍ତ୍ରୀନଗର, ଭୁବନେଶ୍ୱର -୧

ବ୍ରିଟେନ ଓଡ଼ିଆ ସମ୍ମିଳନୀରେ ଶନ୍ନୋଦେବୀ

ଅଧ୍ୟାପିକା ମଧୁଛନ୍ଦା ମହାନ୍ତି

ଶ୍ୱଶୁର (ପ୍ରଫେସର ଡଃ କାଳୀପ୍ରସାଦ ଦାସ) ଭୁବନେଶ୍ୱରରୁ ଟେଲିଫୋନ ଦ୍ୱାରା ଖବର ଦେଇଥିଲେ ଯେ ଶ୍ରୀମତୀ ଶନ୍ନୋଦେବୀ ଓ ଇଂ ପ୍ରିୟବ୍ରତ ଦାସ ବ୍ରିଟେନ୍ ଆସୁଛନ୍ତି । ସେମାନେ ୨୦୧୧ ଓଡିଆ ସମ୍ମିଳନୀକୁ ସଂବୋଧିତ କରିବେ । କିନ୍ତୁ ସେମାନେ କେବେ ପହଞ୍ଚିବେ, କେଉଁଠାରେ ରହିବେ ଓ ସେମାନଙ୍କର କାର୍ଯ୍ୟକ୍ରମ କଣ – ଏ ସମ୍ବନ୍ଧରେ କିଛି ସୂଚନା ଦେଇ ନ ଥିଲେ । ଓଡିଆ ସମାଜର ସଭାପତି ଡଃ କଳ୍ପନା ମିଶ୍ରଙ୍କଠାରୁ ଏତିକି ମାତ୍ର ସମାଚାର ପାଇଥିଲୁ ଯେ ସେମାନେ ଗୋରଲେଣ୍ଡ, ନିଉପୋର୍ଟରେ ବାସ କରୁଥିବା ପ୍ରତିଷ୍ଠିତ ଦମ୍ପତି ଡଃ ନିସେବିତା ଦାସ ଓ ଡଃ ପ୍ରାଣବନ୍ଧୁ ଦାସଙ୍କ ନିମନ୍ତ୍ରଣ କ୍ରମେ ସେମାନଙ୍କ ପାଖରେ ପ୍ରାୟ ଦେଢ଼ ସପ୍ତାହ ରହିବେ । ସେହି ବର୍ଷ ଦୁଇ ଦିନିଆ ଓଡିଆ ଉତ୍ସବ ଲଣ୍ଡନର ଉପକଣ୍ଠରେ ଥିବା ଆଂଗ୍ଲୋ ବ୍ରିଟିସ୍ ସ୍କୁଲରେ ଆୟୋଜିତ ହୋଇଥିଲା । ଆମେ ଉତ୍ସବ ଆରମ୍ଭ ସମୟରୁ ହିଁ ସେମାନଙ୍କୁ ପାଇବାକୁ ଚେଷ୍ଟା କଲୁ । ଆମ ପରି ଅନ୍ୟ ଏକ ଦମ୍ପତି ଶ୍ରୀ ଶାଶ୍ୱତ ଭଦ୍ର ଓ ତାଙ୍କ ପତ୍ନୀ ମଧ୍ୟ ଅପେକ୍ଷା କରିଥିଲେ । ଆଗରୁ ସଭାମଞ୍ଚରେ ଡଃ ସୀତା ସାହୁ ଘୋଷଣା କରିଥିଲେ ଯେ ସେଦିନ ସଭାରେ ଇଂ ପ୍ରିୟବ୍ରତ ଦାସ ଓ ଶ୍ରୀମତୀ ଶନ୍ନୋଦେବୀ ଭାଷଣ ଦେବେ । ସଂପାଦକ ଶ୍ୟାମାପ୍ରସାଦ ଦାଶ, ସଂଗଠନ ସଂପାଦକ ନିହାର ରଞ୍ଜନ ମହାନ୍ତି ପ୍ରମୁଖ ଗୋରଲେଣ୍ଡ ଦିଗରୁ ଆସୁଥିବା

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ବିଦେଶରେ ବେଦ ପ୍ରଚାର

ଦକ୍ଷିଣ ଆଫ୍ରିକା ଡର୍ବାନ୍ ସମ୍ମିଳନୀରେ ସମାଜସେବୀ ସ୍ୱାମୀ ଅଗ୍ନିବେଶଙ୍କୁ ଗ୍ରନ୍ଥ ଉପହାର ଦେବା ଅବସରରେ (୨୦୧୩)

ହଲାଣ୍ଡ ଆର୍ଯ୍ୟ ମହାସମ୍ମିଳନୀରେ (୨୦୧୧)



ଦକ୍ଷିଣ ଆଫ୍ରିକା ଆର୍ଯ୍ୟ ମହାସମ୍ମିଳନୀରେ (୨୦୧୩)

ମୋରିଶସ ଗଙ୍ଗା ତାଲାବରେ ପଣ୍ଡିତ ଧର୍ମେଶଙ୍କ ସହିତ (୧୯୯୮)



ଚିକାଗୋ (ଯୁକ୍ତରାଷ୍ଟ୍ର) ଆର୍ଯ୍ୟସମାଜରେ ଅଗ୍ନିହୋତ୍ର (୧୯୯୮)

ଦକ୍ଷିଣ ଆଫ୍ରିକାରେ କୃଷ୍ଣକାୟ ମହିଳାଙ୍କ ଗହଣରେ (୨୦୧୩)

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଶନ୍ନୋଦେବୀ ରାଷ୍ଟ୍ରୀୟ ବେଦ ବିଦୁଷୀ ପୁରସ୍କାର ବିଜୟିନୀ

ଆଚାର୍ଯ୍ୟା ଡ. ସୁମେଧା,
ଚୋଟିପୁରା କନ୍ୟା ଗୁରୁକୁଳ (ଉତ୍ତରପ୍ରଦେଶ)

ଆଚାର୍ଯ୍ୟା ଡ. ପ୍ରୀତି,
ବାରାଣସୀ କନ୍ୟା ଗୁରୁକୁଳ (ଉତ୍ତରପ୍ରଦେଶ)

ଆଚାର୍ଯ୍ୟା ଡ. ଧାରଣା, ଶିବଗଞ୍ଜ କନ୍ୟା
ଗୁରୁକୁଳ (ରାଜସ୍ଥାନ)



ଆଚାର୍ଯ୍ୟା ଡ. ନନ୍ଦିତା,
ବାରାଣସୀ କନ୍ୟା ଗୁରୁକଳ (ଉତ୍ତରପ୍ରଦେଶ)

ଆଚାର୍ଯ୍ୟା ଡ. ସୂର୍ଯ୍ୟା,
ବାରାଣସୀ କନ୍ୟା ଗୁରୁକୁଳ (ଉତ୍ତରପ୍ରଦେଶ)

ଡ. ଆଶାରାଣୀ ରାୟ, କାନପୁର,
(ଉତ୍ତରପ୍ରଦେଶ)

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ପ୍ରତିନିଧିମାନଙ୍କୁ ଅପେକ୍ଷା କରିଥିଲେ । ଦିନ ସାଢେ ଦଶଟା ବେଳେ ଚାରି, ପାଞ୍ଚଟି ଗାଡି ଏକା ସାଥିରେ ଆସିଲା । ସେଥି ମଧ୍ୟରୁ ଗୋଟିକରେ ଧୋତି, କାମିଜ ଓ ଚଦର ପିନ୍ଧିଥିବା ଜଣେ ବୟସ୍କ ଲୋକ ଓହ୍ଲାଇଲେ । ଆମେ ଜାଣିନେଲୁ ଯେ ସେ ହିଁ ପ୍ରିୟବ୍ରତ ଦାସ ଓ ତାଙ୍କ ସାଥିରେ ଥିବା ମହିଳା ଶନ୍ନୋଦେବୀ ।

କିଛି ସମୟ ପରେ ଉଦ୍ୟୋକ୍ତାମାନେ ସେ ଦୁହିଙ୍କୁ ଭୋଜନାଳୟକୁ ନେଇଗଲେ । ମୁଖ୍ୟ ଭୋଜନାଳୟ ପାଖରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଭକ୍ତ ଡ. ସୁଶାନ୍ତ ପୁଷ୍ଟି ଓ ତାଙ୍କର ସାଥୀମାନଙ୍କ ପୂର୍ଣ୍ଣ ନିରାମିଷ ଭୋଜନର ଏକ ଷ୍ଟଲ ଲଗାଇଥିଲେ । ସେମାନେ ସେଠାରେ ଏମାନଙ୍କୁ ଅଟକାଇ ଦେଲେ ଓ ଅନୁରୋଧ କଲେ ଯେ ତିନି ଦିନ ପରେ ସତ୍‌ସଙ୍ଗର ଉତ୍ସବ ଲଣ୍ଡନରେ ହେବ । ଯଦି କୌଣସି ମତେ ଦିଲ୍ଲୀ ଫେରନ୍ତା ଯାତ୍ରାକୁ ଘୁଞ୍ଚାଇ ନେଇପାରିବେ, ତାହାହେଲେ ଆପଣମାନଙ୍କ ପ୍ରବଚନ ଶୁଣି ଉପକୃତ ହେବୁ । ଦୁଇ ଜଣ ସତ୍‌ସଙ୍ଗୀ ଦୁଇ ପ୍ଲେଟ୍ ଶୁଦ୍ଧ ଶାକାହାରୀ ଭୋଜନ ଧରି ଆସିଲେ । ମୋର ମନେ ଅଛି କେତେ ଜଣ ଭକ୍ତ ଏ ଦୁହିଁଙ୍କର ଚୌକି ପାଖରେ ତଳେ ବସି ଭକ୍ତି ପ୍ରଦର୍ଶନ କଲେ । ଶନ୍ନୋଦେବୀ ଭୁବନେଶ୍ୱର ଆର୍ଯ୍ୟସମାଜ ମନ୍ଦିରରେ ବିବାହ, ଉପନୟନ ଆଦି ଅନୁଷ୍ଠାନରେ ପୌରହିତ୍ୟ କରି ଯେଉଁ ପରିବାରମାନଙ୍କର ସେବା କରିଥିଲେ, ଚାହୁଁ ଚାହୁଁ ସେପରି କେତେକ ପରିବାର ସେଠାରେ ପହଞ୍ଚିଲେ । ଯେଉଁମାନେ ତାଙ୍କର ଲିଖିତ ପୁସ୍ତକ ପଢିଥିଲେ ସେମାନେ ମଧ୍ୟ ରୁଣ୍ଡ ହେଲେ । ଭୋଜନ ସରିବା ପରେ ନଟିଂହୋମ୍‌ରେ ରହୁଥିବା ଡାକ୍ତର ନିତ୍ୟାନନ୍ଦ ପଟ୍ଟନାୟକ ତାଙ୍କ ଷ୍ଟଲ ଦେଖିବା ପାଇଁ ଅନୁରୋଧ କରି ସେଠାକୁ ସେମାନଙ୍କୁ ନେଇଗଲେ । ଡଃ ପଟ୍ଟନାୟକ ଅନେକ ବର୍ଷ ଧରି ଓଡିଶାରେ ଗୋବଧ ବନ୍ଦ ପାଇଁ ଉଦ୍ୟମ କରିଆସୁଛନ୍ତି । ସେଥିପାଇଁ ସେ ନିଜ ଆୟର ଶତକଡା ଅଶିଏ ଭାଗ ସ୍ୱେଚ୍ଛାସେବକମାନଙ୍କୁ ଓଡିଶା ପଠାନ୍ତି । ସ୍ୱେଚ୍ଛାସେବୀମାନେ ପାଞ୍ଚ ନମ୍ବର ଜାତୀୟ ରାଜପଥରେ ରାତିରେ ଜଗି କଂସେଇମାନେ ଗାଈ ଭର୍ତ୍ତି କରି ନେଉଥିବା ଟ୍ରକ ଗୁଡିକୁ ଧରି ପୋଲିସ୍ ଷ୍ଟେସନକୁ ଚାଲାନ୍ କରନ୍ତି । ଏହି ଟ୍ରକଗୁଡିକ ଗୋବଧ ପାଇଁ କଲିକତା ଯାଉଥାଏ । ଡାକ୍ତର ପଟ୍ଟନାୟକଙ୍କର ଏହି ଯଶସ୍ୱୀ କାର୍ଯ୍ୟ ପାଇଁ ଶନ୍ନୋଦେବୀ ତାଙ୍କୁ ଭୂୟସୀ ପ୍ରଶଂସା କଲେ । ଅନେକ ସମୟ ଷ୍ଟଲରେ ରହିଲେ । ଭାଷଣରେ ସେ ଏହି ବିଷୟକୁ ଏକାଧିକ ବାର ସ୍ମରଣ କରିଥିଲେ । ଶୁଣିଲି ଡଃ ପଟ୍ଟନାୟକ ଭୁବନେଶ୍ୱର ଆସିଥିବା ସମୟରେ ପ୍ରିୟବ୍ରତ ବାବୁ ଓ ଶନ୍ନୋଦେବୀ ସହିତ ପୁରୀ ଗଜପତି ମହାରାଜଙ୍କୁ ଏ ସମ୍ବନ୍ଧରେ ସାକ୍ଷାତ ଆଲୋଚନା କରିଥିଲେ ।

ଗୋଟିଏ କଥା ଲେଖିବାକୁ ଭୁଲି ଯାଇଛି । ଶନ୍ନୋଦେବୀ ଗୋରଲେଣ୍ଡ ପହଞ୍ଚିବା ପରେ ଡଃ ନିସେବିତା ଦାସଙ୍କ ବାସଭବନରେ ଖଟରୁ ପଡିଗଲେ । ତାଙ୍କର ଡାହାଣ କାନ୍ଧର ହାଡ ଭାଙ୍ଗି ଯାଇଥିଲା । ଅବଶ୍ୟ ଆଘାତ ବିଶେଷ ନଥିଲା । ବେଲ୍ଟ ଦ୍ୱାରା ହାତ ବନ୍ଧା ହୋଇଥିଲା । ଶୁଣିଲି, ସେପରି ଅବସ୍ଥାରେ ସେ ଗୋରଲେଣ୍ଡରେ ଏକ ବିବାହ ସଂସ୍କାର ସଂପନ୍ନ କରାଇଥିଲେ ଓ ଦୁଇ, ତିନୋଟି ସଭାରେ ଭାଷଣ ଦେଇଥିଲେ । ବ୍ରିଟେନ ଓଡିଶା ଉତ୍ସବରେ ସେ ଏକ ଚୌକିରେ ବସି ପ୍ରବଚନ ଦେଇଥିଲେ । ଜଣେ ମହିଳାଙ୍କଠାରୁ ଏତେ ଶାସ୍ତ୍ରବଚନ କେବେ ଶୁଣି ନଥିଲି । ଓଡିଆ ଉତ୍ସବରେ ସମସ୍ତେ ସପରିବାର ଯୋଗ ଦିଅନ୍ତି । ପିଲାମାନେ ସଭାସ୍ଥଳରେ କୋଳାହଳ କରିବା ସ୍ୱାଭବିକ । ସେମାନଙ୍କର ପାଇଁ ତ ଏ ଉତ୍ସବ ! ଶନ୍ନୋଦେବୀ ଭାଷଣ ପୂର୍ବରୁ ଗମ୍ଭୀର ଓ ସୁଲଳିତ କଣ୍ଠରେ କେତେକ ବେଦମନ୍ତ୍ର ପାଠ କଲେ । ସେତେବେଳେ ପିଲାଙ୍କ କୋଳାହଳ ଏକାବେଳେକେ ବନ୍ଦ ହୋଇଗଲା । ସଭାସ୍ଥଳ ସଂପୂର୍ଣ୍ଣ ନୀରବ । କେତେକ ଓଡିଆ ପରିବାରର ପୁଅଝିଅମାନେ ଇଂରେଜମାନଙ୍କୁ ବିବାହ କରିଛନ୍ତି । ଏହି ଇଂରାଜୀ ବୋହୂ ଅଥବା ଜ୍ୱାଇଁମାନେ ହଲ୍‌ର ଆଗ ସିଟ୍‌କୁ ଯାଇ ବସିବା ଆରମ୍ଭ କଲେ । ସତେ ଯେପରି

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ସେମାନେ ଭାରତ-ଦର୍ଶନ କରୁଛନ୍ତି ! ଶନ୍ନୋଦେବୀଙ୍କ ଭାଷଣ ପରେ ସେମାନେ ତାଙ୍କୁ ଗଭୀର କୃତଜ୍ଞତା ଜଣାଇଥିଲେ ।

ଶନ୍ନୋଦେବୀ ସେଦିନ କେତେକ ବ୍ୟବହାରିକ କଥା କହିଥିଲେ । ସୁନ୍ଦର ରୀତିରେ ମାଆର ଗୌରବ ବର୍ଣ୍ଣନା କରିଥିଲେ । ଦଶଜଣ ସାଧାରଣ ଶିକ୍ଷକଙ୍କ ସହିତ ଜଣେ ନୀତିବାନ ଆଚାର୍ଯ୍ୟ ସମାନ । ଶହେ ଆଚାର୍ଯ୍ୟଙ୍କ ସହିତ ଜଣେ କର୍ତ୍ତବ୍ୟପରାୟଣ ପିତା ସମାନ ଓ ଏକ ସହସ୍ର ପିତା ସଙ୍ଗେ ଜଣେ ବୁଦ୍ଧିମତୀ ଓ ଗୁଣବତୀ ମାଆ ସମାନ । ଏଥିପାଇଁ ସେ ଗୋଟିଏ ଶ୍ଳୋକର ଅର୍ଥ ବୁଝାଇଥିଲେ । ମାଆ ହେଉଛି ସନ୍ତାନର ପ୍ରଥମ ବିଦ୍ୟାଳୟ । ସେହି ବିଦ୍ୟାଳୟରେ ପୁଅଝିଅମାନେ ଶୁଦ୍ଧ ଭାବରେ ମାତୃଭାଷା ଉଚ୍ଚାରଣ କରିବା, ଶୋଭନୀୟ ଆଚରଣ ଶିଖନ୍ତି । ଅଧିକ ବୁଝାଇବାକୁ ଯାଇ ସେ ସଂସାରର ଅନେକ ମହାପୁରୁଷ ଓ ବୈଜ୍ଞାନିକମାନଙ୍କର ଜୀବନୀର ଉଦାହରଣ ଦେଇଥିଲେ ।

ମାଆମାନଙ୍କର ଉଦ୍ଦେଶ୍ୟରେ ସେ କେତେକ ଉପାଦେୟ ଉପଦେଶ ପ୍ରଦାନ କରିଥିଲେ । ଗର୍ଭବତୀ ମାଆ ଗର୍ଭସ୍ଥ ସନ୍ତାନକୁ ଅଧିକ ସଂସ୍କାର ଦେଇପାରେ । ସନ୍ତାନ ଜନ୍ମ ହେବା ପରେ ତା'ଠାରେ ମାଆର ନିୟନ୍ତ୍ରଣ ଅଧିକ ରହେନାହିଁ । ଗର୍ଭବତୀ ମାଆ ଯାହା ଖାଏ, ତାହା ଗର୍ଭସ୍ଥ ଶିଶୁର ଖାଦ୍ୟ । ସେ ଯାହା ଭାବେ, ତାହା ଗର୍ଭସ୍ଥ ଶିଶୁର ଭାବନା । ସେ ଏଥିପାଇଁ ନେପୋଲିଅନ, ବିସ୍ମାର୍କ, ଅଭିମନ୍ୟୁ ଆଦି ଐତିହାସିକ ପୁରୁଷଙ୍କ ଉଦାହରଣ କହିଥିଲେ । ନାରୀକୁ ଅନନ୍ତ ସଦ୍‌ଗୁଣର ଭଣ୍ଡାର ରୂପରେ ବର୍ଣ୍ଣନା କରିଥିଲେ ।

ଭାରତ ବାହାରେ ଭାରତୀୟ ମହିଳାମାନେ ସେମାନଙ୍କର ଭୋଜନ ଓ ପୋଷାକର ସ୍ୱାତନ୍ତ୍ର୍ୟ ରଖନ୍ତି । ଏହାକୁ ସେ ଆନନ୍ଦର ବିଷୟ ବୋଲି କହିଥିଲେ । ଏହା ସହିତ ସେମାନେ ଯଦି ଭାରତୀୟ ଶିଷ୍ଟାଚାର ବଜାୟ ରଖନ୍ତେ, ତାହାହେଲେ ବିଦେଶୀମାନେ ମଧ୍ୟ ଭାରତୀୟ ସଂସ୍କୃତି ପ୍ରତି ଆକୃଷ୍ଟ ହୁଅନ୍ତେ । ହିନ୍ଦୁଧର୍ମର ଅଧୋଗତି ପାଇଁ ସେ ଦୁଃଖ ପ୍ରକାଶ କରିଥିଲେ । ବେଦରେ ଉପଦେଶ ଦିଆଯାଉଥିବା ଏକେଶ୍ୱର ପ୍ରାର୍ଥନା ବଦଳରେ ଆଜିକାଲି ଶହ ଶହ କଳ୍ପିତ ଦେବଦେବୀଙ୍କର ପ୍ରତିମା ପୂଜା ହେଉଛନ୍ତି । ଭାଗ୍ୟବାଦ ବଢୁଛି । ଜନ୍ମଗତ ଜାତିପ୍ରଥା ପ୍ରବଳ ହୋଇଛି । ଏସବୁ ବେଦବିରୁଦ୍ଧ । ସଭାରେ ସେ ତାଙ୍କ ଆମେରିକା, ମୋରିଶସ୍ ଆଦି ଯାତ୍ରାର ଅନୁଭୂତି ବର୍ଣ୍ଣନା କରିଥିଲେ । ମୋର ସୌଭାଗ୍ୟ ଯେ ଦିନ ଯାକ ତାଙ୍କର ସେବାରେ ରହିଥିଲି ଓ ତାଙ୍କ ଚାଲିଚଳନରୁ ଅନେକ ଶିଖିଲି ।

ବେଂଚ୍ଲି, ମିଡ୍‌ଲେକ୍ସ, ଇଂଲଣ୍ଡ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ବୈଦିକ ନାରୀଙ୍କ ରଚିତ 'ବେଦରେ ନାରୀ'

ଶ୍ରୀମତୀ ମମତା ମହାପାତ୍ର

ସୁଲେଖିକା ଡଃ ଶକୁନ୍ତଳା ବଳିୟାର ସିଂ ଙ୍କ ସହିତ ଶନ୍ନୋଦେବୀଙ୍କୁ ପ୍ରଥମ ଥର ସାକ୍ଷାତ କରିଥିଲି ତାଙ୍କର ଭୁବନେଶ୍ୱର ଶହୀଦନଗରସ୍ଥିତ ବାସଭବନରେ । ବୈଦିକ ପରିବାରର ପ୍ରାତଃକାଳୀନ ଯଜ୍ଞର ସୁଗନ୍ଧିତ ସୁବାସର ବାସ୍ନା ଥମି ଆସୁଥିଲା । ବୈଠକ କୋଠରୀରେ ଶୋଭା ପାଉଥିବା ଅନେକ ଆଲମିରାରେ ଶାସ୍ତ୍ରୀୟ ପୁସ୍ତକ ଭରି ରହିଥିଲା । ସାରସ୍ୱତ ସାଧନାର ଆଦର, ସମ୍ମାନ ଓ ପୁରସ୍କାର ସ୍ମୃତି ବହନ କରି କୋଠରୀ କାନ୍ଥରେ ଦେଶବିଦେଶର ଅନେକ ଫଟୋ ଶୋଭା ପାଉଥିଲା । ଅଭିବାଦନ ଓ ପରିଚୟ ପରେ ଶନ୍ନୋଦେବୀ ଆମ ଉଭୟଙ୍କୁ ଘର କାନ୍ଥରେ ଲଗାଯାଇଥିବା ଜଣେ ଯୋଗାରୂଢ଼, ପଦ୍ମାସନରେ ଉପବିଷ୍ଟ ସାଧକଙ୍କର ଚିତ୍ର ନିକଟକୁ ନେଇ କହିଲେ – 'ଯେ ଥିଲେ ମୋର ଶ୍ୱଶୁର, ଯେ ଥିଲେ ମୋର ଧାର୍ମିକ ଗୁରୁ ।' ଆମ ହାତକୁ ସେ ନିଜ ରଚିତ 'ବେଦପାଠ ଓ ବୈଦିକ କର୍ମକାଣ୍ଡରେ ନାରୀର ଅଧିକାର' ପୁସ୍ତକଟିଏ ବଢାଇଦେଲେ । ପୁସ୍ତକର ଆଦ୍ୟ ପୃଷ୍ଠାରେ ହିଁ ସେହି ମହାତ୍ମାଙ୍କର ସେହି ଚିତ୍ରଟି ଦେଖିଲୁ । ଆଉ ଫଟୋ ତଳେ ଲେଖିକାଙ୍କର ସମର୍ପଣ ଆବେଦନର ଛଅ ଧାଡିରୁ ଗୋଟିଏ – 'ବାବା ! ମାଟି ତିଆରି ଦୁର୍ଗା ଆଜି ପୂଜା ପାଉଛନ୍ତି, ପରନ୍ତୁ ଜୀବନ୍ତ ଦୁର୍ଗାମାନେ ଲାଞ୍ଛିତ ଓ ଅପମାନିତ' । ଏହି ଧାଡିତକ ପଢି ସାରି ମୁଁ ତାଙ୍କ ଆଡକୁ ଅନାଇଲି । ସେ ଜଣେ ଜୀବନ୍ତ ଦୁର୍ଗା ହୋଇ ଦୀର୍ଘ ପଚାଶ ବର୍ଷ ଧରି ବେଦବର୍ଣ୍ଣିତ ନାରୀର ଅପରାଜିତା ସ୍ୱରୂପକୁ ଦେଶବିଦେଶରେ ପ୍ରଚାର କରିଆସୁଛନ୍ତି ।

ପନ୍ଦର ବର୍ଷ ବୟସରେ କୁମୁଦିନୀ ଆସିଥିଲେ ଶାଶୁଘରକୁ । ବିବାହିତ ହୋଇଥିଲେ ସେ କାଳର ବିଲାତ ଫେରନ୍ତା ଇଂଜିନିୟର ପ୍ରିୟବ୍ରତଙ୍କୁ । ଧାର୍ମିକ ଘରୁ ଆସିଥିଲେ, ପରନ୍ତୁ ସେହି ଧର୍ମବିଚାରରେ ନାନା ଅନ୍ଧବିଶ୍ୱାସ ପୂରି ରହିଥିଲା । ଶାଶୁଘର ପୂରା ବୈଦିକ, ଆର୍ଯ୍ୟ ବିଚାରଧାରା । ଆତ୍ମଜୀବନୀରେ ସେ ଲେଖିଛନ୍ତି – 'ଶାଶୁଘରକୁ ଆସିବା ପରେ ମୋର ଚତୁର୍ଥୀ ବିଧାନ ବା ନିମିତ୍ତ ଘର ଦେଢ ବର୍ଷ ବିଳମ୍ବରେ ହୋଇଥିଲା । ଆଜି ସେହି କଥା ଶୁଣି ପାଠକମାନେ ବିସ୍ମିତ ହେବେ । ମୁଁ ମଧ୍ୟ ଆଜି ତାକୁ ମନେପକାଇ ନିଜକୁ ଧନ୍ୟ ମନେ କରୁଅଛି । ମୁଁ ଅନୁଭବ କରୁଅଛି ଯେ ସେହି ଦେଢ଼ ବର୍ଷ ଭିତରେ ମୋର ଧାର୍ମିକ ଜୀବନର ଭିତ୍ତି ସ୍ଥାପିତ ହୋଇଥିଲା । ଧର୍ମ ବିଷୟରେ ମୋର ସଂକୀର୍ଣ୍ଣ ବିଚାର ଦୂର ହେଲା । ମାନବ ଜାତିର ପ୍ରଥମ ଓ ପବିତ୍ର ବେଦଜ୍ଞାନ ସହିତ ମୁଁ ପରିଚିତ ହେଲି । ବେଦର ସାର୍ବଭୌମ ଓ ସର୍ବକାଳୀନ ଭାବନା ମୋର ଦୃଷ୍ଟିପଥକୁ ଆଲୋକିତ କଲା । ବେଦ ହିଁ ନାରୀ ଜୀବନର ଗୌରବକୁ ପ୍ରତିଷ୍ଠା କରିଛନ୍ତି । ମନୁଷ୍ୟଙ୍କ ମଧ୍ୟରେ ଉଚ୍ଚନୀଚ ଭେଦଭାବ କଳ୍ପନା କରିନାହାନ୍ତି । ସେତେବେଳେ ନାରୀଜନ୍ମ ପାଇଁ ମୁଁ ନିଜକୁ ଗୌରବାନ୍ୱିତ ମନେ କଲି ।" (ସ୍ମୃତି ବାତାୟନେ ପୃ ୧୧)

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ବେଦଶିକ୍ଷା ଲାଭ କରି କୁମୁଦିନୀ ହେଲେ ଶନ୍ନୋଦେବୀ । ସେହି ନାମରେ ସେ ଅଠର ବର୍ଷ ବୟସରୁ 'ସମାଜ' ଓ 'ପ୍ରଜାତନ୍ତ୍ର' ସେ କାଳର ଦୁଇ ପ୍ରସିଦ୍ଧ ଦୈନିକ ପତ୍ରିକାରେ ଲେଖିଲେ । ରାଜ୍ୟ ମହିଳା ସଶକ୍ତୀକରଣର ଶାସ୍ତ୍ରୀୟ ବାଟ ଦେଖାଇଲେ । ଅଳ୍ପ ସମୟ କଥାବାର୍ତ୍ତା ପରେ ଆମେ ସେଠାକୁ ଆସିବାର ଅଭିପ୍ରାୟ କହିଲୁ । 'ଯୁଗଶ୍ରୀ ଯୁଗନାରୀ' ପାଇଁ ସାକ୍ଷାତ୍‌କାର କାର୍ଯ୍ୟକ୍ରମ ସରିଲା । ପରେ ତାଙ୍କ ଦ୍ୱାରା ସଂଚାଳିତ 'ବୈଦିକ ଅନୁସନ୍ଧାନ ପ୍ରତିଷ୍ଠାନ' ଦ୍ୱାରା ପ୍ରକାଶିତ ଅମୂଲ୍ୟ ବୈଦିକ ଗ୍ରନ୍ଥଗୁଡିକୁ ଦେଖିଲୁ । ବେଦ, ଉପନିଷଦ, ଦର୍ଶନ, ବିବାହାଦି କର୍ମକାଣ୍ଡ, ଭ୍ରମଣ କାହାଣୀ, ଜୀବନୀ ବିଷୟରେ ପ୍ରାୟ ଚାଳିଶ ଖଣ୍ଡ ମୂଲ୍ୟବାନ ପୁସ୍ତକର ପ୍ରକାଶିକା ଶନ୍ନୋଦେବୀ । ସେ ସବୁ ପୁସ୍ତକ ମଧ୍ୟରୁ ତାଙ୍କ ଲିଖିତ 'ବେଦରେ ନାରୀ' ପୁସ୍ତକଟି ଲୋଭର ସହିତ ହାତରେ ଧରିଲି । ସେ ମୋତେ ଉପହାର ଦେଇ କହିଲେ – 'ଚାରିବେଦରେ ଥିବା ପ୍ରାୟ କୋଡିଏ ହଜାର ମନ୍ତ୍ର ମଧ୍ୟରୁ ବର୍ଷ ବର୍ଷ ଧରି ନାରୀ ଗୌରବ ସମ୍ବନ୍ଧୀୟ ମାତ୍ର ତେଷଠିଟି ମନ୍ତ୍ର ବାଛି ସେସବୁର ଉଚ୍ଚ ଭାବନା ପୁସ୍ତକରେ ସ୍ଥାନିତ କରିଛି । ବେଦ ତ ସଂସ୍କୃତ ଭାଷାରେ ଲେଖାଯାଇନାହିଁ । ବେଦର ଗୋଟିଏ ଗୋଟିଏ ପଦର ଅର୍ଥ ଅନେକ ଯେପରି 'ଗୋ' ଶବ୍ଦର ଅର୍ଥ ବାଣୀ, ପୃଥିବୀ, ସୂର୍ଯ୍ୟକିରଣ, ଗୋ-ପଶୁ ଇତ୍ୟାଦି । ବେଦ ମାନବଜାତି ପାଇଁ ପରମାତ୍ମାଙ୍କର ବାଣୀ । ବେଦ ସବୁ ସୃଷ୍ଟିରେ ସମାନ । ସୃଷ୍ଟି ଆରମ୍ଭରୁ ସେତିକି ମଣ୍ଡଳ, ଅଧ୍ୟାୟ ଓ ମନ୍ତ୍ର । ବେଦର ଭାଷା ବୈଦିକ । ଈଶ୍ୱରଙ୍କ ବାଣୀରେ କିଛି ମିଶାଇବା ମନୁଷ୍ୟ ପକ୍ଷରେ ସମ୍ଭବ ନୁହେଁ । ସୃଷ୍ଟିକୁ ବୁଝିବା ନିମନ୍ତେ ଯେପରି ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ନକ୍ଷତ୍ର ବିଦ୍ୟା ପଢ଼ାଯାଏ; ସେହିପରି ସୃଷ୍ଟିଜ୍ଞାନ ବେଦକୁ ଜାଣିବା ନିମନ୍ତେ ନିରୁକ୍ତ, ନିଘଣ୍ଟୁ, ଶିକ୍ଷା, କଳ୍ପ, ବ୍ୟାକରଣ ଆଦି ଶାସ୍ତ୍ର ପଢ଼ିବା ଆବଶ୍ୟକ । ବେଦରେ ଗୃହସ୍ଥାଶ୍ରମରେ କିପରି ଚଳିବ, ବ୍ରହ୍ମଚାରୀ, ସନ୍ନ୍ୟାସୀ ଓ ବାନପ୍ରସ୍ଥୀମାନଙ୍କ କର୍ତ୍ତବ୍ୟ-ଅକର୍ତ୍ତବ୍ୟ ବିଷୟରେ ସାର କଥା ଲେଖାଯାଇଛି ।'

ଶନ୍ନୋଦେବୀ ଉପହାର ଦେଇଥିବା 'ବେଦରେ ନାରୀ' ପୁସ୍ତକଟିର ଭୂମିକା ଏତେ ସାରଗର୍ଭକ ଯେ ତାହା ପାଠ କରିବା ପରେ ଜଣାଯାଏ ଯେ ନାରୀ ସମ୍ବନ୍ଧରେ ବେଦର ପବିତ୍ର ବିଚାର କାଳଗତିରେ ବିକୃତ ହୋଇଯାଇଛି । କାଳକ୍ରମେ ନାରୀଶିକ୍ଷା ଯେତେବେଳେ ସମାଜରେ ଅବରୁଦ୍ଧ ହୋଇଗଲା, ସେତେବେଳେ ନାରୀ ନିଜର ଅଜ୍ଞାତାବଶତଃ ଜୀବନ ନିର୍ବାହ ପାଇଁ ପୁରୁଷର ବଶବର୍ତ୍ତିନୀ ହେଲା । ସେ ନିଜର ଜନ୍ମସିଦ୍ଧ ଅଧିକାରକୁ ହରାଇ ବସିଲା । ଭାଗବତ ପୁରାଣ ଲେଖିଲେ – 'ନାରୀକୁ ବିଶ୍ୱାସ କରି ପୁରୁଷ ଦୁଃଖରେ ପଡେ । ତାହାର ବାଣୀ ମଧୁର; ପରନ୍ତୁ ହୃଦୟ ହଳାହଳ ବିଷ । ସ୍ତ୍ରୀ ଓ ଶୂଦ୍ର ବେଦପାଠ କରିବେ ନାହିଁ ଓ ବେଦମନ୍ତ୍ର ଶୁଣିବେ ନାହିଁ ।' ସନ୍ଥ ତୁଳସୀ ଦାସ ମଧ୍ୟ ନାରୀ ବିଦ୍ୱେଷୀ ମନ୍ତବ୍ୟ ଦେଲେ – 'ଢ଼ୋଲ, ମୂର୍ଖ, ଶୂଦ୍ର, ପଶୁ ଓ ନାରୀ – ଏମାନେ ସବୁବେଳେ ତାଡନାଯୋଗ୍ୟ । ଶଙ୍କରାଚାର୍ଯ୍ୟଙ୍କ ନାମରେ ଏକ ପୁସ୍ତକ 'ପ୍ରଶ୍ନୋତ୍ତରୀ'ରେ ଲେଖାଅଛି – 'ନରକର ଦ୍ୱାର ହେଉଛି ନାରୀ' । ଏପରି ଭାବରେ ଅନ୍ୟ ସଂପ୍ରଦାୟରେ ମଧ୍ୟ ନାରୀମାନଙ୍କ ପ୍ରତି ପକ୍ଷପାତୀ ବିଚାର କରାଗଲା । ମୁସଲମାନ ଧର୍ମଗ୍ରନ୍ଥରେ ନାରୀକୁ ପୂଜାପାଠରୁ ବଞ୍ଚିତ କରାଗଲା । ଖ୍ରୀଷ୍ଟଧର୍ମୀମାନେ ବହୁ କାଳ ପର୍ଯ୍ୟନ୍ତ ନାରୀଠାରେ ଜୀବନ ଥିବା ବିଶ୍ୱାସ କରୁ ନଥିଲେ ଓ ବହୁ ସମୟ ପର୍ଯ୍ୟନ୍ତ ନାରୀମାନଙ୍କୁ ଭୋଟ ଦେବାର ଅଧିକାର ଦେଇ ନଥିଲେ ।

ରାଜା ରାମମୋହନ ରାୟ, ଦୟାନନ୍ଦ ସରସ୍ୱତୀ, ସ୍ୱାମୀ ବିବେକାନନ୍ଦ ଆଦି ମହାପୁରୁଷମାନେ ନାରୀର ଅବସ୍ଥା ଉଦ୍ଧାର କରିବା ପାଇଁ ପ୍ରଯତ୍ନ କରିଥିଲେ ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ବେଦରେ ନାରୀକୁ ଅରଣ୍ୟାନୀ (ସନ୍ନ୍ୟାସିନୀ), ଇଡା (ପ୍ରଶଂସନୀୟା), ପୁଣ୍ୟଗନ୍ଧା (ସେନାପତି), ଘୃତବତୀ (ତେଜସ୍ୱରୂପା), ଚନ୍ଦ୍ରା (ଆନନ୍ଦଦାତ୍ରୀ), କୁଳପା (କୁଳ ରକ୍ଷିକା), ପୁଣ୍ୟଗନ୍ଧା (ଯଶସ୍ୱିନୀ), ପୁରନ୍ଧି (ସମାଜର ନେତ୍ରୀ), ପୂଷା (ପୋଷିକା), ପ୍ରତରିଣୀ (ଗୃହର ନୌକା), ମହୀ (ପୂଜନୀୟା), ରାସ୍ନା (ଦାନଶୀଳା), ଶିବା (ମଙ୍ଗଳ କାରିଣୀ), ସୁଶେବା (କଲ୍ୟାଣ ପ୍ରଦା), ସ୍ତୋମପୃଷ୍ଠା (ସ୍ୱାଧ୍ୟାୟଶୀଳା), ହବ୍ୟା (ଅଭିନନ୍ଦନୀୟା), ଇଷ୍ଟକା (ସହିଷ୍ଣୁ ଦେବୀ), ଦୁର୍ବା (କୁଳ ସଂବର୍ଦ୍ଧିନୀ) ଆଦି ସମ୍ମାନୀୟ ନାମରେ ସଂବୋଧନ କରାଯାଇଛି । 'ବେଦରେ ନାରୀ' ପୁସ୍ତକରେ ଏସବୁ ନାମର ସାର୍ଥକତା ବର୍ଣ୍ଣନା କରାଯାଇଛି ।

ଏହି ଗ୍ରନ୍ଥରନ୍ଦରେ ତେଷଠି ବିଷୟରେ ତେଷଠି ମନ୍ତ୍ରର ହୃଦୟସ୍ପର୍ଶୀ ବ୍ୟାଖ୍ୟା କରାଯାଇଛି । ବିଷୟଗୁଡିକ ମଧ୍ୟରେ 'ବ୍ରହ୍ମଚାରିଣୀର ବିବାହ', 'ପରିଶ୍ରମୀ କନ୍ୟା', 'ପିତୃକୁଳରୁ ପତିକୁଳ', 'ଧର୍ମପତ୍ନୀ', 'ସୁମଙ୍ଗଳୀ ବଧୂ', 'ବଧୂଯାତ୍ରା', 'ଅନୁପମ ଯୌତୁକ', 'କନ୍ୟାକୁ ମାତାଙ୍କର ଉପଦେଶ', 'ଗୃହିଣୀର ଚାରି କର୍ତ୍ତବ୍ୟ', 'ମଧୁସିକ୍ତ ଦୃଷ୍ଟି', 'ଦୁଃଖହାରିଣୀ', 'ଗୃହିଣୀ ହିଁ ଗୃହ', 'ଗୃହପତ୍ନୀର ଦୈନିକ ଅଗ୍ନିହୋତ୍ର', 'କୁଟୁମ୍ବର ସମ୍ରାଜ୍ଞୀ', 'ଗର୍ଭଧାରିଣୀ', 'ପରିବାରର ପତାକା', 'ପୂର୍ଣ୍ଣିମା', 'ଚିର ଜାଗରୂକା', 'ଅବିଚ୍ଛିନ୍ନ ଦମ୍ପତି', 'ନାରୀର ଶୀଳତା', 'ଶୋଧିକା ମାତା', 'ସନ୍ତାନମାନଙ୍କର ନାଭି', 'ବହିପତ୍ନୀରୁ ଦୁଃଖ', 'ଜୁଆରିର ଅଭାଗିନୀ ପତ୍ନୀ' ଇତ୍ୟାଦି କେତେ ଯେ ହୃଦୟସ୍ପର୍ଶୀ ବ୍ୟାଖ୍ୟାନ !

ବେଦମନ୍ତ୍ରରୁ ନିନାଦିତ ହେଉଥିବା ନାରୀ ଗୌରବ ଏହି ପୁସ୍ତକରେ ଦକ୍ଷତାର ସହିତ ଚିତ୍ରିତ ହୋଇଛି । ତନ୍ମଧ୍ୟରୁ କେତୋଟି ବ୍ୟାଖ୍ୟା ଏଠାରେ ଉଲ୍ଲେଖ କରାଯାଇଛି । "ଏହି କାମାତୁର ଭୀରୁ ମୋତେ ଅବଳା ମନେ କରି ଆତଙ୍କିତ କରୁଅଛି । ସେ ଦୁରାଚାରୀ ମୋର ଲଜ୍ଜାଶୀଳତାକୁ ଦୁର୍ବଳତା ବୋଲି ମନେ କରୁଅଛି । ମୁଁ ବୀରଙ୍ଗନା ଓ ବୀର ସନ୍ତାନମାନଙ୍କର ମାତା । ମୋର ପତି ଐଶ୍ୱର୍ଯ୍ୟଶାଳୀ ଓ ପରାକ୍ରମୀ । ମୋର ପତିବ୍ରତ ଧର୍ମ ପାପୀର ପାପକୁ ଅଗ୍ନିସଦୃଶ ଭସ୍ମୀଭୂତ କରେ । ଚରିତ୍ରହୀନ ପୁରୁଷ ପାଖରେ ତିଳେ ହେଲେ ଆତ୍ମବଳ ନଥାଏ ।" (ପୃଷ୍ଠା ୬୩) । "ରୂପ, ଗନ୍ଧ ଓ ପ୍ରମୋଦ – କେବଳ ଏହି ତିନୋଟି ଗୁଣ ନାରୀକୁ ବିଳାସିନୀ ଓ ଅଭିମାନିନୀ କରେ । ସେହି କାରଣରୁ ହେ ଗୃହିଣୀ ! ବାହ୍ୟ ସୌନ୍ଦର୍ଯ୍ୟ ସହିତ ତୁମେ ଚରିତ୍ରବାନ୍ ହୁଅ । ତୁମର ବିଶେଷତା ହେଉଛି ଲଜ୍ଜା, ସଂଯମ ଓ ପବିତ୍ରତା । ଏହି ଶ୍ରେଷ୍ଠାଚରଣ ତୁମର ବୈଶିଷ୍ଟ୍ୟ" (ପୃଷ୍ଠା ୫୫) । "ଗୃହିଣୀ ହିଁ ଗୃହ । ପତ୍ନୀର ଉପସ୍ଥିତିରେ ବୃକ୍ଷମୂଳ ସୁଦ୍ଧା ସୁନ୍ଦର ଗୃହରେ ପରିଣତ ହୁଏ । ଅନ୍ୟ ପକ୍ଷରେ ଗୃହିଣୀ ନ ଥିବା ନଭଶ୍ଚୁମ୍ବୀ ଅଟ୍ଟାଳିକା ମଧ୍ୟ ଗୃହ ପଦବାଚ୍ୟ ନୁହେଁ । ପତ୍ନୀର ସତୀତ୍ୱ, କର୍ମ କୁଶଳତା, ପବିତ୍ରତା ଓ ଆକର୍ଷଣ ଗୃହର ସର୍ବସ୍ୱ । ତାହାର ଆଶୀର୍ବାଦରୁ ବଂଶ ପରମ୍ପରା ସୁରକ୍ଷିତ ରହେ । ସେ ସରସତା, ସୌମ୍ୟତା, ପ୍ରୀତି ଓ ମାଧୁର୍ଯ୍ୟର ଭଣ୍ଡାର" । "ନବଦମ୍ପତି ବିବାହବେଦିରୁ ଅଗ୍ନି ସଂଚୟନ କରେ । ପତିଗୃହର ଯଜ୍ଞଶାଳାରେ ସ୍ଥାପନ କରି ସେହି 'ଗାର୍ହପତ୍ୟ ଅଗ୍ନି' ପତିପତ୍ନୀଙ୍କର ବିବାହ ପ୍ରତିଜ୍ଞାର ପ୍ରତୀକ ହୋଇରହେ । ତାହା ସେମାନଙ୍କର ଦାଂପତ୍ୟ ଜୀବନର ଶୁଭ ଆଦର୍ଶ । ପତ୍ନୀ ପ୍ରତ୍ୟେକ ଆହୁତି ଶେଷରେ କହନ୍ତି – 'ହେ ପ୍ରଭୋ । ମୋତେ ସ୍ୱାହାକାରିଣୀ ମେଧା ପ୍ରଦାନ କରନ୍ତୁ । ମୋ' ହୃଦୟରେ ଉତ୍ସାହ, ଦୃଢ଼ତା ଓ ଶିବ ସଂକଳ୍ପ ପୂର୍ଣ୍ଣ ହେଉ । ମୁଁ ବିଶ୍ୱଯଜ୍ଞର ରକ୍ଷକ ସଦୃଶ । ମୁଁ ବିଶ୍ୱସ୍ରଷ୍ଟାଙ୍କ ଠାରେ ସଂପୂର୍ଣ୍ଣ ସମର୍ପିତ ।" (ପୃଷ୍ଠା ୪୧) । "ମୁଁ କୁଟୁମ୍ବର ପତାକା ଅଟେ । ମୋର ଉପସ୍ଥିତିରେ ପରିବାରର ବୈଭବ ପ୍ରତିଷ୍ଠିତ ହୁଏ । ମୁଁ ରାଷ୍ଟ୍ରଧ୍ୱଜ ପରି ଗୃହର ସମ୍ମାନ ବୃଦ୍ଧି କରେ । ମୋର ସଦ୍‌ଗୁଣ, ଶିଷ୍ଟାଚାର ଓ କର୍ତ୍ତବ୍ୟ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ବୋଧ ଆମ ପରିବାରର କୀର୍ତ୍ତି ବିସ୍ତାର କରେ । ମୁଁ ବୀରାଙ୍ଗନା ଓ ସଂକଳ୍ପବଦ୍ଧ । ମୋ' ଗର୍ଭରୁ ବୀର ସନ୍ତାନ ଜନ୍ମଲାଭ କରି ମାତୃଭୂମିକୁ କୀର୍ତ୍ତିମୟ କରନ୍ତି । ମୁଁ ପାପ ପ୍ରତି କଠୋର ଓ ପୁଣ୍ୟ ପ୍ରତି ସଦୟ ।" (ପୃଷ୍ଠା ୪୯) ।

"କୁଟୁମ୍ବ ଏକ କୁମ୍ଭ ବା କଳସ । ସେହି କୁମ୍ଭରେ ସ୍ନେହ, ପ୍ରୀତି, କରୁଣା, ବାତ୍ସଲ୍ୟ, ଭକ୍ତି ଆଦି ଅମୃତ ରସ ଥାଏ । ନାରୀ ସେହି କଳସକୁ ସବୁବେଳେ ପୂର୍ଣ୍ଣ ରଖେ । ସେ ରୋଗୀକୁ ସ୍ୱାସ୍ଥ୍ୟ, ବୁଭୁକ୍ଷୁକୁ ଭୋଜନ, ତୃଷାର୍ତ୍ତକୁ ଜଳ, ବୋଧହୀନକୁ ବୋଧ, ଅଜ୍ଞାନୀକୁ ଜ୍ଞାନ, ଘୃଣାକାରୀକୁ ପ୍ରେମ ବିତରଣ କରେ । ସେ ହିଁ ଗୃହରେ ସଂହତି ସ୍ଥାପନ କରେ । ତାହାର ଅସୀମ ଧୈର୍ଯ୍ୟ ଓ ସାବଧାନ ଯୋଗୁଁ ଗୃହରେ ଶାନ୍ତି ବିରାଜିତ ହୁଏ । ଫଳରେ ଗୃହରୂପୀ କଳସରେ ଅମୃତ ଭରି ରହିଯାଏ ।" (ପୃଷ୍ଠା ୫୧) "ହେ ଗୃହବଧୂ! ତୁମେ ଏହି ପତିଗୃହକୁ ଅତିଥି ଭାବରେ ଆସିନାହିଁ । ଗୃହପତ୍ନୀ ଓ ଗୃହସ୍ୱାମିନୀର ଗୁରୁ ଦାୟିତ୍ୱ ବହନ କରିବା ପାଇଁ ଏଠାରେ ପ୍ରବିଷ୍ଟା ହୋଇଛି । ଗୃହ ତୁମର ସାମ୍ରାଜ୍ୟ । ସେଠାରେ ବାସ କରୁଥିବା ପତି, ଶ୍ୱଶୁର, ଶାଶୁ, ନଣନ୍ଦ - ଏ ସମସ୍ତେ ତୁମର ପ୍ରଜା । ସେମାନେ ତୁମଠାରୁ ଅନୁପମ ରାଜସ୍ୱ ଚାହାନ୍ତି । ତାହା ହେଉଛି ଅସୀମ ଧୈର୍ଯ୍ୟ, ସହନଶୀଳତା ଓ ସେବା । ଗୃହଦ୍ୱାରକୁ ଆସୁଥିବା ଭିକ୍ଷୁକ ଏପରିକି ଗୃହପାଳିତ ପଶୁପକ୍ଷୀ ମଧ୍ୟ ତୁମଠାରୁ ସାହାଯ୍ୟ, ସହାନୁଭୂତି ଆଶା କରନ୍ତି । ତୁମେ ନିରପେକ୍ଷ, ନମ୍ର, ମଧୁର ଓ ଆତ୍ମୀୟ ଭାବନାରେ ସମସ୍ତଙ୍କର ସେବା କର । ମନେରଖ, ଗୃହସମ୍ରାଜ୍ଞୀକୁ ବିଶ୍ରାମ ଓ ବିଳାସ ପାଇଁ ମୁହୂର୍ତ୍ତଟିଏ ମଧ୍ୟ ସମୟ ମିଳେ ନାହିଁ" (ପୃଷ୍ଠା ୪୩) "ମୋର ପୁତ୍ରଗଣ ସମାଜରେ ଥିବା ଅନ୍ୟାୟୀ, ଉପଦ୍ରବକାରୀ ଓ ଦୁଷ୍ଟମାନଙ୍କୁ ପରାଭବ କରନ୍ତି । ସେମାନେ ରାଷ୍ଟ୍ରଦ୍ୱେଷୀମାନଙ୍କୁ ତାଡନା ଦିଅନ୍ତି । ପୁତ୍ରମାନଙ୍କର ଏହି କୀର୍ତ୍ତି ତୁଳନାରେ ସାଂସାରିକ ଧନ ସମ୍ପତ୍ତି ମୋ' ପକ୍ଷରେ ଅକିଞ୍ଚନ । ମୋର କନ୍ୟା ସୁଲକ୍ଷଣା ଓ ତେଜସ୍ୱିନୀ । ଏପରି କନ୍ୟାରତ୍ନ ପାଇଁ ସାଂସାରିକ ରତ୍ନମାଣିକ୍ୟକୁ ଭୁଲିଯାଏ । ମୋର ସନ୍ତାନମାନଙ୍କର ଚେଷ୍ଟା, ବାଣୀ, ଦୃଷ୍ଟି ଓ କୃତିରେ ଶୋଭନୀୟ । ସେମାନଙ୍କୁ ବାଲ୍ୟକାଳରୁ ସଦ୍ ବିଚାର, ସଦ୍ ଉଚ୍ଚାରଣ ଓ ସଦ୍ ଆଚାରର ଶିକ୍ଷା ଦେଇଛି ।" (ପୃଷ୍ଠା ୪୭)

ଏ ଯୁଗରେ ଏହି ମହୀୟସୀ ବୈଦିକ ନାରୀଙ୍କର ପବିତ୍ର ଲେଖନୀରୁ ନିଃସୃତ ଏସବୁ ଶାଶ୍ୱତ ବାଣୀ ଯାହା 'ବେଦରେ ନାରୀ' ଗ୍ରନ୍ଥ ରତ୍ନରେ ଉଦ୍‌ଘାଟିତ ହୋଇଛି, ତାହା ଓଡିଆ ଭାଷା – ସାହିତ୍ୟରେ ଚିରଭାସ୍ୱର ହୋଇ ରହିବ । ସେ ଶତାୟୁ ହୁଅନ୍ତୁ ।

ସଂପାଦିକା, 'ଯୁଗଶ୍ରୀ ଯୁଗନାରୀ'
ଶ୍ରୀକଣ୍ଠପୁର, ବାଲେଶ୍ୱର

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ରାଜଧାନୀ ଭୁବନେଶ୍ୱରରେ ଆର୍ଯ୍ୟସମାଜ ସ୍ଥାପନାରେ ଶନ୍ନୋଦେବୀଙ୍କର ଭୂମିକା

ଇଂ ବ୍ରଜବନ୍ଧୁ ପଣ୍ଡା

ରାଜଧାନୀ ଭୁବନେଶ୍ୱରରେ ଆର୍ଯ୍ୟସମାଜ ସ୍ଥାପନରେ ଶନ୍ନୋଦେବୀଙ୍କର ଭୂମିକା ସଂପର୍କରେ କିଛି ଲେଖିବା ପୂର୍ବରୁ ଉପକ୍ରମଣିକାରେ ଏହି ମହିୟସୀ ମହିଳାଙ୍କ ମହାନତା ସଂପର୍କରେ କିଛି ସୂଚନା ଦେବା ସମୀଚୀନ ହେବ । ରାମାୟଣରେ ମହର୍ଷି ବାଲ୍ମିକୀ ନାରୀର କେତୋଟି ମହାନ ଗୁଣ ନିମ୍ନ ଶ୍ଳୋକରେ ବ୍ୟକ୍ତ କରିଛନ୍ତି –

କାର୍ଯ୍ୟେଷୁ ମନ୍ତ୍ରୀ କରଣେ ଚ ଦାସୀ
ସ୍ନେହେଷୁ ମାତା କ୍ଷମାୟାଂ ଧରିତ୍ରୀ
ଧର୍ମେଷୁ ପତ୍ନୀ ଶୟନେ ଚ ବେଶ୍ୟା
ରଙ୍ଗେ ଚ ସଖୀ ସା ଲକ୍ଷ୍ମଣ ପ୍ରିୟା ମେ ।

ପତ୍ନୀ ଗୃହସ୍ଥ ଜୀବନର ସମସ୍ତ କାର୍ଯ୍ୟରେ ପତିଙ୍କୁ ସଠିକ ମନ୍ତ୍ରଣା ଦେଇ ରାଷ୍ଟ୍ର ସଞ୍ଚାଳନରେ ମନ୍ତ୍ରୀ ଯେପରି ରାଜାଙ୍କୁ ଉତ୍ତମ ମନ୍ତ୍ରଣା ଦିଏ, ସେହିପରି ଉତ୍ତମ ମନ୍ତ୍ରଣା ପ୍ରଦାନ କରି ମନ୍ତ୍ରୀର ଦାୟିତ୍ୱ ନିର୍ବାହ କରିବ । ଜଣେ ସେବିକା ତାର ପ୍ରଭୁର ଯେପରି ନିଷ୍ଠାପର ସେବା କରେ, ଗୃହସ୍ଥାଶ୍ରମରେ ପତ୍ନୀ ଜଣେ ନିଷ୍ଠାପର ଅନୁରକ୍ତ ଦାସୀ ଭାବରେ ସମସ୍ତ ପ୍ରକାର ସେବା ଶୁଶ୍ରୂଷା ପ୍ରଦାନ କରିବ । କନିଷ୍ଠଙ୍କ ଠାରୁ ଆରମ୍ଭ କରି ଜ୍ୟେଷ୍ଠଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଠିକ୍ ମାଆଙ୍କ ଭଳି ସ୍ନେହ ପ୍ରଦାନ କରି ମାତୃସ୍ନେହର ସ୍ୱାଦୁ ଉପଲବ୍ଧ କରାଇବ ଓ ମାତା ଧରିତ୍ରୀ ତୁଲ୍ୟ ଭଲ ମନ୍ଦ, ସୁଖ ଦୁଃଖ, ନିନ୍ଦା ପ୍ରଶଂସା ଆଦି ସକଳ କ୍ଷେତ୍ରରେ ଅସୀମ ଧୈର୍ଯ୍ୟ ସହ ସର୍ବସହାର ପରିଚୟ ଦେବ । କୌଣସି ଧର୍ମକାର୍ଯ୍ୟ ସଂପାଦନ କରିବାରେ ସ୍ୱାମୀଙ୍କୁ ହୃଦୟର ସହ ସହାୟତା କରି ଯଥାର୍ଥ ପତ୍ନୀର ପରିଚୟ ଦେବ । ଦାମ୍ପତ୍ୟ ଜୀବନରେ ଯୌନଜୀବନକୁ ମଧୁମୟ କରିବାରେ ଏକ ବେଶ୍ୟାତୁଲ୍ୟ ସ୍ୱାମୀଙ୍କୁ ରତିସୁଖ ପ୍ରଦାନ କରିବ । ଶେଷରେ ହସ କୌତୁକରେ ଅନ୍ତରଙ୍ଗ ସଖୀ ତୁଲ୍ୟ ଆହ୍ଲାଦ ପ୍ରଦାନ କରିବ ।

ସେହିଭଳି ମହର୍ଷି କଣ୍ୱ ଶକୁନ୍ତଳାଙ୍କୁ ଆଶ୍ରମରୁ ବିଦାୟ ଦେବା ସମୟରେ ଅଭିଜ୍ଞାନ ଶାକୁନ୍ତଳମ୍‌ରେ ମହାକବି କାଳିଦାସ ଯେଉଁ ଉପଦେଶ ଦେଇଛନ୍ତି, ସେଥିରେ କହିଛନ୍ତି –

ଶୁଶ୍ରୂଷସ୍ୟ ଗୁରୁନ୍ କୁରୁ ପ୍ରିୟ ସଖୀବୃତ୍ତି ସପତ୍ନୀ ଜନେ
ଭର୍ତ୍ତୁ ବିପ୍ର କୃତାପି ରୋଷଣ ତୟା ମା ପ୍ରତୀପଂ ଗମଃ ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଭୂୟିଷ୍ଠା ଭବ ଦକ୍ଷିଣା ପରିଜନେ ଭୋଗେଷ୍ୱଂନୁସ୍ୱେକିନୀ
ଯାନ୍ତ୍ୟେବ ଗୃହିଣୀ ପଦଂ ଯୁବତୟୋ ବାମାକୁଳ ସାଧୟ ।
(ଅଭିଜ୍ଞାନ ଶାକୁନ୍ତଳମ୍ – କାଳିଦାସ)

ହେ ଶକୁନ୍ତଳେ ! ଶାଶୁ ଶ୍ୱଶୁର ଗୁରୁଜନ ମାନଙ୍କର ସେବା ଶୁଶ୍ରୂଷାରେ ମନପ୍ରାଣ ସଂପୂର୍ଣ୍ଣ ଢ଼ାଳିଦେବ । ଅନ୍ୟ ଯାଆମାନଙ୍କ ପ୍ରତି ପ୍ରିୟସଖୀ ତୁଲ୍ୟ ବ୍ୟବହାର କରିବ । ସ୍ୱାମୀ ରାଗରୋଷରେ ଅପମାନ କରି କହିଲେ ପ୍ରତିକୂଳ ଆଚରଣ ଆଦୌ କରିବ ନାହିଁ । ଏସବୁ ନିୟମ ଯଥାରୀତି ପାଳନ କଲେ ତୁମେ ଗୃହିଣୀ ବା ଗୃହର ରାଣୀ ରୂପେ ପୂଜିତା ହେବ ।

ବେଦରେ ମଧ୍ୟ ସେହିଭଳି ଗୃହିଣୀର ୧୧ ଗୋଟି ଗୁଣର ଅବତାରଣା ନିମ୍ନ ମନ୍ତ୍ରରେ କରାଯାଇଛି –

ଇଡେ ରନ୍ତେ ହବ୍ୟେ କାମ୍ୟେ ଚନ୍ଦ୍ରେ
ଜ୍ୟୋତେଽଦିତେ ସରସ୍ୱତୀ ମହି ବିଶ୍ରୁତି
ଏତାତେ ଅଗ୍ନେ ନାମାନି ଦେବେଭ୍ୟୋଃ
ମା ସୁକୃତଂ ବୃତାତ୍ ।। (ଯଜୁ ୮/୪୩)

ବୈଦିକ ଗୃହିଣୀ ଇଡେ = ପ୍ରଶଂସନୀୟା ଗୁଣଯୁକ୍ତ, ହବ୍ୟେ = ସ୍ୱୀକାର କରିବା ଯୋଗ୍ୟା, କାମ୍ୟେ = କାମନା କରିବା ଯୋଗ୍ୟା, ଚନ୍ଦ୍ରେ = ଚନ୍ଦ୍ରମା ତୁଲ୍ୟ ଆହ୍ଲାଦଦାୟିନୀ, ଜ୍ୟୋତେ = ଉତ୍ତମ ଶୀଳଗୁଣ ସମ୍ପନ୍ନଯୋଗୁଁ ତେଜସ୍ୱିନୀ, ଅଦିତେ = ଅଖଣ୍ଡ ଚରିତ୍ର ଯୁକ୍ତା, ସରସ୍ୱତୀ = ପ୍ରଖର ବିଜ୍ଞାନବିତ୍ ବିଦୁଷୀ, ମହି = ମହନୀୟା ପୂଜନୀୟା, ବିଶ୍ରୁତି = ବିବିଧ ଗୁଣରେ ପ୍ରସିଦ୍ଧ, ବିଖ୍ୟାତ, ଅଗ୍ନେ = ଭର୍ତ୍ସନା ଓ ତାଡନା ପାଇଁ ଅଯୋଗ୍ୟ ।

ମହର୍ଷି ବାଲ୍ମିକୀ, ମହର୍ଷି କଣ୍ୱଙ୍କର ରଚନାରେ ତଥା ବେଦଶାସ୍ତ୍ରରେ ଏକ ନାରୀର ଯେଉଁ ସଦ୍‌ଗୁଣଗୁଡିକ ଉଲ୍ଲେଖ କରାଯାଇଛି, ଶନ୍ନୋଦେବୀ ଏହି ଗୁଣଗୁଡିକର ମୂର୍ତ୍ତିମନ୍ତ ପ୍ରତୀକ ବୋଲି ନିଃସନ୍ଦେହରେ କୁହାଯାଇପାରେ । ଏହା କହିବା କଦାପି ଅତିରଞ୍ଜିତ ନୁହେଁ । ସେ ଏକାଧାରରେ ପତି ପରାୟଣା, ସ୍ୱାମୀ ଅନୁରକ୍ତ, ସେବା ପରାୟଣା, ସ୍ନେହଶୀଳା, ଧୈର୍ଯ୍ୟଶୀଳା, ଧର୍ମପରାୟଣା, ବିଦ୍ୟାନୁରାଗିଣୀ, ବୁଦ୍ଧିମତୀ, ଅତିଥିପରାୟଣା, ଗୁଣବତୀ, ନିର୍ଭୀକା, ଦକ୍ଷା ଓ ଆଦର୍ଶ ଗୃହିଣୀ, ତେଜସ୍ୱିନୀ, ଜିତନ୍ଦ୍ରିୟା, ଈଶ୍ୱରପ୍ରେମୀ, ସଂସ୍କୃତିପ୍ରେମୀ, ସଂଗଠିକା, ପ୍ରେରଣାଦାତ୍ରୀ ଓ ସନ୍ତାନବତ୍ସଳା ଅଟନ୍ତି । ଉଲ୍ଲିଖିତ ଗୁଣଗୁଡିକ ପ୍ରସଙ୍ଗରେ ତାଙ୍କର ଗୋଟିଏ ଗୋଟିଏ ଉଦାହରଣ ଦେଲେ ପାଠକମାନଙ୍କ ପାଇଁ ଅତ୍ୟନ୍ତ ରୋଚକ ହେବ । ସେମାନେ ତାହା ପାଠକରି ଖୁବ୍ ପ୍ରହୃଷ୍ଟ ଓ ତୃପ୍ତ ହେବେ । ଏହା ନିଶ୍ଚିତ । ମାତ୍ର ଆଲେଖ୍ୟର କଳେବର ବୃଦ୍ଧି ଦୃଷ୍ଟିରୁ ଏକ ବିରାଟଗ୍ରନ୍ଥର ସୂଚୀପତ୍ର ଭଳି ଏହି ମହିୟସୀ ମହିଳାଙ୍କର କେବଳ ଆର୍ଯ୍ୟସମାଜ ଗଠନରେ ତାଙ୍କର ଭୂମିକା ସମ୍ବନ୍ଧରେ ସୂଚନା ମାତ୍ର ପ୍ରଦାନ କରୁଛି ।

ଏହି ସୁବିଦିତ ଯେ କୌଣସି ପ୍ରାସାଦର ଭୂମି ଉପରେ ଥିବା ଅଂଶ ସ୍ପଷ୍ଟଭାବରେ ଦୃଷ୍ଟିଗୋଚର ହୁଏ, ପରନ୍ତୁ ତାହାର ଭିତ୍ତି ଦୃଷ୍ଟିପଥକୁ ଆସେ ନାହିଁ । ତାହାବୋଲି କୌଣସି ପ୍ରାସାଦ ଭିତ୍ତିଶୂନ୍ୟ ନୁହେଁ । ପ୍ରାସାଦର ଦୃଶ୍ୟ ଭାଗ ଅପେକ୍ଷା ଅଦୃଷ୍ଟଭାଗକୁ ଜାଣିବା ପାଇଁ ସ୍ୱତଃ କୌତୁହଳ ଜାତ ହୁଏ । ଏହି ଦୃଷ୍ଟିରୁ ଭୁବନେଶ୍ୱର ଆର୍ଯ୍ୟସମାଜରୂପୀ ସୌଧର ସ୍ଥାପୟିତା ପ୍ରିୟବ୍ରତ ଦାସ ହେଲେ ହେଁ ଏହାର ଭିତ୍ତିଭୂମି ହେଉଛନ୍ତି ତାଙ୍କର ପତ୍ନୀ ଶନ୍ନୋଦେବୀ ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଶନ୍ନୋଦେବୀ ରାଷ୍ଟ୍ରୀୟ ବେଦ ବିଦୁଷୀ ପୁରସ୍କାର ବିଜୟିନୀ

ଡ. ସୁନୀତି, ହାଇଦ୍ରାବାଦ

ଡ. ମାଧୁରୀ ରାଣୀ, ବାରାଣସୀ



ଡ. ବସୁଧା, ହାଇଦ୍ରାବାଦ

ଆଚାର୍ଯ୍ୟା ଡ. ପ୍ରିୟମ୍ବଦା, ନଜିବାବାଦ
(ଉତ୍ତରପ୍ରଦେଶ)

ଆଚାର୍ଯ୍ୟା ଡ. ଅନ୍ନପୂର୍ଣ୍ଣା, କନ୍ୟା ଗୁରୁକୁଳ,
ଡେରାଡୁନ୍

ଡ. ଉଉମା ଯତି, ଅଜ୍‌ମେର

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ସମ୍ବର୍ଦ୍ଧନା ଓ ପୁରସ୍କାର

ଲୀଳାବତୀ ପୁରସ୍କାର, ମୁମ୍ବାଇରେ

ରାଜ୍ୟପାଳ ରାମେଶ୍ୱର ଠାକୁର "ଉତ୍କଳ ଜ୍ୟୋତି" ପୁରସ୍କାର ପ୍ରଦାନ କରୁଛନ୍ତି

ବେଦ ସମ୍ମିଳନୀ, ହାଇଦ୍ରାବାଦରେ

ଆର୍ଯ୍ୟ ସମାଜ, (ସାନ୍ତାକ୍ରୁଜ) ମୁମ୍ବାଇରେ

ପାଣିନି କନ୍ୟା ମହାବିଦ୍ୟାଳୟ, ବାରାଣସୀରେ



ଉତ୍କଳ ଆର୍ଯ୍ୟ ମହାସମ୍ମିଳନୀ, ଭୁବନେଶ୍ୱରରେ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ସମ୍ବର୍ଦ୍ଧନା ଓ ପୁରସ୍କାର

ଚନ୍ଦ୍ରଶେଖରପୁର (ଭୁବନେଶ୍ୱର) ଡିଏଭି ବିଦ୍ୟାଳୟର ରଜତ ଜୟନ୍ତୀ ଅବସରରେ

ମୁମ୍ବାଇ, ଭାରତୀୟ ବିଦ୍ୟା ଭବନରେ

ଆର୍ଯ୍ୟ ମହାସମ୍ମିଳନୀ, ମୁମ୍ବାଇ

ଆର୍ଯ୍ୟ ମହାସମ୍ମିଳନୀ, ଦିଲ୍ଲୀ

ସ୍ୱାମୀ ଡ. ସତ୍ୟପ୍ରକାଶ ସ୍ମାରକ ବକ୍ତୃତାମାଳା ସଭାରେ

ଦିଲ୍ଲୀଠାରେ ଆର୍ଯ୍ୟ ପରିବାର ହୋଲି ଉତ୍ସବ ଅବସରରେ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ସମ୍ବର୍ଦ୍ଧନା ଓ ପୁରସ୍କାର

ଦୟାନନ୍ଦ ଜନ୍ମସ୍ଥଳୀ ଟଙ୍କାରା (ଗୁଜୁରାଟ)ରେ

ବୈଦିକ ଚେତନା ଶିବିର, ଡିଏଭି, ରାଞ୍ଚି (ଝାଡ଼ଖଣ୍ଡ)

ବୈଦିକ ଚେତନା ଶିବିର, ଡିଏଭି, ଔରଙ୍ଗାବାଦ (ବିହାର)

ବୈଦିକ ଚେତନା ଶିବିର, ଡିଏଭି, ବକ୍ସର (ବିହାର)



ଆର୍ଯ୍ୟ ସମାଜ ବାର୍ଷିକ ସମ୍ମିଳନୀ, କୋଲକାତା

ଆର୍ଯ୍ୟ ମହାସମ୍ମିଳନୀ, ମୁମ୍ବାଇ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ସମ୍ବର୍ଦ୍ଧନା ଓ ପୁରସ୍କାର



ବୋକାଜାମ୍, ଆସାମରେ
ରୂପକିଶୋର ଶାସ୍ତ୍ରୀଙ୍କ ଦ୍ୱାରା

ବାରାଣସୀରେ ସୁଲଭ ଅନ୍ତର୍ଜାତୀୟ
ଶୌଚାଳୟର ସଂସ୍ଥାପକ ଶ୍ରୀ ପାଠକଙ୍କ ଦ୍ୱାରା

ଉତ୍କଳ ଲେଖିକା ସଂସଦ ସମ୍ମିଳନୀରେ ପୁରସ୍କୃତ

'ଯୁଗଶ୍ରୀ ଯୁଗନାରୀ' ପୁରସ୍କାର ଗ୍ରହଣ

'ବର୍ଷା' ସାହିତ୍ୟ ସଂସଦ, ଦାମନଯୋଡ଼ି,
କୋରାପୁଟ

ପାଣିନି କନ୍ୟା ମହାବିଦ୍ୟାଳୟ, ବାରାଣସୀ
ହୀରକ ଜୟନ୍ତୀ ସମାରୋହ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ସମ୍ବର୍ଦ୍ଧନା ଓ ପୁରସ୍କାର

ଆର୍ଯ୍ୟ ମହାସମ୍ମିଳନୀ, ରୋହିଣୀ, ଦିଲ୍ଲୀ

ଅଖିଳ ଭାରତ ଦୟାନନ୍ଦ ସେବାଶ୍ରମର ଅଧ୍ୟକ୍ଷା ପଣ୍ଡିତା ପ୍ରେମଲତା ଶାସ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ

ପ୍ରେସ୍ କ୍ଲବ୍, କୋଲକାତା

ହରିଦ୍ୱାର, ଗୁରୁକୁଳ କାଂଗାଡ଼ି ବିଶ୍ୱବିଦ୍ୟାଳୟ ସ୍ଥାପନା ଶତାବ୍ଦୀ। ସଭାରେ ସୁଷମା ସ୍ୱରାଜ ସଭାପତିତ୍ୱ କରୁଛନ୍ତି

ରାଜ୍ୟ ଗୃହିଣୀ ସମାଜ ଅଧିବେଶନରେ ଶ୍ରୀମତୀ ସୁଶୀଳା ରାଜେନ୍ଦ୍ରନ୍ ଓ ସୁମନ କୃଷ୍ଣକାନ୍ତଙ୍କ ସହିତ

ଶିକ୍ଷକ ସମ୍ମିଳନୀ, ଉଦ୍‌ଗୀର (ମହାରାଷ୍ଟ୍ର)

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଓଡିଶାରେ ପ୍ରାଦେଶିକ ସ୍ତରରେ ବିଭାଗୀୟ ମୁଖ୍ୟ ଅଫିସରମାନେ ସେମାନଙ୍କ ଚାକିରୀ କାଳରେ ଏତେ ଭାବରେ ବ୍ୟସ୍ତ ରହନ୍ତି ଯେ ଆଉକିଛି କରିବାକୁ ସେମାନଙ୍କର ପାଖରେ ସମୟ ନଥାଏ । ମାତ୍ର ଶ୍ରୀଯୁକ୍ତ ଦାସ ମହୋଦୟ ନିଜର ଉପରେ ନ୍ୟସ୍ତ ସମସ୍ତ ଦାୟିତ୍ୱ ଓ କର୍ତ୍ତବ୍ୟ ସଂପାଦନ କରିବା ସହିତ ଆର୍ଯ୍ୟସମାଜ ଭଳି ଏକ ବୈଦିକ ଧାର୍ମିକ ସଂସ୍ଥା ସ୍ଥାପନ କରି ରାଜ୍ୟବାସୀଙ୍କ ହସ୍ତରେ ଅର୍ପଣ କରିବା ନିଶ୍ଚିତ ଭାବରେ ଅସାଧାରଣ ବୋଲି ସ୍ୱୀକାର କରିବାକୁ ହେବ । ଏହି ଦୃଷ୍ଟିରୁ ଏହି ଦମ୍ପତି କାୟା ଛାୟା ଭଳି ଜୀବନ ବ୍ୟାପୀ ସାଧନା ବଳରେ ଓଡିଶାବାସୀଙ୍କର ଯେଉଁ ଉପକାର କରିଛନ୍ତି, ତାହା ଯୁଗ ଯୁଗ ଧରି ସ୍ମରଣୀୟ ହୋଇ ରହିବ । ମୋହନ ଦାସ କରମଚାନ୍ଦ ଗାନ୍ଧୀଙ୍କୁ ମହାତ୍ମାଗାନ୍ଧୀରେ ପରିଣତ କରିବାରେ ମାତା କସ୍ତୁରବାଙ୍କର ଭୂମିକା ଯେଉଁଭଳି ସ୍ୱୀକାର୍ଯ୍ୟ, ସେହିଭଳି ପ୍ରିୟବ୍ରତ ଦାସଙ୍କ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଓ କୃତିତ୍ୱ ପାଇଁ ମାତା ଶନ୍ନୋଦେବୀଙ୍କ ଭୂମିକା ଅବର୍ଣ୍ଣନୀୟ ।

୧୯୭୫ରେ ଆର୍ଯ୍ୟସମାଜ ସ୍ଥାପନାର ଶହେବର୍ଷ ପାଳନ ଅବସରରେ ଦିଲ୍ଲୀ ରାମଲୀଳା ମଇଦାନାରେ ସାର୍ବଦେଶିକ ଆର୍ଯ୍ୟ ପ୍ରତିନିଧି ସଭା ତରଫରୁ ଶତବାର୍ଷିକ ମହାସମ୍ମିଳନୀର ଆୟୋଜନ କରାଗଲା । ସେତେବେଳ ସାର୍ବଦେଶିକ ଆର୍ଯ୍ୟପ୍ରତିନିଧି ସଭାର ସଂପାଦକ ତଥା ସାଂସଦ ଓମ୍‌ପ୍ରକାଶ ତ୍ୟାଗୀ ଶନ୍ନୋଦେବୀଙ୍କୁ କହିଥିଲେ ଯେ ଭାରତର ସବୁ ରାଜ୍ୟର ରାଜଧାନୀରେ ଏକାଧିକ ଆର୍ଯ୍ୟସମାଜ ସ୍ଥାପିତ ହୋଇଛି । ପରନ୍ତୁ ଓଡିଶାର ରାଜଧାନୀ ଭୁବନେଶ୍ୱରରେ ଗୋଟିଏ ହେଲେ ଆର୍ଯ୍ୟସମାଜ ନାହିଁ । ତେଣୁ ତୁମେ ଆନ୍ତରିକତାରେ ସହ ଲାଗିଲେ ଏହା ସ୍ଥାପିତ ହୋଇପାରିବ । ଏହି ଅନୁରୋଧ ଶନ୍ନୋଦେବୀଙ୍କୁ ଖୁବ୍ ସ୍ପର୍ଶ କଲା । ତେଣୁ ସେ ମହାସମ୍ମିଳନୀରୁ ଫେରି ଠାକୁର ଦାସ ମୁଲଚନ୍ଦ୍ର ବାତ୍ରା, ଜଗଦୀଶ ବୁଦ୍ଧିରାଜ, ରାମଚନ୍ଦ୍ର ହଂସ ଆଦି ବେଦପ୍ରେମୀ ମାନଙ୍କୁ ଡାକି ସେମାନଙ୍କ ସହିତ ଆଲୋଚନା କରି ପ୍ରଥମେ ନିଜ ସରକାରୀ ବାସଭବନ ୪ଆର/୨୬(ରିଜିଓନାଲ କଲେଜ ସାମନା) ରେ ୧୯୭୬ ଜୁନମାସ ୨୦ ତାରିଖରେ ଆର୍ଯ୍ୟସମାଜର କେନ୍ଦ୍ର ସ୍ଥାପନ କଲେ । ଏଥିରେ ଜଗଦୀଶ ବୁଦ୍ଧିରାଜ ସଭାପତି, ରାମଚନ୍ଦ୍ର ହଂସ ଉପସଭାପତି, ପ୍ରିୟବ୍ରତ ଦାସ ସଂପାଦକ ଓ ଠାକୁରଦାସ ମୁଲଚନ୍ଦ ବାତ୍ରା କୋଷାଧକ୍ଷ ରହିଲେ । ଗୋପୀନାଥ ପରିଡା, ଜଗନ୍ନାଥ ପ୍ରଧାନ, ହେମନ୍ତ କୁମାର ମିଶ୍ର, କୃଷ୍ଣ କୁମାର ଆର୍ଯ୍ୟ, ଶ୍ରୀମତୀ ଶନ୍ନୋଦେବୀ ସଦସ୍ୟ ସଦସ୍ୟା ରହିଲେ ।

ତାପରେ ସହୀଦନଗର ଠାରେ ଆର୍ଯ୍ୟସମାଜ ସ୍ଥାପନ କରିବା ପାଇଁ ଏକ ସ୍ଥାନ ମନୋନୟନ କରାଗଲା । ସମ୍ବିଧାନ ପ୍ରସ୍ତୁତ ହେଲା । ପଞ୍ଜୀକୃତ କରିବା ପାଇଁ ତଥା ଆର୍ଯ୍ୟସମାଜ ଭବନ ନିର୍ମାଣ କରିବା ପାଇଁ ପ୍ରସ୍ତାବ ନିଆଗଲା । ସେହି ସମୟରେ ରାଷ୍ଟ୍ରମନ୍ତ୍ରୀ ମୋହନ ନାୟକ ଆର୍ଯ୍ୟସମାଜର ବିଚାରଧାରାରେ ପ୍ରଭାବିତ ହୋଇଥିଲେ । ସେ ପାର୍ଲିଆମେଣ୍ଟ ସଦସ୍ୟ ଥିବା ବେଳେ ଦିଲ୍ଲୀର ଆର୍ଯ୍ୟସମାଜକୁ ଯାଉଥିଲେ । ପ୍ରିୟବ୍ରତ ଦାସଜୀଙ୍କ ସହିତ ତାଙ୍କର ଘନିଷ୍ଠତା ଥିଲା । ତେଣୁ ସେ ସହଯୋଗ ଦେଲେ । ତା ୨୦/୧୨/୧୯୭୬ରେ ଏକ ଏକର ଅଠଷଠି ଡିସମିଲ ଜମି ଆର୍ଯ୍ୟସମାଜ ନାମରେ ମଞ୍ଜୁର କରାଗଲା ।

ପ୍ରିୟବ୍ରତ ଦାସ ଭୁବନେଶ୍ୱରକୁ ୧୯୬୬ରେ ଟ୍ରାନ୍ସଫର ହୋଇ ଆସିଲେ । ତା ପରଠାରୁ ସମସ୍ତ ଗଠନ ମୂଳକ କାର୍ଯ୍ୟକ୍ରମ ଆରମ୍ଭ କରାଗଲା । ପ୍ରାୟ ଦଶ ବର୍ଷଧରି ଶନ୍ନୋଦେବୀ ଗୃହକାର୍ଯ୍ୟ ସହ ଆର୍ଯ୍ୟସମାଜର ସାପ୍ତାହିକ ସତ୍‌ସଙ୍ଗର ସମସ୍ତ ଦାୟିତ୍ୱ ତଥା ସାଙ୍ଗଠନିକ କାର୍ଯ୍ୟ ସଂପାଦନ କରୁଥିଲେ । ପ୍ରତ୍ୟେକ ରବିବାର ଦିନ ୪ଆର/୨୬ ରୁ ଗାଡିରେ ଦରି, ଯଜ୍ଞୋପକରଣ, ସ୍ୱିଷ୍ଟକୃତ ନିଜ ହସ୍ତରେ ପ୍ରସ୍ତୁତ କରି ନିର୍ବାଚିତ ସ୍ଥଳରେ ଯଜ୍ଞ ସତ୍‌ସଙ୍ଗ ଓ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ପ୍ରବଚନ କାର୍ଯ୍ୟକ୍ରମ ସାରି ଫେରୁଥିଲେ । ଭାରତର ବିଭିନ୍ନ ଆର୍ଯ୍ୟସମାଜରୁ ଯେତେ ସାଧୁ, ସନ୍ନ୍ୟାସୀ ତଥା ବେଦ ବିଦ୍ୱାନମାନେ ଆସୁଥିଲେ, ସମସ୍ତେ ୪ଆର/୨୬ ରେ ଅତିଥି ଭାବରେ ଅବସ୍ଥାନ କରୁଥିଲେ । ସେମାନଙ୍କର ଖାଦ୍ୟପେୟ ଆଦି ସମସ୍ତ ପରିଚର୍ଯ୍ୟା ଶନ୍ନୋଦେବୀ କରୁଥିଲେ, ଏପରିକି ଅତିଥିମାନଙ୍କ ପରିଚର୍ଯ୍ୟା ପାଇଁ ଆବଶ୍ୟକ ହେଉଥିବା ଗୋଦୁଗ୍ଧ ପାଇଁ ସେ ଗୋପାଳନ କରି ଗୋସେବା ମଧ୍ୟ ସ୍ୱହସ୍ତରେ କରୁଥିଲେ । ବୈଦିକ ସାହିତ୍ୟ ପ୍ରକାଶନ ନିମିତ୍ତ "ବୈଦିକ ଅନୁସନ୍ଧାନ ପ୍ରତିଷ୍ଠାନ" ଗଠନ କରି ଚାରିବେଦ ସୌରଭ ଗ୍ରନ୍ଥ ତଥା ବୈଦିକ ସଂସ୍କାର ଗ୍ରନ୍ଥ ତଥା ନିଶୁଳ୍କ ବିତରଣ ପାଇଁ ଅନେକ ପୁସ୍ତିକା ଓ ଚାର୍ଟ ପ୍ରକାଶନ କରୁଥିଲେ ।

୧୯୮୩ ମସିହାରେ ରାଜସ୍ଥାନର ଆଜମୀର ଠାରେ ମହର୍ଷି ଦୟାନନ୍ଦଙ୍କ ନିର୍ବାଣ ଶତାବ୍ଦୀ ଉତ୍ସବ ମହାସମାରୋହରେ ପାଳିତ ହୋଉଥିଲା । ଆଜମୀରରେ ଅନୁଷ୍ଠିତ ଏହି ଉତ୍ସବରେ ଭୁବନେଶ୍ୱର ଆର୍ଯ୍ୟସମାଜର ପ୍ରାୟ ୩୦ଜଣ ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ । ସେହିବର୍ଷ ଆଜମୀର ଆନାସାଗର କୂଳରେ ଅବସ୍ଥିତ ଋଷି ଉଦ୍ୟାନରେ ସ୍ଥାପିତ ହୋଇଥିବା ନୂତନ ବିରାଟ ଯଜ୍ଞ ମଣ୍ଡପକୁ ସଦସ୍ୟ ସଦସ୍ୟାମାନେ ଦେଖିବାର ସୁଯୋଗ ପାଇଥିଲେ । ଫେରିବା ବାଟରେ ଚିତ୍ତୋର ଗୁରୁକୁଳ ଓ ତାର ଯଜ୍ଞମଣ୍ଡପ ତଥା ଦିଲ୍ଲୀର ବହୁ ଆର୍ଯ୍ୟସମାଜ ଓ ସେଗୁଡିକର ସୁନ୍ଦର ସୁନ୍ଦର ଯଜ୍ଞମଣ୍ଡପ ଦେଖି ଭୁବନେଶ୍ୱର ଆର୍ଯ୍ୟସମାଜରେ ସେହିଭଳି ଏକ ଯଜ୍ଞମଣ୍ଡପ କରିବା ପାଇଁ ସଦସ୍ୟ ସଦସ୍ୟା ମାନଙ୍କ ଭିତରେ ଏକ ବିଚାର ଆସିଲା । ବଦାନ୍ୟ ବ୍ୟକ୍ତିମାନଙ୍କ ଠାରୁ ଅର୍ଥ ସଂଗ୍ରହ ପାଇଁ ମଧ୍ୟ ପ୍ରସ୍ତାବ କରାଗଲା । ମାତ୍ର ଏଭଳି ଗୁରୁଦାୟିତ୍ୱ ନେବେ କିଏ ବୋଲି ଭାଳେଣି ପଡିଲା । କାରଣ ପ୍ରିୟବ୍ରତ ଦାସ ମହୋଦୟ ଅନ୍ୟ କାର୍ଯ୍ୟରେ ଅତି ପାରଙ୍ଗମ ହେଲେ ହେଁ କାହାକୁ ମାଗିବା, ଦାନ ସଂଗ୍ରହ କରିବାରେ ସଂପୂର୍ଣ୍ଣ ଅନଭିଜ୍ଞ ଥିଲେ । ତେଣୁ ଶନ୍ନୋଦେବୀଙ୍କୁ ଏ ଦାୟିତ୍ୱ ଦିଆଗଲା । କାରଣ ସେ ରାଜଧାନୀରେ ରହୁଥିବା ବହୁ ଧର୍ମପ୍ରେମୀ ଧନାଢ୍ୟ ବ୍ୟକ୍ତିମାନଙ୍କ ଗୃହରେ ପାରିବାରିକ ଯଜ୍ଞ କରାଇ ବେଦ ଓ ଯଜ୍ଞ ପ୍ରତି ଶ୍ରଦ୍ଧା ଆଗ୍ରହ ସୃଷ୍ଟି କରିଥିଲେ । ସେ ଯଜ୍ଞମଣ୍ଡପ ନିର୍ମାଣ ପ୍ରସ୍ତାବ ସବୁ ବଦାନ୍ୟବ୍ୟକ୍ତିମାନଙ୍କ କାନରେ ପକାଇଲେ । ଫଳରେ ଅନେକ ବଦାନ୍ୟବ୍ୟକ୍ତି ମୁକ୍ତ ହସ୍ତରେ ଯଜ୍ଞମଣ୍ଡପ ନିର୍ମାଣ ପାଇଁ ଅର୍ଥଦାନ କରିବାକୁ ଆଗେଇ ଆସିଲେ । ଏମାନଙ୍କ ମଧ୍ୟରେ ଚୌଧୁରୀ ମିତ୍ରସେନଜୀ, ଏନ.ସି ବେଲଫର, ସୁରେନ୍ଦ୍ରନାଥ କାନୁନ୍‌ଗୋ, ଜୟନ୍ତୀ ଲାଲ, ସୁନ୍ଦର ଦାସ ଡି ହଂସରାଜ, ନନ୍ଦ କିଶୋର କେଜରିୱାଲ, ଜୟଶ୍ରୀ ଓ୍ୱେଲ ଫେୟାର ଟ୍ରଷ୍ଟ, ଗୀତା ଦେବୀ, ଗଦାଧର ମହାପାତ୍ର, ଲକ୍ଷ୍ମଣଲାଲ ମହାପାତ୍ର, ରାମଚନ୍ଦ୍ର ହଂସ, ଆନନ୍ଦୀ ଲାଲ ପୋଦ୍ଦାର, ଲାଲମନ ଆର୍ଯ୍ୟ, ସତ୍ୟନାରାୟଣ ଅଗ୍ରୱାଲ ଆଦି ବହୁ ବଦାନ୍ୟ ବ୍ୟକ୍ତି ପ୍ରମୁଖ ଥିଲେ । ଏହା ଛଡା ଛୋଟ ଛୋଟ ଦାନ ମଧ୍ୟ ମିଳିଥିଲା ।

୧୯୮୫ ମସିହା ଫେବୃୟାରୀ ବେଳକୁ ଯଜ୍ଞମଣ୍ଡପ ନିର୍ମାଣକାର୍ଯ୍ୟ ସଂପର୍ଣ୍ଣ ହେଲା । ସେହିବର୍ଷ ଅପ୍ରେଲ ୧୩ ତାରିଖରେ ମହାବିଷୁବ ସଂକ୍ରାନ୍ତିରେ ପୂଜ୍ୟ ସ୍ୱାମୀ ସତ୍ୟପ୍ରକାଶ ସରସ୍ୱତୀଙ୍କ କରକମଳରେ ଯଜ୍ଞମଣ୍ଡପ ଉଦ୍‌ଘାଟିତ ହୋଇ ଲୋକାର୍ପିତ ହେଲା ।

ଏହି ଯଜ୍ଞମଣ୍ଡପ କେବଳ ରାଜଧାନୀ ଭୁବନେଶ୍ୱରରେ ନୁହେଁ, ସମଗ୍ର ଦେଶରେ ଏହା ଏକ ପ୍ରମୁଖ ଯଜ୍ଞମଣ୍ଡପର ଗୌରବ ଅର୍ଜନ କରିଛି । ଏଠାରେ ସ୍ୱାମୀ ସତ୍ୟପ୍ରକାଶ, ସ୍ୱାମୀ ଦୀକ୍ଷାନନ୍ଦ, ସ୍ୱାମୀ ସତ୍ୟପତି ଆଦି ମହାନ୍ ସନ୍ଥମାନେ ସେମାନଙ୍କର ଅମୃତମୟ ବେଦ ପ୍ରବଚନ କରିଛନ୍ତି । ପ୍ରତ୍ୟେକ ବର୍ଷ ବାର୍ଷିକୋତ୍ସବ ପାଳନ ଅବସରରେ ଭାରତର ମୁର୍ଦ୍ଧନ୍ୟ ବୈଦିକ ବିଦ୍ୱାନ ଓ ବିଦୁଷୀମାନେ ଆସି ବେଦ ପ୍ରବଚନ କରୁଛନ୍ତି । ରାଜ୍ୟର

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ବିଭିନ୍ନ ଜିଲ୍ଲାରୁ ଶହ ଶହ ବ୍ରହ୍ମଚାରୀ ଉପନୟନ ସଂସ୍କାର ଦ୍ୱାରା ବ୍ରତଗ୍ରହଣ କରୁଛନ୍ତି । ବରକନ୍ୟା ମାନଙ୍କର ଆଦର୍ଶ ବୈଦିକ ବିବାହ ଅନୁଷ୍ଠିତ ହେଉଛି । ସେମାନେ ମନ୍ତ୍ର ପ୍ରତିଜ୍ଞା ପୂର୍ବକ ଗୃହସ୍ଥଧର୍ମରେ ପ୍ରବିଷ୍ଟ ହୋଇ ଆଦର୍ଶ ଗୃହସ୍ଥ ଗୃହିଣୀ ହେଉଛନ୍ତି । ଏଠାରେ ବେଦମନ୍ତ୍ର ପାଠହୋଇ ଦୈନିକ ଯଜ୍ଞାନୁଷ୍ଠାନ ହେଉଛି । ରବିବାର ସାପ୍ତାହିକ ସତ୍‌ସଙ୍ଗରେ ରାଜଧାନୀର ସବୁ ଅଞ୍ଚଳରୁ ଶ୍ରଦ୍ଧାଳୁ ବେଦପ୍ରେମୀମାନେ ସମବେତ ହୋଇ ଯଜ୍ଞାନୁଷ୍ଠାନ ସହ ବେଦାମୃତ ପାନକରିବାର ପରମ ସୌଭାଗ୍ୟ ଲାଭ କରୁଛନ୍ତି । 'ସ୍ତ୍ରୀ ଶୂଦ୍ରୌ ନ ଅଧୀୟତାଂ' ସ୍ତ୍ରୀ ଓ ଶୂଦ୍ରମାନେ ବେଦାଧ୍ୟୟନ କରିପାରିବେ ନାହିଁ ବୋଲି ମଧ୍ୟକାଳୀନ ଆଚାର୍ଯ୍ୟମାନଙ୍କର ବେଦବିରୁଦ୍ଧ ଭ୍ରାନ୍ତ ଉକ୍ତି ସବୁକୁ ସ୍ୱାମୀ ଦୟାନନ୍ଦ ଖଣ୍ଡନ କରି ସ୍ତ୍ରୀ-ଶୂଦ୍ରମାନଙ୍କୁ ବେଦାଧ୍ୟୟନର ଅଧିକାର ପ୍ରଦାନ କରିଛନ୍ତି । ସ୍ୱୟଂ ବେଦବିଦୁଷୀ ରୂପରେ ନିଜକୁ ପ୍ରତିଷ୍ଠିତ କରି ଶନ୍ନୋଦେବୀ ମହିଳା ପୁରୋହିତ ଭାବରେ ଉତ୍କର୍ଷତା ଓ ଚମତ୍କାରିତା ପ୍ରଦର୍ଶନ କରି ଯେଉଁ ଗୌରବପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି, ତାର ପଟାନ୍ତର ନାହିଁ । ରାଷ୍ଟ୍ରୀୟ ସ୍ତରରେ ସେ ଯେଉଁ ଖ୍ୟାତି ଅର୍ଜନ କରିଛନ୍ତି, ସେଥି ନିମନ୍ତେ ସେ ଯୁଗ ଯୁଗ ଧରି ଉତ୍କଳ ମହିଳା ସମାଜ ପାଇଁ ଗର୍ବ ଓ ଗୌରବ ହୋଇ ରହିବେ ।

ସେ ମନପ୍ରାଣ ଦେଇ ଆର୍ଯ୍ୟସମାଜର ସାମଗ୍ରିକ ଉନ୍ନତି, ସାଙ୍ଗଠନିକ ଦୃଢତା, ଉଜ୍ଜ୍ୱଳ ଭାବମୂର୍ତ୍ତି ବଜାୟ ରଖିବା ସଂଗେ ସଂଗେ ଦୁଇ ପୁତ୍ର ଓ କନ୍ୟାଙ୍କର ସମସ୍ତ ଲାଳନ ପାଳନ କରି ସେମାନଙ୍କୁ ଉତ୍ତମ ସଂସ୍କାର ଓ ଶିକ୍ଷା ପ୍ରଦାନ କରିବାରେ ନିଷ୍ଠାଯୁକ୍ତ ଦୃଷ୍ଟି ଦେଉଥିଲେ । ଏ ସମସ୍ତ ଦାୟିତ୍ୱ ନିର୍ବାହ କରିବା ସହିତ ପୁସ୍ତକ ଲେଖିବା, ପ୍ରବନ୍ଧ ଲେଖିବା ଓ ବିଭିନ୍ନ ପତ୍ର ପତ୍ରିକାକୁ ପଠାଇବା ଆର୍ଯ୍ୟସମାଜ ସାପ୍ତାହିକ ସତ୍‌ସଙ୍ଗରେ ବେଦ ପ୍ରବଚନ କରିବା ତଥା ବିବାହ ଆଦି ସଂସ୍କାରର ପୌରହିତ୍ୟ କରିବା ଆଦି ସେ ନିଖୁଣଭାବେ ସଂପାଦନ କରି ଆସୁଛନ୍ତି । ଆର୍ଯ୍ୟସମାଜର ପ୍ରତ୍ୟେକ ସଦସ୍ୟ ସଦସ୍ୟା ମାନଙ୍କ ସହିତ ପ୍ରତ୍ୟକ୍ଷ ସଂପର୍କ ରଖି ସେମାନଙ୍କର ଆଧ୍ୟାତ୍ମିକତା ଉନ୍ନତି ପାଇଁ ସେ ପ୍ରେରଣା ଓ ସୁପରାମର୍ଶ ଦେଇଥାନ୍ତି ।

ସୁତରାଂ ସ୍ୱାମୀଙ୍କ ସହ କାନ୍ଧକୁ କାନ୍ଧ ମିଳାଇ ଅନୁଷ୍ଠାନର ହିତ ପାଇଁ ବିଚାର ବିମର୍ଶ, ସୁପରାମର୍ଶ, ସାହାଯ୍ୟ ସହଯୋଗ ଭଳି କଠିନ ଶାରୀରିକ ମାନସିକ ପରିଶ୍ରମ କରିଛନ୍ତି । ସେ ସମସ୍ତ ଯଶସ୍ୱୀ କାର୍ଯ୍ୟ ଏହି ଲେଖକ ସ୍ୱଚକ୍ଷୁରେ ୧୯୭୪ ମସିହାଠାରୁ ଦେଖି ଆସୁଛି । ସାପ୍ତାହିକ ସତ୍‌ଙ୍ଗରେ ବେଦମନ୍ତ୍ରର ବ୍ୟାଖ୍ୟା କରିବା ଅବସରରେ ସେ ପ୍ରଭୁ ପ୍ରେମରେ ଏପରି ତଲ୍ଲୀନ ଓ ମଗ୍ନ ହୋଇଯାନ୍ତି ଯେ ବାଷ୍ପଗଦ୍‌ଗଦ୍ କଣ୍ଠରେ ଅଶ୍ରୁବିଗଳିତ ହୋଇ ଉଠନ୍ତି । ଜଣେ ଉଚ୍ଚ ପଦସ୍ଥ ଅଫିସରଙ୍କ ଧର୍ମପତ୍ନୀ ହିସାବରେ ତାଙ୍କଠାରେ କେବେ ହେଲେ ଗର୍ବ, ଦମ୍ଭ, ଅଭିମାନ, କ୍ରୋଧ କେହି ଦେଖିନାହିଁ । ସମସ୍ତଙ୍କ ସହିତ ପ୍ରୀତିପୂର୍ବକ ମଧୁର ବ୍ୟବହାର ତଥା ମିଠାକଥା କହି ସମସ୍ତଙ୍କର ମନ ମୋହିବା ତାଙ୍କର ଏକ ମହାନ ଓ ନିଜସ୍ୱ କଳା ।

ତାଙ୍କର ମାତୃପ୍ରେମର ଅନନ୍ତ ଧାରାରେ ଅବବାହନ କରୁଥିବା ଆର୍ଯ୍ୟସମାଜର ସଦସ୍ୟସଦସ୍ୟା ବୃନ୍ଦ ତଥା ଅନୁଷ୍ଠାନ ଦ୍ୱାରା ଉପକୃତ ହେଉଥିବା ଅଗଣିତ ଜନସାଧାରଣ ଆଜି ତାଙ୍କର ପଞ୍ଚସ୍ତରୀ ବର୍ଷ ପ୍ରାରମ୍ଭ ଉପଲକ୍ଷେ ଆୟୋଜିତ ଅଭିନନ୍ଦନ ସମାରୋହରେ ତାଙ୍କର ନିରାମୟ ଓ ଅଧ୍ୟାତ୍ମ ଜୀବନର କାମନା କରିବା ସ୍ୱାଭାବିକ ।

ଆର୍ଯ୍ୟ ସମାଜ, ଭୁବନେଶ୍ୱର

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଯଜ୍ଞଂ ଦଧେ ସରସ୍ୱତୀ

ପଣ୍ଡିତ ବିଶିକେସନ ଶାସ୍ତ୍ରୀ

ଶନ୍ନୋଦେବୀ ଅନେକ ଦୃଷ୍ଟିରେ ଓଡିଶାର ପ୍ରଥମ ମହିଳା । ବାଲ୍ୟକାଳରୁ ବୈଦିକ ସଂସ୍କାର ଲାଭ କରି ଯଜ୍ଞୋପବୀତ ଧାରଣ କରିବାରେ ସେ ପ୍ରଥମ ନାରୀ । ବିବାହାଦି ଶୁଭ ସଂସ୍କାରରେ ପୌରହିତ୍ୟ କରିବାରେ ପ୍ରଥମ ପୁରୋହିତା । ଏପରିକି ଶ୍ମଶାନ ଭୂମିରେ ଅନ୍ତ୍ୟେଷ୍ଟି କ୍ରିୟା ସଂପାଦନ କରିବାରେ ପ୍ରଥମ ମହିଳା ପୁରୋଧା । ବେଦପ୍ରଚାର ପାଇଁ ବିଦେଶ ଯାତ୍ରା କରିବାରେ ପ୍ରଥମ ମହିଳା । ଶଙ୍କରାଚାର୍ଯ୍ୟଙ୍କ ପରି ପ୍ରସିଦ୍ଧ ଧର୍ମାଚାର୍ଯ୍ୟଙ୍କର ନାରୀ ବିରୋଧୀ ମନ୍ତବ୍ୟର ପ୍ରତିବାଦ କରିବାରେ ପ୍ରଥମ ସ୍ତ୍ରୀ । ନାତୁଣୀମାନଙ୍କୁ ଯଜ୍ଞୋପବୀତ ସଂସ୍କାର କରାଇବାରେ ପ୍ରଥମ । ଓଡିଶା ବାହାରେ ସମାଜ-ସଂସ୍କାର ପାଇଁ ପୁରସ୍କୃତ ଓ ସମ୍ମାନିତ ହେବାରେ ପ୍ରଥମ ମହିଳା । ଦେଶର ବିଦୁଷୀ ମହିଳାମାନଙ୍କୁ ରାଷ୍ଟ୍ରୀୟ ସ୍ତରରେ ପ୍ରୋତ୍ସାହିତ କରିବା ପାଇଁ ନିଜ ବ୍ୟୟରେ ପ୍ରତିବର୍ଷ ପୁରସ୍କାର ଦେବାରେ ପ୍ରଥମ । ପୁତ୍ରକନ୍ୟାଙ୍କୁ ବାଲ୍ୟ ସଂସ୍କାର ପ୍ରଦାନ କରି ସେମାନଙ୍କୁ ବେଦପ୍ରଚାରରେ ସିପାହୀ ରୂପରେ ଗଢିବାରେ ପ୍ରଥମ ।

ବେଦ କହନ୍ତି – 'ଯଜ୍ଞ ଦଧେ ସରସ୍ୱତୀ' – ବିଦୁଷୀ ସ୍ତ୍ରୀ ଯଜ୍ଞକୁ ଧାରଣ କରନ୍ତି । ଶନ୍ନୋଦେବୀ ଶ୍ୱଶୁର ଘରକୁ ଆସିବା ଦିନଠାରୁ ନିତ୍ୟ ଯଜ୍ଞାନୁଷ୍ଠାନ କରିଆସିଛନ୍ତି । ପୁତ୍ରପୌତ୍ରଙ୍କୁ ଯଜ୍ଞଶିକ୍ଷା ଦେଇଛନ୍ତି । ଯଜ୍ଞରେ ଆହୁତି ଦେଇ ସାରି ପ୍ରଭୁଙ୍କୁ ପ୍ରାର୍ଥନା କରନ୍ତି – 'ହେ ପ୍ରଭୋ ! ମୋତେ ସ୍ୱାହକାରିଣୀ ମେଧା ପ୍ରଦାନ କରନ୍ତୁ । ମୁଁ ଆପଣଙ୍କଠାରେ ସଂପୂର୍ଣ୍ଣ ସମର୍ପିତା' । ପ୍ରତ୍ୟେକ ପ୍ରବଚନର ପ୍ରାରଂଭରେ ସେ ବେଦମନ୍ତ୍ର ଉଚ୍ଚାରଣ କରନ୍ତି – 'ଯାଂ ମେଧାଂ ଦେବଗଣାଃ ପିତରଶ୍ଚ ଉପାସତେ । ତୟା ମାମଦ୍ୟ ମେଧୟାଗ୍ନେ ମେଧାବିନଂ କୁରୁ' – ତାହାର ଅର୍ଥ – ହେ ପ୍ରଭୋ ! ଯେଉଁ ସ୍ୱାହାକାରିଣୀ ମେଧାକୁ ଦେବଗଣ ଓ ପିତୃଗଣ ଯାଚନା କରୁଥିଲେ, ସେଥିରେ ମୋତେ ମେଧାବୀ କରନ୍ତୁ' ।

ଶନ୍ନୋଦେବୀ 'ବେଦରେ ନାରୀ' ପୁସ୍ତକର ପୃଷ୍ଠା ୪୧ରେ ଲେଖିଛନ୍ତି – 'ଗୃହିଣୀ ଶୁଭ ଚେତନା ସହିତ ଦୈନିକ ଯଜ୍ଞାନୁଷ୍ଠାନ କରିବା ସମୟରେ ଆତ୍ମବଳ ଲାଭ କରନ୍ତି । ଶୁଦ୍ଧ ଓ ଶୁଷ୍କ ହୋମକାଠ ଦ୍ୱାରା ଅଗ୍ନି ପ୍ରଜ୍ୱଳିତ ହୁଏ ଓ ଚାରିଆଡେ ବିନା ଭେଦବିଚାରରେ ସୁଗନ୍ଧି ବିତରଣ କରେ । ଆର୍ଦ୍ର ଓ ମଳିନ କାଠରେ ଦିଆଯାଉଥିବା ଆହୁତି ଦ୍ୱାରା ଚାରିଆଡେ ଧୂଆଁ ବ୍ୟାପିଥାଏ । ଏଥିରୁ ବୁଝିବାକୁ ହେବ ଯେ ଦେହର ଦୋଷରହିତ ଇନ୍ଦ୍ରିୟ ଦ୍ୱାରା ଆତ୍ମାଗ୍ନି ଦୀପ୍ତିମାନ ହୁଏ । ଦୋଷମୁକ୍ତ ଇନ୍ଦ୍ରିୟଗୁଡିକର ବିଷୟ-ବାସନା ରୂପୀ ମଳିନତା ଦ୍ୱାରା ଆତ୍ମାଗ୍ନି ମନ୍ଦ ଓ ଧୂମିତ ହୁଏ । ତେଣୁ ନବଦଂପତି ଶୁଦ୍ଧ ହସ୍ତରେ ଆହୁତି ଦିଅନ୍ତୁ । ପବିତ୍ର ହୃଦୟରେ ସ୍ୱାହାକାର କରନ୍ତୁ । ସେମାନଙ୍କର ଜୀବନ ଯଜ୍ଞମୟ ହେଉ' ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଶନ୍ନୋଦେବୀଙ୍କ ଶ୍ୱଶୁର ଥିଲେ ଅଗ୍ନିହୋତ୍ରୀ । ଦୈନିକ ଅଗ୍ନିହୋତ୍ର କରୁଥିଲେ । ତାଙ୍କର ଦୁଇ ପୁତ୍ର ପ୍ରିୟବ୍ରତ ଓ ଦେବଦତ୍ତ ବାଲ୍ୟକାଳରେ ଯଜ୍ଞକୁଣ୍ଡ ପାଖରେ ବସୁଥିଲେ । ସେମାନେ ଉପନୟନ ପରେ ନିତ୍ୟ ଅଗ୍ନିହୋତ୍ର କରି ଆସୁଛନ୍ତି । ଶନ୍ନୋଦେବୀ ବିବାହବେଦିରୁ ଅଗ୍ନି ସଂଚୟନ କରି ଗୃହରେ ଅଗ୍ନିହୋତ୍ରର ନୂତନ ସଂସ୍କରଣ କଲେ । ଜ୍ୟେଷ୍ଠପୁତ୍ରର ନାମ ଦେଲେ ଯଜ୍ଞପ୍ରକାଶ । ଆଜି ତାଙ୍କର ଦୁଇ ପୁତ୍ର ଯଜ୍ଞପ୍ରକାଶ ଓ ଓମ୍‌ପ୍ରକାଶ ମାତୃଶିକ୍ଷା ଲାଭ କରି ବଡ ଯାଜ୍ଞିକ । ସେମାନେ ଉଚ୍ଚ ପଦପଦବୀରେ ରହି ସୁଦ୍ଧା ଯଜ୍ଞର ସେବକ, ବେଦ ପ୍ରବଚକ । ତାଙ୍କର ଏକ ମାତ୍ର କନ୍ୟା ପ୍ରଜ୍ଞା ନିଜର ଯଶସ୍ୱୀ ସ୍ୱାମୀ ଡାକ୍ତର ଗୋପାଳଙ୍କ ସହିତ ନିତ୍ୟ ପ୍ରାତଃ ଯଜ୍ଞାନୁଷ୍ଠାନ କରନ୍ତି । ଜ୍ୟେଷ୍ଠଙ୍କ ପ୍ରତି ଭକ୍ତି, କନିଷ୍ଠଙ୍କ ପ୍ରତି ବାତ୍ସଲ୍ୟ, ଅତିଥିଙ୍କ ପାଇଁ ସେବା, ପଶୁପକ୍ଷୀଙ୍କ ନିମନ୍ତେ କରୁଣା, ମାତୃଭୂମି ପାଇଁ ଆତ୍ମବୋଧ, ସମଗ୍ର ସଂସାର ପ୍ରତି ହିତଭାବନା ଓ ସର୍ବୋପରି ପରମାତ୍ମାଙ୍କ ପ୍ରତି ପୂର୍ଣ୍ଣ ସମର୍ପଣ ଏହି ଯଜ୍ଞମୟୀ ମହିଳାଙ୍କ ଏକନିଷ୍ଠ ବ୍ରତ ହୋଇଛି । (ଦେଖ, ଶନ୍ନୋଦେବୀଙ୍କ ଆତ୍ମଜୀବନୀ 'ସ୍ମୃତି ବାତାୟନେ')

'ବେଦରେ ନାରୀ' ପୁସ୍ତକରେ ଗୋଟିଏ ବେଦମନ୍ତ୍ରର ବ୍ୟାଖ୍ୟାକରି ସେ ଲେଖିଛନ୍ତି – "ସତ୍ୟାଚାରୀ ପତିଙ୍କର ସହଯୋଗ ପାଇବା ମୋର ସୌଭାଗ୍ୟ । ସେହି ସୌଭାଗ୍ୟ ଲାଭ ପାଇଁ ପତିଗୃହକୁ ଆସିଛି । କୌଣସି ନିକୃଷ୍ଟ କର୍ମଦ୍ୱାରା ମଳିନ ହେବି ନାହିଁ । ଗୃହରୂପୀ ପବିତ୍ର ହୋମକୁଣ୍ଡକୁ କଦାପି ଅପବିତ୍ର ହେବାକୁ ଦେବି ନାହିଁ ।" ଏହା ଅକ୍ଷରେ ଅକ୍ଷରେ ମାତା ଶନ୍ନୋଦେବୀଙ୍କ ଜୀବନରେ ପ୍ରତିଫଳିତ ।

ପରିଣତ ବୟସରେ ମଧ୍ୟ ସେ ଦେଶବିଦେଶକୁ ବେଦବାଣୀ ପ୍ରଚାର ପାଇଁ ଯାଆନ୍ତି । ଆମେରିକା ଯାତ୍ରା ସମୟରେ ସେଠାରେ ଅନେକ ଭାରତୀୟ ଗର୍ଭବତୀ ମହିଳାଙ୍କୁ ନେଇ ଏକ ବିଶାଳ ଯଜ୍ଞ ଅନୁଷ୍ଠାନ କରିଥିଲେ । ସେଠାରେ ଦୁଇ ଜଣ କନ୍ୟାଙ୍କୁ ଯଜ୍ଞୋପବୀତ ପ୍ରଦାନ କରିଥିଲେ । ଗତବର୍ଷ ଏକ ବିବାହ ସଂସ୍କାରରେ ପୌରହିତ୍ୟ କରିବା ନିମନ୍ତେ ସେ ଇଂଲଣ୍ଡ ନିମନ୍ତ୍ରିତ ହୋଇଥିଲେ । ଚଳିତବର୍ଷ ସେ ଦକ୍ଷିଣ ଆଫ୍ରିକାରୁ ପେରିଛନ୍ତି । ତାଙ୍କ ପାଇଁ ନିମ୍ନ ବେଦମନ୍ତ୍ର ସାର୍ଥକ ହୁଏ । –

ମମ ପୁତ୍ରାଃ ଶତ୍ରୁହଣୋ, ଅଥୋ ମେ ଦୁହିତା ବିରାଟ୍ ।
ଉତାହମସ୍ମି ସଂଜୟା ପତ୍ୟୌ ମେ ଶ୍ଳୋକ ଉତ୍ତମଃ ॥ (ଋଗ୍‌ବେଦ ୧୦, ୧୫.୩)

ଏହାର ଅର୍ଥ – ମୋର ପୁତ୍ରମାନେ ଦୁଷ୍ଟ ଓ ଅନ୍ୟାୟୀଙ୍କୁ ପରାହତ କରନ୍ତି । ମୋର ଦୁହିତା ତେଜସ୍ୱିନୀ । ମୁଁ ବୀରପୁତ୍ର ଓ ଆଜ୍ଞାକାରିଣୀ କନ୍ୟାର ମାତା । ମୋର ପତି ଯଶସ୍ୱୀ । ମୋର ଗୃହଯଜ୍ଞ ବିଜୟ ମଣ୍ଡିତ ହୋଇଛି ।

ଗୁରୁକୁଳ ମହାବିଦ୍ୟାଳୟ, ଆମସେନା, ଜି. ନୂଆପଡା

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ମନସ୍ୱିନୀ କୁମୁଦିନୀରୁ ସୁମନା ଶନ୍ନୋଦେବୀ

ଆଚାର୍ଯ୍ୟ ଡଃ ସୁଦର୍ଶନ ଦେବ

ଗଭୀର ଉଦ୍‌ବେଗ ଏବଂ ପରିତାପର ବିଷୟ, ଅନତି ବର୍ଷ ପୂର୍ବେ ସଂଯୁକ୍ତ ରାଷ୍ଟ୍ରସଂଘ ଦ୍ୱାରା ଏକ ନୂତନ ସର୍ଭେକ୍ଷଣର ବିବରଣୀ ଏହି ତଥ୍ୟ ପୁଷ୍ଟି କଲା କି, ଆଜି ମଧ୍ୟ ନଅ ଗୋଟି ରାଷ୍ଟ୍ରରେ ନାରୀମାନେ ମତଦାନ ଅଧିକାରରୁ ବଞ୍ଚିତ । ମିଶର ପରି ବୁଦ୍ଧିଜୀବୀ ମୁସ୍‌ଲିମ ରାଷ୍ଟ୍ରରେ ମଧ୍ୟ ପ୍ରତି ଦଶ ଜଣରେ ଜଣେ ନାରୀ ନିଜର ମତଦାନ ଅଧିକାର ସାବ୍ୟସ୍ତ କରନ୍ତି । ନାରୀମାନଙ୍କର ମତଦାନ ଅଧିକାରରୁ ବଞ୍ଚିତା, ଏ ସମସ୍ତ ରାଷ୍ଟ୍ର ମୁସ୍‌ଲିମ୍ ଶାସିତ, ଯେଉଁଠାରେ ନାରୀମାନେ ଆପତତଃ ଅସୂର୍ଯ୍ୟଂପଶ୍ୟା ଜୀବନଯାପନ କରନ୍ତି ।

ଇତିହାସର ପୃଷ୍ଠା ସିଦ୍ଧ କରେ ଯେ, ଆଦିସୃଷ୍ଟିରୁ ଆରମ୍ଭ କରି ମହାଭାରତ ଯୁଗ ପର୍ଯ୍ୟନ୍ତ ସମଗ୍ର ଭୂମଣ୍ଡଳରେ ନାରୀର ସ୍ଥାନ ଗରିମାମୟ ଥିଲା । ବେଦରେ ଯେଉଁ ନାରୀବିଷୟକ ବର୍ଣ୍ଣନା ସନ୍ନିବେଶିତ ହୋଇଛି, ସେଥିରୁ ଜଣାପଡେ ଯେ, ତତ୍କାଳୀନ ସମାଜରେ ନାରୀର ସ୍ଥିତି ପୁରୁଷର ସମକକ୍ଷ ଥିଲା । ପୁରୁଷ ଓ ସ୍ତ୍ରୀ ପରସ୍ପରର ପରିପୂରକ ଥିଲେ । ଯୁଗପ୍ରବର୍ତ୍ତକ ମହର୍ଷି ଦୟାନନ୍ଦଙ୍କ ଆମଗନ ଉପରାନ୍ତ ଭାରତବର୍ଷରେ ନାରୀମାନଙ୍କୁ ଯେଉଁ ଉଚ୍ଚ ସ୍ଥାନ ଦିଆଗଲା, ତାହା ଅନ୍ୟ କୌଣସି ରାଷ୍ଟ୍ରରେ ଦେଖିବାକୁ ମିଳିଲା ନାହିଁ । କିଛି ଦେଶରେ ନାରୀକୁ ସଂପତ୍ତି ଭାବେ ଗୃହକୋଣରେ ଏକ ପ୍ରକାର ପରଦାସୀନ କରି ରଖାଗଲା । କେହି କେହି ନାରୀକୁ କ୍ରୀଡନକ ଭାବେ ଉପଭୋଗ୍ୟ ବସ୍ତୁବତ୍ ବ୍ୟବହାର କଲେ ।

ଋଗ୍‌ବେଦରେ କିନ୍ତୁ ପୁରୁଷ ଓ ନାରୀକୁ ଗୋଟିଏ ରଥର ଦୁଇଟି ଚକତୁଲ୍ୟ ବର୍ଣ୍ଣନା କରାଯାଇଛି ଯଦ୍ଦ୍ୱାରା ଗାଡି ତାର ଗତିଧାରା ବଜାୟ ରଖିପାରେ । ସ୍ତ୍ରୀକୁ ଅର୍ଦ୍ଧାଙ୍ଗିନୀ ଅର୍ଥାତ୍ ଶରୀରର ଅର୍ଦ୍ଧ ଅଙ୍ଗ ମାନିବାର ସର୍ବପ୍ରଥମ ଶ୍ରେୟ ପାଏ ବୈଦିକ ସାହିତ୍ୟ ତଥା ଭାରତୀୟ ସମାଜ । ତୈତ୍ତିରୀୟ ବ୍ରାହ୍ମଣରେ ଏହାର ପୁଷ୍ଟିରେ ଉଲ୍ଲେଖ ଅଛି "ଅର୍ଦ୍ଧୋ ହ ବା ଏଷ ଆତ୍ମନୋ ୟତ୍ ପତ୍ନୀ" ଅର୍ଥାତ୍ ସ୍ତ୍ରୀ ପୁରୁଷ – ଶରୀରର ଅର୍ଦ୍ଧାଂଶ ଅଟେ । ଶାସ୍ତ୍ରରେ ଏପର୍ଯ୍ୟନ୍ତ ବର୍ଣ୍ଣନା କରାଯାଇଛି କି "ଅୟଜ୍ଞୋ ବା ଏଷ ଯୋଽସପତ୍ନୀକଃ" ପତ୍ନୀ ବିନା ଯେଉଁ ଯଜ୍ଞ ଅନୁଷ୍ଠିତ ହୁଏ, ତାହା ଯଜ୍ଞ ପଦବାଚ୍ୟ ନୁହେଁ । ସ୍ତ୍ରୀ ଏକାଧାରାରେ ପୁରୁଷର ସହଯୋଗିନୀ ତଥା ସହାୟିକା ଥିଲା । ଏପରି ନୁହେଁ କି ପତ୍ନୀ କେବଳ ପତି ସହିତ ଯଜ୍ଞରେ ବସୁଥିଲା, ଅପିତୁ ପତ୍ନୀର ଯଜ୍ଞାନୁଷ୍ଠାନରେ ଅଧିକାର ମଧ୍ୟ ଥିଲା । ଏହା ସ୍ୱୀକାର୍ଯ୍ୟ ଯେ ବିଗତ ଶତାବ୍ଦୀରେ ବିଦେଶୀ ଶାସନ କାଳରେ ଆର୍ଯ୍ୟନାରୀର ପଦମର୍ଯ୍ୟାଦାରେ କିଛିଟା କ୍ଷୁର୍ଣ୍ଣତା ଆସିଥିଲା, ତେବେ ନାରୀର ମହିମାବର୍ଣ୍ଣନର ଅସୁମାରି ଉଦାହରଣରେ ଆମର ଶାସ୍ତ୍ର ଭରପୂର । ଗୋପଥ ବ୍ରାହ୍ମଣର "ଶ୍ରିୟା ସ୍ତ୍ରିୟଂ ସମଦଧାତ୍" ସ୍ତ୍ରୀମାନଙ୍କୁ ଶ୍ରୀ ଅଭିହିତ କରାଯାଇଛି, ତାତ୍ପର୍ଯ୍ୟତଃ ସ୍ତ୍ରୀ ଗୃହଲକ୍ଷ୍ମୀ ଅଟେ । "ସ୍ତ୍ରୀ ସାବିତ୍ରୀ" ଅର୍ଥାତ୍ ଗାୟତ୍ରୀତୁଲ୍ୟ ପବିତ୍ର, ଏହା ଜୈମିନୀୟ ଉପନିଷଦର ଦୃଢ଼ୋକ୍ତି । ଶାସ୍ତ୍ରମାନଙ୍କରେ ସ୍ତ୍ରୀକୁ ଏକାଧାରାରେ କୁଳପା (କୁଳମର୍ଯ୍ୟାଦାର ସଂରକ୍ଷିକା), କୁଳାୟିନୀ (ବଳବୁଦ୍ଧି ଦ୍ୱାରା କୁଳର ଗତିପ୍ରଦାୟିନୀ), ପୁରନ୍ଧ୍ରି (ସମସ୍ତଙ୍କର ଧାରଣପୋଷଣ କାରିଣୀ) ନାମରେ ବର୍ଣ୍ଣନା କରାଯାଇଛି । ନାରୀମାନେ ଯେ କେବଳ ବେଦବେଦାଙ୍ଗର ଅଧ୍ୟେତା ଥିଲେ, ତାହା ନୁହେଁ, ସେମାନେ ମନ୍ତ୍ରଦ୍ରଷ୍ଟା ଋଷିକା ମଧ୍ୟ ଥିଲେ । ବେଦମନ୍ତ୍ର ସହିତ ଋଷିକା ରୂପରେ ଆଜି ମଧ୍ୟ ଏମାନଙ୍କର ନାମ ଅଙ୍କିତ । ଅନନ୍ତକାଳ ଅବଧି ବିଶ୍ୱବାରା, ଅଦିତି, ଲୋପାମୁଦ୍ରା, ଯମୀ, ଶାଶ୍ୱତୀ, ଘୋଷା, ଜୁହୁ, ଶଚୀ, ଗୋଧା, ରୋମଶା, ଶତଭିଷା ଆଦି ନାମ ସଗର୍ବ ସ୍ମରଣ କରାଯିବ । ଅନୁରୂପ ଭାବରେ ଅନୁସୂୟା,

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ମଦାଳସା, ସୀତା, ସାବିତ୍ରୀ, ପାର୍ବତୀ, ଦମୟନ୍ତୀ, ଦେବହୂତି, ଭାରତୀ ଆଦି ଆଦର୍ଶ ନାରୀମାନଙ୍କର ସ୍ମରଣମାତ୍ରକେ ସେମାନଙ୍କର ଚରଣରେ ମସ୍ତକ ଶ୍ରଦ୍ଧାନତ ହୁଏ । ସାଂସାରିକ ଦୃଷ୍ଟିକୋଣରୁ ସ୍ତ୍ରୀର ସ୍ୱରୂପ ଦ୍ୱିବିଧ, ଗୋଟିଏ ପିତୃକୁଳ ଆଧାରିତ, ଅପରଟି ପତିକୁଳ । ଦୁଇକୁଳକୁ ଅବିଚ୍ଛିନ୍ନ କରି ରଖିବାର ଏକମାତ୍ର ସଂଲଗ୍ନ ହେଉଛି ନାରୀ । ଦୁଇକୁଳରେ ଉତ୍‌ଥାନ ଓ ପତନରେ ନାରୀର ଭୂମିକା ରହିଛି । ପିତୃକୁଳର ପୁତ୍ରୀ, ଭଗିନୀ, ନଣନ୍ଦ, ପିଉସୀ ଏବଂ ପତିକୁଳରେ ପଦାର୍ପଣ ମାତ୍ରକେ ବଧୂ, ଗୃହିଣୀ, ଜାୟା, ଜନନୀ ତଥା ଶାଶୁ ସମ୍ବନ୍ଧରେ ରୂପାନ୍ତରିତ ହୋଇଯାଏ ।

ତେବେ ଅତ୍ୟନ୍ତ କ୍ଷୋଭ ଓ ପରିତାପର ବିଷୟ ଯେ, ପାଶ୍ଚାତ୍ୟ ସଂସ୍କୃତି ପ୍ରଭାବିତ ବାତାବରଣ ଉଗ୍ର ଆଧୁନିକତା, ଫେସନ ଦୁନିଆ ପ୍ରତି ଦୁର୍ବାର ଆକର୍ଷଣ ଏବଂ ଅନ୍ଧାନୁକରଣ କାରଣରୁ ଆଜିର ନାରୀ ଦିଗ୍‌ଭ୍ରମିତ, ଦିଶାହରା ପ୍ରାୟ । ଅଜ୍ଞାନପରବଶ ନାରୀ ଅବୈଦିକ ସଂସ୍କାରକୁ ଆପଣାଇ ନିଜର ଅଧୋପତନକୁ ନିଜେ ଆମନ୍ତ୍ରଣ କରିଆଣୁଛି । ଏତାଦୃଶ ଦୁର୍ଭାଗ୍ୟଜନକ ସ୍ଥିତି କେବଳମାତ୍ର ନାରୀସମାଜ ପାଇଁ ନୁହେଁ, ଅପିତୁ ସାମଗ୍ରିକ ଭାବରେ ଭାରତୀୟ ସମାଜ ତଥା ଆମର ଆଦର୍ଶ ସଂସ୍କୃତି ପ୍ରତି ମଧ୍ୟ ଘାତକ ଏବଂ ଅମଙ୍ଗଳ ସଙ୍କେତ ଅଟେ ।

କ୍ରମବର୍ଦ୍ଧିଷ୍ଣୁ ଅବକ୍ଷୟମୁଖୀ ସମାଜର ଏପରି ଏକ ଘଡିସନ୍ଧି ମୁହୂର୍ତ୍ତରେ ବେଦବିଦୁଷୀ, ସଂସ୍କାରପ୍ରବଣା, ସଂସ୍କୃତିନିଷ୍ଠା ମାତା ଶନ୍ନୋଦେବୀଙ୍କର ୭୫ ବର୍ଷ ଆରମ୍ଭ ଅବସରରେ 'ସୁମଙ୍ଗଳୀ' ଶୀର୍ଷକ ସ୍ମରଣିକା ମଙ୍ଗଳବାର୍ତ୍ତାରେ ସଜ୍ଜିତମଣ୍ଡିତ ହୋଇ ଆତ୍ମପ୍ରକାଶ କରୁଛି । ବୈଦିକ ସିଦ୍ଧାନ୍ତ, ସଂସ୍କୃତି, ସଂସ୍କୃତର ଧାର ଧାରୁନଥିବା ଅନ୍ତଃସାରଶୂନ୍ୟ ସାମାଜିକ ବାତାବରଣରେ ବେଦାନୁସାରୀ ଜୀବନ ଜୀଉଁଥିବା ପୂଜନୀୟା ମାତା ଶନ୍ନୋଦେବୀ ଉତ୍କଳ ପ୍ରଦେଶର ନାରୀସମାଜ ତଥା ସମଗ୍ର ଆର୍ଯ୍ୟସମାଜ ପାଇଁ ପ୍ରେରଣାର ଆଲୋକବର୍ତ୍ତିକା । ଦୈନିକ ସ୍ୱାଧ୍ୟାୟ, ମନନ, ଚିନ୍ତନରେ ଦିବସ-ରଜନୀ ଅତିବାହିତ କରୁଥିବା ଶନ୍ନୋଦେବୀ ବୈଦିକ କର୍ମକାଣ୍ଡଧାରାର ଏକ ପ୍ରବୀଣା ନାରୀ ପୁରୋହିତ, ଚାରିଦଶନ୍ଧି ପୂର୍ବରୁ ସମାଜ ବ୍ୟବସ୍ଥାରେ ଦିବଂଗତ ଶ୍ୱଶୁରଙ୍କ ମହାଯାତ୍ରା ଅବସରରେ ପୁତ୍ରବଧୂର ରିକ୍ସାରେ ବସି ଶ୍ମଶାନକୁ ଯିବା ବେଦମନ୍ତ୍ର ଉଚ୍ଚାରଣ କେବଳ ସେହି ବୈଚାରିକ କ୍ରାନ୍ତିରେ ଓତଃପ୍ରୋତଃ ବିଦୁଷୀ ଶନ୍ନୋଦେବୀଙ୍କ ପକ୍ଷେ ସମ୍ଭବ ଥିଲା । ଆଜି ମଧ୍ୟ ସତ୍ୟର ଏପରି ନିଚ୍ଛକ, ଦାମ୍ଭିକା ପୂଜାରିଣୀ ବିରଳ, ବୈଦିକ ସିଦ୍ଧାନ୍ତର କ୍ଷୁରଧାରାରେ ଅବିଚାଳିତ ପଦପାତ ଜାରି ରଖିଥିବା ବ୍ୟକ୍ତିତ୍ୱ ବିରଳ, ଯିଏ ନିଜର ୭୫ ବର୍ଷର ଜୀବନଯାତ୍ରା ମଧ୍ୟରେ ପ୍ରତିପାଦିତ କରିପାରିଛନ୍ତି କି, ନାରୀ ସ୍ୱୟଂସିଦ୍ଧା, ନା ଶାରୀରିକ, ନା ମାନସିକ, କୌଣସି ଦୃଷ୍ଟିରୁ ସେ ଅବଳା, ଦୁର୍ବଳା ନୁହେଁ । କେବଳ ରାଜ୍ୟ ନୁହେ, ରାଜ୍ୟ ବାହାରେ ମଧ୍ୟ ନାରୀ ପ୍ରବଚିକା ରୂପରେ ଶନ୍ନୋଦେବୀଙ୍କର ଖ୍ୟାତି ରହିଛି । ଆର୍ଯ୍ୟଜଗତରେ ତାଙ୍କର ସ୍ୱାମୀ ପ୍ରସିଦ୍ଧ ବୈଦିକ ବିଦ୍ୱାନ୍ ଶ୍ରୀଯୁକ୍ତ ଇଂ. ପ୍ରିୟବ୍ରତ ଦାଶଙ୍କର ଖ୍ୟାତି ମଧ୍ୟ କାହାରିକୁ ଅଛପା ନୁହେଁ । ପତିଙ୍କର ସୁଯୋଗ୍ୟ ସହଧର୍ମିଣୀ ହିସାବରେ ପତିଙ୍କ ସହିତ ଦେଶବିଦେଶ ଭ୍ରମଣ କରି ବୈଦିକ ଧର୍ମର ପ୍ରଚାର-ପ୍ରସାରରେ ଉଭୟ ଦମ୍ପତ୍ତି ତନ-ମନ-ଧନ ସହିତ ନିଜକୁ ନିୟୋଜିତ କରିଛନ୍ତି । ଅଧିକନ୍ତୁ ମାତା ଶନ୍ନୋଦେବୀଙ୍କ ରଚିତ ବୈଦିକ ସଂସ୍କୃତି ଆଧାରିତ ଅନେକ ପୁସ୍ତକ ତାଙ୍କୁ ସାରସ୍ୱତ ଜଗତରେ ପ୍ରତିଷ୍ଠା ଆଣିଦେଇଛି ।

ଶୈଶବର ଜିଜ୍ଞାସୁ ମନସ୍ୱିନୀ କୁମୁଦିନୀ ସ୍ୱୀୟ ସାଧନା ଏବଂ ମେଧାବଳରେ ଆଜି ଆର୍ଯ୍ୟଜଗତରେ ସମସ୍ତଙ୍କ ଆଦର୍ଶସ୍ଥାନୀୟା ସୁମନା ଶନ୍ନୋଦେବୀରେ ରୂପାରନ୍ତରିତ ହୋଇଛନ୍ତି ।

ଆ ତେ ବସ୍ତ୍ରୋ ମନୋଽୟମତ୍ ପରମାତ୍‌ଚିତ୍‌ସଧସ୍ଥାତ୍ ଅଗ୍ନେ ତ୍ୱାଂ କାମୟେ ଗୀରା । (ସାମବେଦ ପୂର୍ବାର୍ଚ୍ଚିକଃ ୮)

ଉପଯୁକ୍ତ ସାମବେଦୀୟ ମନ୍ତ୍ରକୁ ଜୀବନସଙ୍ଗୀତ ରୂପେ ଗ୍ରହଣ କରିଥିବା ମାତା ଶନ୍ନୋଦେବୀଙ୍କର ଜୀବନର ମହତ୍ ଉଦ୍ଦେଶ୍ୟ ଚରିତାର୍ଥ ହେଉ ।

ଗୁରୁକୁଳ ହରିପୁର, ନୂଆପଡା
ସଙ୍ଗଠନ ସଂପାଦକ, (ଭାରତ ସ୍ୱାଭିମାନ ଟ୍ରଷ୍ଟ, ଓଡିଶା)

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

'ଶନ୍ନୋଦେବୀ ରାଷ୍ଟ୍ରୀୟ ବେଦ ବିଦୁଷୀ ପୁରସ୍କାର' ବିଜୟିନୀମାନଙ୍କ ତାଲିକା

ଶନ୍ନୋଦେବୀ ବାଲ୍ୟକାଳରେ କୌଣସି ଗୁରୁକୁଳ ଅଥବା ବେଦପୀଠରେ ରହି ଶାସ୍ତ୍ର ଅଧ୍ୟୟନର ସୁଯୋଗ ପାଇନାହାନ୍ତି । ଏଭଳି ଶିକ୍ଷାନୁଷ୍ଠାନ ଏପର୍ଯ୍ୟନ୍ତ ଓଡିଶାରେ ନାହିଁ । ସେ ନିଜର ଅଧ୍ୟବସାୟ ବଳରେ ଶାସ୍ତ୍ରଜ୍ଞାନ ଲାଭ କରିଛନ୍ତି । ଦେଶର ବିଭିନ୍ନ ସ୍ଥଳରେ କାର୍ଯ୍ୟରତ ବେଦବିଦୁଷୀମାନଙ୍କୁ ସମ୍ମାନିତ କରିବା ନିମନ୍ତେ ସେ ୨୦୦୨ ଠାରୁ ରାଷ୍ଟ୍ରୀୟ ସ୍ତରରେ ଏକ ବିଦୁଷୀ ମହିଳାଙ୍କୁ ଭୁବନେଶ୍ୱର ଆର୍ଯ୍ୟସମାଜର ବାର୍ଷିକୋତ୍ସବ ଅବସରରେ ପୁରସ୍କାର ନିଧି, ବସ୍ତ୍ର-ଉପବସ୍ତ୍ର ଆଦି ଦ୍ୱାରା ଆଦରାନ୍ୱିତ କରିଆସୁଛନ୍ତି । ଏହି ପୁରସ୍କାର ବିଜୟିନୀମାନଙ୍କର ନାମ ନିମ୍ନରେ ପ୍ରଦତ୍ତ ହେଉଛି –

୨୦୦୨	ଡଃ ପ୍ରିୟଂବଦା ବେଦଭାରତୀ	ଆଚାର୍ଯ୍ୟା, ନଜିବାବାଦ କନ୍ୟା ଗୁରୁକୁଳ ମହାବିଦ୍ୟାଳୟ (ଉତ୍ତର ପ୍ରଦେଶ)
୨୦୦୩	ଡଃ ମାଧୁରୀରାଣୀ	ସମ୍ପାଦିକା 'ଅବନୀ', ବାରାଣସୀ
୨୦୦୪	ଡଃ ସୂର୍ଯ୍ୟାଦେବୀ	ଆଚାର୍ଯ୍ୟା, ବାରାଣସୀ ପାଣିନି କନ୍ୟା ମହାବିଦ୍ୟାଳୟ
୨୦୦୫	ଡଃ ସୁନୀତି ଦେବୀ	ବେଦପ୍ରଚାରିକା, ହାଇଦରାବାଦ
୨୦୦୬	ଆଚାର୍ଯ୍ୟା ନନ୍ଦିତା ଶାସ୍ତ୍ରୀ	ଆଚାର୍ଯ୍ୟା, ବାରାଣସୀ ପାଣିନି କନ୍ୟା ମହାବିଦ୍ୟାଳୟ
୨୦୦୭	ଡଃ ଅନ୍ନପୂର୍ଣ୍ଣା	ଆଚାର୍ଯ୍ୟା, ଦ୍ରୋଣସ୍ଥଳୀ କନ୍ୟା ମହାବିଦ୍ୟାଳୟ, ଡେରାଡୁନ
୨୦୦୮	ଡଃ ଆଶାରାଣୀ ରାୟ	ଅଧ୍ୟକ୍ଷା, ଆର୍ଯ୍ୟ କନ୍ୟା ମହାବିଦ୍ୟାଳୟ, କାନପୁର
୨୦୦୯	ଆଚାର୍ଯ୍ୟା ଧାରଣା	ଆଚାର୍ଯ୍ୟା, କନ୍ୟା ଗୁରୁକୁଳ ମହାବିଦ୍ୟାଳୟ, ଶିବଗଂଜ (ରାଜସ୍ଥାନ)
୨୦୧୦	ଡଃ ବସୁଧା ଶାସ୍ତ୍ରୀ	ବେଦ ପ୍ରଚାରିକା, ଆନ୍ଧ୍ର ପ୍ରଦେଶ
୨୦୧୧	ସାଧ୍ୱୀ ଉର୍ମିଳା ଯତି	ଆର୍ଯ୍ୟ ସନ୍ନ୍ୟାସିନୀ, ଅଜମେର (ରାଜସ୍ଥାନ)
୨୦୧୨	ଆଚାର୍ଯ୍ୟା ପ୍ରୀତି	ଅଧ୍ୟାପିକା, ବାରାଣସୀ କନ୍ୟା ମହାବିଦ୍ୟାଳୟ, ବାରାଣସୀ
୨୦୧୩	ଡଃ ସୁମେଧା	ଆଚାର୍ଯ୍ୟା, କନ୍ୟା ଗୁରୁକୁଳ ମହାବିଦ୍ୟାଳୟ, ଚୋଟିପୁରା (ଉତ୍ତରପ୍ରଦେଶ)

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଦ୍ୱିତୀୟ ଖଣ୍ଡ

(ଶନ୍ନୋଦେବୀଙ୍କ ଲିଖିତ ସାମ୍ପ୍ରତିକ ସମସ୍ୟା ବିଷୟକ କେତୋଟି ପ୍ରବନ୍ଧ । ଏଗୁଡ଼ିକ ଦୈନିକ 'ସମାଜ' ଓ କେତେକ ମାସିକ ପତ୍ରିକାରେ ପ୍ରକାଶିତ ହୋଇଛି ।)

ଗର୍ଭସ୍ଥ ଶିଶୁର ଅଧିକାର

ପିଲାଟି ଭୂମିଷ୍ଠ ହେବା ଦିନରୁ ଆମେ ତା'ର ଅସ୍ତିତ୍ୱ ଓ ଆୟୁଷ ଗଣନା କରୁ । ଜନ୍ମିତ ଶିଶୁର ରକ୍ଷଣାବେକ୍ଷଣ ପାଇଁ ତାହାର ନ୍ୟାଯ୍ୟ ଅଧିକାର ସମ୍ବନ୍ଧରେ କହୁ । ପରନ୍ତୁ ଜନ୍ମ ପୂର୍ବରୁ ମାଆର ଗର୍ଭରେ ନଅ, ଦଶ ମାସ କାଳ ଶିଶୁର ଆକୃତି ଓ ପ୍ରକୃତି ନିର୍ମିତ ହେଉଥାଏ, ଏ କଥା ପାଶୋରି ଦେଉ । ସେତେବେଳେ ମାଆର ଆହାର, ବ୍ୟବହାର, ଚିନ୍ତନ ଓ ଚାଲିଚଳନ ଗର୍ଭସ୍ଥ ଶିଶୁକୁ ପ୍ରଭାବିତ କରୁଥାଏ । ଜନ୍ମ ଲାଭ ପରେ ଶିଶୁ ଉପରେ ମାଆର ନିୟନ୍ତ୍ରଣ ପୂର୍ବପରି ନ ଥାଏ । ଶିଶୁ ପୂର୍ବବର୍ତ୍ତୀ ଜନ୍ମଗୁଡିକର ଅନେକ ସଂସ୍କାର ନେଇ ଗର୍ଭକୁ ଆସେ । ସେଠାରେ ସଂସ୍କାର ପାଇବା ତାହାର ଅଧିକାର । ପରନ୍ତୁ ଆଧୁନିକ କାଳରେ ସେହି ଅଧିକାର ଅଣଦେଖା ହୋଇଯାଇଛି ।

ମାଆର ଆଚରଣ ଗର୍ଭସ୍ଥ ସନ୍ତାନ ଉପରେ କିପରି ପ୍ରତିଫଳିତ ହୁଏ, ତାହାର ଅନେକ ଦୃଷ୍ଟାନ୍ତ ମିଳେ । ନାସ୍ତିକ ହିରଣ୍ୟକଶିପୁଙ୍କର ପୁତ୍ର ପ୍ରହଲ୍ଲାଦ ମାତୃଗର୍ଭରେ ଥିବାବେଳେ ତାହାଙ୍କ ମାତା ଋଷି ଆଶ୍ରମରେ ଆଧ୍ୟାତ୍ମିକ ବାତାବରଣରେ ରହୁଥିଲେ । ତାହା ପ୍ରହଲ୍ଲାଦଙ୍କୁ ଏତେବଡ ପ୍ରଭୁଭକ୍ତ କରିଥିଲା । ଭରତ ମାତୃଗର୍ଭରେ ଥିବାବେଳେ ଶକୁନ୍ତଳା କଣ୍ୱ ଆଶ୍ରମରେ ରହି ବ୍ରହ୍ମଚାରୀମାନଙ୍କର ଧୁନର୍ବିଦ୍ୟାର ଶିକ୍ଷା ଦେଖି ତନ୍ମୟ ହେଉଥିଲେ । ଫଳରେ ଭରତ ମହାବୀର ଓ ଚକ୍ରବର୍ତ୍ତୀ ସମ୍ରାଟ ହୋଇପାରିଲେ ।

ପ୍ରାଚୀନ ସମାଜବିଜ୍ଞାନୀମାନେ କହିଛନ୍ତି ଯେ ପତ୍ନୀର ଋତୁକାଳର ପରବର୍ତ୍ତୀ ଷୋହଳ ଦିନ ଗର୍ଭାଧାନ ପାଇଁ ଉତ୍କୃଷ୍ଟ ସମୟ । ପତିପତ୍ନୀ ଅତ୍ୟଧିକ ବିଷୟାସକ୍ତ ହେବା ଦ୍ୱାରା ସନ୍ତାନ ଦୁର୍ବଳ ହୁଅନ୍ତି । ଗର୍ଭାଧାନ ପୂର୍ବରୁ ପୁରୁଷର ବଳବୃଦ୍ଧି ନିମନ୍ତେ ବିଭିନ୍ନ ପ୍ରକାର ଶୁକ୍ରବର୍ଦ୍ଧକ ଔଷଧ ଓ ଖାଦ୍ୟପେୟର ବିବରଣୀ ଆୟୁର୍ବେଦରେ ଉଲ୍ଲେଖ ଅଛି । ମାତାଠାରେ ଗର୍ଭସ୍ଥିତି ପାଇଁ ସ୍ଥିରୀକୃତ ଦିବସରେ ଶୁଭାକାଙ୍କ୍ଷୀମାନଙ୍କର ଉପସ୍ଥିତିରେ ବିଶେଷ ପ୍ରାର୍ଥନା, ସତ୍‌ଶାସ୍ତ୍ର ଆଲୋଚନା ଓ ଯଜ୍ଞାନୁଷ୍ଠାନ କରାଯାଏ । ଏହାର ନାମ 'ଗର୍ଭାଧାନ ସଂସ୍କାର' । ସାତ୍ତ୍ୱିକ ଭାବନା ନେଇ ପତିପତ୍ନୀ ସହବାସ କରନ୍ତି । ଗର୍ଭସ୍ଥ ଶିଶୁ ଯେ ମାତାର ଆହାର, ବିହାର ଓ ଆଚରଣ ଦ୍ୱାରା ପ୍ରଭାବିତ ହୁଏ, ସେତିକି ନୁହେଁ, ପତିପତ୍ନୀଙ୍କର ସହବାସ ସମୟରେ ସେମାନଙ୍କର ଶାରୀରିକ ଓ ମାନସିକ ସ୍ଥିତି ମଧ୍ୟ ଗର୍ଭକୁ ରୂପାୟିତ କରେ । ମହାଭାରତର ଗୋଟିଏ ଦୃଷ୍ଟାନ୍ତ ଏହାର ଜ୍ୱଳନ୍ତ ଉଦାହରଣ । ଦେବବ୍ରତ ଭୀଷ୍ମ ଆଜନ୍ମ ବ୍ରହ୍ମଚାରୀ ଥିଲେ । ସାବତ ମାଆଙ୍କର ଦୁଇପୁତ୍ର ଚିତ୍ରାଙ୍ଗଦ ଓ ବିଚିତ୍ରବୀର୍ଯ୍ୟ ଅକାଳ ମୃତ୍ୟୁବରଣ କରିବା ପରେ ରାଷ୍ଟ୍ର ଅରାଜକ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ହେବ, ଏହି ଆଶଙ୍କାରେ ସେ ବ୍ୟାସଙ୍କୁ (ସାବତ ମାଆ ସତ୍ୟବତୀଙ୍କର କାନୀନ ପୁତ୍ର) ନିମନ୍ତ୍ରଣ କଲେ । ଅମ୍ବା, ଅମ୍ବିକା ଓ ଦାସୀ ଅମ୍ବାଳିକାଙ୍କଠାରୁ ବ୍ୟାସଙ୍କ ଔରସରୁ ତିନିପୁତ୍ର ଜନ୍ମଲାଭ କଲେ । ସହବାସ ସମୟରେ ଅମ୍ବା ଶ୍ମଶ୍ରୁଯୁକ୍ତ ବିକଟାଳ ଋଷିଙ୍କୁ ଦେଖି ଆଖି ବନ୍ଦ କରିଦେଲେ । ତାଙ୍କଠାରୁ ଜନ୍ମ ହେଲେ ଅନ୍ଧପୁତ୍ର ଯୁଧିଷ୍ଠିର । ଅମ୍ବିକା ଭୟଭୀତ ହୋଇ ପାଣ୍ଡୁର ବର୍ଣ୍ଣ ହୋଇଗଲେ । ତାଙ୍କଠାରୁ ଜନ୍ମ ହେଲେ ପାଣ୍ଡୁ । କିନ୍ତୁ ଦାସୀ ସହବାସ ସମୟରେ ପ୍ରସନ୍ନ ଚିତ୍ତ ଥିବା କାରଣରୁ ସନ୍ତୁ ବିଦୁର ଜନ୍ମ ହେଲେ । ଫସଲ ପୂର୍ବରୁ ମାଟିକୁ ଉର୍ବର କରାଯାଏ ଏବଂ ଉତ୍କୃଷ୍ଟ ବୀଜ ବପନ କରାଯାଏ । ସେହିପରି ଯୁବକଯୁବତୀ ବ୍ରହ୍ମଚର୍ଯ୍ୟ ପାଳନ, ଶୁଦ୍ଧ ଆଚରଣ ପୂର୍ବକ ରଜବୀର୍ଯ୍ୟକୁ ଶୁଦ୍ଧ କରିବା ପରେ ଉନ୍ନତ ସନ୍ତାନ ଜନ୍ମ କରିବା ନିମନ୍ତେ ସକ୍ଷମ ହୁଅନ୍ତି । ଗର୍ଭବତୀ ମାତା ସଙ୍ଗୀତ ପ୍ରିୟ ହେଲେ ସନ୍ତାନ ସଙ୍ଗୀତ ପ୍ରତି ଶ୍ରଦ୍ଧାଳୁ ହୁଏ । ମାତା ବିଳାସିନୀ ହେବା ଦ୍ୱାରା ସନ୍ତାନ ହୀନବୀର୍ଯ୍ୟ ହୁଏ । ସହବାସରେ ବିଶୃଙ୍ଖଳା ହେବା ଫଳରେ ବିକୃତ ସନ୍ତାନ ଜନ୍ମ ହୁଅନ୍ତି ।

ଗର୍ଭସ୍ଥିତିର ଦୁଇ, ତିନି ମାସରେ ସନ୍ତାନର ଦୈହିକ ଅଭିବୃଦ୍ଧିବେଳେ ମାଆକୁ ସାତ୍ତ୍ୱିକ ଆହାର, ବିହାର ପାଇଁ ଉପଦେଶ ଦିଆଯାଏ । ସେଥି ନିମନ୍ତେ 'ପୁଂସବନ ସଂସ୍କାର' ଅନୁଷ୍ଠିତ ହୁଏ । ଭାବଗର୍ଭକ ମନ୍ତ୍ରପାଠ ସହିତ ପତିପତ୍ନୀ ଯଜ୍ଞାନୁଷ୍ଠାନ କରନ୍ତି । ବିଜ୍ଞ ଗୁରୁଜନମାନେ ଶାସ୍ତ୍ରୀୟ ନିୟମ ଶୁଣାନ୍ତି । କ୍ରମଶଃ ଯେତେବେଳେ ଗର୍ଭସ୍ଥ ଶିଶୁର ମାନସିକ ଶକ୍ତି ବିକଶିତ ହେଉଥାଏ ଅର୍ଥାତ୍ ଗର୍ଭର ଛଅ, ସାତ ମାସରେ ଫସୀମନ୍ତୋନ୍ନୟନ ସଂସ୍କାର' ଆୟୋଜିତ ହୁଏ । ଯଜ୍ଞ ସମୟରେ ପତ୍ନୀ ଆଗରେ ଖେଚୁଡି ଅନ୍ନର ପାତ୍ରରେ ଘୃତ ଭର୍ତ୍ତି କରି ପତି ପଚାରନ୍ତି – 'କିଂ ପଶ୍ୟସି ?' – ହେ ପତ୍ନୀ ! ଏଥିରେ କ'ଣ ଦେଖୁଅଛ ? ପତ୍ନୀ ଉତ୍ତର ଦିଅନ୍ତି – 'ପ୍ରଜାଂ ପଶୂନ୍ ସୌଭାଗ୍ୟଂ ଦୀର୍ଘାୟୁଂ ତ୍ୱଂ ପତ୍ୟୁଃ' ଅର୍ଥାତ୍ ହେ ପତିଦେବ ! ମୁଁ ଏହି ପାତ୍ରରେ ଉତ୍ତମ ସନ୍ତାନ, ଗବାଦି ଉପକାରୀ ପଶୁ, କୁଟୁମ୍ବର ସୌଭାଗ୍ୟ ଓ ଆପଣଙ୍କର ଦୀର୍ଘାୟୁ ଦେଖୁଅଛି ।' ଏହି ଦୃଷ୍ଟିରୁ ଗର୍ଭାଧାନ, ପୁଂସବନ ଓ ସୀମନ୍ତୋନ୍ନୟନ ସଂସ୍କାର ଗର୍ଭସ୍ଥ ଶିଶୁର ଅଧିକାର । ସନ୍ତାନ ଜନ୍ମ ହେବା ପରେ ଆମେ ଆଡ଼ମ୍ବରପୂର୍ବକ ଭୋଜିଭାତରେ ବହୁ ଅର୍ଥ ବ୍ୟୟ କରୁଅଛି, ପରନ୍ତୁ ସେ ଗର୍ଭରେ ଥିବାବେଳେ ଅଳ୍ପ ବ୍ୟୟରେ ବୁଦ୍ଧିପୂର୍ଣ୍ଣ ସଂସ୍କାର ଗୁଡିକୁ ଅନୁଷ୍ଠାନ କରିବାରେ ଅବହେଳା କରୁ ।

କିଛିଦିନ ପୂର୍ବେ ଯୁକ୍ତରାଷ୍ଟ୍ର ଆମେରିକା, ଚୀନ ଆଦି ଦେଶର ମନୋବୈଜ୍ଞାନିକମାନେ ଗର୍ଭସ୍ଥ ଶିଶୁ ସମ୍ବନ୍ଧରେ ପରୀକ୍ଷଣ କରି ଚମକପ୍ରଦ ପରିମାଣରେ ପହଞ୍ଚିଛନ୍ତି । 'ସାଇକୋଲୋଜିକାଲ୍ ସାଇନ୍ସ' ନାମକ ଏକ ଆନ୍ତର୍ଜାତିକ ପତ୍ରିକା ଏହି ଗବେଷଣାର ଫଳ ପ୍ରକାଶ ପାଇଛି । ଗର୍ଭସ୍ଥ ଶିଶୁ ଯେ ଶୁଣିପାରେ, ତାହା ନୁହେଁ, ସେ ଭିନ୍ନ ଭିନ୍ନ କଣ୍ଠସ୍ୱର ବାରିପାରେ । ସେଥିପାଇଁ ଗର୍ଭାବସ୍ଥାର ଶେଷ ଭାଗରେ ଷାଠିଏ ଜଣ ଗର୍ଭବତୀ ମହିଳାଙ୍କୁ ପରୀକ୍ଷା କରାଯାଇଥିଲା । ଅଡିଓ ଟେପ୍ ଦ୍ୱାରା ସେମାନଙ୍କ ମଧ୍ୟରୁ ତିରିଶ ଜଣଙ୍କୁ ମାଆର (ନିଜର) କଣ୍ଠସ୍ୱର ଦୁଇ ମିନିଟ୍ ପାଇଁ ଶୁଣାଇ ଦିଆଗଲା । ଅନ୍ୟ ତିରିଶ ଜଣଙ୍କ ନିକଟରେ ଅପରିଚିତ ମହିଳାଙ୍କର ଅଡିଓ ଟେପ୍ ବଜାଗଲା । ଦେଖାଗଲା ଯେ ନିଜ ମାଆ କଣ୍ଠସ୍ୱର ଶୁଣିବା ମାତ୍ରେ ଗର୍ଭର ହୃଦୟସ୍ପନ୍ଦନର ହାର ବଢିଗଲା, କିନ୍ତୁ ଅପରିଚିତ ମହିଳାଙ୍କ କଣ୍ଠସ୍ୱର ଶୁଣିବା ସମୟରେ ସ୍ପନ୍ଦନର ହାର ହ୍ରାସ ପାଇଲା । ଏସବୁ ଲେଖିବାର ଉଦ୍ଦେଶ୍ୟ ହେଉଛି ଯେ ଶିଶୁ ଭୂମିଷ୍ଠ ହେବା ପୂର୍ବରୁ ତାହାର ଗର୍ଭସ୍ଥ ଜୀବନ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଓ ସେଥି ନିମନ୍ତେ ଆମ ସମାଜ ସଜାଗ ରହିବା ବାଞ୍ଛନୀୟ ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ନାରୀର କାହାଣୀ-ଭାଗ୍ୟବାଦରୁ ସ୍ୱେଚ୍ଛାଚାର

ଅନ୍ୟ ସୃଷ୍ଟିର କଥା କହିହେଉ ନାହିଁ, କିନ୍ତୁ ଏହି ସୃଷ୍ଟିରେ ନାରୀ-ଜୀବନର ଇତିହାସ ଅତି ମାତ୍ରାରେ ଦୁଃଖଦାୟକ । ବେଦ, ଉପନିଷଦ ଆଦି ଶାସ୍ତ୍ରରେ ମାତୃଜାତି ପାଇଁ ଅନେକ ପ୍ରଶଂସାର ସ୍ତୋତ୍ର ଲେଖାଯାଇଛି । ତେବେ ସେସବୁ ଋଷିମୁନିମାନଙ୍କର ଆଦର୍ଶ ବାଣୀ । ତାହା ମନୁଷ୍ୟ ସମାଜରେ ଠିକ୍ ଭାବରେ ପ୍ରତିପାଳିତ ହୋଇ ପାରି ନାହିଁ । ଶାରୀରିକ ଦୃଷ୍ଟିରୁ ନାରୀ ସ୍ୱଭାବତଃ ଦୁର୍ବଳ । ସେହି କାରଣରୁ ସେ ହେୟ ବିବେଚିତ ହେଲା । ତା' ପାଇଁ ଶିକ୍ଷାଦାନ ଅବରୁଦ୍ଧ ହେଲା । ନିରକ୍ଷରା ବାଳିକାମାନଙ୍କୁ ବାଲ୍ୟକାଳରୁ ବିବାହ ବନ୍ଧନରେ ବାନ୍ଧି ଦିଆଗଲା । ବିବାହ ପରେ ତାହାର ପ୍ରତ୍ୟେକ କାର୍ଯ୍ୟ ପତିଦେବଙ୍କର ଇଚ୍ଛା ଉପରେ ନିର୍ଭର କଲା । ଗୃହିଣୀ ଗୃହସ୍ଥର ଆଶ୍ରୟରେ ରହିଲା । ସଦାଚାରିଣୀ, ସାଧ୍ୱୀ ପତ୍ନୀ ମଧ୍ୟ ଦୁରାଚରୀ, ଦୁର୍ଦ୍ଧର୍ଷ ପତିଙ୍କୁ ଭଗବାନ ବୋଲି ମଣିଲା । ସେ ଘରର ଦାସୀ ରୂପେ ପରିଗଣିତ ହେଲା । ପାଦର ଜୋତା ଭଳି ତାକୁ ବ୍ୟବହାର କରାଗଲା । ତାହାର ସ୍ୱାବଲମ୍ବନ ଓ ଆତ୍ମବିଶ୍ୱାସ ସଂପୂର୍ଣ୍ଣ ଭାବରେ ଲୋପ ପାଇଲା । ପୁରୁଷର ଅତ୍ୟାଚାର ଯେତିକି ବଢ଼ିଲା, ସ୍ତ୍ରୀର ସାହାସ ଓ ମର୍ଯ୍ୟାଦା ସେତିକି ହ୍ରାସ ପାଇଲା । ଏପରି ଅବସ୍ଥା ସୃଷ୍ଟି ହେଲା ଯେ ଘରେ କନ୍ୟାଟିଏ ଜନ୍ମଲାଭ କଲେ ତାକୁ ଦୁର୍ଭାଗ୍ୟ ବୋଲି କୁହାଗଲା । କନ୍ୟାର ମାତା ଲାଞ୍ଛିତା ହେଲା ଓ କନ୍ୟା-ଶିଶୁକୁ ଜନ୍ମ ଦେଉ ଦେଉ ମାରିଦିଆଗଲା । ପୁରୁଷ ପୁରୋହିତମାନେ ଜାଲ ଶ୍ଳୋକ ରଚନା କରି ଶାସ୍ତ୍ରମାନଙ୍କରେ ମିଶ୍ରଣ କଲେ । ସେଥିରେ ଲେଖାଗଲା ଯେ ସ୍ତ୍ରୀମାନଙ୍କର ବାକ୍ ଇନ୍ଦ୍ରିୟ ଦୁର୍ବଳ, ସେମାନେ ମନ୍ତ୍ର ଉଚ୍ଚାରଣ କରିବେ ନାହିଁ, ପୂଜାପାଠରେ ଭାଗ ନେବେ ନାହିଁ । ସ୍ୱାମୀର ଧର୍ମକାର୍ଯ୍ୟ ହିଁ ସେମାନଙ୍କର କର୍ତ୍ତବ୍ୟ । ମୃତ ସ୍ୱାମୀର ଚିତାଗ୍ନିରେ ସ୍ତ୍ରୀକୁ ଜବରଦସ୍ତ ବୋଲି ଦିଆଗଲା ।

କୁହାଗଲା ଯେ ତାହା ସତୀଧର୍ମ । କିନ୍ତୁ ସ୍ତ୍ରୀ ମରିଯିବା ସଙ୍ଗେ ସଙ୍ଗେ ପୁରୁଷ ବିବାହ କରି ପାରିପାରିବ ବୋଲି ବିଧିବାଣୀ ଖଞ୍ଜି ଦିଆଗଲା । ପରେ ଦେବଦାସୀ ପ୍ରଥା ଆରମ୍ଭ କରାଗଲା । ଏମାନେ ମନ୍ଦିର ଭିତରେ ବଳାତ୍କାରର ଶିକାର ହେଲେ, ମନ୍ଦିର ବାହାରେ ଯାଯାବର ଜୀବନ କଟାଇଲେ । ହିନ୍ଦୁ ଧର୍ମର ତୁଳନାରେ ମୁସଲମାନ ଓ ଖ୍ରୀଷ୍ଟିଆନ ଧର୍ମର ମହିଳାମାନେ ଆହୁରି ଅଧିକ ନିର୍ଯ୍ୟାତିତା ହେଲେ । ହଜାର ହଜାର ବର୍ଷ ଧରି ଏପରି ଭାବରେ ନାରୀ ଉପେକ୍ଷିତା ହୋଇ ନିଜର ଭାଗ୍ୟକୁ ଆଦରି ସବୁ ସହିନେଲା ।

ଯୁଗ ବଦଳିଗଲା । ଦେଶର ତୁଙ୍ଗ ସମାଜ-ସଂସ୍କାରକମାନେ ନାରୀର ପୂର୍ବ ଗୌରବକୁ ଫେରାଇ ଆଣିବା ପାଇଁ ସଦୁଦ୍ୟମ କଲେ । ନାରୀ ଶିକ୍ଷା ଆରମ୍ଭ ହେଲା । ସମାଜରେ ଯୁବତୀ ବିବାହ ପ୍ରଚଳିତ ହେଲା । କନ୍ୟାମାନେ ଶିକ୍ଷା ଲାଭ କରି ବିବାହିତ ହେଲେ । ଆଜି ନାରୀ ଧନାର୍ଜନର କ୍ଷମତା ପାଇଛି ପରନ୍ତୁ ସମାଜ ଭୋଗବାଦୀ ହେବାରୁ ସଂସ୍କୃତିର ଧାରା ନିମ୍ନଗାମୀ ହେଉଛି । ନାରୀର ସ୍ୱଭାବ ସୁଲଭ ଲଜ୍ଜାଶୀଳତା ଧୀରେ ଧୀରେ ହ୍ରାସ ପାଉଛି । ନମ୍ରତା ହଜିଯାଉଛି । ସେ ସଦ୍‌ଗୁଣ ବଦଳରେ ରୂପସଜ୍ଜା ପାଇଁ ଆକୃଷ୍ଟ ହେଉଛି । ଚଳଚ୍ଚିତ୍ର ଓ ସମ୍ବାଦପତ୍ରରେ ତାହାର ରୂପ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ବିକ୍ରି ହେଉଛି । ଧନ ଉପାର୍ଜନ କରୁଥିବାରୁ ସେ ଗୁରୁଜନମାନଙ୍କୁ ମଧ୍ୟ ଯଥୋଚିତ ସମ୍ମାନ ଦେଉନାହିଁ । ଅନେକେ ସ୍ୱେଚ୍ଛାରେ ବୁଲାବୁଲି କରି ଧନବ୍ୟୟ କରୁଛନ୍ତି । ମାଆର ଆଦର୍ଶ ଭୁଲି ଯାଉଛନ୍ତି । ନିଜର ପୁଅ, ଝିଅମାନେ ମଧ୍ୟ ଚିତ୍ରପରଦାରେ ତାହାର ନିରଙ୍କୁଶ ଅଭିନୟ ଓ ନାଚ ଦେଖୁଛନ୍ତି । ଲଙ୍କାରୁ ମୁକ୍ତି ପାଇବା ପରେ ରାମାୟଣରେ ସୀତା ରାମଙ୍କୁ କହିଥିଲେ – "ହେ ନାଥ ! ଦୁଷ୍ଟ ରାବଣର ହାତ ମୋ' ଦେହରେ ବାଜିନାହିଁ । ସେ ମଧ୍ୟ ସେଥିପାଇଁ ସାହାସ କରିନାହିଁ ।" କିନ୍ତୁ ଆଜି ଜଣେ ସ୍ତ୍ରୀ ଏକାକୀ ବଣ ମଧ୍ୟରେ ଯାଇପାରୁଛି ସତ, କିନ୍ତୁ ପୁରୁଷସମାଜରେ ଖୋଲା ବଜାରରେ ନିରାପଦରେ ଚାଲିପାରୁ ନାହିଁ । ରାମାୟଣରେ ସୀତା ରାବଣ ସୀତାଙ୍କୁ ଚୁଇଁବା ପାଇଁ ଅନୁମତି ମାଗି ମାଗି ଥକିଯାଇଥିଲା କିନ୍ତୁ ଆଜି ଭୟାନକ ରାବଣ ପାଇଁ ଦୋକାନ, ବଜାର, ପ୍ରେକ୍ଷାଳୟ, ସଡକ, ପାର୍କ, ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ନାରୀଜାତିର ଧର୍ଷଣ କରୁଛନ୍ତି । ସମ୍ମୁଖୀନ ହେବା ପାଇଁ ନାରୀର ସାହସ ନାହିଁ ।

ଭାଗ୍ୟବାଦରେ ଈଶ୍ୱର ବିଶ୍ୱାସ ଥାଏ ଯଦିଓ ସେଥିରେ ସଦ୍‌ଜ୍ଞାନ ଓ ସଦୁଦ୍ୟମ ନ ଥାଏ । କିନ୍ତୁ ଭୋଗବାଦ ଓ ସ୍ୱେଚ୍ଛାଚାର ଏକ ପ୍ରକାର ନାସ୍ତିକତା ଅଟେ । ଦିନ ଥିଲା ନାରୀକୁ ସୂର୍ଯ୍ୟର ତେଜସ୍ୱୀତା, ଚନ୍ଦ୍ରମାର ଶୀତଳତା, ପ୍ରକୃତିର ସୁନ୍ଦରତା, ପୃଥିବୀର ସହନଶୀଳତା, ପର୍ବତର ଉଚ୍ଚାକାଂକ୍ଷା, ବାୟୁର ପ୍ରଖରତା ଆଦି ସମସ୍ତ ଦିବ୍ୟଗୁଣର ସମାବେଶ ବୋଲି କୁହଯାଉଥିଲା । ଯଜୁର୍ବେଦରେ ପରମେଶ୍ୱର ନାରୀକୁ ଦଶଟି ଗୁଣର ଅଧିକାରିଣୀ କରିଛନ୍ତି – "ଇଡେ ରନ୍ତେ ହବ୍ୟେ କାମ୍ୟେ ଚନ୍ଦ୍ରେ ଜ୍ୟୋତେ । ଅଦିତେ ସରସ୍ୱତି ମହି ବିଶ୍ରୁତି । ଏତା ତେ ଅଗ୍ନେ ନାମାନି ଦେବେଭ୍ୟୋ ମା ସୁକୃତଂ ବ୍ରୁତାତ୍ ।" ପରମେଶ୍ୱର ନାରୀକୁ ସମ୍ବୋଧନ କରି କହୁଛନ୍ତି – "ହେ ମୋର ଅମୃତପୁତ୍ରୀ ନାରୀ ! ତୁ 'ଇଡା' ମଧୁର ବାଣୀ ବ୍ୟବହାର କରୁ । (ରନ୍ତା) ତୁ ରମଣୀୟା, କାମନୀୟା, 'ହବ୍ୟା' - ଅନ୍ୟର ଉପକାର ପାଇଁ ନିଜକୁ ବଳିଦାନ ଦେଉ । 'କାମ୍ୟା' – ତୁ ପରୁଷର କାମନାଯୋଗ୍ୟା ଅଟୁ । 'ଚନ୍ଦ୍ରା'- ଚନ୍ଦ୍ରମା ସଦୃଶ୍ୟ ଆହ୍ଲାଦଦାୟିନୀ ଓ ଶୀତଳତା ପ୍ରଦାୟିନୀ ଅଟୁ । 'ଜ୍ୟୋତି' – ଜ୍ୟୋତିସଦୃଶ୍ୟ ଗୃହକୁ ଆଲୋକିତ ରଖିପାରୁ । "ନ ଗୃହଂ ଗୃହମିତ୍ୟାହୁଃ ଗୃହିଣୀ ହି ଗୃହମୁଚ୍ୟତେ" – ଏଠାରେ ଗୃହିଣୀକୁ ହିଁ ଗୃହ ବୋଲି କୁହାଯାଇଛି । ଯେଉଁ ଘରେ ଗୃହିଣୀ ନାହିଁ, ତାହା ଗୃହ ନୁହେଁ । 'ଅଦିତି'- ପୁତ୍ର, କନ୍ୟା ଜନ୍ମ ଦେଇ ପୁରୁଷର ପରମ୍ପରା ରକ୍ଷା କରୁ । 'ସରସ୍ୱତୀ' – ବିଦ୍ୟାଦାତ୍ରୀ ମାତା ଅଟୁ । 'ମାତା ନିର୍ମାତା ଭବତି' – ମାତା ହିଁ ପୁତ୍ର, କନ୍ୟାଙ୍କୁ ଆଦର୍ଶବାଦୀ ନାଗରିକ ହେବା ପାଇଁ ଶିକ୍ଷା ପ୍ରଦାନ କରେ । 'ବିଶ୍ରୁତି' – ରାମ, କୃଷ୍ଣଙ୍କ ଭଳି ସନ୍ତାନ ଜନ୍ମ ଦେଇ ପୁରୁଷର କୀର୍ତ୍ତି ଜୀବିତ ରଖୁ ।

ନବବଧୂ ଯେତେବେଳେ ଗୃହକୁ ଆସେ, ତାକୁ ଗୃହର 'ସମ୍ରାଜ୍ଞୀ' ବା 'ମହାରାଣୀ' ବୋଲି ସମ୍ବୋଧନ କରାଯାଉଥିଲା । ସମ୍ରାଜ୍ଞୀ ଗୃହର ସମସ୍ତ ଦାୟିତ୍ୱ ବହନ କରେ । ନାରୀର ସହଜାତ ସଦ୍‌ଗୁଣ ଆଜି ଲୋପ ପାଇଛି । ସେ ସେଗୁଡିକୁ ଫେରାଇ ପାଇଲେ ତାହାର ପୂର୍ବ ଗୌରବ ପୁନରାୟ ଜାଗ୍ରତ ହେବ । ତେଣୁ ଆମର ବିଶ୍ୱବିଦ୍ୟାଳୟମାନେ କନ୍ୟାମାନଙ୍କ ପାଇଁ ଆଦର୍ଶମାତା ଓ ସୁଗୃହିଣୀ ବିଷୟରେ ସ୍ୱତନ୍ତ୍ର ଶିକ୍ଷାଦାନର ବ୍ୟବସ୍ଥା କରିବା ବିଧେୟ । ଦେଶ ପାଇଁ ଶ୍ରେଷ୍ଠ ନାଗରିକ ଜନ୍ମ ହେବା ନାରୀର ଅପୂର୍ବ ଅବଦାନ । ନଚେତ୍ ଆତଙ୍କବାଦୀ ଓ ଦୁରାଚାରୀ ସନ୍ତାନମାନେ ଦେଶର ସର୍ବନାଶ କରିବେ । ନାରୀକୁ ଲକ୍ଷ୍ମୀ, ସରସ୍ୱତୀ, ଦୁର୍ଗା ରୂପରେ ଗଢିବା ପାଇଁ ଜାତି, ଧର୍ମ ନିର୍ବିଶେଷରେ ନୈତିକ ଓ ଆଧ୍ୟାତ୍ମିକ ଶିକ୍ଷାର ପ୍ରୟୋଜନ । ଭାଗ୍ୟବାଦୀ ବଦଳରେ ପୁରୁଷାର୍ଥୀ ଓ ପରିଶ୍ରମୀ ହେବା ଏବଂ ସ୍ୱେଚ୍ଛାଚାରିଣୀ ପରିବର୍ତ୍ତେ ସଦାଚାରିଣୀ ହେବା ନାରୀର ସହଜାତ ଗୁଣ । ନାରୀ ନିଜର ସ୍ୱରୂପକୁ ହୃଦୟଙ୍ଗମ କଲେ ଏହି ପୃଥିବୀ ପୁନଃ ଦେବଭୂମିରେ ପରିଣତ ହେବ ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଭାରତରେ ନାରୀ ବଳାତ୍କାରର ଲକ୍ଷ୍ମଣରେଖା କେତେ ଦୀର୍ଘ !

ଭାରତ ବାହାରୁ ଆସୁଥିବା ମହିଳା ପର୍ଯ୍ୟଟକଙ୍କ ପ୍ରତି କ୍ରମବର୍ଦ୍ଧିଷ୍ଣୁ ବଳାତ୍କାର ଘଟଣାଗୁଡିକ ଆଜିକାଲି ବିଦେଶରେ ବିଶେଷ ଭାବରେ ଚର୍ଚ୍ଚା ହେଉଛି । ଯୌତୁକ ପାଇବା ଅଥବା ଅଳଙ୍କାର ଲୁଟିବାର ଲୋଭ ଅପେକ୍ଷା ଏ ଦେଶରେ କାମ ବାସନା ଅଧିକ ମାତ୍ରାରେ ବଢି ଚାଲିଛି । ବିଦ୍ୟାଳୟମାନଙ୍କରେ ସକଳ ପ୍ରକାର ଶିକ୍ଷା ଦିଆଯାଉଛି; କୁହାଯାଉଛି ଯେ ଜ୍ଞାନର ବିସ୍ଫୋରଣ ଘଟିଛି । ଚତୁର୍ଥ, ପଞ୍ଚମ ପଢୁଥିବା ପିଲାମାନେ ପିଠି ଉପରେ ପୁସ୍ତକର ବଡ ବଡ ବୋଝ ଧରି ବିଦ୍ୟାଳୟକୁ ଯାଉଛନ୍ତି ଯାହା ଦେଖିଲେ ମନେ ହେଉଛି ଯେ ସେମାନେ ତିନି ଲୋକର ଜ୍ଞାନ ପାଉଛନ୍ତି । ସେଥିରୁ ବାହାର ବସ୍ତୁଗୁଡିକର ଜ୍ଞାନ ବୃଦ୍ଧି ହେଉଛି ସତ, ପରନ୍ତୁ ଦେହର ଆନ୍ତରିକ ଜ୍ଞାନ, ଯଥା – ବାଣୀ, ମନ, ପ୍ରାଣ, ଆତ୍ମା ଆଦି ସମ୍ବନ୍ଧରେ କଣିକାଏ ସୁଦ୍ଧା ଶିକ୍ଷା ମିଳୁନାହିଁ । ସେହି କଥା ଆମ ନୀତି – ନାତୁଣୀଙ୍କୁ ପଚାରିଲେ, ସେମାନେ କହୁଛନ୍ତି ସେସବୁ ତାଙ୍କ ସିଲାବସ୍‌ରେ ନାହିଁ । ସିଲାବସ୍‌ରେ ନାହିଁ, ଏହାର ଅର୍ଥ ଜୀବନରେ ସେସବୁ ଜାଣିବା ଆଦୌ ଲୋଡା ନାହିଁ । ଏଇଠି ରହିଛି ଭାରତୀୟ ଶିକ୍ଷା ଓ ଭାରତର ଆଧୁନିକ ଶିକ୍ଷା ଭିତରେ ପ୍ରଭେଦ । ପୁଣି ସେବର ଓ ଏବେର ଶିକ୍ଷାବତ୍‌ମାନଙ୍କର ସୂକ୍ଷ୍ମଦୃଷ୍ଟିର ଭିନ୍ନତା ।

ଏ ଦେଶରେ ଶିକ୍ଷା କହିଲେ ବ୍ରହ୍ମଚର୍ଯ୍ୟକୁ ବୁଝାଯାଉଥିଲା । ବିଦ୍ୟାର୍ଥୀର ନାମ ଥିଲା ବ୍ରହ୍ମଚାରୀ । ବାଲ୍ୟକାଳକୁ ବ୍ରହ୍ମଚର୍ଯ୍ୟ ଆଶ୍ରମ କୁହାଯାଉଥିଲା । 'ବ୍ରହ୍ମ'ର ଅର୍ଥ ଶ୍ରେଷ୍ଠ । 'ଚର୍ଯ୍ୟ' କହିଲେ ଆଚରଣକୁ ବୁଝାଯାଏ । ବିଚାର, ଆଚାର, ଦୃଷ୍ଟି, ବ୍ୟବହାର ଆଦି ଆଚରଣ । ବ୍ରହ୍ମଚାରୀ ନିଜର ବ୍ୟବହାରରେ ଉତ୍କୃଷ୍ଟ ଓ ପବିତ୍ର ଶିକ୍ଷା ପାଉଥିଲେ । ସଦାଚାରର ଦିବ୍ୟ ଜଳରେ ସ୍ନାନ କରି ସ୍ନାତକ ହେଉଥିଲେ । ସର୍ବପ୍ରଥମେ ମାତାଠାରୁ ଆଚରଣର ଶିକ୍ଷା, ପରେ ପିତାଙ୍କ ଆଦର୍ଶ କାର୍ଯ୍ୟାବଳୀ ଦେଖି ସୁସଂସ୍କାର ଓ ଶେଷରେ ଆଚାର୍ଯ୍ୟଙ୍କଠାରୁ ଆଚରଣର ତଥ୍ୟ ଓ ସତ୍ୟ ଲାଭ କରୁଥିଲେ । ବିଦ୍ୟା ସମାପ୍ତି ପରେ ଦୀକ୍ଷାନ୍ତ ଉପଦେଶ ପାଇ ଘରକୁ ଫେରୁଥିଲେ ଓ ବାସ୍ତବ ସଂସାରର ସମ୍ମୁଖୀନ ହେଉଥିଲେ । ଆମ ଶାସ୍ତ୍ରରେ କୁହାଯାଇଛି ଯେ, ନିରୁତ୍ସାହୀ ଓ ଦୁର୍ବଳ ଯୁବକ ଯୁବତୀଙ୍କ ବିବାହ କରିବା ଉଚିତ ନୁହେଁ । ଯେଉଁ ବ୍ରହ୍ମଚାରୀ ଗୃହୀ ଜୀବନର ବାହ୍ୟ ଆକର୍ଷଣରୁ ରକ୍ଷା ପାଇବାର ପ୍ରତିରୋଧ ଶକ୍ତି ପାଉଥିଲା, ସେ ହିଁ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟରୁ ବାହାରୁଥିଲା । ବିବାହ ପାଇଁ ଅନୁମତି ପାଉଥିଲା । ଯେପରି ବ୍ରହ୍ମଚାରୀ ପାଇଁ ସେପରି ବ୍ରହ୍ମଚାରିଣୀଙ୍କ ପାଇଁ ଆଦର୍ଶ ବିଦ୍ୟାଳୟ ରହିଥିଲା । ଉପଯୁକ୍ତ ଗୃହସ୍ଥ ଓ ଗୃହିଣୀଙ୍କଠାରୁ ଯୋଗ୍ୟ ସନ୍ତାନ ଜାତ ହେଉଥିଲେ ।

ଏହି ଲେଖିକା ଶିକ୍ଷାଲାଭ ପାଇଁ ବିଶ୍ୱବିଦ୍ୟାଳୟର ଦ୍ୱାରା ମାଡିବା ସୁଯୋଗ ପାଇନାହିଁ, କିନ୍ତୁ ଆଧୁନିକ ଯୁଗରେ ବିଶ୍ୱବିଦ୍ୟାଳୟମାନଙ୍କରେ ଅନେକ ସମାବର୍ତ୍ତନ ଉତ୍ସବ ଦେଖିଛି । ମୁଖ୍ୟଅତିଥି କୃଷି, ବାଣିଜ୍ୟ, ବିଜ୍ଞାନ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଅଥବା ରାଜନୀତି ବିଷୟରେ ଲମ୍ବା ବକ୍ତୃତା ଦେବା ଶୁଣିଛି । ପଦଟିଏ ହେଲେ ବାସ୍ତବ ଜୀବନ ପାଇଁ ସ୍ନାତକମାନଙ୍କୁ ଉପଦେଶ ଦେବା ଶୁଣିନାହିଁ । ତାହାହେଲେ ଶିକ୍ଷା, ସମାବର୍ତ୍ତନ ଓ ଜୀବନର ରହସ୍ୟ କେଉଁଠି ରହିଲା ? ଶିକ୍ଷାରେ ଯଦି ଚରିତ୍ର ଗଠନ ପାଇଁ ଉପଦେଶ ରହିଲା ନାହିଁ, ତେବେ ତା'ର ସାର୍ଥକତା କ'ଣ ? ବିଶ୍ୱବିଦ୍ୟାଳୟ କେଉଁ ବିଶ୍ୱଜୀବନ ପାଇଁ ?

ଏହି ପ୍ରବନ୍ଧର ନାମକରଣରେ 'ଲକ୍ଷ୍ମଣରେଖା' ପଦ ବ୍ୟବହୃତ ହୋଇଛି । ତାହାର ଦୁଇଟି କାରଣ । ପ୍ରଥମ କଥା ଯେ ବନବାସ କାଳରେ ଲକ୍ଷ୍ମଣ ସୀତାଙ୍କ ନିରାପତ୍ତା ପାଇଁ ତିନୋଟି ରେଖାର ବାହାରକୁ ପାଦ ନ ପକାଇବା ପାଇଁ ପରାମର୍ଶ ଦେଇ ରାମଙ୍କୁ ଖୋଜିବା ପାଇଁ ଚାଲିଗଲେ । ତାହା ଲକ୍ଷ୍ମଣରେଖା ନାମରେ ପ୍ରସିଦ୍ଧ । ଅନ୍ୟ ଏକ ବିଶିଷ୍ଟ ଘଟଣା ରାମାୟଣରେ ଲକ୍ଷ୍ମଣଙ୍କ ନାମକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଛି । ଲକ୍ଷ୍ମଣ ମାତାମାନଙ୍କ ସେବା ନିମନ୍ତେ ନିଜର ପତ୍ନୀ ଉର୍ମିଳାଙ୍କୁ ଅଯୋଧ୍ୟାରେ ରଖି ବନବାସ ଗଲେ । ରାବଣ ସୀତାଙ୍କୁ ହରଣ ସମୟରେ ସୀତା ଆକାଶ ମାର୍ଗରୁ ଭୂମିତଳକୁ ପିଙ୍ଗିଥିବା ଅଳଙ୍କାର ଗୁଡିକ ସୁଗ୍ରୀବ ପାଇଥିଲେ । ସୁଗ୍ରୀବ ସେହି ଅଳଙ୍କାରଗୁଡିକୁ ଚିହ୍ନିବା ପାଇଁ ପଚାରିଲେ । ସେତେବେଳେ ଲକ୍ଷ୍ମଣ କହିଥିଲେ 'ନାହଂ ଜାନାମି କେୟୁରେ, ନାହଂ ଜାନାମି କୁଣ୍ଡଳେ ନୂପୁରାବେବ ଜାନାମି, ନିତ୍ୟଂ ପାଦା ଭିବନ୍ଦନାତ୍' । ହେ ଭ୍ରାତା ! ମୁଁ ମାତା ସୀତାଙ୍କ ହାତ ଓ କାନରେ ପିନ୍ଧିଥିବା ଅଳଙ୍କାରଗୁଡିକୁ ଚିହ୍ନି ପାରିବି ନାହିଁ । ମୁଁ ତାଙ୍କ ପାଦର ଅଳଙ୍କାର ଗୁଡିକୁ ହିଁ ଜାଣି ପାରିବି । କାରଣ କେବେହେଲେ ମୁଁ ତାଙ୍କର ମୁହଁକୁ ଚାହିଁ ନାହିଁ । ସବୁବେଳେ ତାଙ୍କର ପାଦପଦ୍ମରେ ନମିତ ହେଉଥିଲି । ଏଥିରୁ ଭାରତୀୟ ସଭ୍ୟତାର ମହତ୍ତ୍ୱ ଓ ନାରୀ ଜାତି ପ୍ରତି ପୁରୁଷର ସମ୍ମାନ ଜାଣି ହୁଏ । ଆଜିର ଯୁବକମାନେ ଏପରି ଆଚରଣ କରିବାର ସାହାସ ରଖନ୍ତି କି ? ଅନ୍ୟ ସ୍ତ୍ରୀକୁ ମାତା ପରି ବ୍ୟବହାର କରିବା ଏବଂ ଅନ୍ୟର ବସ୍ତୁ ପ୍ରତି ହେୟ ମଣିବାର ନୀତିକଥା ଏ ଦେଶରେ ପ୍ରଚଳିତ ଥିଲା ।

ଲୋକେ ଆମ ଦେଶରେ ମାତୃଶକ୍ତିକୁ ପରମାତ୍ମାଙ୍କ ରୂପରେ ପୂଜା କରୁଥିଲେ । ଯେପରି ଧନର ଅଧିଷ୍ଠାତ୍ରୀ ଦେବୀଙ୍କୁ ଲକ୍ଷ୍ମୀ, ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀଙ୍କୁ ସରସ୍ୱତୀ, ସୌନ୍ଦର୍ଯ୍ୟର ଅଧିଷ୍ଠାତ୍ରୀ ଦେବୀଙ୍କୁ ରତି, ପରାକ୍ରମର ଅଧିଷ୍ଠାତ୍ରୀ ଦେବୀଙ୍କୁ ଦୁର୍ଗା ନାମରେ ଆଜିଯାଏ ପୂଜା କରାଯାଉଛି । ବୈଦିକ ଯୁଗ ନାରୀମାନଙ୍କ ପାଇଁ ସୁବର୍ଣ୍ଣମୟ ଯୁଗ ଥିଲା । ସେତେବେଳେ ସମାଜ ଓ ପରିବାରରେ ନାରୀର ପ୍ରତିଷ୍ଠା ଥିଲା । ନାରୀକୁ ପରିବାରର ଗୃହଲକ୍ଷ୍ମୀ, ସମ୍ରାଜ୍ଞୀ, ସମାଜର ଭବିଷ୍ୟତ ନିର୍ମାତ୍ରୀ, ଜାତିର ପଥ ପ୍ରଦର୍ଶିକା, ପତିର ସହଧର୍ମିଣୀ ହିସାବରେ ସମ୍ମାନ ଦିଆଯାଉଥିଲା । ନାରୀ ଠାରେ ପୃଥିବୀର ସହନଶୀଳତା, ସମୁଦ୍ରର ଗମ୍ଭୀରତା, ସୂର୍ଯ୍ୟର ତେଜସ୍ୱିତା, ଚନ୍ଦ୍ରମାର ଶୀତଳତା, ବାୟୁର ପ୍ରଖରତା, ପ୍ରକୃତିର ସୌନ୍ଦର୍ଯ୍ୟ, ପର୍ବତର ଉଚ୍ଚାକାଂକ୍ଷା ଆଦି ସମସ୍ତ ଦିବ୍ୟଗୁଣ ବିଦ୍ୟମାନ ବୋଲି ବେଦ କହିଛନ୍ତି । ନାରୀଜାତିକୁ ଏଦେଶରେ ଏତେ ସମ୍ମାନ ଦିଆଯାଉଥିଲେ ଯେ ପୃଥିବୀ ମାତା, ଭାରତ ମାତା, ଉତ୍କଳ ଜନନୀ ନାମରେ ସମ୍ବୋଧନ କରାଯାଉଛି । ବେଦରେ ଋଷି କହିଛନ୍ତି – 'ମୋର ପିତା ଓ ଭ୍ରାତା ପରମେଶ୍ୱରଙ୍କ ସମାନ ଉପକାରୀ ଓ ପୂଜନୀୟ ନୁହନ୍ତି । ପରନ୍ତୁ ମୋର ମାତା ଭଗବତୀ ସ୍ୱରୂପା – 'ବସ୍ୟାଂ ଇନ୍ଦ୍ରାସି ମେ ପିତୁରିତ ଭ୍ରାତୁଃ ଅଭୁଞ୍ଜିତଃ, ମାତା ବ ମେ ଛନ୍ଦୟଥଃ ସମାବସୋ ବସୁତ୍ୱନାୟ ରାଧସେ' (ଋଗ୍‌ବେଦ ୮,୧,୬) । ମହର୍ଷି ମନୁ କହିଛନ୍ତି – 'ମାନ୍ୟତେ ପୂଜ୍ୟତେ ଯା ସା ମାତା' – ଯାହାକୁ ମାନ୍ୟ କରାଯାଏ, ପୂଜା କରାଯାଏ, ସେ ମାତା ଅଟେ । ତେଣୁ ବେଦରେ ଅଛି – 'ସ୍ତ୍ରୀ ବି ବ୍ରହ୍ମା ବଭୂବିଥ' ଅର୍ଥାତ୍ ସ୍ତ୍ରୀ ଜନ୍ମଦାତ୍ରୀ ଓ ନିର୍ମାତ୍ରୀ' । ନାରୀକୁ ମଧ୍ୟ ସଂଯମୀ ହେବା ପାଇଁ ବେଦ ଉପଦେଶ ଦେଇଛନ୍ତି – ଅଧଃ ଯଶସ୍ୱ x x x (ଋଗ୍‌ବେଦ ୮,୩୩,୧୯) – ହେ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ନାରୀ" । ଉପରକୁ ଚାହିଁ ପାଦକୁ ଏଣେତେଣେ ରଖି ଚାଲିବା ତୁମ ମାନସିକ ଚପଳତାର ଚିହ୍ନ । ବସ୍ତ୍ର ପରିଧାନରେ ସଂଯତ ନ ରହିବା, ଦୁଇ ସ୍ତନ ଓ ଜଙ୍ଘକୁ ଅଶୋଭନୀୟ ଭାବରେ ପ୍ରଦର୍ଶନ କରିବା ବିଳାସିତାର ଅଭିବ୍ୟକ୍ତି । ଅସଂଯତ ନାରୀ ମନୁଷ୍ୟ ସମାଜକୁ କାମଗ୍ରସ୍ତ ଓ କଳୁଷିତ କରେ । ନାରୀ ଲମ୍ପଟୀ ହେବା ଫଳରେ ପୁରୁଷ ମହାଲମ୍ପଟ ହୁଏ । ଫଳରେ ହୀନବୀର୍ଯ୍ୟ ସନ୍ତାନ ଜାତ ହୁଅନ୍ତି ।

ନାରୀ ନିର୍ଯାତନାରୁ ରାଷ୍ଟ୍ରର ପତନ ଘଟେ । ତାହାର ଉତ୍ତପ୍ତ ଅଶ୍ରୁରେ ରାଷ୍ଟ୍ର ଅଭିଶପ୍ତ ହୁଏ । ସ୍ତ୍ରୀ ହରଣକାରୀ ଧୂର୍ତ୍ତମାନଙ୍କ ଦ୍ୱାରା ଘଟୁଥିବା ଦୁଷ୍କର୍ମରୁ ରାଷ୍ଟ୍ରରେ ଅରାଜକତା ସୃଷ୍ଟି ହୁଏ । ଯେତେବେଳେ ସମାଜରେ ଭୋଗ-ଲାଳସା ଲକ୍ଷ୍ମଣରେଖା ପାର କରେ, ନାରୀ ଲୁଣ୍ଠିତ ହୁଏ । ତାହାର ସତୀତ୍ୱ ଓ ନିରାପତ୍ତା ନଷ୍ଟ ହେବା ନିଶ୍ଚିତ ଭାବରେ ରାଷ୍ଟ୍ରଭଙ୍ଗରେ ଅଶୁଭ ସୂଚନା ଅଟେ ।

ଦିଶାହରା ଆଜିର ନାରୀ

ସ୍ରୋତସ୍ୱିନୀ ନଦୀ ପ୍ରବଳ ବେଗରେ ପ୍ରବାହିତ ହୋଇ ପରିଶେଷରେ ସମୁଦ୍ର ମଧ୍ୟକୁ ଯାଇ ସ୍ଥିର ରହେ । ନାରୀ ମଧ୍ୟ ସେହିପରି କନ୍ୟା, ଭଗିନୀ ଓ ପତ୍ନୀ ରୂପ ଧାରଣ କରି ଶେଷରେ ମାତୃତ୍ୱ ଲାଭ ସହିତ ସନ୍ତୋଷ ପାଏ । ମାତା ଭାବରେ ସନ୍ତାନକୁ ଜନ୍ମ ଦେବା ନିଜ ପାଇଁ ତାହାର ସର୍ବାଧିକ ଆନନ୍ଦର ମୁହୂର୍ତ୍ତ ଓ ବିଶାଳ ମାନବ ସମାଜ ନିମନ୍ତେ ତାହାର ସର୍ବଶ୍ରେଷ୍ଠ ଅବଦାନ । ସନ୍ତାନ କଳାକାରଖାନାରେ ଉତ୍ପନ୍ନ ହେଉଥିବା ଜଡବସ୍ତୁ ନୁହେଁ । ତା'ଠାରେ ମାତାର ସଂଯମ, ତପ, ସଂକଳ୍ପ, ଶିଷ୍ଟାଚାର ଓ ଆଧ୍ୟାତ୍ମିକ ଚିନ୍ତନ ପ୍ରତିଫଳିତ ହୁଏ । ନିଜଠାରୁ ଅଧିକ ଯୋଗ୍ୟ ଉତ୍ତରାଧିକାରୀ ସୃଷ୍ଟି କରିବା ବିବାହର ଉଦ୍ଦେଶ୍ୟ ଓ ନାରୀର ସର୍ବୋତ୍ତମ ଦିଶା । ତାହାର ଶରୀର ଓ ମନ ଏପରି ଉପାଦାନରେ ଗଠିତ ଯେ ସେ ହିଁ ଏକ ନବୀନ ଆତ୍ମାକୁ ଗର୍ଭରେ ସ୍ଥାପନ ଓ ପୋଷଣ କରିପାରେ । ବିଗତ ଦେଢ ଶହ ବର୍ଷ ହେଲା ବୈଜ୍ଞାନିକମାନେ ନରଠାରେ ଗର୍ଭ ସଂଚାର ନିମନ୍ତେ ଉଦ୍ୟମ କରି ଆସୁଛନ୍ତି ପରନ୍ତୁ ସୃଷ୍ଟିନିୟମକୁ ବଦଳାଇବା ସେମାନଙ୍କ ପକ୍ଷରେ ସମ୍ଭବ ହୋଇ ନାହିଁ । ଜୀବମାନଙ୍କର ମଙ୍ଗଳ ପାଇଁ ଐଶ୍ୱରୀୟ ନିୟମକୁ ସଦ୍‌ବିନିଯୋଗ କରିବା ହିଁ ବିଜ୍ଞାନର କାର୍ଯ୍ୟ ଅଟେ । ଇଟା, ପଥରର ନିର୍ମିତ ଗୃହ କେବେ ହେଲେ ନାରୀ ବିନା ଗୃହ ପଦବାଚ୍ୟ ହୁଏ ନାହିଁ । – "ନ ଗୃହମ୍ ଗୃହମ୍ ଇତ୍ୟାହୁଃ ଗୃହିଣୀ ଗୃହମୁଚ୍ୟତେ" । ସେହି କାରଣରୁ ମହାମନା ବେଦବ୍ୟାସ ଭାର୍ଯ୍ୟାହୀନ ଗୃହକୁ ଶୁନ୍ୟ କରିଛନ୍ତି – "ଭାର୍ଯ୍ୟାହୀନ ସ ଗୃହମ୍ ତସ୍ୟ ଶୂନ୍ୟଂ ଏବ ଗୃହଂ ଭବେତ୍ ।" ଭଗବାନ ନାରୀଠାରେ ପୃଥିବୀର ସହନଶୀଳତା, ସୂର୍ଯ୍ୟର ତେଜସ୍ୱୀତା, ଚନ୍ଦ୍ରମାର ଶୀତଳତା, ପ୍ରକୃତିର ସୁନ୍ଦରତା, ପର୍ବତର ଉଚ୍ଚାକାଂକ୍ଷା, ବାୟୁର ପ୍ରଖରତା, ସମୁଦ୍ରର ଗମ୍ଭୀରତା ଏସବୁ ଦିବ୍ୟଗୁଣକୁ ଏକାଠି କରିଛନ୍ତି । ଯଜୁର୍ବେଦ କହନ୍ତି – ନାରୀ ଦଶଟି ବିଲକ୍ଷଣ ଗୁଣର ଅଧିକାରିଣୀ । ସେ ଇଡା (ମିଷ୍ଟବାଣୀ ଯୁକ୍ତା), ରନ୍ତା (ରମଣୀୟା), ହବ୍ୟା (ସନ୍ତାନମାନଙ୍କ ମଙ୍ଗଳ ପାଇଁ ନିଜକୁ ବଳିଦାନ ଦିଏ), ଜ୍ୟୋତି (ଦୀପ କରି ପରିବାରକୁ ଆଲୋକିତ କରେ,

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଅଦିତି ପୁତ୍ରକନ୍ୟାଙ୍କୁ ଜନ୍ମ ଦେଇ ମାନବ ପରମ୍ପରା ରକ୍ଷା କରେ), ମହୀ (ସହନଶୀଳା), ଚନ୍ଦ୍ରା (ଚନ୍ଦ୍ରମା ପରି ଆହ୍ଲାଦଦାୟିନୀ), ସରସ୍ୱତୀ– ବିଦୁଷୀ ମାତା, ବିଶ୍ରୁତି (କୀର୍ତ୍ତି ସ୍ଥାପୟିତା) କରେ ଇତ୍ୟାଦି । ଋଗ୍‌ବେଦରେ ନାରୀ ଘୋଷଣା କରେ– "ଅହଂ କେତୁଃ"– ରାଷ୍ଟ୍ରୀୟ ପତାକା ଯେପରି ରାଷ୍ଟ୍ରର ସମ୍ମାନର ପ୍ରତୀକ, ମୁଁ ସେହିପରି ପାରିବାରିକ ପ୍ରତିଷ୍ଠାର ପରିଚାୟକ ।

'ପିତୁଃ ଦଶ ଶତଂ ମାତା' – ଏହା କହି ମହର୍ଷି ମନୁ ମାତାଙ୍କୁ ପିତାଙ୍କ ଠାରୁ ହଜାରେ ଗୁଣର ଅଧିକ ସେବକ ଓ ଶୁଭାକାଂକ୍ଷୀ ରୂପରେ ସମ୍ମାନିତ କରିଛନ୍ତି । ମାତା ଶବ୍ଦରୁ ହିଁ ତାହାଙ୍କର ମହତ୍ତ୍ୱ ପ୍ରତିଫଳିତ ହୁଏ – 'ମାନ୍ୟତେ ପୂଜ୍ୟତେ ଯା ସା ମାତା' । ଯେ ମାନ୍ୟତା ଓ ପୂଜାର ସର୍ବଶ୍ରେଷ୍ଠ ଅଧିକାରିଣୀ; ସେ ମାତା । ମହାନ୍ ଶଙ୍କରାଚାର୍ଯ୍ୟ ମାତୃବନ୍ଦନା କରି ଲେଖିଛନ୍ତି – "ପ୍ରସବ ସମୟରେ ଭୟଙ୍କର ଶୂଳବ୍ୟଥା ହୁଏ । ଗର୍ଭାବସ୍ଥାରେ ଖାଇବା-ପିଇବାରେ ରୁଚି ରହେ ନାହିଁ । ଫଳରେ ଦେହ ଶୁଖିଯାଏ । ସନ୍ତାନ ଜନ୍ମ ହେବା ପରେ ତାହାର ମଳମୂତ୍ରରେ ଶୋଇବାକୁ ପଡ଼େ । ମାଆଙ୍କର ଏହି ସମସ୍ତ ଉପକାର ଭୁଲିଗଲେ ମଧ୍ୟ ଏକମାତ୍ର ଗର୍ଭଭାର ସହନର ମହାନ୍ ଉପକାର ପାଇଁ ପୁତ୍ରକନ୍ୟା ମାଆଙ୍କଠାରେ ଚିରଋଣୀ ରହିବା ଆବଶ୍ୟକ । ତେଣୁ ହେ ଜନ୍ମଦାତ୍ରୀ ମାଆ ତୁମକୁ କୋଟି କୋଟି ନମସ୍କାର" – "ଗର୍ଭଭାର ଭରଣ କ୍ଲେଶସ୍ୟ ଯସ୍ୟାଃ କ୍ଷମୋ" ।

ନାରୀ ଆଜି ମାତୃତ୍ୱର ଗୌରବ ବୁଝିନାହିଁ । ସନ୍ତାନର ଜନ୍ମ ଓ ପାଳନର ଦାୟିତ୍ୱ ନେବା ପାଇଁ କୁଣ୍ଠା ଅନୁଭବ କରୁଛି । ପାରିବାରିକ ଆକର୍ଷଣୀୟ ପୋଷାକ ଓ ଉପକରଣ ପାଇଁ ବଜାର ବୁଲିବା, ହୋଟେଲରୁ ସ୍ୱାଦିଷ୍ଟ ଖାଦ୍ୟ ମଗାଇବା, ପୁଅଝିଅଙ୍କ ସହିତ ବସି ଅନାଦର୍ଶ ଓ ଅଦରକାରୀ ଟିଭି ସିରିଅଲ୍ ଦେଖିବା ଆଦି କାର୍ଯ୍ୟରେ ବ୍ୟସ୍ତ ରହୁଛି । ଯୋଗ୍ୟ ସନ୍ତାନ ନିର୍ମାଣ ନିମନ୍ତେ ସମୟ ଦେବା ଅପେକ୍ଷା ଚାକିରି କରି ରୋଜଗାର କରିବା ଓ ତଥାକଥିତ ଜୀବନ ମାନ ବୃଦ୍ଧି କରିବାକୁ ଅଧିକ ଶ୍ରେୟ ମନେ କରୁଛି । ଗର୍ଭଧାରଣ କରିବା ପରେ ତାହାର ବିଳାସିତା, ଅନୁଚିତ ଆହାର ବ୍ୟବହାରରେ ଅଙ୍କୁଶ ରହୁ ନାହିଁ । ଗର୍ଭବତୀ ନାରୀ ଅଶୋଭନୀୟ ଦୃଶ୍ୟ ଦେଖିବା, ଶୁଣିବା, ତାମସିକ ଖାଦ୍ୟ ଖାଇବା ଫଳରେ ଗର୍ଭସ୍ଥ ଶିଶୁ ଉପରେ ଯେଉଁ କୁତ୍ସିତ ପ୍ରଭାବ ପଡେ; ତାହା ଜନ୍ମ ପରେ ସଂଶୋଧନ ହୁଅନ୍ତି । କେତେକ କ୍ଷେତ୍ରରେ ନାରୀମାନେ ବ୍ୟକ୍ତିଗତ ଚରିତ୍ର ଅପେକ୍ଷା ସାମାଜିକ ପ୍ରତିଷ୍ଠା ପାଇଁ ଆତୁର ଥାଆନ୍ତି । ଏ ଦେଶରେ ଗୋଟିଏ ସମୟ ଥିଲା ଯେତେବେଳେ ଗର୍ଭବତୀ ନାରୀକୁ ଋଷିମୁନିଙ୍କ ଆଶ୍ରମ ପରିବେଶରେ କିଛି ଦିନ ଛାଡି ଦିଆଯାଉଥିଲା, ଯେଉଁଠାରେ ସେ ଆଧ୍ୟାତ୍ମିକ ବାତାବରଣରେ ରହୁଥିଲା । ଏପରି ଆଶ୍ରମରେ ଲବ, କୁଶ, ଭରତ, ପ୍ରହଲ୍ଲାଦ ଆଦି ଜନ୍ମ ଗ୍ରହଣ କରିଥିଲେ ।

ସହଶିକ୍ଷା ଓ ସମାନ ଶିକ୍ଷା ମାଧ୍ୟମରେ ଆଜି ନାରୀର ମୌଳିକ ବିଶେଷତ୍ୱ ହଜିଯାଇଛି । ଫଳରେ କୁମାରୀ ଓ ଯୁବତୀମାନେ ନିଜର ଦିବ୍ୟ ସ୍ୱରୂପକୁ ବୁଝିବାରେ ସକ୍ଷମ ହେଉନାହାନ୍ତି । ସେମାନେ ଭାବନ୍ତି ଯେ, ପୁରୁଷ ଓ ସ୍ତ୍ରୀର କର୍ତ୍ତବ୍ୟ ଓ ଅଧିକାର ସମାନ । ସୃଷ୍ଟିର ପ୍ରାକୃତିକ ନିୟମକୁ ବୁଝାଇବା ଶିକ୍ଷାର ମୂଳ ଉଦ୍ଦେଶ୍ୟ ହେବା ଉଚିତ୍ । ତାହା ନ ବୁଝି ଶିକ୍ଷାତନ୍ତ୍ର ଆଜି ସ୍ଥାଣୁ ହୋଇଯାଇଛି । ନାରୀ ହେଉଛି ପରିବାର ଯଜ୍ଞର ବ୍ରହ୍ମା । ତେଣୁ ବେଦ କହନ୍ତି– 'ସ୍ତ୍ରୀ ହି ବ୍ରହ୍ମା ବଭୂବିଥ' । ପୁରୁଷ ସୃଷ୍ଟି; ନାରୀ ସ୍ରଷ୍ଟା । ଏହି ସତ୍ୟ ଉପରେ ନାରୀଶିକ୍ଷା ପ୍ରଚଳିତ ହେବା ଆବଶ୍ୟକ ଏବଂ ଏହି ସତ୍ୟ ହିଁ ନାରୀର ଆଶା ଓ ଦିଶା ନିର୍ଦ୍ଧାରଣ କରିବାରେ ସହାୟକ ହୁଏ ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ମାତା ନିର୍ମାତା ଭବତି

ଆଧୁନିକ ଯୁଗରେ ରାଷ୍ଟ୍ର ନିର୍ମାଣ ପାଇଁ ବିବିଧ ଯୋଜନା କାର୍ଯ୍ୟକାରୀ ହେଉଅଛି । ଉତ୍ତମ ଧରଣର କୁକୁଡ଼ା ଚାଷ, ମାଛ ଚାଷ, ଶସ୍ୟ ଓ ଫୁଲଫଳ ଉତ୍ପାଦନ ଦିଗରେ ବିଶେଷ ଧ୍ୟାନ ଦିଆଯାଉଛି । ବଡ଼ ବଡ଼ ନଦୀବନ୍ଧ ଯୋଜନା, ଅଙ୍ଗାଳିକା, ସଡ଼କ, କାରଖାନା ନିର୍ମିତ ହେଉଛି । ପରନ୍ତୁ ଯାହା ପାଇଁ ଏସବୁ ଉଦ୍ଦିଷ୍ଟ, ସେହି ମନୁଷ୍ୟର ନିର୍ମାଣ ନିମନ୍ତେ ଆମର ରାଷ୍ଟ୍ରନାୟକମାନେ ଆଦୌ ସଚେତନ ନୁହନ୍ତି । ଆମର ସବୁ ଯୋଜନା ବାହାର ସଂସାରରେ ସୀମାବଦ୍ଧ ରହୁଛି । ବାହାର ବିକାଶର ନାମ ସଭ୍ୟତା, ଭିତର ବିକାଶର ନାମ ସଂସ୍କୃତି । ଚିକିତ୍ସା ବିଦ୍ୟା, କାରିଗରୀ ବିଦ୍ୟା ସମୃଦ୍ଧ ହେଉଥିଲେ ସୁଦ୍ଧା ଲୋଭ, କାମ ବାସନା, ଈର୍ଷା ଆଦି ଦୁର୍ଗୁଣ ବୃଦ୍ଧି ପାଉଛି । ଆଜି ମାନବତା ସୁରକ୍ଷିତ ନୁହେଁ । ବୈଦିକ ଋଷିମାନେ ଉଦ୍‌ଘୋଷ କରିଥିଲେ- "ମନୁର୍ଭବ ଜନୟା ଦୈବ୍ୟଂ ଜନମ୍"- ହେ ମନୁଷ୍ୟାକୃତିର ଜୀବଗଣ ମନୁଷ୍ୟର ପ୍ରକୃତି ଓ ସ୍ୱଭାବକୁ ଗ୍ରହଣ କରି ଯଥାର୍ଥ ମନୁଷ୍ୟ ହୁଏ । ସେତିକିରେ ସନ୍ତୁଷ୍ଟ ନ ରହି ଦେବତା ବା ଦିବ୍ୟ ସନ୍ତାନମାନଙ୍କୁ ଜନ୍ମ ଦିଅ । ପ୍ରଚଳିତ ଶିକ୍ଷା ପଦ୍ଧତିରେ ଏହି ନୀତି ଅନୁସୃତ ହେଉ ନାହିଁ । ବିଚାର, ଆଚରଣରେ ଶୁଦ୍ଧତା ରହୁ ନାହିଁ ।

ରାଷ୍ଟ୍ରର ନିର୍ମାଣ ଓ ବିଶ୍ୱକଲ୍ୟାଣ ପାଇଁ ନାରୀର ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ । ନାରୀ ରାଷ୍ଟ୍ରର ପ୍ରଧାନମନ୍ତ୍ରୀ, ମୁଖ୍ୟ ବିଚାରପତି ଅଥବା ରାଷ୍ଟ୍ରପତି ହୋଇପାରେ, ପରନ୍ତୁ ତାହାର କର୍ମକ୍ଷେତ୍ର ହେଉଛି ଗୃହ ଓ ସନ୍ତାନମାନଙ୍କ ପାଳନ ଓ ଚରିତ୍ର ନିର୍ମାଣ । ସେ ଭଗିନୀ ଓ ପତ୍ନୀ ରୂପରେ ପୁରୁଷର ଚେତନା ଶକ୍ତି ଜାଗ୍ରତ କରାଏ; ମାତା ରୂପରେ ରାଷ୍ଟ୍ରର ଯଶକୁ ବୃଦ୍ଧି କରେ । ରାମ-କୃଷ୍ଣଙ୍କ ପରି ଯୋଗ୍ୟପୁତ୍ର ଜନ୍ମ ଦେବା ନିମନ୍ତେ ନାରୀକୁ ମାତା କୌଶଲ୍ୟା ଓ ମାତା ଦେବକୀଙ୍କ ଯୋଗ୍ୟତା ଅର୍ଜନ କରିବାକୁ ହେବ । ମଦାଳସା ଯେପରି ନିଜର ଇଚ୍ଛା ଅନୁସାରେ ପୁତ୍ରମାନଙ୍କୁ ରାଜର୍ଷି ଓ ବ୍ରହ୍ମର୍ଷି ରୂପରେ ନିର୍ମାଣ କରିଥିଲେ, ସେହି ତ୍ୟାଗ ଓ ଆଦର୍ଶକୁ ଗ୍ରହଣ କରିବାକୁ ପଡ଼ିବ । ଦେଶକୁ ସୁଯୋଗ୍ୟ ନାଗରିକ ପ୍ରଦାନ କରିବା ହିଁ ନାରୀର ସର୍ବୋତ୍ତମ ରାଷ୍ଟ୍ରସେବା ।

ମାନବ ସଭ୍ୟତାର ଆଦିମ ବୈଦିକ କାଳ ନାରୀକୁ ସର୍ବୋଚ୍ଚ ସ୍ଥାନ ପ୍ରଦାନ କରିଥିଲା । ସେହି ଯୁଗରେ ମନୁଷ୍ୟ ଭଗବାନଙ୍କୁ ନାରୀ ରୂପରେ କଳ୍ପନା କରିଥିଲା, ଯେପରି ଧନର ଆଦର୍ଶକୁ ଲକ୍ଷ୍ମୀ, ବିଦ୍ୟାର ପରାକାଷ୍ଠାକୁ ସରସ୍ୱତୀ, ପରାକ୍ରମର ସୀମାକୁ ଦୁର୍ଗା ।

ମହର୍ଷି ମନୁ ଲେଖିଛନ୍ତି-

ଉପାଧ୍ୟାୟାତ୍ ଦଶାଚାର୍ଯ୍ୟ ଆଚାର୍ଯ୍ୟାଣାମ୍ ଶତମ୍ ପିତା ।
ପିତୃଦଶ ଶତମ୍ ମାତା ଗୌରବେଣ ଅତିରିଚ୍ୟତେ ।।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଅର୍ଥାତ୍ ଦଶଜଣ ଅଧ୍ୟାପକଙ୍କ ସହିତ ଜଣେ ଆଚାର୍ଯ୍ୟ ସମାନ। ଏକଶହ ଆଚାର୍ଯ୍ୟଙ୍କ ସହିତ ଜଣେ ପିତା ସମାନ। ଏକ ସହସ୍ର ପିତାଙ୍କ ସହିତ ଜଣେ ମାତା ସମାନ। ମାତାର ଏହି ଦିବ୍ୟ ସ୍ୱରୂପକୁ ସ୍ମରଣ କରି ଋଷିମୁନିମାନେ ତାହାକୁ 'ଜାୟା' ବୋଲି ନାମିତ କରିଥିଲେ। 'ଜାୟା' ଶବ୍ଦର ବ୍ୟୁତ୍ପତ୍ତି କରି ମହର୍ଷି ମନୁ କହିଛନ୍ତି- 'ଜାୟାୟାସ୍ତ୍ୱି ଜାୟାତ୍ୱଂ ଯଦସ୍ୟାଂ ଜାୟତେ ପୁନଃ'- ଅର୍ଥାତ୍ ମନୁଷ୍ୟ ଯାହାଠାରୁ ପୁନର୍ବାର ଜନ୍ମଗ୍ରହଣ କରେ, ସେ ଜାୟା। ଏକୋହଂ ବହୁସ୍ୟାମ୍- ମନୁଷ୍ୟ ବହୁ ରୂପରେ ଜନ୍ମିବା ସକାଶେ ମାତୃଶକ୍ତି ଉପରେ ନିର୍ଭର କରେ।

'ମାନ୍ୟତେ ପୂଜ୍ୟତେ ଯା ସା ମାତା'- ଯାହାକୁ ମାନ୍ୟ କରାଯାଏ, ପୂଜା କରାଯାଏ, ସେ ମାତା ପଦବାଚ୍ୟ। ନାରୀ ସନ୍ତାନକୁ ଜନ୍ମ ଦେଇ ଜନନୀ ହୁଏ। ପରନ୍ତୁ ସନ୍ତାନ ନିର୍ମାଣ ପାଇଁ ମାତାର ପଦବୀ ଲାଭ କରେ। ନାରୀର ଏହି ସମ୍ମାନ ଯୋଗୁଁ ପୃଥିବୀକୁ ମାତା, ଭାରତକୁ ଭାରତମାତା ବୋଲି ସମ୍ବୋଧନ କରାଯାଏ। ଏହି ପରମ୍ପରା ଭାରତ ଭିନ୍ନ ଅନ୍ୟ ଦେଶରେ ନାହିଁ। ଆମେରିକାବାସୀ ଆମେରିକାମାତା, ଚୀନ୍‌ବାସୀ ଚୀନ୍‌ମାତା କହନ୍ତି ନାହିଁ।

ନାରୀଶିକ୍ଷା କେବଳ ଆବଶ୍ୟକ ନୁହେଁ; ତାହା ଅନିବାର୍ଯ୍ୟ। ମାତା ଶିକ୍ଷିତା ନ ହେଲେ ପୁତ୍ରକନ୍ୟାଙ୍କୁ କିଏ ପ୍ରଶିକ୍ଷିତ କରିବ ? ଶାସ୍ତ୍ର କହନ୍ତି- 'ପ୍ରଶସ୍ତା ଧାର୍ମିକୀ ମାତା ବିଦ୍ୟତେ ଯଃ ସଃ ମାତୃମାନ୍' ଅର୍ଥାତ୍ ଯେଉଁ ବାଳକ-ବାଳିକାର ମାତା ପ୍ରଜ୍ଞାବତୀ, ସେ ମାତୃମାନ ଅଟେ। ମହର୍ଷି ମନୁ ସଂସାରବାସୀଙ୍କୁ ଉଦ୍‌ବୋଧନ ଦେଇଛନ୍ତି- 'ମାତା ପୃଥିବ୍ୟା ମୂର୍ତ୍ତିସ୍ତୁ'- ପାଳନ ଓ ସହନଶୀଳତା କାରଣରୁ ମାତା ପୃଥିବୀର ମୂର୍ତ୍ତି। ପୃଥିବୀକୁ ଦେଖିବା ଯାହା, ମାତୃଦର୍ଶନ କରିବା ତାହା। ବ୍ୟାସ, ମନୁ ଆଦି ମହର୍ଷିଙ୍କ ବିଚାରର ଅନୁକୂଳ ଆଚରଣ ଦ୍ୱାରା ମାତୃପୂଜା ସାର୍ଥକ ହୁଏ। ନିରୁକ୍ତରେ ଲେଖା ଅଛି- "ମାତା ନିର୍ମାତା ଭବତି"। ମାତା ପୁତ୍ର,କନ୍ୟାଙ୍କୁ ଜନ୍ମ ଦେଇ ସଂସାରର ନିର୍ମାଣ କରେ। ପୁତ୍ର, କନ୍ୟା ସଂସାର ପାଇଁ ମାତାର ଶ୍ରେଷ୍ଠ ଅବଦାନ। ସେହି ଦାନର ତୁଳନା ନାହିଁ। ନାରୀ ହେଉଛି ଜନନୀ, ଜନ୍ମଦାୟିନୀ, ଜୀବନ ନିର୍ମାତ୍ରୀ ଓ ସର୍ବଶୁଭ-ସୁକାମିନୀ। ସେ ସନ୍ତାନର ଶାରୀରିକ ଓ ମାନସିକ ବିକାଶ କରିବା ସହିତ ତାକୁ ଏକ ଯୋଗ୍ୟ ମନୁଷ୍ୟ ରୂପରେ ଗଢ଼େ। ତେଣୁ ମାତା ସନ୍ତାନର ପ୍ରଥମ ଗୁରୁ। ମହାମନା ବେଦବ୍ୟାସ ଅନୁଶାସନ ପର୍ବରେ ଲେଖିଛନ୍ତି- "ନାସ୍ତି ମାତୃସମ ଗୁରୁଃ"- ଅର୍ଥାତ୍ ମାତାଙ୍କ ସମାନ କେହି ଗୁରୁ ନାହିଁ। କୁହାଯାଏ- ମାତା ହେଉଛି ପ୍ରଥମ ବିଶ୍ୱବିଦ୍ୟାଳୟ। ନେପୋଲିଅନ୍ କହିଥିଲେ- ମୋତେ ଶହେ ଜଣ ସୁଶିକ୍ଷିତା ନାରୀ ପ୍ରଦାନ କର, ମୁଁ ଦେଶର କାୟାକୁ ପରିବର୍ତ୍ତନ କରିଦେବି। ସ୍ୱାମୀ ବିବେକାନନ୍ଦ ମୃତ୍ୟୁର ବର୍ଷେ ପୂର୍ବରୁ ଢାକାରେ କହିଥିଲେ- ଯେତେଦିନ ପର୍ଯ୍ୟନ୍ତ ନାରୀମାନଙ୍କୁ ଶିକ୍ଷିତ କରାଯିବ ନାହିଁ, ସେତେଦିନ ପର୍ଯ୍ୟନ୍ତ ଦେଶର ଉନ୍ନତି ଅସମ୍ଭବ। ଆଦର୍ଶ ମାନବିକତା, ଆଦର୍ଶ ପରିବାର, ସମାଜ ଓ ରାଷ୍ଟ୍ରର ନିର୍ମାଣ ପାଇଁ ଆଦର୍ଶ ନାରୀ ଗଠନ କରିବା ଆବଶ୍ୟକ।

ପତ୍ନୀର ଗର୍ଭରୁ ରାଜା, ମହାରାଜା, ମହାତ୍ମା, ସନ୍ନ୍ୟାସୀ, କାରିଗର, କଳାକାର ଜନ୍ମଗ୍ରହଣ କରନ୍ତି। ପତିପରାୟଣା ପତ୍ନୀର ମୃଦୁବାଣୀ ଦ୍ୱାରା ପୁରୁଷମାନେ ରାକ୍ଷସରୁ ଦେବତା, ଭ୍ରଷ୍ଟାଚାରୀରୁ ସଦାଚାରୀ ଓ ଦୁରାଚାରୀରୁ ମହାତ୍ମା ପାଲଟି ଥିବାର ବହୁ ଦୃଷ୍ଟାନ୍ତ ରହିଛି। ପତ୍ନୀର ସହିଷ୍ଣୁତା ଓ ସତ୍ ପରାମର୍ଶରେ ଅନେକ ଗୃହସ୍ୱାମୀ ନିଜ ଜୀବନର ପଥ ପରିବର୍ତ୍ତନ କରିଛନ୍ତି। ଅଥର୍ବ ବେଦ ନାରୀକୁ ସୁମଙ୍ଗଳୀ ପ୍ରତାରିଣୀ ବୋଲି ଆଖ୍ୟା ଦେଇଛନ୍ତି। ଅର୍ଥାତ୍ ଛିଦ୍ରରହିତ ସୁଦୃଢ଼ ନୌକା ଦ୍ୱାରା ଯେପରି ଖରସ୍ରୋତା ନଦୀକୁ ସହଜରେ ପାରି କରିହୁଏ, ସେହିପରି ସୁଗୃହିଣୀ ଦ୍ୱାରା ଗୃହସ୍ଥାଶ୍ରମ ସଫଳ ଓ ସୁଖମୟ ହୁଏ। ତେଣୁ ଗୃହିଣୀକୁ ସଂକଟତାରିଣୀ ଓ ଦୁଃଖହାରିଣୀ କୁହାଯାଇଛି।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ମହର୍ଷି ମନୁ ନାରୀକୁ ସମ୍ମାନ ଦେଇ କହିଛନ୍ତି- "ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ରମନ୍ତେ ତତ୍ର ଦେବତାଃ'- ଅର୍ଥାତ୍ ଯେଉଁ ପରିବାରରେ, ଯେଉଁ ସମାଜରେ ଓ ଯେଉଁ ରାଷ୍ଟ୍ରରେ ସ୍ତ୍ରୀମାନଙ୍କୁ ଆଦର ସମ୍ମାନ ଦିଆଯାଏ; ସେହି ପରିବାର, ଗୃହ, ସମାଜ ତଥା ରାଷ୍ଟ୍ରରେ ଲକ୍ଷ୍ମୀ ଅର୍ଥାତ୍ ସମୃଦ୍ଧି ବାସ କରେ। ସେଠାରେ ଦେବତାମାନେ ରମଣ କରନ୍ତି ଅର୍ଥାତ୍ ଦିବ୍ୟ ସନ୍ତାନ ଜନ୍ମ ହୁଅନ୍ତି।

ରଗ୍‌ବେଦ କହିଛନ୍ତି- ଗୃହରୂପୀ ସ୍ୱର୍ଗର ଅଧିଷ୍ଠାତ୍ରୀ ଦେବୀ ନାରୀର ପ୍ରଥମ ଅବଦାନ ହେଉଛି "ଇହ ପ୍ରିୟଂ ପ୍ରଜୟା ତେ ସମୃଧ୍ୟତାମ୍"- ଅର୍ଥାତ୍ ସେ ପ୍ରତିକୁଳରେ ସନ୍ତାନ ଜନ୍ମ ଦେଇ ନିଜର ପରିବାରର ପରମ୍ପରା ରକ୍ଷା କରେ। ନାରୀ ହିଁ ପରିବାର, ସମାଜ, ରାଷ୍ଟ୍ର ଓ ସଂସାରକୁ ସନ୍ତାନ ରୂପକ ଜୀବନ୍ତ ଉପହାର ପ୍ରଦାନ କରେ। ଏହାଠାରୁ ବଳି ମହତ୍ ଅବଦାନ କ'ଣ ବା ଥାଇପାରେ ? ଶିଶୁ ବଡ଼ ହୋଇ ସମ୍ରାଟ, ସନ୍ଥ, ବୈଜ୍ଞାନିକ, ଚିତ୍ରକର ବା ଶିଳ୍ପୀ ହୋଇଥାଏ। ପରନ୍ତୁ ପ୍ରତ୍ୟେକ ଶିଶୁଠାରେ ତାହାର କୃପାମୟୀ ମାତାର ନିଷ୍କାମ ତ୍ୟାଗର ପଟାନ୍ତର ନାହିଁ। ମାତା ସନ୍ତାନକୁ ଜନ୍ମ ଦେବା ପରେ ତାକୁ ସୁସିକ୍ଷିତ କରେ।

ଆଜିକାଲି ସାମାଜିକ ଅନୁଷ୍ଠାନମାନଙ୍କରେ ଉତ୍ତମ ଓ ଚରିତ୍ରବାନ୍ ବ୍ୟକ୍ତି ମିଳୁ ନାହାନ୍ତି ବୋଲି ଚତୁର୍ଦ୍ଦିଗରେ ଅଭିଯୋଗ ହେଉଛି। ସଦାଚାରୀ ବିଦ୍ୟାର୍ଥୀ ଦୁର୍ଲଭ ହେଉଛନ୍ତି। ଆଦର୍ଶ ଅଧ୍ୟାପକ ବିରଳ। ସରକାରୀ କର୍ମଚାରୀ, ବ୍ୟବସାୟୀ, ଶ୍ରମିକ, ମାଲିକ, ପିତା, ପୁତ୍ର- ଏପରିକି ଧର୍ମାଚାର୍ଯ୍ୟମାନେ ମଧ୍ୟ ପଥଭ୍ରଷ୍ଟ ହେଉଥିବା ଦେଖି ମନରେ ନିରାଶା ଆସୁଅଛି। ଏସବୁ କାହିଁକି ଘଟୁଅଛି ? ଏହାର କାରଣ କ'ଣ ? ଏସବୁ ପ୍ରଶ୍ନଗୁଡ଼ିକର ଉତ୍ତର ଖୋଜିଲେ ଜଣାଯିବ ଯେ, ଏ ସମସ୍ତେ ଗୃହସଂସ୍ଥାରେ ଜନ୍ମଲାଭ କରି ସୁଦ୍ଧା ଉଚିତ ଶିକ୍ଷା-ଦୀକ୍ଷା ପାଇନାହାନ୍ତି। ରାଜା, ରାଣୀ, ମନ୍ତ୍ରୀ, ରାଜ କର୍ମଚାରୀ, ନେତା, ଅଧ୍ୟାପକ, ଉପଦେଶକ, ଲେଖକ, ଶ୍ରମିକ ସମସ୍ତେ ଅରଣ୍ୟରୁ ଆସି ନାହାନ୍ତି। ସମସ୍ତେ ପରିବାରରେ ଜନ୍ମ ନେଇଛନ୍ତି। ବିଦ୍ୟାଳୟ, ମହାବିଦ୍ୟାଳୟ, ଗୁରୁକୁଳ, ବିଶ୍ୱବିଦ୍ୟାଳୟରେ ଯେଉଁ ବିଦ୍ୟାର୍ଥୀ, ବିଦ୍ୟାର୍ଥିନୀ ପ୍ରବିଷ୍ଟ ହୁଅନ୍ତି, ସମସ୍ତେ ଗୃହ-ସଂସ୍ଥାରୁ ହିଁ ଜାତ ହୁଅନ୍ତି। ଗୋଟିଏ ରାଷ୍ଟ୍ରର ପ୍ରକଳ୍ପ, କାରଖାନା, ଅଟ୍ଟାଳିକା ଦେଖି ସେହି ରାଷ୍ଟ୍ର ସମୃଦ୍ଧ ବୋଲି କୁହାଯାଏ ନାହିଁ। ରାଷ୍ଟ୍ରର ଅଧିବାସୀଙ୍କ ସଂସ୍କୃତି ହିଁ ସେହି ରାଷ୍ଟ୍ରକୁ ସମୃଦ୍ଧ କରିବ। ରାଷ୍ଟ୍ରର ବିକାଶ ରାଷ୍ଟ୍ରବାସୀଙ୍କର ବିଚାର, ବଚନ ଓ ଆଚରଣ ଉପରେ ନିର୍ଭର କରେ। ମହର୍ଷି ମନୁ କହିଛନ୍ତି- 'ଏତଦ୍ ଦେଶ ପ୍ରସୂତସ୍ୟ ସକାଶାତ୍ ଅଗ୍ରଜନ୍ମନଃ, ସ୍ୱଂ ସ୍ୱଂ ଚରିତ୍ରମ୍ ଶିକ୍ଷେରନ୍ ପୃଥିବ୍ୟାଂ ସର୍ବ ମାନବାଃ'- ଅର୍ଥାତ୍ ଆମର ଅଗ୍ରଜମାନେ ସଂସାରର ଗୁରୁ ହୋଇଥିଲେ। ସେମାନଙ୍କର ସଭ୍ୟତା ଓ ସଂସ୍କୃତି ସଂସାରକୁ ବିସ୍ମିତ କରିଥିଲା।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ବେଦରେ ମାତୃଭୂମି ବନ୍ଦନା

ସ୍ରଷ୍ଟା ସୃଷ୍ଟି-ରଚନା କରି ମନୁଷ୍ୟମାନଙ୍କୁ ସେମାନଙ୍କ ଜ୍ଞାନ ଓ ସମୃଦ୍ଧି ପାଇଁ ବେଦ-ବିଦ୍ୟା ପ୍ରଦାନ କରିଛନ୍ତି। ତେଣୁ ବେଦ ମାନବଜାତିର ପ୍ରାଚୀନତମ ଗ୍ରନ୍ଥ। ତାହା ବିଶ୍ୱରେ ପ୍ରଚଳିତ ସମସ୍ତ ମତ ଓ ସମ୍ପ୍ରଦାୟର ଆଦିମ ସ୍ରୋତ। ବେଦର ଶିକ୍ଷା ସମତାବାଦୀ, ମାନବତାବାଦୀ, କଲ୍ୟାଣକାରିଣୀ, ପକ୍ଷପାତରହିତ, ରଙ୍ଗଭେଦ, ବର୍ଗଭେଦ, ଭାଷାଭେଦରୁ ସର୍ବଦା ମୁକ୍ତ ଅଟେ। ତାହା ବିଶ୍ୱବନ୍ଧୁତ୍ୱର ପ୍ରେରକ, ବୈଜ୍ଞାନିକ ଓ ସତ୍ୟାଧାରିତ। ଗୋଟିଏ ପକ୍ଷରେ ବେଦରେ ଆଧ୍ୟାତ୍ମିକ ଦର୍ଶନ, ଈଶ୍ୱର, ଜୀବ, ପ୍ରକୃତି, ଉପାସନା ଆଦି ବର୍ଣ୍ଣନ ରହିଥିବା ବେଳେ ଅନ୍ୟ ପକ୍ଷରେ ସଦାଚାର, ନୀତି, ଭୌତିକ ଓ ଜ୍ଞାନ-ବିଜ୍ଞାନ, ସମାଜ ବ୍ୟବସ୍ଥା, ରାଷ୍ଟ୍ର-ରକ୍ଷା ଆଦି ସମ୍ବନ୍ଧୀୟ ଅତ୍ୟନ୍ତ ପ୍ରଗତିଶୀଳ ଓ ବ୍ୟାବହାରିକ ଜ୍ଞାନ ଉପଲବ୍ଧ ହୁଏ।

ଯଜୁର୍ବେଦରେ ମନୁଷ୍ୟମାନଙ୍କୁ ସମ୍ବୋଧନ କରି କୁହାଯାଇଛି- "ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ"- ଅର୍ଥାତ୍ ହେ ମୋର ଅମୃତପୁତ୍ରମାନେ! ତୁମେ ସମସ୍ତେ ମୋ' ଉପଦେଶ ଶୁଣ। ଅମୃତରୂପୀ ପରମେଶ୍ୱରଙ୍କ ମନୁଷ୍ୟ, ପଶୁ, ପକ୍ଷୀ, କୀଟ, ପତଙ୍ଗ ଆଦି ଅମୃତରୂପୀ ସନ୍ତାନ ଅଟନ୍ତି। କିନ୍ତୁ ମନୁଷ୍ୟ ଏକମାତ୍ର ପ୍ରାଣୀ ଯେ ବୁଦ୍ଧିପୂର୍ବକ ସମସ୍ତ କାର୍ଯ୍ୟ କରିପାରେ। "ମତ୍ୱା କର୍ମାଣି ସୀବ୍ୟତି ଯଃ ସ ମାନବଃ"- ଯେ ମନନ ପୂର୍ବକ ସମସ୍ତ କାର୍ଯ୍ୟ କରେ, ସେ ମାନବ। ବେଦ କହନ୍ତି- "ଅହଂ ଭୂମିମ୍ ଅଦଦାମ୍ ଆର୍ଯ୍ୟାୟ"- ଅର୍ଥାତ୍ ଏହି ଭୂମିକୁ ମୁଁ ଆର୍ଯ୍ୟମାନଙ୍କୁ ପ୍ରଦାନ କରିଅଛି। "ଆର୍ଯ୍ୟାଃ ଈଶ୍ୱରପୁତ୍ରାଃ"- ଅର୍ଥାତ୍ ଆର୍ଯ୍ୟମାନେ ଈଶ୍ୱରଙ୍କ ପୁତ୍ର ଅଟନ୍ତି। 'ଆର୍ଯ୍ୟ' ଶବ୍ଦର ବିଶ୍ଳେଷଣ କରି ମହର୍ଷି ମନୁ କହିଛନ୍ତି- "କର୍ତ୍ତବ୍ୟଂ ଆଚରନ୍ କାର୍ଯ୍ୟଂ ଅକର୍ତ୍ତବ୍ୟଂ ଅନାଚରନ୍, ତିଷ୍ଠତି ପ୍ରକୃତାଚାରେ, ସ ତୁ ଆର୍ଯ୍ୟ ଇତି ଶ୍ରୁତଃ"- ଅର୍ଥାତ୍ ଯେ କର୍ତ୍ତବ୍ୟ କର୍ମକୁ କରେ ଓ ଅକର୍ତ୍ତବ୍ୟକୁ କରେ ନାହିଁ, ସେ ଆର୍ଯ୍ୟ ଅଟେ। ସଦାଚାରୀ, ସତ୍ୟାଚାରୀ, ନ୍ୟାୟକାରୀ ଜ୍ଞାନୀ ଜୀବ ହିଁ ଏହି ସଂସାରକୁ ଧାରଣ କରେ ଓ ରାଜତ୍ୱ କରିପାରେ। ଏହି ଭୂମିକୁ ଗୋଟିଏ ପିମ୍ପୁଡ଼ି ବା ଗୋଟିଏ ବ୍ୟାଘ୍ର ରାଜତ୍ୱ କରିପାରେ ନାହିଁ।

ଅର୍ଥବ ବେଦର ଦ୍ୱାଦଶକାଣ୍ଡର ପ୍ରଥମ ସୂକ୍ତକୁ 'ଭୂମିସୂକ୍ତ' କୁହାଯାଏ। ଭୂମିସୂକ୍ତକୁ ରାଷ୍ଟ୍ରୀୟ ସଂଗୀତ ମଧ୍ୟ କୁହାଯାଏ। ଏହି ରାଷ୍ଟ୍ରୀୟ ଗୀତରେ ପୃଥିବୀର କୌଣସି ଭୌଗୋଳିକ ସୀମାବିଶିଷ୍ଟ ଦେଶ, ପର୍ବତ ଅଥବା ନଦୀର ନାମ ଉଲ୍ଲେଖ ନାହିଁ। ଏଥିରେ ସମଗ୍ର ପୃଥିବୀକୁ ଏକ ରାଷ୍ଟ୍ର ରୂପେ କଳ୍ପନା କରାଯାଇଛି। ସେଠାରେ ବାସ କରୁଥିବା ସମସ୍ତ ପ୍ରଜାମାନଙ୍କ ସର୍ବବିଧ ଉନ୍ନତି ପାଇଁ ଉପଦେଶ ଦିଆଯାଇଛି। ବେଦର ଭାବନା ଭୂମିମାତା। ମନୁଷ୍ୟ ତାହାକୁ ଖଣ୍ଡିତ ଓ ସୀମାବଦ୍ଧ କରି ମାତୃଭୂମି ଆଖ୍ୟା ଦିଏ। ବେଦର ଏହି ଭୂମିସୂକ୍ତ କୌଣସି ଦେଶର ବା କୌଣସି

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ସମ୍ପ୍ରଦାୟର ରାଷ୍ଟ୍ରୀୟ ଗୀତ ନ ହୋଇ ମାନବ-ମାତ୍ରର ରାଷ୍ଟ୍ରୀୟ-ଗୀତ ବା ବିଶ୍ୱ ଗୀତ କହିବା ଉଚିତ ହେବ। ଏହି ରାଷ୍ଟ୍ରୀୟ ଗୀତରେ ରାଷ୍ଟ୍ରବାସୀଙ୍କ ମହାନ କର୍ତ୍ତବ୍ୟ ସମ୍ବନ୍ଧରେ କୁହାଯାଇଛି।

"ସତ୍ୟଂ ବୃହତ୍ ଋତମ୍ ଉଗ୍ରଂ ଦୀକ୍ଷା ତପୋ ବ୍ରହ୍ମ
ଯଜ୍ଞଃ ପୃଥିବୀଂ ଧାରୟନ୍ତି। ସାନୋ ଭୂତସ୍ୟ ଭବ୍ୟସ୍ୟ
ପତ୍ନୀ ଉରୁଲୋକଂ ନଃ କୃଣୋତୁ।।"

ସତ୍ୟଂ- ରାଷ୍ଟ୍ରବାସୀ ସତ୍ୟପ୍ରିୟ ହେବା ଉଚିତ। ସେମାନଙ୍କ ମନରେ ଅସତ୍ୟ ପ୍ରତି ଦ୍ୱେଷ ଭାବନା ଉତ୍ପନ୍ନ ହେବା ବିଧେୟ। ସତ୍ୟାଚରଣ ପାଇଁ ଅଧ୍ୟବସାୟ, ସହିଷ୍ଣୁତା ଓ ସୂକ୍ଷ୍ମ ବୁଦ୍ଧି ଆବଶ୍ୟକ। ସତ୍ୟ-ଜ୍ଞାନ ପାଇବା ପରେ ତାହାକୁ ମନ, ବଚନ ଓ କର୍ମରେ ଆଚରଣ କରିବା ଉଚିତ। ସତ୍ୟ ସହିତ 'ବୃହତ୍' ବିଶେଷଣ ବ୍ୟବହୃତ ହୋଇଛି। ତାର ଅର୍ଥ ହେଉଛି ଯେ ରାଷ୍ଟ୍ରବାସୀଙ୍କ ହୃଦୟରେ ମହାନ୍ ସତ୍ୟକୁ ଧାରଣ କରିବା ପାଇଁ ସଂକଳ୍ପ ଜାତ ହେବା ଉଚିତ। ସତ୍ୟ-କର୍ମ ଜୀବନର ଅଙ୍ଗ ହେବା ବିଧେୟ।

ଋତଂ- ଋତର ଅର୍ଥ ହେଉଛି ସତ୍ୟ ଜ୍ଞାନ। ମନୁଷ୍ୟ ସତ୍ୟଜ୍ଞାନ ଦ୍ୱାରା ହିଁ ସତ୍ୟ-କର୍ମ କରିପାରେ। ଅଜ୍ଞାନତାବଶତଃ ଅଶୁଦ୍ଧ ବିଷୟକୁ ସତ୍ୟ ବୋଲି ବିଚାରେ ଓ ତଦନୁସାରେ କର୍ମ କରେ। ସେପରି କର୍ମ "ଋତ" ନୁହେଁ। "ଋତ" ସୃଷ୍ଟିର ସତ୍ୟ ନିୟମକୁ କୁହାଯାଏ। ରାଷ୍ଟ୍ରବାସୀମାନେ ବିଶ୍ୱବ୍ରହ୍ମାଣ୍ଡର ସମସ୍ତ ଭୌତିକ ଓ ଆତ୍ମିକ ଜ୍ଞାନରେ ଧନୀ ହେବା ଉଚିତ। ତଦ୍ୱାରା ସେମାନେ ସତ୍ୟ, ଅସତ୍ୟ ବିବେଚନା କରିପାରନ୍ତି।

ଉଗ୍ରଂ- ରାଷ୍ଟ୍ରବାସୀ ଉଗ୍ର ଅର୍ଥାତ୍ ଶୂର, ବୀର ହେବା ଉଚିତ। ଦେଶର କ୍ଷାତ୍ରଶକ୍ତି ଓ ରାଜଶକ୍ତି ତେଜସ୍ୱୀ ଓ ବଳଶାଳୀ ହେବା ଉଚିତ। ଦୁର୍ବଳ ଓ ଭୀରୁ କ୍ଷତ୍ରିୟଙ୍କ ହସ୍ତରୁ ରାଷ୍ଟ୍ରଚ୍ୟୁତ ହୁଏ।

ଦୀକ୍ଷା- ଦୃଢ଼ ସଂକଳ୍ପ ସହିତ ରାଷ୍ଟ୍ରର ଯେକୌଣସି ଜନହିତକର କାର୍ଯ୍ୟକୁ ସମାପନ କରିବା ଦୀକ୍ଷା ଅଟେ। ରାଷ୍ଟ୍ରବାସୀଙ୍କୁ ଏପରି ଶିକ୍ଷା ଦିଆଯିବା ଉଚିତ, ଯଦ୍ୱାରା ସେମାନେ କାୟ, ମନ, ବାକ୍ୟରେ ଶୁଭ କାର୍ଯ୍ୟଗୁଡ଼ିକୁ ଦୃଢ଼ତାର ସହିତ ଶ୍ରଦ୍ଧା, ପବିତ୍ରତା ଓ ନିଷ୍ଠାର ସହ ସମ୍ପନ୍ନ କରିବେ। କେହି କେହି ବାଧାବିଘ୍ନ ଦେଖି ବିଚଳିତ ହୋଇ କାର୍ଯ୍ୟକୁ ଅଧାରୁ ଛାଡ଼ି ଦିଅନ୍ତି। ତାହା ଦୀକ୍ଷା ନୁହେଁ।

ତପ- ରାଷ୍ଟ୍ରବାସୀ କଷ୍ଟସହିଷ୍ଣୁ ଓ ତପସ୍ୱୀ ହେବା ଉଚିତ। ତଦ୍ୱାରା ସେମାନେ ବୈୟକ୍ତିକ ବା ସାମାଜିକ କର୍ତ୍ତବ୍ୟ ପାଳନ ସମୟରେ ପ୍ରତିବନ୍ଧକ ଦ୍ୱାରା ବିଚଳିତ ହୁଅନ୍ତି ନାହିଁ। ଯେଉଁ ବ୍ୟକ୍ତିମାନେ ବିଳାସ ବ୍ୟସନରେ ଜୀବନ ବିତାନ୍ତି, କର୍ତ୍ତବ୍ୟ ପାଳନ ସମୟରେ ସାମାନ୍ୟ ବିପତ୍ତିରେ ବିଚଳିତ ହୋଇଯାଆନ୍ତି, ସେମାନେ ତପସ୍ୱୀ ନୁହନ୍ତି।

ବ୍ରହ୍ମ- "ବ୍ରହ୍ମ ଜାନାତି ବ୍ରାହ୍ମଣଃ"- ଯେ ବ୍ରହ୍ମଙ୍କୁ ଜାଣେ, ସେ ବ୍ରାହ୍ମଣ। ରାଷ୍ଟ୍ରରେ ବ୍ରହ୍ମଜ୍ଞାନୀ, ବେଦଜ୍ଞାନୀ, ଶାସ୍ତ୍ରଜ୍ଞାନୀ ବ୍ୟକ୍ତିମାନେ ପ୍ରଶିକ୍ଷିତ ହେବା ଉଚିତ। ଏମାନେ ଜ୍ଞାନୀ, ବିଜ୍ଞାନୀ, ତ୍ୟାଗୀ, ତପସ୍ୱୀ, ସଂଯମୀ, ପରୋପକାରୀ ଓ ଆତ୍ମଜୟୀ ଅଟନ୍ତି। ନିଜର ବିଦ୍ୟାକୁ ସର୍ବସାଧାରଣ ପ୍ରଜାଙ୍କ ମଧ୍ୟରେ ନିସ୍ୱାର୍ଥ ଭାବନାରେ ବିତରିତ କରିବା ସେହି ତତ୍ତ୍ୱଦର୍ଶୀମାନଙ୍କର ଏକମାତ୍ର ଧ୍ୟେୟ ଅଟେ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଯଜ୍ଞ- ଯଜ୍ଞ ଶବ୍ଦ 'ଯଜ୍' ଧାତୁରୁ ଉତ୍ପନ୍ନ। ପୂଜା, ସଂଗଠୀକରଣ ଓ ଦାନରୁ ଯଜ୍ଞ ଉତ୍ପନ୍ନ ହୁଏ। ପୂଜାର ଅର୍ଥ ରାଷ୍ଟ୍ରବାସୀ ଆସ୍ତିକ ଅର୍ଥାତ୍ ଈଶ୍ୱରବିଶ୍ୱାସୀ ହେବେ। ଈଶ୍ୱରବିଶ୍ୱାସୀମାନେ ସବୁଠାରେ ପରମେଶ୍ୱରଙ୍କୁ ଉପଲବ୍ଧି କରନ୍ତି, ତେଣୁ କୌଣସି ସ୍ଥଳକୁ ଏକାନ୍ତ ଭାବି ସେଠାରେ କୁକାର୍ଯ୍ୟ କରିପାରନ୍ତି ନାହିଁ। ରାଷ୍ଟ୍ରବାସୀ ଦାନଶୀଳ ଓ ଦାନବୀର ହେବା ଉଚିତ। ସମାଜର କଲ୍ୟାଣ ପାଇଁ ନିଜର ବ୍ୟକ୍ତିଗତ ସୁଖ-ସୁବିଧାକୁ ଜଳାଞ୍ଜଳି ଦେବାର ଭାବନା ଯଜ୍ଞ ଅଟେ। ବେଦ କହନ୍ତି- "ଇୟଂ ତେ ତନୁ ଯଜ୍ଞିୟାଃ- ମନୁଷ୍ୟ! ତୋର ଶରୀର ଯଜ୍ଞ ପାଇଁ ଅର୍ଥାତ୍ ପରୋପକାର ପାଇଁ ଅଭିପ୍ରେତ। ଜନହିତକର କାର୍ଯ୍ୟ ସମୟରେ ଲୋକଙ୍କ ସହଯୋଗିତା ଆବଶ୍ୟକ। ସଂଗଠୀକରଣର ଅର୍ଥ ହେଉଛି ସମସ୍ତଙ୍କ ଏକତା ରକ୍ଷା। ତଦ୍ୱାରା ରାଷ୍ଟ୍ରବାସୀଙ୍କ ଦକ୍ଷତା ବୃଦ୍ଧି ପାଏ।

ଯେଉଁ ରାଷ୍ଟ୍ରର ଅଧିବାସୀ ଉଲ୍ଲିଖିତ ସାତୋଟି ସଦ୍‌ଗୁଣର ଅଧିକାରୀ ହୁଅନ୍ତି, ସେହି ରାଷ୍ଟ୍ର ସଦା ଉନ୍ନତ ହୁଏ। ତାହାର ମହିମା, ଗୌରବ ଓ ଶ୍ରୀବୃଦ୍ଧି ଘଟେ। ରାଷ୍ଟ୍ରର ବିକାଶ ରାଷ୍ଟ୍ରବାସୀଙ୍କ ଗୁଣ ଉପରେ ନିର୍ଭର କରେ। ଭୂମିସୂକ୍ତର ପ୍ରଥମ ମନ୍ତ୍ରରେ ହିଁ ଏହି ଭାବନା ସୂଚିତ ହୋଇଛି। ପ୍ରଜାମାନଙ୍କର ସତ୍ୟାଚରଣ, ବିଶାଳ ଆକାଂକ୍ଷା ସୃଷ୍ଟି ନିୟମ ପ୍ରତି ଆନୁଗତ୍ୟ, ତେଜସ୍ୱୀତା, ବ୍ରତଗ୍ରହଣ ଓ ସୁଖ-ଦୁଃଖାଦି ସହନ, ବେଦଜ୍ଞାନ ଓ ପରୋପକାର ଦ୍ୱାରା ରାଷ୍ଟ୍ର ସମୃଦ୍ଧିଶାଳୀ ହୁଏ। ଭୂମିସୂକ୍ତର ଅବଶିଷ୍ଟ ମନ୍ତ୍ରଗୁଡ଼ିକରେ ଏପରି ଉଦାର ଭାବନା ଗୁଞ୍ଜରିତ ହୁଏ।

ମାଆ ପାଇଁ ପ୍ରଶିକ୍ଷଣ

ପୃଥିବୀର ସମସ୍ତ ମନୁଷ୍ୟ ମାଆଠାରୁ ଜନ୍ମ ନିଅନ୍ତି। ସେମାନେ ପରବର୍ତ୍ତୀ ସମୟରେ ଡାକ୍ତର, ଇଞ୍ଜିନିୟର, ଚିତ୍ରକର, ସଙ୍ଗୀତଜ୍ଞ, ଅଧ୍ୟାପକ, ପ୍ରଶାସକ, ସାମ୍ବାଦିକ ଆଦି ରୂପରେ ସମାଜରେ ପ୍ରତିଷ୍ଠିତ ହୁଅନ୍ତି। ପ୍ରତିଷ୍ଠା ପାଇବା ପାଇଁ ସେସମସ୍ତେ ଆବଶ୍ୟକ ପ୍ରଶିକ୍ଷଣ ପାଇଥାନ୍ତି। ବିଦ୍ୟାଳୟଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଅନେକ ଶିକ୍ଷାନୁଷ୍ଠାନ ସେମାନଙ୍କୁ ସେହି କାର୍ଯ୍ୟ ପାଇଁ ତାଲିମ ଦିଅନ୍ତି। ପରନ୍ତୁ ସବୁ ମନୁଷ୍ୟ ଶିଷ୍ଟାଚାରର ଶିକ୍ଷା ନିଜ ନିଜ ମାତାଙ୍କଠାରୁ ହିଁ ଗ୍ରହଣ କରିଥାନ୍ତି। ଗର୍ଭାବସ୍ଥାରୁ ବିଦ୍ୟାଳୟରେ ପ୍ରବିଷ୍ଟ ହେବା ପର୍ଯ୍ୟନ୍ତ ମାତା ହିଁ ସେମାନଙ୍କର ଶିକ୍ଷୟିତ୍ରୀ। ତେଣୁ ଆଦର୍ଶ ମାତା ସୃଷ୍ଟି କରିବା ପାଇଁ ଉଚିତ ଶିକ୍ଷା ବ୍ୟବସ୍ଥା ପ୍ରଚଳିତ ହେବା ଆବଶ୍ୟକ। ଆଧୁନିକ ଯୁଗରେ ମାତୃଶିକ୍ଷା ଅଭାବରୁ ସମାଜର ସବୁ ସ୍ତରରେ ଦୁରାଚାରୀ ସନ୍ତାନମାନେ ଦେଖା ଯାଉଛନ୍ତି। ସେମାନଙ୍କର କୁତ୍ସିତ ଆଚରଣ ଯୋଗୁଁ ଆଜିର ଧରିତ୍ରୀ ଭାରାକ୍ରାନ୍ତ ହେଉଛି। ଚାରିଆଡେ ଭ୍ରଷ୍ଟ ରାଜନେତା, ରାଜକର୍ମଚାରୀ, ବ୍ୟବସାୟୀ ଭରି ରହିଛନ୍ତି। ଅନ୍ଧ ଯେପରି ଅନ୍ଧକୁ ବାଟ କଢାଇବା ହାସ୍ୟସ୍ପଦ, ସେହିପରି ମୋହଗ୍ରସ୍ତ ଓ ବିଳାସପ୍ରିୟ ମାଆମାନେ ନିଜର ସନ୍ତାନମାନଙ୍କୁ ଉଚିତ ମାର୍ଗ ଦର୍ଶନ କରାଇବାରେ ସକ୍ଷମ ହୁଅନ୍ତି ନାହିଁ। ଆଜି ମହିଳାମାନେ ବିଚାରପତି, ରାଜନେତ୍ରୀ, ଅଧ୍ୟାପିକା ହେଉଛନ୍ତି ଓ ସେଥିପାଇଁ ପ୍ରଶିକ୍ଷଣ ପାଉଛନ୍ତି। ପରନ୍ତୁ ସମସ୍ତେ ମାଆଠାରୁ ସଦାଚାର ଓ ଆଧ୍ୟାତ୍ମିକତା ଶିକ୍ଷା ପାଇବାରେ ସମର୍ଥ ହେଉନାହାନ୍ତି। ଆମେରିକାରେ ସ୍ୱାମୀ ବିବେକାନନ୍ଦଙ୍କୁ ଜଣେ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ମହିଳା ପଚାରିଥିଲେ 'ସ୍ୱାମିଜୀ । ମୁଁ ମୋର ପୁତ୍ରକୁ ସ୍ୱାମୀ ବିବେକାନନ୍ଦ ରୂପରେ ଗଢିବା ପାଇଁ ଚାହୁଁଛି । ଆପଣ ଦୟାକରି କହିବେ କି ଆପଣ କେଉଁ ବିଶ୍ୱବିଦ୍ୟାଳୟରେ ଶିକ୍ଷା ଲାଭ କରିଛନ୍ତି ?' ସ୍ୱାମୀ ବିବେକାନନ୍ଦ ଉତ୍ତର ଦେଲେ – 'ସେହି ବିଶ୍ୱବିଦ୍ୟାଳୟ ହେଉଛି ମୋର ମାଆ' । ମାଆ ହେଉଛି ସନ୍ତାନର ପ୍ରଥମ ଶିକ୍ଷୟିତ୍ରୀ । ଗୃହ ହେଉଛି ସନ୍ତାନର ପ୍ରଥମ ପାଠଶାଳା । ତେଣୁ ଉପନିଷଦରେ କୁହାଯାଇଛି –'ମାତା ନିର୍ମାତା ଭବତି' । ବନବାସ ସମୟରେ ଅନୁସୂୟା ସ୍ତ୍ରୀଧର୍ମର ଉପଦେଶ ଦେବା ଆରମ୍ଭ କରିବାବେଳେ ସୀତା କହିଥିଲେ – 'ପାଣିପ୍ରଦାନ କାଳେ ଜନନ୍ୟା ମେ ଅନୁଶିଷ୍ଟମ୍' - ଅର୍ଥାତ୍ ମୋର ମାତା ବିବାହ ପୂର୍ବରୁ ମୋତେ ମାତୃ କର୍ତ୍ତବ୍ୟ ଓ ଗୃହସ୍ଥଧର୍ମ ବୁଝାଇ ସାରିଛନ୍ତି । ପିତା ଓ ଶିକ୍ଷକ ଶିକ୍ଷା ଦେବା ପୂର୍ବରୁ ମାତା ସନ୍ତାନକୁ ଶିଷ୍ଟାଚାର ଶିକ୍ଷା ଦେଇ ଚରିତ୍ରବାନ ଓ ଆଦର୍ଶ ମନୁଷ୍ୟ ହେବା ପାଇଁ ପ୍ରଶିକ୍ଷିତ କରେ । ତେଣୁ କୁହାଯାଇଛି – 'ମାତୃ ଦେବୋ ଭବ, ପିତୃ ଦେବୋ ଭବ, ଆଚାର୍ଯ୍ୟ ଦେବୋ ଭବ ।' ଯେଉଁ ସନ୍ତାନମାନେ ଏହି ତିନି ଦେବ ଓ ଦେବୀଙ୍କଠାରୁ ଶିକ୍ଷା ଲାଭ କରିପାରନ୍ତି ନାହିଁ, ସେମାନେ ଶ୍ରେଷ୍ଠ ନାଗରିକ ହୋଇପାରନ୍ତି ନାହିଁ । ଶୈଶବ ଅବସ୍ଥାରେ ମାତାର ଅମୃତ ଉପଦେଶକୁ ପୁତ୍ର-କନ୍ୟାମାନେ ସମଗ୍ର ଜୀବନ ମନେ ରଖିଥାଆନ୍ତି, ତାହା ତାଙ୍କ ପାଇଁ ମହୌଷଧି ଓ ଅକ୍ଷୟ ନିଧି ।

ମହାରାଣୀ ମଦାଳସା ସନ୍ତାନମାନଙ୍କର ଗର୍ଭାବସ୍ଥାରେ ଈଶ୍ୱର ଭକ୍ତି ଓ ଧର୍ମାଚରଣରେ ଏପରି ମଗ୍ନ ରହୁଥିଲେ ଯେ ତିନିପୁତ୍ର ଯୋଗୀ ହୋଇଗଲେ । ଚତୁର୍ଥ ସନ୍ତାନ ଗର୍ଭରେ ଥିବା ସମୟରେ ମଦାଳସା କ୍ଷାତ୍ର ଧର୍ମର ଶିକ୍ଷା ଲାଭ କଲେ । ଫଳରେ ଚତୁର୍ଥ ସନ୍ତାନ ଆଦର୍ଶ କ୍ଷତ୍ରିୟ ହୋଇ ଦେଶ ଶାସନ କଲେ । ଜୀଜାବାଇ ଶିବାଙ୍କ ବାଲ୍ୟାବସ୍ଥାରେ ରାମ, କୃଷ୍ଣ, ହନୁମାନ, ଭୀଷ୍ମ, ରାଣା ପ୍ରତାପ ପ୍ରମୁଖ ବୀରମାନଙ୍କ କାହାଣୀ ଶୁଣାଉଥିଲେ, ତାହାର ଫଳ ସ୍ୱରୂପ ବିକଶିତ ହେଲେ ବୀର ଶିବାଜୀ । ମାତା ଗଙ୍ଗା ଏପରି ଅଖଣ୍ଡ ବ୍ରହ୍ମଚାରୀ ଭୀଷ୍ମଙ୍କୁ ନିର୍ମାଣ କରିଥିଲେ ଯେ, ଭୀଷ୍ମ ନିଜ ଗୁରୁ ପରଶୁରାମଙ୍କୁ ମଧ୍ୟ ଯୁଦ୍ଧରେ ପରାସ୍ତ କରିପାରିଥିଲେ । ମାତା ସୁଭଦ୍ରା ବୀର ଅଭିମନ୍ୟୁଙ୍କୁ ଗର୍ଭାବସ୍ଥାରେ ହିଁ ଶିକ୍ଷା ଦେଇଥିଲେ ।

ଯୁଧିଷ୍ଠିର ଯକ୍ଷର ପ୍ରଶ୍ନର ଉତ୍ତରରେ କହିଥିଲେ– 'ହେ ଯକ୍ଷ ! ମାତୃଭୂମି ଅପେକ୍ଷା ଜନ୍ମଦାତ୍ରୀ ମାତା ଅଧିକ ପୂଜ୍ୟ ଓ ପ୍ରଭାବଶାଳୀ ।' ସନ୍ତାନର ଜନ୍ମଦାତ୍ରୀ ମାଆର ତପସ୍ୟା ଆରମ୍ଭ ହୁଏ, ଯେତେବେଳେ ତାର ଗର୍ଭସ୍ଥିତି ହୁଏ । ଗର୍ଭବତୀ ମାଆର ଦଶମାସ ଗର୍ଭସ୍ଥ ଶିଶୁର ଶରୀର ଓ ମନକୁ ପ୍ରଭାବିତ କରୁଥାଏ । ସେତେବେଳେ ମାଆର ଚିନ୍ତନ ଓ ଭୋଜନ ଗର୍ଭରେ ଥିବା ଶିଶୁର ଚିନ୍ତନ ଓ ଭୋଜନ ହୋଇଥାଏ । ଶିଶୁ ମାଆର ସବୁ କାର୍ଯ୍ୟକଳାପ ଓ କଥୋପକଥନ ଜାଣିପାରେ ଓ ଶୁଣିପାରେ । ଗର୍ଭାବସ୍ଥାରେ ମାଆର ତପସ୍ୱୀ ଜୀବନଧାରା ଗର୍ଭସ୍ଥ ସନ୍ତାନକୁ ରୂପାୟିତ କରେ । କଞ୍ଚା ମାଟିଦ୍ୱାରା ଯେପରି ହାଣ୍ଡି ବା ଖେଳନା ଗଢି ହୁଏ, ମାଟି ଶୁଖିଗଲେ ତାହା ସମ୍ଭବପର ନୁହେଁ ।

ଯେଉଁ ମାଆ ସବୁବେଳେ ଗର୍ଭସ୍ଥ ସନ୍ତାନର ବିକାଶ ପାଇଁ ନିଜ ଜୀବନକୁ ଶୃଙ୍ଖଳିତ, ପବିତ୍ର ଓ ଧାର୍ମିକ କରେ; ସେ ପରବର୍ତ୍ତୀ ସମୟରେ ସଦାଚାରୀ ସନ୍ତାନ ଲାଭ କରି ଯଶସ୍ୱିନୀ ହୁଏ । ମାତା ନିଜ ଭାବୀ ସନ୍ତାନର ବିଶ୍ୱକର୍ମା । ତା'ର ଜରାୟୁ ଗୋଟିଏ ଅଦ୍ଭୁତ ପ୍ରୟୋଗଶାଳା । ସେ ନିଜର ଶରୀର ମଧ୍ୟରେ ଏକ ନବୀନ ଆତ୍ମାକୁ ଦେହରୂପୀ ପୋଷାକ ପିନ୍ଧାଇ ତପସ୍ୱିନୀର କାର୍ଯ୍ୟ କରେ । ସେହି କାରଣରୁ ଗର୍ଭବତୀ ମାତାକୁ ତାହାର କର୍ମକୁଶଳତା, ରୂପାୟନ ଚାତୁର୍ଯ୍ୟ ଓ କର୍ତ୍ତବ୍ୟ ପରାୟଣତା ସ୍ମରଣ କରାଇବା ପାଇଁ ପ୍ରାଚୀନ ଋଷିମୁନିମାନେ ଗର୍ଭାଧାନ, ପୁଂସବନ ଓ ସୀମନ୍ତୋନ୍ନୟନ ନାମରେ ତିନୋଟି ସଂସ୍କାରକୁ ଆବିଷ୍କାର କରି ଉତ୍ସବ ରୂପେ ପାଳନ କରୁଥିଲେ । ସନ୍ତାନ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଭୂମିଷ୍ଠ ହେବା ପରେ ସେ ମାତାର ନିୟନ୍ତ୍ରଣରେ ନିଜ ଅଙ୍ଗ-ପ୍ରତ୍ୟଙ୍ଗଗୁଡିକର ଉଚିତ ବ୍ୟବହାର ପାଇଁ ଶିକ୍ଷା ଲାଭ କରେ । ଶାସ୍ତ୍ରରେ କୁହାଯାଇଛି– 'ପ୍ରଶସ୍ତା ଧାର୍ମିକୀ ମାତା ବିଦ୍ୟତେ ଯଃ ସ ମାତୃମାନ୍ ।' ଅର୍ଥାତ୍ ଯେଉଁ ମାତା ସନ୍ତାନର ଗର୍ଭାବସ୍ଥାରୁ ବିଦ୍ୟାସମାପ୍ତି ପର୍ଯ୍ୟନ୍ତ ଆଚରଣ ଓ ଆଧ୍ୟାତ୍ମିକତା ଶିକ୍ଷା ଦିଅନ୍ତି – ସେ ମାତୃମାନ ଅଟନ୍ତି । ସନ୍ତାନ ଜନ୍ମ କରି ସେ ଜନନୀ ହୋଇପାରେ, କିନ୍ତୁ ମାତା ପଦବାଚ୍ୟ ନୁହେଁ । 'ମାନ୍ୟତେ ପୂଜ୍ୟତେ ଯା ସା ମାତା'-ଯାହାକୁ ମାନ୍ୟ କରାଯାଏ, ପୂଜା କରାଯାଏ; ସେ ମାତା ଅଟନ୍ତି । ମାତାଙ୍କ ଶିକ୍ଷା ପରେ ପିତା ଓ ଶିକ୍ଷକ ଦୃଶ୍ୟପଟରେ ଆସନ୍ତି । ସ୍ୱାଧୀନ ଭାରତରେ ଶିକ୍ଷାର ଗୁଣବୃଦ୍ଧି ପାଇଁ ଅନେକ କମିସନ ଗଢା ଯାଉଛି । ପରନ୍ତୁ ସେମାନେ ପ୍ରାଚୀନ ଋଷିମାନଙ୍କ ଦ୍ୱାରା ପ୍ରଦର୍ଶିତ ଶିକ୍ଷାପଦ୍ଧତିକୁ ଦୂରରୁ ହେଲେ ଦର୍ଶନ କରି ପାରିନାହାନ୍ତି । ଏହା ହେଉଛି ଆଧୁନିକ ଶିକ୍ଷା -ପଦ୍ଧତିର ବିପର୍ଯ୍ୟୟ !

ଧର୍ମ ସଂସ୍ଥାପନା ଯଜ୍ଞର ମହାଯାଜ୍ଞିକ ଶ୍ରୀକୃଷ୍ଣ

ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ସମୟରେ 'ଧର୍ମ' କହିଲେ ଶୁଦ୍ଧ ଆଚରଣକୁ ବୁଝାଯାଉଥିଲା । ଲୋକେ ଧୈର୍ଯ୍ୟ, କ୍ଷମା, ଦମ, ଅସ୍ତେୟ, ମନବଚନରେ ପବିତ୍ରତା, ଇନ୍ଦ୍ରିୟ ଜୟ, ବିଦ୍ୟା, ସଦ୍‌ଜ୍ଞାନ, ସତ୍ୟ ଓ ଅକ୍ରୋଧ-ଏହି ଦଶ ଲକ୍ଷଣଯୁକ୍ତ ସଦାଚାରକୁ ଧର୍ମର ଲକ୍ଷଣ ବୋଲି ଭାବୁଥିଲେ । ସେତେବେଳକୁ ଶୈବ, ବୈଷ୍ଣବ, ଶାକ୍ତ, ଇସଲାମ, ଖ୍ରୀଷ୍ଟିଆନ, ପାରସୀ, ଇହୁଦୀ, ବୌଦ୍ଧ, ଜୈନ ଆଦି ସଂପ୍ରଦାୟର ସଂସ୍ଥାପକମାନେ ଜନ୍ମ ହୋଇ ନ ଥିଲେ । 'ସର୍ବଧର୍ମାନ୍ ପରିତ୍ୟଜ୍ୟ' – ଏହି କୃଷ୍ଣ ବାକ୍ୟରେ 'ଧର୍ମ'ର ଅର୍ଥ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ ଆଦି ସଂପ୍ରଦାୟ ନୁହେ । ସେଠାରେ କର୍ତ୍ତବ୍ୟକୁ ଧର୍ମ କୁହାଯାଇଛି । ବୈଦିକ ବିଚାରରେ ଧର୍ମ ହେଉଛି ଜୀବନଯାପନର କଳା । ଯେଉଁ ଜୀବନ ଭାରସଦୃଶ ନ ହୋଇ ଆନନ୍ଦ ପ୍ରାପ୍ତିର ସାଧନ, ତାହା ଧାର୍ମିକ ଜୀବନ । ଧର୍ମାଚରଣ ଦ୍ୱାରା ଇହ ଓ ପରଜୀବନରେ ଶାନ୍ତି ମିଳେ ।

ସ୍ମୃତିକାର କହିଛନ୍ତି –

"ମୃତଂ ଶରୀରମୁତ୍ସୃଜ୍ୟ କାଷ୍ଠଲୋଷ୍ଠସମଂ କ୍ଷିଣୌ ।"
ବିମୁଖା ବାନ୍ଧବା ଯାନ୍ତି ଧର୍ମସ୍ତମନୁଗଚ୍ଛତି ।" (ମନୁସ୍ମୃତି ୪,୨୪୧)

ଅର୍ଥାତ୍ ବନ୍ଧୁବାନ୍ଧବମାନେ କାଠ, ଢେଲା ପଥର ସମାନ ମୃତ ଶରୀରକୁ ଶ୍ମଶାନରେ ଛାଡି ଘରକୁ ଫେରି ଯାଆନ୍ତି । କେବଳ ଧର୍ମ ହିଁ ଜୀବାତ୍ମା ସହିତ ଯାଏ । ଋଷିମୁନିମାନେ ଧର୍ମକୁ ଲକ୍ଷ୍ୟ କରି କହିଛନ୍ତି – 'ଧର୍ମ ଏବ ହତୋ ହନ୍ତି, ଧର୍ମୋ ରକ୍ଷତି ରକ୍ଷିତଃ' ଏହାର ଅର୍ଥ - ଯେ ଧର୍ମକୁ ନଷ୍ଟ କରେ, ନଷ୍ଟ ଧର୍ମ ତାହା ବିନାଶ ସାଧନ କରେ । ଯେ ଧର୍ମକୁ ରକ୍ଷା କରେ, ସେ ସୁରକ୍ଷିତ ରହେ ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଶ୍ରୀକୃଷ୍ଣ ସାର୍ବଭୌମ ଧର୍ମର ରକ୍ଷା ପାଇଁ ଘୋଷଣା କରିଥିଲେ – 'ଧର୍ମ ସଂସ୍ଥାପନାର୍ଥାୟ ସଂଭବାମି ଯୁଗେ ଯୁଗେ' – ମୁଁ ମାନବକୁଳରେ ଧାର୍ମିକତା, ଆସ୍ତିକତା ଓ ସଦାଚାରର ପୁନଃ ସଂସ୍ଥାପନା ପାଇଁ ଯୁଗେ ଯୁଗେ ଜନ୍ମ ହେବା ଆକାଂକ୍ଷା ରଖେ । ମହାଭାରତର ଉଦ୍ୟୋଗ ପର୍ବରେ ସେ କହିଛନ୍ତି –

"ଅହଂ ହି ତତ୍ କରିଷ୍ୟାମି ପରଂ ପୁରୁଷକାରତଃ ।
ଦୈବଂ ତୁ ନ ମୟା ଶକ୍ୟଂ କର୍ମ କର୍ତ୍ତୁଂ କଥଂ ଚ ନ ।। (ଉଦ୍ୟୋଗ ପର୍ବ ୭୯, ୫,୬)

ଅର୍ଥାତ୍ ମୁଁ (ଧର୍ମରକ୍ଷା ପାଇଁ) ଯଥାସାଧ୍ୟ ମନୁଷ୍ୟୋଚିତ ପ୍ରଯତ୍ନ କରିବି; ପରନ୍ତୁ ଦୈବ ମୋର ଅଧୀନ ନୁହେ ।

ବିଶ୍ୱର ଏହି ମହାନ୍‌ତମ ଯୋଗୀ ଯୋଗସିଦ୍ଧିର କାରଣରୁ ଗୀତାର ଅମୃତମୟ ଉପଦେଶ ପ୍ରଦାନ କରିଥିଲେ । ଦୀର୍ଘ ସମୟ ସାନ୍ଧ୍ୟୋପାସନା ଦ୍ୱାରା ଯୋଗାରୂଢ ରହୁଥିଲେ । ତାଙ୍କର ଦୈନନ୍ଦିନ ସଂଧ୍ୟା ଓ ଅଗ୍ନିହୋତ୍ର ଅନୁଷ୍ଠାନ ସମ୍ବନ୍ଧରେ ମହାଭାରତର ଲେଖକ ବହୁ ସ୍ଥଳରେ ସୂଚନା ଦେଇଛନ୍ତି । ହସ୍ତିନାପୁର ଶାନ୍ତିଯାତ୍ରା ସମୟରେ 'ସଂଧ୍ୟାମୁପନିବେଶ' ଅର୍ଥାତ୍ କୃଷ୍ଣ ସନ୍ଧ୍ୟା–ଉପାସନା ପାଇଁ ଆସୀନ ହେବା କୁହାଯାଇଛି । ଦୁର୍ଯ୍ୟୋଧନଙ୍କର ସଭାକୁ ଯିବା ପୂର୍ବରୁ 'କୃତୋଦକାନୁଜପ୍ୟାଃ ସ ହୁତାଗ୍ନିଃ ସମଳଂକୃତଃ' – କୃଷ୍ଣ ସନ୍ଧ୍ୟା-ଉପାସନା ଓ ଅଗ୍ନିହୋତ୍ର ଅନୁଷ୍ଠାନ କଲେ । ଏହି ରୂପେ ତାହାଙ୍କର ଆଧ୍ୟାତ୍ମିକ ଜୀବନ ସଂପୂର୍ଣ୍ଣ ବ୍ୟାବହାରିକ ଥିଲା ।

ଦ୍ରୋଣାଚାର୍ଯ୍ୟ ଯଥାର୍ଥ କହିଥିଲେ – 'ଯତୋ ଧର୍ମଃ ତତୋ କୃଷ୍ଣଃ, ଯତଃ କୃଷ୍ଣଃ ତତୋ ଜୟଃ' - ଅର୍ଥାତ୍ ଯେଉଁଠାରେ ଧର୍ମ, ସେଠାରେ କୃଷ୍ଣ । ଯେଉଁଠାରେ କୃଷ୍ଣ ସେଠାରେ ବିଜୟ । ଶ୍ରୀକୃଷ୍ଣ ବାଲ୍ୟକାଳରୁ ହିଁ ଧର୍ମ-ସଂସ୍ଥାପନ ରୂପକ ଯଜ୍ଞାଗ୍ନି ସ୍ଥାପନ କରିଥିଲେ । ଯୁଧିଷ୍ଠିରଙ୍କର ପ୍ରଜାରଞ୍ଜନକାରୀ ସାମ୍ରାଜ୍ୟ ସ୍ଥାପିତ ହେବାରେ ଉକ୍ତ ମହାଯଜ୍ଞର ପୂର୍ଣ୍ଣାହୁତି ହେଲା । ବାଲ୍ୟକାଳରୁ ତାଙ୍କଠାରେ ଜନନେତା ଓ ଲୋକନାୟକତ୍ୱର ଗୁଣ ଦୃଷ୍ଟିଗୋଚର ହୋଇଥିଲା । ଅରିଷ୍ଟ ନାମକ ପାଗଳ ବଳଦ, କେଶୀ ନାମକ ଦୁର୍ଦ୍ଦମ୍ୟ ଘୋଡାକୁ ବଧ କରି ଗୋକୁଳବାସୀଙ୍କ କଷ୍ଟ ଦୂର କରିଥିଲେ । ଯମୁନାର ବନ୍ୟା ସମୟରେ ଗାଈଗୋରୁଙ୍କୁ ପର୍ବତ ଉପରକୁ ନେଇ ସେମାନଙ୍କୁ ରକ୍ଷା କରିଥିଲେ । ସେତେବେଳେ ରାଜାମାନେ ଭାବୁଥିଲେ ଯେ ସେମାନେ ପରମାତ୍ମାଙ୍କ ଅଂଶ, ଶ୍ରୀକୃଷ୍ଣ ଏହି ଦୈବୀ ସିଦ୍ଧାନ୍ତକୁ ବିରୋଧ କରି ପ୍ରଜାବତ୍ସଳ ସାମ୍ରାଜ୍ୟ ପ୍ରତିଷ୍ଠାର ସ୍ୱପ୍ନ ଦେଖିଥିଲେ । ସେ ସଂସାରବାସୀଙ୍କୁ ଧର୍ମ ସଂସ୍ଥାପନା - ଯଜ୍ଞର ସୁବର୍ଣ୍ଣ ସୂତ୍ର ବୁଝାଇଥିଲେ –

'ତ୍ୟଜେତ୍ କୁଳାର୍ଥେ ପୁରୁଷଃ ଗ୍ରାମ୍ୟାର୍ଥେ କୁଳଂ ତ୍ୟଜେତ୍ ।
ଗ୍ରାମଂ ଜନପଦସ୍ୟାର୍ଥେ ଆତ୍ମାର୍ଥେ ପୃଥିବୀଂ ତ୍ୟଜେତ୍ ।।' (ଉଦ୍ୟୋଗ ପର୍ବ)

ହେ ମନୁଷ୍ୟ ! ସତ୍ୟାତ୍ମକ ଧର୍ମର ସ୍ଥାପନା ପାଇଁ ଜୀବନଯଜ୍ଞ ପ୍ରାରମ୍ଭ କର । ପ୍ରଥମେ ନିଜର ସ୍ୱାର୍ଥକୁ କୁଳର ହିତ ପାଇଁ ତ୍ୟାଗ କର । କୁଳର ସ୍ୱାର୍ଥକୁ ନିଜ ମଣ୍ଡଳର ମଙ୍ଗଳ ପାଇଁ, ମଣ୍ଡଳର ସ୍ୱାର୍ଥକୁ ରାଷ୍ଟ୍ରର ଉନ୍ନତି ନିମନ୍ତେ ଏବଂ ପରିଶେଷରେ ସତ୍ୟରକ୍ଷା ରୂପକ ଆତ୍ମୋନ୍ନତି ନିମିତ୍ତ ପାର୍ଥିବ ଯଶ ଓ ଅଧିକାରକୁ ଆହୁତି ଦିଅ । ଶ୍ରୀକୃଷ୍ଣ ନିଜର ପାରିବାରିକ ଓ ବ୍ୟକ୍ତିଗତ ସ୍ୱାର୍ଥର ବିଚାର ନ କରି ନିଜେ ରାଜା ନ ହୋଇ ମଥୁରାର ସ୍ୱେଚ୍ଛାଚାରୀ ଶାସକ କଂସର ବିନାଶ କଲେ । ରାଷ୍ଟ୍ରହିତ ପାଇଁ ପ୍ରବଳ ବଳବାନ ନିଷ୍ଠୁର ଶାସକ ଜରାସନ୍ଧକୁ ବଧ କଲେ ଏବଂ ବନ୍ଦୀଶାଳାରୁ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ନିରୀହ ରାଜାମାନଙ୍କୁ ମୁକ୍ତ କଲେ । ଯୁଦ୍ଧଲିପ୍ସୁ ଦୁର୍ଯ୍ୟୋଧନକୁ ନିପାତ କରି ଧର୍ମରାଜ ଯୁଧିଷ୍ଠିରଙ୍କ ନ୍ୟାୟପୂର୍ଣ୍ଣ ଶାସନ ସ୍ଥାପନ କଲେ ।

ଏଠାରେ ଶ୍ରୀକୃଷ୍ଣଙ୍କ ଧର୍ମ ସଂସ୍ଥାପନରୂପୀ ମହାଯଜ୍ଞର ପୂର୍ଣ୍ଣାହୁତି ହେଲା । ରାମ ଆଦର୍ଶବାନ୍ ରାଜା ପରନ୍ତୁ କୃଷ୍ଣ ରାଜାମାନଙ୍କର ନିର୍ମାତା ଥିଲେ । ଦଳିତ ଓ ପୀଡିତ ବର୍ଗର ଉଦ୍ଧାରକ କୃଷ୍ଣ ନିଜେ ସଚ୍ଚିଦାନନ୍ଦ ପରମତତ୍ତ୍ୱର ସାକ୍ଷାତ୍‌କାର କରି ସୁଦ୍ଧା ଲୋକକଲ୍ୟାଣ କାର୍ଯ୍ୟକୁ କଦାପି ଅବହେଳନ କରି ନ ଥିଲେ । ସେ ଜୀବନର ପ୍ରତ୍ୟେକ କ୍ଷଣରେ ଯୋଗକୁ ସତ୍‌କର୍ମର ଲକ୍ଷଣ ଭାବରେ ପ୍ରୟୋଗ କରୁଥିଲେ । ପ୍ରକୃତ ପକ୍ଷରେ ସେକାଳରେ ଧର୍ମ ସଂସ୍ଥାପନା-ଯଜ୍ଞରେ ସେ ଥିଲେ ମହାନ୍ ଯାଜ୍ଞିକ ।

ନାରୀଜାତିର ଉଦ୍ଧାରକ ମହର୍ଷି ଦୟାନନ୍ଦ

ନୋବେଲ ପୁରସ୍କାର ବିଜେତା ରୋମା ରୋଲାଁ ଲେଖିଛନ୍ତି- "ଭାରତର ରକ୍ଷଣଶୀଳ ଧର୍ମାଚାର୍ଯ୍ୟମାନେ ନାରୀ ଓ ଶୂଦ୍ରପାଇଁ ବେଦର ପଠନପାଠନକୁ ନିଷିଦ୍ଧ କରିଥିଲେ । ଯେଉଁ ଦିନ ଦୟାନନ୍ଦଙ୍କ ପରି ଜଣେ ପ୍ରବୀଣ ପଣ୍ଡିତ ଘୋଷଣା କଲେ ଯେ ବେଦଜ୍ଞାନ ଲାଭ କରିବା ସମୁଦାୟ ମନୁଷ୍ୟସମାଜର ଅଧିକାରଭୁକ୍ତ ଏବଂ ବେଦର ସ୍ୱାଧ୍ୟାୟ ଓ ପ୍ରଚାର ପ୍ରତ୍ୟେକ ମନୁଷ୍ୟର ପରମଧର୍ମ, ତାହା ଭାରତ ପାଇଁ ଏକ ଯୁଗାନ୍ତକାରୀ ଦିବସ ଥିଲା ।"

ଦୟାନନ୍ଦଙ୍କ (୧୮୨୪-୧୮୮୩) ପୂର୍ବରୁ ଭାତରୀୟ ସମାଜରେ କନ୍ୟାଶିଶୁ ଜନ୍ମ ହେଉ ହେଉ ବହୁ ସ୍ଥଳରେ ତାକୁ ପୋତି ଦିଆଯାଉଥିଲା । କନ୍ୟା ଅବାଞ୍ଛିତ ଓ ଅଶୁଭ ବୋଲି ପରିଗଣିତ ହେଉଥିଲା । ବର୍ଷେ, ଦୁଇବର୍ଷର ଶିଶୁ କନ୍ୟାମାନେ ବାଲ୍ୟବିବାହ କାରଣରୁ ସେମାନଙ୍କର ବାଳକ ପତି ମରିଗଲେ ବିଧବା ହେଉଥିଲେ । ମହିଳାଙ୍କ ପାଇଁ ଶାସ୍ତ୍ରାଧ୍ୟୟନର ଅଧିକାର ନ ଥିଲା । ସେମାନେ ଘୃଣାର ପାତ୍ର ଥିଲେ । ଦୟାନନ୍ଦ ନାରୀ ଜାତିର ଏହି ଦୁଃସମୟରେ ନାରୀ ଗୌରବ ପ୍ରତିଷ୍ଠା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ । ସେ ବାଲ୍ୟବିବାହ ବିରୋଧରେ ଶାସ୍ତ୍ରୀୟ ପ୍ରମାଣ ପ୍ରଦାନ କଲେ । ତାଙ୍କର ପ୍ରିୟ ଶିଷ୍ୟ ବାରିଷ୍ଟର ହର ବିଳାସ ସାରଦା କେନ୍ଦ୍ର ବିଧାନସଭାରେ 'ବାଲ୍ୟବିବାହ ନିରୋଧ ଆଇନ୍' ପାସ୍ କରାଇଲେ । ତାହା ସାରଦା ଆଇନ ନାମରେ ପ୍ରସିଦ୍ଧ ।

ଦୟାନନ୍ଦଙ୍କ ଅନ୍ୟ ପ୍ରିୟ ଶିଷ୍ୟ ଲାଲା ଦେବରାଜ ଓ ଲାଲା ଲଜପତରାୟ ପଞ୍ଜାବର ଜଳନ୍ଧରଠାରେ ପ୍ରଥମ ବାଳିକା ବିଦ୍ୟାଳୟ ସ୍ଥାପନ କଲେ । ଡେରାଡୁନ, ନରେଲା, ଚୋଟିପୁରା, ପୋରବନ୍ଦର, ହାଥରସ, ବାରାଣସୀ, ଦଧିଆ ଆଦି ସ୍ଥାନରେ ପ୍ରତିଷ୍ଠିତ କନ୍ୟାଗୁରୁକୁଳ ମାନଙ୍କରେ ପଢୁଥିବା ବାଳିକାମାନଙ୍କର ବେଦଶିକ୍ଷା, ମନ୍ତ୍ରପାଠ, ଯଜ୍ଞାନୁଷ୍ଠାନ ଓ ଧାରାବାହୀ ସଂସ୍କୃତ ବ୍ୟାଖ୍ୟାନ ଦେଖି ଜାଣିହେବ ଯେ ଦୟାନନ୍ଦ ଓ ତାଙ୍କ ପ୍ରତିଷ୍ଠିତ ଆର୍ଯ୍ୟସମାଜର ପ୍ରୟାସ ଯୋଗୁଁ ନାରୀ ଜାତିର ପୂର୍ବ ବୈଭବ ଫେରି ଆସୁଅଛି ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଆଜମେରଠାରେ ଦୟାନନ୍ଦ ନିର୍ବାଣ ଶତାବ୍ଦୀରେ ଭାଷଣ ଦେଇ ୧୯୮୩ରେ ତଦାନୀନ୍ତନ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀ କହିଥିଲେ – "ଦୟାନନ୍ଦଙ୍କ ଉପଦେଶ ଅନୁସାରେ ଆମ ଦେଶରେ ନାରୀ ଶିକ୍ଷା ପୁନଃ ପ୍ରବର୍ତ୍ତିତ ହେଲା । ତାହା ହୋଇ ନ ଥିଲେ ଆଜି ମୁଁ ଦେଶର ପ୍ରଧାନମନ୍ତ୍ରୀ ହୋଇ ନ ଥାଆନ୍ତି ।"

ଦୟାନନ୍ଦଙ୍କ ବେଦଭାଷ୍ୟରେ ବହୁସ୍ଥଳରେ ନାରୀକୁ ସମ୍ମାନଜନକ ସ୍ଥାନ ଦିଆଯାଇଛି ଯଥା ଯେଉଁ ସ୍ତ୍ରୀମାନେ ଅଙ୍ଗ-ଉପାଙ୍ଗ ସହିତ ବେଦାଧ୍ୟୟନ କରି ଅଧ୍ୟାପନା କରନ୍ତି; ସେମାନେ ମନୁଷ୍ୟ ସମାଜର ଅଶେଷ ଉପକାର କରନ୍ତି (ଋଗ୍‌ବେଦ ଭାଷ୍ୟ ୧୧,୪,୪୧) । ସମସ୍ତ ମହିଳାମାନଙ୍କୁ ଯତ୍ନପୂର୍ବକ ଶିକ୍ଷିତା ଓ ବିଦୁଷୀ କରିବା ରାଷ୍ଟ୍ରର ମୁଖ୍ୟ କର୍ତ୍ତବ୍ୟ ଅଟେ (ଯଜୁର୍ବେଦ ଭାଷ୍ୟ ୧୦,୭) । ହେ କୁମାରୀଗଣ ! ତୁମେମାନେ ବ୍ରହ୍ମଚାର୍ଯ୍ୟଧାରଣ ପୂର୍ବକ ଉଚ୍ଚ ବିଦ୍ୟାପ୍ରାପ୍ତ ହୋଇ ନିଜର ଅଭୀଷ୍ଟ ଓ ଯୋଗ୍ୟ ପତିଙ୍କୁ ବରଣ କର (ଯଜୁର୍ବେଦ ଭାଷ୍ୟ ୩୪,୧୦) । ଋଗ୍‌ବେଦର ଏକ ମନ୍ତ୍ର ବ୍ୟାଖ୍ୟା କରି ଦୟାନନ୍ଦ କହିଥିଲେ– ମାତା ସନ୍ତାନର କେବଳ ଜନ୍ମଦାତ୍ରୀ ନୁହେଁ, ସେ ତାହାର ପ୍ରଥମ ଶିକ୍ଷୟିତ୍ରୀ । ସେ ଗର୍ଭାବସ୍ଥାରେ ହିଁ ପରୋକ୍ଷ ଭାବରେ ସନ୍ତାନକୁ ଶିକ୍ଷା ପ୍ରଦାନ କରେ । ଜନ୍ମପରେ ସନ୍ତାନକୁ ନିର୍ଭୀକ, ବୀର ଓ ସତ୍ୟଶୀଳ କରେ । ସନ୍ତାନମାନଙ୍କୁ ବର୍ଣ୍ଣମାଳାର ପ୍ରଥମ ଶିକ୍ଷା ଦିଏ । ଚତୁର୍ଦ୍ଦିଗରେ ଥିବା ପଦାର୍ଥ ଓ ବ୍ୟକ୍ତିର ନାମ ଓ ଗୁଣ ବୁଝାଏ । ସେତେବେଳେ ବାଲ୍ୟ ବିବାହର ସମର୍ଥନରେ ରକ୍ଷଣଶୀଳ ଲୋକେ ଜାଲଶ୍ଳୋକ ରଚନା କରି କହୁଥିଲେ ଅଷ୍ଟାବର୍ଷା ଭବେତ୍ ଗୌରୀ ++++ ଅର୍ଥାତ୍ କନ୍ୟା ଆଠବର୍ଷରେ ଗୌରୀ, ନଅ ବର୍ଷରେ ରୋହିଣୀ, ଦଶବର୍ଷରେ କନ୍ୟା ଓ ତପ୍‌ରେ ରଜସ୍ୱଳା ସଂଜ୍ଞା ପାଏ । ମାତା, ପିତା ଓ ବଡଭାଇ ରଜସ୍ୱଳା ହେବା ପୂର୍ବରୁ କନ୍ୟାକୁ ବିବାହ ନ କରାଇଲେ ସେ ସମସ୍ତେ ନରକଗାମୀ ହୁଅନ୍ତି । ଦୟାନନ୍ଦ ଏହି ମିଥ୍ୟା ଧାରଣା ବିରୋଧରେ ଅଥର୍ବବେଦର 'ବ୍ରହ୍ମଚର୍ଯ୍ୟେଣ କନ୍ୟା ଯୁବାନାଂ ବିନ୍ଦତେ ପତିମ୍' ଅର୍ଥାତ୍ ପୂର୍ଣ୍ଣ ବିଦ୍ୟାଶିକ୍ଷା ଓ ବ୍ରହ୍ମଚର୍ଯ୍ୟ ଧାରଣ ପୂର୍ବକ ଯୁବତୀ ହିଁ ଯୋଗ୍ୟ ଯୁବକଙ୍କୁ ଗ୍ରହଣ କରିବେ – ଏହି ମନ୍ତ୍ରର ଉପଦେଶ ଦେଲେ । ପ୍ରକୃତ ପକ୍ଷରେ ଦୟାନନ୍ଦ ନାରୀଜାତିର ଉଦ୍ଧାରକ ଥିଲେ ।

ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ

ସଂସାରର ସକଳ ଜୀବଜନ୍ତୁ ଅବିନାଶୀ ଅମୃତ ପରମାତ୍ମାଙ୍କର ସନ୍ତାନ । ପରନ୍ତୁ ମନୁଷ୍ୟ ଛଡା ଅନ୍ୟ ସମସ୍ତେ ଶ୍ରବଣେନ୍ଦ୍ରିୟ ପାଇଥିଲେ ସୁଦ୍ଧା ଜ୍ଞାନପୂର୍ବକ ଶୁଣିବାରେ ସକ୍ଷମ ହୁଅନ୍ତି ନାହିଁ । ତେଣୁ "ଅମୃତ ପୁତ୍ରମାନେ ଶୁଣନ୍ତୁ" – ଏହି ସନ୍ଦେଶ ବୁଦ୍ଧିସମ୍ପନ୍ନ ମନୁଷ୍ୟ ଜାତି ପାଇଁ କୁହାଯାଇଛି । ଋଗ୍‌ବେଦ (୧୦,୧୩,୧) ମନ୍ତ୍ରର ଦ୍ୱିତୀୟ ଧାଡିରେ ଥିବା ଏହି ମନ୍ତ୍ରାଂଶଟି ଅତ୍ୟନ୍ତ ଲୋକପ୍ରିୟ ହୋଇଥିଲେ ସୁଦ୍ଧା ପ୍ରଥମ ଧାଡିରେ ଥିବା ବିଷୟ ସମ୍ବନ୍ଧରେ ସମସ୍ତେ ଅବହିତ ନୁହନ୍ତି । ତାହାର ଅବତାରଣା କରିବା ପ୍ରସ୍ତୁତ ପ୍ରବନ୍ଧର ଉଦ୍ଦେଶ୍ୟ । ସମ୍ପୂର୍ଣ୍ଣ ମନ୍ତ୍ରଟି ହେଉଛି –

ଯୁଜେ ବାଂ ବ୍ରହ୍ମ ପୂର୍ବ୍ୟଂ ନମୋଭିଃ
ବି ଶ୍ଳୋକଃ ଏତୁ ପଥ୍ୟେବ ସୂରେଃ ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ
ଆ ଯେ ଧାମାନି ଦିବ୍ୟାନି ତସ୍ଥୁଃ ॥ (ଋଗ୍‌ବେଦ ୧୦,୧୩,୧)

ମନ୍ତ୍ରର ସରଳ ଅର୍ଥ ହେଉଛି – 'ତୁମେ ଉଭୟେ ପୂର୍ବବର୍ତ୍ତୀ (ବ୍ରହ୍ମଚର୍ଯ୍ୟ) ଜୀବନରେ ଯେଉଁ ଜ୍ଞାନ ଓ ସଂସ୍କାର ପାଇଥିଲ, ଏଠାରେ ସେ ସବୁ ସଦୁପଯୋଗ କର । ଓଜସ୍ୱୀ ବକ୍ତାଙ୍କର ଭାଷଣ ପ୍ରଭାବଶାଳୀ ହେବା ପରି ତୁମ ଦୁହିଁଙ୍କର ସମ୍ମିଳିତ ଉଦ୍ୟମ ଯଶସ୍ୱୀ ହେଉ । ସମାଜର ଭିନ୍ନ ଭିନ୍ନ କ୍ଷେତ୍ରରେ ରହିଥିବା ଅମୃତ ସନ୍ତାନମାନେ ତୁମର କୀର୍ତ୍ତି ଶୁଣନ୍ତୁ ।'

ନବଦମ୍ପତିଙ୍କୁ ଏଠାରେ ସମ୍ବୋଧନ କରାଯାଉଛି । ସେମାନେ ନୂତନ ପରିବାର ଗଠନ କରିବେ । ମହାତ୍ମା, ମହାରାଜା, ଶିଳ୍ପୀ, ରାଜନେତା ସମସ୍ତେ ପରିବାର ମଧ୍ୟରେ ଜନ୍ମଗ୍ରହଣ କରନ୍ତି । ସେଠାରେ ପ୍ରଶିକ୍ଷିତ ହୁଅନ୍ତି । ପରିବାର ନାମକ ସଂଘ ବିଶ୍ୱର ବୃହତ୍ତମ ସଂଘ । ଅନ୍ୟ ସଙ୍ଗଠନଗୁଡିକ ଯଥା ଶ୍ରମିକ, କୃଷକ, ଅଧ୍ୟାପକଙ୍କ ସଙ୍ଗଠନ ସୀମାବଦ୍ଧ । ପବିତ୍ର ପରିବାରର ସଦାଚାରୀ କୃଷକ, ଶ୍ରମିକ, କର୍ମଚାରୀ ଓ ପ୍ରଜାଙ୍କୁ ଜନ୍ମ ଦିଏ । ଦିବ୍ୟ ପ୍ରଜା ହେଉଛି ରାଷ୍ଟ୍ର ପାଇଁ ପରିବାରର ସର୍ବଶ୍ରେଷ୍ଠ ଅବଦାନ । ପରିବାରରୁ ଦେବ ଓ ଦେବୀ ଉତ୍ପନ୍ନ ହୁଅନ୍ତି । ଦେବଦେବୀ ଆକାଶୀୟ ଜୀବ ନୁହନ୍ତି । ବୈଦିକ ଯୁଗରେ ଉତ୍କୃଷ୍ଟ ନରକୁ 'ଦେବ' ଓ ଉତ୍କୃଷ୍ଟ ନାରୀକୁ 'ଦେବୀ' କୁହାଯାଉଥିଲା । ନରତନଧାରୀ ଦେବଦେବୀମାନେ ସମାଜ ଓ ସଂସାରରେ ଦିବ୍ୟ ଭାବନା ବିତରଣ କରନ୍ତି ।

ବାଲ୍ୟାବସ୍ଥାରେ ବାଳକ-ବାଳିକାମାନଙ୍କୁ ଓ ଗୃହସ୍ଥ ଜୀବନର ପ୍ରାରମ୍ଭରେ ନବଦମ୍ପତିଙ୍କୁ ଯେଉଁ ସଦୁପଯୋଗ ମିଳେ, ତାହା ପରିବର୍ତ୍ତୀ ଜୀବନରେ ସୁଖପ୍ରଦ ଓ ସ୍ଥାୟୀ ହୁଏ । ସେହି କାରଣରୁ ବେଦର ଅନେକ ସ୍ଥଳରେ ବ୍ରହ୍ମଚର୍ଯ୍ୟ ଓ ଦାମ୍ପତ୍ୟ ଜୀବନର ରହସ୍ୟ କୁହାଯାଇଛି । ଏଠାରେ ନୂତନ ବରବଧୂଙ୍କୁ ସମ୍ବୋଧନ କରାଯାଉଛି – 'ହେ ନବଦମ୍ପତି । ବ୍ରହ୍ମଚର୍ଯ୍ୟାଶ୍ରମରେ ଇନ୍ଦ୍ରିୟ ସଂଯମ, ଧୈର୍ଯ୍ୟ, ସହନଶୀଳତା, ବିନମ୍ରତା, ସରଳତା, ସତ୍ୟାଚରଣ ଆଦି ସଦ୍‌ଗୁଣଗୁଡିକ ଅଭ୍ୟାସ କରିଥିଲ, ବର୍ତ୍ତମାନ ବିବାହିତ ହେବା ପରେ ପରସ୍ପର ସହଯୋଗପୂର୍ବକ ଉକ୍ତ ଶୁଭ ଗୁଣଗୁଡିକ ବ୍ୟାବହାରିକ ଜୀବନରେ ପ୍ରୟୋଗ କର । ଗୃହସ୍ଥାଶ୍ରମ ହେଉଛି ଦୈବୀଗୁଣର ପ୍ରୟୋଗଶାଳା । ଆଦର୍ଶ ଗୃହସ୍ଥ-ଗୃହିଣୀଙ୍କର ଯଶ ଚତୁର୍ଦ୍ଦିଗରେ ବିସ୍ତାରିତ ହୁଏ । ବିଭିନ୍ନ କର୍ତ୍ତବ୍ୟରେ ନିଯୁକ୍ତ ଥିବା ବ୍ରହ୍ମଚାରୀ, ବାନପ୍ରସ୍ଥୀ, ସନ୍ନ୍ୟାସୀ ସମସ୍ତେ ତୁମ ଆଦର୍ଶ ପରିବାରର ଯଶୋଗାଥା ଶୁଣନ୍ତୁ ।'

ପରିବାରର ଅର୍ଥ କେବଳ ଭୂ-ସମ୍ପତ୍ତି, ଯାନବାହାନ, ଅଟ୍ଟାଳିକା ଆଦି ନୁହେଁ । ସମବେଦନା, ସହଯୋଗିତା, ପ୍ରୀତି, ଭକ୍ତି, ବାତ୍ସଲ୍ୟ, ଦୟା ଆଦି ସଦ୍‌ଗୁଣର ସମାବେଶ ପରିବାର ନିର୍ମାଣ କରେ । ପ୍ରଶିକ୍ଷିତା ମାତା ଓ ପ୍ରଶିକ୍ଷିତ ପିତା ସୁସନ୍ତାନ ଜନ୍ମ ଦିଅନ୍ତି ଓ ଜନ୍ମ ପରେ ସେମାନଙ୍କୁ ସଂସ୍କାରିତ କରନ୍ତି । ଆଜିକାଲି ଅଧ୍ୟାପନା, ଚିକିତ୍ସା, ଶିଳ୍ପ, ବାଣିଜ୍ୟାଦି କ୍ଷେତ୍ରରେ ପାରଦର୍ଶିତା ପାଇଁ ପ୍ରଶିକ୍ଷଣ ଦିଆଯାଉଛି । ରାଷ୍ଟ୍ରବିକାଶ କହିଲେ ଏସବୁ ପ୍ରଶିକ୍ଷଣର କେନ୍ଦ୍ରମାନଙ୍କୁ ବୁଝାଯାଉଛି; ପରନ୍ତୁ ନବବିବାହିତ ଦମ୍ପତ୍ତିମାନଙ୍କ ସଫଳ ଗୃହସ୍ଥ ଜୀବନ ପାଇଁ ପ୍ରଶିକ୍ଷଣ ବିଷୟରେ ଆଦୌ ଚିନ୍ତା କରାଯାଉନାହିଁ । ଉତ୍ତମ ବିହନ, ଫୁଲ, ଫଳ, ମାଛ, ଗାଈ, ଘୋଡା ନିର୍ମାଣ ପାଇଁ ପ୍ରଜନନ ବିଦ୍ୟାର ଉତ୍କୃଷ୍ଟ ଗବେଷଣା ହେଉଛି; କିନ୍ତୁ ହାୟ ! ଉତ୍କୃଷ୍ଟ ଦମ୍ପତି ଓ ସେମାନଙ୍କଠାରୁ ଉତ୍କୃଷ୍ଟ ସନ୍ତାନ ନିର୍ମାଣ ପାଇଁ କୌଣସି ଯୋଜନା ନାହିଁ । ବୈଦିକ ଋଷିମାନେ ଉପଦେଶ ଦେଇଥିଲେ– "ମନୁର୍ଭବ, ଜନୟା ଦୈବ୍ୟଂ ଜନମ୍"– ମନୁଷ୍ୟ ଦେହ ପାଇ ମନୁଷ୍ୟତା ଲାଭ କର; ମନୁଷ୍ୟ ହୁଅ । ସେତିକିରେ ସନ୍ତୁଷ୍ଟ ନ ହୋଇ ଶୁଭ ପରମ୍ପରା ରକ୍ଷା ପାଇଁ ଦିବ୍ୟ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ସନ୍ତାନଙ୍କୁ ଜନ୍ମ ଦିଅ । ସେମାନଙ୍କୁ ସୁସଂସ୍କୃତ କର । କେତେ ମାର୍ମିକ ସନ୍ଦେଶ ! ଗଛ ମୂଳରେ ପାଣି ନ ଦେଇ ପତ୍ର ଫୁଲରେ ପାଣି ଅଜାଡିବା ଅଜ୍ଞତା । ସେହିପରି ପିଲାଙ୍କ ପୋଷାକ, ବାହନ, ମନୋରଞ୍ଜନ ଆଦିରେ ଅଧିକ ସମୟ ଓ ଅର୍ଥ ବ୍ୟୟ କରିବା ନିର୍ବୋଧତା । ସନ୍ତାନ ଭୂମିଷ୍ଠ ହେବା ପୂର୍ବରୁ ମାତାପିତାଙ୍କ ସଂଯତ ଓ ପବିତ୍ର ଜୀବନଯାପନ ଏବଂ ସନ୍ତାନ ଜନ୍ମ ଦେବା ପରେ ତାହାର ମାନସିକ, ବୌଦ୍ଧିକ ଓ ଆତ୍ମିକ ବିକାଶ ପାଇଁ ପ୍ରଯତ୍ନ କରିବା ଅଧିକ କାମ୍ୟ । ଚାରି ଆଶ୍ରମ ମଧ୍ୟରେ ଗୃହସ୍ଥ ଓ ସନ୍ନ୍ୟାସ ମୁଖ୍ୟ । ବ୍ରହ୍ମଚର୍ଯ୍ୟ ଗୃହସ୍ଥର ପ୍ରସ୍ତୁତି ଓ ବାନପ୍ରସ୍ଥ ସନ୍ନ୍ୟାସର ପ୍ରସ୍ତୁତି । ମହର୍ଷି ମନୁ ଲେଖିଛନ୍ତି – 'ଦୁର୍ବଳ ଇନ୍ଦ୍ରିୟଯୁକ୍ତ ବ୍ୟକ୍ତିମାନେ ଗୃହସ୍ଥ-ଗୃହିଣୀ ହେବା ପାଇଁ ଯୋଗ୍ୟ ନୁହନ୍ତି ।' କୁଟୁମ୍ବର ପରିଚାଳନା ନିମନ୍ତେ ବଳ, ଉତ୍ସାହ ଓ ଆତ୍ମବିଶ୍ୱାସ ଆବଶ୍ୟକ । ବ୍ରହ୍ମଚର୍ଯ୍ୟାଶ୍ରମ କଠୋର ତପସ୍ୟାମୟ ଜୀବନ । ପାଠକୁ କଣ୍ଠସ୍ଥ କରିବା ନୁହେଁ ବରଂ ତାକୁ ହୃଦୟସ୍ଥ କରିବା ଅଧ୍ୟୟନର ଉଦ୍ଦେଶ୍ୟ । ପରବର୍ତ୍ତୀ ସମୟରେ ସାଂସାରିକ ପ୍ରଲୋଭନରେ ଆସକ୍ତ ନ ହେବା ପାଇଁ ବ୍ରହ୍ମଚର୍ଯ୍ୟ କାଳରେ ଶିକ୍ଷା ମିଳେ । ସେଥିରେ ସଫଳ ହୋଇ ବ୍ରହ୍ମଚାରୀ ଉତ୍ତୀର୍ଣ୍ଣ ହୁଏ । ବିଦ୍ୟାର୍ଥୀ ଜୀବନର ପାସ୍ ବା ଫେଲ୍ ତାହା ଉପରେ ନିର୍ଭର କରେ । ଏକଦା ବ୍ରହ୍ମଚାରୀଙ୍କୁ ଦେଖି ଋଷି କହିଥିଲେ– 'ସୂର୍ଯ୍ୟଙ୍କ ପରି ଦୀପ୍ତିମାନ ବ୍ରହ୍ମଚାରୀଙ୍କୁ ଦେଖ । ଦୀର୍ଘ କେଶ, ଶ୍ମଶ୍ରୁଧାରୀ ବ୍ରହ୍ମଚାରୀଙ୍କୁ ଶୁଭେଚ୍ଛା ଦିଅ । ତପ ସାଧନରେ ସେ ତେଜୋମୟ ଦିଶୁଛନ୍ତି । ତୈଳବିବର୍ଜିତ କେଶରାଜି ତାମ୍ରବର୍ଣ୍ଣ ପରି ଝଟକୁଛି । ଦିନେ ହେଲେ ସେ କେଶରେ ତେଲ ଲାଗି ନାହିଁ ।' ଏଠାରେ ବ୍ରହ୍ମଚାରୀ କହିଲେ ଉଭୟ ବ୍ରହ୍ମଚାରୀ ଓ ବ୍ରହ୍ମଚାରିଣୀଙ୍କୁ ବୁଝାଏ ।

କଠୋର ତପୋମୟ ଜୀବନଯାପନ କରିବା ପରେ ବ୍ରହ୍ମଚାରୀ ଓ ବ୍ରହ୍ମଚାରିଣୀ ନିଜ ନିଜ ଆଚାର୍ଯ୍ୟକୁଳରୁ ପିତୃଗୃହକୁ ଫେରୁଥିଲେ । ତାହା ସେମାନଙ୍କର ସମାବର୍ତ୍ତନ ଉତ୍ସବ । ସେତେବେଳେ ସେମାନଙ୍କ ବ୍ୟବହାର ପାଇଁ ଦର୍ପଣ, ପାନିଆ, ଛତା, ଜୋତା ଆଦି ଦିଆଯାଉଥିଲା । ସାହସ ଓ ଧୈର୍ଯ୍ୟର ସହିତ ସଂସାରକୁ ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ହୋଇ ସେମାନେ ଫେରୁଥିଲେ । ସେମାନେ ଜାଣୁଥିଲେ ଭୋଗ-ଐଶ୍ୱର୍ଯ୍ୟ ପାଇବା ପରେ ସାମାଜିକ କର୍ତ୍ତବ୍ୟ ସମ୍ପନ୍ନ କରି ଦିନେ ସେସବୁ ପରିତ୍ୟାଗ କରିବାକୁ ହେବ, ଦିନେ ସେମାନେ ବାନପ୍ରସ୍ଥାଶ୍ରମରେ ପ୍ରବେଶ କରିବେ ।

ବିବାହ ବେଦିରେ ଯୋଗ୍ୟ ନବଦମ୍ପତି ଘୋଷଣା କରନ୍ତି – 'ସମଂଜନ୍ତୁ ବିଶ୍ୱେ ଦେବାଃ ସମାପୋ ହୃଦୟାନି ନୌ+++' ଅର୍ଥାତ୍ ବିବାହ ମଣ୍ଡପରେ ସମବେତ ଶୁଭାକାଙ୍କ୍ଷୀଗଣ ! ଆପଣମାନଙ୍କ ଆଗରେ ପ୍ରତିଜ୍ଞା କରୁଅଛୁ ଯେ ବିଦ୍ୟାଶିକ୍ଷାବେଳେ ଯେଉଁ ସଦ୍‌ଗୁଣଗୁଡିକୁ ଗ୍ରହଣ କରିଅଛୁ, ଗୃହନିର୍ମାଣରେ ସେସବୁ ପ୍ରୟୋଗ କରିବୁ । ପରସ୍ପରର ପରିପୂରକ ହେବୁ । ଜଳକୁଣ୍ଡରେ ଜଳ ଢାଳିଲେ ଯେପରି ଜଳର ପତ୍ତନ ଉଠିଯାଏ, ସେହିପରି ଜଣକର ସୁଖରେ ଉଭୟ ସୁଖୀ ହେବୁ । ପରିବାର ଓ ସମାଜ ପ୍ରତି ଆମର କର୍ତ୍ତବ୍ୟବୋଧକୁ ବୁଝିବା ଫଳରେ ସମସ୍ତେ ଆମକୁ ଶୁଭେଚ୍ଛା ଦେବେ, ଆମର କୀର୍ତ୍ତି ଚତୁର୍ଦ୍ଦିଗରେ ବିସ୍ତାରିତ ହେବ ।

ଜଣେ ଗୁଣବତୀ ଯୁବତୀ ସହିତ ଜଣେ ସଦାଚାରୀ ଯୁବକର ପରିଣୟ ଆକାଶର ଏକ ଜ୍ୟୋତିର୍ମୟ ତାରାପରି ହୃଦୟସ୍ପର୍ଶୀ ଘଟଣା । ଗଛରେ ଗୋଟିଏ ଫୁଲ ଫୁଟିବା ସାଧାରଣ ଚକ୍ଷୁ ପାଇଁ ମାମୁଲି ଦୃଶ୍ୟ ପରନ୍ତୁ ସେହି କାର୍ଯ୍ୟ ପଛରେ ବିଧାତାଙ୍କ କଳା ଚାତୁର୍ଯ୍ୟ କିପରି ଭରିରହିଛି, ତାହା ଜଣେ ସୂକ୍ଷ୍ମଦର୍ଶୀ ହିଁ ଅନୁଭବ କରିପାରନ୍ତି । ବ୍ରହ୍ମଚାରୀ ଓ ବ୍ରହ୍ମଚାରିଣୀଙ୍କ ପରିଣୟରୁ ସଂଭୂତ ଗୋଟିଏ ଦିବ୍ୟ ପରିବାରର ରଚନା ବିଧାତାଙ୍କର ଏକ ଅପୂର୍ବ ଯୋଜନା । ମନୁଷ୍ୟ-ସମାଜରେ ବ୍ରହ୍ମଚର୍ଯ୍ୟାଶ୍ରମରେ ସଫଳତାରୁ ବିକଶିତ ହେଉଥିବା ଗୃହସ୍ଥାଶ୍ରମ ପ୍ରଭୁଙ୍କର ଦିବ୍ୟ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ବିଭୂତି । ଉକ୍ତ ବିଚାରକୁ ଲକ୍ଷ୍ୟକରି ଋଷି କହନ୍ତି –

'ହେ ଅମୃତ ପୁତ୍ର ମନୁଷ୍ୟଗଣ ! ଏହି ନବଦମ୍ପତିଙ୍କ ଜୀବନଚର୍ଯ୍ୟାକୁ ଦେଖ । ଶୁଭବିଦ୍ୟା ଲାଭକରି ଏମାନେ ଗୃହସ୍ଥ ଜୀବନରେ ପ୍ରବେଶ କରୁଛନ୍ତି । ସେହି ବିଦ୍ୟାର ସଦୁପଯୋଗ କରି ଦାମ୍ପତ୍ୟ ଜୀବନକୁ ଆଦର୍ଶମୟ କରୁଛନ୍ତି । ସେମାନଙ୍କର ଯଶପୂର୍ଣ୍ଣ କର୍ମସ୍ରୋତର ସଂଗୀତକୁ ଶୁଣ । ତାହା ଭବିଷ୍ୟତ୍ ବଂଶଧରଙ୍କ ପାଇଁ ପ୍ରେରଣାଦାୟକ ହୋଇ ରହିବ – 'ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ' ।

ପ୍ରାଚୀନ ଭାରତୀୟ ସମାଜରେ କନ୍ୟାର ଗୌରବ

ଭାରତୀୟ ସମାଜରେ କନ୍ୟା ଭଳି ଆଉ କେହି ଏତେ ଆଦରର ପାତ୍ର ନ ଥିଲେ । ଅବିବାହିତା ବାଳିକାର କାନ୍ତି, ଦୀପ୍ତି, କଣ୍ଠସ୍ୱର ଆଦି ଦୃଷ୍ଟିରୁ ତାକୁ 'କନ୍ୟା' ନାମ ଦିଆଯାଇଥିଲା– 'କନୀ ଦୀପ୍ତିକାନ୍ତି ଗତିଷୁ' । ସେ କୋମଳତା, ସୌନ୍ଦର୍ଯ୍ୟ, ଗାନପଟୁତା, ଲଜ୍ଜା ଓ ଶିଷ୍ଟାଚାରର ପ୍ରତିମୂର୍ତ୍ତି । ମହାଭାରତର ଅନୁଶାସନ ପର୍ବରେ ବେଦବ୍ୟାସ ଲେଖିଛନ୍ତି – 'କୌମାରଂ ବ୍ରହ୍ମଚର୍ଯ୍ୟଂ ମେ କନ୍ୟୈବାସ୍ମି ନ ସଂଶୟଃ' – ଅର୍ଥାତ୍ ଯେପର୍ଯ୍ୟନ୍ତ ମୋର କୌମାର ବା ବ୍ରହ୍ମଚର୍ଯ୍ୟ ଅକ୍ଷତ ରହିଛି, ସେ ପର୍ଯ୍ୟନ୍ତ ମୁଁ କନ୍ୟା । ଅକ୍ଷତ ଯୋନି ବ୍ରହ୍ମଚାରିଣୀର ନାମ କନ୍ୟା, 'କନ୍ୟା କମନୀୟା ଭବତି' – କମନୀୟା ଓ କାମନାଯୋଗ୍ୟ ହେବାରୁ ତାହାର ନାମ କନ୍ୟା । ସଂସ୍କୃତ କୋଷ ଗୁଡିକ ମତ ଦିଅନ୍ତି ଯେ, ଷୋହଳ ବର୍ଷରୁ କମ୍ ବୟସ୍କାକୁ କନ୍ୟା, ଷୋହଳରୁ ତିରିଶ ବର୍ଷ ପର୍ଯ୍ୟନ୍ତ ଯୁବତୀ, ତିରିଶରୁ ପଞ୍ଚାବନ ପର୍ଯ୍ୟନ୍ତ ପ୍ରୌଢ଼ା ଓ ତତ୍‌ପଶ୍ଚାତ୍ ବୃଦ୍ଧା ଅଟନ୍ତି ।

କନ୍ୟା ଜନ୍ମଠାରୁ କିପରି ସ୍ୱତନ୍ତ୍ର ଉପାଦାନରେ ଗଠିତ ଓ ବିକଶିତ ହୁଏ, ତାହାର ଆଳଙ୍କାରିକ ବର୍ଣ୍ଣନା ଋଗ୍‌ବେଦରେ ମିଳେ । ସେଠାରେ ବିବାହିତ ପତିକୁ ଚତୁର୍ଥ ପତି ଏବଂ ତତ୍‌ପୂର୍ବରୁ କନ୍ୟାର ଆଉ ତିନି ଜଣ ପତି ବା ପାଳକ ଥିବା କୁହାଯାଇଛି –

ସୋମଃ ପ୍ରଥମୋ ବିବିଦେ
ଗନ୍ଧର୍ବଃ ବିବିଦ ଉତ୍ତରଃ ।
ତୃତୀୟୋ ଅଗ୍ନିଷ୍ଟେ ପତିଃ
ତୁରୀୟସ୍ତେ ମନୁଷ୍ୟଜାଃ ॥ (ଋ.ବେ. ୧୦,୮୫,୪୦)

କନ୍ୟାର ଚାରି ପତି ହେଉଛନ୍ତି ଯଥାକ୍ରମେ ସୋମ, ଗନ୍ଧର୍ବ, ଅଗ୍ନି ଓ ମନୁଷ୍ୟ । ବାଳକ ଅପେକ୍ଷା କନ୍ୟା ଜନ୍ମରୁ ଅଧିକ କୋମଳ, ମନୋହର ଓ ରୂପବତୀ ଥାଏ । ସେ ସୁକୁମାରୀ ଓ ସୌମ୍ୟା । ପୁଣି ସୋମ ବା ଚନ୍ଦ୍ରମୁଖୀ । ତେଣୁ ଋଷି ଆଳଙ୍କାରିକ ଭାଷାରେ କହନ୍ତି ଯେ କନ୍ୟାର ପ୍ରଥମ ପତି ହେଉଛନ୍ତି ସୋମ । ବୟସର ବୃଦ୍ଧି ସହିତ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

କନ୍ୟାର କଣ୍ଠସ୍ୱର ମଧୁର ହୁଏ । ସ୍ୱରକୁ ଦୂରରୁ ଶୁଣି ବାଳକ ଅଥବା ବାଳିକା ବାରି ହୁଏ । ବୈଦିକ ସାହିତ୍ୟରେ ଗନ୍ଧର୍ବକୁ ସ୍ୱର ଓ ସଂଗୀତ ସୂଚକ ବୋଲି କୁହାଯାଏ । ସଂଗୀତଶାସ୍ତ୍ର ଗନ୍ଧର୍ବ, ବେଦ ନାମରେ ପରିଚିତ । କନ୍ୟା ଏଣିକି ରୂପଲାବଣ୍ୟ ସହିତ କଣ୍ଠଧ୍ୱନିର ବିଶେଷ ଗୁଣ ଲାଭ କରେ । ଉପମା ଦୃଷ୍ଟିରୁ ଋଷି କହନ୍ତି ଯେ ସୋମଦେବତାଙ୍କ ସଂରକ୍ଷଣରେ ଥିବା କନ୍ୟା ବର୍ତ୍ତମାନ ଗନ୍ଧର୍ବ ଦେବତାଙ୍କ ଆଶ୍ରିତ ହୋଇଛି । ଅଗ୍ନି ତୃତୀୟ ପତି ଅଟନ୍ତି । ଶାରୀରିକ ଓ ମାନସିକ ବଳର ବୃଦ୍ଧି ସହିତ କନ୍ୟାଠାରେ ଆଗ୍ନେୟ ତତ୍ତ୍ୱ ଉଦ୍ରେକ ହୁଏ । ପ୍ରେମ ଓ ପ୍ରୀତିର ଅଗ୍ନି ପ୍ରଦୀପ୍ତ ହୁଏ । ତାହା ଯୌବନର ଲକ୍ଷଣ । ସୌନ୍ଦର୍ଯ୍ୟ ସହିତ ଉତ୍ସାହ ଓ ଉଦ୍ଦୀପନାର ଉଦୟକୁ ଯୌବନ କୁହାଯାଏ । ରଜସ୍ୱଳା ପରେ କନ୍ୟାର ଦୀପ୍ତି ଆକର୍ଷଣୀୟ ହୁଏ । ସେ ବ୍ରହ୍ମଚର୍ଯ୍ୟର ପୂର୍ଣ୍ଣତା ଲାଭ କରି ବିବାହଯୋଗ୍ୟା ହୁଏ । ଆଳସ୍ୟ, ଚପଳତା, ଅଭିମାନ ଦୂର ହୁଏ । ବେଦ କହିଛନ୍ତି – 'ବ୍ରହ୍ମଚର୍ଯ୍ୟେଣ କନ୍ୟା ଯୁବାନାଂ ବିନ୍ଦତେ ପତିମ୍' (ଅଥର୍ବ ୧୧,୫,୧୮) । ଯେଉଁ କନ୍ୟା ବ୍ରହ୍ମଚର୍ଯ୍ୟ ପାଳନ କରି ବିଦ୍ୟା ଓ ବ୍ରତରେ ସୁଶୋଭିତା; ସେ ହିଁ ବିବାହର ଅଧିକାରିଣୀ । କନ୍ୟା ନିଜ ଅନୁରୂପ ପତି ନ ପାଇଲେ ଆଜୀବନ ବ୍ରହ୍ମଚାରିଣୀ ରହିବା ନିମନ୍ତେ ଶାସ୍ତ୍ରମାନେ ନିର୍ଦ୍ଦେଶ ଦେଇଛନ୍ତି । "ସ୍ୱୟଂ ସା ମିତ୍ରଂ ବନୁତେ" (ଋ.ବେ ୧୦,୨୭,୧୨) ଋଗ୍‌ବେଦ ଅନୁସାରେ କନ୍ୟା ଗୁଣବାନ ମିତ୍ରକୁ ପତି ରୂପରେ ବରଣ କରୁ । ବେଦର ଭାଷାକୋଷ ନିରୁକ୍ତରେ କନ୍ୟାର ଅନ୍ୟ ନାମ ଦୁହିତା ବୋଲି ବ୍ୟାଖ୍ୟାନ କରାଯାଇଛି । "ଦୁହିତା ଦୁର୍ହିତା ଦୁରେହିତା ଭବତୀତି" – ଅର୍ଥାତ୍ କନ୍ୟା ଦୂରରେ ବିବାହ କରିବା ହିତକର । ବାଲ୍ୟକାଳରୁ ପରିଚିତ ବାଳକ-ବାଳିକା ପରବର୍ତ୍ତୀ ସମୟରେ ବିବାହିତ ହେବାପରେ ସେମାନଙ୍କ ମଧ୍ୟରେ ସ୍ନେହ ଭାବନା ଦୃଢ ହୁଏ ନାହିଁ ।

ବେଦରେ କନ୍ୟାମାନଙ୍କୁ ସମ୍ବୋଧନ କରି କୁହାଯାଇଛି – ହେ ପୁତ୍ରୀଗଣ ! ଯେପରି ସାରଥି ଅଶ୍ୱକୁ ରଥରେ ଯୋଡି ନିୟମପୂର୍ବକ ଚାଳନା କରେ, ତୁମ୍ଭେମାନେ ସେହିପରି ସଂଯତମନା ହୋଇ ବିଦ୍ୟାଧନ ସଂଗ୍ରହ କର । ନିରନ୍ତର ଗତିଶୀଳ ହୁଅ । କର୍ମଠତା ଓ ସହିଷ୍ଣୁତାରୂପୀ ଅଗ୍ନିରେ ପ୍ରଦୀପ୍ତ ହୁଅ ।

ମହାଭାରତ ଶ୍ରବଣ ପରେ ଗୃହରେ ଭାଗ୍ୟବାତୀ ଜନ୍ମ ଲାଭ କରେ ବୋଲି ସ୍ୱର୍ଗାରୋହଣ ପର୍ବରେ ଉଲ୍ଲେଖ ଅଛି । କନ୍ୟା 'ମାତୃମୃଷ୍ଟା' ଅର୍ଥାତ୍ ବିଦୁଷୀ ମାତାଠାରୁ ସତ୍‌ଶିକ୍ଷା ଲାଭକରି ସେ ପବିତ୍ର ହୁଏ । କନ୍ୟାଦାନ ପୁଣ୍ୟକର୍ମ ବୋଲି ଗୃହୀତ ହୋଇ ଆସୁଅଛି । ବର୍ଷରେ ଥରେ କନ୍ୟାମାନଙ୍କୁ ନିମନ୍ତ୍ରଣ କରି ଭୋଜନ ବସ୍ତ୍ର ଦେବା ଆର୍ଯ୍ୟ ପରମ୍ପରା ଅଟେ । ପ୍ରସିଦ୍ଧ ମହାମୃତ୍ୟୁଞ୍ଜୟ ମନ୍ତ୍ରରେ ଦୁଇଟି ପଂକ୍ତି ଅଛି । ପ୍ରଥମ ପଂକ୍ତିରେ ଉପାସକଗଣ ପ୍ରାର୍ଥନା କରନ୍ତି – "ହେ ପ୍ରଭୋ ! ପାଚିଲା ତରଭୁଜ ଯେପରି ବୃନ୍ତରୁ ସ୍ୱତଃ ଖସିପଡେ; ସେପରି ଆମେ ସଂସାର ତ୍ୟାଗ କରିବୁ ଓ ଅକାଳ ମୃତ୍ୟୁ ପାଇବୁ ନାହିଁ । ସଂସାର ବନ୍ଧନରୁ ଗଲେ ସୁଦ୍ଧା ଆପଣଙ୍କର ବନ୍ଧନରେ ସଦା ରହିଥିବୁ ।" ମନ୍ତ୍ରର ଦ୍ୱିତୀୟ ପଂକ୍ତିରେ ଉଲ୍ଲେଖ ଅଛି – "ହେ ପ୍ରଭୋ ! ପାଚିଲା ତରଭୁଜ ଯେପରି ବୃନ୍ତରୁ ସ୍ୱତଃ ବାହାରିଯାଏ; ସେହିପରି ଆମ୍ଭେମାନେ ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ଓ ବିଦ୍ୟା ପ୍ରାପ୍ତ ହୋଇ ପ୍ରସନ୍ନ ମନରେ ପିତୃକୁଳରୁ ପ୍ରସ୍ଥାନ କରିବୁ । ପତିକୁଳରେ ପ୍ରବେଶ କରିବୁ ଓ ସେହି ବନ୍ଧନ କଦାପି ତ୍ୟାଗ କରିବୁ ନାହିଁ । ବିବାହିତ କନ୍ୟା ବେଳେବେଳେ ପତିଗୃହକୁ ଆସେ, ପରନ୍ତୁ ସେଠାରେ ଦୀର୍ଘକାଳ ରହେ ନାହିଁ । ପୁଣି ପତିକୁଳକୁ ଫେରିଯାଏ । ଆଜୀବନ ସେହି ବନ୍ଧନରେ ରହେ । ମନ୍ତ୍ରଟି ହେଉଛି –

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ତ୍ର୍ୟମ୍ବକଂ ଯଜାମହେ ସୁଗନ୍ଧିଂ ପତିବେଦନମ୍ ।
ଉର୍ବାରୁକମିବ ବନ୍ଧନାଦିତୋ ମୁକ୍ଷୀୟ ମାମୁତଃ ॥ (ଯଜୁର୍ବେଦ ୩,୬୦)

ଆଞ୍ଚଳିକ ପରମ୍ପରା ଅନୁସାରେ ଓଡିଶାର ପୁରପଲ୍ଲୀରେ 'ଖୁଦୁରୁକୁଣୀ' ଆଦି କେତେକ ପର୍ବ ଅନୁଷ୍ଠିତ ହୁଏ । କୁମାରୀମାନେ ନିଜର ଭାଇ ତଥା ଭାବୀ ପତିଙ୍କ ମଙ୍ଗଳ କାମନା କରନ୍ତି ।

ଆମ ଦେଶରେ ଆଜିକାଲି କନ୍ୟାର ଜନ୍ମକୁ ବରଦାନ ବୋଲି ବିଚାର କରାଯାଉନାହିଁ । ଯେଉଁ ମଧୁର ଦୃଷ୍ଟିରେ କନ୍ୟାଠାରେ ମାତୃଶକ୍ତିର ଦର୍ଶନ ହେଉଥିଲା, ତାହା ତିରୋହିତ ହୋଇଛି । କନ୍ୟାଭ୍ରୁଣହତ୍ୟା ପରି ଅମାନବୀୟ କର୍ମ ନିର୍ଲଜ୍ଜ ଭାବରେ ଚାଲିଛି । ଅବହେଳିତ ଓ ଲାଞ୍ଛିତ କନ୍ୟାମାନେ ପରବର୍ତ୍ତୀ କାଳରେ ପତ୍ନୀ ଓ ମାତାରୂପରେ ଆନନ୍ଦ ପାଉନାହାନ୍ତି । ପରିବାର ଓ ସମାଜ ଯେତେବେଳେ କନ୍ୟାକୁଳ ପ୍ରତି ଆଦର-ସମ୍ମାନ ପ୍ରଦର୍ଶନ କରିବ, ସେତେବେଳେ ପୁଣ୍ୟଭୂମି ଭାରତରେ ମାତୃଶକ୍ତିର ଗୌରବ ପୁନଃ ପ୍ରତିଷ୍ଠିତ ହେବ ।

❀ ❀ ❀

ଭାରତରେ ନାରୀ ବିଦ୍ୱେଷର ଆରମ୍ଭ ଓ ପରିଣତି

ଭାରତୀୟ ସଂସ୍କୃତିରେ ମନୁଷ୍ୟ ଗୁଣ ଦୃଷ୍ଟିରୁ ସମ୍ମାନିତ ହୁଏ । ସଂସ୍କୃତି ଯେତିକି ବଳିଷ୍ଠ ହୁଏ; ଗୁଣ ପ୍ରତି ସେତିକି ଆଦର ସମ୍ମାନ ବୃଦ୍ଧି ପାଏ । ଅସଂସ୍କୃତ ସମାଜରେ 'ଜୋର ଯାର ମୂଲକ ତାର' ଅର୍ଥାତ୍ ପାଶବିକ ବଳ ମାନ୍ୟତା ଲାଭ କରେ । ଆମ ଦେଶରେ ବୈଦିକ ଶିକ୍ଷା ହ୍ରାସପ୍ରାପ୍ତ ହେବା ଦ୍ୱାରା ନାରୀର ଲଜ୍ଜାଶୀଳତା, ନମ୍ରତା, ଦୟାଳୁତା ଆଦି ଗୁଣଗୁଡିକ ପୁରୁଷ ସମକ୍ଷରେ ଦୁର୍ବଳତା ରୂପରେ ପରିଗଣିତ ହେଲା । ପୁରୁଷ ନିଜର ଦୈହିକ ବଳକୁ ପ୍ରାଧାନ୍ୟ ହେବା ଫଳରେ ନାରୀକୁ ନିଜ ଅଧୀନରେ ରଖିବା ପାଇଁ ଚାହିଲା । ଧୀରେ ଧୀରେ ବିଦ୍ୟାଲାଭ ପୁରୁଷର ସୌଭାଗ୍ୟ ଭାବରେ ସ୍ୱୀକୃତି ଲାଭ କଲା । ନାରୀର ପ୍ରତ୍ୟେକ ଇଚ୍ଛା ତେଣିକି ପତିଦେବଙ୍କ ଇଚ୍ଛା-ବେଦିରେ ବଳି ରୂପରେ ଚଢାଗଲା । ସତୀ ସ୍ୱାଧୀ ନାରୀ ମଧ୍ୟ ଦୁରାଚାରୀ ପତିଙ୍କୁ ଦେବତା ମନେକଲା । ବିଦ୍ୟାଳୟର ଶିକ୍ଷା ଏକାବେଳେକେ ବନ୍ଦ ହୋଇଯିବାରୁ ନାରୀ ବଂଚିରହିବା ପାଇଁ ବିବାହକୁ ଏକ ମାତ୍ର ପନ୍ଥା ରୂପେ ଗ୍ରହଣ କଲା । ପରିବାରରେ ପୁତ୍ରଟିଏ ଜନ୍ମ ନେଲେ ଆନନ୍ଦର ଲହରୀ ଖେଳିଲା । କନ୍ୟାର ଜନ୍ମ ଦୁର୍ଭାଗ୍ୟର ସୂଚନା ବୋଲି ଗୃହୀତ ହେଲା । ବାଲ୍ୟ ବିବାହ ପ୍ରଚଳିତ ହେଲା । କଳ୍ପିତ ଶ୍ଳୋକଗୁଡିଏ ରଚିତ ହେଲା ଯେ କନ୍ୟା ଆଠ ବର୍ଷରେ ଗୌରୀ, ନଅ ବର୍ଷରେ ରୋହିଣୀ, ଦଶବର୍ଷରେ କନ୍ୟା ହୁଏ । ସେ ରଜସ୍ୱଳା ହେବା ପୂର୍ବରୁ ତାହାର ମାତା, ପିତା ଓ ଜ୍ୟେଷ୍ଠ ଭ୍ରାତା ତାକୁ ବିବାହ ନ କରାଇଲେ, ସେ ସମସ୍ତେ ନରକପ୍ରାପ୍ତ ହୁଅନ୍ତି – 'ତ୍ରୟସ୍ତେ ନରକଂ ଯାନ୍ତି ଦୃଷ୍ଟା କନ୍ୟାଂ ରଜସ୍ୱଳାମ୍' । ବାଲ୍ୟବିବାହ କାରଣରୁ ବାଳବିଧବାଙ୍କ ସଂଖ୍ୟା ବୃଦ୍ଧିପାଇଲା । ଅନେକ ବିଧବା ଦେବ ମନ୍ଦିର ମଧ୍ୟରେ ଦେବଦାସୀ ହେଲେ ଓ ଅନେକେ ବାହାରେ ଯାଯାବର ପରି ଘୃଣିତ ଜୀବନ ଯାପନ କଲେ ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ସତୀହାଦ ପ୍ରଥା ପ୍ରଚଳିତ ହେଲା । ସ୍ତ୍ରୀର ମୃତ୍ୟୁପରେ ପୁରୁଷକୁ ସ୍ତ୍ରୀର ଚିତାଗ୍ନିରେ ଚଢିବା ଆବଶ୍ୟକ ପ୍ରତୀତ ହେଲାନାହିଁ ପରନ୍ତୁ ପୁରୁଷର ଚିତାଗ୍ନିରେ ସ୍ତ୍ରୀ ଜୀବନ୍ତ ଦଗ୍ଧ ହେବା ସତୀତ୍ୱ ନାମରେ ପ୍ରସିଦ୍ଧି ଲାଭ କଲା । ନାରୀ-ବିଦ୍ୱେଷୀମାନେ ବିଭିନ୍ନ ପୁରାଣରେ ଲେଖିଲେ – "ବୁଦ୍ଧିମାନ ପୁରୁଷ ଏହି ଦୁଷ୍ଟା ସ୍ତ୍ରୀମାନଙ୍କୁ କଦାପି ବିଶ୍ୱାସ କରିବା ଉଚିତ୍ ନୁହେଁ । ଯେଉଁ ମୁର୍ଖ ଏମାନଙ୍କୁ ବିଶ୍ୱାସ କରେ, ସେ ଦୁଃଖୀ ହୁଏ । ନାରୀର ବାଣୀ କାମୁକମାନଙ୍କ ହୃଦୟରେ ଅମୃତ ରସ ସଂଚାର କରେ, ପରନ୍ତୁ ପ୍ରକୃତରେ ତାହାର ହୃଦୟ ଛୁରୀ ସମାନ ତୀକ୍ଷ୍ଣ" – "ହୃଦୟଂ କ୍ଷୁରଧାରଭଂ ପ୍ରିୟଃ କୋ ନାମ ଯୋଷିତାମ୍ ।" (ଶ୍ରୀମଦ୍ ଭାଗବତ ୫,୧୪,୧୫) । ପୁଣି ଲେଖାଗଲା – ସ୍ତ୍ରୀ, ଶୁଦ୍ର ଓ ପତିତ ଦ୍ୱିଜମାନେ ବେଦ ପଢିବେ ନାହିଁ କି ଶୁଣିବେ ନାହିଁ – "ସ୍ତ୍ରୀ-ଶୂଦ୍ର-ଦ୍ୱିଜ ବନ୍ଧୁନାଂ ତ୍ରୟୀ ନ ଶ୍ରୁତିଗୋଚରାଃ ।" (ଶ୍ରୀମଦ୍ ଭାଗବତ୍ ୧,୪,୨୫) ।

ନାରୀ-ବିଦ୍ୱେଷୀମାନେ ନାରୀକୁ ନିନ୍ଦା କରି ଶ୍ଳୋକ ରଚନା କଲେ । ସେଗୁଡିକ ପ୍ରାଚୀନ ସ୍ମୃତି ଶାସ୍ତ୍ରମାନଙ୍କରେ ଭର୍ତ୍ତି କରାଗଲା– "ନାସ୍ତି ସ୍ତ୍ରୀଣାଂ କ୍ରିୟା ମନ୍ତ୍ରୈରେତି ଧର୍ମେ ବ୍ୟବସ୍ଥିତଃ" ଅର୍ଥାତ୍ "ସ୍ତ୍ରୀମାନଙ୍କୁ ମନ୍ତ୍ରରହିତା ଓ ଅସତ୍ୟ ସ୍ୱରୂପିଣୀ । ସେମାନଙ୍କ ଇନ୍ଦ୍ରିୟ ନାହିଁ । ସେମାନେ ଇନ୍ଦ୍ରିୟହୀନା । ମଂତ୍ରୋଚ୍ଚାରଣ କରି ସେମାନଙ୍କ ସଂସ୍କାର ସମାହିତ ହୁଏ ନାହିଁ । ଯେଉଁ ମନୁସ୍ମୃତିର ମୌଳିକ ଶ୍ଳୋକମାନଙ୍କରେ ସ୍ତ୍ରୀମାନଙ୍କୁ 'ମହଭାଗାଃ', 'ପୂଜାର୍ହାଃ', 'ଗୃହଦୀପ୍ତୟଂ' ଆଦି ଗୌରବପୂର୍ଣ୍ଣ ସମ୍ମାନ ଦିଆଯାଇଛି, ସେଥିରେ ସ୍ତ୍ରୀ-ବିରୋଧୀ ନୀଚ, ପକ୍ଷପାତ ଓ ଗର୍ହିତ ଶ୍ଳୋକମାନ ପ୍ରକ୍ଷିପ୍ତ ହେଲା ।

ମଣ୍ଡନ ମିଶ୍ର ପରାଜିତ ହେବା ପରେ ତାଙ୍କର ପତ୍ନୀ ଭାରତୀ ଦେବୀ ଯେତେବେଳେ ଶଙ୍କରାଚାର୍ଯ୍ୟଙ୍କ ସହିତ ଶାସ୍ତ୍ରାର୍ଥ ପାଇଁ ଉଦ୍ୟତ ହେଲେ, ସେତେବେଳେ ଆଚାର୍ଯ୍ୟ ଶଙ୍କର କହିଥିଲେ "ଯଶସ୍ୱୀ ଲୋକେ ନାରୀମାନଙ୍କ ସହିତ ଶାସ୍ତ୍ରର୍ଥ କରନ୍ତି ନାହିଁ ।" (ଶଙ୍କର ଦିଗ୍‌ବିଜୟ ୯,୫,୯) । ତାହା ଶୁଣି ଭାରତୀ ଦେବୀ ପଚାରିଥିଲେ – "ହେ ଆଚାର୍ଯ୍ୟ ! ଜନକ, ଯାଜ୍ଞବଲ୍କ୍ୟ ଆଦି ବ୍ରହ୍ମନିଷ୍ଠ ମହାତ୍ମାମାନେ କ'ଣ ଯଶସ୍ୱୀ ନ ଥିଲେ ? ସେମାନେ କିପରି ବ୍ରହ୍ମବାଦିନୀ ସୁଲଭା, ଗାର୍ଗୀ ଆଦି ମହିଳାଙ୍କ ସହିତ ଶାସ୍ତ୍ରାର୍ଥ କରିଥିଲେ ?" ଶାସ୍ତ୍ରାର୍ଥରେ ଶଙ୍କରାଚାର୍ଯ୍ୟ ପରାସ୍ତ ହୋଇଥିଲେ । (ଶଙ୍କର ଦିଗ୍‌ବିଜୟ ୯,୬୧)

ଶଙ୍କରାଚାର୍ଯ୍ୟଙ୍କ ନାମରେ ପ୍ରସିଦ୍ଧ 'ପ୍ରଶ୍ନୋତ୍ତରୀ' ନାମକ ପୁସ୍ତକରେ ନାରୀନିନ୍ଦା ଚରମ ସୀମା ପହଞ୍ଚିଗଲା । ବିଭିନ୍ନ ପ୍ରଶ୍ନର ଉତ୍ତରରେ ନାରୀକୁ ଭର୍ତ୍ସନା କରାଗଲା । ପ୍ରଶ୍ନ– 'ବିଶ୍ୱାସ ପାତ୍ରଂ ନ କିମସ୍ତି ?' ଅର୍ଥାତ୍ କାହା ପ୍ରତି ବିଶ୍ୱାସ କରିବ ନାହିଁ ? ଉତ୍ତର-ନାରୀ । ପ୍ରଶ୍ନ- 'ଦ୍ୱାର କିମେକଂ ନରକସ୍ୟ' ଅର୍ଥାତ୍ ନରକର ଦ୍ୱାର କ'ଣ ? ଉତ୍ତର – ନାରୀ । ପ୍ରଶ୍ନ- 'ବିଜ୍ଞାନ ମହା ବିଜ୍ଞାତମେଽସ୍ତି କୋ ବା ?' କିଏ ସବୁଠାରୁ ବଡ ଜ୍ଞାନୀ ? ଉତ୍ତର- 'ନାର୍ଯା ପିଶାଚ୍ୟା ନ ଚ ବଂଚିତୋ ଯଃ"- ଯାହାକୁ ସ୍ତ୍ରୀରୂପିଣୀ ପିଶାଚିନୀ ବା ରାକ୍ଷସୀ ଠକିପାରେ ନାହିଁ, ସେ ସବୁଠାରୁ ବଡ ଜ୍ଞାନୀ । ପ୍ରଶ୍ନ – 'କା ଶୃଙ୍ଖଳା ପ୍ରାଣଭୃତାଂ ହି ?" ଅର୍ଥାତ୍ କେଉଁ ଶିକୁଳିରୁ ମୁକୁଳିବା କଷ୍ଟସାଧ ? ଉତ୍ତର- ନାରୀ ।

ବୃହଦାରଣ୍ୟକ ଉପନିଷଦର ବ୍ୟାଖ୍ୟା କରିବା ସମୟରେ ଶଙ୍କରାଚାର୍ଯ୍ୟ 'ପଣ୍ଡିତା' ଶବ୍ଦର ବ୍ୟାଖ୍ୟାରେ ଲେଖିଛନ୍ତି – 'କନ୍ୟାର ବେଦପାଠରେ ଅଧିକାର ନାହିଁ । ତେଣୁ ତାକୁ ପଣ୍ଡିତ କରିବା ପାଇଁ ରନ୍ଧନାଦି ଗୃହକାର୍ଯ୍ୟରେ ଶିକ୍ଷାଦେବା ଉଚିତ – 'ଦୁହିତୁଃ ପାଣ୍ଡିତ୍ୟଂ ଗୃହତଂତ୍ର ବିଷୟମେବ ବେଦଽନଧିକାରାତ୍" (ବୃହଦାରଣ୍ୟକ ଉପନିଷଦ, ଶାଂକର ଭାଷ୍ୟ) ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ସେହି ଶଙ୍କରାଚାର୍ଯ୍ୟ ବେଦାନ୍ତ ଦର୍ଶନର ଏକ ସୂତ୍ରର ବ୍ୟାଖ୍ୟାରେ ଲେଖିଛନ୍ତି – ଶୂଦ୍ର ବେଦଶ୍ରବଣ କଲେ ସୀସା ତରଳାଇ ତାହାର କାନରେ ଭରିଦିଅ । ଶୂଦ୍ର ଚଳାୟନମାନ ଶ୍ମଶାନ ଇତ୍ୟାଦି । ସାଧାରଣ ଲୋକେ ଧର୍ମାଚାର୍ଯ୍ୟମାନଙ୍କ ମନ୍ତବ୍ୟକୁ ଅନ୍ଧଭାବରେ ଗ୍ରହଣ କରନ୍ତି । ନାରୀ ବିରୋଧରେ ଧର୍ମାଚାର୍ଯ୍ୟମାନଙ୍କ ଅବୈଦିକ ଓ ଅଯୌକ୍ତିକ ବ୍ୟାଖ୍ୟାନ ଆଜି ଜନସାଧାରଣଙ୍କ ମନରେ ଦୃଢୀଭୂତ ହୋଇଛି ।

ରାମଚରିତ ମାନସର ଲେଖକ ସନ୍ଥ ତୁଳସୀ ଦାସ ମଧ୍ୟ ନାରୀନିନ୍ଦାରୁ ପଛେଇ ନଥିଲେ । ସେ ଲେଖିଛନ୍ତି– 'ଢୋଲ ଗଂବାର ଶୂଦ୍ର ପଶୁନାରୀ, ସକଳ ତାଡନା କେ ଅଧିକାରୀ' ଅର୍ଥାତ୍ ଢୋଲ୍, ମୁର୍ଖ, ଶୂଦ୍ର ଓ ପଶୁ ପରି ନାରୀ ମଧ୍ୟ ତାଡନାର ଯୋଗ୍ୟ । ଢୋଲକୁ ପିଟିବା ପରି ନାରୀକୁ ନିର୍ଯାତନା ଦେବା ଆବଶ୍ୟକ । ତୁଳସୀଙ୍କ ଲେଖନୀରେ ନାରୀ-ସ୍ୱଭାବରେ ଆଠ ଅବଗୁଣ ରହିଛି – ଦୁଃସାହସ, ମିଥ୍ୟା, ଚପଳତା, ମାୟା, ଭୟ, ଅବିବେକ, ଅଶୌଚ ଓ ଦୟାଶୂନ୍ୟତା ।

ପୂର୍ବରୁ କୁହାଯାଇଛି ଯେ ସଂସ୍କୃତିରେ ଅବନତି ଦେଖାଗଲେ, ପାଶବିକ ବଳ ସମାଜକୁ ଶାସନ କରେ । ନୀତିର ସ୍ଥାନ ରହେ ନାହିଁ । ନାରୀର ସ୍ୱାତନ୍ତ୍ର୍ୟ, ଶିକ୍ଷା ଗ୍ରହଣ ଓ ସମ୍ମାନଲାଭ କ୍ଷେତ୍ରରେ ସେହି ସମସ୍ୟା ଦେଖାଗଲା । ରାଜା ରାମମୋହନ ରାୟ, ଦୟାନନ୍ଦ ସରସ୍ୱତୀ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର, ଗୋବିନ୍ଦ ରାଣାଡେ ଆଦି ସଂସ୍କାରକମାନେ ନାରୀ ଉତ୍ପୀଡ଼ନ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ ସତ୍ୟ, ପରନ୍ତୁ ଯେ ପର୍ଯ୍ୟନ୍ତ ହିନ୍ଦୁ ଶାସ୍ତ୍ରଗୁଡିକରେ ମିଶ୍ରିତ ବା ପ୍ରକ୍ଷିପ୍ତ ହୋଇଥିବା ପକ୍ଷପାତୀ, ଦ୍ୱେଷପୂର୍ଣ୍ଣ ଓ ଅବିବେକୀ ଅଂଶଗୁଡିକୁ ବାଦ ଦିଆ ନ ଯିବ ଏବଂ ପବିତ୍ର ବେଦବାଣୀର ପ୍ରତିକୂଳ ବିଚାରଗୁଡିକ ସଂଶୋଧିତ ନ ହେବ, ସେପର୍ଯ୍ୟନ୍ତ ନାରୀବିଦ୍ୱେଷର ବୀଜ ରହିଥିବ । ସମାଜର ବିଜ୍ଞ ଲୋକେ ଏହି ସମାଜର ଦାୟିତ୍ୱ ନିର୍ବାହ ପାଇଁ ଆଗେଇ ଆସିବେ ତ ?

ଆଜି ବହୁ ସଂଖ୍ୟାରେ ବାଳିକାମାନେ ବିଦ୍ୟାଳୟକୁ ଯାଉଛନ୍ତି । ନାରୀଶିକ୍ଷା ବୃଦ୍ଧି ପାଇଛି ସିନା, ନାରୀ ଅନୁକୂଳ ଶିକ୍ଷାଦାନ ବ୍ୟବସ୍ଥା ନାହିଁ । ବେଦ କହନ୍ତି – 'ହେ ନାରୀ ! ତୁମର ପବିତ୍ର ସ୍ୱରୂପକୁ ଚିହ୍ନିବାକୁ ଚେଷ୍ଟା କର । ମନେରଖ, ତୁମେ ସନ୍ତାନର ନିର୍ମାତ୍ରୀ । ଯୋଗ୍ୟ ସନ୍ତାନ ଜନ୍ମ ନେଇ ତାକୁ ଯୋଗ୍ୟ ମନୁଷ୍ୟ କରିବା ତୁମ ପାଇଁ ସର୍ବଶ୍ରେଷ୍ଠ ରାଷ୍ଟ୍ରୀୟ କର୍ତ୍ତବ୍ୟ । 'ମାତା ନିର୍ମାତା ଭବତି' – ମାଆ ସନ୍ତାନ ଓ ସମାଜକୁ ନିର୍ମାଣ କରେ । ମାଆର ଭୋଜନ-ପାନ, ଆଚାର ବିଚାର ଗର୍ଭସ୍ଥିତ ସନ୍ତାନକୁ ପ୍ରଭାବିତ କରେ । ମାଆର ଭାଷା ସନ୍ତାନର ମାତୃଭାଷା । ଦେହରେ ନାରୀକୁ ଅଦିତି, କୁଳପା, ଚନ୍ଦ୍ରା, ପୁରବୀ, ସରସ୍ୱତୀ, ଶିବା, ମହୀ ଆଦି ଗୌରବପୂର୍ଣ୍ଣ ନାମରେ ସମ୍ବୋଧନ କରାଯାଇଛି । ନାରୀକୁ ସମାଜରେ ନିଜର ଅଧିକାର ସହିତ କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ । ଋଗ୍‌ବେଦ (୮,୩୩,୧୯) କହନ୍ତି – 'ହେ ନାରୀ ! ଲଜ୍ଜା ତୁମର ଦୁର୍ଲ୍ଲଭ ଭୂଷଣ । ବିନମ୍ରତା ତୁମର ଗୌରବ । ଶାଳୀନତା ତୁମର କୋଟି କୋଟି ଯଶ, ତୁମର କିଂଚିତ୍ ଅସାବଧାନତା ଫଳରେ ମନୁଷ୍ୟସମାଜରେ ବିଳାସିତା ଓ ଅଶ୍ଳୀଳତା ବ୍ୟାପି ଯିବାର ଆଶଙ୍କାର ରହିଛି । ଅସଂଯତ ନାରୀ ମନୁଷ୍ୟ ସମାଜକୁ କାମଗ୍ରସ୍ତ ଓ କଳୁଷିତ କରେ । ତେଣୁ ପ୍ରତିକ୍ଷଣ ନିଜର ଗୁରୁଦାୟିତ୍ୱକୁ ସ୍ମରଣ କର ।'

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଦୁର୍ଗାଙ୍କର ଜନ୍ମ ଓ ମହିଷ ମର୍ଦ୍ଦନ

ବୈଦିକ ଋଷିଗଣ ସୃଷ୍ଟିରେ ଜଣେ ମାତ୍ର ସ୍ରଷ୍ଟା ଓ ପାଳକଙ୍କୁ ସ୍ମରଣ କରିଛନ୍ତି । ସେମାନେ କହିଛନ୍ତି, "ଯେଉଁ ବ୍ୟକ୍ତି ଏକରୁ ଅଧିକ ପରମେଶ୍ୱରଙ୍କ ବିଷୟରେ ବିଚାର କରେ, ସେ ବଳବାନ ହେବା ପରିବର୍ତ୍ତେ ଦୁର୍ବଳ ହୁଏ । ତାହାର ଉପାସନା ସଫଳ ହୁଏ ନାହିଁ ।" ଯେତେବେଳେ ବେଦର ଶିକ୍ଷା ଋଷିମୁନିଙ୍କର ଅଭାବରେ ପଣ୍ଡିତ ଓ ପୁରୋହିତଙ୍କ ହାତକୁ ଆସିଲା, ସେତେବେଳେ ପ୍ରଭୁଙ୍କର ଅସଂଖ୍ୟ ମହିମାର ଆଧାରରେ ଅସଂଖ୍ୟ ପ୍ରଭୁ କଳ୍ପିତ ହେଲେ । ସୃଷ୍ଟି ରଚନାକାରୀ କରିବା ପ୍ରଭୁ, ସୃଷ୍ଟି ପାଳନକାରୀ ପ୍ରଭୁ, ସୃଷ୍ଟି ସଂହାରକାରୀ ପ୍ରଭୁ ଏପରି ଅନେକ ପ୍ରଭୁ ଅଛନ୍ତି, ଏହି ପ୍ରକାର ବିଶ୍ୱାସ ଜାତ ହେଲା । ଏସମସ୍ତ ପ୍ରଭୁ ମରଣଧର୍ମା ମନୁଷ୍ୟ ପରି ଖାଆନ୍ତି, ଶୁଅନ୍ତି, ସନ୍ତାନ ଜନ୍ମ କରନ୍ତି, ବରଦାନ ଅଥବା ଅଭିଶାପ ଦିଅନ୍ତି । ଏପରି ଭାବରେ ବହୁ ଦେବଦେବୀ ପୂଜା ଆରମ୍ଭ ହେଲା ।

ଦୁର୍ଗା ସେପରି ଏକ ଦେବୀ । ତାଙ୍କର ଜନ୍ମ ବୃତ୍ତାନ୍ତ ଓ କାର୍ଯ୍ୟାବଳୀ ଅନୁଶୀଳନ କଲେ ଜଣାଯାଏ, ବ୍ରହ୍ମଚର୍ଯ୍ୟ ପାଳନର ବୈଦିକ ବିଚାର ଦୁର୍ଗାତତ୍ତ୍ୱର ମୂଳସ୍ରୋତ । ଦୁର୍ଗାଙ୍କର ଜନ୍ମ ସମ୍ବନ୍ଧରେ ପୁରାଣଗୁଡିକ ପ୍ରାୟତଃ ନିମ୍ନ ପ୍ରକାରେ ବର୍ଣ୍ଣନା କରିଛନ୍ତି –

ବ୍ରହ୍ମତେଜୁ ଅନଳ ଯେ ହୋଇଲା ସଞ୍ଜାତ
ସେ ଅନଳ ମଧ୍ୟୁ ତାଙ୍କ କଳେବର ଜାତ ।
ବିଷ୍ଣୁଙ୍କର ଅଗ୍ନିରୁ ତାଙ୍କ ମୁଖ ପ୍ରକଟିଲା ।
ଈଶ୍ୱର ଅଗ୍ନିରୁ ଜାତ ଦନ୍ତପଂକ୍ତି ହେଲା ।
ଚନ୍ଦ୍ରତେଜ ଅନଳରୁ ନୟନ ପ୍ରକାଶ
ସୂର୍ଯ୍ୟଦେବ ଅଗ୍ନିରୁ ଯେ ନାସିକା ବିକାଶ ।

ଏହି ପ୍ରକାରେ ଦୁର୍ଗା ସମସ୍ତ ଦେବଙ୍କର ଜ୍ୟୋତିରୁ ଜାତ ହୁଅନ୍ତି । ବୈଦିକ ସାହିତ୍ୟରେ ମନୁଷ୍ୟର ଇନ୍ଦ୍ରିୟଗୁଡିକୁ 'ଦେବ' କୁହାଯାଇଛି । ଯେପରି

"ଉତ୍ତିଷ୍ଠ ବ୍ରହ୍ମଣସ୍ପତେ ଦେବାନ୍ ଯଜ୍ଞେନ ବୋଧୟ ।
ଆୟୁଃ ପ୍ରାଣଂ ପ୍ରଜାଂ ପଶୁଂ କୀର୍ତ୍ତି ଯଜମାନଂ ଚ ବର୍ଦ୍ଧୟ ॥" (ଅଥର୍ବ ବେଦ ୧୯,୬୩,୧)

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ହେ ଆତ୍ମନ୍ ! ଜାଗ୍ରତ ହୁଅ । ଇନ୍ଦ୍ରିୟରୂପୀ ଦେବମାନଙ୍କୁ ଶୁଭକାର୍ଯ୍ୟରେ ନିଯୁକ୍ତ କର । ତଦ୍ଦ୍ୱାରା ଆୟୁ, ପ୍ରାଣ, ପ୍ରଜା, ପଶୁ, କୀର୍ତ୍ତି, ସଂକଳ୍ପବାନ ପୁରୁଷ ସମୃଦ୍ଧ ହୁଅନ୍ତୁ ।

ଇନ୍ଦ୍ରିୟମାନେ ଦେବ । ସେମାନଙ୍କର ଅଂଶରୁ ଦୁର୍ଗାଙ୍କର ଉତ୍ପତ୍ତି ହୁଏ । 'ଦୀପନାତ୍ ଦେବଃ । ଦ୍ୟୋତନାତ୍ ଦେବଃ । ଦାନାତ୍ ଦେବଃ' । ଯେ ପ୍ରକାଶବାନ, ଯେ ପ୍ରକାଶ ପ୍ରଦାନ କରନ୍ତି ଓ ଯେ ଦାନଶୀଳ; ସେ ଦେବ । ବାୟୁ, ସୂର୍ଯ୍ୟ, ଚନ୍ଦ୍ର ଏମାନେ ଦେବ । ମନୁଷ୍ୟର ଇନ୍ଦ୍ରିୟଗୁଡିକ ଉକ୍ତ ଦେବମାନବ ଶକ୍ତି ଧାରଣ କରନ୍ତି । ଅଗ୍ନିଦେବ ବାଣୀରେ, ବାୟୁଦେବ ପ୍ରାଣରେ, ଚନ୍ଦ୍ରଦେବ ମନରେ ରହିଛନ୍ତି । ତେଣୁ ଏହି ଶରୀର ଗୋଟିଏ ଦେବମନ୍ଦିର ଅଟେ ।

ଇନ୍ଦ୍ରିୟରୂପୀ ଦେବମାନଙ୍କର ଅଂଶରୁ ବା ବଳିଦାନରୁ ଶରୀରରେ ଯେଉଁ ଶକ୍ତି ଜାତ ହୁଏ, ତାହା ବ୍ରହ୍ମଚର୍ଯ୍ୟ । ବ୍ରହ୍ମ ଅର୍ଥାତ୍ ମହାନ୍ ଆଚରଣ ବ୍ରହ୍ମଚର୍ଯ୍ୟ । ବ୍ରହ୍ମଚର୍ଯ୍ୟ ଦ୍ୱାରା ମନରେ ସ୍ଫୁର୍ତ୍ତି ଓ ଦେହରେ ଜ୍ୟୋତି ପ୍ରକଟିତ ହୁଏ । ବ୍ରହ୍ମଚର୍ଯ୍ୟ ସକଳ ଶକ୍ତିର ଆଧାର । ତାହା ପ୍ରାଣର ପ୍ରାଣ । ତାହା ଉତ୍ସାହର ସ୍ରୋତ । ବ୍ରହ୍ମଚର୍ଯ୍ୟ ପାଳନ ଦ୍ୱାରା ମନରୁ କୁତ୍ସିତ ବିଚାର ଦୂର ହୁଏ । ଶୁଭ ସଂକଳ୍ପ ଉଦୟ ହୁଏ । ଶରୀର ରୋଗାକ୍ରାନ୍ତ ହୁଏ ନାହିଁ – ତାହା ଶତ୍ରୁପାଇଁ ଅଜେୟ ଓ ଦୁର୍ଗମ ହୁଏ, ଦୁର୍ଗ ବା ଦୁର୍ଗା ହୁଏ ।

ବ୍ରହ୍ମଚର୍ଯ୍ୟ-ପାଳନଦ୍ୱାରା ସ୍ତ୍ରୀ ଓ ପୁରୁଷ ଉଭୟେ ମୋକ୍ଷ ଲାଭ କରନ୍ତି । ବ୍ରହ୍ମଚର୍ଯ୍ୟର ପବିତ୍ର ବିଚାର ଯୋଗୁଁ ଦେହରେ ଆଳସ୍ୟ ଓ ମନରେ ପ୍ରମାଦ ରହେ ନାହିଁ । ପଶୁମାନଙ୍କ ମଧ୍ୟରେ ମହିଷ ଆଳସ୍ୟର ପ୍ରତୀକ । ତେଣୁ ମହିଷ ମର୍ଦ୍ଦନର ଅର୍ଥ ଆଳସ୍ୟତ୍ୟାଗ । ଦୁର୍ଗା ମହିଷମର୍ଦ୍ଦିନୀ ଅର୍ଥାତ୍ ବ୍ରହ୍ମଚର୍ଯ୍ୟ ଶକ୍ତି ମନୁଷ୍ୟକୁ ଆଳସ୍ୟଶୂନ୍ୟ ଓ କର୍ମଠ କରେ । ତାହା ଜୀବନରୁ ମୃତ୍ୟୁର ଚିହ୍ନ ଦୂର କରେ । ଅଥର୍ବବେଦ କହିଛନ୍ତି – 'ବ୍ରହ୍ମଚର୍ଯ୍ୟେଣ ତପସା ଦେବା ମୃତ୍ୟୁମ୍ ଅପାଘ୍ନତ ।'

ଅର୍ଥାତ୍ ବ୍ରହ୍ମଚର୍ଯ୍ୟରୂପକ (ଇନ୍ଦ୍ରିୟ ଦମନ) ତପୋବଳ ଦ୍ୱାରା ଇନ୍ଦ୍ରିୟ (ଦେବ) ମାନେ ମୃତ୍ୟୁରୁ ଉଦ୍ଧାର ପାଆନ୍ତି ।

ଏଥିରୁ ସ୍ପଷ୍ଟ ହୁଏ ଯେ ଦୁର୍ଗା-ବୃତ୍ତାନ୍ତ ଶକ୍ତିର ମହାତ୍ମ୍ୟ ପ୍ରତିପାଦିତ କରେ । ଦୁର୍ଗୋତ୍ସବ ସମୟରେ ବ୍ୟାୟାମ ପ୍ରଦର୍ଶନ, ପ୍ରାଣାୟମ ଅଭ୍ୟାସ, ଯମ-ନିୟମାଦି ପାଳନ ଇତ୍ୟାଦି ବିଷୟରେ ଶିକ୍ଷାଦାନ କରିବା ବିଧେୟ । ଆମ ଉତ୍ସବଗୁଡିକର ମୌଳିକ ରୂପକୁ ପୁନରୁଦ୍ଧାର କରିବା ସମସ୍ତ ଚିନ୍ତଶୀଳ ନରନାରୀ ମାନଙ୍କର ପବିତ୍ର କର୍ତ୍ତବ୍ୟ ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଯେ ମାଂ ଜୟତି ସଂଗ୍ରାମେ

ଦେବୀଙ୍କ ସମନ୍ଧରେ ପୁରାଣ ବର୍ଣ୍ଣନା କରିଛନ୍ତି ଯେ କୁମାରୀ ସ୍ୱୟଂ ଘୋଷଣା କଲେ :-

"ଯୋ ମାଂ ଜୟତି ସଂଗ୍ରାମେ ।
ଯୋ ମେ ଦର୍ପଂ ବ୍ୟାମୋହତି ।
ଯୋ ମେ ପ୍ରତିବଳୋ ଲୋକେ
ସ ମେ ଭର୍ତ୍ତା ଭବିଷ୍ୟତି ॥"

ଅର୍ଥାତ୍ "ଯେ ମୋତେ ଯୁଦ୍ଧରେ ପରାସ୍ତ କରିବେ, ଯେ ମୋର ତେଜକୁ ପରାଭବ କରିବେ ଓ ଯେ ମୋ'ଠାରୁ ଅଧିକ ବଳଶାଳୀ; ସେ ହିଁ ମୋର ପତି ହେବେ ।"

ତେଣୁ ବିବାହ ଆଶାରେ ବହୁ ବଳବାନ ଓ ରୂପବାନ ରାଜକୁମାର ଆସି କୁମାରୀଙ୍କ ସହିତ ଯୁଦ୍ଧ କଲେ । ପରନ୍ତୁ ସମସ୍ତେ ପରାଜିତ ଓ ପରାଭୂତ ହେଲେ । କୁମାରୀ ନିଜର ବହୁବିଧ ଶକ୍ତି ପ୍ରୟୋଗ କରି ବେଳେବେଳେ ଉଗ୍ରରୂପା କଳା ବର୍ଣ୍ଣର କାଳିକା, ବେଳେବେଳେ ଚଣ୍ଡମୁଣ୍ଡର ଧ୍ୱଂସକାରିଣୀ ଚାମୁଣ୍ଡା ରୂପରେ ଆବିର୍ଭୂତା ହେଲେ । ସେ ଯୁଦ୍ଧବେଳେ ଅପରାଜିତା ଦୁର୍ଗା ଓ ଧ୍ୱଂସ କାଳରେ ତାପସବର୍ଣ୍ଣୀ କାଳୀ ରୂପରେ ପରିଦୃଷ୍ଟା ହେଲେ – "ସମରେ ଚ ଦୁର୍ଗା, ପ୍ରଳୟେ ତ କାଳୀ" । ସେ ବ୍ରାହ୍ମୀ, ବୈଷ୍ଣବୀ ଓ ବେଳେବେଳେ ମାହେଶ୍ୱରୀ ରୂପରେ ଅବତୀର୍ଣ୍ଣ ହେଉଥିଲେ । ବ୍ରାହ୍ମୀଙ୍କ କମଣ୍ଡଳୁର ଜଳପ୍ରକ୍ଷେପରେ, ବୈଷ୍ଣବୀଙ୍କ ପୂର୍ଣ୍ଣାୟମାନ ଚକ୍ରରେ, ମାହେଶ୍ୱରୀଙ୍କର ତ୍ରିଶୂଳାଘାତରେ ଦଳଦଳ ରାଜକୁମାର ନିହତ ହେଉଥିଲେ । କୁମାରୀଙ୍କୁ କେହି ହେଲେ ପରାଜିତ କରିପାରିଲେ ନାହିଁ । ଶେଷରେ କୁମାରୀ ଅପରାଜିତା ହେଇ ରହିଲେ । ଯୋଗ୍ୟ ପତି ନ ପାଇ ସେ ଆଜନ୍ମ ବ୍ରହ୍ମଚାରିଣୀ ହେଲେ ।

କନ୍ୟାକୁମାରୀଠାରେ ଥିବା କୁମାରୀଙ୍କ ମନ୍ଦିରରେ ସେହି କୁମାରୀ ମାଳାଟିଏ ଧରି ଏ ପର୍ଯ୍ୟନ୍ତ ଠିଆ ହୋଇଛନ୍ତି । ସହସ୍ର ସହସ୍ର ବର୍ଷ ଧରି ସେହି ମୂର୍ତ୍ତି ସେପରି ରହିଛନ୍ତି କାରଣ କୁମାରୀଙ୍କ ପ୍ରତିଜ୍ଞାର ଅନୁକୂଳ ଯୋଗ୍ୟ ବର ମିଳିଲା ନାହିଁ । ବିବାହ ଆଶାରେ ଆସିଥିବା ସବୁ ରାଜକୁମାର ବିଫଳ ମନୋରଥ ହୋଇ ଫେରିଗଲେ । ଏହିପରି ଏକ ସଂକଳ୍ପମନା କୁମାରୀଙ୍କ ମନୋଭାବନା ଋଗ୍‌ବେଦରେ ଦେଖିବାକୁ ମିଳେ –

"ଅବୀରାମିବ ମାମୟଂ ଶରାରୁରଭିମନ୍ୟତେ ।"– ଅର୍ଥାତ୍ ଏହି ଦୁଷ୍ଟ ପାପୀ ମୋତେ ଅବଳା ବୋଲି ମନେ କରୁଛି । ଏହି କାମାତୁର ଭୀରୁ ମୋର ଲଜ୍ଜାଶୀଳତାକୁ ଭୀରୁତା ଭାବରେ ଗ୍ରହଣ କରୁଅଛି । ମୁଁ ଦୟାଳୁ, ମୃଦୁ, ସୁକୁମାରୀ ହୋଇ ସୁଦ୍ଧା ଆତତାୟୀର ସମ୍ମୁଖୀନ ହେବା ପାଇଁ ଅସୀମ କ୍ଷମତା ରଖେ । ମୁଁ କୋମଳାଙ୍ଗୀ, ପରନ୍ତୁ ଅତୁଳ ସାହସର ସାକ୍ଷାତ ଅବତାର । ସତୀତ୍ୱ ରକ୍ଷା ପାଇଁ ମୁଁ ଚରମ ତ୍ୟାଗ ନିମନ୍ତେ ପ୍ରସ୍ତୁତ । ମୋର କୋପ ଦୃଷ୍ଟିରେ ପାପାଚାରୀ କମ୍ପାୟମାନ ହୁଏ । ପାପୀ ପ୍ରତି ମୋର କଣ୍ଠ ତୀବ୍ର । ଚରିତ୍ରହୀନ ପୁରୁଷର ତିଳେ ହେଲେ ଆତ୍ମବଳ ନଥାଏ । ମୋର ଉଜ୍ଜ୍ୱଳ ଚରିତ୍ର ଆଗରେ ସେ ନତମସ୍ତକ ହୁଏ ।"

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

କୁମାରୀ କନ୍ୟା କହନ୍ତି – "ଅହଂ କେତୁଃ ଅହଂ ମୂର୍ଧା ଅହଂ ଉଗ୍ରା ବିବାଚନୀ ।" (ରଗ୍‌ବେଦ)

-ଅର୍ଥାତ୍, "ମୁଁ ଏହି ସଂସାରର ବିଜୟ ପତାକା । ପତାକା ଯେପରି ଦେଶର ସମ୍ମାନ ବୃଦ୍ଧି କରେ, ମୁଁ ସେହିପରି ପରିବାରର ଓ ଦେଶର ସମ୍ମାନ ବୃଦ୍ଧି କରେ । ମୁଁ ସମାଜର ମସ୍ତିଷ୍କ ସଦୃଶ୍ୟ । ମସ୍ତିଷ୍କ ଯେପରି ସବୁ ଇନ୍ଦ୍ରିୟମାନଙ୍କ ନିୟନ୍ତ୍ରଣ କରେ ଓ ମସ୍ତକକୁ ଦେଖିଲେ ମନୁଷ୍ୟକୁ ଚିହ୍ନି ହୁଏ; ମୁଁ ସେହିପରି ସମାଜର ସୁପରିଚାଳନା କରେ । ମତେ ଦେଖି ନାରୀକୁଳର ଶିଷ୍ଟାଚାର, ସଦ୍‌ବ୍ୟବହାର, ଶାଳୀନତା ଜାଣିହୁଏ । ମୁଁ ଓଜସ୍ୱିନୀ ଭାଷାରେ ଭାଷଣ ଦିଏ ।"

ଯଜୁର୍ବେଦ ନାରୀକୁ ଅନେକ ନାମରେ ସମ୍ବୋଧନ କରିଛନ୍ତି –

"ଇଡେ ରନ୍ତେ ହବ୍ୟେ କାମ୍ୟେ ଚନ୍ଦ୍ରେ ଜ୍ୟୋତେ
ଅଦିତେ ସରସ୍ୱତି ମହାବିଶ୍ରୁତି ।
ଏତା ତେ ଅଘ୍ନ୍ୟେ ନାମାନି
ଦେବେଭ୍ୟୋ ମା ସୁକୃତଂ ବୃତାତ୍ ॥" (ଯଜୁଃ ୮, ୪୩)

-ନାରୀ 'ଇଡା' ଅର୍ଥାତ୍ ମଧୁରବାଣୀ ବ୍ୟବହାର କରି ପ୍ରଶଂସନୀୟା । ସେ 'ରନ୍ତା' ବା ରମଣୀୟା । ସେ 'ହବ୍ୟା' ଅର୍ଥାତ୍ ସର୍ବସ୍ୱ ଦାନଶୀଳା । ସେ 'କାମ୍ୟା' ଅର୍ଥାତ୍ ଆକର୍ଷଣୀୟା । ସେ 'ଚନ୍ଦ୍ରା' ଅର୍ଥାତ୍ ପୂର୍ଣ୍ଣିମା ଚନ୍ଦ୍ରସଦୃଶ ଆହ୍ଲାଦଦାୟିନୀ । ସେ "ଜ୍ୟୋତି" ଅର୍ଥାତ୍ ଆତ୍ମଜ୍ୟୋତିରେ ସର୍ବଦା ଜାଗରୂକା । ସେ 'ଅଦିତି' ଅର୍ଥାତ୍ ଅବିନାଶିନୀ । ସେ ସରସ୍ୱତୀ ବା ବୁଦ୍ଧିମତୀ । ସେ 'ବିଶ୍ରୁତି' ବା କୀର୍ତ୍ତିମୟୀ । ସେ ଅଘ୍ନ୍ୟା ଅର୍ଥାତ୍ ଦଣ୍ଡନୀୟା ନୁହେଁ ।

ଦୁର୍ଗା ଅଟନ୍ତି ବୀରା ତେଜସ୍ୱିନୀ ବ୍ରହ୍ମଚାରିଣୀ । ସେ ଅସଂଖ୍ୟକ ଗୁଣର ଅଧିକାରିଣୀ । ପ୍ରଭୁ ସେହି ଦୁର୍ଗାରୂପିଣୀ ନାରୀଠାରେ ବିଲକ୍ଷଣ ଶକ୍ତି ପ୍ରଦାନ କରିଛନ୍ତି ।

ଆଜି ନାରୀ ହୀନମନ୍ୟା । କନ୍ୟା ଜନ୍ମ ହେଲେ ପିତାମାତା ଦୁଃଖୀ ହୁଅନ୍ତି । ବେଳେବେଳେ ଗର୍ଭରୁ ହିଁ ତା'କୁ ହତ୍ୟା କରାଯାଏ । କନ୍ୟାର ଶିକ୍ଷାଦାନ ପାଇଁ ଯତ୍ନ ନିଆଯାଏ ନାହିଁ । ପୁତ୍ରୀର ବିବାହ ପାଇଁ ପୁତ୍ର ଅପେକ୍ଷା ଅଧିକ ଧନ ଆବଶ୍ୟକ ହୁଏ । ନାରୀ ନରଠାରୁ ହୀନ ଅବସ୍ଥାରେ ରହିଥାଏ । କନ୍ୟା ନିଜର ସ୍ୱରୂପକୁ ବୁଝିବା ଉଚିତ୍ । ବିଧାତା ତାହାଠାରେ ଅସୀମ ଧୈର୍ଯ୍ୟ, ସାହାସ, କ୍ଷମା, ସ୍ନେହ ଓ କରୁଣା ପ୍ରଦାନ କରିଛନ୍ତି । ଉପଯୁକ୍ତ, ଯୋଗ୍ୟ, ଧାର୍ମିକ ପତି ନ ପାଇଲେ ସେ ଚିରକୁମାରୀ ରହୁ । ନିଜେ ସତ୍ୟ, ଜ୍ଞାନ, ଯଜ୍ଞ, ସଦାଚାର, ନ୍ୟାୟ, ଧର୍ମ ଅନୁସରଣ କରି ସୁଖ ପାଉ ।

ବହୁ ବିବାହିତା କନ୍ୟାଙ୍କର ଦାମ୍ପତ୍ୟ ଜୀବନର କରୁଣ କାହାଣୀ ଶୁଣି ପିତାମାତା କହନ୍ତି – "ସଂତପ୍ତ ଗୃହାଶ୍ରମ ଅପେକ୍ଷା ଆମ କନ୍ୟା ଆମ ନିକଟରେ କୁମାରୀ ହୋଇ ରିହିବା ଶ୍ରେୟସ୍କର ଅଟେ । ସଂସାରର ମଙ୍ଗଳ ନିମନ୍ତେ କନ୍ୟାମାନେ ବିବାହ ପାଶରେ ଆବଦ୍ଧ ହୁଅନ୍ତି । ପରନ୍ତୁ ଉପଯୁକ୍ତ ଓ ଯଥାଯୋଗ୍ୟ ସ୍ଥଳ ଓ ବର ପ୍ରାପ୍ତ ନ ହେଲେ କନ୍ୟା ଅବିବାହିତା ବ୍ରହ୍ମଚାରିଣୀ ହୋଇ ରହିବା ଶ୍ରେୟସ୍କର । ଆମର କନ୍ୟା ପୁତ୍ରମାନଙ୍କଠାରୁ ଅଧିକ ସେବା କରୁଅଛି । ତାହାର ରକ୍ଷଣାବେକ୍ଷଣ ଆମର କର୍ତ୍ତବ୍ୟ ।" (ରଗ୍‌ବେଦ)

କୁମାରୀମାନେ ଦୁର୍ଗାଙ୍କ ଆଦର୍ଶ ଗ୍ରହଣ କରନ୍ତୁ । ମନୁଷ୍ୟ-ସମାଜରେ ବ୍ରହ୍ମଚାରିଣୀମାନଙ୍କ ପାଇଁ ଆଦର ଓ ସମ୍ମାନ ବୃଦ୍ଧି ଲାଭ କରୁ । ସେମାନଙ୍କର ଦିବ୍ୟ ଦୃଷ୍ଟିରୁ ଆମ ସମାଜର ଅନାଚାର, ଦୁରାଚାର ଓ ବ୍ୟଭିଚାର ତିରୋହିତ ହେଉ ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

କୁମାରୀର ପବିତ୍ରତା ରକ୍ଷା

କିଛି ଦିନ ପୂର୍ବର ଘଟଣା । ଗୋଟିଏ ମହିଳା ମହାବିଦ୍ୟାଳୟର ଏକ ସାଂସ୍କୃତିକ ସଭାରେ ଯୋଗ ଦେବାର ଅବସର ପାଇଥିଲି । କୁମାରୀମାନଙ୍କର ବ୍ରହ୍ମଚର୍ଯ୍ୟ ରକ୍ଷା ସମ୍ବନ୍ଧରେ କିଛି କହିବା ପାଇଁ ପ୍ରସ୍ତାବ ଦେବାରୁ ଅଧ୍ୟକ୍ଷା ମହୋଦୟା କହିଲେ – 'ମାଡାମ୍, ବ୍ରହ୍ମଚର୍ଯ୍ୟ ତ ବାଳକମାନଙ୍କର କର୍ତ୍ତବ୍ୟ । ଆଜି ଆମର ଛାତ୍ରୀମାନଙ୍କୁ ଅନ୍ୟ କିଛି ଉପଦେଶ ଦିଅନ୍ତୁ ।' ଭାବିଲି ବ୍ରହ୍ମ ବା ଶ୍ରେଷ୍ଠ ଆଚରଣର ନାନା ବ୍ରହ୍ମଚର୍ଯ୍ୟ । ତାହାହେଲେ ସମୁଚିତ ଭୋଜନ, ବ୍ୟାୟାମ ଓ ଆଚରଣ – ଏ ସବୁ କଣ କେବଳ ବାଳକମାନଙ୍କ ପାଇଁ ? ବାଳିକାମାନେ ଶ୍ରେଷ୍ଠ ଆଚରଣ କରିବେ ନାହିଁ କି ? ମୁଁ ସେହି ସଭାରେ ବେଦାଦି ଶାସ୍ତ୍ରରେ ବର୍ଣ୍ଣିତ ଥିବା ନାରୀ ଗୌରବ ବୁଝାଇବା ପରେ କୁମାରୀମାନଙ୍କ ବ୍ରହ୍ମଚର୍ଯ୍ୟ ରକ୍ଷା ବିଷୟରେ ଅଧିକ ସମୟ କହିଥିଲି । କନ୍ୟା ଦିନେ ପତ୍ନୀ ଓ ମାଆ ହେବ, ତାହାର ଦାୟିତ୍ୱ ପୁରୁଷ ଅପେକ୍ଷା ଯଥେଷ୍ଟ ବେଶି । ସଂସାରର ମହାରାଜା, ମହାଋଷି, ବୈଜ୍ଞାନିକ, କଳାକାର ସମସ୍ତେ ମାଆଠାରୁ ଜନ୍ମ ନିଅନ୍ତି । ମାଆର ଗର୍ଭରେ ପୁଷ୍ଟ ହୁଅନ୍ତି ଓ ମାଆଠାରୁ ମାତୃଭାଷା ଶିଖନ୍ତି । ବିଦ୍ୟାଳୟକୁ ଯିବା ପୂର୍ବରୁ ମାଆ ହିଁ ମନୁଷ୍ୟର ପ୍ରଥମ ବିଦ୍ୟାଳୟ ହୋଇଯାଏ । ଶାସ୍ତ୍ରରେ କୁହାଯାଇଛି – 'ନାସ୍ତି ମାତୃସମୋ ଗୁରୋଃ' – ମାଆଠାରୁ ବଡ ଗୁରୁ କେହି ନାହାନ୍ତି ।

ଇଞ୍ଜିନିୟର, ଡାକ୍ତର, ଅଧ୍ୟାପକ ହେବା ପାଇଁ ପ୍ରଶିକ୍ଷଣ ଦରକାର ହେଉଛି । ମାତୃତ୍ୱର ଏତେ ବଡ ଦାୟିତ୍ୱ ଏବଂ ପରିବାର ଚଳାଇବା ଭଳି କର୍ତ୍ତବ୍ୟ ନେବା ପୂର୍ବରୁ ସେସବୁ ଶିକ୍ଷାଲାଭର କ'ଣ ଆବଶ୍ୟକତା ନାହିଁ ? ମହର୍ଷି ମନୁ କହିଛନ୍ତି – 'ଉପାଧ୍ୟାୟାତ୍ ଦଶାଚାର୍ଯ୍ୟ x x x' ଅର୍ଥାତ୍ ଦଶଜଣ ଶିକ୍ଷକଙ୍କ ଅପେକ୍ଷା ଜଣେ ଆଚାର୍ଯ୍ୟ, ଶହେ ଜଣ ଆଚାର୍ଯ୍ୟଙ୍କ ଅପେକ୍ଷା ଜଣେ ପିତା ଏବଂ ହଜାରେ ପିତାଠାରୁ ଜଣେ ମାତାର ଗୌରବ ଅଧିକ । 'ମାନ୍ ପୂଜାୟମ୍' ଧାତୁରୁ ମାତା ଶବ୍ଦ ଉତ୍ପନ୍ନ, ଅର୍ଥାତ୍ 'ମାନ୍ୟତେ ପୂଜ୍ୟତେ ଯା ସା ମାତା' – ଯାହାକୁ ମାନ୍ୟ କରାଯାଏ, ପୂଜା କରାଯାଏ – ସେ ମାତା ଅଟେ । ଏକଦା ମାତୃଜାତିକୁ ଏତେ ସମ୍ମାନ ଦିଆଯାଉଥିଲା ଯେ କନ୍ୟାର ପ୍ରଥମ ରଜୋଦର୍ଶନ ସମୟରେ ପ୍ରାଚୀନ ଭାରତରେ ପରିବାରର ଲୋକେ ଓ ଜ୍ଞାତିଜନମାନେ ଆନନ୍ଦଉତ୍ସବ ପାଳନ କରୁଥିଲେ । ସେହି ଅନୁକ୍ରମରେ ପୁରାତନ ଯୁଗରୁ ପୃଥିବୀମାତା ପାଇଁ ରଜସଂକ୍ରାନ୍ତିରୁ ଏକ ବିଶେଷ ପର୍ବ ପାଳିତ ହେଉଥିଲା ।

କୁମାରୀର ବ୍ରହ୍ମଚର୍ଯ୍ୟ ରକ୍ଷା ହିଁ ମୋଟ ଉପରେ ତାହାର ଭବିଷ୍ୟତ ଜୀବନର ମୂଳଭିତ୍ତି । ମହର୍ଷି ଧନ୍ୱନ୍ତରୀ ନିଜର ଶୁଶ୍ରୁତ ଗ୍ରନ୍ଥରେ ଲେଖିଛନ୍ତି ଯେ ପଚିଶବର୍ଷ ବୟସରେ ଯୁବକ ଯେଉଁ ବଳ ପାଏ, ଯୁବତୀକୁ ତାହା ଷୋହଳ ବର୍ଷରେ ମିଳିଥାଏ । ପ୍ରାୟ ଚଉଦ, ପନ୍ଦର ବର୍ଷ ବେଳକୁ କିଶୋର ଓ କିଶୋରୀଙ୍କ ମନରେ କୁତ୍ସିତ ଭାବନାର ବାତ୍ୟା ଆସେ । ଏହାଦ୍ୱାରା କୁମାରୀର ରଜ ଓ କୁମାରର ବୀର୍ଯ୍ୟ ଉପରେ କୁପ୍ରଭାବ ପଡେ । ଶୃଂଗାରପୂର୍ଣ୍ଣ ଚିତ୍ର

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଦେଖିବା, ଅଶ୍ଳୀଳ ପୁସ୍ତକ ପଢିବା, ତାମସିକ ଭୋଜନ କରିବା, ପୁଅମାନଙ୍କ ସହ ଅବାଧ ମିଳାମିଶା ଆଦି କୁବ୍ୟସନ ଦ୍ୱାରା ଇନ୍ଦ୍ରିୟଗୁଡିକ ବିଷୟାସକ୍ତ ହୋଇଯାନ୍ତି । ଫଳରେ ଜୀବନୀ ଶକ୍ତିର ତୈଳ ଦୁର୍ବଳ ହୋଇଯାଏ । ତେଣୁ ଏହି ସମୟରେ ହିଁ ଇନ୍ଦ୍ରିୟ ସଂଯମର ଶିକ୍ଷା ନିହାତି ଆବଶ୍ୟକ । ଯୌନଶିକ୍ଷା ବଦଳରେ ଯୋଗଶିକ୍ଷା ଦ୍ୱାରା ଇନ୍ଦ୍ରିୟ ସଂଯମ ହୋଇପାରେ - 'ଯୋଗଃ ଚିତ୍ତବୃତ୍ତି ନିରୋଧଃ' । ଯେଉଁ ଶକ୍ତି ଦେହରୂପୀ ଇଞ୍ଜିନର ପ୍ରତ୍ୟେକ ଅଂଶର ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରେ, ତାହା କ୍ଷୀଣ ହେବା ପରେ ଖାଦ୍ୟପଦାର୍ଥ ଜୀର୍ଣ୍ଣ ହୁଏ ନାହିଁ । ମୁହଁର ତେଜ ନିଷ୍ପ୍ରଭ ହୁଏ । କୁମାରୀ ପରିଶ୍ରମକାତର ହୁଏ । ମାଂସପେଶୀର ଦୃଢତା ହ୍ରାସ ପାଏ । କୁତ୍ସିତ ଭାବନା, କୁତ୍ସିତ ବିଚାର ଓ ବ୍ୟବହାରର ପ୍ରଭାବରେ ଶୁଭ ଭାବନା ସୁପ୍ତ ହୋଇଯାଏ । ତେଣୁ ଆଚାର୍ଯ୍ୟାମାନେ ଗୁରୁକୁଳରେ ବ୍ରହ୍ମଚାରିଣୀମାନଙ୍କୁ ଶିକ୍ଷା ଦେଉଥିଲେ – 'ବାଚଂ ତେ ଶୁଂଧାମି, ପ୍ରାଣଂ ତେ ଶୁଂଧାମି, ଚକ୍ଷୁଂସ୍ତେ ଶୁଂଧାମି, ଶ୍ରୋତ୍ରଂ ତେ ଶୁଂଧାମି' ଅର୍ଥାତ୍ ହେ କନ୍ୟା ! ମୁଁ ତୁମର ବାଣୀ, ପ୍ରାଣ, ଦୃଷ୍ଟିଶକ୍ତି, ଶ୍ରବଣଶକ୍ତିକୁ ଶୁଦ୍ଧ କରୁଅଛି ଯେପରି ତୁମେ ଭବିଷ୍ୟତ୍‌ରେ ଜଣେ ଯୋଗ୍ୟ ମାତା ଓ ପତ୍ନୀ ହୋଇପାରିବ । ତେଣୁ କନ୍ୟାମାନଙ୍କୁ ବାଲ୍ୟକାଳରୁ ଭାବନା ଓ ସତ୍‌କର୍ମର ଶିକ୍ଷା ଦେବା ନିତାନ୍ତ ପ୍ରୟୋଜନ । ବେଦାଦି ସତ୍‌ଶାସ୍ତ୍ରରେ ନାରୀକୁ ଉଦେଶ ଦିଆଯାଇଛି – 'ଅଶ୍ମାଭବ ପରଶୁଭବ'– ତୁମେ ପଥର ଓ କୁଠାର ପରି ଦୃଢ ଦିଅ । ବିବାହବେଦିରେ କନ୍ୟାକୁ ଗୋଟିଏ ପଥର ଉପରେ ପାଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଏ । କୁହାଯାଏ– 'ଏହି ପଥର ଉପରେ ଠିଆ ହୁଅ । ପଥର ପରି ଦୃଢ ହୁଅ । ବିପତ୍ତି - ଆପତ୍ତି ସମୟରେ ମଧ୍ୟ ଅବିଚଳିତ ରହ' । ଲଜ୍ଜା ଓ ଶୀଳତା କୁମାରୀର ସ୍ୱାଭାବିକ ଗୁଣ । ପରଂତୁ ଭୌତିକତା ବିଳାସପ୍ରିୟ ସମାଜ ସେହି ଦେବୋପମ ଗୁଣର ବିକାଶରେ ଅନ୍ତରାୟ ସୃଷ୍ଟି କରୁଛି । ଋଗ୍‌ବେଦ (୮,୩୩,୧୯) ମନ୍ତ୍ରରେ କୁମାରୀକୁ ଉପଦେଶ ଦିଆଯାଇଛି– 'ଉପରକୁ ଚାହିଁ ପାଦକୁ ଏଣେତେଣେ ରଖି ଚାଲ ନାହିଁ । ତାହା ତୁମର ଚପଳତାର ପରିପ୍ରକାଶ । ସଂଯତ ପୂର୍ବକ ବସ୍ତ୍ର ପରିଧାନ କର ।' ଅସଂଯତ ନାରୀ ମନୁଷ୍ୟ ସମାଜକୁ କାମଗ୍ରସ୍ତ କରିଦିଏ । ଫଳରେ ଦୁର୍ବଳ ସନ୍ତାନ ଜନ୍ମ ହୁଅନ୍ତି । ଆଜିକାଲି ପିତାମାତା, ଗୁରୁଜନ, ଶିକ୍ଷାଦାତା, ସମସ୍ତେ କୁମାରୀକୁ ଧର୍ମପ୍ରବଣ ଶିକ୍ଷା ଦେଇ ତାହାର ପବିତ୍ରତା ରକ୍ଷା କରିବା ପାଇଁ ସତେ ଯେପରି ମୂକ ଓ ବଧିର ହୋଇଯାଇଛନ୍ତି । କୁମାରୀ ଅବସ୍ଥାରେ ମାତୃତ୍ୱ ଲାଭ କରିବା ମନୁଷ୍ୟ ସମାଜରେ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଅଛି । ଆମେ ମହାପୁରୁଷଙ୍କ ନାମ ନେଉଅଛେ, କିନ୍ତୁ ସେମାନଙ୍କ ଜନ୍ମଦାତ୍ରୀ ମାଆମାନଙ୍କୁ ତିଆରି କରିବାକୁ ଲେଶ ମାତ୍ର ଚିନ୍ତା କରୁନାହିଁ ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ପାଣିଗ୍ରହଣ ବେଳର ଛଅଟି ମନ୍ତ୍ର

ବିବାହ ସଂସ୍କାରର ଆଉ ଗୋଟିଏ ନାମ 'ପାଣିଗ୍ରହଣ' ବା ହସ୍ତଗ୍ରହଣ । ପ୍ରକୃତରେ ପାଣିଗ୍ରହଣ କ୍ରିୟା ବିବାହ ସଂସ୍କାରର ଗୋଟିଏ ଅଂଶ ମାତ୍ର, ପରନ୍ତୁ ଏହା ଅତ୍ୟନ୍ତ ପ୍ରଭାବଶାଳୀ ହୋଇଥିବାରୁ ସମଗ୍ର ବିବାହ ସଂସ୍କାରକୁ ପାଣିଗ୍ରହଣ ଆଖ୍ୟା ଦିଆଯାଇଛି । ହାତକୁ ଧରିବା ସ୍ନେହ ଓ ସହାନୁଭୂତିର ଚିହ୍ନ ଅଟେ । ପାଶ୍ଚାତ୍ୟ ଦେଶମାନଙ୍କରେ ସାଧାରଣ ସମୟରେ ମଧ୍ୟ ସ୍ନେହ ଓ ସମ୍ମାନ ଦେଖାଇବା ପାଇଁ ହାତ ଧରନ୍ତି (Shake Hand) । ସେମାନଙ୍କର ବିବାହରେ ମଧ୍ୟ ହସ୍ତଗ୍ରହଣ କ୍ରିୟା ଦେଖିବାକୁ ମିଳେ । ବୈଦିକ ବିବାହ ପ୍ରଣାଳୀରେ ପାଣିଗ୍ରହଣ କ୍ରିୟା ଆରମ୍ଭ ହେବା ସଙ୍ଗେ ସଙ୍ଗେ ବିବାହ ସଂସ୍କାର ଗମ୍ଭୀର ହୋଇ ଉଠେ । ପ୍ରକୃତରେ କହିବାକୁ ଗଲେ ବିବାହ ସଂସ୍କାରର ମୁଖ୍ୟ କ୍ରିୟା ଗୁଡିକ ପାଣିଗ୍ରହଣ କ୍ରିୟା ଠାରୁ ଆରମ୍ଭ ହୁଏ ।

ପାଣିଗ୍ରହଣ ବେଳେ ବର ନିଜ ଆସନରୁ ଉଠନ୍ତି । ପୂର୍ବାଭିମୁଖୀ ହୋଇ ବସିଥିବା କନ୍ୟା ସମ୍ମୁଖରେ ପଶ୍ଚିମାଭିମୁଖୀ ହୋଇ ଠିଆ ହୁଅନ୍ତି । ସେ ନିଜର ଡାହାଣ ହାତରେ କନ୍ୟାର ଡାହାଣ ହସ୍ତାଞ୍ଜଳିକୁ ଧରି ରହନ୍ତି । ଏହି ସମୟରେ ବଧୂ ବସି ରହି ଓ ବର ନଇଁକରି ଠିଆହୋଇ ଉଭୟେ ନିମ୍ନଲିଖିତ ଛଅଟି ମନ୍ତ୍ର ଉଚ୍ଚାରଣ କରନ୍ତି । ଏହି ମନ୍ତ୍ର ଗୁଡିକର ବିଚାର ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ବର ଓ କନ୍ୟା ଉଭୟେ ଅର୍ଥ ସହିତ ଏହି ମନ୍ତ୍ରଗୁଡିକ ପାଣିଗ୍ରହଣ ବେଳେ ଉଚ୍ଚାରଣ କରିବା ଉଚିତ ।

"ଗୃଭ୍ଣାମି ତେ ସୌଭଗତ୍ୱାୟ ହସ୍ତଂ
ମୟା ପତ୍ୟା ଜରଦଷ୍ଟି ର୍ଯଥାସଃ ।
ଭର୍ଗୋ ଅର୍ଯମା ସବିତା ପୁରନ୍ଧିର୍ମହ୍ୟଂ
ତ୍ୱାଦୁର୍ଗାର୍ହପତ୍ୟାୟ ଦେବାଃ ।।" (ଋଗ୍‌ବେଦ ୧୦,୮୫,୩୬)

ବର କହନ୍ତି –

ହେ ବଧୂ ! ଐଶ୍ୱର୍ଯ୍ୟ ଓ ସୌଭାଗ୍ୟ ପାଇଁ ମୁଁ ତୁମ୍ଭର ପାଣିଗ୍ରହଣ କରୁଅଛି । ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ମୋ' ସହିତ ଆନନ୍ଦରେ ରହ । ଐଶ୍ୱର୍ଯ୍ୟଦାତା, ନ୍ୟାୟକାରୀ, ଜଗଦୁତ୍ପାଦକ, ଧାରଣକର୍ତ୍ତା ପରମେଶ୍ୱର ଗୃହାଶ୍ରମ ଅନୁଷ୍ଠାନ ପାଇଁ ତୁମ୍ଭଙ୍କୁ ମୋ' ଠାରେ ଅର୍ପଣ କରିଛନ୍ତି । ସେହିପରି କନ୍ୟା କହନ୍ତି –

ହେ ବୀର ! ମୁଁ ମଧ୍ୟ ସୌଭାଗ୍ୟର ବୃଦ୍ଧିଲାଗି ଆପଣଙ୍କ ହସ୍ତକୁ ଗ୍ରହଣ କରୁଅଛି । ଆପଣ ମୋ' ସହ ବୃଦ୍ଧାବସ୍ଥା ଯାଏ ପ୍ରସନ୍ନ ଓ ଅନୁକୂଳ ରହନ୍ତୁ । ମୁଁ ଆଜିଠାରୁ ଆପଣଙ୍କୁ ପତିରୂପରେ ଗ୍ରହଣ କରୁଛି । ଜଗତର

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଧାରଣକର୍ତ୍ତା ପରମେଶ୍ୱର ଓ ଏହି ସଭାସ୍ଥ ବିଦ୍ୱାନମାନେ ଗୃହାଶ୍ରମରେ ପ୍ରବେଶ ଲାଗି ଆପଣଙ୍କୁ ଓ ମୋତେ ଅନୁମତି ଦେଇଛନ୍ତି । ଆଜିଠାରୁ ପରସ୍ପର ପ୍ରିୟାଚରଣ କରି ରହିବା ।

ଓଁ ଭଗସ୍ତେ ହସ୍ତମଗ୍ରଭୀତ୍ ସବିତା ହସ୍ତମଗ୍ରଭୀତ୍ ।
ପତ୍ନୀଂ ତ୍ୱମସି ଧର୍ମଣାଽହଂ ଗୃହପତିସ୍ତବ । (ଅଥର୍ବବେଦ ୧୪/୧/୫୨)

ବର କହନ୍ତି –

ହେ ପ୍ରିୟେ ! ଐଶ୍ୱର୍ଯ୍ୟ ଓ ଧର୍ମଯୁକ୍ତ ବିଚାରରେ ମୁଁ ତୁମ୍ଭର ହସ୍ତଗ୍ରହଣ କରୁଅଛି । ତୁମେ ଆଜିଠାରୁ ମୋର ଧର୍ମପତ୍ନୀ ହୁଅ ଓ ମୁଁ ତୁମର ଧର୍ମର ଗୃହପତି ହୋଇଛି । ଆମେ ଉଭୟେ ମିଶି ଗୃହକର୍ମ ସଂପାଦନା କରିବାବେଳେ କଦାପି ଅପ୍ରିୟାଚରଣ କରିବା ନାହିଁ । ଉତ୍ତମ ସନ୍ତାନ, ସୁଖସମୃଦ୍ଧି ପାଇଁ ଉଭୟେ ଯତ୍ନଶୀଳ ହେବା ।

କନ୍ୟା କହନ୍ତି –

ହେ ଦେବ ! ଧର୍ମଯୁକ୍ତ ମାର୍ଗରେ ପ୍ରେରଣା ଲାଭପାଇଁ ଆପଣଙ୍କ ହସ୍ତର ଆଶ୍ରୟ ନେଉଅଛି । ବର୍ତ୍ତମାନ ମୁଁ ଆପଣଙ୍କର ଧର୍ମପତ୍ନୀ ଓ ଆପଣ ମୋର ଧର୍ମରେ ଗୃହପତି ଅଟନ୍ତି ।

ଓଁ ମୟେମସ୍ତୁ ପୋଷ୍ୟା ମହ୍ୟଂ ତ୍ୱାଽଦାଦ୍ ବୃହସ୍ପତିଃ ।
ମୟା ପତ୍ୟା ପ୍ରଜାବତି ସଂଜୀବ ଶରଦଃ ଶତମ୍ । (ଅଥର୍ବ ବେଦ ୧୪/୧/୫୩)

ବର କହନ୍ତି –

ହେ ବରାନନେ ! ବୃହସ୍ପତି ପରମାତ୍ମା ତୁମକୁ ମୋତେ ପ୍ରଦାନ କରିଛନ୍ତି । ତୁମେ ମୋର ପୋଷଣ ଯୋଗ୍ୟ ପତ୍ନୀ ହୋଇ ରହ । ମୋ'ଭଳି ଯଶସ୍ୱୀ ପତି ସହିତ ସୁଖପୂର୍ବକ ଶହେବର୍ଷ ପର୍ଯ୍ୟନ୍ତ ଜୀବନ ଧାରଣ କର ।

କନ୍ୟା କହନ୍ତି –

ମାନ୍ୟବର ! ପରମାତ୍ମାଙ୍କ କୃପାରୁ ମୁଁ ଆପଣଙ୍କୁ ଲାଭ କରିଅଛି । ଆପଣଙ୍କ ବ୍ୟତୀତ ଏହି ଜଗତରେ ମୋର ଦ୍ୱିତୀୟ ପତି ଅର୍ଥାତ୍ ସ୍ୱାମୀ, ପାଳନକର୍ତ୍ତା ବା ଇଷ୍ଟଦେବତା କେହି ନାହାନ୍ତି । ଆପଣ ମୋ' ବ୍ୟତୀତ ଦ୍ୱିତୀୟ ସ୍ତ୍ରୀଠାରେ ପ୍ରୀତି ରଖିବେ ନାହିଁ ତଥା ମୁଁ ମଧ୍ୟ ଅନ୍ୟ ପୁରୁଷଙ୍କୁ କଦାପି ସ୍ୱୀକାର କରିବି ନାହିଁ । ଆପଣ ମୋ' ସହିତ ଶତ ଶରଦ ପ୍ରାପ୍ତ ହୁଅନ୍ତୁ ।

ଓଁ ତ୍ୱଷ୍ଟା ବାସୋ ବ୍ୟବଧାତୁ ଶୁଭେ କଂ
ବୃହସ୍ପତେଃ ପ୍ରଶିଷା କବୀନାମ୍ ।
ତେନେମାଂ ନାରୀ ସବିତା ଭଗଶ୍ଚ
ସୂର୍ଯାମିବ ପରିଧତ୍ତାଂ ପ୍ରଜୟା ॥ (ଅଥର୍ବବେଦ ୧୪/୧/୫୪)

ବର କହନ୍ତି –

ହେ ସୁମଙ୍ଗଳି ! ପରମାତ୍ମାଙ୍କ ସୃଷ୍ଟିରେ ଆପ୍ତ ବିଦ୍ୱାନ୍‌ମାନଙ୍କ ଶିକ୍ଷାରେ ଆମେ ଦମ୍ପତି ହୋଇଅଛୁଁ । ପରମାତ୍ମାଙ୍କ ପ୍ରାର୍ଥନା କରୁଅଛୁ ଯେ, ତୁମେ ଶୁଭ ବସ୍ତ୍ର ଓ ଅଳଙ୍କାର ଧାରଣପୂର୍ବକ ବିଦ୍ୟୁତ୍‌ପ୍ରାୟ ମୋର ହୃଦୟ ମନ୍ଦିରରେ ପ୍ରତିଭାତ ହୋଇ ଯଥାର୍ଥ ସୁଖ ପ୍ରାପ୍ତ ହୁଅ । ସୂର୍ଯ୍ୟ ନିଜ କିରଣକୁ ଧାରଣ କଲାଭଳି ମୁଁ ମଧ୍ୟ ତୁମକୁ ଅର୍ଥାତ୍ ଧର୍ମପତ୍ନୀକୁ ଧାରଣ କରୁଅଛି । ସକଳ ଜଗତର ଉତ୍ପତ୍ତିକର୍ତ୍ତା ପରମେଶ୍ୱର ତୁମ୍ଭଙ୍କୁ ଉତ୍ତମ ସନ୍ତାନ ଦେଇ ସୁଶୋଭିତ କରାନ୍ତୁ ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ସେହିପରି କନ୍ୟା କହନ୍ତି –

ହେ ପ୍ରିୟ ! ମୁଁ ମଧ୍ୟ ଆପଣଙ୍କୁ ସୂର୍ଯ୍ୟସମାନ ସୁଶୋଭିତ କରିବି । ଆନନ୍ଦଯୁକ୍ତ ହୋଇ ଅନୁକୂଳ ପ୍ରିୟାଚରଣ କରି ସର୍ବଦା ପ୍ରସନ୍ନ ରଖିବି ।

ଓଁ ଇନ୍ଦ୍ରାଗ୍ନୀ ଦ୍ୟାବାପୃଥିବୀ ମାତରିଶ୍ୱା
ମିତ୍ରା ବରୁଣା ଭଗୋ ଅଶ୍ୱିନୋଭା ।
ବୃହସ୍ପତିର୍ମରୁତୋ ବ୍ରହ୍ମ ସୋମ
ଇମାଂନାରୀଂ ପ୍ରଜୟା ବର୍ଧୟନ୍ତୁ ॥ (ଅଥର୍ବ ବେଦ ୧୪.୧.୫୬)

ହେ ସଭାସ୍ଥ ବିଦ୍ୱାନବର୍ଗ ! ବିଦ୍ୟୁତ୍ ଓ ଅଗ୍ନି, ସୂର୍ଯ୍ୟ ଓ ଭୂମି, ପ୍ରାଣ ଓ ଉଦାନ, ବୈଦ୍ୟ ଓ ଉପଦେଶକ, ବ୍ରାହ୍ମଣ ଓ କ୍ଷତ୍ରିୟ, ସୋମଲାତାଦି ଔଷଧି ତଥା ମହାନ୍ ପରମାତ୍ମା ପ୍ରଜାମାନଙ୍କର ପାଳନ ଓ ବୃଦ୍ଧି କରନ୍ତି । ସେହିପରି ଆପଣମାନେ ନିଜର ଶୁଭ ଆଶୀର୍ବାଦ ଦ୍ୱାରା ଏହ ସୁମଙ୍ଗଳୀ ନାରୀଙ୍କୁ ସମୃଦ୍ଧିଶାଳିନୀ କରାନ୍ତୁ । ମୁଁ ମଧ୍ୟ ମୋର ଏହି ବୀରପ୍ରସୂ ଅର୍ଦ୍ଧଙ୍ଗିନୀଙ୍କୁ ଉତ୍ତମ ସନ୍ତାନଯୁକ୍ତା କରାଇବି ।

କନ୍ୟା କହନ୍ତି –

ମଁ ପ୍ରତିଜ୍ଞା କରୁଅଛି ଯେ ମୋର ପୂଜ୍ୟ ପତିଙ୍କୁ ସର୍ବଦା ଆନନ୍ଦ, ପ୍ରିୟାଚରଣ ଓ ପୂଜାଦ୍ୱାରା ପ୍ରସନ୍ନ ରଖିବି । ଆମେ ଦୁହେଁ ମିଶି ଗୃହାଶ୍ରମକୁ ସକଳ ଶୋଭାରେ ମଣ୍ଡିତ କରିବୁ ।

ଓଁ ଅହଂ ବି ଷ୍ୟାମି ମୟି ରୂପମସ୍ୟା
ବେଦବିତ୍ ପଶ୍ୟନ୍ ମନସା କୁଳାୟମ୍ ।
ନ ସ୍ତେୟମଦ୍ମି ମନସୋଦମୁଚ୍ୟେ
ସ୍ୱୟଂ ଶ୍ରଥ୍ନାନୋ ବରୁଣସ୍ୟ ପାଶାନ୍ ॥ (ଅଥର୍ବବେଦ ୧୪.୧.୫୭)

ବର କହନ୍ତି –

ହେ କଲ୍ୟାଣ କ୍ରୋଡେ ! ମୁଁ କୁଳବୃଦ୍ଧିର ଭାବନା ନେଇ ତୁମର ରୂପକୁ ଦେଖି ପ୍ରସନ୍ନ ହେଉଅଛି । ତୁମେ ମଧ୍ୟ ମୋତେ ଦେଖି ସର୍ବଦା ପ୍ରସନ୍ନ ହୁଅ । ମୁଁ କୌଣସି ବିଷୟ ତୁମଠାରୁ ଲୁଚାଇ ରଖିବି ନାହିଁ । କେବେହେଲେ ପୁରୁଷାର୍ଥରୁ ବିଚ୍ୟୁତ ହେବିନାହିଁ । ସର୍ବଦା ତୁମର ରକ୍ଷା କରିବି ।

କନ୍ୟା କହନ୍ତି –

ଦେ ଦେବ ! ଆପଣଙ୍କ ପରି ମୁଁ ମଧ୍ୟ ପ୍ରତିଜ୍ଞା କରୁଅଛି ଯେ, ସର୍ବଦା ନିଷ୍କଳଙ୍କ ଭାବନାରେ ଆପଣଙ୍କୁ ସେବା କରିବି ।

ପାଣିଗ୍ରହଣରେ ଉଲ୍ଲିଖିତ ଛଅଟି ମନ୍ତ୍ର ଉଚ୍ଚାରଣ କରିବା ପରେ ବର ବଧୂର ହସ୍ତାଞ୍ଜଳି ଧରି ଯଜ୍ଞକୁଣ୍ଡର ପ୍ରଦକ୍ଷିଣା କରନ୍ତି । ଏହି ଛଅଟି ମନ୍ତ୍ରରେ ବର-କନ୍ୟା ଯେଉଁ ପ୍ରତିଜ୍ଞା ନିଅନ୍ତି, ସେହି ଭାବନା ଅତ୍ୟନ୍ତ ସୁନ୍ଦର ଓ ଗାମ୍ଭୀର୍ଯ୍ୟପୂର୍ଣ୍ଣ । ଏହି ଛଅଟି ମନ୍ତ୍ର ଗୃହାଶ୍ରମର ସଫଳତା ପାଇଁ ଦିବ୍ୟସୂତ୍ର । ବିବାହ ସଂସ୍କାରବେଳେ ଏଗୁଡିକୁ ଅର୍ଥ ସହିତ ଉଚ୍ଚାରଣ କରିବା ଅତ୍ୟନ୍ତ ଆବଶ୍ୟକ ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଲଜ୍ଜା ହୋମ ନୁହେଁ, ଲାଜା (ଖଇ)ରେ ହୋମ

ବିବାହ ବେଦିରେ 'ଲାଜା' ବା ଖଇକୁ ଆହୁତି ରୂପରେ ଯଜ୍ଞାଗ୍ନି ଉପରେ ଦେବା 'ଲାଜା ହୋମ' । ଅଜ୍ଞାନବଶତଃ ବିବାହ ବେଳର ଏହି ପ୍ରକ୍ରିୟାକୁ ସାଧାରଣ ଲୋକେ 'ଲଜ୍ଜାହୋମ' କହନ୍ତି । ସାମୁହିକ କଲ୍ୟାଣ ନିମନ୍ତେ ହୋମାନୁଷ୍ଠାନ କରାଯାଏ । ଏଥିରୁ ଆନନ୍ଦ, ଉଲ୍ଲାସ ଓ ଉତ୍ସାହ ମିଳେ । ମନୁଷ୍ୟ ପାପ କରି ଲଜ୍ଜା ଅନୁଭବ କରେ । ସମଗ୍ର ବବାହ ଉତ୍ସବ ଏବଂ ଗ୍ରହସ୍ଥାଶ୍ରମରେ ଲଜ୍ଜାର ସ୍ଥାନ ନାହିଁ । ସ୍ତ୍ରୀ-ପୁରୁଷଙ୍କ ସଙ୍ଗମ ଏକ ପବିତ୍ର କର୍ମ । ତାହା ଏକ ପବିତ୍ର ଯଜ୍ଞ ଯେଉଁଥିରୁ ଯୋଗ୍ୟ ସନ୍ତାନ ଉତ୍ପନ୍ନ ହୁଅନ୍ତି ।

ବିବାହ ଅନୁଷ୍ଠାନରେ ବରକନ୍ୟା ପାଣିଗ୍ରହଣର ଛଅଟି ମନ୍ତ୍ର ଅର୍ଥ ସହିତ ପାଠ କରି ପରସ୍ପର ସହଯୋଗ ପାଇଁ ପ୍ରତିବଦ୍ଧ ହୁଅନ୍ତି । ବର କନ୍ୟାଙ୍କର ହାତ ଧରି ଏହି ପ୍ରତିଜ୍ଞାଗୁଡିକୁ କହୁଥିବାରୁ ଏହାର ନାମ 'ପାଣିଗ୍ରହଣ' । ତା'ପରେ ଶିଳାରୋହଣ, ଲାଜାହୋମ ଓ ପରିକ୍ରମା କରାଯାଏ । ବଧୂର ମାଆ ଅଥବା ଭାଇ ବାମହସ୍ତରେ ଲିଆ ରଖା ହୋଇଥିବା କୁଲାକୁ ଧରି ଡାହାଣ ହାତରେ ବଧୂର ଡାହାଣ ପାଦକୁ ଗୋଟିଏ ପଥର (ଶିଳା) ଉପରେ ରଖିଦିଅନ୍ତି । ସେହି ସମୟରେ ବର ଯେଉଁ ମନ୍ତ୍ର ପଢନ୍ତି, ତାହାର ଅର୍ଥ – "ହେ ଦେବୀ ! ଏହି ଶିଳା ଉପରେ ଆରୋହଣ କର । ଶିଳା ପରି ଗୃହସ୍ଥ - ଧର୍ମରେ ଦୃଢ ରହ । ବାଧାବିଘ୍ନ ଆଣୁଥିବା ଦୁଷ୍ଟ ଲୋକଙ୍କୁ ପରାଭବ କର । ଗୃହକ୍ରମକୁ ସୁଖୀ କର । ସଫଳ ଜୀବନଯାପନ କର ।" ।

ତା'ପରେ ବର ଓ ବଧୂ ହୋମକୁଣ୍ଡର ପୂର୍ବଦିଗକୁ ମୁହଁ କରି ଠିଆ ହୁଅନ୍ତି । ବଧୂ ବରର ଡାହାଣ ପାଖରେ ରହି ନିଜର ହସ୍ତାଂଜଳି ବରର ହସ୍ତାଂଜଳି ଉପରେ ରଖନ୍ତି । ବଧୂଙ୍କ ମାତା ଅଥବା ଭାଇ ସେମାନଙ୍କର ହସ୍ତାଂଜଳିରେ ଲିଆ ଭରି ଦେଇ ସେଥିରେ ଅଳ୍ପ ଘୃତ ସିଂଚନ କରନ୍ତି । ବରବଧୂ ଯଜ୍ଞାଗ୍ନିରେ ଆହୁତି ଦେବାବେଳେ କନ୍ୟା କହନ୍ତି–

"ଅର୍ଯମଣଂ ଦେବଂ କନ୍ୟା ଅଗ୍ନିମୟକ୍ଷତ । ସ ନୋ ଅର୍ଯମା ଦେବଃ ପ୍ରେତୋ ମୁଂଚତୁ ମା ପତେଃ ସ୍ୱାହା ।"

"ହେ ଦୟାଳୁ ପ୍ରଭୋ ! ମୋତେ ପିତୃକୁଳରୁ ଛଡାଇ ନଅନ୍ତୁ ଓ ପତିକୁଳରେ ସ୍ଥାପନ କରନ୍ତୁ । ମୋତେ କଦାପି ପତିଙ୍କ ଠାରୁ ପୃଥକ୍ କରନ୍ତୁ ନାହିଁ ।" ଅନ୍ୟ ଦୁଇ ମନ୍ତ୍ରରେ କହନ୍ତି –

"ହେ ପ୍ରଭୋ ! ମୋର ପତିଦେବ ଦୀର୍ଘଜୀବୀ ହୁଅନ୍ତୁ । ମୋର କୁଟୁମ୍ବର ଲୋକେ ଧନଧାନ୍ୟରେ ପରିପୂର୍ଣ୍ଣ ହୁଅନ୍ତୁ । ହେ ପତିଦେବ ! ଆପଣଙ୍କର ସ୍ୱାସ୍ଥ୍ୟ ଓ ସମୃଦ୍ଧି ନିମନ୍ତେ ଲାଜାକୁ ଅଗ୍ନିରେ ଆହୁତି ଦେଉଅଛି ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଏହାପରେ ବରବଧୂ ଯଜ୍ଞକୁଣ୍ଡର ପରିକ୍ରମା କରନ୍ତି । ନିଜ ସ୍ଥାନକୁ ଆସି ମାଂତ୍ରପାଠ କରି ପୁନଶ୍ଚ ଲାଜାର ଆହୁତି ଦିଅନ୍ତି । ଏହିପରି ଚାରିଥର ଶିଳାରୋହଣ, ପରିକ୍ରମା ଓ ଲାଜାହୋମ କରାଯାଏ । ଲାଜାହୋମ ପରେ କନ୍ୟା ପତିଙ୍କର କୁଳ ଓ ଗୋତ୍ରର ହୋଇଯାନ୍ତି ।

ଖଇ ହେଉଛି ଶୁଦ୍ଧତା ଓ ପ୍ରସନ୍ନତାର ପ୍ରତୀକ । ପାଣିଗ୍ରହଣ ପ୍ରକ୍ରିୟା ସମାପ୍ତ ହେବାପରେ ବରବଧୂଙ୍କର ମନ ପୁଲକିତ ହୋଇଉଠେ । ଜଣେ ଅନ୍ୟର ପ୍ରତିବଦ୍ଧତା ପାଇଁ ପ୍ରତିଜ୍ଞା ନେବା ପରେ ହର୍ଷିତ ହୁଅନ୍ତି । ପ୍ରଭୁଙ୍କ କୃପାରୁ ନିଜର ଉଜ୍ଜ୍ୱଳ ଭବିଷ୍ୟ ଆଶା କରନ୍ତି । ଉଲ୍ଲାସର ଚିହ୍ନ ସ୍ୱରୂପ ଲିଆ (ଲାଜା) ପରି ପବିତ୍ର ଓ ପ୍ରଫୁଲ୍ଲିତ ବସ୍ତୁ ବିବାହ ବେଦିରେ ବ୍ୟବହୃତ ହୁଏ । ଚାରିଥର ଲାଜାହୋମର ଶେଷଥର ବର ନିଜର ଅଂଜଳି ଉଠାଇ ନିଅନ୍ତି । ବର୍ତ୍ତମାନ କେବଳ କନ୍ୟା ଲାଜାର ଚତୁର୍ଥ ବା ଶେଷ ଆହୁତି ପ୍ରଦାନ କରନ୍ତି –

"ଭଗାୟ ସ୍ୱାହା । ଇଦଂ ଭଗାୟ ଇଦନ୍ନ ମମ ॥"

–ହେ ପରମେଶ୍ୱର ! ଆପଣ ଭଗ ବା ଏଶ୍ୱର୍ଯ୍ୟର ଭଣ୍ଡାର । ଆପଣ ଭଗବାନ ଅର୍ଥାତ୍ ସର୍ବ ଐଶ୍ୱର୍ଯ୍ୟବାନ୍ । ଯଜ୍ଞାଗ୍ନି ଉପରେ ଲାଜା ସ୍ଥାପନ କରି ମୁଁ ଐଶ୍ୱର୍ଯ୍ୟ ପାଇଁ ପ୍ରାର୍ଥନା କରୁଅଛି । ଆମର ନୂତନ ଜୀବନ ସଂପନ୍ନ ଓ ସମୃଦ୍ଧ ହେଉ ।

ମାତୃ ଗୌରବର ଉତ୍ସବ - ଦୁର୍ଗାପୂଜା

ପରମାତ୍ମା ଅନନ୍ତ ସୃଷ୍ଟିର ନିର୍ମାତା, ଧାରକ, ପୋଷକ ଓ ସଂହାରକ । ମନୁଷ୍ୟ କୌଣସି ନା କୌଣସି ପନ୍ଥାରେ ତାହାଙ୍କୁ ସ୍ୱୀକାର ଓ ଆରାଧନା କରେ । କେତେକେ ତାହାଙ୍କୁ ପରମପିତା କହନ୍ତି ତ କେତେକେ ଜଗଦମ୍ବା ମାତା ନାମରେ ସମ୍ବୋଧନ କରନ୍ତି । ଉପନିଷଦର ଋଷି ପ୍ରହୃଷ୍ଟ ମନରେ ଗାଇଥିଲେ – "ତ୍ୱମେବ ମାତା ଚ ପିତା ତ୍ୱମେବ" – ଅର୍ଥାତ୍ ହେ ପ୍ରଭୋ ! ତୁମେ ମାତାଙ୍କ ପରି ଆମର ଯତ୍ନନିଅ ଓ ପିତାଙ୍କ ପରି ପାଳନ ପୋଷଣ କର । ସ୍ୱୟଂ ବେଦ କହିଛନ୍ତି –

"ତ୍ୱଂ ହି ନଃ ପିତା ବସୋ ତ୍ୱଂ ମାତା ଶତକ୍ରତୋ ବଭୂବିଥ" (ଋଗ୍‌ବେଦ ୮,୧୦,୧୧)

ହେ ପରମାତ୍ମନ୍ ! ତୁମେ ଆମର 'ବସୁ' ଅର୍ଥାତ୍ ବାସଦାତା । ଆମର ପାଳନକର୍ତ୍ତା – ତେଣୁ ତୁମେ ଆମର ପିତା ଅଟ । ଆମର ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ 'ଶତକ୍ରତୁ' – ଅହର୍ନିଶ କର୍ମତତ୍ପର ରହ । ତୁମେ ଆମର ସ୍ନେହଦାତ୍ରୀ ମାତା ଅଟ । ତୁମେ ଆମର ମାତା ଓ ପିତା ଉଭୟ ।

ପ୍ରକୃତ ପକ୍ଷରେ ପରମାତ୍ମା ଅଲିଙ୍ଗ । ତାଙ୍କର ନିଜ ନାମ 'ଓଁ' । "ତସ୍ୟ ବାଚକ ପ୍ରଣବଃ" (ଯୋଗଦର୍ଶନ) । ତାଙ୍କର ପ୍ରକୃତ ନାମ ହେଉଛି 'ଓଁ' । ବେଦରେ ବର୍ଣ୍ଣିତ ଅଗ୍ନି, ବାୟୁ, ବରୁଣ, ଇନ୍ଦ୍ର ଆଦି ଓଁ ପଦର ବିଶେଷଣ ମାତ୍ର

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

। 'ଓଁ' କାରରେ ପରମାତ୍ମାଙ୍କର ଅନନ୍ତ ଗୁଣ–ଲକ୍ଷଣର ସମାବିଷ୍ଟ । ପରନ୍ତୁ ଅଗ୍ନି, ବାୟୁ, ଶିବ, ବିଷ୍ଣୁ ଆଦି ନାମରେ ତାଙ୍କର ଗୋଟିଏ ଗୋଟିଏ ଗୁଣ ହିଁ ଦ୍ୟୋତିତ ହୁଏ । ଯେପରି ଅଗ୍ନି-ଅଗ୍ରଣୀୟ ପ୍ରଭୁ, ବିଷ୍ଣୁ-ସର୍ବବ୍ୟାପକ ପ୍ରଭୁ, ବାୟୁ-ସର୍ବବଳଶାଳୀ ପ୍ରଭୁ, ଶିବ-ମଙ୍ଗଳକାରକ ପ୍ରଭୁ ଇତ୍ୟାଦି । ପରମାତ୍ମାଙ୍କର ବିଶେଷଣଯୁକ୍ତ ନାମ ଗୁଡିକର ଲିଙ୍ଗ ଥାଏ । ଶିବ, ବିଷ୍ଣୁ ଆଦି ପୁଂ ଲିଙ୍ଗ । ଦୁର୍ଗା, ସରସ୍ୱତୀ ଆଦି ସ୍ତ୍ରୀଲିଙ୍ଗ । ବ୍ରହ୍ମନ୍ ଶବ୍ଦ ନପୁଂସକ ଲିଙ୍ଗ । ପରନ୍ତୁ 'ଓଁ' ଏକ ଅବ୍ୟୟ ପଦ । ଅବ୍ୟୟ ତିନି ଲିଙ୍ଗରେ ସମାନ । ତେଣୁ ପ୍ରଭୁଙ୍କ ନିଜ ନାମ 'ଓଁ' କାର କୌଣସି ଲିଙ୍ଗଯୁକ୍ତ ନୁହେଁ । ଜୀବ ଦେହଧାରୀ । ତାହାର ଦେହରେ ପୁରୁଷ ବା ସ୍ତ୍ରୀ ସୂଚକ ଚିହ୍ନ ଥାଏ । ଚିହ୍ନକୁ ଲିଙ୍ଗ କହନ୍ତି । ପରମାତ୍ମା ଶରୀର ରହିତ । ତେଣୁ ସେ ଅଲିଙ୍ଗ । କୌଣସି ଅଦୃଷ୍ଟ ବା ପରୋକ୍ଷ ପଦାର୍ଥକୁ ବୁଝାଇବା ନିମନ୍ତେ ଦୃଷ୍ଟ ବା ପ୍ରତ୍ୟକ୍ଷ ବସ୍ତୁର ଉଦାହରଣ ଦିଆଯାଏ । ପରମାତ୍ମା ଅଦୃଷ୍ଟ । ଭକ୍ତ ତାଙ୍କୁ ମନୁଷ୍ୟ ବେଶରେ ବର୍ଣ୍ଣନା କରି ବୁଝିବାକୁ ଚେଷ୍ଟା କରେ । କେତେବେଳେ ନର ରୂପରେ, କେତେବେଳେ ନାରୀ ରୂପରେ, କେତେବେଳେ ପଶୁ-ପକ୍ଷୀ ଅଥବା ପର୍ବତ ରୂପରେ ଏପରି ବୁଝିବା ବେଦସମ୍ମତ ନ ହେଲେ ସୁଦ୍ଧା ସାଧାରଣ ବ୍ୟକ୍ତିଙ୍କ ପାଇଁ ବୋଧଗମ୍ୟ ହୁଏ ।

ସର୍ବପ୍ରଥମେ ଯେଉଁମାନେ ଦୁର୍ଗାମୁର୍ତ୍ତିରେ ପ୍ରାଣପ୍ରତିଷ୍ଠା କରିଥିଲେ, ସେମାନେ ମନୁଷ୍ୟ-ସମାଜରେ ମାତୃ ଜାତି ପ୍ରତି କୃତଜ୍ଞତା ଅର୍ପଣ ଉଦ୍ଦେଶ୍ୟରେ ଉତ୍ସବର ଆୟୋଜନ କରୁଥିଲେ । ଦୁର୍ଗା ହେଉଛନ୍ତି ମହିଷମର୍ଦ୍ଦିନୀ । ମହିଷ ବା ମଇଁଷୀ ଜୀବମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ଆଳସ୍ୟ-ପରାୟଣ । ଆଳସ୍ୟ ହେଉଛି ମନୁଷ୍ୟର ପ୍ରଧାନ ଶତ୍ରୁ । ଯେତେବେଳେ ପ୍ରଜା କର୍ମବିମୁଖ ଓ ବଳାସୀ ହୁଅନ୍ତି, ସେତେବେଳେ ଦେଶର ପତନ ସୁନିଶ୍ଚିତ ହୁଏ । ସେମାନଙ୍କୁ ଜାଗ୍ରତ କରିବା ପାଇଁ ଦୁର୍ଗାଙ୍କର ଆବିର୍ଭାବ ଘଟେ । ଶକ୍ତିର ପ୍ରତୀକ ସେ ସିଂହବାହିନୀ । ସିଂହ ପଶୁସମ୍ରାଟ । ସେ ବଳର ପ୍ରତୀକ । ତେଣୁ ଦୁର୍ଗାଙ୍କ ନିମନ୍ତେ ସିଂହଠାରୁ ଅଧିକ ଉପଯୁକ୍ତ ବାହନର କଳ୍ପନା କରାଯାଇ ନପାରେ । ଦୁର୍ଗା ସମସ୍ତ ଦେବଙ୍କର ଅଂଶରୁ ଜାତ ବୋଲି ପୁରାଣଗୁଡିକ ବର୍ଣ୍ଣନା କରିଛନ୍ତି –

ବ୍ରହ୍ମତେଜୁ ଅନଳ ଯେ ହୋଇଲା ସଂଜାତ
ସେ ଅନଳ ମଧ୍ୟୁ ତାଙ୍କ କଳେବର ଜାତ ।
ବିଷ୍ଣୁଙ୍କ ଅଗ୍ନିରୁ ତାଙ୍କ ମୁଖ ବିକଶିଲା
ଈଶ୍ୱର ଅଗ୍ନିରୁ ଜାତ ଦନ୍ତପନ୍ତି ହେଲା ।
ଚନ୍ଦ୍ରତେଜ ଅନଳରୁ ନୟନ ପ୍ରକାଶ
ସୂର୍ଯ୍ୟତେଜ ଅଗ୍ନିରୁ ଯେ ନାସିକା ବିକାଶ ॥

କେତେ ସୁନ୍ଦର କଳ୍ପନା ! ସମସ୍ତ ଦିବ୍ୟଶକ୍ତିର ଅଧିକାରିଣୀ ଦୁର୍ଗା ଦିବ୍ୟମାନବର ଅଧିଷ୍ଠାତ୍ରୀ ମାତା ଅଟନ୍ତି । ମାତୃ-ସ୍ମରଣ ମାତ୍ରେ, ମନୁଷ୍ୟର ମନରୁ ସକଳ ବିକାର ଦୂରୀଭୂତ ହୁଏ । 'ନାସ୍ତି ମାତୃସମୋ ଗୁରୁଃ' – ଅର୍ଥାତ୍ ମାତାଙ୍କ ସମାନ ଗୁରୁ ନାହାନ୍ତି । "ମାତା ପୃଥିବ୍ୟା ମୂର୍ତ୍ତି" - ପାଳନ ଓ ସହନଶୀଳତା କାରଣରୁ ମାତା ପୃଥିବୀର ମୂର୍ତ୍ତି । "ମାତା ନିର୍ମାତା ଭବତି"- ମାତା ମାନବଜାତିର ନିର୍ମାତ୍ରୀ ।

ମାତୃ-ଗୌରବ ପ୍ରତିଷ୍ଠା ପାଇଁ ଦୁର୍ଗାପୂଜା ଆରମ୍ଭ ହୋଇଥିଲା । ଆଜି ମାତୃମର୍ଯ୍ୟାଦା ଲୁଣ୍ଠିତ ହେଉଛି । ଅଶ୍ଳୀଳ ପୁସ୍ତକ, ଚଳଚ୍ଚିତ୍ର ଓ ଦୂରଦର୍ଶନରେ ମାତୃଶକ୍ତିର ଦୁର୍ଗାରୂପ ଦିଶୁନାହିଁ । ବିଳାସିନୀ, ଅସଂଯତା, ଶୃଂଗାରରତା ନାରୀମାନଙ୍କର ଚିତ୍ରରେ ଗଣମାଧ୍ୟମ କଳଙ୍କିତ ହେଉଛି । ବାଳିକା, ବୃଦ୍ଧା, ରୋଗିଣୀ, ପାଗଳିନୀ, ଗର୍ଭିଣୀ, ଅନ୍ଧୁଣୀ ଆଦି ମହିଳାମାନେ ମଧ୍ୟ ଧର୍ଷିତା ହେବାର ସମ୍ବାଦ ଦେଖିବାକୁ ମିଳୁଛି । ସମ୍ବାଦପତ୍ର ପୃଷ୍ଠାଗୁଡିକର କଳେବର

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ମାତୃ-ଅବମାନନାର ସମାଚାରରେ କଳୁଷିତ ହେଉଛି । ଏକ ସମୟରେ ଆମ ପୂର୍ବପୁରୁଷ ଉପଦେଶ ଦେଉଥିଲେ– "ମାତୃବତ୍ ପରଦାରେଷୁ" – ଅନ୍ୟର ସ୍ତ୍ରୀକୁ ମାଆ ଭାବରେ ଦେଖ । ମାତୃଜାତି ପ୍ରତି ଶିଷ୍ଟାଚାରର ଦୃଷ୍ଟାନ୍ତ ଆମ ଇତିହାସରେ ବିରଳ ନୁହେଁ । ରାବଣ ସୀତାଙ୍କୁ ହରଣ କରି ନେଉଥିବା ଅବସରରେ ମାତା ସୀତା ଆକାଶ-ମାର୍ଗରୁ କେତେ ଜଣ ବାନରଙ୍କ ଉଦ୍ଦେଶ୍ୟରେ ନିଜର ଆଭୂଷଣ ଗୁଡିକୁ ଗୋଟିଏ ରୁମାଲରେ ବାନ୍ଧି ତଳକୁ ପିଙ୍ଗି ଦେଲେ । ବାନରମାନେ ତାହାକୁ ନିଜର ଦଳପତି ସୁଗ୍ରୀବଙ୍କୁ ଦେଲେ । ସୁଗ୍ରୀବ ରାମଙ୍କ ସହିତ ବନ୍ଧୁତା ସ୍ଥାପନ ପରେ ଅଳଙ୍କାର ଗୁଡିକୁ ରାମଙ୍କୁ ଦେଖାଇଲେ । ରାମ ସେ ଗୁଡିକୁ ଚିହ୍ନିବା ପାଇଁ ଭାଇ ଲକ୍ଷ୍ମଣଙ୍କୁ କହିଲେ । ସେତେବେଳେ ଲକ୍ଷ୍ମଣ କହିଥିଲେ –

ନାହଂ ଜାନାମି କେୟୂରେ ନାହଂ ଜାନାମି କୁଣ୍ଡଳେ ।
ନୂପୁରାବେବ ଜାନାମି ନିତ୍ୟଂ ପାଦାଭିବନ୍ଦନାତ୍ ॥

ହେ ଭ୍ରାତା ! ମୁଁ ମାତା ସୀତାଙ୍କ ହାତ ଓ କାନରେ ପିନ୍ଧିଥିବା ଅଳଙ୍କାରଗୁଡିକ ଚିହ୍ନି ପାରିବି ନାହିଁ । କାରଣ କେବେହେଲେ ମୁଁ ତାଙ୍କର ମୁହଁକୁ ଚାହିଁ ନାହିଁ । ତାଙ୍କର ପାଦରେ ଥିବା ଆଭୂଷଣ ଜାଣି ପାରିବି କାରଣ ସବୁବେଳେ ତାଙ୍କର ପାଦପଦ୍ମରେ ନମିତ ହେଉଥିଲି । ରାମାୟଣ କାଳରେ ଲୋକଙ୍କର ଦୃଢ ବିଶ୍ୱାସ ଥିଲା ଯେ ସତୀ ସାଧ୍ୱୀ ସ୍ତ୍ରୀର ଟୋପାଏ ଅଶ୍ରୁ ଭୂତଳରେ ପଡି ନଷ୍ଟ ହୁଏ ନାହିଁ । ରାବଣ ବର୍ଷ ବର୍ଷ ଧରି ଅଶୋକ ବାଟିକାରେ ସୀତାଙ୍କୁ ନାନା ପ୍ରଲୋଭନ ଦେଖାଇ ଆୟତ୍ତ କରିବା ଚେଷ୍ଟା କରିଥିଲା, କିନ୍ତୁ ଥରେ ସୁଦ୍ଧା ତାଙ୍କର ଦେହକୁ ସ୍ପର୍ଶ କରି ନ ଥିଲା । ସେ ସୀତାଙ୍କୁ କେବଳ ଅପହରଣ କରିଥିଲା ବୋଲି ଲକ୍ଷ ଲକ୍ଷ ବର୍ଷ ଧରି ରାବଣପୋଡି ଉତ୍ସବ ଆମେ ପାଳନ କରୁଛୁ । କିନ୍ତୁ ଥରେ ମଧ୍ୟ ଚିନ୍ତା କରୁନାହୁଁ ଯେ ଆଜିର ଉଦ୍ଧତ ପୁରୁଷମାନେ ରାବଣ ଠାରୁ ଅଧିକ ହୀନ ଆଚରଣ କରି ମଧ୍ୟ ସମ୍ମାନର ସହିତ ଜୀବନ ଅତିବାହିତ କରୁଛନ୍ତି ।

ଦୁର୍ଗାପୂଜା ମଣ୍ଡପରେ ଶୋଭା ପାଉଥିବା ଦୁର୍ଗାମୂର୍ତ୍ତିଙ୍କୁ ଭକ୍ତିପୂର୍ଣ୍ଣ ନୟନରେ ଦର୍ଶନ କରିବା ବେଳେ ନିକଟରେ ଥିବା ବାଳିକା ଠାରୁ ବୃଦ୍ଧା ପର୍ଯ୍ୟନ୍ତ ସମସ୍ତ ନାରୀଙ୍କୁ ସମ୍ମାନଯୁକ୍ତ ଦୃଷ୍ଟିରେ ଦେଖିବା ଆବଶ୍ୟକ । ବିଜ୍ଞ ପୁରୁଷମାନେ ମଧ୍ୟ ପୂଜାସ୍ଥଳକୁ ସଂଯତ, ଶୃଙ୍ଖଳିତ ଓ ପବିତ୍ର ରଖିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି । ସତେ ଯେପରି ଉତ୍ସବ ପରିଚାଳନା ପାଇଁ ଆମ ଦେଶରେ କେହି ମାର୍ଗଦର୍ଶକ ଅଭିଭାବକ ନାହାନ୍ତି । ଅର୍ଥସାପେକ୍ଷ ମୂର୍ତ୍ତି ଗଢାଯାଉଛି । ଚାକଚକ୍ୟ ପୂର୍ଣ୍ଣ ପୂଜା-ମଣ୍ଡପ ନିର୍ମିତ ହେଉଛି । ଯୁବକମାନେ ପୂଜା-ଆରାଧନାରେ ଆଚାର-ନିୟମକୁ ପାଳନ ନ କରି ଚିତ୍ତ-ବିନୋଦନ ପାଇଁ ଅଶ୍ଳୀଳ ଗୀତ ପରିବେଷଣ କରୁଛନ୍ତି । ଯୁବକମାନେ ଉତ୍ସବର ଆୟୋଜକ, ସଂଚାଳକ ସବୁ କିଛି । ସେଠାରେ ଧାର୍ମିକ ପ୍ରବଚନ ହେଉନାହିଁ କି ଯାଗଯଜ୍ଞ ହେଉନାହିଁ । ପୂଜା ସମୟରେ ଭକ୍ତି ସଂଗୀତ ପରିବେଷଣ କରାଯାଉନାହିଁ । କାମୋଦ୍ଦୀପକ ଅଶ୍ଳୀଳ ସଂଗୀତର ମୂର୍ଚ୍ଛନାରେ ମନରୁ ଭକ୍ତି ମଉଳି ଯାଉଛି । ମଧ୍ୟକାଳୀନ ସ୍ୱାର୍ଥପର ଧର୍ମାଚାର୍ଯ୍ୟମାନେ କହିଛନ୍ତି ଯେ ମଦ୍ୟ, ମାଂସ, ମୈଥୁନ, ମତ୍ସ୍ୟ ଓ ମୁଦ୍ରା ଏହି ପଞ୍ଚ 'ମ' କାରର ଉପଚାରରେ ଦୁର୍ଗା ଆପ୍ୟାୟିତ ହୁଅନ୍ତି । ଅନେକ ଭକ୍ତ ଦୁର୍ଗା ମନ୍ଦିରରେ ସ୍ୱର୍ଗ-ପ୍ରାପ୍ତି ଆଶାରେ ପଶୁବଳି ପରି ଅମାନୁଷିକ କାର୍ଯ୍ୟ କରନ୍ତି । ମନୁଷ୍ୟ ନିଜର ପାଶବିକତାକୁ ନାଶ କରିବା ନିମନ୍ତେ ପ୍ରଯତ୍ନ ନ କରି ନିରୀହ ପଶୁମାନଙ୍କୁ ଦୁର୍ଗାମୂର୍ତ୍ତି ଆଗରେ ବଳି ଦେବାର ନୀଚ-ପ୍ରଥା ପ୍ରଚଳନ କରି ଆତ୍ମସନ୍ତୋଷ ଲାଭ କରିଥାଏ । ନିଜର ରସନାତୃପ୍ତି ଓ ଦେହରପୁଷ୍ଟି ପାଇଁ ଅନ୍ୟର ଜୀବନକୁ ନଷ୍ଟ କରିବା ଭଳି ହୀନ କାର୍ଯ୍ୟ ମାଆର ସମ୍ମାନକୁ ନଷ୍ଟ କରିବା ସହିତ ସମାନ ଅଟେ । କୌଣସି ମାଆ ନିଜର ସନ୍ତାନମାନଙ୍କୁ ହତ୍ୟା କରିବା ଚାହେ ନାହିଁ । ଦୁର୍ଗାପୂଜାର

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ପୁନରୁଦ୍ଧାର ଆବଶ୍ୟକ । ଆଜି ଦୁର୍ଗାପୂଜାର ମଣ୍ଡପରେ ପୁରୁଷବର୍ଗ ମାତୃଜାତିକୁ ସମ୍ମାନ ଦେବା ପାଇଁ ସଂକଳ୍ପ ନିଅନ୍ତୁ । ପୂଜାମଣ୍ଡପରେ ମାତୃଗୌରବର ପ୍ରତିଷ୍ଠା ପାଇଁ ସଭା-ସମିତି, ଆଲୋଚନାଚକ୍ର ଅନୁଷ୍ଠିତ ହେଉ । ମାତୃଜାତିର ସମ୍ମାନର ପ୍ରତୀକ ହେଉଛନ୍ତି ଦୁର୍ଗା ।

ଲୋକେ ବୈଦିକ ଯୁଗରେ ମାତୃଜାତିକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପରମେଶ୍ୱରଙ୍କ ସ୍ୱରୂପକୁ ନାରୀ ରୂପରେ ଦେଖୁଥିଲେ । ଯେପରି ଶକ୍ତିର ଅଧିଷ୍ଠାତ୍ରୀ ଦେବୀ ଦୁର୍ଗା ବା ମହାମାୟା, ବିଦ୍ୟାର ସରସ୍ୱତୀ, ଧନର ଲକ୍ଷ୍ମୀ, ସୌନ୍ଦର୍ଯ୍ୟର ରତି ରୂପରେ ଆଜିଯାଏ ପୂଜା ପାଇ ଆସୁଛନ୍ତି । ମାତୃଶକ୍ତିକୁ ସମ୍ମାନ ଦେବାକୁ ହେଲେ ବୈଦିକଯୁଗକୁ ଅନୁକରଣ କରିବାକୁ ପଡିବ । ବେଦରେ ଦୁର୍ଗାରୂପୀ ନାରୀ ଘୋଷଣା କରନ୍ତି – "ଅହଂ କେତୁଃ ଅହଂ ମୁର୍ଦ୍ଧା" – ମୁଁ ପରିବାରର ପତାକା ସଦୃଶ୍ୟ । ଜାତୀୟ ପତାକା ଯେପରି ଦେଶର ସମ୍ମାନ ରକ୍ଷା କରେ, ମୁଁ ମଧ୍ୟ ପରିବାରର ଗୌରବ ରକ୍ଷା କରେ । ବୈଦିକ ନାରୀ ପୁଣି ଗର୍ଜନା କରି କହେ– ମୁଁ ଶରୀରରେ ମସ୍ତକତୁଲ୍ୟ । ଯେପରି ମସ୍ତକକୁ ଦେଖି ମନୁଷ୍ୟକୁ ଚିହ୍ନି ହୁଏ, ସେପରି ମୋତେ ଦେଖି ମୋର ପରିବାରର ଶିକ୍ଷା, ସଂସ୍କୃତି ଓ ସଭ୍ୟତାର ଜାଣିହୁଏ । ମସ୍ତକ କଟିଗଲେ ମନୁଷ୍ୟ ମରିଯାଏ, ଅନ୍ୟ ଅଙ୍ଗପ୍ରତ୍ୟଙ୍ଗର ହାନି ଦ୍ୱାରା ସେ ମରେ ନାହିଁ । ସେହିପରି ଗୃହିଣୀ ନ ଥିବା ଘର ଅନ୍ଧକାର ସଦୃଶ୍ୟ ଅଟେ । ମାତୃଶକ୍ତି ସଂସାର ଓ ସମ୍ମାନର ପତାକା ଅଟେ । ସେହି ପତାକା ଆକାଶରେ ଉତ୍ତୋଳିତ ରହି ମାନବଜାତିର ଗୌରବ ରକ୍ଷା କରେ । ଆଦର୍ଶ ପରିବାର, ଉନ୍ନତ ସମାଜ ଓ ରାଷ୍ଟ୍ର ନିମନ୍ତେ ଆଦର୍ଶ ନାରୀର ନିର୍ମାଣ ଆବଶ୍ୟକ । ନାରୀର ଜୀବନ ଯଦି ଆଦର୍ଶମୟ ନ ହୁଏ, ତାହାହେଲେ ସମାଜ, ରାଷ୍ଟ୍ର ଓ ବିଶ୍ୱରେ ଅଶାନ୍ତି, ବିଶୃଙ୍ଖଳା ଓ ଦୁର୍ନୀତି ଭରି ଯିବ । ଆମ ସମାଜ ପ୍ରାଚୀନ ଭାରତୀୟ ଆଦର୍ଶର ଅନୁଗାମୀ ହେଉ । ନାରୀ ସୀତା, ଦ୍ରୌପଦୀ, ଅନୁସୂୟା ଆଦି ମହିୟସୀ ମହିଳାଙ୍କ ପଦାନୁସରଣ କରୁ । ଜନନୀ, ଜାୟା ଓ ସମାଜନେତ୍ରୀ ରୂପରେ ନାରୀ 'ଦେବୀ' ପଦବାଚ୍ୟା ହେଉ । ନାରୀ ନିଜେ ଦିବ୍ୟଗୁଣରେ ଅଧିକାରୀଣୀ ହୋଇ ନିଜର ସ୍ୱାମୀ, ପୁତ୍ର, କନ୍ୟା ଓ ଅନ୍ୟମାନଙ୍କୁ ଗୁଣବାନ କରୁ । ଶିକ୍ଷାଳୟରେ ଶିକ୍ଷୟତ୍ରୀ ରୂପରେ ହେଉ, ନ୍ୟାୟାଳୟରେ ନ୍ୟାୟପତି ରୂପରେ ହେଉ, ଚିକିତ୍ସାଳୟରେ ସେବିକା ରୂପରେ ହେଉ କିମ୍ବା ଶାସନକ୍ଷେତ୍ରରେ ଜନନେତ୍ରୀ ରୂପରେ ହେଉ, ପ୍ରତ୍ୟେକ ସ୍ଥଳରେ ନାରୀ ଆଦର୍ଶମୟୀ ଓ ଅଗ୍ରଗଣ୍ୟା ହେଉ । ପୂଜାମଣ୍ଡପରେ ଉପସ୍ଥିତ ମାଆ, ଭଉଣୀମାନେ ଦୁର୍ଗାମୂର୍ତ୍ତି ଦର୍ଶନ କରି ନିଜର ସ୍ୱରୂପକୁ ହୃଦୟଙ୍ଗମ କରନ୍ତୁ । ସେମାନଙ୍କର ପ୍ରତିନିଧି ରୂପରେ ଯେଉଁ ଦୁର୍ଗା ପୂଜିତ ହେଉଛନ୍ତି, ସେ ଅପରାଜିତା ଓ ମହାନ୍ ଶକ୍ତିର ଭଣ୍ଡାର । ନାରୀସମାଜ ଦୁର୍ଗାଙ୍କୁ ଆଦର୍ଶ ଭାବରେ ଗ୍ରହଣ କରୁ ଓ ମହିଷାସୁର ରୂପୀ ଲମ୍ପଟୀ, ବ୍ୟଭିଚାରୀ ପୁରୁଷମାନଙ୍କୁ ପୃଥିବୀ ପୃଷ୍ଠରୁ ନିଶ୍ଚିହ୍ନ କରୁ ।

ଦିନ ଥିଲା ଯେତେବେଳେ ଜଣେ ନାରୀ ଏକାକୀ ବଣ ଜଙ୍ଗଲରେ ଯାଉଥିବା ବେଳେ ପଶୁପକ୍ଷୀଙ୍କ ଆକ୍ରମଣକୁ ଭୟ କରୁଥିଲା ଓ ନିଜର ରକ୍ଷା ପାଇଁ ମନୁଷ୍ୟକୁ ଖୋଜୁଥିଲା । ମନୁଷ୍ୟ ତାହାକୁ ରକ୍ଷା କରିବ । ଆଜି ସଭ୍ୟ ଶିକ୍ଷିତ କୁହାଯାଉଥିବା ଆଧୁନିକ ମନୁଷ୍ୟ-ସମାଜରେ ପଥାଚାରୀ ନାରୀ ଦିବାଲୋକରେ ପୁରୁଷକୁ ଦେଖି ଭୟଭୀତ ହେଉଛି ଯେହେତୁ ସେ ଆଜି ହିଂସ୍ରକ ହୋଇଯାଇଛି । ଦୁର୍ଗୋତ୍ସବର ଏହି ପବିତ୍ର ଅବସରରେ ନାରୀର ଏହି ଦୁର୍ଗତିକୁ ଅନୁଧ୍ୟାନ କରି ତାହା ପ୍ରତିକାର ପାଇଁ ସଂକଳ୍ପ ନେବା ଆବଶ୍ୟକ ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଆର୍ଯ୍ୟଙ୍କ ପର୍ବପର୍ବାଣୀ

ଜାତୀୟ ଜୀବନର ବାସ୍ତବିକ ସ୍ୱରୂପ ଜାତୀୟ ପର୍ବମୁକୁରରେ ପ୍ରତିବିମ୍ବିତ ହୁଏ । ଯେଉଁ ଜାତି ଯେଉଁ ରୂପେ ଶ୍ରଦ୍ଧା, ପ୍ରେମ ଓ ଉତ୍ସାହ ସହକାରେ ଜାତୀୟ ପର୍ବର ଅନୁଷ୍ଠାନ କରେ; ସେହି ଜାତି ସେତେ ଉନ୍ନତ, ଉତ୍କୃଷ୍ଟ ଓ ମହାନ ବୋଲି ପରିଗଣିତ ହୁଏ । ଯେଉଁ ଜାତି ନିଜର ଯୁଗ ପ୍ରବର୍ତ୍ତକ ମହାପୁରୁଷଙ୍କ ପ୍ରାଚୀନ ସ୍ମୃତିର ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନଙ୍କ ଜନ୍ମମରଣାଦି ଉତ୍ସବ ପାଳନ କରେ; ସେହି ଜାତି ପ୍ରଗତିଶୀଳ ହୁଏ । ଯେଉଁ ଜାତି ପ୍ରାକୃତିକ ପରିବର୍ତ୍ତନ ଅନୁସରଣ କରି ଋତୁ ଉପଯୋଗୀ ବିଶେଷ ପର୍ବପର୍ବାଣୀର ବିଧାନ କରେ; ସେହି ଜାତି ସବୁବେଳେ ସୁସ୍ଥ ଓ ସୁଖୀ ହୁଏ । ଯନ୍ତ୍ର ପରି ଯେଉଁ ଜାତି ସର୍ବଦା କର୍ମବ୍ୟସ୍ତ ନ ରହି ହୃଦୟୋଲ୍ଲାସ ଓ ମନୋରଞ୍ଜନାର୍ଥେ କୌଣସି କୌଣସି ବିଶିଷ୍ଟ ଦିବସରେ ପର୍ବ ପାଳନ କରିଥାଏ, ସେହି ଜାତି ଦୀର୍ଘଜୀବୀ ଓ ଚିରସ୍ଥାୟୀ ହୁଏ । ଏହିହେତୁ ସଂସାରର ସମସ୍ତ ଜାତି ପର୍ବକୁ ଉତ୍ସବ, ଇଦ୍, ଦର୍ଶନ, ହୋଲି-ଡେ ଆଦି ନାମ ଦେଇ ସମାରୋହ ସହ ପାଳନ କରନ୍ତି ।

ସଂସାରର ସର୍ବପ୍ରଥମ ସଂସ୍କୃତିର ଜନ୍ମସ୍ଥଳ ଭାରତଭୂମିର ଆର୍ଯ୍ୟ ସନ୍ତାନଗଣ ଯେଉଁ ପର୍ବପର୍ବାଣୀର ବିଧାନ କରିଥିଲେ; ସେସବୁ ସ୍ୱାସ୍ଥ୍ୟନୁକୂଳ ଓ ନୀତିପୂର୍ଣ୍ଣ ଥିଲା । ଆର୍ଯ୍ୟମାନଙ୍କ ନ୍ୟାୟ, ନିଷ୍ପତ୍ତି, ଆଚାର, ବିଚାର, ଆହାର, ଶିକ୍ଷା ଆଦି ସମସ୍ତ କର୍ମ ଧର୍ମ-ସଂଶ୍ଳିଷ୍ଟ ଥିଲା । କିନ୍ତୁ ଆଜିକାଲି ଲୋକଙ୍କ ଧର୍ମ କେବଳ ମନ୍ଦିରର ପ୍ରାଚୀର ମଧ୍ୟରେ ସୀମାବଦ୍ଧ । ଦୈନିକ କେତେ ମିନିଟ ଈଶ୍ୱରୋପାସନା ବ୍ୟତୀତ ଦିନର ଅବଶିଷ୍ଟ ସମୟ ଧର୍ମ ସହ ସମ୍ବନ୍ଧ ନୁହେ ବୋଲି ସେମାନଙ୍କର ଧାରଣା । ତେଣୁ ଆଜିକାଲି ନ୍ୟାୟବିଚାର ପାଇଁ ନୀତିଶାସ୍ତ୍ର, ସ୍ୱାସ୍ଥ୍ୟରକ୍ଷା ପାଇଁ ଚିକିତ୍ସା ବିଦ୍ୟା, କଳା କୌଶଳପାଇଁ ଶିଳ୍ପଶାସ୍ତ୍ରର ପୃଥକ୍ ପୃଥକ୍ ପୁସ୍ତକ ଦେଖିବାକୁ ମିଳେ । କିନ୍ତୁ ସେକାଳର ଆଚାର, ସ୍ୱାସ୍ଥ୍ୟବିଦ୍ୟା, ଆଇନକାନୁନ ଆଦି ସମସ୍ତ ଶିକ୍ଷା କେବଳ ଗୋଟିଏ, 'ଧର୍ମଗ୍ରନ୍ଥ'ରେ ଲିପିବଦ୍ଧ ଥିଲା । ଯେପରି 'ମନୁସ୍ମୃତି'ରେ ଶୌଚ, ସ୍ନାନ, ସନ୍ଧ୍ୟୋପାସନା, ପରସ୍ପର ବ୍ୟବହାର ବ୍ୟାପାର, ଭୋଜନ, ଛାଦନ ଆଦି ସମସ୍ତ କର୍ମ ଗୋଟିଏ ଧର୍ମଗ୍ରନ୍ଥରେ ସମାବିଷ୍ଟ । ସେପରି ମାଂସାହାର ବିଜ୍ଞାନ ଦୃଷ୍ଟିରୁ ସ୍ୱାସ୍ଥ୍ୟପ୍ରଦ ହେଲେ ବି ଧର୍ମସମ୍ମତ ହୋଇ ନ ଥିବାରୁ ତାହା ବର୍ଜିତ ଥିଲା । ଆର୍ଯ୍ୟଙ୍କ ପର୍ବ, ଯଜ୍ଞ ଆଦି ଧର୍ମ ସହିତ ଘନିଷ୍ଠ ସମ୍ପର୍କ ରଖୁଥିଲା । ଏହା ହିଁ ଆର୍ଯ୍ୟଙ୍କ ପର୍ବର ବିଶେଷତ୍ୱ ।

ଧର୍ମର ତିନୋଟି ବିଶିଷ୍ଟ ଅଙ୍ଗ ଯଜ୍ଞ, ଅଧ୍ୟୟନ ଓ ଦାନ । ଆର୍ଯ୍ୟଙ୍କ ପର୍ବପର୍ବାଣୀ ଧର୍ମ ସହ ଘନିଷ୍ଠ ସମ୍ପର୍କ ରଖିଥିବା ହେତୁ ଧର୍ମର ଏହି ତିନୋଟି ଅଙ୍ଗ ସେମାନଙ୍କ ପ୍ରତ୍ୟେକ ପର୍ବରେ ପ୍ରତିଫଳିତ ହେଉଥିଲା । ଯେକୌଣସି ମହତ୍ କାର୍ଯ୍ୟକୁ ଯଜ୍ଞ କୁହାଗଲେ ବି ବେଦୋଚ୍ଚାରଣ ପୂର୍ବକ ଅଗ୍ନିରେ ଘୃତାହୁତିକୁ ଯଜ୍ଞାର୍ଥରେ ନେଇ ଆର୍ଯ୍ୟମାନେ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ପ୍ରତ୍ୟେକ ପର୍ବରେ ହବନ ବିଧାନ କରୁଥିଲେ । ସେହିପରି ପ୍ରତ୍ୟେକ ପର୍ବରେ ଅଧ୍ୟୟନ ଓ ଦାନ ପାଇଁ ବେଦାଧ୍ୟୟନ ଓ ଦ୍ରବ୍ୟଦାନ ବିଶେଷ ରୂପେ ଅନୁସୃତ ହେଉଥିଲା ।

ଆର୍ଯ୍ୟମାନଙ୍କ ପର୍ବକୁ ପର୍ଯ୍ୟାଲୋଚନା କଲେ ସେସବୁ ଚାରି ଭାଗରେ ବିଭକ୍ତ ହୋଇଥିବାର ଜଣାଯାଏ । (୧) ଯଜ୍ଞସମ୍ବନ୍ଧୀୟ (୨) ଋତୁ ପରବର୍ତ୍ତନ ସମ୍ବନ୍ଧୀୟ (୩) ମନୋରଞ୍ଜନ ସମ୍ବନ୍ଧୀୟ (୪) ମହାପୁରୁଷଙ୍କ ଜୀବନୀ ସମ୍ବନ୍ଧୀୟ ।

ବୈଦିକ କାଳ ଓ ବ୍ରାହ୍ମଣ କାଳ ବୃହତ୍ ବୃହତ୍ ଯଜ୍ଞାନୁଷ୍ଠାନ ଲାଗି ପ୍ରସିଦ୍ଧିଲାଭ କରିଥିବାରୁ ତାହା ଯାଜ୍ଞିକ ଯୁଗ ବା ଯଜ୍ଞଯୁଗ ନାମରେ ପରିଚିତ । ସେହି ଯଜ୍ଞଯୁଗରେ ସ୍ୱତନ୍ତ୍ର ସମୟରେ ରାଜସୂୟ, ଅଶ୍ୱମେଧ, ଗୋମେଧ, ବାଜପେୟ, ଅଗ୍ନିଷ୍ଟୋମ, ଦର୍ଶେଷ୍ଟି ଓ ପୂର୍ଣ୍ଣମାସେଷ୍ଟି ଆଦି ମହାଯଜ୍ଞମାନେ ଅନୁଷ୍ଠିତ ହେଉଥିଲା । ରାଜସିଂହାସନରେ ବସିବା ଲାଗି ରାଜସୂୟ ଯଜ୍ଞ, ସମସ୍ତ ଦିଗ ଜୟ କରବା ଲାଗି ଅଶ୍ୱମେଧ ଯଜ୍ଞ, ଭୂମିକୁ ଉର୍ବରା କରିବା ଲାଗି ଗୋମେଧ, ବସନ୍ତ ଆଗମନ ବେଳେ ଅଗ୍ନିଷ୍ଟୋମ ଓ ବାଜପେୟ, ପୂର୍ଣ୍ଣିମା ବେଳେ ପୂର୍ଣ୍ଣମାସେଷ୍ଟି, ଅମାବାସ୍ୟା ବେଳେ ଦର୍ଶେଷ୍ଟି ଆଦି ନୈମିତ୍ତିକ ଯଜ୍ଞମାନଙ୍କର ବିଧାନ ହେଉଥିଲା । ପୂର୍ଣ୍ଣିମା, ଅମାବାସ୍ୟା ତିଥିରେ ପୃଥିବୀ ଓ ପାର୍ଥିବ ଦେହରେ ପୂର୍ଣ୍ଣୋଦୟ, ପୂର୍ଣ୍ଣାସ୍ତର ପ୍ରଭାବ ସମ୍ଭାବନାରେ ତାର ପ୍ରତିକ୍ରିୟା ନିବାରଣାର୍ଥେ ଓ ଶକ୍ତିବୃଦ୍ଧି ବର୍ଦ୍ଧନାର୍ଥେ ବିଶେଷ ଯଜ୍ଞମାନ ହେଉଥିଲା । ଏହି ପ୍ରୟୋଜନ ନେଇ ସେ କାଳର ଆର୍ଯ୍ୟମାନେ ପର୍ବନାମରେ ଯଜ୍ଞ ଆୟୋଜନ କରୁଥିଲେ ।

ଋତୁ ଆଗମନରେ ସୂଚନା ଦେବା ଲାଗି ଋତୁ ପରିବର୍ତ୍ତନ ସମୟରେ ମଧ୍ୟ ପର୍ବମାନ ହେଉଥିଲା । ପ୍ରତ୍ୟେକ ଋତୁ ପରିବର୍ତ୍ତନ ସମୟରେ ଜ୍ୱର, ରୋଗାଦିର ଆଧିକ୍ୟ ଦେଖାଯାଇଥାଏ । ତେଣୁ ସେହି ସମୟରେ ଯଜ୍ଞ, ହୋମଦ୍ୱାରା ବାୟୁମଣ୍ଡଳ ଶୁଦ୍ଧ କରାଯାଇ ରୋଗମୁକ୍ତ କରିବା ନିମିତ୍ତ ଏହି ପର୍ବମାନ ଅନୁଷ୍ଠିତ ହେଉଥିଲା । ବର୍ଷାଋତୁ ଅତୀତ ହେବା ପରେ ଅନିର୍ମଳ ଦୁର୍ଗନ୍ଧ ଜଳାବାୟୁର ଶୋଧନ, ଗୃହ-ସ୍ୱଚ୍ଛତା ଓ ସାଜସଜା ଏବଂ ଶୀତକାଳୀନ ବସ୍ତ୍ର ଧାରଣ କରିବାକୁ ହୁଏ । ଏହି ରୂପେ ବିଜୟାଦଶମୀ, ଦୀପାବଳୀ, ବସନ୍ତପଞ୍ଚମୀ, ହୋଲି ଆଦି ପର୍ବ ଋତୁ ପରିବର୍ତ୍ତନ ସମୟରେ ପାଳିତ ହୁଏ । ଋତୁମାନଙ୍କର ପ୍ରାକୃତିକ ପରିବର୍ତ୍ତନ ଅନୁସରଣ କରି ଶୃଙ୍ଖଳିତ ଓ ନିୟମିତ ରୂପେ ଗୃହ, ଜଳ, ବାୟୁର ଶୋଧନ, ଋତୁ ଅନୁକୂଳ ବସ୍ତ୍ରଧାରଣ ଆର୍ଯ୍ୟଙ୍କ ଶିଷ୍ଟ ପ୍ରକୃତି ଥିଲା । ଆର୍ଯ୍ୟମାନେ ଋତୁ ଅନୁସାରେ କେତେକ ପର୍ବ ସମୟରେ ଉପବାସର ବିଧାନ କରୁଥିଲେ ତ କେତେକ ପର୍ବ ସମୟରେ କେଉଁ ଖାଦ୍ୟ ସେବନ କଲେ ସୁପାଚ୍ୟ ହେବ, ତାର ନିର୍ଭୁଲ ବିଧାନ କରିଥିଲେ ।

ଆର୍ଯ୍ୟମାନଙ୍କ ପର୍ବପର୍ବାଣୀ ସ୍ୱାସ୍ଥ୍ୟାନୁକୂଳ ହୋଇଥିବାରୁ ଶାସକଙ୍କର ପୃଷ୍ଠପୋଷକତାରେ ସେ ସବୁ ଅନୁଷ୍ଠିତ ହେଉଥିଲା । କିନ୍ତୁ ବର୍ତ୍ତମାନ ଗଣତନ୍ତ୍ର ଶାସନରେ ପର୍ବପର୍ବାଣୀକୁ ବୋଧହୁଏ ସାମ୍ପ୍ରଦାୟିକ ଉତ୍ସବ ମନେକରି ସେ ସବୁର ସଂରକ୍ଷଣ ପ୍ରତି ଦୃଷ୍ଟି ଦିଆଯାଉନାହିଁ । ଫଳରେ ପର୍ବଗୁଡିକ ମୃତପ୍ରାୟ ଅବସ୍ଥାରେ ଅଛନ୍ତି । ଆର୍ଯ୍ୟଙ୍କ ପରମ୍ପରାଗତ ଏହି ପର୍ବମାନଙ୍କ ପୁନର୍ବାର ସଂସ୍ଥାପନ କରିବା ମ୍ୟୁନିସିପାଲଟି ଆଦି କର୍ତ୍ତୃପକ୍ଷଙ୍କ କର୍ତ୍ତବ୍ୟ । ରେଡକ୍ରସ ସପ୍ତାହ, ସ୍ୱସ୍ଥ୍ୟ ଦିବସ ଆଦି ଉତ୍ସବ ପାଳନ କରାଯାଉଥିବା ସତ୍ତ୍ୱେ ଏସବୁ ସ୍ୱାସ୍ଥ୍ୟକର ପର୍ବମାନଙ୍କୁ ଭୁଲିଯିବା ଦୁଃଖର ବିଷୟ ।

ସର୍ବଦା କର୍ମବ୍ୟସ୍ତ ନ ରହି ବେଳେ ବେଳେ ମନୋରଞ୍ଜନ ଓ ହୃଦୟୋଲ୍ଲାସ ପାଇବା ଲାଗି ମଧ୍ୟ ଆର୍ଯ୍ୟମାନେ ପର୍ବପର୍ବାଣୀର ବିଧାନ କରିଥିଲେ । ଚିନ୍ତା ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଏ । ତେଣୁ କୁହାଯାଇଛି– 'ଚିତା

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଚିନ୍ତା ଦ୍ୱୟୋର୍ମଧ୍ୟେ ଚିନ୍ତା ଏବ ଗରୀୟସୀ, ଚିତା ଦହତି ନିର୍ଜୀବଂ ଚିନ୍ତା ଏବ ସଜୀବକମ୍ ।' ତେଣୁ ଆମର ପୂର୍ବ ପୁରୁଷମାନେ ମନର ପ୍ରସନ୍ନତା ଓ ଆନନ୍ଦ ନିମନ୍ତେ ବିଶିଷ୍ଟ ଦିନମାନଙ୍କରେ ଉତ୍ସବ ପାଳନ କରୁଥିଲେ । ଏହାଦ୍ୱାରା ମନ ଆନନ୍ଦିତ ଓ ପ୍ରସନ୍ନ ରହୁଥିବାରୁ ସେମାନେ ସୁସ୍ଥ ସବଳ ଥିଲେ । ସେମାନେ ବସନ୍ତର ଆଗମନରେ ବସନ୍ତ ପଞ୍ଚମୀ, ହୋଲି, ଶରତ ଆଗମନରେ ଶରତ ପୂର୍ଣ୍ଣିମା, ଦୀପାବଳୀ ଆଦି ଆନନ୍ଦଦାୟକ ଉତ୍ସବ ପାଳନ କରି, ଋତୁମାନଙ୍କ ହାର୍ଦ୍ଦିକ ସ୍ୱାଦ ଉପଭୋଗ କରୁଥିଲେ । ନୂଆବର୍ଷର ଆଗମନରେ ଭାବୀ ମଙ୍ଗଳ କାମନା ଲାଗି ନବସମ୍ବତ୍ସର ଉତ୍ସବ ପାଳିତ ହେଉଥିଲା ।

ଆର୍ଯ୍ୟମାନେ ମହାପୁରୁଷଙ୍କ ସ୍ମୃତି ଉଦ୍ଦେଶ୍ୟରେ ମଧ୍ୟ ପର୍ବର ଅନୁଷ୍ଠାନ କରୁଥିଲେ । ଏହି କାରଣରୁ ରାମନବମୀ, କୃଷ୍ଣ ଜନ୍ମାଷ୍ଟମୀ, ସୀତାଷ୍ଟମୀ ଆଦି ପର୍ବମାନଙ୍କରେ ସେହି ସେହି ମହାତ୍ମାମାନଙ୍କ ବିଶିଷ୍ଟ ଗୁଣାବଳୀ, ଆଦର୍ଶ ଚରିତ୍ରର ଆଲୋଚନା କରାଯାଏ । ମନୁଷ୍ୟ ଅନୁକରଣଶୀଳ ପ୍ରାଣୀ । କେହି ଶୁଭକର୍ମ କରିବା ଦେଖିଲେ ସ୍ୱଭାବତଃ ସେହି କର୍ମପ୍ରତି ତାର ଉତ୍କଣ୍ଠା ଓ ଉତ୍ସାହ ଜନ୍ମେ । ଯେଉଁମାନଙ୍କ ପୂର୍ବପୁରୁଷ ମହତ୍‌କାର୍ଯ୍ୟ କରିଯାଇଛନ୍ତି, ସାଧାରଣତଃ ସେମାନେ ବି ସତ୍‌କର୍ମ କରିବାରେ ଅଭିଳାଷୀ ହୁଅନ୍ତି । ଯେଉଁ ଜାତି ନିଜର ପୂର୍ବପୁରୁଷଙ୍କ ପ୍ରାଚୀନ ସ୍ମୃତିକୁ ସମ୍ବଳ କରି ରଖେ, ସେହି ଜାତି ସେତେ ଉନ୍ନତ ଅବସ୍ଥା ପ୍ରାପ୍ତ ହୁଏ । ଜ୍ଞାନୀଙ୍କ ସତ୍‌ସଙ୍ଗ ଓ ଆଦର୍ଶ ପୁରୁଷଙ୍କ ଅନୁକରଣରେ ମନୁଷ୍ୟ ଉଚ୍ଚାବସ୍ଥାକୁ ଯାଏ । ଉଚ୍ଚ ଆଦର୍ଶର ବହୁଦୂରରେ ରହି ସେ ଯେତେବେଳେ ପ୍ରାଚୀନ ସ୍ମୃତିକୁ ଭୁଲିଯାଏ, ଅଜ୍ଞାନ ଓ ଦୁରାଚାର ମଧ୍ୟରେ ଲିପ୍ତ ରହେ । ତେଣୁ ପୂର୍ବପୁରୁଷ ଓ ମହାତ୍ମାମାନଙ୍କ ଶିକ୍ଷଣୀୟ ମହତ୍‌କାର୍ଯ୍ୟକୁ ସ୍ମରଣ ରଖି ଉତ୍ସବ ପାଳନ କରିବା ସଭ୍ୟଜାତିର କର୍ତ୍ତବ୍ୟ । ୟୁରୋପର ଫ୍ରାନ୍ସ ଦେଶରେ ଏଣୁ ଅତ୍ୟଧିକ ସ୍ମାରକ ଦିବସ ଉତ୍ସାହ ସହକାରେ ପ୍ରତିପାଳିତ ହୁଏ ।

ବୈଦିକକାଳୀନ ପର୍ବ ସମୟରେ ବେଦାଦି ସଦ୍‌ଗ୍ରନ୍ଥର ପାଠ, ଈଶ୍ୱରୋପାସନା, ସତ୍‌ସଙ୍ଗ, ବ୍ରହ୍ମନିଷ୍ଠ ବ୍ରାହ୍ମଣ ଆଦି ପରୋପକାରୀ ଲୋକଙ୍କ ସତ୍କାର ବିଶେଷ ରୂପେ ଅନୁଷ୍ଠିତ ହେଉଥିଲା । ଅବିଦ୍ୟାର ପ୍ରସାର ହେବା ଫଳରେ ଆର୍ଯ୍ୟଙ୍କ ପର୍ବପର୍ବାଣୀ କର୍ପୂରଉଡା କନା ଭଳି ବିକୃତ ରୂପରେ ଆଜିକାଲି ପାଳିତ ହେଉଛି । ଦୀପାବଳୀ, ହୋଲି ଆଦି କେତେକ ପର୍ବ ଉତ୍ତରଭାରତରେ ଅତି ବୀଭତ୍ସ ରୂପରେ ପାଳିତ ହେଉଛି । ପର୍ବ ଅବସରରେ ହୋମ, ଯଜ୍ଞ, ବେଦାଧ୍ୟୟନ ଆଦି ମହାତ୍ମ୍ୟ କେଉଁ ଆଡେ ଲୁଚିଗଲାଣି । କେବଳ ପର୍ବ ନାମରେ ଅବଶିଷ୍ଟ ରହିଛି କେଉଁଠି ଖଜାପିଠା ଖାଇବା ତ କେଉଁଠି ଅଜ୍ଞ ପୁରୋହିତଙ୍କ ନିର୍ଦ୍ଦେଶ, କେଉଁଠି ବା ଗୁଣ୍ଡାଗିରି । ପର୍ବ ଆଜି ଆମ ମନରେ କୌଣସି ପ୍ରଭାବ ପକାଉନାହିଁ । ବିଜାତୀୟ ସରକାରଙ୍କ ଅମଳରେ ଆମର ଜାତୀୟ ପର୍ବର ଅବହେଳା ହେଉଥିଲା । କିନ୍ତୁ ଜାତୀୟ ସରକାର ପ୍ରତିଷ୍ଠିତ ହେବା ପରେ ସେ ଦୁର୍ଦ୍ଦଶା ଘୁଞ୍ଚି ନାହିଁ । ମହାପୁରୁଷ ଶ୍ରୀକୃଷ୍ଣ ଇଂଲଣ୍ଡ ପରି ପଶ୍ଚାତ୍ୟ ଦେଶରେ ଜନ୍ମିଥିଲେ, ହୁଏତ ଆଜି କୃଷ୍ଣ ଜନ୍ମାଷ୍ଟମୀ ଏକ ଆନ୍ତର୍ଜାତୀୟ ଉତ୍ସବ ରୂପେ ସମଗ୍ର ପୃଥିବୀରେ ପାଳିତ ହେଉଥାନ୍ତା । କିନ୍ତୁ ଧର୍ମନିରପେକ୍ଷ ରାଷ୍ଟ୍ରରେ ରାଷ୍ଟ୍ରନେତା ଶ୍ରୀକୃଷ୍ଣ ବି ସାମ୍ପ୍ରଦାୟିକ ରୂପେ ବିସ୍ମରଣୀୟ ହୋଇଛନ୍ତି । ଆର୍ଯ୍ୟଙ୍କ ପର୍ବପର୍ବାଣୀର କି ଦୁର୍ଗତି ! ଏହି ଦୁର୍ଗତି ଆଉ କେତେ ପୁରୁଷ ଚାଲିଲେ ହୁଏତ ସବୁ ପର୍ବପର୍ବାଣୀ ବିଲୁପ୍ତ ହୋଇଯିବେ ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ବୈଦିକ କାଳରେ ଭାରତୀୟ ନାରୀର ଭୂମିକା

ବେଦର ପୂର୍ବବର୍ତ୍ତୀ କୌଣସି ଜ୍ଞାନ ଅଥବା ଗ୍ରନ୍ଥ ମାନବଜାତିର ସ୍ମୃତିରେ ଉପଲବ୍ଧ ନୁହେଁ । ପାଶ୍ଚାତ୍ୟ ଗବେଷକମାନେ ବେଦକୁ ମନୁଷ୍ୟ ଗ୍ରନ୍ଥାଗାରର ସର୍ବପ୍ରଥମ ପୁସ୍ତକ ବୋଲି ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି । ଭାରତର ପ୍ରାଚୀନ ଋଷିମୁନିମାନେ ମନ୍ତବ୍ୟ ଦେଇଛନ୍ତି ଯେ ବୈଦିକ ଜ୍ଞାନ ଯେତିକି ପୁରାତନ, ସେତିକି ନୂତନ । ତାହା ସନାତନ ବିଦ୍ୟା । ପ୍ରତ୍ୟେକ ମାନବ-ସୃଷ୍ଟିର ପ୍ରାରମ୍ଭରେ ବେଦଜ୍ଞାନ ମଂତ୍ରଦ୍ରଷ୍ଟା ଋଷିମାନଙ୍କର ଅନ୍ତଃକରଣରେ ପ୍ରତିଭାତ ହୁଏ । ସୃଷ୍ଟିର ସ୍ରଷ୍ଟା ପରମେଶ୍ୱର ସର୍ବଶ୍ରେଷ୍ଠ କବି । ବେଦ ତାଙ୍କର ଅନୁପମ କାବ୍ୟ । ତାହା ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି, ବାୟୁ ପରି ସମଗ୍ର ମାନବଜାତିର ପୈତୃକ ସାରସ୍ୱତ ସଂପତ୍ତି । ତାହା କେବଳ ହିନ୍ଦୁମାନଙ୍କର ନୁହେଁ, ଧରିତ୍ରୀରେ ବାସ କରୁଥିବା ସମସ୍ତ ନରନାରୀଙ୍କର ମାର୍ଗଦର୍ଶକ ଜ୍ଞାନ । ଚାରିବେଦରେ ପ୍ରାୟ କୋଡିଏ ହଜାର ମନ୍ତ୍ର ରହିଛି । ତନ୍ମଧ୍ୟରୁ ଚାରି ଶହରୁ ଊର୍ଦ୍ଧ୍ୱ ମନ୍ତ୍ର ନାରୀ ସମ୍ବନ୍ଧୀୟ । ନାରୀ ପରମାତ୍ମାଙ୍କର ଅନୁପମ କୃତି । କୁହାଯାଏ ଯେ, ପରମ କଳାକାର ପ୍ରଭୁ ନାରୀକୁ ରଚନା କରି ଅଶେଷ ସନ୍ତୋଷ ଲାଭ କରିଥିଲେ । ନାରୀ ହେଉଛି ମନୁଷ୍ୟସମାଜର ନିର୍ମାତ୍ରୀ । ତା'ଠାରେ ପୃଥିବୀର ସହନଶୀଳତା, ସୂର୍ଯ୍ୟର ତେଜସ୍ୱୀତା, ପ୍ରକୃତିର ସକଳ ସୌନ୍ଦର୍ଯ୍ୟ, ଚନ୍ଦ୍ରମାର ଶୀତଳତା, ବାୟୁର ବ୍ୟାପକତା ଓ ସମୁଦ୍ରର ଗଂଭୀରତା ପରିପୂର୍ଣ୍ଣ ହୋଇରହିଛି ।

ନାରୀ ଅନନ୍ତ ଗୁଣର ଭଣ୍ଡାର । ତାହାର ସ୍ୱରୂପକୁ ଅନୁଧ୍ୟାନ କରିବା ଦ୍ୱାରା ହୃଦୟ ଗର୍ବ ଓ ଗୌରବରେ ଭରିଯାଏ । ଯଜୁର୍ବେଦର ଋଷି କହିଛନ୍ତି –

ଇଡେ ରନ୍ତେ ହବ୍ୟେ କାମ୍ୟେ ଜ୍ୟୋତେ
ଅଦିତେ ସରସ୍ୱତି ମହି ବିଶ୍ରୁତି ।
ଏତା ତେ ଅଗ୍ନ୍ୟେ ନାମାନି ଦେବେଭ୍ୟୋ
ମା ସୁକୃତମ୍ ବୃତାତ୍ । (ଯଜୁର୍ବେଦ ୮,୪୩)

ଉଲ୍ଲିଖିତ ମନ୍ତ୍ରରେ ପରମେଶ୍ୱର ନାରୀକୁ ସମ୍ବୋଧନ କରି କହନ୍ତି 'ହେ ମୋର ଅମୃତପୁତ୍ରୀ! ତୁମେ ବହୁଗୁଣ ସମନ୍ୱିତା । ତୁମେ 'ଇଡା' ଅର୍ଥାତ୍ ମଧୁର ଓ ସତ୍ୟବାଣୀ କହି ସର୍ବତ୍ର ପ୍ରଶଂସନୀୟା ହୁଅ । ତୁମେ 'ରନ୍ତା' ଅର୍ଥାତ୍ ରୂପବତୀ ଓ ରମଣୀୟା । ତୁମେ 'ହବ୍ୟା'- ପରିବାର, ପରିଜନଙ୍କର ସମୃଦ୍ଧି ପାଇଁ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟକୁ ବଳିଦାନ କର । ତୁମେ 'କାମ୍ୟା' ଅର୍ଥାତ୍ କମନୀୟା ଓ କାମନାଯୋଗ୍ୟା । ପୁରୁଷ ତୁମର ଦର୍ଶନ ଓ ମିଳନ ପାଇଁ କାମନା କରେ । ତୁମର ସ୍ୱଭାବ ଅତ୍ୟନ୍ତ ମୋହକ । ତୁମେ 'ଚନ୍ଦ୍ରା'-ଚନ୍ଦ୍ରମା ସଦୃଶ ଆହ୍ଲାଦଦାୟିନୀ । ତୁମେ ଦୁଃଖର ପରିସ୍ଥିତିକୁ ନିଜ ଗୁଣରେ ଉଲ୍ଲାସମୟୀ କର । ତୁମେ 'ଜ୍ୟୋତି' ଅର୍ଥାତ୍ ଦୀପ ସଦୃଶ ଗୃହକୁ ଓ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ପରିବାରକୁ ପ୍ରକାଶିତ ରଖ । ତୁମେ 'ଅଦିତି' ଅର୍ଥାତ୍ ସନ୍ତାନ ଜନ୍ମ ଦେଇ ମନୁଷ୍ୟର କୁଳ ପରମ୍ପରାକୁ ଅଖଣ୍ଡିତ ରଖ । ତୁମେ 'ସରସ୍ୱତୀ' ଅର୍ଥାତ୍ ଅତ୍ୟନ୍ତ ବୁଦ୍ଧିମତୀ । ତୁମେ ସନ୍ତାନର ପ୍ରଥମ ବିଦ୍ୟାଦାତ୍ରୀ । ବିଶ୍ରୁତି ଅର୍ଥାତ୍ କୀର୍ତ୍ତିମୟୀ । ତୁମର ପ୍ରତ୍ୟେକ ଚେଷ୍ଟା ଓ ଗତି କୀର୍ତ୍ତିକର । ବୀର ସନ୍ତାନମାନଙ୍କର ମାତା ରୂପରେ ତୁମେ ଯଶୋବର୍ଦ୍ଧନ କର । ତୁମେ 'ଅଘ୍ନ୍ୟା' - ଜ୍ଞାତସାର ଅଥବା ଅଜ୍ଞାତସାରରେ କୌଣସି କାରଣରୁ ଦୋଷ କଲେ ସୁଦ୍ଧା ମାତୃଶକ୍ତି ହେବା କାରଣରୁ ତୁମେ ଦଣ୍ଡନୀୟା ନୁହ । ହେ ଅସଂଖ୍ୟାତ ଗୁଣର ଅଧିକାରିଣୀ ! ପ୍ରଭୁ ତୁମଠାରେ ବିଲକ୍ଷଣ ଶକ୍ତି ପ୍ରଦାନ କରିଛନ୍ତି । ମାନବ ସମାଜର ହିତ ନିମନ୍ତେ ତୁମେ ତୁମର ସକଳ ଗୁଣର ଉପଯୋଗ କର । ନିଜର ସ୍ୱରୂପକୁ ଚିହ୍ନି ସାମାଜିକ ଓ ପାରିବାରିକ ବିକାଶର ଭିତ୍ତି ସ୍ଥାପନ କର ।

ବେଦବର୍ଣ୍ଣିତ ନାରୀ ବୀରାଙ୍ଗନା ଅଟେ । ସେ ରାଷ୍ଟ୍ରସେବା ପାଇଁ ନିଜର ପୁତ୍ରକନ୍ୟାଙ୍କୁ ନିର୍ମାଣ କରେ । ଋଗ୍‌ବେଦରେ ନାରୀର ବର୍ଣ୍ଣନା ପ୍ରଣିଧାନଯୋଗ୍ୟ –

ମମ ପୁତ୍ରାଃ ଶତ୍ରୁହଣୋ ଅଥୋ ମେ ଦୁହିତା ବିରାଟ୍ ।
ଉତାହମସ୍ମି ସଂଜୟା ପତ୍ୟୌ ମେ ଶ୍ଳୋକ ଉତ୍ତମଃ ॥ (ଋଗ୍‌ବେଦ ୧୦,୧୫୯,୩)

ଅର୍ଥାତ୍ ମୋର ପୁତ୍ରଗଣ ଉପଦ୍ରବକାରୀ ଓ ରାଷ୍ଟ୍ରଦ୍ରୋହୀମାନଙ୍କୁ ପରାଭବ କରନ୍ତି । ମୋର କନ୍ୟା ସୁଲକ୍ଷଣା ଓ ତେଜସ୍ୱିନୀ । ମୁଁ ସଂଯତ ଓ ସାଧନାମୟ ଜୀବନ ଯାପନ କରି ଉତ୍କୃଷ୍ଟ ସନ୍ତାନ ଲାଭ କରିଅଛି । ମୁଁ ସନ୍ତାନରତ୍ନ ପାଇ ଭୌତିକ ମଣିମାଣିକ୍ୟକୁ ଭୁଲିଯାଏ । ମୋର ପତି ଉତ୍ତମ, ଯଶସ୍ୱୀ ଓ କୀର୍ତ୍ତିମାନ । ତେଣୁ ମୁଁ ବିଜୟିନୀ । ପୁନଶ୍ଚ–

ଅହଂ କେତୁରହଂ ମୂର୍ଧା ଅହମୁଗ୍ରା ବିବାଚନୀ ।
ମମେଦନୁ କ୍ରତୁଂ ପତିଃ ସେହାନାୟା ଉପାଚରେତ୍ ॥ (ଋଗ୍‌ବେଦ ୧୦,୧୫୯,୨)

ଅର୍ଥାତ୍ – ମୁଁ ରାଷ୍ଟ୍ରର ବିଜୟ ପତାକା । ମୁଁ ବିଶ୍ୱ ବୈଭବର ସ୍ମାରକ । ମୋ' ଗର୍ଭରୁ ଜାତ ସନ୍ତାନଗଣ ଦେଶମାତୃକାର ଯଶୋବର୍ଦ୍ଧନ କରନ୍ତି । ମାତୃଜାତିର ଆଶୀର୍ବାଦରୁ ମନୁଷ୍ୟସମାଜର ସମୃଦ୍ଧି ସମ୍ଭବ ହୁଏ । ମୁଁ ପରିବାରର ମସ୍ତକତୁଲ୍ୟ । ମସ୍ତକକୁ ଦେଖି ମନୁଷ୍ୟକୁ ଚିହ୍ନିବା ପରି ମୋର ଶିଷ୍ଟାଚାର ଦ୍ୱାରା ଆମ ପରିବାରର ପରିଚୟ ମିଳେ । ଅନ୍ୟ କୌଣସି ଅଙ୍ଗ କଟିଗଲେ ମନୁଷ୍ୟ ମରିଯାଏ ନାହିଁ, ପରନ୍ତୁ ମସ୍ତକ ବିଚ୍ଛିନ୍ନ ହେଲେ ମନୁଷ୍ୟର ମୃତ୍ୟୁ ଘଟେ । ମୋର ସ୍ଥିତି ପରିବାରରେ ମସ୍ତକ ତୁଲ୍ୟ । ଜାତୀୟ ପତାକା ଯେପରି ଦେଶର ସମ୍ମାନର ଚିହ୍ନ, ସେହିପରି ମୋର ଆଚରଣ ପରିବାରର ଗୌରାବ ସୂଚକ । ମୋର ସୁପରାମର୍ଶ ଗ୍ରହଣ କରି ମୋର ପତି କର୍ମକ୍ଷେତ୍ରରେ ସଫଳତା ଅର୍ଜନ କରନ୍ତି ।

ବୈଦିକ ନାରୀ ଅବଳା ନୁହେଁ । ଅତ୍ୟାଚାରୀ ତାହାର ବାଣୀ ଦ୍ୱାରା କମ୍ପମାନ ହୁଏ –

ଅବୀରାମିବ ମାମୟଂ ଶରାରୁରଭି ମନ୍ୟତେ ।
ଉତାହମସ୍ମି ବୀରିଣୀନ୍ଦ୍ରପତ୍ନୀ ମରୁତ୍‌ସଖା
ବିଶ୍ୱବସ୍ମାଦିନ୍ଦ୍ର ଉତ୍ତରଃ ॥ (ଋଗ୍‌ବେଦ ୧୦, ୮୬,୯)

ହେ ଦୁଷ୍ଟ ! ମୋତେ ଅବଳା ବୋଲି ମଣ ନାହିଁ । ମୁଁ ବୀର ପୁରୁଷଙ୍କୁ ଜନ୍ମ ନିଏ । ମୁଁ ଶକ୍ତିମୟୀ । ମୁଁ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ନୀରବରେ ଲାଞ୍ଛନା ଓ ଅତ୍ୟାଚାର ସହନ କରେ ନାହିଁ । ଦୋଷୀ ପ୍ରତି ମୋର ଭାବନା କଠୋର । ପାପୀ ପ୍ରତି ମୋର କଣ୍ଠ ତୀବ୍ର । ରେ କାପୁରୁଷ ! ଭ୍ରାନ୍ତିବଶତଃ ତୁ ମୋତେ ଅସହାୟା ମନେ କରୁଅଛୁ । ମୋର ତୀବ୍ର ବାଣୀ ଓ ଗମ୍ଭୀର ଦୃଷ୍ଟିରେ ତୁ କଂପମାନ ହେଉଥିବା ଦେଖୁଅଛି ।

ନିଜର ମହତ୍ତ୍ୱରେ ଅବହେଳା ନ କରିବା ପାଇଁ ବେଦ ନାରୀକୁ ଛୋଟବଡ ଅନେକ ଉପଦେଶ ଦେଇଛନ୍ତି–

ଅଧଃ ପଶସ୍ୱ ମୋପରି ସନ୍ତାରାଂ ପାଦକୌ ହର ।
ମା ତେ କଶପ୍ଲକୌ ଦୃଶନ୍ ସ୍ତ୍ରୀ ହି ବ୍ରହ୍ମା ବଭୂବିଥ ॥ (ଋଗ୍‌ବେଦ ୮,୩୩,୧୯)

ଅର୍ଥାତ୍ ହେ ନାରୀ ! ତୁମେ ତଳକୁ ଚାହିଁ ସଂଯତ ପୂର୍ବକ ଦୁଇ ପାଦକୁ ଏକାଠି କରି ଚାଲ । ଉପରକୁ ଅନାଇ ପାଦକୁ ଏଣେ ତେଣେ ପକାଇ ଚାଲିବା ଚପଳତାର ପରିପ୍ରକାଶ । ତାହା ଉଦ୍ଧତ ପ୍ରକୃତିର ଚିହ୍ନ । ବସ୍ତ୍ର ପରିଧାନ ବେଳେ ସଂଯତ ନ ରହି ଅର୍ଦ୍ଧନଗ୍ନ ହେବା, ଦୁଇ ସ୍ତନ ଅଥବା ଦୁଇ ଜଂଘକୁ ଅଶୋଭନୀୟ ଭାବରେ ପ୍ରଦର୍ଶନ କରିବା ବିଳାସିତାର ଅଭିବ୍ୟକ୍ତି ଅଟେ । ନାରୀ ଅସଂଯତ ହେବା ଦ୍ୱାରା ମନୁଷ୍ୟ-ସମାଜ କାମଗ୍ରସ୍ତ ଓ କଳୁଷିତ ହୁଏ । ଫଳସ୍ୱରୂପ ହୀନବୀର୍ଯ୍ୟ ସନ୍ତାନ ଜନ୍ମ ହୁଅନ୍ତି । ତେଣୁ ତୁମ ଚରିତ୍ରରେ ଅଣୁମାତ୍ର ସ୍ଖଳନ ଘଟିଲେ କୁଟୁମ୍ବ ଓ ସମାଜ ଦୋହଲି ଯାଏ । ଅପର ପକ୍ଷରେ ତୁମର ଶିଷ୍ଟାଚାରରୁ ସମାଜ ପୁଷ୍ଟ ଓ ଯଶସ୍ୱୀ ହୁଏ ।

ବେଦରେ ଗୃହପତ୍ନୀର ଗୁଣ କିପରି ହେବା ଉଚିତ, ତାହା ସମ୍ବନ୍ଧରେ କୁହାଯାଇଛି-"ତିସ୍ରୋ ମାତ୍ରା ଗନ୍ଧର୍ବାଣାଂ ଚତସ୍ରଃ ଧର୍ମପତ୍ନ୍ୟାଃ" – ଅର୍ଥାତ୍ ଗନ୍ଧର୍ବ ବା ଅପ୍ସରା (ଯାହାକୁ ଆଜିକାଲି ଚିତ୍ରତାରକା କହନ୍ତି) ଙ୍କର ତିନୋଟି ଗୁଣ ଥାଏ । ସେଗୁଡିକ ହେଉଛି – ରୂପ, ଗନ୍ଧ ଓ ପ୍ରମୋଦ । ରୂପର ଅଭିପ୍ରାୟ ସୌନ୍ଦର୍ଯ୍ୟ, ଲାବଣ୍ୟ ଓ ଶାରୀରିକ ସୁଷମା । ଶାରୀରିକ ସୌନ୍ଦର୍ଯ୍ୟ ପାଇଁ ସେମାନେ ସବୁବେଳେ ପ୍ରଯତ୍ନଶୀଳ । ସେମାନେ ଗନ୍ଧର ଅର୍ଥ ଆଭୂଷଣ, ଅଙ୍ଗଲେପ ଆଦି ଅଳଙ୍କରଣ ଦ୍ୱାରା ସର୍ଦ୍ଦା ସୁଶୋଭିତ ରହନ୍ତି । ଆମୋଦପୂର୍ଣ୍ଣ ଜୀବନ ଯାପନ କରନ୍ତି ଯାହାକୁ ପ୍ରମୋଦ କୁହାଯାଏ । ଅପ୍ସରା ଓ ଗନ୍ଧର୍ବଙ୍କର ଏହି ତିନୋଟି ଯାକ ଗୁଣ ଓ ଲକ୍ଷଣ ଗୃହିଣୀଠାରେ ମଧ୍ୟ ରହିବା ଆବଶ୍ୟକ । ସେ ରୂପବତୀ, ଲାବଣ୍ୟମୟୀ ଓ ଶାରୀରିକ ସୁଷମାର ଅଧିକାରିଣୀ ହୋଇ ପ୍ରସନ୍ନବଦନା ହେବା ଶ୍ରେୟସ୍କର । ପରନ୍ତୁ ରୂପ, ଗନ୍ଧ ଓ ପ୍ରମୋଦ କେବଳ ଏହି ତିନୋଟି ଗୁଣଧାରଣ କରି ନାରୀ ବିଳାସିନୀ ଓ ଅଭିମାନିନୀ ହୋଇଯାଏ । ତେଣୁ ହେ ଗୃହିଣୀ ! ବାହ୍ୟ ସୌନ୍ଦର୍ଯ୍ୟ ସହିତ ଚରିତ୍ରବତୀ ହୁଅ । ତୁମର ବିଶେଷତା ହେଉଛି ଲଜ୍ଜା, ସଂଯମ ଓ ପବିତ୍ରତା । ଶୁଦ୍ଧ ଚରିତ୍ର ହିଁ ତୁମର ଗତିବିଧି, ବଚନ ଓ ବ୍ୟବହାରକୁ ଶୋଭନୀୟ କରେ ।

ମାନବ-ସଭ୍ୟତାର ପ୍ରାଚୀନତମ ଯୁଗ ନାରୀକୁ ଉଚ୍ଚସ୍ଥାନ ଦେଇଥିଲା । ଏପରି କି ପରମେଶ୍ୱରଙ୍କ ସ୍ୱରୂପକୁ ପୁରୁଷ ରୂପରେ ନ ଦେଖି ନାରୀ ରୂପରେ ଦେଖୁଥିଲା । ପ୍ରଭୁଙ୍କୁ ସମ୍ବୋଧନ କରାଯାଉଥିଲା – 'ଜଗଜ୍ଜନନୀ' । ଆଜି ପର୍ଯ୍ୟନ୍ତ ଦେବ-ମନ୍ଦିର ସଙ୍ଗେ ସଙ୍ଗେ ଦେବୀ-ମନ୍ଦିର ମଧ୍ୟ ଦେଖାଯାଏ । ଧନର ଅଧିଷ୍ଠାତ୍ରୀ ଦେବୀ ଲକ୍ଷ୍ମୀ, ବିଦ୍ୟାର ସରସ୍ୱତୀ, ପରାକ୍ରମର ଦୁର୍ଗା, ସୌନ୍ଦର୍ଯ୍ୟର ରତି ରୂପରେ ପୂଜା ପାଇଆସୁଛନ୍ତି ।

ବୈଦିକ ଯୁଗ ନାରୀକୁ ମାତୃଶକ୍ତି ରୂପରେ ସମ୍ମାନ ଦେଉଥିଲା । ଋଷି ନାରୀକୁ 'ଜାୟା' ବୋଲି ନାମିତ କରିଛନ୍ତି । ମହର୍ଷି ମନୁ 'ଜାୟା'କୁ ବ୍ୟୁତ୍ପତ୍ତି କରି କହିଛନ୍ତି – "ଜାୟାୟାସ୍ତଦ୍ଧି ଜାୟାତ୍ୱଂ ଯଦସ୍ୟାଂ ଜାୟତେ ପୁନଃ" – ଅର୍ଥାତ୍ ମନୁଷ୍ୟ ଯାହାଠାରୁ ପୁନର୍ବାର ଜନ୍ମଗ୍ରହଣ କରେ, ତାହାର ନାମ ହେଉଛି ଜାୟା । "ଏକୋଽହଂ ବହୁସ୍ୟାମ୍" – ମନୁଷ୍ୟ ବହୁ ରୂପରେ ଜନ୍ମିବା ସକାଶେ ନାରୀକୁ ମାତୃଶକ୍ତି ଉପରେ ନିର୍ଭର କରିବାକୁ ପଡ଼େ ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଋଗ୍‌ବେଦ ନାରୀକୁ 'ବ୍ରହ୍ମ' ଉପାଧି ପ୍ରଦାନ କରିଛନ୍ତି – 'ସ୍ତ୍ରୀ ହି ବ୍ରହ୍ମା ବିଭୂବିଥ' – ଯଜ୍ଞର ସର୍ବଶ୍ରେଷ୍ଠ ଋତ୍ୱିକ୍‌କୁ ବ୍ରହ୍ମା କୁହାଯାଏ । ବୈଦିକ କାଳରେ ସ୍ତ୍ରୀମାନେ 'ବ୍ରହ୍ମା' ରୂପରେ ଯଜ୍ଞ ପରିଚାଳନା କରୁଥିଲେ । ଋଗ୍‌ବେଦର ବୃହଦ୍ଦେବତାରେ କେତେଜଣ ବ୍ରହ୍ମବାଦିନୀ, ଋଷିକାମାନଙ୍କର ନାମ ଉଲ୍ଲେଖ ଅଛି –

ଘୋଷା ଗୋଧା, ବିଶ୍ୱବାରା, ଅପାଲା, ଉପନିଷତ୍, ନିଷତ୍
ବ୍ରହ୍ମଜାୟା ଜୁହୂର୍ନାମ ଅଗସ୍ତସ୍ୟ ସ୍ୱାଦିତିଃ ॥
ଲୋପାମୁଦ୍ରା ଚ ନଦ୍ୟଶ୍ଚ ଯମୀ ନାରୀ ଚ ଶଶ୍ୱତୀ ।
ଶ୍ରୀଃ ଲକ୍ଷ୍ମୀ ସାର୍ପରାଜ୍ଞୀ ବାକ୍ ଶ୍ରଦ୍ଧା ମେଧା ଚ ଦକ୍ଷିଣା ।
ରାତ୍ରୀଃ ସୂର୍ଯ୍ୟା ଚ ସାବିତ୍ରୀ ବ୍ରହ୍ମବାଦିନ୍ୟ ଈରିତାଃ ॥

ଅର୍ଥାତ୍ ଘୋଷା, ଗୋଧା, ଅପାଲା, ଉପନିଷତ୍, ନିଷତ୍ ଆଦି ବ୍ରହ୍ମବାଦିନୀ ନାରୀମାନେ ଜନ୍ମଗ୍ରହଣ କରିଥିଲେ । ସେମାନେ ବେଦ ପଢୁଥିଲେ ଓ ପଢାଉଥିଲେ । କେତେକ ବେଦମନ୍ତ୍ରର ବ୍ୟାଖ୍ୟାକାର ମଧ୍ୟ ଥିଲେ । ଆଜି ପର୍ଯ୍ୟନ୍ତ ସେମାନଙ୍କ ନାମ ମନ୍ତ୍ରର ଉପରେ ଛୋଟ ଛୋଟ ଅକ୍ଷରରେ ଲିପିବଦ୍ଧ ଅଛି । ଋଗ୍‌ବେଦ କହିଛନ୍ତି – 'ଯଜ୍ଞଂ ଦଧେ ସରସ୍ୱତୀ'– ଅର୍ଥାତ୍ ବିଦୁଷୀ ନାରୀ ଯଜ୍ଞକୁ ଧାରଣ ବା ପରିଚାଳନା କରନ୍ତି ।

ବୈଦିକ କାଳରେ ସ୍ତ୍ରୀମାନେ ବୈଦିକ କର୍ମକାଣ୍ଡ ଓ ଧାର୍ମିକ ଅନୁଷ୍ଠାନମାନଙ୍କରେ ଭାଗ ନେଉଥିଲେ । ଋଗ୍‌ବେଦର ବହୁ ସ୍ଥଳରେ ଋଷିକା ଓ ବ୍ରହ୍ମବାଦିନୀ ଶବ୍ଦ ଦେଖାଯାଏ । ସେମାନେ ବେଦର ଗୂଢ ରହସ୍ୟ ବୁଝି ପ୍ରଚାର କରୁଥିବାରୁ ଋଷିକା ଓ ବ୍ରହ୍ମବାଦିନୀ ଆଦି ଗୌରବସୂଚକ ନାମ ପାଇଥିଲେ । ଅର୍ଥବବେଦରେ କୁହାଯାଇଛି– "ବ୍ରହ୍ମଚର୍ଯ୍ୟେଣ କନ୍ୟା ଯୁବାନାଂ ବିନ୍ଦତେ ପତିମ୍" – ଅର୍ଥାତ୍ କନ୍ୟା ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ପାଳନ କରି ଯୋଗ୍ୟ ପତିଙ୍କୁ ପାଆନ୍ତି । ବ୍ରହ୍ମଚର୍ଯ୍ୟର ଅର୍ଥ ମନୁସ୍ମୃତିରେ ଉଲ୍ଲେଖ ଅଛି– "ଗୁରୁକୁଳବାସଲକ୍ଷଣମ୍ ଅନ୍ୟଦ୍ ବା ବ୍ରହ୍ମ ପ୍ରାପ୍ତ୍ୟର୍ଥମ୍" – ଅର୍ଥାତ୍ ଗୁରୁକୁଳରେ ବାସ କରିବା ଓ ବ୍ରହ୍ମପ୍ରାପ୍ତି ପାଇଁ ସାଧନା କରିବା ବ୍ରହ୍ମଚର୍ଯ୍ୟ ।

ବୈଦିକ କାଳ ପରେ ଉପନିଷଦ କାଳରେ ମଧ୍ୟ ଚତୁର୍ଦ୍ଦିଗରେ ବ୍ରହ୍ମଚିନ୍ତନର ବାୟୁମଣ୍ଡଳ ଖେଳୁଥିବାରୁ ସର୍ବତ୍ର ଋଷିକା, ବ୍ରହ୍ମବାଦିନୀ ଓ ସନ୍ୟାସିନୀମାନେ ବିଚରଣ କରୁଥିଲେ । ଗାର୍ଗୀ, ମୈତ୍ରେୟୀ, ସୁଲଭା ଆଦି ବିଦୁଷୀ ନାରୀମାନଙ୍କ ବିଷୟ ସମସ୍ତେ ଅବଗତ ଅଛନ୍ତି । ଥରେ ରାଜା ଜନକ ରାଜସଭାକୁ ବିଦ୍ୱାନମାନଙ୍କୁ ନିମନ୍ତ୍ରିତ କରି ଘୋଷଣା କରିଥିଲେ ଯେ, ସଭାରେ ଯେ ସର୍ବଶ୍ରେଷ୍ଠ ବ୍ରହ୍ମଜ୍ଞାନୀ, ତାହାଙ୍କୁ ସ୍ୱର୍ଣ୍ଣମୁଦ୍ରା ବନ୍ଧା ହୋଇଥିବା ଦଶ ହଜାର ଗାଈ ପ୍ରଦାନ କରାଯିବ । ସଭାରେ ଯାଜ୍ଞବଲ୍କ୍ୟ ନିଜକୁ ସର୍ବଶ୍ରେଷ୍ଠ ବ୍ରହ୍ମଜ୍ଞାନୀ ମନେ କରି କୋଡିଏ ହଜାର ଗାଈକୁ ନିଜ ଘରକୁ ନେଇଯିବା ପାଇଁ ଶିଷ୍ୟମାନଙ୍କୁ ଆଦେଶ ଦେଲେ । ସେତେବେଳେ ବିଦୁଷୀ ନାରୀ ଗାର୍ଗୀ ଯାଜ୍ଞ୍ୟବଲ୍ଲ୍ୟଙ୍କୁ ଶାସ୍ତ୍ରାର୍ଥ ପାଇଁ ଆହ୍ୱାନ କରିଥିଲେ । ଧାରାବାହିକ ପ୍ରଶ୍ନ ଦ୍ୱାରା ଗାର୍ଗୀ ସଭାସ୍ଥଳକୁ ନିସ୍ତବ୍ଧ କରିଦେଇଥିଲେ । ଶେଷରେ ଋଷି ଅତ୍ୟନ୍ତ ବିଚଳିତ ହୋଇ କହିବାକୁ ଲାଗିଲେ – "ଗାର୍ଗୀ ! ମାଃତି ପ୍ରାକ୍ଷୋର୍ମା ତେ ମୁର୍ଧା ବ୍ୟତପ୍ରତା" 'ହେ ଗାର୍ଗୀ ! ଆଉ ଅତି ପ୍ରଶ୍ନ କର ନାହିଁ । ଏପରି ପ୍ରଶ୍ନ କଲେ ତୁମ ମସ୍ତିଷ୍କରେ ବିକୃତି ଆସିଯିବ ଓ ମୋତେ ବି ପରାସ୍ତ ହେବାକୁ ପଡିବ ।" ଯଦିଓ ସଭା ମଧ୍ୟରେ ଯାଜ୍ଞବଲ୍ଲ୍ୟ ସର୍ବଶ୍ରେଷ୍ଠ ବ୍ରହ୍ମଜ୍ଞାନୀ ବୋଲି ବିବେଚିତ ହେଲେ ତଥାପି ଗାର୍ଗୀଙ୍କ ପାଣ୍ଡିତ୍ୟ ନିକଟରେ ତାଙ୍କୁ ନତମସ୍ତକ ହେବାକୁ ପଡିଥିଲା । ଉପନିଷଦରେ ବ୍ରହ୍ମବାଦିନୀ ମୈତ୍ରେୟୀଙ୍କ ବିଷୟରେ ଉଲ୍ଲେଖ ଅଛି । ଯାଜ୍ଞବଲ୍ଲ୍ୟ ସନ୍ନ୍ୟାସ ଦୀକ୍ଷା ନେବାବେଳେ ନିଜର ପତ୍ନୀ ମୈତ୍ରେୟୀଙ୍କୁ କହିଲେ – "ମୁଁ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରିବି ଓ ମୋର ସମସ୍ତ ସମ୍ପତ୍ତିକୁ ଦୁଇ ପତ୍ନୀ (ମୈତ୍ରେୟୀ ଓ କାତ୍ୟାୟନୀଙ୍କ) ମଧ୍ୟରେ ବାଣ୍ଟି ଦେଇଯିବି ଯଦ୍ୱାରା ଭବିଷ୍ୟତ କାଳରେ ମନୋମାଲିନ୍ୟର ସମ୍ଭାବନା ରହିବ ନାହିଁ । ସେତେବେଳେ ମୈତ୍ରେୟୀ ଉତ୍ତର

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଦେଇଥିଲେ – "ଏସବୁ ଧନ-ସମ୍ପତ୍ତି ମୋତେ କ'ଣ ଅମରତ୍ୱ ପ୍ରଦାନ କରିପାରିବ ?" ମୁନି ଉତ୍ତର ଦେଲେ "ଏହି ଧନ ଦ୍ୱାରା ତୁମେ ଅମରତ୍ୱ ପାଇବ ନାହିଁ" । ମୈତ୍ରେୟୀ କହିଲେ – "ଯେଉଁ ଧନ ମୋତେ ଅମରତ୍ୱ ଦେଇ ପାରିବ ନାହିଁ, ସେହି ଧନ ନେଇ ମୁଁ କରିବି କ'ଣ ? ଯେଉଁ ଅମୂଲ୍ୟ ଧନ ମୋତେ ଅମରତ୍ୱ ପ୍ରଦାନ କରିବ, ସେହି ମୋକ୍ଷ ଧନ ବିଷୟରେ ମୋତେ ଉପଦେଶ ଦିଅନ୍ତୁ" । ସୁଲଭା ନାମ୍ନୀ ଆଉ ଜଣେ ବୀରାଙ୍ଗନା ନାରୀ ଜନ୍ମଗ୍ରହଣ କରିଥିଲେ । ସୁଲଭା ସଭାରେ ଘୋଷଣା କରିଥିଲେ – "ଯେ ଏହି ସଭାରେ ମୋତେ ବାଗ୍‌ଯୁଦ୍ଧରେ ବା ଶାସ୍ତ୍ରାର୍ଥରେ ପରାସ୍ତ କରିବେ, ଯେ ମୋର ବଳ ଓ ବୀରତାରେ ସମାନ ହେବେ, ତାଙ୍କୁ ମୁଁ ପତି ରୂପରେ ସ୍ୱୀକାର କରିବି ।" ସୁଲଭା ସେପରି ଜ୍ଞାନୀ ଓ ବୀର ନ ପାଇ ଆଜୀବନ କୁମାରୀ ରହି ସନ୍ନ୍ୟାସିନୀର ଦୀକ୍ଷା ଦେଇଥିଲେ । ଉପନିଷଦ କାଳର ଏହି ନାରୀରତ୍ନମାନେ ଉପନିଷଦକୁ ଧନ୍ୟ କରିଛନ୍ତି ଓ ନିଜେ ମଧ୍ୟ କନ୍ୟା ହୋଇଛନ୍ତି ।

ସେତେବେଳର ସ୍ତ୍ରୀମାନେ ପର୍ଦ୍ଦା ମଧ୍ୟରେ ଆବଦ୍ଧା ନ ଥିଲେ । ସେମାନେ ପୁରୁଷଙ୍କ ଭଳି ସ୍ୱତନ୍ତ୍ର ଭାବେ ବିଚରଣ କରୁଥିଲେ । ବିବାହ ସମୟରେ ନବବଧୂକୁ ସମ୍ବୋଧନ କରି କୁହାଯାଏ – "ସୁମଙ୍ଗଳୀରିୟଂ ବଧୁରିମାଂ ସମେତ ପଶ୍ୟେତ" – ଅର୍ଥାତ୍ ଯଜ୍ଞମଣ୍ଡପରେ ବସିଥିବା ଶୁଭାକାଂକ୍ଷୀଗଣ ! ଆପଣମାନେ ଏହି ସୌଭାଗ୍ୟଶାଳିନୀ ବଧୂକୁ ଦେଖିଯାଆନ୍ତୁ ଓ ତାହାଙ୍କୁ ଆଶୀର୍ବାଦ ଦେଇଯାଆନ୍ତୁ ।

ରାଷ୍ଟ୍ରସେବାରେ ମଧ୍ୟ ନାରୀମାନେ ଅଗ୍ରଣୀ ଥିଲେ । କେବଳ ଗୃହ ମଧ୍ୟରେ ନୁହେଁ, ଗୃହ ବାହାରେ ସାମାଜିକ କ୍ରିୟାକଳାପରେ କରିବା ପାଇଁ ନାରୀଠାରେ ଅସରନ୍ତି ଶକ୍ତି ରହିଛି । ବେଦ କହିଛନ୍ତି – "ସଂହୋତ୍ର ଓ ସମନ" (ଋଗ୍‌ବେଦ ୧୦,୮୬,୧୦) ଉଭୟ ସ୍ଥଳରେ ନାରୀ ଅଗ୍ରଗାମିନୀ । 'ସଂହୋତ୍ର' – ସାର୍ବଜନିକ ବିଶାଳ ଯଜ୍ଞ, 'ସମନ'ର ଦୁଇଟି ଅର୍ଥ ବିବାହାଦି ପାରିବାରିକ ଉତ୍ସବ ଏବଂ ଯୁଦ୍ଧ । ଉଭୟ କ୍ଷେତ୍ରରେ ନାରୀର ଦକ୍ଷତା ବହୁ ପରୀକ୍ଷିତ । ନାରୀର ମନୋହାରିଣୀ ବ୍ୟବହାର ଓ କର୍ମକୁଶଳତା ଦ୍ୱାରା ପାରିବାରିକ ଉତ୍ସବଗୁଡିକ ଶୋଭନୀୟ ଓ ଫଳପ୍ରଦ ହୁଏ । ଯୁଦ୍ଧକ୍ଷେତ୍ରରେ ତାହାର ଓଜସ୍ୱିନୀ ଉଦ୍ଦୀପନାପୂର୍ଣ୍ଣ ବାଣୀ ସମସ୍ତଙ୍କୁ ଉଦ୍‌ବୁଦ୍ଧ କରେ । 'ସଂହୋତ୍ର' ଓ 'ସମନ' ଉଭୟ କ୍ଷେତ୍ରରେ ନାରୀର ଉପସ୍ଥିତି ଓ କୃତି ମାଙ୍ଗଳିକ ଅଟେ ।

ପରିବାର ମଧ୍ୟରେ ନାରୀର ଅତ୍ୟନ୍ତ ସମ୍ମାନ ଥିଲା । ଘରକୁ ନବବଧୂ ଆସିବା ସମୟରେ ତାକୁ ସମ୍ବୋଧନ କରି କୁହାଯାଉଥିଲା –

ସମ୍ରାଜ୍ଞ୍ୟେଧି ଶ୍ୱଶୁରେଷୁ ସମ୍ରାଜ୍ଞ୍ୟୁତ ଦେବୃଷୁ ।
ନନାନ୍ଦୁଃ ସମ୍ରାଜ୍ଞ୍ୟେଧି ସମ୍ରାଜ୍ଞ୍ୟୁତ ଶ୍ୱଶ୍ରବାଃ ॥ (ଅଥର୍ବ ୧୪,୧,୪୪)

ଅର୍ଥାତ୍ ହେ ନବବଧୂ ! ଏଠାରେ ବାସ କରୁଥିବା ପତି, ଶାଶୁ, ଶ୍ୱଶୁର, ନଣନ୍ଦ ଏ ସମସ୍ତେ ତୁମର ପ୍ରଜା, ଏପରି ପ୍ରଜା ଯେ ତୁମେ ସବୁବେଳେ ସେମାନଙ୍କର ସେବିକା ହୋଇରହ ।

ଅର୍ଥାତ୍ ହେ ନବବଧୂ ! ଏଠାରେ ବାସ କରୁଥିବା ପତି, ଶାଶୁ, ଶ୍ୱଶୁର, ନଣନ୍ଦ – ଏ ସମସ୍ତେ ତୁମର ପ୍ରଜା ! ତୁମେ ଏହି ଗୃହକୁ ଅତିଥି ହୋଇ ଆସିନାହିଁ । ଗୃହପତ୍ନୀ ଓ ଗୃହସ୍ୱାମିନୀର ଗୁରୁଦ୍ୱାୟିତ୍ୱ ବହନ କରିବା ପାଇଁ ଏଠାରେ ପ୍ରବିଷ୍ଟ ହୋଇଅଛ । ଏହି ଗୃହ ତୁମର ସାମ୍ରାଜ୍ୟ । ପତିଙ୍କର ସହଚାରିଣୀ ଓ ସହଧର୍ମିଣୀ ହୁଅ । ଶାଶୁ, ଶ୍ୱଶୁର ଆଦି ସମସ୍ତ ଗୁରୁଜନଙ୍କର ଯଥୋଚିତ ଶୁଶ୍ରୁଷା କର । ଗୃହଦ୍ୱାରକୁ ଆସୁଥିବା ଭିକ୍ଷୁକ ଏପରିକି ଗୃହପାଳିତ ପଶୁ, ପକ୍ଷୀ ମଧ୍ୟ ତୁମଠାରୁ ସାହାଯ୍ୟ, ସହାନୁଭୂତି ଆଶା କରନ୍ତି । ଅସୀମ ଧୈର୍ଯ୍ୟ, ସହନଶୀଳତା ସହ ନିରପେକ୍ଷ, ନମ୍ର, ମଧୁର ଓ ଆତ୍ମୀୟ ଭାବନାରେ ସେ ସମସ୍ତଙ୍କ ସେବା କର । ଜ୍ୟେଷ୍ଠଙ୍କ ପ୍ରତି ଭକ୍ତି, କନିଷ୍ଠଙ୍କ ପ୍ରତି ବାତ୍ସଲ୍ୟ,

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଅତିଥିଙ୍କ ପ୍ରତି ସେବା ମନୋଭାବ, ପଶୁପକ୍ଷୀଙ୍କ ନିମନ୍ତେ କରୁଣା, ମାତୃଭୂମି ପାଇଁ ଆତ୍ମବୋଧ, ସଂସାର ପ୍ରତି ହିତ ଭାବନା ଓ ସର୍ବୋପରି ପରମାତ୍ମାଙ୍କ ପ୍ରତି ପୂର୍ଣ୍ଣ ସମର୍ପଣ – ଏ ସମସ୍ତ ତୁମର ଏକନିଷ୍ଠ ବ୍ରତ ହେଉ । ତୁମେ ଏହି ଗୃହର ସମ୍ରାଜ୍ଞୀ ।

ବେଦର ଯୌତୁକ ପ୍ରଥା ଅତ୍ୟନ୍ତ ମର୍ମସ୍ପର୍ଶୀ । ଋଗ୍‌ବେଦ (୧୦,୮୫,୭) ରେ କୁହାଯାଇଛି –

"ଚିତ୍ତିରା ଉପବର୍ହଣଂ ଚକ୍ଷୁରା ଅଭ୍ୟଞ୍ଜନମ୍ ।
ଦୌର୍ଭୂମିଃ କୋଶ ଆସୀଦ୍ୟଦୟାତ୍ ସୂର୍ଯ୍ୟା ପତିମ୍ ।"

ବିବାହ ପରେ କନ୍ୟା ଯେଉଁ ମୂଲ୍ୟବାନ ଉପହାର ପତିଗୃହକୁ ନେଉଥିଲା, ତାହାର ବିବରଣୀ ଉଲ୍ଲିଖିତ ମନ୍ତ୍ରରେ ବର୍ଣ୍ଣିତ ହୋଇଛି । କନ୍ୟାର ନିର୍ମଳ ବୁଦ୍ଧି ତାହାର ପଲଙ୍କ ଓ ଶଯ୍ୟା । ମଧୁର ଦୃଷ୍ଟି ତାହାର ଅଳଂକାର । ଲଜ୍ଜାଶୀଳତା ତାହାର ସଖୀଲୋକର ଦ୍ୟୁଲୋକ, ପୃଥିବୀଲୋକ ଓ ଅନ୍ତରିକ୍ଷକ ସମସ୍ତ ଜ୍ଞାନ ତାହା ପାଇଁ ଅନୁପମ ଯୌତୁକ । କନ୍ୟା ସଦ୍‌ଜ୍ଞାନ, ସଦାଚାର, ଶୀଳତା ଆଦି ସଦ୍‌ଗୁଣ ଧାରଣକରି ପତିଗୃହକୁ ଯାଏ । ଗୃହରେ ସଦ୍‌ଗୃହିଣୀ ଓ ସୁପରିଚାଳିକା ହୁଏ ।

ଋଗ୍‌ବେଦରେ ଗୃହିଣୀକୁ ଗୃହ କୁହାଯାଇଛି – 'ଜାୟା ଇତ୍ ଅସ୍ତମ୍' - ପତ୍ନୀ ହିଁ ଗୃହ ଅଟେ । ସୁଶୀଳା ପତ୍ନୀର ଉପସ୍ଥିତିରେ ବୃକ୍ଷମୂଳ ମଧ୍ୟ ସୁନ୍ଦର ଗୃହରେ ପରିଣତ ହୁଏ । ପତ୍ନୀର ସତୀତ୍ୱ, କର୍ମକୁଶଳତା ଓ ସୁଶୀଳତା ଗୃହର ସର୍ବସ୍ୱ । 'ପତ୍ନୀ ଗୃହାଣାଂ ପ୍ରତରିଣୀ' ଅର୍ଥାତ୍ ପତ୍ନୀ ଗୃହ ରୂପକ ସମୁଦ୍ର ପାର ହେବା ନିମନ୍ତେ ବିଶ୍ୱସନୀୟ ଓ ଦୃଢ ନୌକା ସମାନ ଅଟେ । ତାହାର ସଂତୁଳିତ କର୍ମ ଦ୍ୱାରା କୁଟୁମ୍ବ ସୁଖମୟ ହୁଏ । ପରିବାରର ସକଳ ଦୁଃଖ ଦୂର ହୁଏ । ଛିଦ୍ରରହିତ ସୁଦୃଢ ନୌକା ଦ୍ୱାରା ଯେପରି ଅକ୍ଳେଶରେ ସାଗର ପାର କରାଯାଏ, ସେହିପରି ପତ୍ନୀର ପରାମର୍ଶ ଓ ସାହାଯ୍ୟ ଦ୍ୱାରା ପୁରୁଷ ସଂସାର ସାଗର ପାର କରେ । ଗୃହିଣୀକୁ ବେଦରେ ଗୃହର ଦୁଃଖହାରିଣୀ କୁହାଯାଇଛି । ଗୃହିଣୀର ଚାରୋଟି ମୁଖ୍ୟ କର୍ତ୍ତବ୍ୟ ହେଉଛି –

ଇହ ପ୍ରିୟଂ ପ୍ରଜୟା ତେ ସମୃଧ୍ୟତାମ୍
ଅସ୍ମିନ୍ ଗୃହେ ଗାର୍ହପତ୍ୟାୟ ଜାଗୃହି ।
ଏନା ପତ୍ୟାଂ ତନ୍ୱଂ ସଂସୃଜସ୍ୱ ଅଧା ଜିବ୍ରୀ ବିଦଥମା ବିଦାଥଃ । (ଋଗ୍‌ବେଦ ୧୦,୮୫,୨୭)

ଅର୍ଥାତ୍ ହେ ପତ୍ନୀ ! ସନ୍ତାନର ସୁଶିକ୍ଷା, ଗୃହର ସୁପରିଚାଳନା, ପତି-ପରାୟଣତା ଓ ନିତ୍ୟ ଧାର୍ମିକ କୃତ୍ୟ – ଏହି ଚାରି ତୁମର ମୁଖ୍ୟ କର୍ତ୍ତବ୍ୟ । ସନ୍ତାନମାନଙ୍କୁ ଶିକ୍ଷିତ, ସଭ୍ୟ ଓ ସଦାଚାରୀ କରିବା ତୁମର ପ୍ରଥମ ଧ୍ୟେୟ । ସେଥିପାଇଁ ତୁମକୁ ସ୍ୱୟଂ ସୁଶିକ୍ଷିତା ଓ ସଂସ୍କୃତି ସଂପନ୍ନ ହେବା ବିଧେୟ । ଦ୍ୱିତୀୟ କର୍ତ୍ତବ୍ୟ ହେଉଛି ଯେ ସବୁ କ୍ଷେତ୍ରରେ ଗୃହର ସଂଚାଳନ, ଗୃହ ଭିତରେ ଓ ବାହାରେ ପାରିବାରିକ କାର୍ଯ୍ୟ ଶୃଙ୍ଖଳିତ ଭାବରେ ପରିଚାଳନ ଆବଶ୍ୟକ । ତୃତୀୟ କର୍ତ୍ତବ୍ୟ ପତିଙ୍କ ସେବା ଓ ପରିଶେଷରେ ଗୃହରେ ନିତ୍ୟ ଅଗ୍ନିହୋତ୍ରାଦି କାର୍ଯ୍ୟ ସହ ସାମାଜିକ ଓ ଧର୍ମାନୁଷ୍ଠାନମାନଙ୍କ ନେତୃତ୍ୱ ନେବା ଓ ପ୍ରବଚନ ଦେବା ।

ବୈଦିକ ବିବାହିତ ଜୀବନରେ ପତିପତ୍ନୀ ବିଚ୍ଛିନ୍ନ ହୁଅନ୍ତି ନାହିଁ । 'ଇହୈବ ସ୍ତଂ ମା ବି ଯୌଷ୍ଟଂ' (ଋଗ୍‌ବେଦ ୧୦,୮୫,୪୨) । ଏଠାରେ ବୈଦିକ ନିର୍ଦ୍ଦେଶ ହେଉଛି – ଏହି ଗୃହାଶ୍ରମରେ ପରସ୍ପର ପ୍ରୀତିପୂର୍ବକ ଏକାଠି ରହ । କଦାପି ବିଚ୍ଛିନ୍ନ ହୁଅ ନାହିଁ । ମାତୃଶକ୍ତିର ବୈଦିକ ଦୃଷ୍ଟିକୋଣ ନିମ୍ନ ବେଦମନ୍ତ୍ରରେ ପ୍ରତିଫଳିତ ହୋଇଛି –

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ବସ୍ୟାଂ ଇନ୍ଦ୍ରାସି ମେ ପିତୁରୁତ ଭ୍ରାତୁଃ ଅଭୁଂଜିତଃ ।
ମାତା ଚ ମେ ଛନ୍ଦୟଥଃ ସମାବସୋ ବସୁତ୍ୱନାୟ ରାଧସେ । (ଋଗ୍‌ବେଦ ୮,୧,୬)

ହେ ଐଶ୍ୱର୍ଯ୍ୟଶାଳୀ ପ୍ରଭୋ ! ଆପଣ ମୋର ପୋଷଣକର୍ତ୍ତା ପିତା ଅଥବା ଭ୍ରାତାଠାରୁ ନିଶ୍ଚୟରେ ଅଧିକ ଉପକାରୀ । କିନ୍ତୁ ହେ ଅନ୍ତର୍ଯ୍ୟାମୀ ! ଆପଣ ମୋର ଜନ୍ମଦାତ୍ରୀ, ପାଳନକର୍ତ୍ତ୍ରୀ ମାତା ସମାନ ଅଟନ୍ତି । ପରମାତ୍ମାଙ୍କ ସହିତ ମାତାଙ୍କୁ ସମାନ ଭାବରେ ବର୍ଣ୍ଣନା କରିବା କେବଳ ବେଦରେ ହିଁ ମିଳେ । ସଂସାରର ଅନ୍ୟ କୌଣସି ଧର୍ମଗ୍ରନ୍ଥରେ ମାତାକୁ ଏପରି ଉଚ୍ଚସ୍ଥାନ ଦିଆଯାଇନାହିଁ ।

ମାତାର ଗୌରବ ମନୁଙ୍କ ସ୍ମୃତିଶାସ୍ତ୍ରରେ କୁହାଯାଇଛି –

ଉପାଧ୍ୟାୟତ୍ ଦଶାଚାର୍ଯ୍ୟ ଆଚାର୍ଯ୍ୟାଣାଂ ଶତଂପିତା
ପିତୃ ଦଶଶତଂ ମାତା ଗୌରବେଣ ଅତିରିଚ୍ୟତେ ॥

ଏହାର ଅର୍ଥ – ଦଶଜଣ ଉପାଧ୍ୟାୟ ସମାନ ଜଣେ ଆଚାର୍ଯ୍ୟ, ଶହେ ଆଚାର୍ଯ୍ୟ ସହିତ ଜଣେ ପିତା ସମାନ ଏବଂ ସହସ୍ର ପିତା ସହ ଜଣେ ମାତା ସମାନ ଅଟେ । ଆଜିକାଲି ରାଷ୍ଟ୍ରନିର୍ମାଣ ପାଇଁ ବିଭିନ୍ନ ପ୍ରକାର ଯୋଜନା କରାଯାଉଛି । କିନ୍ତୁ ସବୁ ଯୋଜନା କେବଳ ଇଟା,ପଥର, କଂକ୍ରିଟ୍‌ରେ ସୀମିତ ରହିଯାଉଛି । ବନ୍ଧ, ସଡକ, କାରଖାନା ଆଦି ଦ୍ୱାରା ମନୁଷ୍ୟକୁ ଭୌତିକ ସୁଖ, ସୁବିଧା ମିଳୁଛି ସତ, ପରନ୍ତୁ ଯାହାପାଇଁ ଏସବୁ ନିର୍ମାଣ କରାଯାଉଛି, ସେହି ମନୁଷ୍ୟର ନିର୍ମାଣ ନିମନ୍ତେ ଆମର ରାଷ୍ଟ୍ରନାୟକମାନେ ଚିନ୍ତା କରୁନାହାନ୍ତି । ଭଲ ଗାଈ, ଭଲ ଘୋଡା, ଭଲ ମାଛ, କଲମି ବୃକ୍ଷ ନିମନ୍ତେ ଯୋଜନା ହେଉଛି । କିନ୍ତୁ ଭଲ ମନୁଷ୍ୟ ପାଇଁ ଉଦ୍ୟମ ନାହିଁ । ଋଷିମୁନିମାନେ ମାନବ ନିର୍ମାଣରେ ଯୋଜନା କରିଥିଲେ । ତେଣୁ ବେଦରେ କୁହାଯାଇଛି – 'ମନୁର୍ଭବ ଜନୟା ଦୈବ୍ୟଂ ଜନମ୍' – ମନୁଷ୍ୟ ହୁଅ ଓ ଦିବ୍ୟ ସନ୍ତାନମାନଙ୍କୁ ଜନ୍ମ ଦିଅ । ଗୃହ ହିଁ ମାନବ ନିର୍ମାଣରେ ପ୍ରକୃତ ସ୍ଥଳ । ଗୃହରେ ହିଁ ରାମ, କୃଷ୍ଣ, ଶିବାଜୀ, ଦୟାନନ୍ଦ, ଗାନ୍ଧୀ ଜନ୍ମଗ୍ରହଣ କରିଥିଲେ । ରାମ, କୃଷ୍ଣ ଆଦି ମହାପୁରୁଷ ଓ ଯାଜ୍ଞବଲ୍କ୍ୟ, କଣାଦ, କପିଳ ଆଦି ଋଷିମୁନିମାନେ ମଧ୍ୟ ଗୃହସ୍ଥୀ ଥିଲେ । ଗୃହରେ ଯୋଗ ଓ ସାଧନାର ସିଦ୍ଧି ଲାଭ କରିଥିଲେ । ଗୃହର ସଂସ୍କାର ଓ ସମୃଦ୍ଧି ପାଇଁ ନାରୀର ଭୂମିକା ଅତ୍ୟଧିକ ମହତ୍ୱପୂର୍ଣ୍ଣ । ଜଣେ ନାରୀ ଦେଶର ପ୍ରଧାନମନ୍ତ୍ରୀ ହୋଇପାରେ, ରାଷ୍ଟ୍ର ସଂସଦର ଅଧିକାରିଣୀ ହୋଇପାରେ, ପରନ୍ତୁ ତାହାର ମୁଖ୍ୟ କାର୍ଯ୍ୟକ୍ଷେତ୍ର ହେଉଛି ଗୃହ । ପତ୍ନୀ ଓ ଭଗିନୀ ରୂପରେ ନାରୀ ପୁରୁଷର ଚେତନଶକ୍ତିକୁ ଜାଗ୍ରତ କରାଏ, ମାତା ରୂପରେ ପୁରୁଷକୁ ନିର୍ମାଣ କରେ । ଇତିହାସର ପୃଷ୍ଠା ଓଲଟାଇଲେ ଆମେ ଦେଖିବା ଯେ ନାରୀ କେତେବେଳେ କୌଶଲ୍ୟା, କୁନ୍ତୀ, ସୀତା, ଦ୍ରୌପଦୀ ରୂପରେ ପୁରୁଷକୁ ନିର୍ମାଣ କରେ, କେତେବେଳେ ପନ୍ନାଧାଇ ରୂପରେ ସମାଜସେବୀ ଓ ରାଷ୍ଟ୍ରରକ୍ଷାର ଅପୂର୍ବ ଆଦର୍ଶ ଦେଖାଇ ପାରିଛି । ପ୍ରଶ୍ନ ହେଉଛି ଯେ ନାରୀ ଆଜି ନିଜର ମହନୀୟ ସ୍ୱରୂପକୁ ଭୁଲିଯାଇ ନାହିଁ କି ? ସେ ଯେଉଁ ଦିନ ତାହାକୁ ପୁନଃ ସ୍ମରଣ କରି ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ଉପଲବ୍ଧି କରିବାରେ ସମର୍ଥ ହେବ, ସେହିଦିନ ତାହାର ପୁନରୁତ୍ଥାନ ସହିତ ବୈଦିକ କାଳ ଫେରିଆସିବ ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଆଦର୍ଶ ଗୃହସ୍ଥାଶ୍ରମ

ଆଜିକାଲି ସ୍ୱର୍ଗ କହିଲେ ଲୋକେ ବିଚିତ୍ର କଳ୍ପନା କରନ୍ତି । ଏହାର କାରଣ ହେଉଛି ଯେ, ଧାର୍ମିକ ସମ୍ପ୍ରଦାୟମାନେ ଏ ସମ୍ବନ୍ଧରେ ମନଗଢା କଥା ପ୍ରଚାର କରିଛନ୍ତି । ଏମାନେ ବିଶ୍ୱାସ କରନ୍ତି ଯେ, ପୁଣ୍ୟକର୍ମ କରି ମରିବା ପରେ ମନୁଷ୍ୟ ସ୍ୱର୍ଗ ନାମକ ସ୍ଥାନକୁ ଯାଇ ସେଠାରେ ସୁଖଲାଭ କରେ । ସ୍ୱର୍ଗରେ ଦୁଧ-ମହୁ ଆଦି ସ୍ୱାଦିଷ୍ଟ ବସ୍ତୁର ନଦୀ ପ୍ରବାହିତ ହୁଏ , ସୁନ୍ଦର ଉପବନ ଥାଏ, ଅପ୍ସରାମାନେ ବିଚରଣ କରନ୍ତି ଇତ୍ୟାଦି । ସେଠାରେ ତିଳେମାତ୍ର ରୋଗ, ଦୁଃଖ ଓ କ୍ଲେଶ ନ ଥାଏ । ବିଳାସ ବ୍ୟସନ ପାଇଁ ତାହା ଅପୂର୍ବ ସ୍ଥଳ ।ଏହି ସ୍ଥଳକୁ ପୁରାଣ, କୋରାନ୍ ଓ ବାଇବେଲରେ ଯଥାକ୍ରମେ ବୈକୁଣ୍ଠ ଧାମ, ଚତୁର୍ଥ ଆସମାନ ଓ ସପ୍ତମ ଆସମାନ ଆଖ୍ୟା ଦିଆଯାଇଛି । ଯଦି ପ୍ରଶ୍ନ କରାଯାଏ ଯେ ଦେହ ନ ଥାଇ ଜୀବ କିପରି ସ୍ୱର୍ଗସୁଖ ଭୋଗ କରେ ? ସଂପ୍ରଦାୟୀମାନେ ତାହାର କିଛି ଉତ୍ତର ଦେଇପାରନ୍ତି ନାହିଁ । ଯେଉଁମାନେ ପୁର୍ନଜୀବନରେ ବିଶ୍ୱାସ କରନ୍ତି ନାହିଁ, ସେମାନଙ୍କୁ ଯଦି ପ୍ରଶ୍ନ କରାଯାଏ ଯେ ଗୋଟିଏ ଜୀବନର ପୁଣ୍ୟ ଫଳରୁ ଅନନ୍ତ କାଳ ପାଇଁ କିପରି ସ୍ୱର୍ଗ ମିଳେ, ତାହାର ମଧ୍ୟ ଉତ୍ତର ମିଳେ ନାହିଁ । ଶିରୋନାସ୍ତି ଶିରୋପୀଡ଼ା ।

ବୈଦିକ କାଳରେ ସ୍ୱର୍ଗ ଅନ୍ୟ ଅର୍ଥରେ ବ୍ୟବହୃତ ହେଉଥିଲା । ସ୍ୱର୍ଗ କହିଲେ କୌଣସି ସ୍ଥଳ ବିଶେଷ ପରିବର୍ତ୍ତେ ଅବସ୍ଥା ବିଶେଷକୁ ବୁଝାଯାଉଥିଲା । ସୁଖର ସ୍ଥାନ ସ୍ୱର୍ଗ । ତାହା ମୃତ୍ୟୁ ପରେ ସଂସାର ବାହାରେ ମିଳେ ନାହିଁ । ଜୀବନ କାଳରେ ସଂସାର ମଧ୍ୟରେ ହିଁ ପ୍ରାପ୍ତ ହୁଏ । ଅଥର୍ବବେଦର ତୃତୀୟ କାଣ୍ଡରେ ସ୍ୱର୍ଗର ବର୍ଣ୍ଣନା କରାଯାଇଛି ।

ଯତ୍ରା ସୁହାର୍ଦଃ ସୁକୃତୋ ମଦାନ୍ତି, ବିହାୟ ରୋଗଂ ତନ୍ୱା ସ୍ୱାୟାଃ ।
ଅଶ୍ଳେଣା ଅଂଗୈରହୃତାଃ, ତତ୍ର ପଶ୍ୟେମ ପିତରୌ ଚ ପୁତ୍ରାନ୍ ॥

ଅର୍ଥାତ୍ – ଯେଉଁ ଗୃହରେ ଗୃହବାସୀଙ୍କର କର୍ମ ପବିତ୍ର, ଦେହ ନୀରୋଗ ଓ ବିକଳାଙ୍ଗ ରହିତ, ମନ ଓ ବାଣୀ କୁଟିଳତା ରହିତ ତଥା ଗୃହସ୍ଥ ଓ ଗୃହିଣୀ ମାତା, ପିତା ଓ ସନ୍ତାନଙ୍କ ସହିତ ଆନନ୍ଦରେ କାଳାତିପାତ କରନ୍ତି, ତାହା ସ୍ୱର୍ଗ ଅଟେ । ସେଥିପାଇଁ ଆଚାର୍ଯ୍ୟ ଚାଣକ୍ୟ ଗୃହକୁ ହିଁ ସ୍ୱର୍ଗ କହିଛନ୍ତି ।

ସାନନ୍ଦଂ ସଦନଂ ସୁତାଽସ୍ତୁ ସୁଧିୟଃ କାନ୍ତା ପ୍ରିୟାଲାପିନୀ ।
ଇଚ୍ଛାପୂର୍ତିଧନଂ ସ୍ୱାୟୋଷତିରତିଃ ସ୍ୱାଜ୍ଞାପରାଃ ସେବକାଃ ॥
ଆତିଥ୍ୟଂ ଶିବପୂଜନଂ ପ୍ରତିଦିନଂ ମିଷ୍ଟାନ୍ନପାନଂ ଗୃହେ ।
ସାଧୋଃ ସଙ୍ଗମୁପାସତେ ଚ ସତତଂ ଧନ୍ୟୋ ଗୃହସ୍ଥାଶ୍ରମଃ ॥

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଅର୍ଥାତ୍ – ଯେଉଁ ଗୃହରେ ବୁଦ୍ଧିମାନ ପୁତ୍ର, ପ୍ରିୟଭାଷିଣୀ ସ୍ତ୍ରୀ, ଯଥାଯୋଗ୍ୟ ଧନ, ଅତିଥି ସେବା, ଈଶ୍ୱର ପରାୟଣତା, ଆତ୍ମସଂଯମ, ଆଜ୍ଞାକାରୀ ସେବକ ମିଳନ୍ତି, ସେହି ଗୃହ ଧନ୍ୟ ଅଟେ । ଅନ୍ୟ ସ୍ଥଳରେ ଚାଣକ୍ୟ କହିଛନ୍ତି –

ସ୍ୱର୍ଗ ସ୍ଥିତାନାମିହ ଜୀବ ଲୋକେ, ଚତ୍ୱାରି ଚିହ୍ନାନି ବସନ୍ତି ଦେହେ ।
ଦାନ ପ୍ରସଙ୍ଗୋ ମଧୁରା ଚ ବାଣୀ, ଦେବାର୍ଚ୍ଚନଂ ବ୍ରାହ୍ମଣ ତର୍ପଣଞ୍ଚ ॥

ଯେଉଁ ଗୃହରେ ଈଶ୍ୱର ଭକ୍ତି, ବିଦ୍ୱାନଙ୍କ ସେବା, ମଧୁର ବ୍ୟବହାର ଓ ଦାନଶୀଳତା ଦେଖାଯାଏ, ତାହା ସ୍ୱର୍ଗ ଅଟେ ।

ଗୃହପତ୍ନୀ ଗୃହ–ସ୍ୱର୍ଗର ନିର୍ମାତ୍ରୀ । ତାହାଙ୍କ ଆଚରଣରୁ ଗୃହରେ ନିରୋଗତା, ପବିତ୍ରତା ଓ ପ୍ରୀତି ବିସ୍ତାରିତ ହୁଏ । ତାହାଙ୍କ ସୁମଧୁର ବାଣୀ ଗୃହବାସୀଙ୍କ ସନ୍ତପ୍ତ ହୃଦୟକୁ ଶୀତଳ କରେ । ବୈଦିକ ବିବାହ ସଂସ୍କାରରେ ବଧୂକୁ ସମ୍ବୋଧନ କରି କୁହାଯାଏ –

ସମ୍ରାଜ୍ଞ୍ୟେଧି ଶ୍ୱଶୁରେଷୁ ସମ୍ରାଜ୍ଞ୍ୟୁତ ଦେବୃଷୁ ।
ନନାନ୍ଦୁଃ ସମ୍ରାଜ୍ଞ୍ୟେଧି ସମ୍ରାଜ୍ଞ୍ୟୁତ ଶ୍ୱଶ୍ରାଃ । (ଅଥର୍ବ ୧୪,୧,୪୪)

ଅର୍ଥାତ୍ – ହେ ଅଶେଷ ଗୁଣଶାଳିନୀ ବଧୂ ! ତୁମେ ଗୃହକୁ ଅତିଥି ହୋଇ ଆସିନାହିଁ । ଗୃହ ଏକ ସମ୍ରାଜ୍ୟ, ଏହା ଏକ ରାଜ୍ୟ ନୁହେଁ । ତୁମେ ଗୃହର ସମ୍ରାଜ୍ଞୀ, ପତିଙ୍କର ସହଚାରିଣୀ, ସଚିବ ଓ ସହଧର୍ମିଣୀ ହୋଇ ଗୃହ ସାମ୍ରାଜ୍ୟ ପରିଚାଳନା କର । ଗୃହ ସମ୍ରାଜ୍ଞୀର ବିଶ୍ରାମ ଓ ବିଳାସ ପାଇଁ ଗୋଟିଏ ମାତ୍ର ମୂହୂର୍ତ୍ତ ନାହିଁ । ହେ ବଧୂ ! ଏହି ଗୃହରେ ତୁମେ ହିଁ ପରିଚାରିକା, ତୁମେ ହିଁ ପରିବେଷିକ, ବ୍ୟବସ୍ଥାପିକା ଓ ପୋଷିକା । ତୁମର ପ୍ରଜାଗଣ ତୁମଠାରୁ ରାଜସ୍ୱ ଚାହାନ୍ତି । ତୁମଠାରୁ ଅସୀମ ଧୈର୍ଯ୍ୟ, ସହନଶୀଳତା ଓ ସେବା ଆଶା କରନ୍ତି । ସେମାନଙ୍କ ମଧ୍ୟରୁ କିଏ ଅତୀତ କାଳରେ ଗୃହସାମ୍ରାଜ୍ୟର ସମ୍ରାଟ ଥିଲେ କିଏ ବା ସମ୍ରାଜ୍ଞୀ ଥିଲେ । କିଏ ବା ଭବିଷ୍ୟତରେ ଏଭଳି ସାମ୍ରାଜ୍ୟର ଅଧିକାରୀ ବା ଅଧିକାରିଣୀ ହେବେ । ଏମାନେ ସାଧାରଣ ପ୍ରଜା ନୁହନ୍ତି । ନିରପେକ୍ଷ, ନମ୍ର, ବୁଦ୍ଧିଯୁକ୍ତ, ମଧୁର ଓ ଆତ୍ମୀୟ ଭାବନାରେ ସେମାନଙ୍କର ସେବା କର । ମନେରଖ, ତୁମେ ଗୃହପାଳିତ ପଶୁପକ୍ଷୀଙ୍କର ମଧ୍ୟ ସେବିକା ଅଟ ।

ହେ ଗୃହ ସମ୍ରାଜ୍ଞୀ ! ପ୍ରେମ ହିଁ ତୁମ ଶାସନର ମୂଳମନ୍ତ୍ର ହେଉ । ପତିଙ୍କ ସହ ସହଯୋଗ, ଜ୍ୟେଷ୍ଠଙ୍କ ପ୍ରତି ଶ୍ରଦ୍ଧା, କନିଷ୍ଠଙ୍କ ପ୍ରତି ବାତ୍ସଲ୍ୟ, ଅତିଥିଙ୍କ ପ୍ରତି ସେବା, ପଶୁପକ୍ଷୀଙ୍କ ପ୍ରତି କରୁଣା, ମାତୃଭୂମି ପ୍ରତି ପବିତ୍ର ରାଷ୍ଟ୍ରବୋଧ, ସମାଜ ପ୍ରତି ଆସ୍ଥା, ସଂସାର ପ୍ରତି ହିତ ଭାବନା ଓ ପରମାତ୍ମାଙ୍କ ପ୍ରତି ସମର୍ପଣ ବୁଦ୍ଧି ତୁମର ପ୍ରେମର ବିଭିନ୍ନ ରୂପ ହେଉ ।

ଆଦର୍ଶ ଗୃହସ୍ଥଙ୍କ ବହୁଳତା ଯୋଗୁଁ ସମ୍ପୂର୍ଣ୍ଣ ଭାରତବର୍ଷକୁ ଏକ ସମୟରେ ସ୍ୱର୍ଗଭୂମି ଓ ସେଠାର ଅଧିବାସୀମାନଙ୍କୁ ଦେବତା ବୋଲି କୁହାଯାଉଥିଲା । କେକୟ ପ୍ରଦେଶର ମହାରାଜା ଅଶ୍ୱପତି ମହର୍ଷି ଯାଜ୍ଞବଲ୍କ୍ୟଙ୍କୁ ବୈଦିକ ସ୍ୱର୍ଗର ବର୍ଣ୍ଣନା କରି କହିଥିଲ –

ନ ମେ ସ୍ତେନ ଜନପଦେ ନ କଦର୍ଯ୍ୟୋ ନା ମଦ୍ୟପଃ ।
ନାନହିତାଗ୍ନି ନାବିଦ୍ୱାନ୍ ନ ସ୍ୱୈରୀ ସ୍ୱୈରୀଣୀ କୁତଃ ॥

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଅର୍ଥାତ୍ – ମୋର ରାଷ୍ଟ୍ରରେ କେହି ଚୋର, କୃପଣ ଓ ମଦ୍ୟପ ନାହାନ୍ତି । ସମ୍ପୂର୍ଣ୍ଣ ରାଷ୍ଟ୍ରରେ ଏପରି କେହି ଗୃହସ୍ଥ ନାହାନ୍ତି ଯାହାଙ୍କ ଘରେ ଦୈନିକ ଅଗ୍ନିହୋତ୍ର ହୁଏ ନାହିଁ, ଜଣେ ମଧ୍ୟ ଅବିଦ୍ୱାନ ନାହାନ୍ତି ଓ ବ୍ୟଭିଚାରୀ ନାହାନ୍ତତି ତ ବ୍ୟଭିଚାରିଣୀ କେଉଁଠାରୁ ଆସିବେ ?

ଅନ୍ୟ ପକ୍ଷରେ ନରକର ବର୍ଣ୍ଣନା କରି ଚାଣକ୍ୟ କହିଛନ୍ତି –

ଅତ୍ୟନ୍ତ କୋପଂ କଟୁକା ଚ ବାଣୀ, ଦରିଦ୍ରତା ଚ ସ୍ୱଜନେଷୁ ବୈରମ୍ ।
ନୀଚ ପ୍ରସଙ୍ଗ କୁଳହୀନ ସେବା, ଚିହ୍ନାନି ଦହେ ନରକ ସ୍ଥିତାନାମ୍ ॥

ଅର୍ଥାତ୍ – ଯେଉଁଠାରେ ଅତ୍ୟନ୍ତ କ୍ରୋଧ, କଟୁବଚନ, ଦରିଦ୍ରତା, ଦୁର୍ଜ୍ଜନ ସଂଗ, ସ୍ୱଜନବୈରତା, ଦୁର୍ଜ୍ଜନସେବା ରହିଥାଏ, ସେହି ସ୍ଥାନ ନରକ ଅଟେ । ଏପରି ସ୍ଥଳକୁ ସେ ଶ୍ମଶାନ ଆଖ୍ୟା ହେଇଛନ୍ତି । ଅନ୍ୟ ଗୋଟିଏ ଶ୍ଳୋକରେ ସେ କହନ୍ତି –

ନ ବିପ୍ର ପାଦୋଦକ କର୍ଦ୍ଦମାନି, ନ ବେଦ ଶାସ୍ତ୍ର ଧ୍ୱନି ଗର୍ଜିତାନି ।
ସ୍ୱାହା ସ୍ୱଧାକାରବୋ ଗର୍ଜିତାନି, ଶଶ୍ମାନ ତୁଲ୍ୟାନି ଗୃହାଣି ତାନି ॥

ଅର୍ଥାତ୍ – ଯେଉଁ ଗୃହରେ ବ୍ରାହ୍ମଣଙ୍କ ଚରଣ ଧୌତ ହୁଏ ନାହିଁ, ବେଦଧ୍ୱନି ଶୁଣାଯାଏ ନାହିଁ, ପଞ୍ଚ ମହାଯଜ୍ଞ ଅନୁଷ୍ଠିତ ହୁଏ ନାହିଁ, ସେହି ଗୃହ ଶ୍ମଶାନ ତୁଲ୍ୟ ଅଟେ ।

(୨)

ଗୃହସ୍ଥ – ଗୃହିଣୀଙ୍କ ପରିବାର ହେଉଛି ଗୃହ ସଙ୍ଗଠନ । ଏହା ଅନ୍ୟ ସବୁ ସଙ୍ଗଠନଠାରୁ ଉତ୍କୃଷ୍ଟ । ବିଶ୍ୱର ଯେକୌଣସି ଧାର୍ମିକ, ରାଜନୈତିକ, ସାମାଜିକ ଓ ରାଷ୍ଟ୍ରୀୟ ସଙ୍ଗଠନ ତୁଳନାରେ ଗୃହ ସଙ୍ଗଠନର ପ୍ରୟୋଜନ ଅଧିକ । କୌଣସି ବ୍ୟକ୍ତି ଅନ୍ୟ ସଙ୍ଗଠନମାନଙ୍କରେ ଅନ୍ତର୍ଭୁକ୍ତ ନ ହୋଇ ବଞ୍ଚିପାରେ, ମାତ୍ର ସେ ଗୃହସଂସ୍ଥାର ସଭ୍ୟ ହେବା ପାଇଁ ବାଧ୍ୟ । ପୃଥିବୀର ବର୍ତ୍ତମାନ ଜନସଂଖ୍ୟା ପ୍ରାୟ ଛଅଶହ କୋଟି । ତନ୍ମଧ୍ୟରୁ ଶତକଡା ଅନେଶ୍ୱତ ଭାଗରୁ ଅଧିକ ମନୁଷ୍ୟ ପରିବାର ମଧ୍ୟରେ ବାସ କରନ୍ତି ଓ ଅବଶିଷ୍ଟ ଅଳ୍ପ ଲୋକ ଧର୍ମୀୟ ପୀଠମାନଙ୍କରେ ରହନ୍ତି । ଅନ୍ୟ ଭାଷାରେ କହିବାକୁ ଗଲେ ସମଗ୍ର ମାନବସମାଜ ଗୃହସଂସ୍ଥାର ସଦସ୍ୟ ଅଟନ୍ତି । ଏତେ ଅଧିକ ସଦସ୍ୟ ବିଶିଷ୍ଟ ସଂଗଠନ ପୃଥିବୀର ଅନ୍ୟ କିଛି ନାହିଁ । ତେଣୁ ଗୃହ ହେଉଛି ଭୂମଣ୍ଡଳର ସବୁଠାରୁ ବଡ ସଂଗଠନ ।

ସାମାଜିକ ଅନୁଷ୍ଠାନମାନଙ୍କରେ ଉତ୍ତମ ଓ ଚରିତ୍ରବାନ୍ ବ୍ୟକ୍ତି ମିଳୁ ନାହାନ୍ତି ବୋଲି କୁହାଯାଉଛି । ସଦାଚାରୀ ବିଦ୍ୟାର୍ଥୀ ଦୁର୍ଲ୍ଲଭ ହେଉଛନ୍ତି । ଆଦର୍ଶ ଅଧ୍ୟାପକ ବିରଳ । ସରକାରୀ କର୍ମଚାରୀ, ବ୍ୟବସାୟୀ, ମାଲିକ, ପିତା, ପୁତ୍ର ଏପରିକି ଧର୍ମାଚାର୍ଯ୍ୟମାନେ ପଥଭ୍ରଷ୍ଟ ହେଉଥିବା ଦେଖି ମନରେ ନିରାଶା ଆସୁଛି । ଏସବୁ କାହିଁକି ଘଟୁଛି ? ଏହାର କାରଣ କ'ଣ ? ଏଭଳି ପ୍ରଶ୍ନଗୁଡିକର ଉତ୍ତର ଖୋଜିଲେ ଜଣାଯିବ ଯେ ଏ ସମସ୍ତେ ଗୃହସଂସ୍ଥାରେ ଜନ୍ମଲାଭ କରି ସୁଦ୍ଧା ଉଚିତ ଶିକ୍ଷାଦିକ୍ଷା ପାଉ ନାହାନ୍ତି । ରାଜା, ରାଣୀ, ମନ୍ତ୍ରୀ, ରାଜ କର୍ମଚାରୀ, ନେତା, ଅଧ୍ୟାପକ, ଉପଦେଶକ, ଲେଖକ, ଶ୍ରମିକ କେହି ଅରଣ୍ୟରୁ ଆସନ୍ତି ନାହିଁ । ସମସ୍ତେ ଗୃହାଶ୍ରମରେ ଜନ୍ମ ନିଅନ୍ତି । ସ୍କୁଲ, କଲେଜ, ଗୁରୁକୁଳ, ବିଶ୍ୱବିଦ୍ୟାଳୟରେ ଯେଉଁ ବିଦ୍ୟାର୍ଥୀ, ବିଦ୍ୟାର୍ଥିନୀ ପ୍ରବିଷ୍ଟ ହୁଅନ୍ତି ସେ ସମସ୍ତେ ଗୃହସଂସ୍ଥାରେ ଜନ୍ମଲାଭ କରନ୍ତି ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଗୃହ ମାନବ-ଜୀବନର ଉତ୍ପତ୍ତି ସ୍ଥଳ । ମନୁଷ୍ୟ ମାତାପିତାଙ୍କଠାରୁ ଗୃହରେ ଗର୍ଭସ୍ଥ ଓ ଭୂମିଷ୍ଠ ହୁଏ ।ଗୃହ ହିଁ ତାହାର ପାଳନ-ପୋଷଣର ସ୍ଥଳ । ସେ ସେଠାରେ ସମସ୍ତ ପ୍ରକାର ପ୍ରାଥମିକ ବ୍ୟବହାର ଶିଖେ । ସେଠାରେ ଜୀବନର ପ୍ରଥମ ସଂସ୍କାର ଗୁଡିକ ଅଙ୍କୁରିତ ହୁଏ ଓ ଧିରେ ଧିରେ ବିକଶିତ ହୁଏ । ଗର୍ଭାବସ୍ଥା ଓ ବାଲ୍ୟାବସ୍ଥା ଭବିଷ୍ୟତ ଜୀବନର ଭିତ୍ତି । ଆଜି ଗୃହସ୍ଥ ଜୀବନ ଭ୍ରଷ୍ଟ ହୋଇଯାଉଛି । ଭ୍ରଷ୍ଟ ଗୃହରେ ଭ୍ରଷ୍ଟ ପ୍ରଜା ଜନ୍ମ ନିଅନ୍ତି । ସେମାନେ ପାରିବାରିକ କ୍ଷେତ୍ର, ଧର୍ମକ୍ଷେତ୍ର, ସେବାକ୍ଷେତ୍ର ସବୁ ସ୍ଥଳକୁ ଅପବିତ୍ର କରି ଦେଉଛନ୍ତି । ଗୃହସଂସ୍ଥାର ଅବହେଳା ଯୋଗୁଁ ମନ୍ଦିର, ମସଜିଦ୍, ଗୀର୍ଜା, ଗୁରୁକୁଳ, ବିଦ୍ୟାଳୟ ସର୍ବତ୍ର ଅବ୍ୟବସ୍ଥା ଦେଖାଯାଉଛି । ଶାସନ, ଶାସକ, ରାଜକର୍ମଚାରୀ ଓ ଜନସାଧାରଣ ସମସ୍ତେ ଗୃହାଶ୍ରମର କୁସଂସ୍କାରରେ ପ୍ରଭାବିତ ହୋଇ ନିଜ ନିଜ କ୍ଷେତ୍ରରେ ଅଯୋଗ୍ୟ ବିବେଚିତ ହେଉଛନ୍ତି ।

ସମାଜ, ରାଜ୍ୟ, ସାମ୍ରାଜ୍ୟ ଏସବୁ ସ୍ଥାପିତ ହେବା ପୂର୍ବରୁ ପୃଥିବୀରେ ସର୍ବପ୍ରଥମେ ଗୃହସଂସ୍ଥା ସ୍ଥାପିତ ହୋଇଥିଲା । ମହର୍ଷି ମନୁ ଲେଖିଛନ୍ତି –

ଯଥା ବାୟୁଂ ସମାଶ୍ରିତ୍ୟ ବର୍ତ୍ତନ୍ତେ ସର୍ବ ଜନ୍ତବଃ ।
ତଥା ଗୃହସ୍ଥଂ ଆଶ୍ରିତ୍ୟ ବର୍ତ୍ତନ୍ତେ ସର୍ବ ଆଶ୍ରମାଃ ।(ମନୁ ୩,୭୭)

ଯେପରି ବାୟୁର ଆଶ୍ରୟରେ ସମସ୍ତ ଜୀବଜଗତ ବଞ୍ଚି ରହିଛନ୍ତି, ସେହିପରି ଗୃହାଶ୍ରମରେ ବ୍ରହ୍ମଚାରୀ, ବାନପ୍ରସ୍ଥ ଓ ସନ୍ନ୍ୟାସୀ ଜୀବିତ ରହନ୍ତି । ସେ ପୁଣି ଲେଖିଛନ୍ତି –

ଯସ୍ମାତ୍ ତ୍ରୟୋଽପ୍ୟାଶ୍ରମିଣୋ ଜ୍ଞାନେନାନ୍ନେନ ଚାନ୍ୱହମ୍ ।
ଗୃହସ୍ଥେନୈବ ଧାର୍ଯ୍ୟନ୍ତେ ତସ୍ମାଜ୍ଜ୍ୟେଷ୍ଠାଶ୍ରମୋ ଗୃହୀ ।।(ମନୁ୩,୬୮)

ବ୍ରହ୍ମଚାରୀ, ବାନପ୍ରସ୍ଥୀ ଏବଂ ସନ୍ନ୍ୟାସୀ – ଏହି ତିନି ଆଶ୍ରମଧର୍ମୀଙ୍କୁ ଗୃହସ୍ଥ ହିଁ ଅନ୍ନବସ୍ତ୍ରାଦି ଦ୍ୱାରା ଭରଣ ପୋଷଣ କରେ । ତେଣୁ ବ୍ୟାବହାରିକ ଦୃଷ୍ଟିରୁ ଗୃହାଶ୍ରମ ସର୍ବଶ୍ରେଷ୍ଠ ଅଟେ ।

ସଂ ସଂଧାର୍ଯ୍ୟଃ ପ୍ରଯତ୍ନେନ ସ୍ୱର୍ଗମକ୍ଷୟମିଚ୍ଛତା ।
ସୁଖଂ ଚେହେଚ୍ଛତା ନିତ୍ୟଂ ଯୋଽଧୋର୍ଯ୍ୟୋ ଦୁର୍ବଳେନ୍ଦ୍ରିୟୈଃ ।। (ମନୁ ୩,୬୯)

ହେ ସ୍ତ୍ରୀ ପୁରୁଷଗଣ ! ତୁମ୍ଭମାନେ ଯଦି ଅକ୍ଷୟ ଆନନ୍ଦ ତଥା ସାଂସାରିକ ସୁଖ ଇଚ୍ଛା କରୁଛ, ତେବେ ଅହରହ ପ୍ରଯତ୍ନଶୀଳ ହୋଇ ଗୃହାଶ୍ରମକୁ ଧାରଣ କର । ଦୁର୍ବଳ ଓ ଅଜ୍ଞ ପୁରୁଷଙ୍କ ଦ୍ୱାରା ଗୃହାଶ୍ରମ ଶୋଭାପାଏ ନାହିଁ ।

ସର୍ବେଷାମପି ଚୈତେଷାଂ ବେଦସ୍ମୃତି ବିଧାନତଃ ।
ଗୃହସ୍ଥ ଉଚ୍ୟତେ ଶ୍ରେଷ୍ଠଃ ସଃ ତ୍ରୀନେତାନ୍ ବିଭର୍ତ୍ତି ହି ।। (ମନୁ ୬,୮୯)

ହେ ମନୁଷ୍ୟ ! ଯେପରି ସମସ୍ତ ନଦନଦୀ ସମୁଦ୍ରରେ ଯାଇ ସ୍ଥିର ହୁଅନ୍ତି, ସେହିପରି ସମସ୍ତ ଆଶ୍ରମ ଗୃହସ୍ଥ ଠାରେ ନିର୍ଭର କରନ୍ତି ।

ତେଣୁ ବୃକ୍ଷର ବୃଦ୍ଧି ପାଇଁ ବୃକ୍ଷମୂଳରେ ସାର ଓ ଜଳଦେବା ଆବଶ୍ୟକ ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

(୩)

କହିବାକୁ ଗଲେ ପରିବାର ହେଉଛି ସମାଜର ଏକ ସଂକ୍ଷିପ୍ତ ରୂପ । ସେଠାରେ ପତିପତ୍ନୀ, ପୁତ୍ର-ପୁତ୍ରୀ, ମାତା-ପିତା, ଜେଜେବାପା-ଜେଜେମାଆ, ଭାଇ-ଭଉଣୀ ସମସ୍ତଙ୍କର ମଧୁର ସମନ୍ୱୟ ଦେଖାଯାଏ । ପରିବାରକୁ ସୁନ୍ଦର ଓ ସୁବ୍ୟବସ୍ଥିତ କଲେ ହିଁ ରାଷ୍ଟ୍ର ଉନ୍ନତ ହୁଏ । ସୁନ୍ଦର ଓ ସୁବ୍ୟବସ୍ଥିତ ପରିବାର ସ୍ୱର୍ଗ ଅଟେ । ବିକୃତ ତଥା ଅବ୍ୟବସ୍ଥିତ ପରିବାର ନରକ ଅଟେ । ଆମର ଲକ୍ଷ୍ୟ ହେଉଛି ପରିବାରକୁ ସ୍ୱର୍ଗରେ ପରିଣତ କରିବା । ସେଥି ନିମନ୍ତେ ବେଦରେ କେତେକ ଗୁଣ ଓ ଆଚରଣର ନିର୍ଦ୍ଦେଶ ଦିଆଯାଇଛି –

ଆସ୍ତିକତା – ବେଦ କହିଛନ୍ତି, ଆସ୍ତିକତା ବା ଈଶ୍ୱରବିଶ୍ୱାସ ହିଁ ସୁଖର ମୂଳ କାରଣ ଅଟେ । ଯେଉଁଠାରେ ଆସ୍ତିକତା ଥାଏ, ସେଠାରେ ଦୋଷ, ଦୁର୍ଗୁଣ ଓ ପାପ ସ୍ୱୟଂ ନଷ୍ଟ ହୋଇଯାଏ । ତେଣୁ ପରିବାରର ପ୍ରତ୍ୟେକ ବ୍ୟକ୍ତିଠାରେ ଈଶ୍ୱରଙ୍କଠାରେ ଅତୁଟ ଆସ୍ଥା ଜାଗ୍ରତ ହେବା ଉଚିତ । ଋଗ୍‌ବେଦରେ କୁହାଯାଇଛି ଯେ, ଐଶ୍ୱର୍ଯ୍ୟ-ପ୍ରାପ୍ତିର ସର୍ବୋତ୍ତମ ଉପାୟ ହେଉଛି ସନ୍ମାର୍ଗରେ ଗତି କରିବା । ଶୁଭକର୍ମ କରିବା ଦ୍ୱାରା ହିଁ ଶ୍ରୀ ବୃଦ୍ଧି ହୁଏ । ତାହା ସ୍ଥାୟୀ ରହେ । ବେଦ ମାନବଜାତି ପାଇଁ ପ୍ରକାଶ-ସ୍ତମ୍ଭ ଅଟେ । ତାକୁ ଉପେକ୍ଷା କରିବା ଦ୍ୱାରା ମନୁଷ୍ୟ ଆଲୋକଠାରୁ ଦୂରେଇ ଯାଇ ଅନ୍ଧକାରରେ ପ୍ରବେଶ କରେ । ଈଶ୍ୱରବିଶ୍ୱାସ ଜୀବନକୁ ପ୍ରଗତି ପଥରେ ନିଏ, ନାସ୍ତିକତା ପତନର କାରଣ ଅଟେ । ତଦ୍ୱାରା ଅକର୍ମଣ୍ୟତା, ନିରାଶା, କ୍ଷିନ୍ନତା ଓ ଅବସାଦ ବୃଦ୍ଧି ପାଏ । ମନୁଷ୍ୟ ସ୍ୱୟଂ ନଷ୍ଟ ହୋଇଯାଏ । ତାହାର ସକଳ ସଂପତ୍ତି ଅନ୍ୟ ହାତକୁ ଚାଲିଯାଏ । ମନେ ରଖିବା ଉଚିତ ଯେ, ଆସ୍ତିକ ମନୁଷ୍ୟ ନୈତିକ ଜୀବନ ଯାପନ କରେ । ସଭ୍ୟ ଭାଷଣ, ସତ୍ୟ ବ୍ୟବହାର ଓ ଅସତ୍ୟ ତ୍ୟାଗ ଆସ୍ତିକତାର ପରିଣାମ ଅଟେ ।

ସଂଗଠନ – ପରିବାର ମଧ୍ୟରେ ସୁଷମ ସଂଗଠନ ଓ ଏକତା ରହିବା ଉଚିତ । ସମସ୍ତଙ୍କ ହୃଦୟରେ ଓ ମନରେ ସହାନୁଭୂତି ଓ ସମବେଦନା ପରିବାରକୁ ସୁଖମୟ କରେ । ସମସ୍ତଙ୍କର ମାନସିକ ସୌହାର୍ଦ୍ଦ୍ୟ ଓ ପରସ୍ପର ପ୍ରତି ବିଶ୍ୱାସ ଦୃଢ ପରିବାର ଗଠକ କରେ । ପରିବାରରେ ଛୋଟ ବଡ ଭେଦଭାବ ଭୁଲି ସମସ୍ତେ ସୌଭାଗ୍ୟ ନିମିତ୍ତ ନିରନ୍ତର ଯତ୍ନଶୀଳ ରହନ୍ତି । ମିଳିମିଶି ସବୁ କାର୍ଯ୍ୟ କରନ୍ତି । ପରସ୍ପର ଦ୍ୱେଷଭାବନା ରଖନ୍ତି ନାହିଁ । ବେଦ କହିଛନ୍ତି –

"ସହୃଦୟ ସାଂମନସ୍ୟମ୍ ଅବିଦ୍ୱେଷଂ କୃଣୋମି ବଃ ॥"

ଅର୍ଥାତ୍ ହେ ମନୁଷ୍ୟଗଣ ! ତୁମ୍ଭମାନଙ୍କୁ ବିଶାଳ ହୃଦୟ ଓ ପବିତ୍ର ମନ ପ୍ରଦାନ କରୁଅଛି । ତୁମ୍ଭମାନଙ୍କ ମଧ୍ୟରେ ତିଳେମାତ୍ର ଦ୍ୱେଷ ନ ରହୁ ।

ଧନସମ୍ପଦ – ପରିବାରର ଜୀବନ ନିର୍ବାହ ଧନସମ୍ପଦ ଆବଶ୍ୟକ । ମାନବ ଜୀବନର ସମସ୍ତ ସୁଖସୁବିଧା ଧନ ଉପରେ ନିର୍ଭର କରେ । ଯେଉଁଠାରେ ଐଶ୍ୱର୍ଯ୍ୟ ଅଛି, ସେଠାରେ ସୁଖ ଅଛି । ଭୌତିକ ଉନ୍ନତିର ସାର ଧନ ଅଟେ । ଧନଦ୍ୱାରା ହିଁ ବିଦ୍ୟା, ଯଶ, ପ୍ରତିଷ୍ଠା, ଆଜୀବିକା, ବିକାଶ ଓ ଅଭ୍ୟୁଦୟ ହୁଏ । ତେଣୁ ଅର୍ଥୋପାର୍ଜନ ପାଇଁ ବେଦର ଶହ ଶହ ମନ୍ତ୍ରରେ କାମନା କରାଯାଇଛି । ଅଥର୍ବ ବେଦରେ କୁହାଯାଇଛି "ସମସ୍ତ ଐଶ୍ୱର୍ଯ୍ୟ ମୋତେ ପ୍ରାପ୍ତ ହେଉ ।" ଲକ୍ଷ୍ମୀର ଦୁଇଟି ଗୁଣ ଥାଏ – ପବିତ୍ର ଓ ଅପବିତ୍ର, ଶୁଭ ଓ ଅଶୁଭ । ପବିତ୍ର ସାଧନ ଦ୍ୱାରା ପ୍ରାପ୍ତ ଧନ ଶୁଭ ଓ ଶ୍ରେୟସ୍କର ଅଟେ । ଅନୁଚିତ ଉପାୟରେ ଅର୍ଜିତ ଧନ ଅଶୁଭ, ଅପବିତ୍ର ଓ ନାଶକାରୀ । ବେଦରେ ଶୁଭଲକ୍ଷ୍ମୀର ସଂଗ୍ରହ ନିମିତ୍ତ ଆଦେଶ ଦିଆଯାଇଛି –

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

"ରମନ୍ତା ପୁଣ୍ୟା ଲକ୍ଷ୍ମୀଃ ଯା ପାପୀ ସ୍ତା ଅନୀନଶମ୍ ॥"

ନୀରୋଗତା- ପରିବାରର ପ୍ରତ୍ୟେକ ବ୍ୟକ୍ତି ନୀରୋଗ ଓ ସୁସ୍ଥ ରହିବା ଉଚିତ । ସୁସ୍ଥ ମନୁଷ୍ୟ ସଂସାରର ସୁଖ ଭୋଗ କରିପାରେ । ସେ ହିଁ ଜୀବନକୁ ସୁଖମୟ କରେ । ଆରୋଗ୍ୟର ଶ୍ରେଷ୍ଠତମ ପନ୍ଥା ହେଉଛି ଭୋଜନ ତଥା ବ୍ୟବହାରକୁ ଶୁଦ୍ଧ ଓ ସାତ୍ତ୍ୱିକ କରିବା । ତାହା ଆରୋଗ୍ୟର ପ୍ରଧାନ କାରଣ । ବେଦ ଭୋଗ ସହିତ ରୋଗର କାରଣକୁ ଦୂର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

"ଅପାମିବାମପ ବିଶ୍ୱାମନାହୁତିଂ" (ର ୧୨, ୬୩, ୧୨)

ଧର୍ମ – ଅଥର୍ବବେଦରେ ଧର୍ମ ଓ ଶ୍ରୀର ସ୍ଥାୟୀ ସଂବନ୍ଧ ବିଷୟ ଉଲ୍ଲେଖ କରାଯାଇଛି । ଯେଉଁଠାରେ ଧର୍ମ, ସେହିଠାରେ ହିଁ ସୁଖ ବିଦ୍ୟମାନ । ସୁଖର ସ୍ଥାୟୀତ୍ୱ ନିମିତ୍ତ ଧର୍ମ ପାଳନ ଅନିବାର୍ଯ୍ୟ ।

ପ୍ରସନ୍ନ ମନ – ପରିବାରରେ ଆନନ୍ଦର ବାତାବରଣ ସୃଷ୍ଟି ପାଇଁ ପରିବାରର ପ୍ରତ୍ୟେକ ସଦସ୍ୟ ସଦସ୍ୟା ପ୍ରସନ୍ନ ରହିବେ । ଗୃହରେ ଆମୋଦ ପ୍ରମୋଦର ବାତାବରଣ ରହିବା ଉଚିତ । ହାସ୍ୟ, ବିନୋଦ, ପ୍ରସନ୍ନଚିତ୍ତତା, ସ୍ୱଭାବ-ମାଧୁର୍ଯ୍ୟ ନିଜର ସ୍ୱାସ୍ଥ୍ୟ ପାଇଁ ଓ ପରିବାରର ପ୍ରସନ୍ନତା ପାଇଁ ଶୁଭ ସଂକେତ ଅଟେ ।

ନିର୍ଭୟତା ଓ ସାହାସିକତା – ପାରିବାରିକ ସୁଖଲାଗି ପ୍ରତ୍ୟେକ ବ୍ୟକ୍ତି ନିର୍ଭୀକ ଓ ସାହାସୀ ହେବା ଉଚିତ । ଆପତ୍ତି ଓ ସଂକଟ ସମୟରେ ସମ୍ମୁଖୀନ ହେବା ପାଇଁ ଶକ୍ତି ଆବଶ୍ୟକ । ଶକ୍ତିକୁ ନିଜର ବୋଲି ନ ଭାବି ପ୍ରଭୁଙ୍କର ବୋଲି ବୁଝିବାରେ ତାହା କଳ୍ପନାତୀତ ବୃଦ୍ଧିପାଏ । ଏହି ଉଦ୍ଦେଶ୍ୟରେ ସର୍ବରକ୍ଷକ ପରମାତ୍ମାଙ୍କୁ ସ୍ମରଣ କରିବାକୁ ବେଦ ଆଦେଶ ପ୍ରଦାନ କରିଛନ୍ତି – "ଓଁ କ୍ଲିବେ ସ୍ମର । (ଯଜୁଃ ୪୦,୧୮)

ଯେଉଁଠାରେ ନିର୍ଭୀକତା ଓ ସାହାସ ଥାଏ, ସେଠାରେ ସଂକଟ ଉପସ୍ଥିତ ହୁଏ ନାହିଁ । ଉଦାହରଣ ସ୍ୱରୂପ ସୂର୍ଯ୍ୟ, ଚନ୍ଦ୍ରମା, ବାୟୁ ସର୍ବଦା ନିର୍ଭୟରେ ବିଚରଣ କରନ୍ତି । ସେହିପରି ମନୁଷ୍ୟ ମଧ୍ୟ ନିର୍ଭୀକ ଓ ସାହାସୀ ହେବା ଉଚିତ୍ ।

ପୁରୁଷାର୍ଥ, ପରିଶ୍ରମ ଓ ସ୍ୱାବଲମ୍ବନଶୀଳତା – ପରିବାରକୁ ସୁଖୀ କରବା ନିମିତ୍ତ ପରିବାରର ସମସ୍ତେ ପୁରୁଷାର୍ଥୀ ହେବା ଉଚିତ । ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଶକ୍ତି ଅନୁସାରେ ପରିଶ୍ରମ କରିବେ । ପରିଶ୍ରମ ଦ୍ୱାରା ସବୁ ପ୍ରକାର ସଫଳତା ପ୍ରାପ୍ତ ହୁଏ । କର୍ମହୀନର ସମସ୍ତ ଯୋଜନା ନିଷ୍ଫଳ ହୁଏ । ସେହିପରି ସମାଜର ଉନ୍ନତି ପାଇଁ ସର୍ବ ପ୍ରଥମେ ଗୃହଗୁଡିକୁ ଶୁଦ୍ଧ ଓ ଦୃଢ କରିବା ପ୍ରୟୋଜନ ହୁଏ । ସେଥିରୁ ଆଦର୍ଶ ଶିକ୍ଷାଦାତା, ଶିକ୍ଷାର୍ଥୀ ଜନ୍ମଲାଭ କରନ୍ତି । ସଂସ୍କାରଯୁକ୍ତ ବାନପ୍ରସ୍ଥୀ ଓ ସନ୍ନ୍ୟାସୀ ଜନସାଧାରଣଙ୍କ ମଧ୍ୟରେ ଦିବ୍ୟ ଭାବନା ବିସ୍ତାର କରନ୍ତି । ଗୃହକୁ ଦେବାଳୟ ପରି କରି ଗଢିଲେ ସଂସାରର ଅନ୍ୟ ସମସ୍ତ ସଙ୍ଗଠନ ସ୍ୱତଃ ଜାଗ୍ରତ ଓ ବିକଶିତ ହୁଏ । ସେଗୁଡିକର ଅବସ୍ଥା ଉନ୍ନତ ହୁଏ । ସୀତା, ଦୁର୍ଗା, ଲକ୍ଷ୍ମୀବାଈ ଆଦି ମହିୟସୀ ନାରୀମାନେ କୌଣସି ଗୁରୁକୁଳ ବା ବିଶ୍ୱବିଦ୍ୟାଳୟରୁ ବ୍ୟକ୍ତିତ୍ୱ ନିର୍ମାଣ କରି ନ ଥିଲେ । ରାମ,କୃଷ୍ଣ, ବୁଦ୍ଧ, ଶଙ୍କର, ଯୀଶୁ, ମହମ୍ମଦ, ଦୟାନନ୍ଦ, ଏହି ସମସ୍ତଙ୍କ ଜୀବନର ମହାନତା ଗୃହ ମଧ୍ୟରେ ଅଙ୍କୁରିତ ହୋଇଥିଲା । କୌଣସି ଜାତିର ମହତ୍ତ୍ୱ ତାହାର ଧନସମ୍ପତ୍ତି, ଅଟ୍ଟାଳିକା, ଶିଳ୍ପ ଓ ଶସ୍ୟକ୍ଷେତ୍ରରୁ ଜଣାଯାଏ ନାହିଁ । ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଜାତିର ସମୃଦ୍ଧି ନିର୍ମିତ ହୁଏ ନାହିଁ । କିନ୍ତୁ ତାହା ଗୃହର ଗରିମା ଓ ସଦ୍ବ୍ୟବହାରରୁ ଆରମ୍ଭ ହୁଏ । ରାଷ୍ଟ୍ରୀୟ ଅଭ୍ୟୁତ୍ଥାନର ଆଦି ଓ ଅନ୍ତ ହେଉଛି ଗୃହ ବା ଗୃହାଶ୍ରମ । "ଗୃହାଶ୍ରମ" ଶବ୍ଦଟିର ଅର୍ଥ ବୁଝିବା ଆବଶ୍ୟକ । ପ୍ରଥମତଃ ଗୃହର ଅର୍ଥ ଗୃହବାସୀ, ଦ୍ୱିତୀୟତଃ ଆଶ୍ରମ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଶବ୍ଦର ଅର୍ଥ ହେଉଛି 'ଆ' – ଚତୁର୍ଦ୍ଦିଗରୁ 'ଶ୍ରମ' ଅର୍ଥାତ୍ କର୍ମ ତତ୍ପରତା । ତେଣୁ ଗୃହାଶ୍ରମ ବିଷୟଭୋଗର ସ୍ଥଳ ନୁହେଁ । ଏହା ଘୋର ଶ୍ରମ ଓ ତପସ୍ୟାର ଭୂମି । ଗୃହ ସାଧନା ସର୍ବୋଚ୍ଚ ଓ କଠିନ । ଗୃହାଶ୍ରମ ଇହଜନ୍ମ ଓ ପରଜନ୍ମ ନିମନ୍ତେ ସାଧନାର କ୍ଷେତ୍ର । ପରନ୍ତୁ ଆଜି ତାହା ଉଭୟ ଜନ୍ମର ଅସଫଳତା ପାଇଁ ବୀଜ ବପନ କରୁଅଛି । ଏହା ମନୁଷ୍ୟ ଜାତି ପାଇଁ ଦୁର୍ଭାଗ୍ୟ ବୋଲି କହିବାକୁ ହେବ । ଆମେ ଆମର ସମସ୍ତ ସଂଗଠନ ଯଥା ଗ୍ରାମ, ନଗର, ରାଷ୍ଟ୍ର ଅଥବା ବିଶ୍ୱର ବିକାଶ ଓ ପବିତ୍ରତା ପ୍ରତି ଦୃଷ୍ଟିଦେବା ସର୍ବାଦୌ ଆବଶ୍ୟକ ନୁହେଁ କି ?

ଶାସ୍ତ୍ରରେ ଗୃହ ଶବ୍ଦର ପ୍ରୟୋଗ ଦୁଇ ପ୍ରକାର ଦେଖାଯାଏ । ଯେଉଁଠାରେ ତାହା ନପୁଂସକ ଲିଙ୍ଗରେ ହୁଏ ତାହାର ଅର୍ଥ ଗୃହ ବା ଗୃହବାସୀ । ଗୃହୀ ବା କୁଟୁମ୍ବର ଲୋକଙ୍କ କର୍ମ କୁଶଳତା ଯୋଗୁଁ ଗୃହ ସୁଶୋଭିତ ହୁଏ । ସମାଜ, ରାଷ୍ଟ୍ର ଏପରିକି ସମଗ୍ର ବିଶ୍ୱ ଗୃହଗୁଡିକର ସମାହାର । ପତିପତ୍ନୀ ଯେଉଁ ଉତ୍ସାହ ଓ ତ୍ୟାଗ ଦ୍ୱାରା ଗୃହ ନିର୍ମାଣ କରନ୍ତି, ତାହାର ନାମ ଗାର୍ହପତ୍ୟ ଅଗ୍ନି । ସେହି ଅଗ୍ନିରୁ ପୁତ୍ରପୁତ୍ରୀ ଜନ୍ମଲାଭ କରନ୍ତି । ଗୃହବେଦୀରୁ ସନ୍ତାନ ବର୍ଦ୍ଧିତ ହୋଇ ମାନବ ପରମ୍ପରାର ସୁରକ୍ଷା କରନ୍ତି । ଗୃହାଗ୍ନି କୁପିତ ହେଲେ ଅର୍ଥାତ୍ ଗୃହ ଭ୍ରଷ୍ଟ ହେଲେ, ରାଷ୍ଟ୍ର ଓ ବିଶ୍ୱ ଅଶାନ୍ତ ଓ ଅଧୀର ହୁଏ ।

ଆଜିକାଲି ରାଷ୍ଟ୍ର-ନିର୍ମାଣ ପାଇଁ ଚାରିଆଡେ ଆଲୋଚନା ହେଉଛି । କିନ୍ତୁ ଆମର ସମସ୍ତ ଯୋଜନା କେବଳ ଇଟା, ପଥରରେ ସୀମିତ ହେଇରହିଯାଇଛି । ପୋଲ, ବନ୍ଧ, ସଡକ, ଭବନ ଏଗୁଡିକର ନିର୍ମାଣ ଦ୍ୱାରା ମନୁଷ୍ୟ ଭୌତିକ ସୁଖ, ସୁବିଧା ପାଇଛି ସତ, କିନ୍ତୁ ଯାହାପାଇଁ ଏ ସବୁ ନିର୍ମାଣ କରାଯାଇଛି, ସେହି ମନୁଷ୍ୟର ନିର୍ମାଣ ପାଇଁ ଆମର ରାଷ୍ଟ୍ରନାୟକମାନେ ଚିନ୍ତା କରୁନାହାନ୍ତି । ଆମର ବିଦ୍ୟାଳୟମାନଙ୍କରେ ନମ୍ରତା, ଦୟା, କ୍ଷମା, ପ୍ରତୀ, ମୈତ୍ରୀ – ଏହି ବିଦ୍ୟାଗୁଡିକ ଶିକ୍ଷା ଦିଆଯାଉ ନାହିଁ । ଆମେ ଆମର ମୌଳିକ ବିଷୟଟି ଭୁଲି ଯାଇଛେ ଯେ ଗୃହ ହିଁ ସାଧନାର ପୀଠ । ସେଠାରେ ପ୍ରକୃତ ମନୁଷ୍ୟ, ଗଢାଯାଇପାରିବ । ମାଆର କୋଳରେ ହିଁ ରାମକୃଷ୍ଣ, ଶିବାଜୀ, ପ୍ରତାପ, ଦୟାନନ୍ଦ, ଗାନ୍ଧୀ- ଏ ସମସ୍ତେ ଶିକ୍ଷା ଲାଭ କରିଥିଲେ । ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ଆମ ଦେଶରେ ପରିବାର ଗୁଡିକ ଧୀରେ ଧୀରେ ଭାଙ୍ଗି ଯାଉଛି । ଗୃହ ଉଜୁଡି ଯାଉଛି । ପିତାପୁତ୍ର, ମାଆ-ପୁଅ, ଭାଇ-ଭାଇ, ଭାଇ-ଭଉଣୀ, ପତି-ପତ୍ନୀ ମଧ୍ୟରେ ଥିବା ପବିତ୍ର ସମ୍ବନ୍ଧ ହୁଗୁଳି ଯାଉଛି । ପ୍ରେମର ଗଙ୍ଗା ବହିବା ବଦଳରେ ଘୃଣା ଓ ଦ୍ୱେଷର ନର୍ଦ୍ଦମା ବହୁଛି । ଘରର ଲକ୍ଷ୍ମୀ ସ୍ୱରୂପ ଗୋମାତାର ରକ୍ଷଣାବେକ୍ଷଣ ଅତି ଦୂରର କଥା, ତାହାର ହତ୍ୟା ହେଉଛି । ଏପରିକି ଘୃତ, ଦୁଗ୍ଧ ଭୋଜନ ବଦଳରେ ଆଜି ମାଂସ ଭକ୍ଷଣ କରାଯାଉଛି । ଆମ୍ଭେମାନେ ସଂସ୍କାର ଓ ରାଷ୍ଟ୍ରନିର୍ମାଣର ବଡ ବଡ ସ୍ଲୋଗାନ୍ ଦେଇ ନିଜ ଘରକୁ ଭୁଲିଯାଉଛୁ । ମନ୍ଦିର, ମସଜିଦ୍, ଗୀର୍ଜା, ଗୁରୁଦ୍ୱାରାକୁ ଉପାସନାର ମନ୍ଦିର ବୋଲି ଭାବୁଅଛୁ । ମାତ୍ର ଉପାସନା ପାଇଁ ଯେଉଁ ସାଧନା ଓ ତପସ୍ୟା ଆବଶ୍ୟକ; ତାହା ଗୃହବ୍ୟବସ୍ଥାରୁ ହିଁ ଶିଖିବାକୁ ହୁଏ । କଳକାରଖାନା, ଶସ୍ୟକ୍ଷେତ୍ରରେ କର୍ମ କରିବା ପାଇଁ ଯେଉଁ ପରିଶ୍ରମ ଓ ଅଧ୍ୟବସାୟ ପ୍ରୟୋଜନ ତାହାର ପ୍ରଶିକ୍ଷଣ ଗୃହସଂସ୍ଥାରୁ ହିଁ ମିଳେ । ଆଜି ଏ ସମ୍ବନ୍ଧରେ ଗଭୀର ଭାବରେ ଚିନ୍ତା କରିବାର ସମୟ ଆସିଛି ।

(୪)

ଗୃହସ୍ଥ ଜୀବନକୁ ମର୍ଯ୍ୟାଦାପୂର୍ଣ୍ଣ ଭାବରେ ଅତିବାହିତ କରିବା ଦ୍ୱାରା ସେଥିରୁ ଅନୁପମ ସୁଖ ମିଳେ । ପତିପତ୍ନୀଙ୍କ ସତ୍ୟାଚରଣ ହିଁ ଗୃହସୁଖର ମୂଳ କାରଣ ଅଟେ । ଯେଉଁ ଗୃହରେ ପତିପତ୍ନୀଙ୍କ ଦୈନିକ ଜୀବନଚର୍ଯ୍ୟା ଶାସ୍ତ୍ରାନୁମୋଦିତ, ସେହି ଗୃହ ଆନନ୍ଦଧାମରେ ପରିଣତ ହୁଏ । ଗୃହବାସୀଙ୍କ ଦିନଚର୍ଯ୍ୟା ନିୟମିତ ଓ ସୁସ୍ଥିର ନ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ହେଲେ ଦୁଃଖ, ଅଶାନ୍ତି ଓ ନରକ ଭୋଗ ହୁଏ । ଯେଉଁ ଗୃହରେ ପତିପତ୍ନୀଙ୍କ ମଧ୍ୟରେ ଅନାବିଳ ସ୍ନେହ ଥାଏ ଓ ସେମାନେ ଜୀବନର ସକଳ କ୍ଷେତ୍ରରେ ବେଦର ଅନୁକୂଳ ଆଚରଣ କରନ୍ତି, ସେହି ଗୃହର ସନ୍ତାନମାନେ ଆଜ୍ଞାକାରୀ ଓ ସମୃଦ୍ଧ ହୁଅନ୍ତି ।

ବେଦରେ ପରମେଶ୍ୱର ମନୁଷ୍ୟମାନଙ୍କୁ ଉପଦେଶ ଦେଇଛନ୍ତି

"ଅନୁବ୍ରତଃ ପିତୁଃ ପୁତ୍ରୋ ମାତ୍ରା ଭବତୁ ସଂମନାଃ ।
ଜାୟା ପତ୍ୟେ ମଧୁମତୀଂ ବାଚଂ ବଦତୁ ଶାନ୍ତିବାମ୍ ॥
ମା ଭ୍ରାତା ଭ୍ରାତରଂ ଦ୍ୱିକ୍ଷନ୍ନା ସ୍ୱସାରମୁତ ସ୍ୱସା ।
ସମ୍ୟଞ୍ଚଃ ସବ୍ରତା ଭୂତ୍ୱାଂ ବାଚଂ ବଦତ ଭଦ୍ରୟା ॥"
(ଅଥର୍ବ ୩ସୂକ୍ତ ୩୦, ମନ୍ତ୍ର ୨୦୩)

ଅର୍ଥାତ୍ – ହେ ଗୃହୀମାନେ ! ତୁମର ପୁତ୍ର ତୁମ ସହ ପ୍ରୀତିଯୁକ୍ତ ଅନୁକୂଳ ଆଚରଣ କରନ୍ତୁ । ସେହିପରି ତୁମେ ମଧ୍ୟ ପୁତ୍ରମାନଙ୍କ ସହିତ ସ୍ନେହପୂର୍ଣ୍ଣ ବ୍ୟବହାର କର । ପତିର ପ୍ରସନ୍ନତା ପାଇଁ ପତ୍ନୀ ମଧୁରବାଣୀ ବ୍ୟବହାର କରନ୍ତୁ । ପତି ମଧ୍ୟ ପତ୍ନୀ ସହତ ମଧୁର ଭାଷଣ କରନ୍ତୁ । ଭାଇ ପ୍ରତି ଭାଇ ଦ୍ୱେଷଭାବ ପୋଷଣ ନ କରୁ । ଭଉଣୀ ଭାଇ ସହିତ ମଙ୍ଗଳକାରକ ବାଣୀ ବ୍ୟବହାର କରୁ ।

ମନୁସ୍ମୃତିରେ କୁହାଯାଇଛି –

"ସନ୍ତୁଷ୍ଟୌ ଭାର୍ଯ୍ୟୟା ଭର୍ତ୍ତାଭର୍ତ୍ତାଭାର୍ଯ୍ୟାତଥୈବ ଚ ।
ତସ୍ମିନ୍ନେବ କୁଳେ ନିତ୍ୟଂ କଲ୍ୟାଣଂ ତତ୍ର ବୈ ଧ୍ରୁବମ୍ ॥" (ମନୁ ୩,୬୦)

ଅର୍ଥାତ୍ – ଯେଉଁ କୁଳରେ ସ୍ତ୍ରୀଠାରେ ପୁରୁଷ ଓ ପୁରୁଷଠାରେ ସ୍ତ୍ରୀ ସର୍ବଦା ପ୍ରସନ୍ନ ରହନ୍ତି, ସେହି କୁଳରେ ଆନନ୍ଦ, ଲକ୍ଷ୍ମୀ ଓ କୀର୍ତ୍ତି ନିବାସ କରେ । ଯେଉଁଠାରେ ବିରୋଧ ଓ କଳହ ଦେଖାଯାଏ, ସେଠାରେ ଦୁଃଖ, ଦରିଦ୍ରତା ଓ ନିନ୍ଦା ନିବାସ କରେ ।

ପତିପତ୍ନୀଙ୍କ ଆଚରଣ ପବିତ୍ର, ଆହାର ଶୁଦ୍ଧ ଓ ସାତ୍ତ୍ୱିକ ହେବା ଉଚିତ । ସେମାନେ ଦୈନିକ ପଞ୍ଚ ମହାଯଜ୍ଞ ବା ପଞ୍ଚ କର୍ତ୍ତବ୍ୟ ଅନୁଷ୍ଠାନ କରିବେ । ସେଗୁଡିକ– ବ୍ରହ୍ମଯଜ୍ଞ, ଦେବଯଜ୍ଞ, ପିତୃଯଜ୍ଞ, ଅତିଥିଯଜ୍ଞ ଓ ବଳିବୈଶ୍ୱଦେବ ଯଜ୍ଞ । ବ୍ରାହ୍ମ ମୁହୂର୍ତ୍ତରେ ପରମେଶ୍ୱରଙ୍କୁ ଧ୍ୟାନ କରିବା ବ୍ରହ୍ମଯଜ୍ଞ । ଦେବଯଜ୍ଞ ବା ହୋମଦ୍ୱାରା ବାୟୁମଣ୍ଡଳକୁ ଶୁଦ୍ଧ ଓ ମନକୁ ପ୍ରସନ୍ନ କରାଯାଏ । ମାତାପିତା ଓ ଗୁରୁଜନଙ୍କ ସେବାରେ ନିଜର କଲ୍ୟାଣ ହୁଏ– ଏହି ଭାବନାରେ ପିତୃଯଜ୍ଞ କରାଯାଏ । ଜ୍ଞାନୀ, ସାଧୁ, ସନ୍ଥ ଆଦି ଅତିଥିମାନଙ୍କ ସତ୍କାର କରିବା ଅତିଥିଯଜ୍ଞ । ଗୃହପାଳିତ ପଶୁ, ପକ୍ଷୀ ଆଦିଙ୍କୁ ପ୍ରଥମେ ଖାଇବାକୁ ଦେଇ ପରେ ଭୋଜନ କରିବା ବଳି ବୈଶ୍ୱଦେବ ଯଜ୍ଞ । ପଞ୍ଚ ମହାକର୍ତ୍ତବ୍ୟ ଦ୍ୱାରା ଧର୍ମ, ଅର୍ଥ, କାମ ଓ ମୋକ୍ଷ ପ୍ରାପ୍ତ ହୁଏ । ବିବାହର ପାଣିଗ୍ରହଣ ମନ୍ତ୍ରରେ ବର କହେ–

"ଗୃଭ୍ଣାମି ତେ ସୌଭଗତ୍ୱାୟ ହସ୍ତଂ ମୟାପତ୍ୟାଜରଦଷ୍ଟି ଯଥାସଃ ।" (ଅଥର୍ବବେଦ)

ହେ ବଧୁ ! ସୌଭାଗ୍ୟ ପ୍ରାପ୍ତି ଲାଗି ତୁମର ହସ୍ତକୁ ମୁଁ ଧାରଣ କରୁଅଛି । ତୁମେ ମୋର ଗୃହକୁ ଆସି ସୌଭାଗ୍ୟ ବୃଦ୍ଧିକର । ବିବାହ ସଂସ୍କାରର ଅନ୍ୟ ସ୍ଥଳରେ ପତି କହନ୍ତି –

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

"ସାମାହମସ୍ମି ଋକ୍ ତ୍ୱଂ ।"

ମୁଁ ସାମବେଦ, ତୁମେ ଋଗ୍‌ବେଦ । ସାମବେଦରେ ଋଗ୍‌ବେଦରୁ ମନ୍ତ୍ର ନିଆଯାଇ ଗୀତ ଆକାରରେ ବୋଲାଯାଏ । ଋଗ୍‌ବେଦ ଆଧାର, ସାମବେଦ ଆଧେୟ ।

ଯଜୁର୍ବେଦ ଗୃହସ୍ଥ ଜୀବନର ସଫଳତା ଲାଗି ଉପଦେଶ ଦେଇଛନ୍ତି –

"ଗୃହା ମା ବିଭୀତ ମା ବେପଧ୍ୱମୂର୍ଜଂ ବିଭ୍ରତ ଏମସି ମୋଦମାନଃ" । ଏହି ମନ୍ତ୍ରରେ ଗୃହସ୍ଥରେ ପ୍ରବେଶ କରିବା ଯୁବକ ଯୁବତୀଙ୍କୁ ଉପଦେଶ ଦିଆଯାଇଛି ଯେ ସୁଖୀ ଓ ସଫଳ ଜୀବନ ପାଇବା ପାଇଁ ତିନୋଟି ଗୁଣର ଅଧିକାରୀ ହେବା ଉଚିତ । ତା' ନ ହେଲେ ଗୃହସ୍ଥ ରୂପକ ଯାନ ଚଳେ ନାହିଁ । ଗୃହବାସୀ ବଳବାନ ହେବା ଆବଶ୍ୟକ । ଅନ୍ୟମାନଙ୍କ ସହିତ ମିଳିମିଶି ରହିବାର ଯୋଗ୍ୟତା ଲାଭ କରିବା ଉଚିତ । ମଧୁର ସ୍ୱଭାବ ଓ 'ସୁମନ' ଅର୍ଥାତ୍ ସୁନ୍ଦର ମନ ଗୃହରେ ସମତା ଆଣେ । କେବଳ ବଳ ଓ ଶକ୍ତିଦ୍ୱାରା ସକଳ କାର୍ଯ୍ୟହୋଇ ପାରେ ନାହିଁ । ପଶୁ ପାଖରେ ମଧ୍ୟ ଶକ୍ତି ଅଛି । ମନୁଷ୍ୟ ବୁଦ୍ଧିମାନ ପ୍ରାଣୀ । ତାହାର ଉଚ୍ଚସ୍ତରର ବୁଦ୍ଧିକୁ ମେଧା କୁହାଯାଏ । ସୁଗୃହସ୍ଥୀର ସବୁଠାରୁ ମୂଲ୍ୟବାନ ସଂପତ୍ତି ହେଉଛି ସୁମେଧା । ମନ୍ତ୍ରରେ ଉଲ୍ଲେଖ ଥିବା ତିନୋଟି ଗୁଣ ଗୃହସ୍ଥଗୃହିଣୀ ପାଇଁ ପରମ ଆବଶ୍ୟକ ଯଥା – ବଳ, ସୁନ୍ଦର ମନ ଓ ସୁମେଧା ।

କେବଳ ଭାରତରେ ନୁହେଁ ସମଗ୍ର ମନୁଷ୍ୟ-ସମାଜରେ ଆଜି ଦେବ ଓ ଦେବୀଙ୍କ ଆବଶ୍ୟକତା ରହିଛି । ଜେଣ୍ଟସ୍ ଓ ଲେଡିସ୍‌ର ପ୍ରୟୋଜନ ନାହିଁ । ଯେଉଁମାନେ 'ଋତ'କୁ ବଢାନ୍ତି, ସେମାନେ ଦେବୀ । ଋତର ଅର୍ଥ ସତ୍ୟ, ସଦାଚାର, ଜ୍ଞାନ, ସୁନିୟମ, ସୁବ୍ୟବସ୍ଥା, ଜଳ, ଅନ୍ନ, ଋତୁ, ଯଜ୍ଞ, ସରଳତା, ଅମୃତ, ନ୍ୟାୟ, ଐଶ୍ୱର୍ଯ୍ୟ, ପ୍ରକାଶ, ସମୟ, ଗତି, ସୌନ୍ଦର୍ଯ୍ୟ ଓ ବୀର୍ଯ୍ୟ । ଯେଉଁ ନାରୀ ସ୍ୱୟଂ ସତ୍ୟବତୀ, ସଦାଚାରିଣୀ, ଜ୍ଞାନବତୀ, ସୁନିୟମର ପାଳନକର୍ତ୍ତ୍ରୀ, ସୁବ୍ୟବସ୍ଥାପିକା, ଜଳ ସମାନ ଶାନ୍ତି ଶୀତଳ ବାଣୀ କଥନ କରେ, ଅନ୍ନଦାତ୍ରୀ, ପାକବିଦ୍ୟାରେ ନିପୁଣା, ଯଜ୍ଞଶୀଳା, ସରଳ ସ୍ୱଭାବଯୁକ୍ତା, ଅମୃତା, ନ୍ୟାୟଶୀଳା, ଐଶ୍ୱର୍ଯ୍ୟବତୀ, ପ୍ରକାଶବତୀ, ବିଦୁଷୀ, ପ୍ରଗତିଶୀଳା, ସୁନ୍ଦର ତଥା ପରାକ୍ରମଶାଳୀ, ସେ କେବଳ ଦେବୀ ହୋଇପାରେ । ଗୃହରୂପକ ସ୍ୱର୍ଗ ପାଇଁ ଦେବ ଓ ଦେବୀର ଆବଶ୍ୟକତା ରହିଛି ।

ଜଣେ ହିନ୍ଦୀ କବି ଲେଖିଛନ୍ତି –

"ଗୃହସ୍ଥ ଗାଡୀକେ ଦୋ ପହିଏ ପୁରୁଷ ଦାହିନୀ ନାରୀ ବାମ ଧୂରା ବନା ସହଯୋଗ ପ୍ରେମିକା, ଜୋଡେ ରଖନା ଜିସକା କାମ । ପତି-ପତ୍ନୀ ତୁମ ଦୋ ପହିୟେମେଁ, ଯଦି ସହଯୋଗ ଔର ହୈ ପ୍ରେମ ତୋ ନିଜ ଘର ହୀ ସ୍ୱର୍ଗ ତୁହ୍ମେଁ କରତ ଲଗତ ହୈ ଯୋଗାକ୍ଷମ ।" ଏହାର ଅର୍ଥ – ଗୃହଯାନର ଦୁଇ ଚକ ହେଉଛି ପତି ଓ ପତ୍ନୀ । ଉଭୟ ଠିକ୍ ଭାବରେ ଚାଲିଲେ ଗୃହ ସ୍ୱର୍ଗ ହୁଏ । ବେଦରେ ସ୍ୱର୍ଗର ବର୍ଣ୍ଣନା କରାଯାଇଛି –

"ଯେ ଯଜ୍ଞନାମଭିଜିତାଃ ସ୍ୱର୍ଗାଃ ତେଷାମ୍ ଜ୍ୟୋତିଷ୍ମାନ୍ ।
ମଧୁମାନ ଯୋ ଅଗ୍ରେ ତସ୍ମିନ୍ ପୁତ୍ରୈର୍ଜରସି ସଶ୍ରୟେଥମ୍ ॥"

ହେ ଦମ୍ପତି, ଯଜ୍ଞଶୀଳ ବ୍ୟକ୍ତିମାନେ ଗୃହକୁ ସବୁଠାରୁ ଉଜ୍ଜ୍ୱଳ ଓ ଆନନ୍ଦମୟ ସ୍ୱର୍ଗ ବୋଲି କହନ୍ତି । ସେଠାରେ ଗୃହସ୍ଥ-ଗୃହିଣୀ ପୁତ୍ରପୁତ୍ରୀଙ୍କ ସହିତ ବାସ କରି ପୂର୍ଣ୍ଣାୟୁ ଲାଭ କରନ୍ତି ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ଜଣେ ଇଂରେଜ ଦାର୍ଶନିକ କହିଛନ୍ତି –

If there are miseries, they are not because of marriage, but because of the mal-adjustment of marriage conditions.

ଅର୍ଥାତ୍ ବିବାହ ଯୋଗୁଁ ଗୃହରେ ଦୁର୍ଦ୍ଦଶା ହୁଏ ନାହିଁ । ପରନ୍ତୁ ବୈବାହିକ ଜୀବନରେ ପତିପତ୍ନୀଙ୍କ ପ୍ରତିକୂଳ ଆଚରଣ ଯୋଗୁଁ ତାହା ଘଟିଥାଏ ।

ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ଲେଖିଛନ୍ତି –

"Woman is your laughter. She is the music of the fountain of life."

ହେ ନାରୀ! ତୁମଠାରେ ଜୀବନ ଝରଣାର ସଂଗୀତ ଝଙ୍କୃତ ହୁଏ । ଅନ୍ୟ ଜଣେ ପାଶ୍ଚାତ୍ୟ ଲେଖକ ଲେଖିଛନ୍ତି –

"A wife is a gift bestowed upon man to reconcile him to the loss of paradise"

ଅର୍ଥାତ୍ ସ୍ତ୍ରୀ ଈଶ୍ୱରୀୟ ଉପହାର । ସେ ପୁରୁଷ ପାଇଁ ସ୍ୱର୍ଗର ବିକଳ୍ପ। ସ୍ତ୍ରୀର ଉପସ୍ଥିତି ପୁରୁଷ ପାଇଁ ସ୍ୱର୍ଗ ଅଟେ । ସ୍ତ୍ରୀ କଣ୍ଟାଯୁକ୍ତ ବୃକ୍ଷକୁ ଫୁଲ କରିଦିଏ । ଦରିଦ୍ରଠାରୁ ଦରିଦ୍ର ମନୁଷ୍ୟର ଘରକୁ ମଧ୍ୟ ସୁଶୀଳା ସ୍ତ୍ରୀ ସ୍ୱର୍ଗରେ ପରିଣତ କରେ । କୁହାଯାଇଛି –

"The happiness of married life depends upon making small sacrifices with readiness and cheerfullness."

ସ୍ତ୍ରୀ ଗୋଟିଏ ସୁଗନ୍ଧିତ ପୁଷ୍ପ । ତାହାର ସୁଗନ୍ଧିରେ ପୁରୁଷକୁ ଅନୁପମ ଆନନ୍ଦ ମିଳେ । ସ୍ତ୍ରୀକୁ ଯେତେ ଅଧିକ ସୁଶିକ୍ଷା ଦିଆଯାଏ, ତାହାର ସଦ୍‌ଗୁଣ ସେତିକି ବଢେ । ବିବାହିତ ଜୀବନର ଆନନ୍ଦ ଓ ପ୍ରସନ୍ନତା ଛୋଟ ଛୋଟ ତ୍ୟାଗ ବା ବଳିଦାନ ଉପରେ ନିର୍ଭର କରେ ।

ହିନ୍ଦୀ କବି ଜୟଶଙ୍କର ପ୍ରସାଦ ଲେଖିଛନ୍ତି– "ନାରୀ ତେରେ ହାସ୍ୟମେଁ, ଜୀବନ ନିର୍ଝରକା ସଂଗୀତ ହୈ । ତୁମ ଅଜସ୍ର ବର୍ଷା ସୁହାଗକୀ, ଔର ସ୍ନେହରନୀ ମଧୁରଜନୀ ଚିର ଅତୃପ୍ତ ଯଦି ଜୀବନ ଥା, ତୋ ଉସମେ ତୁମ ସନ୍ତୋଷ ବନୀ ।" ପତିପତ୍ନୀ ବାସ୍ତବରେ ଏକ ମେଳ, ଯାହାକୁ ଦୟାଳୁ ପ୍ରଭୁ ଜୀବନର ଉଦ୍ଦେଶ୍ୟ ପୂର୍ତ୍ତି ଲାଗି ସଂଯୁକ୍ତ କରିଛନ୍ତି । ଏକାକୀ ପ୍ରତ୍ୟେକେ ଅସମ୍ପୂର୍ଣ୍ଣ । ଏକୁଟିଆ ଜଣେ ସୁଖୀ ରହି ପାରେ ନାହିଁ । ପରନ୍ତୁ ବିବାହ ବନ୍ଧନରେ ଦୁଇ ଜଣ ବାନ୍ଧି ହୋଇ ଜଣେ ଅନ୍ୟର ହିତକର, ସହଚର ସହୃଦ୍, ପ୍ରେମୀ, କଷ୍ଟହର, ସହାୟକ, ବିଶ୍ୱାସପାତ୍ର ଓ ସମର୍ପିତ ହୁଅନ୍ତି । ସେତେବେଳେ ବଡ-ଛୋଟର ଭେଦଭାବ ଦୂର ହୋଇଯାଏ ।

ସତ କହିବାକୁ ଗଲେ ଗୃହର ସୁଖ ସନ୍ତୋଷର କେନ୍ଦ୍ରବିନ୍ଦୁ ହେଉଛି ସ୍ତ୍ରୀ । ତେଣୁ ତାହାକୁ ଯୋଗ୍ୟ ଓ ଗୁଣବତୀ ହେବା ଅତ୍ୟନ୍ତ ଆବଶ୍ୟକ । ସଂସାରର ସମସ୍ତ ମାଧୁର୍ଯ୍ୟ, ସୁଖ, ସମ୍ପତ୍ତି ଓ ଗୁଣର ଭଣ୍ଡାର ସ୍ତ୍ରୀ ଅଟେ । ହିନ୍ଦୁ-ଶାସ୍ତ୍ରରେ ପତିକୁ କେବଳ ପତି କୁହାଯାଇଛି କିନ୍ତୁ ପତ୍ନୀକୁ ଧର୍ମପତ୍ନୀ କୁହାଯାଇଛି । ଅର୍ଥାତ୍ ପତ୍ନୀ ଧର୍ମ ଓ କର୍ତ୍ତବ୍ୟ ପାଳନର ଅଧିଷ୍ଠାତ୍ରୀ । ମୁସଲମାନମାନେ ତାହାକୁ "ଶରୀକେହୟାତ୍" "ଜୀବସେ-ଲତୀଫ", ଖ୍ରୀଷ୍ଟିୟାନମାନେ 'ବେଟେର୍ ହାଫ୍' ଅର୍ଥାତ୍ ପତିଠାରୁ ଶ୍ରେଷ୍ଠତର କହିଛନ୍ତି । ସ୍ତ୍ରୀ ବାସ୍ତବରେ ଜଗତର ସବୁ ଗୁଣର

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ସ୍ରୋତ ଅଟେ । ସୁନ୍ଦରୀ, ସୁଶୀଳା ଓ ଆଜ୍ଞାକାରିଣୀ ପତ୍ନୀ ପ୍ରକୃତିର ବହୁମୂଲ୍ୟ ପ୍ରସାଦ । ବସ୍ତୁତଃ ଏହି ସଂସାରରେ ଈଶ୍ୱରଙ୍କ ପରେ ଦ୍ୱିତୀୟ ପଦ ହେଉଛି ପତ୍ନୀ । ଈଶ୍ୱର ପରଲୋକରେ ସ୍ୱର୍ଗ ରଚନା କରିଛନ୍ତି ଓ ସ୍ତ୍ରୀ ଇହଲୋକରେ ସ୍ୱର୍ଗର ନିର୍ମାଣ କରେ । ଜଗତରେ ଯେତେ ପ୍ରସିଦ୍ଧ ବ୍ୟକ୍ତି ଅଛନ୍ତି, ସେମାନେ ନିଜ ମାତୃଶିକ୍ଷାରୁ ଓ ପତ୍ନୀଙ୍କ ସାହଚର୍ଯ୍ୟରୁ ଉନ୍ନତ ହୋଇଛନ୍ତି । ସୁଯୋଗ୍ୟା ଓ ଉତ୍ତମ ପତ୍ନୀଦ୍ୱାରା ଶିକ୍ଷା ପାଉଥିବା ସନ୍ତାନମାନଙ୍କ ମଧ୍ୟରେ ରହି ପୁରୁଷ ସ୍ୱର୍ଗସୁଖର ଆନନ୍ଦ ଏହି ପୃଥିବୀରେ ହିଁ ପ୍ରାପ୍ତ ହୁଏ । ତେଣୁ କୁହାଯାଇଛି –

"ଜଗତେ ଯଦି ବୈକୁଣ୍ଠ କହିଁ ହୈ, ତୋ ସଚ୍ଚା ଜାନୋ ନିଶ୍ଚୟ ୟହୀ ହୈ!"

ନାରୀ ଭୂଲୋକର କବିତା ଅଟେ । ସେ ଦୟା, କ୍ଷମା, ମମତା ଓ ଶ୍ରଦ୍ଧାର ମୂର୍ତ୍ତି । ପତିଙ୍କ ହୃଦୟ ଓ ପ୍ରାଣର ଶକ୍ତି ହେଉଛି ପତ୍ନୀ । ନାରୀ ପତ୍ନୀ ରୂପରେ, ଭଗିନୀ ରୂପରେ ପୁରୁଷର ଚେତନା ଶକ୍ତି ଜାଗ୍ରତ କରାଏ । ମାତା ରୂପରେ ପୁରୁଷର ନିର୍ମାଣ କରେ । ସୁମିତ୍ରାଙ୍କ ଲକ୍ଷ୍ମଣ, କୌଶଲ୍ୟାଙ୍କ ମର୍ଯ୍ୟାଦା ପୁରୁଷୋତ୍ତମ ରାମ, ଜୀଜାବାଈଙ୍କ ଛତ୍ରପତି ଶିବାଜୀ ପରି ଆଜିକାଲି ମାଆମାନେ ନିଜର ସନ୍ତାନମାନଙ୍କୁ ଶ୍ରେଷ୍ଠ କରି ପାରିବେ । ସ୍ତ୍ରୀ ଦେଶର ପ୍ରଧାନମନ୍ତ୍ରୀ ହୋଇପାରେ, ରାଷ୍ଟ୍ରସଂସଦର ଗୌରବ ବଢାଇପାରେ କିନ୍ତୁ ନାରୀର ମୁଖ୍ୟ କ୍ଷେତ୍ର ହେଉଛି ଗୃହ । କର୍ତ୍ତବ୍ୟ ପଥରେ ବିଚଳିତ ହେଉଥିବା ହତାଶ ଓ ନିରାଶ ପୁରୁଷକୁ ମାଆ, ଭଉଣୀ ଓ ପତ୍ନୀ ରୂପରେ ସେ ପ୍ରେରଣା ଦେଇ କର୍ତ୍ତବ୍ୟ ପଥରେ ଆରୂଢ କରେ । ଏହା ହିଁ ତାହାର ସର୍ବୋତ୍ତମ ରାଷ୍ଟ୍ରସେବା । ଇତିହାସର ପୃଷ୍ଠା ଓଲଟାଇଲେ ନାରୀ କେତେବେଳେ କୌଶଲ୍ୟା, କୁନ୍ତୀ, ସୀତା, ଦ୍ରୌପଦୀ ଓ ପଦ୍ମିନୀ ରୂପରେ ତ କେତେବେଳେ ହାଡୀରାଣୀ, ପନ୍ନାଧାୟୀ ରୂପରେ ରାଷ୍ଟ୍ରରକ୍ଷା ଓ ସମାଜସେବାରେ ଅପୂର୍ବ ଆଦର୍ଶ ଦେଖାଇ ଯାଇଛନ୍ତି । ରାମ, କୃଷ୍ଣ ଏହି ପବିତ୍ର ଭୂମିର ଅଣୁ ପରମାଣୁରେ ଅଛନ୍ତି । ସେମାନେ ପୁଣି ଆମର କୋଳକୁ ସୁଶୋଭିତ କରିପାରନ୍ତି । କିନ୍ତୁ କୌଶଲ୍ୟା ଓ ଦେବକୀ ହୋଇ ସେ ଭଳି ପୁତ୍ରମାନଙ୍କୁ ଜନ୍ମ ଦେବାକୁ ପଡିବ । ମଦାଳସା ଭଳି ଇଚ୍ଛାନୁସାରେ ନିଜର ପୁତ୍ରମାନଙ୍କୁ ରାଜର୍ଷି ଓ ବ୍ରହ୍ମର୍ଷି କରିବାକୁ ହେବ । ସୁଯୋଗ୍ୟ ସନ୍ତାନ ନିର୍ମାଣ କରି ରାଷ୍ଟ୍ରକୁ ସୁଯୋଗ୍ୟ ନାଗରିକ ପ୍ରଦାନ କରିବା ସର୍ବୋତ୍ତମ ରାଷ୍ଟ୍ରସେବା ଅଟେ । ଗୃହର ଅଗଣା ବଡ ଦେଉଳଠାରୁ ମଧ୍ୟ ମହତ୍ତ୍ୱଶାଳୀ ଓ ପବିତ୍ର । ଗୃହ କେବଳ ଭୋଗର ଆଶ୍ରମ ନୁହେଁ । ଏହା ଯୋଗର ଆଶ୍ରମ । ସ୍ୱର୍ଗରୂପୀ ଗୃହରେ ଯୋଗ, ଭୋଗ, ଶ୍ରେୟ, ପ୍ରେୟ, ତଥା ନିଃଶ୍ରେୟସ ଓ ଅଭ୍ୟୁଦୟର ସମନ୍ୱୟ ରୂପ ଦେଖିବାକୁ ମିଳେ ।

(୫)

କୁହାଯାଏ ଯେ, ବହୁ ତପସ୍ୟା ପରେ ସ୍ୱର୍ଗ ମିଳେ । ଏହାର ଅର୍ଥ ହେଉଛି ଯେ, ମାତାପିତା ଓ ସନ୍ତାନମାନଙ୍କ ସଂଯମ, ସାଧନା ଓ ଶିଷ୍ଟାଚାର ରୂପକ ତପସ୍ୟା ହିଁ ଗୃହକୁ ସ୍ୱର୍ଗରେ ପରିଣତ କରେ । ବ୍ରାହ୍ମ ମୁହୂର୍ତ୍ତରେ ଶଯ୍ୟାତ୍ୟାଗ, ପ୍ରାତଃକାଳୀନ ବ୍ରତ ଗ୍ରହଣ, ପରସ୍ପର ଅଭିବାଦନ, ଏସବୁ ଆଚରଣ ଗୃହସ୍ୱର୍ଗର ପ୍ରାତଃକାଳୀନ କର୍ତ୍ତବ୍ୟ ଅଟେ । ସୂର୍ଯ୍ୟୋଦୟର ବହୁ ସମୟ ପରେ ଉଠିବା, ସମସ୍ତ ଗୃହବାସୀ ପ୍ରାୟ ଏକ ସମୟରେ ନ ଉଠିବା, ଶଯ୍ୟାତ୍ୟାଗ ପରେ ଚାହା ଆଦି ଉତ୍ତେଜକ ବସ୍ତୁ ସେବନ କରିବା, ନିତ୍ୟକର୍ମ ପୂର୍ବରୁ ରେଡିଓ, ଟେଲିଭିଜନ ଖୋଲିବା, ପ୍ରଭୁ ଚିନ୍ତନ ପାଇଁ ମୁହୂର୍ତ୍ତେ ସମୟ ନ ଦେବା, କିଏ କାହାରିକୁ ଅଭିବାଦନ ନ କରିବା, ଶିଷ୍ଟାଚାରର ଉପେକ୍ଷା– ଏସବୁ ଫଳରେ ଗୃହସୁଖ ମିଳେନାହିଁ । ପରିବାରର ଅନେକେ ଦୀର୍ଘ ରାତ୍ରିରେ ଶୋଇ ବହୁ ବିଳମ୍ବରେ ଉଠନ୍ତି । ସକାଳ ଚାରିରୁ ପାଞ୍ଚ ହେଉଛି ଉଷାକାଳ ଓ ପ୍ରଭୁଙ୍କୁ ପ୍ରାର୍ଥନା କରିବାର ଅମୃତ ବେଳା । କଥିତ ଅଛି ଯେ ସେତେବେଳେ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ପ୍ରାର୍ଥନା କଲେ ପ୍ରଭୁ ଭକ୍ତର ଗୃହାରି ଶୁଣନ୍ତି । ସେହି ଅମୃତ ବେଳାରେ ଯେଉଁମାନେ ଶୁଅନ୍ତି, ସେମାନେ ନାନାପ୍ରକାର ଦୁଃସ୍ୱପ୍ନ ଯୋଗୁଁ ସ୍ୱପ୍ନଦୋଷ ଆଦି ରୋଗରେ ପୀଡିତ ହୁଅନ୍ତି । ପ୍ରାତଃକାଳୀନ ପ୍ରାକୃତିକ ସୌନ୍ଦର୍ଯ୍ୟ ଅନୁପମ ଅଟେ । ସୂର୍ଯ୍ୟୋଦୟ ପରେ ଉଠିବା ଦ୍ୱାରା ସୂର୍ଯ୍ୟ ମନୁଷ୍ୟର ସମସ୍ତ ତେଜକୁ ଅପହରଣ କରନ୍ତି । ପ୍ରାତଃକାଳୀନ ସୂର୍ଯ୍ୟଙ୍କୁ ଦର୍ଶନ କରିବା ଦ୍ୱାରା ଦୃଷ୍ଟି ଶକ୍ତି ବଢେ । ଉଠୁ ଉଠୁ ଅନେକ ଲୋକ ବନ୍ଧୁବାନ୍ଧବ, ଟଙ୍କା, ସଂପତ୍ତି, କାର୍ଯ୍ୟାଳୟ ବିଷୟ ବିଚାରନ୍ତି, ପରନ୍ତୁ ଯେଉଁ ପରମେଶ୍ୱରଙ୍କ ଅପାର କୃପାରୁ ଏହି ଦେହ ଓ ଦେହ ବାହାରେ ଅସରନ୍ତି ଉପଭୋଗ୍ୟ ପଦାର୍ଥ ମିଳିଛି, ତାହା ପାଇଁ କୃତଜ୍ଞତା ଅର୍ପଣ କରିବା ଲାଗି ସମୟ ପାଆନ୍ତି ନାହିଁ । ଫଳରେ ଦିନଯାକ ସେମାନଙ୍କର ମନ ଅଶାନ୍ତ ରହେ । ପ୍ରାତଃକାଳରେ ପିତାମାତାଙ୍କ ଚରଣ ସ୍ପର୍ଶ କରି ସେମାନଙ୍କର ଆଶୀର୍ବାଦ ପାଇବା ଦ୍ୱାରା ସାରାଦିନ ଆନନ୍ଦରେ କଟେ । ଯେଉଁ ଘରେ ଗୃହବାସୀ ସୂର୍ଯ୍ୟୋଦୟ ପରେ ବିଳମ୍ବରେ ଉଠନ୍ତି, ତାହା ଶ୍ମଶାନ ସଦୃଶ୍ୟ । ନିରର୍ଥକ ଗୌଣ କାର୍ଯ୍ୟ କରିସାରି ଶେଷରେ ପୂଜା ପାଇଁ ଗତାନୁଗତିକ ଭାବରେ ବସିବା ନିରର୍ଥକ ଅଟେ । ଏପରି ପୂଜାରୁ କିଛି ଉପକାର ମିଳେ ନାହିଁ ।

ଶେଯରୁ ଉଠିବା ପରେ ଉଷାପାନ, ଚକ୍ଷୁସ୍ନାନ, ସୂର୍ଯ୍ୟସ୍ନାନ ଆଦି ଲାଭପ୍ରଦ । ମୁଖରେ ପୂର୍ଣ୍ଣ ଭାବରେ ଶୁଦ୍ଧ ଜଳ ରଖି ସଂଗେ ସଂଗେ ଦୁଇ ଆଖିରେ ଜଳ ଛିଟିକିବା ଦ୍ୱାରା ଆଖି ଓ ବୀର୍ଯ୍ୟ ସମ୍ବନ୍ଧୀୟ ରୋଗ ଦୂର ହୁଏ । ଅଜୀର୍ଣ୍ଣ ହୁଏ ନାହିଁ । କାମ ବିକାର ଓ ଦେହର ଉଷ୍ଣତା ଦୂର ହୁଏ । ଅଜୀର୍ଣ୍ଣ ହୁଏ ନାହିଁ । ଦୃଷ୍ଟି ଶକ୍ତି ବୃଦ୍ଧି ପାଏ ।

ଅଳ୍ପକାଳ ଓଁ ସ୍ମରଣ, ବ୍ରତ ବିଚାର ଆଦି ପରେ ଶୌଚ କରିବା ଆବଶ୍ୟକ । ମଳବଦ୍ଧ ଲୋକେ ପେଟ ହଲାଇ ଅଥବା ବ୍ୟାୟାମ କରି ଶୌଚ କରିବା ଶ୍ରେୟସ୍କର । ପ୍ରତ୍ୟହ ରାତ୍ରିରେ ତମ୍ବାପାତ୍ରରେ ଜଳ ରଖି ସକାଳେ ତାହା ପାନ କଲେ ପରିଷ୍କାର ଭାବେ ଝାଡା ହୁଏ । ମଳ ଓ ମୂତ୍ରର ବେଗକୁ କେବେହେଲେ ବନ୍ଦ କରିବା ଉଚିତ ନୁହେଁ । ଶୌଚାନ୍ତେ ଦାନ୍ତ ଘଷିବା ଉଚିତ । ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ପାଇଁ ଅନ୍ୟ ଅଙ୍ଗ ପରି ଦାନ୍ତର ମଧ୍ୟ ପ୍ରୟୋଜନ ରହିଛି । ଟୁଥ୍‌ପେଷ୍ଟ–ବ୍ରସ୍‌ର ପ୍ରୟୋଗ, ଗରମ ଚା, ଥଣ୍ଡା ସରବତ୍, ପାନ ସୁପାରୀ, ବିଡି ସିଗାରେଟ୍ ଆଦି ବ୍ୟବହାର କରିବା ଦ୍ୱାରା ଦାନ୍ତ ନଷ୍ଟ ହୁଏ । ପାୟୋରିୟା, ଦନ୍ତକୃମି, ମାଢିର ଦୁର୍ବଳତା ଇତ୍ୟାଦି ରୋଗ ଦ୍ୱାରା ଦାନ୍ତର ବିକୃତି ଘଟେ । ନିମ୍ବ ଦାନ୍ତକାଠି ବ୍ୟବହାର କରିବା ଦନ୍ତରକ୍ଷା ପାଇଁ ଅତ୍ୟନ୍ତ ଉପଯୋଗୀ ।

ସୁଖ ଓ ଦୁଃଖ – ଏହି ଦୁଇଟି ପଦ ଆମ୍ଭେମାନେ ବହୁବାର ବ୍ୟବହାର କରୁ । 'ଖ'– ଅକ୍ଷରର ଅର୍ଥ ଇନ୍ଦ୍ରିୟ । ସୁ+ଖ = ଉତ୍ତମ ଇନ୍ଦ୍ରିୟ । ସୁସ୍ଥ ଇନ୍ଦ୍ରିୟ ଦ୍ୱାରା ସୁଖ ମିଳେ । ଅନ୍ୟଥା ଦୁଃଖ ମିଳେ । ଦେହ ଧରି ଆମେ ସଂସାରକୁ ଆସିଅଛେ । ଦେହ ଆମର ସାଧନ । ସେ ସାଧନଟିକୁ ସୁସ୍ଥ ଓ ଦୃଢ ରଖିବା ଉଚିତ୍ । ଆମେ ପ୍ରାତଃକାଳରେ ଘଣ୍ଟାଏ, ଦେଢଘଣ୍ଟା ବ୍ୟାୟାମ କରିବା ଫଳରେ ଦିନଯାକ ନିରକସ ଓ କର୍ମତତ୍ପର ହୋଇ ରହୁ । ଜରାବ୍ୟାଧିରୁ ଦୂରରେ ରହୁ । ଆମର ଭୁଜ, ଛାତି, ମସ୍ତିଷ୍କ ବଳବାନ ହୁଏ । ଭ୍ରମଣ ହେଉଛି ସରଳ ବ୍ୟାୟାମ । ମୁକ୍ତ ବାୟୁରେ ତିନି ଚାରି କିଲୋମିଟର ଚାଲିଲେ ଦେହ ସତେଜ ରହେ । ଏହି ଅଭ୍ୟାସ ଛାଡିବା ଉଚିତ ନୁହେଁ । ବର୍ଷାଦିନେ ମଧ୍ୟ ଛତା ଧରି ଭ୍ରମଣ କରିବା ଉଚିତ । ଶାସ୍ତ୍ର କହିଛନ୍ତି – "ତୁମର ପାଦ ତୁମର ଚିକିତ୍ସକ ।" ଏହାର ଅର୍ଥ ପାଦରେ ପ୍ରତ୍ୟହ ଦୀର୍ଘ ବାଟ ଚାଲ । ଯୋଗାସନ କରିପାରିବା ସବୁଠାରୁ ଉତ୍ତମ ଅଟେ । ଏହାଦ୍ୱାରା ଇନ୍ଦ୍ରିୟଗୁଡିକ ବଳବାନ ହୁଏ । ପ୍ରାଣାୟାମ ମଧ୍ୟ ଅତ୍ୟନ୍ତ ଲାଭପ୍ରଦ । ସୁଖାସନରେ ବସିବା ଅଭ୍ୟାସ ଫଳପ୍ରଦ । ମେରୁଦଣ୍ଡ ସବୁବେଳେ ସିଧା ରଖିଲେ ମସ୍ତକ ଦୃଢ ରହେ । ଆଜିକାଲି ଅଧିକାଂଶ ବ୍ୟକ୍ତି ବସିବା ଜାଣନ୍ତି ନାହିଁ । ତା'ପରେ ପ୍ରାଣାୟାମ । ପ୍ରଥମେ

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ନାସିକା ବାଟେ ବାୟୁ ବାହାର କରି ଦିଆଯାଏ । ଅଳ୍ପ ସମୟ ପ୍ରାଣକୁ ବାହାରେ ରଖି ପୁଣି ନାସିକା ବାଟେ ଧୀରେ ଧୀରେ ବାୟୁ ନିଆଯାଏ । ବାୟୁକୁ ଭିତରେ ଅଳ୍ପ ସମୟ ରଖି ପୁଣି ନାସିକା ବାଟେ ଧୀରେ ଧୀରେ ବାହାର କରାଯାଏ । ଏହା ସରଳ ପ୍ରଣାୟାମ । ଏପରି ଅତି କମ୍‌ରେ ଏକୋଇଶ ଥର କରାଯାଇପାରେ । ବ୍ୟାୟାମ ବେଳେ ପାଟି ବାଟେ ଶ୍ୱାସ ନେବା ଆଣିବା ଅନୁଚିତ । ଦେହକୁ ରକ୍ଷା କରିବା ପାଇଁ ଭୋଜନ ପରି ବ୍ୟାୟାମ ଏକାନ୍ତ ଆବଶ୍ୟକ । ବ୍ୟାୟାମ ଦ୍ୱାରା ଖାଦ୍ୟ ଭଲ ଭାବରେ ଜୀର୍ଣ୍ଣ ହୁଏ । ପୁଷ୍ଟିକର ଖାଦ୍ୟ ଖାଉଥିବା ବ୍ୟକ୍ତି ଅଧିକ ବ୍ୟାୟାମ କରିବା ଉଚିତ । ଏପରି ଲୋକେ ନିୟମିତ ବ୍ୟାୟାମ ନ କରି ରକ୍ତଚାପ, ମଧୁମେହ ଓ ହୃଦୟରୋଗରେ ପୀଡିତ ହୁଅନ୍ତି ।

ପ୍ରାତଃଭ୍ରମଣ ଓ ବ୍ୟାୟାମ ପରେ କିଛି ସମୟ ବିଶ୍ରାମ ନେଇ ସ୍ନାନ କରିବା ଉଚିତ । ସ୍ନାନ ପୂର୍ବରୁ ତୈଳ ଦ୍ୱାରା ଦେହକୁ ଘର୍ଷଣ କରିବେ । ତଦ୍ୱାରା ଦେହର ଅଙ୍ଗ ପ୍ରତ୍ୟଙ୍ଗରେ ଶିଥିଳତା ଆସେ ନାହିଁ ଓ ଦେହ ଦୃଢ ରହେ । ଥଣ୍ଡା ପାଣିରେ ଦେହକୁ ତଉଲିଆରେ ରଗଡି ସ୍ନାନ କରିବା ଉଚିତ । ଲୋମକୂପଗୁଡିକ ସଫା କରିବା ଫଳରେ ଦେହର ମଳି ଝାଳ ହୋଇ ବାହାରିବାରେ ସୁବିଧା ହୁଏ । ପ୍ରଥମେ ମୁଣ୍ଡ ଉପରେ ପାଣି ଢାଳିବା ଶ୍ରେୟସ୍କର । ଭୁଲରେ ହେଲେ ଗରମ ଜଳରେ ଗାଧୋଇବା ଉଚିତ ନୁହେଁ । ନାଭିସ୍ନାନ ଅର୍ଥାତ୍ ନାଭି ଉପରେ ଥଣ୍ଡା ଜଳ ଢାଳିବା ଦ୍ୱାରା କାମ ବିକାର ଶାନ୍ତ ହୋଇ ବୀର୍ଯ୍ୟର ସଂରକ୍ଷଣ ହୁଏ । ଗାଧୋଇ ସାରି ଶୁଦ୍ଧବସ୍ତ୍ର ପରିଧାନ କରିବା ଦ୍ୱାରା ମନ ପ୍ରସନ୍ନ ରହେ । ଚିରା ଲୁଗା ହେଉ ପଛେ ତାହା ନିର୍ମଳ ଥିବା ଆବଶ୍ୟକ । ସ୍ନାନ ପରେ ପରେ ଏକାନ୍ତ ସ୍ଥଳରେ ବସି ପ୍ରଭୁଙ୍କ ଉପାସନା କରିବେ । ପ୍ରଭୁ ହିଁ ଶକ୍ତିର ଭଣ୍ଡାର । ତାଙ୍କଠାରୁ ଶକ୍ତି ଆହରଣ କରି ବଳବାନ ହେବା ପୂଜା ଅଟେ । ପ୍ରଭୁ ଅନନ୍ତ ଅଟନ୍ତି । ତାଙ୍କୁ ସ୍ମରଣ କରି କରି ମନ ଥକିଯାଏ ଓ ଶାନ୍ତ ହୁଏ । ତାଙ୍କର ପ୍ରତିମା ବା ସମକକ୍ଷ କେହି ନାହିଁ । ତାଙ୍କର ପ୍ରତିମାପୂଜା କରିବା ଅସଂଗତ । ପ୍ରଭୁ ମୂର୍ତ୍ତି ନୁହନ୍ତି । ଅବଶ୍ୟ ସେ ମୂର୍ତ୍ତିରେ ଅଛନ୍ତି ଯେପରି ସେ ସବୁଠାରେ ବିଦ୍ୟମାନ । ଶାସ୍ତ୍ରରେ କୁହାଯାଇଛି ଯେ – ପିତା, ମାତା, ଅତିଥି-ଏମାନେ ଜୀବନ୍ତ ମୂର୍ତ୍ତି । ଏମାନଙ୍କ ସେବା କରିବା ଉଚିତ । ପ୍ରଭୁ ନିର୍ବିକାର । ସେ ବଞ୍ଚିବା ପାଇଁ ଖାଆନ୍ତି ନାହିଁ । ସେ ଅଶରୀରୀ । ତାଙ୍କର ଦେହ ନାହିଁ । ତେଣୁ ଦେହର ସେବା ଆବଶ୍ୟକ କରନ୍ତି ନାହିଁ । ବେଦ ଉପନିଷଦରେ ମୂର୍ତ୍ତିପୂଜାର ବିଧାନ ନାହିଁ । ପ୍ରଭୁ ସର୍ବବ୍ୟାପକ, ତାଙ୍କର ମୂର୍ତ୍ତି ଗଢିବା ଯୁକ୍ତିସଂଗତ ନୁହେଁ । ତାଙ୍କୁ ଗାଧୋଇ ଦେବା, ପିନ୍ଧାଇବା, ଖୁଆଇବା, ଶୁଆଇବା କାଳ୍ପନିକ ଓ ଆଳଙ୍କାରିକ । ଏଥିରେ ଲେଶମାତ୍ର ସତ୍ୟତା ନାହିଁ । ସେ ଆମ ଦେହରେ ବିଦ୍ୟମାନ । ଆତ୍ମା ମଧ୍ୟରେ ରହିଥିବାରୁ ତାଙ୍କ ଅନ୍ୟ ନାମ ପରମାତ୍ମା । ଆଜିକାଲି ଯାହାକୁ ପୂଜାପାଠ, ଅର୍ଚ୍ଚନା, ଆରାଧନା କୁହାଯାଇଛି; ପ୍ରାଚୀନ କାଳରେ ତାହାକୁ ସଂଧ୍ୟା – ଉପାସନା ବା ସଂକ୍ଷେପରେ ସଂଧ୍ୟା କୁହାଯାଉଥିଲା । ସଂଧ୍ୟବେଳାରେ ଧ୍ୟାନମଗ୍ନ ହେବା ସଂଧ୍ୟା । ସକାଳ ହେଉଛି ଅନ୍ଧାର ଓ ଆଲୋକର ସଂଧ୍ୟବେଳା । ସାୟଂକାଳ ହେଉଛି ଆଲୋକ ଓ ଅନ୍ଧାରର ସଂଧ୍ୟବେଳା । ସଂଧ୍ୟ ସମୟର ଧ୍ୟାନ ସନ୍ଧ୍ୟା ଅଟେ । ମହାଭାରତରେ ଉଲ୍ଲେଖ ଅଛି–

ଅବତୀର୍ଯ୍ୟ ରଥାତ୍ ତୂର୍ଣ୍ଣଂକୃତ୍ୱା ଶୌଚଂ ଯଥାବିଧି ।
ରଥମୋଚନମାଦିତ୍ୟଂ ସନ୍ଧ୍ୟାମୁପବିବେଶହ ॥

ହସ୍ତିନାପୁର ଯିବା ସମୟରେ ମାର୍ଗରେ ସାୟଂକାଳ ଉପସ୍ଥିତ ହେଲା । ଶ୍ରୀକୃଷ୍ଣ ରଥରୁ ଓହ୍ଲାଇ ସନ୍ଧ୍ୟା-ଉପାସନା କଲେ । ମହାଭାରତ ଯୁଦ୍ଧ ସମୟରେ ମଧ୍ୟ ଶ୍ରୀକୃଷ୍ଣଙ୍କ ସମେତ ସମସ୍ତ ଯୋଦ୍ଧାମାନେ ପ୍ରାତଃକାଳରେ ସଂଧ୍ୟାବନ୍ଦନା କରୁଥିବା ବିଷୟ ଉଲ୍ଲେଖ ଅଛି ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ରାମାୟଣରେ ରାମଙ୍କ ଜୀବନର ମନୋରମ ଚିତ୍ର ବର୍ଣ୍ଣନା କରାଯାଇଛି । ସନ୍ଥ ତୁଳସୀ ଦାସ ରାମ ରଚିତ ମାନସରେ ଲେଖିଛନ୍ତି –

ବିଗତ ଦିବସ ଗୁରୁ ଆୟୁସୁ ପାଇ ।
ସନ୍ଧ୍ୟା କରନ ଚଳେ ବୋଉ ଭାଇ ॥

ଅରଣ୍ୟରେ ଶ୍ରୀରାମ ଚାଲୁଚାଲୁ ରାସ୍ତାରେ ସନ୍ଧ୍ୟା ହେବା ସମୟରେ ଲକ୍ଷ୍ମଣ ଓ ସୀତାଙ୍କ ସହତ ସନ୍ଧ୍ୟୋପସନା କରିଥିଲେ । ବାଳ୍ମୀକି ରାମାୟଣରେ ଉଲ୍ଲେଖ ଅଛି –

ସନ୍ଧ୍ୟାକାଳମନାଃ ଶ୍ୟାମା ଧ୍ରୁବଶେଷ୍ୟତି ଜାନକୀ ।
ନଦୀ ଚେମାଂ ଶୁଦ୍ଧଜଳାଂ ସନ୍ଧ୍ୟାର୍ଥେ ବରବର୍ଣ୍ଣିନୀ ॥ (୫,୧୫,୪୮)

ହନୁମାନ ଲଙ୍କାପୁରୀକୁ ଯାଇ ମାତା ସୀତାଙ୍କୁ ଚତୁର୍ଦ୍ଦିଗେ ଖୋଜିବାକୁ ଲାଗିଲେ । କେଉଁଠାରେ ତାଙ୍କୁ ପାଇଲେ ନାହିଁ । ଶେଷରେ ଗୋଟିଏ ନଦୀ ନିକଟକୁ ଯାଇ ମନେ ମନେ ବିଚାର କଲେ – ବର୍ତ୍ତମାନ ସନ୍ଧ୍ୟା ସମୟ ହେଲାଣି । ମାତା ସୀତାଦେବୀ ଯଦି ବଞ୍ଚିଥାଆନ୍ତି, ନିଶ୍ଚୟ ଏହି ନଦୀ କୂଳକୁ ଆସି ଜଳ ନେଇ ସନ୍ଧ୍ୟା କରିବେ । ଏଥିରୁ ଜଣାଯାଏ ଯେ, ସେତେବେଳେ ନାରୀମାନେ ମଧ୍ୟ ସନ୍ଧ୍ୟାକାଳରେ ଉପାସନା କରୁଥିଲେ ।

ମନୁ ମହାରାଜ କହିଛନ୍ତି –

ଋଷୟୋ ଦୀର୍ଘଂ ସନ୍ଧ୍ୟାତ୍ୱାଦ୍‌ଦୀର୍ଘମାୟୁରବାପ୍ନୁୟୁଃ ।
ପ୍ରଜ୍ଞାଂ ଯଶଶ୍ଚ କୀର୍ତ୍ତିଂ ଚ ବ୍ରହ୍ମବର୍ଚ୍ଚସମ୍ ଚ ॥ (ମନୁ ୪,୯୮)

ଋଷିମାନେ ଦୀର୍ଘକାଳ ସନ୍ଧ୍ୟା-ଉପାସନାରେ ବସି ଦୀର୍ଘ ଆୟୁ, ଯଶ, କୀର୍ତ୍ତି ଓ ବ୍ରହ୍ମତେଜ ଲାଭ କରୁଥିଲେ ।

ମନୁ ପୁଣି କହିଛନ୍ତି –

ନ ତିଷ୍ଠତି ତୁ ଯଃ ପୂର୍ବାଂ ନୋପାସ୍ତେ ଯଶ୍ଚ ପଶ୍ଚିମାମ୍ ।
ନ ଶୂଦ୍ରବତ୍ ବହିଷ୍କାର୍ଯ୍ୟଃ ସର୍ବସ୍ମାଦ୍ ଦ୍ୱିଜକର୍ମଣଃ ।। (ମନୁ ୨,୧୦୩)

ଯେଉଁ ବ୍ୟକ୍ତି ନିତ୍ୟ ପ୍ରାତଃ ଓ ସାୟଂ ସନ୍ଧ୍ୟୋପାସନା ଓ ଅଗ୍ନିହୋତ୍ର କରେ ନାହିଁ ତାକୁ ଶୂଦ୍ର ଭାବି ଦ୍ୱିଜକର୍ମରୁ ପୃଥକ୍ କରାଯାଏ ।

ସଂନ୍ଧ୍ୟା-ଉପାସନାର ବିଧାନକୁ ପୁନରୁଦ୍ଧାର କରିବାର ବେଳ ଆସିଛି । ତାହା ହିଁ ଈଶ୍ୱରପୂଜା ବା ପରମାତ୍ମାଙ୍କ ପ୍ରତି କୃତଜ୍ଞତା ଅର୍ପଣ ।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

तृतीय खण्ड

वैदिक धर्म प्रचार में संलग्न विदुषी शन्नोदेवी

डॉ० भवानीलाल भारतीय

गार्गी और मैत्रेयी जैसी विदुषियों की परंपरा को इस काल में जिन सन्नारियों ने जीवित रखा, उनमें ओडिशा प्रान्त की श्रीमती शन्नोदेवी का नाम उल्लेखनीय है। उनका जन्म १९३९ में उत्कल प्रदेश के गुणुपुर ग्राम में स्वर्गत गंगाधर पंडा के यहां हुआ था। पण्डाजी अपने समय के विख्यात शिक्षाशास्त्री थे। ओडिशा के प्रथम मुख्यमत्री और पीछे उत्तर प्रदेश के राज्यपाल रहे स्वर्गत डॉ० विश्वनाथ दासजी श्रीमती शन्नोदेवी की माता के मामा थे। आपने देश के चार शंकरपीठों में वेद भवनों की स्थापना की थी। शन्नोदवी का पूर्व नाम कुमुदिनी थी। शन्नोदेवी जैसा वैदिक नाम उन्हें तब मिला जब उनका विवाह आर्यसमाजी इंजीनियर श्री प्रियव्रत दास जी से हुआ। श्री दास के पिता लिगंराज अग्निहोत्री उत्कल प्रान्त के प्रारंभिक युग के आर्यो में प्रमुख थे। अपने ससुर की वैदिक विचारधारा को नवविवाहिता कुमुदिनी ने अविलंब ग्रहण किया। उनके कुछ प्रभावशाली लेख ओडिशा के दो प्रमुख दैनिक समाचार पत्र 'समाज' और 'प्रजातंत्र' में प्रकाशित हुए। उन लेखों ने राज्य के प्रौढ साहित्यिकों के मन में वैदिक विचारधारा के संवन्ध में गंभीर रेखापात किया। १९ साल की आयु में उन्हें सम्मानजनक 'प्रजातंत्र साहित्य पुरस्कार" से सम्मानित किया गया। शन्नोदेवी ओडिसा के प्रथम महिला हैं जिहोनें यज्ञोपवीत धारण किया। आज वे इस प्रान्त में आर्य पुरोहितों में अग्रगण्य हैं जो विधिवत् षोडश संस्कार संपन्न कराती हैं। १९६८ में जब पं अग्निहोत्री का निधन होगया, उस दिवंगत महापुरुष की इच्छानुसार २९ वर्षीया पुत्रवधू शन्नोदेवी ने श्मशान में स्वयं जाकर अपने ससुर का अन्त्येष्टि संस्कार विधि के अनुसार कराया। इस अभूतपूर्व कृत्य ने उत्कल जनता के बीच हलचल मचा दी। लोग दो वर्ग में बंट गये। प्रगतिशील लोगों ने इस कृत्य की श्लाघा की जबकि कट्टरपन्थी समुदाय ने इसका विरोध किया। धीरे धीरे शन्नोदेवी ने ओडिशा के सामाजिक और साहित्यिक क्षेत्र में प्रवेश किया। अपने विद्वान पति के साथ स्वप्रान्त तथा स्वदेश के अतिरिक्त अमेरिका, इंग्लेण्ड, मोरिशस, होलांड में धर्मप्रचारार्थ भ्रमण किया।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

विभिन्न आर्यसम्मेलनों में भाग लिया। उन्होने अधिकांश आर्य गुरुकुलों को देखा तथा आर्य विदुषी-विद्वानों से संपर्क में आईं। ओडिशा राज्य की राजधानी भुवनेश्वर में आर्य समाज मंदिर की स्थापना में तथा उसके विस्तार में प्रियव्रत जी को सहयोग दिया। 'वैदिक अनुसंधान प्रतिष्ठान' का निर्माण शन्नोदेवी का साहसिक पदक्षेप था जिसके कारण आज ओडिआ भाषा में प्रायः पचास से भी अधिक वैदिक ग्रंथ प्रकाशित हुए हैं। मूलतः ये प्रवृत्तियां दास वाबू के पुरुषार्थ से प्रारंभ हुई थी। सच पूछो तो ओडिआ भाषा में वैदिक साहित्य का लेखन तथा प्रकाशन दास दंपति द्वारा ही हुआ है। आज प्रतिष्ठान द्वारा प्रकाशित पुस्तकों के कई संस्करण छप चुके हैं और ओडिशा के घर घर में पहुंच चुके हैं। वैदिक विचार धारा के प्रसार के लिये शन्नोदेवी ने वाणी तथा लेखन दोनों साधनों का भरपूर इस्तेमाल किया है। वे आकाशवाणी तथा दूरदर्शन से वैदिक विचारों को प्रसारित करती हैं। उनकी दो कृति 'वेद रे नारी' और 'वैदिक कर्मकाण्ड ओ वेदपाठ रे नारी र अधिकार' के अनेक संस्कारण छप चुके हैं। हाल ही में उनकी आत्मकथा 'स्मृति वातायने' के विमोचन पर उनको 'अमृतायन पुरस्कार' से अलकृंत किया है। वे मुम्बाई सान्ताक्रुज आर्यसमाज द्वारा 'लीलावती महिला पुरस्कार' तथा ओडिशा लेखिका परिषद् द्वारा 'वैदिक साहित्य पुरस्कार' द्वारा सम्मानित हुई हैं।

शन्नोदेवी के साथ प्रथम साक्षात् इंजीनियर प्रियव्रत जी के सरकारी वासभवन में ओडिशा की राजधानी भुवनेश्वर में हुआ था, जब मैं स्वर्गत स्वामी ब्रह्मानन्द जी द्वारा स्थापित गुरुकुल वेदव्यास के कार्यक्रम के उपरान्त पुरी, भुवनेश्वर आदि दर्शनीय स्थान भ्रमण हेतु उधर पहुंचा। दो, तीन दिन उनके आतिथ्य में रहा। इस परिवार का विशाल ग्रंथागार देखके अत्यन्त आनन्दित हुआ। उन दिनों रोहतक के उद्योगपति तथा आर्यसमाजी चौ मित्रसेन जी अपने कारोबार के कारण भुवनेश्वर में थे। शन्नोदेवी ने उनसे संपर्क करके पुरी-कोणार्क भ्रमण का कार्यक्रम वनाया। इस यात्रा में मेरे साथ दास दंम्पति और स्व.चौ. मित्रसेन जी भी थे। यात्रा के अवसर पर शन्नोदेवी ने ओडिशा का प्राचीन इतिहास वर्णन किया। पुरी, भुवनेश्वर आदि स्थानों पर निर्मित सारे मंदिर एक हजार वर्ष से ज्यादा पुराने नही हैं। पिपिली नामक स्थान से गुजरते हुअे उन्होंने वताया कि अथर्ववेद की पैप्पलाद शाखा उधर रचित हुई थी। प्राचीन वैदिक ग्रंथो का अनुसंधान हेतु स्व. पं युधिष्ठिर मीमांसक कुछ दिन दास दंपति का आतिथ्य में थे।

पुरी गोवर्धनपीठ के शंकराचार्य ने जब नारी के वेदों के पठन-पाठन की अनधकारिणी घोषित किया, तो श्रीमती शन्नोदेवी ने उन्हे शास्त्रार्थ की चुनौती दी और शास्त्रीय प्रमाणों से नारी के वेदपाठ तथा वेदाध्ययन की संपुष्टि की। उन्होने अपनी पौत्रियों का उपनयन संस्कार

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

कराके ओडिसा में नारी जागरण प्रारम्भ किया। अपने दोनों पुत्र यज्ञप्रकाश तथा ओम्प्रकाश पेशे में इंजीनियर हैं परन्तु अपने अपने क्षेत्र में आर्यसमाज के कर्मठ कार्यकर्त्ता हैं। उनकी पुत्री डाक्टर प्रज्ञा तथा जामाता डाक्टर गोपाल यशस्वी चिकित्सक होते हुअे भी आर्यसमाज की सेवा में संलग्न हैं। सुयोग्य सन्तान मातापिता को अपूर्व संतोष देते हैं। अजमेर में महर्षि दयानन्द निर्वाण शताब्दी के अवसर पर विशाल शोभायात्रा में अपने पुत्रों के साथ दास दम्पती ने ओम् पताका हाथों में लेकर नेतृत्व किया था, वह दृश्य अत्यन्त आदर्श था। आज ओडिशा में आर्यसमाज का कार्य उन्नति की ओर जा रहा है, उसमें इस दंपति का अपूर्व योगदान है।

गंगानगर, राजस्थान

❀ ❀ ❀

पूज्यपाद स्वामी सत्यप्रकाश जी की ओडिशा में वेद-प्रचार की सहयोगिनी विदुषी माता शन्नोदेवी

डॉ० ज्वलन्त कुमार शास्त्री

वेदों में नारी का एक विशेषण चतुष्कपर्दा है, जिसका अर्थ है कि नारी धर्म-अर्थ-काम और मोक्ष इन चारों पुरुषार्थों (पुरुषार्थ-चतुष्टय) को जाननेवाली तथा प्राप्त करनेवाली है। वेदमन्त्र[1] तथा वैदिक विचार से यह सिद्ध होता है कि जो लोग स्त्री का मोक्ष की अधिकारिणी नहीं मानते, वे कितने अज्ञानान्धकार में डुबे हुए हैं। वेद का सन्देश है कि 'स्त्री एक वेद, दो वेद, या चारों वेदों को पढकर निर्मलबुद्धि होकर विदुषी बनकर निर्मल जल के समान अपने प्रवचन से विस्तृत ज्ञानरूपी प्रकाश में अनेक विद्याओं का प्रचार करे।'

इन वेदवचनों को ओडिशा प्रान्त में यदि किसी महिला ने आज सार्थक किया है, तो वे हैं माता शन्नोदेवी जी। माता शन्नोदेवी एवं इनके विद्वान् पति इज्जीनियर पं प्रियव्रत दास जी के शुभनाम और काम का प्रथमतः श्रवण मैने पूज्यपाद गुरुवर्य स्वामी सत्यप्रकाश जी के मुखारविन्द से ही किया था।

स्वामी सत्यप्रकाश जी ने संन्यास के पश्चात् अपने घर और रिश्तेदारों के घरों में जाना, उनके यहाँ भोजन करना तथा अपने किसी भी सम्बन्धी को आर्थिक सहायता देना

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

आदि कार्यों को बिलकुल त्याग दिया था, और उन्होंने कठिन परिस्थिति में भी संन्यास के हर नियम का पालन किया। किन्तु अन्य आर्य-परिवारों में जाकर उनका आतिथ्य ग्रहण करना तथा उन्हें वेदप्रचार और आर्यसमाज के कार्यों के लिए प्रोत्साहित करना, उन्हें बहुत अच्छा लगता था। संन्यास के बाद वे जिस आर्य दम्पति से सबसे अधिक प्रभावित हुए और जिन्हें सबसे अधिक प्रोत्साहित किया, उनमें सबसे अग्रगण्य हैं भुवनेश्वर निवासी 'दास-दम्पति'। स्वामी जी भुवनेश्वरर में साइंस कांग्रेस में भाग लेकर जब प्रयाग लौटे, बहुत विस्तार से पं. प्रियव्रत दास और उनकी विदुषी धर्मशीला पत्नी माता शन्नोदेवी जो के वैदुष्य, अतिथि सेवा तथा आर्यसमाज के सिद्धान्तों के प्रचार – प्रसार में समर्पित निष्ठा का स्पृहणीय और रोचक विवरण देकर मुझ में पं प्रियव्रत जी और उनकी पत्नी श्रीमती शन्नोदेवी जी के प्रति जिज्ञासा और उत्सुकता का भाव जागरित कर दिया।

पं. प्रियव्रत दास ओडिशा प्रान्त के चीफ इज्जीनियर के महत्वपूर्ण पद पर प्रतिष्ठित थे। वेद और दयानन्द के प्रति श्रद्धा और निष्ठा इनका पारिवारिक दाय और संस्कार था। उनके फूफा श्रीवत्स पण्डा ने 'सत्यार्थ प्रकाश' का ओडिआ भाषा में अनुवाद किया था। दास बाबू के पिताश्री लिंगराज अग्निहोत्री ने ओडिशा प्रान्त के पोलसरा ग्राम में सर्वप्रथम 'आर्यसमाज' की स्थापना का श्रेय प्राप्त किया था। पं. प्रियव्रत जी के अन्तर्मन में वैदिकधर्म और सिद्धान्तों के प्रति गहरी निष्ठा के बीज-वपन का कार्य स्वामी जी के पिताश्री पं गंगाप्रसाद उपाध्याय ने किया था। जब प्रियव्रत जी इज्जीनियरिं की पढाई पटना में कर रहे थे, तब वे प्रायः प्रयाग जाकर पं. गंगाप्रसाद उपाध्यायजी से मिलकर अपने वैदिक-ज्ञान और सिद्धान्त की पिपासा शान्त करते थे।

स्वामीजी ने दास-दम्पती के सद्-व्यवहार तथा वैदिक धर्मप्रचार की दृढ अनुरक्ति के चलते आठ बार भुवनेश्वर की यात्रा की। स्वामीजी बहु आयामी प्रज्ञा संन्यासी थे। प्रवीण वैज्ञानिक थे, उन्होने भारतीय स्वराज्य आन्दोलन में भाग लिया था, केन्द्रीय कारागार में भी रहे थे। अंग्रेजी भाषा पर उनका पूर्ण आधिकार था। उन जैसे महामेधावी परिव्राजक के संन्यास अवस्था में ओडिशा में वेद-प्रचार का कार्यक्रम दास-दम्पति की सुव्यवस्था के कारण ओडिसा के विश्वविद्यालयों, महाविद्यालयों, रोटरी क्लव, लाइन्स क्लव, इंजीनियरिं कालेज, मोडिकल कालेज, योगकेन्द्र तथा भुवनेश्वर के अनेक प्रसिद्ध समागारों में रखा जाता था। स्वामी जी के वैदुष्यपूर्ण भाषण और प्रवचन के श्रोताओं में वैज्ञानिक, शिक्षावित्, इंजीनियर, डॉक्टर, लेखक, पत्रकार, साहित्यकार तथा सामाजिक कार्यकर्त्तागण होते थे। ओडिसा के इन सभी कार्यक्रमों में दास-दम्पती उनके साथ रहते थे। दौनिक समाचार पत्रों में उनके प्रवचनों का सारांश छपता था।

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

ओडिशा के ऐसे ही एक प्रचार-कार्यक्रम के दौरान प्रख्यात उद्भिद् वैज्ञानिक तथा काशी हिन्दु विश्वविद्यालय के पूर्वतन उपकुलपति डॉ० प्राणकृष्ण परिजा का निधन कटक में अपने निवास पर हो गया। स्वामीजी का डॉ० परिजा से घनिष्ठ परिचय था। डॉ० परिजा के पुत्र ओडिसा सरकार के मुख्य शासन सचीव थे। माता शन्नोदेवी ने उनसे सम्पर्क करके स्वामीजी को साथ लेकर अपने साथ यज्ञकुण्ड भी लेती गई। वहाँ हवन हुआ और स्वामी जी का सारगर्भित प्रवचन भी। वहां उपस्थित ख्यातनामा बुद्धिजीवियों और सरकारी अधिकारीयों पर वेद, दयानन्द और वैदिक विचारों के परिप्रेक्ष्य में बहुत ही अच्छा प्रभाव पडा।

ओडिशा का सबसे लोकप्रिय और बहुप्रसारित दौनिकपत्र 'समाज' है। यह दैनिक पत्र ओडिशा के गांधी के नाम से सुख्यात स्वर्गीय पं० गोपबन्धु दास द्वारा स्थापित है। यह दैनिक पत्र आजकल लाला लाजपत राय द्वारा प्रतिष्ठित `लोकसेवक मण्डल' दिल्ली द्वारा संचालित होता है। राजर्षि पुरूषोतम दास टण्डन 'लोक सेवक मंडल" के अनेक वर्षों तक अध्यक्ष रहे थे। प्रयागवासी तथा हिन्दी के प्रखर समर्थक टण्डन जी से स्वामीजी के पिताजी पं० गंगाप्रसाद उपाध्याय का निकट परिचय था। उपाध्याय जी को 'आस्तिकवाद' पर हिन्दी साहित्य सम्मेलन का सर्वोच्च 'मंगला प्रसाद पुरस्कार' प्राप्त हुआ था। इस पत्र ने कटक के अपने मुख्य कार्यालय 'गोपबन्धु भवन' में पुरुषोत्तम दास टण्डन स्मारक व्याख्यानमाला का आयोजन रखा और स्वामी जी का योगदान इस स्मारक – वक्तृता के अन्तर्गत प्रभावी रूप में सम्पन्न हुआ। इस व्याख्यानमाला में उपस्थित होनेवालों में ओडिशा के प्रबुद्ध लेखक, पत्रकार और राजनेता होते थे। उत्तरप्रदेश के पूर्वतन राज्यपाल तथा ओडिशा के प्रथम मुख्यमन्त्री श्री विश्वनाथ दास की दौहित्री माता शन्नोदेवी। इस प्रकार शन्नोदेवी और प्रियव्रत दास दम्पति के दोनों कुल ओडिसा के प्राख्यात सम्भ्रान्त विद्वद्वर्ग से सम्बद्ध हैं। महात्मा विदुर ने कौल्य अर्थात् कुलीनता की प्रशंसा यूँ ही नहीं की है। भरद्वाजगृद्ध सूत्र में विवाह में वर-वधू के लिए प्रज्ञा और कुलीनता की समानता पर सबसे अधिक बल दिया गया है। सोने में सुगन्ध यह हो गया कि माता शन्नोदेवी जी के नाना श्री माननीय विश्वनाथ दास जी के पुत्र हरिहर दास इलाहाबाद विश्वविद्यालय में स्वामीजी के विद्यार्थी रहे थे।

ओडिशा की वैदिक धर्म प्रचार यात्रा के दौरान कई शिष्य स्वामीजी को मिल जाते थे, जिन को उन्होंने इलाहाबाद विश्वविद्यालय में पढाया हुआ था। एक विश्वविद्यालय के कुलपति महोदय ही स्वामी जी के शिष्य निकले। एक दूसरे विश्वविद्यालय में बाहर से आये शोध-परीक्षक माता शन्नोदेवी से स्वामी जी का नाम सुनकर और प्रत्यक्षतः सम्मुख देखकर स्वामीजी का चरणस्पर्श करते हुए बोले - 'डॉ० साहब! हम कल्पना भी नहीं कर सकते थे एक दिन आप

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

हमें इस वेश में मिलेगें।' स्वामीजी अपने सभी पूर्वशिष्यों को विनोदपूर्व उत्तर दिया करते थे। इन सबका सम्मिलित प्रभाव यह होता था कि स्वामिजी का व्याख्यान विशिष्ट स्थानों पर अर्थात् उच्च शिक्षा के अध्ययन केन्द्रों पर होता था और उपस्थिति में सुधी विपश्चित की सुलभता अनायास हो जाती थी। अन्यथा हम सभी जानते हैं कि आजकल आर्यविद्वानों या संन्यासियों के व्याख्यान आर्य समाज मंन्दिर तक सीमित रह जाते हैं। ओडिसा में स्वामीजी की सभी प्रचार यात्राओं में पं० प्रियव्रत दास तथा उनकी धर्मपत्नी माता शन्नोदेवी ही सूत्रधार की भूमिका में होते थे।

माता शन्नोदेवी अपने ससुराल के गांव में स्थापित आर्य समाज मंदिर में यज्ञमण्डप बनवाकर उसके उद्घाटन के लिए स्वामी जी को लेकर पहुँची। स्वामीजी के अनुरोध पर ओडिशा के तत्कालीन राज्यपाल पं० विश्वम्भरनाथ पाण्डेय भी उस समारोह में पधारे। सम्माननीय राज्यपाल महोदय की धर्मपत्नी एक समय इलाहाबाद विश्वविद्यालय में स्वामीजी की शिष्या रही थी। ग्रामीण परिवेश था। स्थानीय लोगों ने स्वामीजी को एक रिक्शे मे बैठाकर फूलमाला पहनाकर शोभायात्रा निकाली। विनोदप्रिय स्वामीजी ने कहा- 'शन्नोदेवी ! मुझे लगता है यह आयोजन ऐसा ही है जैसे पौराणिक लोग बलिदेने के लिए बलिपशु को पुष्पहार से अलंकृत पर प्रसन्नचित हो शेभायात्रा का आयोजन करते हैं।'

ओडिशा में महिला-पुरोहित के रूप में माता शन्नोदेवी जी ने सैकडों वैदिक संस्कारों को सम्पन्न कराया है। किन्तु वे अपना प्रथम पौराहित्य कर्म कभी नहीं भूलती जब वे पूज्यपाद स्वामीजी की उपस्थिति और प्रेरणा से आर्य समाज मंडप में पहली बार सफल विवाह संस्कार कराया था। माताजी के यजमानों में मुख्यमंत्री, मन्त्री, वरिष्ठ राजकीय आफिसर से लेकर साधारण गरीब व्यक्ति भी समाविष्ट हैं। माताजी की लिखी हुई पुस्तकों में 'वेद रे नारी', 'वेदपाठ औ वैदिक कर्मकाण्ड रे नारी र अधिकार' ओडिशा में अत्यधिक लोकप्रिय है। यह तो हम सभी जानते हैं कि सम्माननीय पं० प्रियव्रत दास जी द्वारा, विभिन्न वेद-उपनिषद्-दर्शन-कर्मकाण्ड से सवन्धित दर्जनों पुस्तकें हैं जो अच्छे-खासी लोकप्रिय हैं। आपकी पुस्तकों का जन सामान्य से लेकर ओडिशा का विद्वज्जगत् भी समान रूप से स्वाध्याय करता है और समादर देता है। आप आर्यजगत के सम्मानास्पद गंगाप्रसाद उपाध्याय पुरस्कार, मेघ जी भाई आर्य साहित्य पुरस्कार से लेकर उत्कल विश्वविद्यालय, ओडिशा साहित्य अकादमी तथा उत्कल साहित्य सम्मान आदि अनेक पुरस्कारों तथा सम्मानों से सम्मानित-पुरस्कृत और समादृत हो चुके हैं। आपकी प्रसिद्ध पुस्तक 'वेद मनुष्यकृत कि?' साहित्य अकादमी से पुरस्कृत रचना है। इस ग्रन्थ के रचना के समय आपकी अवस्था मात्र अठाइस वर्ष की थी।

स्वामीजी ने अपनी आठ यात्राओं में अन्तिम आठवीं यात्रा में चालीस (४०) दिनों का

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

दीर्घ समय आर्यसमाज भुवनेश्वर में व्यतीत किया था। केप्टन देवरत्न आर्य नें मुम्बई से पं० प्रियव्रत जी को सूचित किया कि स्वामी जी विदेश से लौटे हैं, अत्यन्त अस्वस्थ हैं, कुछ दिन मुम्बई में रहकर आपके यहाँ भुवनेश्वर में रहना चाहते हैं। स्वामिजी नियत समय पर भुवनेश्वर पहुँचे और आर्य समाज में चालीस दिनों तक निवास किया। इस अन्तिम भुवनेश्वर की यात्रा में स्वामिजी काफी कमजोर हो गये थे। भोजन भी बहुत कम हो गया था। पुनरपि लिखना-पढना बन्द नहीं हुआ था। प्रतिदिन शिष्य, साहित्यकार, वैज्ञानिक तथा शिक्षाविद् जन आते रहते थे। आर्य समाज के निकट ही बहिन रश्मि धवन सपरिवार रहती थीं। वे आर्य विद्वान् तथा गुरूकुल कांगडी के यशस्वी स्नातक पं० शंकरदेव विद्यालंकार की पुत्री थीं। पं० शंकर देव विद्यालंकार विद्वान्, सौम्य तथा साहित्यक रूचि के सुसंस्कृत सज्जन थे। डाँ भवानीलाल भारतीय ने अपनी प्रसिद्ध कृति 'नवजागरण के पुरोधा' में उन्हें सादर सश्रद्ध स्मरण किया है। माता जी के अनुरोध पर बहिन रश्मि धवन ने स्वामीजी की भोजनादि की सुन्दर व्यवस्था की। उन दिनों भी स्वामीजी संक्षिप्त उपदेश तथा विचार चर्चा उपस्थित जनों के मध्य कर ही लिया करते थे। चालीस दिन के सुदीर्घ प्रवास के वाद स्वामी जी अपने आँखों के इलाज के लिए प्रयाग चले गये।

प्रयाग में कुछ मास रहने के उपरान्त स्वामिजी अपने प्रिय शिष्य पं० दीनानाथ शास्त्री के यहाँ अमेठी चले आये। यहाँ स्वामिजी ने अपना अन्तिम समय लगभग दो वर्षों का व्यतीत किया। माता शन्नोदेवी अपने पतिदेव पं० प्रियव्रत दास जी के साथ एक, दोबार स्वामी जी का दर्शन करने अमेठी भी पधारी। विगत वर्ष आर्यसमाज कटरा प्रयाग द्वारा 'स्वामी सत्यप्रकाश स्मारक वक्तृता' के लिए डाँ प्रियव्रत दास जी जब प्रयाग आये ये, तब साथ में माताजी भी पधारी थीं। उस कार्यक्रम मैं भी उपस्थित था। दास बाबू के 'विज्ञान और अध्यात्म' विषय पर (जो स्वामिजी का भी प्रिय विषय था) खोजपुर्ण और प्रभावी व्यारव्यान के बाद मैंने भी स्वामिजी की स्मृति में व्याख्यान दिया था। श्रोताओं में प्रयाग विश्वविद्यालय के अनेक प्रोफेसर तथा अनेक शिक्षाविद् और बुद्धिजीवी भी थे।

माताजी ने अपने पतिदेव के साथ अहर्निशि सहयोग करते हुए बहुत प्रयास करके भुवनेश्वर नगर में दो एकड जमीन आर्यसमाज मंदिर के लिए प्राप्त की। यदि माताजी ओडिशा के प्रथम मुख्यमंत्री विश्वनाथ दास की दोहित्री न होतीं, पं० प्रियव्रत जी ओडिसा प्रान्त के सार्वजनीन निर्माण विभाग में मुख्य अभियन्ता न होते, साथ ही प्रसिद्ध समाजसेवी, साहित्यकार और स्वाधीनता संग्रामी परिवार की सदस्या और सदस्य होने के नाते भी तत्कालीन मुख्यमन्त्री पं० जानकी वल्लभ पटनायक से उनके परिवार में एक विवाह संस्कार का पौरोहित्य कर्म करके दक्षिणा के रूप

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

में आर्यसमाज के लिए समुचित स्थान पर दो एकड जमीन माँग लेना और मुख्यमन्त्री महाभाग की एतदर्थ स्वीकृति देना ओडिशा ही नहीं आर्यसमाज के इतिहास में भी एक सुन्दर अध्याय है।

फिर उस सुन्दर भूमि पर `वास्तु –विद्याविशारद' पण्डित जी ने दो-तीन साल के निरन्तर प्रयास से आर्य समाज मंदिर का भव्य भवन बनवाया। आर्यसमाज मंदिर के अन्तर्गत 'विशाल यज्ञमण्डप' का निर्माण करवाया, जिसमें तीन-चार सौ व्यक्ति बैठ सकते हैं। इस यज्ञमण्डप का भी उद्घाटन पूज्यपाद स्वामिजी के कर –कमलों से ही हुआ था। स्वामिजी अपने प्रवचनों में देश-विदेश की प्रख्यात पाँच यज्ञशालाओं में इस यज्ञशाला की भी गणना करते थे। इस आर्य समाज में 'महर्षि दयानन्द निर्वाणशताब्दी यज्ञमण्डप' ही केवल दर्शनीय नहीं है, अपितु 'वेदभवन', 'श्रद्धानन्द भवन' तथा सुन्दर-सुरम्य वाटिका भी है। इन्हीं कारणों से आर्य समाज भुवनेश्वर दर्शनीय स्थान के रूप परिगणित हो चुका है। पुज्य स्वामीजी के प्रति कृतज्ञता अर्पण करते हुये आर्यसमाज के विशाल ग्रन्थागार का नाम 'स्वामी सत्यप्रकाश वैदिक ग्रन्थागार' रखा गया है। यहाँ पुस्तकों के तीन विभाग हैं – ओडिआ, अंग्रेजी और हिन्दी। इन तीन भाषाओं में लिखित पुस्तकें अच्छी संख्या में हैं। पं० जी को उपहार में मिली प्रख्यात विद्वानों-सातवलेकर जी से लेकर पं० युधिष्ठिर मीमांसक तक की प्रसिद्ध कृतियों का यहाँ संग्रह किया गया है। स्वामीजी ने यहीं रहकर अथर्ववेद का अंग्रेजी में भाष्य किया था। इस हेतु अनेक ग्रंथ अंग्रेजी, हिन्दी और संस्कृत के मँगवाये गये थे। भाष्य-काल में स्वामी जी के भोजनादि की व्यवस्था माता जी के ही अधीन थी। जिस कक्ष में स्वामिजी भाष्य करते थे, उस कक्ष की भित्ति (दीवार) में स्वामिजी के निवास का विवरण अंकित किया गया है। इसी प्रकार 'महर्षि दयानन्द स्मारक यज्ञमण्डप' (यज्ञशाला) में भी स्वामिजी के द्वारा उद्घाटन का विवरण अंकित हुआ है। माता शन्नोदेवी की एक ही नहीं अनेक विशेषताएँ हैं। वे उत्कृष्ट पाक-कला विशेषज्ञा हैं। स्वामिजी माताजी के हाथों उनके द्वारा निर्मित अनेक स्वादिष्ट मिठाइयों तथा व्यंजनों की चर्चा प्रायः करते थे। किसिम-किसिम की मिठाइयों के साथ ओडिआ, बंगाली और दाक्षिणात्य व्यंजनों के निर्माण में भी निपुण हैं माताजी। अतिथियों को आदर और प्रेम के साथ खिलाना उनकी प्रवृत्ति है। भुवनेश्वर जानेवालें और विदुषियां माताजी के हाथों स्वादिष्ट भोजन द्वारा सत्कारित होती रही हैं। सभी जानते हैं कि स्वामिजी स्वयं अतिथियों का सत्कार करने में अग्रणी और स्वादिष्ट विविध व्यंजनों के शौकिन थे। स्वामिजी कम खाते थे किन्तु तरह-तरह के स्वादिष्ट भोजन लेने में प्रसन्न होते थे। यदि दूध पी लिया तो छेना की मिठाई नहीं खाते थे। ओडिशा में साधारण परिवार भी ३-४ सब्जी बनाते हैं जो उत्तरभारत में प्रायः देखने में नहीं। बहुधा स्वामिजी ३-४ सब्जियों को एक साथ मिला लेते थे और कहते थे पेट

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

में जाकर सब मिल जायेंगे, अतः पहले ही मिला देना ठीक् है। माताजी स्वामिजी के विनोदी स्वाभाव को जानकर एकबार कहा भी कि 'स्वामिजी। आप जैसा विनोदप्रिय तथा भोजनप्रिय संन्यासी मैंने नहीं देखा।' स्वामिजी भी हँसते हुए बोले चलो देख लिया अच्छा ही हुआ, अन्यथा मेरे न रहने पर यह इच्छा पूरी नहीं हो पाती।

माताजी की एक विशेषता और है जिसका चर्चा के विना यह लेख अधूरा रहेगा। वह है उनका संगीत पक्ष। बाल्यकाल से ही संगीत प्रिय होने तथा एक कुलीन परिवार में जन्म लेने के कारण भी ओडिसा के सभी प्रसिद्ध संगीतज्ञ उनके अत्यन्त परिचित हैं। दासबाबू एक गद्यकार ही नहीं अपितु भक्ति और उपासना से विदग्ध विशेषतः वैदिक सिद्धान्तानुसार ईश्वर की भक्ति-अनुरक्ति और प्रीतिपरक अनेक गीतों की रचना भी उन्होने की है। उन गीतों को माता जी ही नहीं अपितु उनके आदर्श पुत्र और पुत्री भी वाद्य के साथ अतीव तन्मयता से जब लयबद्ध हो गाते हैं, तब श्रोता भाव-विभोर हो जाते हैं। ओडिआ भाषा में संस्कृत निष्ठ शव्दबहुल संयोजित कर्णप्रिय मधुर गीतमाला में अनेक बार मुझे भी प्रानन्दित होने का अवसर प्राप्त हुआ है। आर्यसमाज भुवनेश्वर में प्रारम्भिक काल से ही माताजी भजन गाती रही हैं। प्रसन्नता इस बात की है कि इनकी संतानें इंजीनियर और डॉक्टर होते हुए भी वैदिक विचारधारा में पूरी तरह शिक्षित और दीक्षित हैं। उनके मुखारविन्द से सुन्दर भजनों का श्रवण अह्लादित करने वाला होता है। पं० प्रियव्रतजी-रचित भक्ति संगीत ओडिशा की आकाशवाणी से भी सुनने को मिलते हैं। स्वामीजी जब इन भजनों और गीतों को सुनते थे, तो कहते थे कि ओडिआ भाषा संस्कृत के समीपतम है। अतः ओडिआ समझना आसान है। मेरा भी ऐसा ही अनुभव है।

पं० प्रियव्रत दास जी और माता शन्नोदेवी जी के निमन्त्रण पर ओडिशा में चार बार गया हुँ। दो बार वार्षिक उत्सव में प्रवचन हेतु, एक बार पं० प्रियव्रतजी द्वारा स्थापित 'महर्षि दयानन्द पुरस्कार' प्राप्ति तथा एक बार पंडितजी के अमृतमहोत्सव में सम्मिलित होने हेतु। अपनी ओडिशा यात्रा के संम्मारणों को लिखुंगा। 'माता शन्नोदेवी राष्ट्रीय वेद-विदुषी पुरस्कार' भी प्रतिवर्ष आर्यसमाज की विदुषियों को प्रदान किया जाता है।

माता शन्नोदेवी तथा समादरणीय पण्डित प्रियव्रत दास जी के समग्र यावज्जीवन को देखकर निम्नांकित वेदवाणी का भाव साकार हो जाता है, जिसमें यह कहा गया है[३] - 'हे सूर्य के समान तेजस्वी गृहस्थियों ! तुम्हारा घर सोमपान करने योग्य शुद्ध, पवित्र, प्रभुभक्तों से परिपूर्ण हो, उसमें तुम सदैव सत्यवाणी का व्यवहार करते हुए प्रसन्न रहो, पति-पत्नी दोनों

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

सुन्दरता से धर्म का पालन करो, तब तुम्हारे घर में इच्छा पूर्ण करने वाली, धार्मिक, दिव्य पुरुषार्थी सन्तति उत्पन्न होगी।

पादरिणी

१. चतुष्कपर्दा युवति : सुपेशा घृतप्रतीका वयुनानि वस्ते। तस्यां सुपर्णा वृषणा निषेदतुर्यत्र देवा दधिरे भागधेयम्। (ऋवेद १०/११४/३)

२. गौरीमिर्माय सलिलानि तक्षत्येकपदी द्विपदी सा चतुष्पदी।
अष्टापदी नवपदी बभूवुषी सहस्राक्षरा परमे व्योमन्॥ (ऋवेद ०१/१६४/४१)

३. विवस्वान्नादित्यैष ते सोमपीथस्तस्मिन् मत्स्व।
श्रदस्मै नरो वचसे दधातन यदाशीर्दा दम्पती वाममश्नुत :।
पुमान् पुत्रो जायते विन्दते वस्वधा विश्वाहारप एधते गृहे॥ (यजुर्वेद ८/५)

एसोसियेट प्रोफेसर
रणवीर रणंजय स्नातकोत्तर महाविद्यालय,
अमेठी, पिन– २२७४०५ (उ.प्र)

वेदमत की प्रसारिका माता शन्नोदेवी जी

डॉ० सुरेन्द्रकुमार

गुरुकुल झज्जर में पढते और फिर पढाते हुए समाज-सेवा के कुछ ऐसे संस्कार पनपे कि श्री देशपाल जी दीक्षित (वर्तमान में, स्वामी दीक्षानन्द जी सरस्वती, सिमडेगा, झारखण्ड) की प्रेरणा पाकर, हम तीन व्यक्ति – मैं, स्वामी धर्मानन्द जी गुरूकुल आमसेना (उडीसा), श्री दयानन्द जी आचार्य, गुरुकुल झज्जर को छोडकर आर्यसमाज का कार्य करने के लिए सुदूर उडीसा प्रान्त में चले गये और वहां सन् १९६७-१९६९ के मध्य गुरुकुल पानपोस, राउरकेला में रहकर गुरुकुल संचालन तथा आर्यसमाज का कार्य अवैतनिक किया। मेरा दायित्व शुद्धिकार्य तथा वनवासी क्षेत्र में आर्यसमाज के प्रचार का था जबकि शेष दोनों साथी गुरुकुल का

CC-0.Panini Kanya Maha Vidyalaya Collection.

Digitized by Arya Samaj Foundation Chennai and eGangotri

